

ଉତ୍କଳ ପ୍ରସଙ୍ଗ
ଉପେନ୍ଦ୍ରଭଞ୍ଜ ଗ୍ରନ୍ଥାବଳୀ

Vol. XLVIII No. 8 UTKAL PRASANGA Regd. No. 05/92
Licence No. C.R.N.P. 5—Licensed to post without Pre-payment



[illegible] ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ [illegible]
ଏବଂ [illegible] ସହାୟତା [illegible]

PRINTED AT ORISSA GOVERNMENT PRESS, CUTTACK-10




ସୂଚନା ଭବନଠାରେ "ସୃଜନ ଯଜ୍ଞ" ଉଦ୍‌ଘାଟନ ଅବସରରେ ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମା ୬ ଜଣ ପ୍ରସିଦ୍ଧ କବି, ଔପନ୍ୟାସିକ ଓ କଳାକାରଙ୍କୁ ପ୍ରଶଂସା ସୂଚକ ଉପଢୌକନ ପ୍ରଦାନ କରୁଛନ୍ତି ।

# ଉତ୍କଳ ପ୍ରସଙ୍ଗ

୪୮ ଭାଗ ୯ମ ସଂଖ୍ୟା ଚୈତ୍ର ୧୯୧୪ ଶକାବ୍ଦ ଅପ୍ରେଲ୍ ୧୯୯୨

## ସମ୍ପାଦନା ମଣ୍ଡଳୀ

ନିର୍ଦ୍ଦେଶକ : ଶ୍ରୀ ତ୍ରୈଲୋକ୍ୟନାଥ ମହାପାତ୍ର

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ଶ୍ରୀ ଶରତଚନ୍ଦ୍ର ସାମନ୍ତରାୟ

**ମୁଖ୍ୟ ସମ୍ପାଦକ : ଶ୍ରୀ ସତୀଶ ପାତ୍ର**

ପ୍ରଚ୍ଛଦପଟ୍ଟ : ବଳଦେବ ମହାରଥୀ

ପ୍ରକାଶନ : ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର ।

ମୁଦ୍ରଣ : ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
(ଫଟୋଟାଇପ୍‌ସେଟିଂ ପଦ୍ଧତିରେ ଅକ୍ଷର ସଂଯୋଜିତ)

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

*ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।*

*"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ସୁଦ୍ଧା ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।*

# ସୂଚୀ


| | | |
|---|---|---|
| ମୋ ସ୍ୱପ୍ନର ଓଡ଼ିଶା | ୧ | ଶ୍ରୀ ବିଜୁ ପଟ୍ଟନାୟକ |
| 1992-93 ମସିହାର ବଜେଟ୍ ଉପସ୍ଥାପନ କରି ଅର୍ଥ ମନ୍ତ୍ରୀ ଶ୍ରୀ ବେଦ ପ୍ରକାଶ ଅଗ୍ରୱାଲାଙ୍କ ଅଭିଭାଷଣ | ୪ | |
| ସମାଜ କଲ୍ୟାଣର ଦର୍ପଣ | ୧୮ | ଡଃ ଦାମୋଦର ରାଉତ |
| ଗଜପତି କୃଷ୍ଣଚନ୍ଦ୍ର ଓ ଉତ୍କଳ ସମ୍ମିଳନୀ | ୨୧ | ଡକ୍ଟର ହରିହର କାନୁନ୍‌ଗୋ |
| ଜାତିର ସଂହତ ସମୃଦ୍ଧି ଓ ଗଜପତି କୃଷ୍ଣଚନ୍ଦ୍ର | ୨୭ | ଅଧ୍ୟାପକ ତୀର୍ଥାନନ୍ଦ ମିଶ୍ର |
| ଓଡ଼ିଶା ଗଠନର ଶେଷ ସେନାପତି | ୩୦ | ଶ୍ରୀ ବିଜୟ ଚନ୍ଦ୍ର ମହାପାତ୍ର |
| ଗୋପବନ୍ଧୁ ଓ ଗୋଦାବରୀଶ | ୩୨ | ଶ୍ରୀ ଭଗବାନ ପାଢ଼ୀ |
| ମହାରାଜା ପାରଳାଖେମୁଣ୍ଡି | ୩୪ | ଡକ୍ଟର କୃଷ୍ଣଚନ୍ଦ୍ର ଜେନା |
| ଥିବାଯାଏ ଭାଷା ଗାଇବ ଓଡ଼ିଶା କହେ ଜଗନ୍ନାଥ ଦାସ | ୩୬ | ଡକ୍ଟର ବଳରାମ ଦାସ |
| କପିଳାସ | ୪୦ | ଶ୍ରୀ ବାଳକୃଷ୍ଣ ଦାଶ |
| ଜାତି ପ୍ରେମ ବହ୍ନି | ୪୩ | ଶ୍ରୀ ବରଦା ପ୍ରସନ୍ନ ଦାସ |
| ସାହିତ୍ୟାକାଶର ଗୌରବ : ପଞ୍ଚସଖା | ୪୫ | ତପସ୍ୱିନୀ କର |
| ମୟୂରଭଞ୍ଜ ଜିଲ୍ଲାରେ ରେଶମ ଚାଷ | ୪୭ | ଜାନକୀ ବଲ୍ଲଭ ଦାଶ |
| ଆମେ ଓଡ଼ିଆ | ୪୯ | ଶ୍ରୀ ଯଜ୍ଞଦତ୍ତ ସାମନ୍ତରାୟ |
| ଓଡ଼ିଆଣୀର କେଶ ପ୍ରସାଧନ | ୫୦ | ଶ୍ରୀ ସୀମାଞ୍ଚଳ ପ୍ରଧାନ |
| ସବୁଜ ଆହ୍ୱାନ | ୫୨ | ଶ୍ରୀ ଅରୁଣ କୁମାର ମହାପାତ୍ର |
| ମେହେର ସାହିତ୍ୟରେ ଜାତୀୟ ଚେତନା | ୫୩ | ଶ୍ରୀ ରାଜାରାମ ମେହେର |
| ପଲ୍ଲୀ ମାଟିର ପଲ୍ଲୀ କବି | ୫୫ | ଶୁଭେନ୍ଦୁ କୁମାର ଭୂୟାଁ |
| ପାର୍ଥିବ ସ୍ୱପ୍ନ | ୫୯ | .. |
| ସମ୍ବାଦ ପରିକ୍ରମା | ୬୧ | .. |
| କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ – ଏକ ଆଲୋଚନା | ୬୨ | ଶ୍ରୀ ସିଦ୍ଧାର୍ଥ କାନୁନ୍‌ଗୋ |

# ବନ୍ଦେ ଉତ୍କଳ ଜନନୀ

ବନ୍ଦେ ଉତ୍କଳ ଜନନୀ
ଚାରୁ ହାସମୟୀ, ଚାରୁ ଭାଷମୟୀ
ଜନନୀ........ ଜନନୀ........ ଜନନୀ !

ପୂତ–ପୟୋଧି–ବିଧୌତ–ଶରୀରା,
ତାଳ–ତମାଳ–ସୁଶୋଭିତ–ତୀରା,
ଶୁଭ୍ର ତଟିନୀ କୂଳ ଶୀକର ସମୀରା,
ଜନନୀ........ ଜନନୀ........ ଜନନୀ !

ଘନ ଘନ ବନରାଜି ରାଜିତ ଅଙ୍ଗେ
ନୀଳ ଭୂଧରମାଳା ସାଜେ ତରଙ୍ଗେ
କଳ କଳ ମୁଖରିତ ଚାରୁ ବିହଙ୍ଗେ
ଜନନୀ........ ଜନନୀ........ ଜନନୀ !

(ଉତ୍କଳର ଜାତୀୟ ସଙ୍ଗୀତ ରୂପେ ଆଦୃତ)

ରଚନା—କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର



ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ



ଉତ୍କଳଗୌରବ ମଧୁସୂଦନ



ଉତ୍କଳମଣି ଗୋପବନ୍ଧୁ ଦାସ



ଶଶିଭୂଷଣ ରଥ



# ଓଡ଼ିଶା ଦିବସ ଉପଲକ୍ଷେ

# ରାଜ୍ୟପାଳ ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କ ବାର୍ତ୍ତା

୧୯୩୬ ମସିହା ଅପ୍ରେଲ ପହିଲା ଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବା ଏକ ଐତିହାସିକ ଘଟଣା । ବହୁ ଝଡ଼ଝଞ୍ଜା ସତ୍ତ୍ୱେ ମହାନ୍ ଦେଶଭକ୍ତ ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ତାଙ୍କର ସହକର୍ମୀମାନଙ୍କର ଅକ୍ଳାନ୍ତ ଏବଂ ନିସ୍ୱାପର ଉଦ୍ୟମ ଫଳରେ ଓଡ଼ିଆ ଭାଷାଭାଷୀ ମୁଖ୍ୟ ଅଞ୍ଚଳଗୁଡ଼ିକୁ ଏକତ୍ରୀକରଣ କରିବାର ସ୍ୱପ୍ନ ଏହି ଦିବସରେ ବାସ୍ତବତାରେ ରୂପାୟିତ ହୋଇଥିଲା । ତେଣୁ ଆମ ସମସ୍ତଙ୍କ ପାଇଁ ଏହା ଏକ ଆନନ୍ଦର ଦିବସ । ଏହି ଅବସରରେ କଳାକାର, କବି, ସାହିତ୍ୟିକଙ୍କ ସମେତ ଯେଉଁ ମହାନ୍ ବ୍ୟକ୍ତିମାନଙ୍କର ଉତ୍ସର୍ଗୀକୃତ ଉଦ୍ୟମ ଫଳରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟ ରୂପେ ଗଠନ କରିବା ସମ୍ଭବପର ହୋଇଥିଲା, ନବ ଉତ୍କଳର ସେହି ସମସ୍ତ ସ୍ରଷ୍ଟାମାନଙ୍କ ପ୍ରତି ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି ।

ଆମର ପୂର୍ବଜମାନେ ଆମ ପାଇଁ ପ୍ରସ୍ତର ବୁକୁରେ ଖୋଦିତ ଅମର କବିତା ରଚନା କରି ଯାଇଛନ୍ତି । ଏହି ଜୀବନ୍ତ ଭାସ୍କର୍ଯ୍ୟ ଏକ ମୁକ୍ତ ସ୍ଥାପତ୍ୟ ଚେତନାର ପରିପ୍ରକାଶକ, ଯାହାକି କଦାପି କାହାର ବଶ୍ୟତା ସ୍ୱୀକାର କରିନଥିଲା । ଓଡ଼ିଶାର କଳା, ସଂସ୍କୃତି, ସଙ୍ଗୀତ ଓ ନୃତ୍ୟର ଏକ ସ୍ୱାତନ୍ତ୍ର୍ୟ ରହିଛି, ଯଦିଓ ଏହି ଭୂମିର ପବିତ୍ର ଦେବତା ଶ୍ରୀଜଗନ୍ନାଥ ବିଶ୍ୱ ଧର୍ମର ଏକ ମହାନ୍ ପ୍ରତୀକ । ଏହା ଐତିହାସିକ କଳିଙ୍ଗର ଶୌର୍ଯ୍ୟ ଭୂମି ଏବଂ ଉତ୍କୃଷ୍ଟ କଳାର ଭୂମି ଉତ୍କଳ । ପ୍ରକୃତି ଏହି ରାଜ୍ୟରେ ତା'ର ସମସ୍ତ ବିଭବ ଢାଳି ଦେଇଛି ମୁକ୍ତ ହସ୍ତରେ । ସୁବିସ୍ତୃତ ବେଳା ଭୂମି, ଚୀରସ୍ରୋତା ନଦନଦୀ, ମାଇଲ ମାଇଲ ବ୍ୟାପୀ ବନରାଜି ଓ ତା'ମଧ୍ୟରେ ରଙ୍ଗ ଭରା ଆଦିବାସୀ ପଲ୍ଲୀ, ଚୀର ସବୁଜିମା ଭରା ଗ୍ରାମାଞ୍ଚଳ, ସୌନ୍ଦର୍ଯ୍ୟମଣ୍ଡ ବୃକ୍ଷ ଓ ପୁଷ୍ପ ସମ୍ପଦ ଏବଂ ପଶୁପକ୍ଷୀ, ବିପୁଳ ଖଣିଜ ସମ୍ପଦ ଏବଂ ସମୁଜ୍ଜ୍ୱଳ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରା ସ୍ଥାନ – ସବୁ କିଛି ପୂରି ରହିଛି ଏ ରାଜ୍ୟରେ । ଏହି ବିପୁଳ ପ୍ରାକୃତିକ ସମ୍ପଦର ସଦ୍ ବିନିଯୋଗ କରିବାର ବିରାଟ ଆହ୍ୱାନ ଆମ ଆଗରେ ଦେଖାଦେଇଛି । ଏହି ଆହ୍ୱାନର ସମ୍ମୁଖୀନ ହୋଇ ରାଜ୍ୟର ଆଶୁ ପ୍ରଗତି ଓ ସମୃଦ୍ଧି ପାଇଁ ପନ୍ଥା ନିର୍ଦ୍ଧାରଣ କରିବା ଓ ଏଥି ନିମନ୍ତେ ନିସ୍ୱାପର ଓ ଉତ୍ସର୍ଗୀକୃତ ଉଦ୍ୟମ କରିବାର ଦାୟିତ୍ୱ ଅର୍ଥନୀତିଜ୍ଞ, ଯୋଜନା ପ୍ରଣୟନକାରୀ, ଅର୍ଥ ବିନିଯୋଗକାରୀ, ପ୍ରଶାସକ, ବୈଜ୍ଞାନିକ ବିଶେଷଜ୍ଞ ଓ ସମାଜସେବୀମାନଙ୍କ ଉପରେ ନ୍ୟସ୍ତ ।

ସମସ୍ତ ରାଜ୍ୟବାସୀ, ବିଶେଷତଃ ଯୁବ ସମାଜ ଅନୁସନ୍ଧିତ୍ସା, ନୂତନ ଚିନ୍ତାଧାରା, ସାହସିକ କର୍ମ, ଉଚ୍ଚାରୋହଣ, ସର୍ଜନା ଓ ସିଦ୍ଧି ନିମନ୍ତେ ସଂକଳ୍ପର ସୁରକ୍ଷା ଓ ସମ୍ପ୍ରସାରଣ ପାଇଁ ପ୍ରଚେଷ୍ଟା କରିବା ସେମାନଙ୍କର ପରମ କର୍ତ୍ତବ୍ୟ ।

ଉତ୍କଳ ଦିବସ ପାଳନର ୫୬ ତମ ଜୟନ୍ତୀର ସ୍ମରଣୀୟ ଦିବସ ଉପଲକ୍ଷେ ମୁଁ ଓଡ଼ିଶାର ଶୁଭଚିନ୍ତକ ସମସ୍ତ ଶିଶୁ ଏବଂ ନାରୀ ଓ ପୁରୁଷଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଛି ।

# ଓଡ଼ିଶା ଦିବସ ଉପଲକ୍ଷେ

# ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା



ଓଡ଼ିଶା ଦିବସ ପାଳନର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶ୍ରଦ୍ଧା, ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ଆଜି ଓଡ଼ିଆ ଜାତି ନିଜର ଇତିହାସ ପାସୋରି ପକାଇଛି । ସେ ଭୁଲିଯାଇଛି ତା'ର ପରିଚୟ । ମୁଁ ବାରମ୍ବାର ଏ ଜାତିକୁ ତା'ର ଇତିହାସ ମନେ ପକାଇବାର ଚେଷ୍ଟା କରୁଛି । ଇତିହାସ ନଜାଣିଲେ ଭବିଷ୍ୟତ କାହା ଉପରେ ତିଆରି କରିବ ? ଦିନ ଥିଲା, ଓଡ଼ିଶା ଥିଲା କଳିଙ୍ଗ – ଭାରତର ଶ୍ରେଷ୍ଠ ରାଜ୍ୟ । ଏହାର ବିଶାଳ ସେନାବାହିନୀ ପ୍ରବଳ ପରାକ୍ରମୀ ଗ୍ରୀକ୍ ସେନାପତି ସେଲ୍ୟୁକସଙ୍କ ସେନାବାହିନୀଙ୍କୁ ମଧ୍ୟ ପରାସ୍ତ କରି ଭାରତ ବର୍ଷରୁ ତଡ଼ିଦେଇ ପାରିଥିଲା । ଏହାର ନୌବାହିନୀ ଦକ୍ଷିଣ ଏସିଆରେ ସାମ୍ରାଜ୍ୟ ବିସ୍ତାର କରିପାରିଥିଲା । ଓଡ଼ିଆ ସାଧବ ପୁଅ ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ ଆଦି ସୁଦୂର ଦ୍ୱୀପମାନଙ୍କରେ ବେପାର ବାଣିଜ୍ୟ କରି ନିଜ ଦେଶକୁ ଧନରତ୍ନ ବୋହି ଆଣୁଥିଲେ । କିନ୍ତୁ ଏବେ ଆମେ ଭୁଲି ଯାଉଛୁ ଯେ ଆମେ ଗୋଟିଏ ବିରାଟ ପୂର୍ବପୁରୁଷମାନଙ୍କର ଦାୟାଦ । ଆମ ପଠାଣି ସାମନ୍ତ ଦୁଇଖଣ୍ଡି ବାଉଁଶ ନଳୀ ସାହାଯ୍ୟରେ ଆକାଶକୁ ଛୁଇଁ ଯେଉଁ ବିଚକ୍ଷଣତାର ପରିଚୟ ଦେଇଛନ୍ତି, ତାହା ସମଗ୍ର ପୃଥିବୀରେ ବିରଳ । ଆମର କବି, ଚିତ୍ରକର, ଶିଳ୍ପୀ, କଳାକାର ସାରା ପୃଥିବୀକୁ ଚମକାଇ ଦେଇ ପାରିଥିଲେ । ଆଜି ଆମକୁ ଏହି ଇତିହାସକୁ ମନେ ପକାଇ ଅତୀତର ଗୌରବକୁ ଫେରାଇ ଆଣିବାକୁ ପ୍ରାଣପଣେ ଉଦ୍ୟମ କରିବାକୁ ପଡ଼ିବ ।

ଆମେ ଖାଲି ଅତୀତକୁ ନେଇ ଗର୍ବ କଲେ ଚଳିବ ନାହିଁ । ଆମକୁ ଜାତିର ଭବିଷ୍ୟତ ତିଆରି କରିବାକୁ ପଡ଼ିବ । ଯେଉଁ ଦିନ ମୋ ଦେଶର ଯୁବକ କହିବ ଏ ପାହାଡ଼ ମୋର, ଏ ଜଙ୍ଗଲ ମୋର, ଏ ନଦୀ ମୋର, ଏ ଖଣି ମୋର, ଏ ସମୁଦ୍ର ମୋର, ସେ ଦିନ ଏ ଜାତି ଉପରକୁ ଉଠିପାରିବ । ଭିକ ମାଗି କୌଣସି ଜାତି ବଡ଼ ହୁଏ ନାହିଁ । ଭାରତବର୍ଷର ପ୍ରାଚୀନ ସାହିତ୍ୟରେ ଲେଖା ଅଛି "କଳିଙ୍ଗାଃ ସାହାସିକାଃ" । ଆଜି ଆମକୁ ସେହି ସାହାସ ଓ ବୀରତ୍ୱ ଫେରାଇ ଆଣିବାକୁ ପଡ଼ିବ । ମନରୁ ଭୟ ଓ ଶଙ୍କା ପରିହାର କରିବାକୁ ପଡ଼ିବ । ଏ ଜାତି କେବେ କାହା ଆଗରେ ମୁଣ୍ଡ ନୁଆଁଇ ନାହିଁ । ଆଜି ଆମକୁ ସେହିଭଳି ଭାବରେ ମୁଣ୍ଡ ଉପରକୁ ରଖିବାକୁ ପଡ଼ିବ । ପ୍ରକୃତି ଆମକୁ କେଉଁଥିରେ ଊଣା କରିନାହିଁ । ପ୍ରାକୃତିକ ସମ୍ପଦରେ ଭରପୂର ହୋଇ ରହିଛି ଆମର ରାଜ୍ୟ । ଏହାକୁ ଉପଯୋଗ କରି ପୃଥିବୀର ସର୍ବଶ୍ରେଷ୍ଠ ସମ୍ପଦ ସୃଷ୍ଟି କରାଯାଇ ପାରିବ ।

ଓଡ଼ିଶା ଦିବସ ପାଳନ କଲାବେଳେ ମୋର ପୁଅ ଝିଅ, ନାତି ନାତୁଣୀ ସମସ୍ତଙ୍କୁ କହିବାର କଥା ଯେ ମନରେ ଯେଉଁ ଡର ବା ଶଙ୍କା ଅଛି, ତାକୁ ଭାଙ୍ଗି ଦିଅ । ଏକ ନୂତନ ଓଡ଼ିଶା, ସମୃଦ୍ଧ ଓଡ଼ିଶା ଗଠନ କରିବା ପାଇଁ ସଂକଳ୍ପ ନିଅ ।

**ବନ୍ଦେ ଉତ୍କଳ ଜନନୀ ।**



# ଓଡ଼ିଶା ଦିବସ ଉପଲକ୍ଷେ
# ରାଜ୍ୟ କ୍ରୀଡ଼ା, ସଂସ୍କୃତି, ଯୁବ କଲ୍ୟାଣ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀଙ୍କ ବାର୍ତ୍ତା

ଯେଉଁମାନଙ୍କ ତ୍ୟାଗ ବଳରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇପାରିଛି ସେହି ମହାନ୍ ପ୍ରାତଃ ସ୍ମରଣୀୟ ବ୍ୟକ୍ତିମାନଙ୍କୁ ଆଜିର ଦିବସରେ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଜଣାଉଛି ।

କେବଳ ସ୍ୱତନ୍ତ୍ର ପ୍ରଦେଶ ପାଇ ଓଡ଼ିଆମାନେ ଆତ୍ମ ସନ୍ତୋଷ ଲାଭ କଲେ ଯଥେଷ୍ଟ ହେବ ନାହିଁ । ଆମକୁ ଆମର ହୃତ-ଗୌରବ ଫେରାଇ ଆଣିବାକୁ ହେଲେ ଆମ ସ୍ୱର୍ଣ୍ଣାଭ ଐତିହ୍ୟପ୍ରତି ଦୃଷ୍ଟି ଫେରାଇବାକୁ ପଡ଼ିବ ।

କଳିଙ୍ଗର ବରପୁତ୍ର ବିଜୁବାବୁଙ୍କ ନେତୃତ୍ୱରେ ଆମକୁ ଖାରବେଳଙ୍କର ବୀରତ୍ୱ ପ୍ରାଚୀନ ଉତ୍କଳର ସମୃଦ୍ଧ ନୌ-ବାଣିଜ୍ୟ ତଥା ଅଶୋକଙ୍କ କଳିଙ୍ଗ ବିଜୟ ବେଳର ଓଡ଼ିଶା-ସ୍ୱାଭିମାନ ଫେରାଇ ଆଣିବା ପାଇଁ ସଙ୍ଘବଦ୍ଧ ଭାବେ ସଂଗ୍ରାମ ଚଳାଇବାକୁ ହେବ । ତାହାହେଲେ ସ୍ୱାଭିମାନୀ ଓଡ଼ିଆ କୋଣାର୍କ ଗାତ୍ରରେ "ପ୍ରସ୍ତରରେ କବିତା" ଏବଂ କବିସମ୍ରାଟ ଭଞ୍ଜଙ୍କ କବିତାରେ "କୋଣାର୍କ" ଭଳି "ବିଶ୍ୱ ବିସ୍ମୟ" ସୃଷ୍ଟି କରିପାରିବ । ଆସନ୍ତୁ ଏହି ପୁଣ୍ୟ ଦିବସରେ ଏହି ସଂକଳ୍ପ ନେଇ ଆମେ ଆମ ମାତୃଭୂମିର ନୂତନ ଜାତକ-ପର୍ବ ପାଳନକୁ ସଫଳ କରିବା । ନୂତନ ପ୍ରଗତିର ମନ୍ଦିର ଗଠନ ସଙ୍ଗେ ସଙ୍ଗେ ନୂତନ ଉତ୍କଳର ଗୌରବମୟ ଭବିଷ୍ୟତ ଗଠନ ପାଇଁ ଉତ୍କଳୀୟ ସଂସ୍କୃତିର ଶ୍ରେଷ୍ଠ ନିୟନ୍ତା ଜଗତର ନାଥ ଜଗନ୍ନାଥଙ୍କ ଆଶୀର୍ବାଦ ଆମ ପାଇଁ ପାଥେୟ ହେଉ ।

# ସଂପାଦକୀୟ

## ଉତ୍କଳୀୟ ସ୍ୱାଭିମାନ

ଅପ୍ରେଲ ପହିଲା । ପ୍ରତ୍ୟେକ ଓଡ଼ିଶାବାସୀଙ୍କ ପାଇଁ ଏହା ଏକ ସ୍ମରଣୀୟ ଦିବସ । ୧୯୩୬ ମସିହାର ଏହି ଦିବସରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ସ୍ୱାଧୀନତା ପରେ ୧୯୪୮ ମସିହାରେ ଗଡ଼ଜାତ ରାଜ୍ୟଗୁଡ଼ିକ ଏହି ରାଜ୍ୟରେ ସମ୍ମିଶ୍ରିତ ହେଲେ । ତଥାପି ବହୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଆନ୍ଧ୍ର ପ୍ରଦେଶ, ମଧ୍ୟ ପ୍ରଦେଶ, ବିହାର ଓ ପଶ୍ଚିମ ବଙ୍ଗରେ ରହିଗଲା ।

ଓଡ଼ିଆ ଜାତିର ଅତୀତ ଅତି ଗୌରବମୟ । ଏହି ରାଜ୍ୟର ପରିସୀମା ଦିନେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । କଳିଙ୍ଗ ବଣିକ ପୁଅ ସୁଦୂର ଜାଭା, ସୁମାତ୍ରା, ସିଂହଳ ପ୍ରଭୃତି ଦେଶକୁ ଯେ କେବଳ ନୌ-ବାଣିଜ୍ୟ ପାଇଁ ଯାଉଥିଲେ ତାହା ନୁହେଁ, ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ସେମାନଙ୍କ ଦ୍ୱାରା ପ୍ରଚାରିତ ଓଡ଼ିଆ ସଂସ୍କୃତି ଓ ସଭ୍ୟତା ଆଜି ମଧ୍ୟ ଉଜ୍ଜୀବିତ ହୋଇ ରହିଛି । ସଂସ୍କୃତି, କଳା ଓ ସାହିତ୍ୟରେ ଓଡ଼ିଶା ଥିଲା ଅଦ୍ୱିତୀୟ । ଓଡ଼ିଆ ଶିଳ୍ପୀର ନିହାଣ ମୁନରୁ ସୃଷ୍ଟି ହୋଇଥିବା ମହାନ କଳାର ନିଦର୍ଶନ ଆଜି ମଧ୍ୟ କୋଣାର୍କ, ଲିଙ୍ଗରାଜ, ରାଜରାଣୀ ପ୍ରଭୃତି ବିଭିନ୍ନ ମନ୍ଦିର ଦେହରେ ଦେଖିବାକୁ ମିଳେ । ଓଡ଼ିଆ ସାହିତ୍ୟ ଭାରତବର୍ଷର ଅନ୍ୟତମ ପ୍ରାଚୀନ ସାହିତ୍ୟ । ଏହି ରାଜ୍ୟରେ ଚଣ୍ଡାଶୋକ ଦିନେ ଧର୍ମାଶୋକରେ ପରିଣତ ହୋଇଥିଲେ । ଆଲେକ୍ଜାଣ୍ଡରଙ୍କ ଶକ୍ତିଶାଳୀ ସେନାବାହିନୀକୁ ମଧ୍ୟ ଓଡ଼ିଆ ପାଇକ ପରାହତ କରିଥିଲେ ।

ଆମର ଅତୀତ ସ୍ୱାଭିମାନର ପ୍ରତୀକ ଓଡ଼ିଆ ଜାତିର ବଡ଼ପଣିଆ । ଏହାର ଦେଉଳ-ବଡ଼ ଦେଉଳ, ଠାକୁର-ବଡ଼ ଠାକୁର, ଦାଣ୍ଡ-ବଡ଼ ଦାଣ୍ଡ, ପଣ୍ଡା-ବଡ଼ ପଣ୍ଡା, ସମୁଦ୍ର-ମହୋଦଧି, ପ୍ରସାଦ-ମହା ପ୍ରସାଦ । ଐକ୍ୟ ଓ ସର୍ବ ଧର୍ମର ପ୍ରତୀକ ହେଉଛନ୍ତି ଶ୍ରୀଜଗନ୍ନାଥ । ହିନ୍ଦୁ, ବୌଦ୍ଧ, ଜୈନ, ବୈଷ୍ଣବ, ଶୈବ, ଶାକ୍ତ — ସବୁ ଧର୍ମ, ସବୁ ଧାର୍ମିକ ମତବାଦର ଏକ ଅପୂର୍ବ ସମନ୍ୱୟ ହେଉଛି ଜଗନ୍ନାଥ ଧର୍ମ । ଜାତି-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଜଗନ୍ନାଥଙ୍କ ମହାପ୍ରସାଦ ଏକାଠି ସେବନ କରିବାକୁ ପରମ ସୌଭାଗ୍ୟ ବୋଲି ମନେ କରନ୍ତି ।

ପ୍ରକୃତି ତା'ର ସବୁ କିଛି ସମ୍ପଦ ଅଜାଡ଼ି ଦେଇଛି ଏହି ରାଜ୍ୟରେ । ସୁବିସ୍ତୃତ ବେଳାଭୂମି, ସବୁଜିମାପୂର୍ଣ୍ଣ ଜଙ୍ଗଲ, ବହୁ ନଦନଦୀ, ଅସୁମାରି ଖଣିଜ ସମ୍ପଦ — ସବୁ କିଛି ପୂରି ରହିଛି ଏହି ରାଜ୍ୟରେ । ତଥାପି ଆମେ ଆଜି ଦରିଦ୍ର । ଏହି ଦାରିଦ୍ର୍ୟକୁ ନେଇ ଅତୀତରେ ବହୁ ଲୋକ ରାଜନୈତିକ ସ୍ୱାର୍ଥ ସାଧନ ପାଇଁ ଉଦ୍ୟମ କରିଛନ୍ତି । ବର୍ତ୍ତମାନ ସରକାରଙ୍କ ପକ୍ଷରୁ ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ନିମନ୍ତେ ଆମ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଉଦ୍ୟମର ସୂତ୍ରପାତ ହୋଇଛି । ଏହି ସ୍ୱପ୍ନର ସାର୍ଥକ ରୂପାୟନ ଆମର ସ୍ୱାଭିମାନର ଜାଗରଣ ଉପରେ ମୁଖ୍ୟତଃ ନିର୍ଭରଶୀଳ । ଆମେ ମନରେ ଦରିଦ୍ର ହେଲେ, କେହି ହେଲେ ଆମ ପାଇଁ କିଛି କରିପାରିବେ ନାହିଁ । ଆମକୁ ଅତୀତର ଗୌରବମୟ ଯୁଗର ପୁନରୁଦ୍ଧାର ପାଇଁ ଉଦ୍ୟମ କରିବାକୁ ହେବ ଏବଂ ସେଥିପାଇଁ ଆବଶ୍ୟକ ଆମର ସ୍ୱାଭିମାନ, କଠିନ ପରିଶ୍ରମ ଓ ଆତ୍ମ ନିର୍ଭରଶୀଳତା । ମୁଖ୍ୟତଃ ଯୁବ ସମାଜ ଆଜିର ଏହି ପରିସ୍ଥିତି ଉପଲବ୍ଧି କରିବା ଆବଶ୍ୟକ ।

ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ପୃଷ୍ଠପୋଷକତାରେ ଚଳିତ ବର୍ଷ ଅପ୍ରେଲ ମାସରେ "ବିଶ୍ୱ ଓଡ଼ିଆ ସମ୍ମିଳନୀ" ଅନୁଷ୍ଠିତ ହେଉଥିବା ନିଶ୍ଚିତ ରୂପେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କେବଳ ରାଜ୍ୟର ଲୋକଙ୍କ ମଧ୍ୟରେ ନୁହେଁ, ବିଶ୍ୱର ବିଭିନ୍ନ ଅଞ୍ଚଳରେ ବସବାସ କରୁଥିବା ଓଡ଼ିଆ ଲୋକଙ୍କ ମନରେ ଅତୀତର ସ୍ୱାଭିମାନ ଜାଗରିତ କରିବା ପାଇଁ ଏହା ସହାୟକ ହେବ ।

ଏହି ଅବସରରେ ବିଚ୍ଛିନ୍ନାଞ୍ଚଳରେ ରହିଯାଇଥିବା ଓଡ଼ିଆ ଭାଷାଭାଷୀ ଲୋକଙ୍କ କଥା ଆମର ମନେପଡ଼େ । ଏହି ସବୁ ଅଞ୍ଚଳରେ ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ଆମ ସମସ୍ତଙ୍କୁ ନିଷ୍ଠାପର ଉଦ୍ୟମ କରିବାକୁ ହେବ ।

ଯେଉଁ ମହାପୁରୁଷମାନଙ୍କ ଉଦ୍ୟମ ଫଳରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବପର ହୋଇଥିଲା । ଆଜି ସେ ସମସ୍ତଙ୍କ ଉଦ୍ଦେଶ୍ୟରେ ଆମେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ । ପଣ୍ଡିତ ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ, ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ପଣ୍ଡିତ ଗୋଦାବରୀଶ, ଶଶିଭୂଷଣ ରଥ, ମୟୂରଭଞ୍ଜ ମହାରାଜା ରାମଚନ୍ଦ୍ର ଭଞ୍ଜ ପ୍ରମୁଖ ବହୁ ନେତା ଆଜିର ଦିବସରେ ସ୍ମରଣୀୟ, କିନ୍ତୁ ଏହି ମହାପୁରୁଷମାନଙ୍କ ପ୍ରତି କେବଳ ଶ୍ରଦ୍ଧାଞ୍ଜଳି ଜଣାଇବା କ'ଣ ଯଥେଷ୍ଟ ? ସେମାନଙ୍କର ସ୍ୱପ୍ନର ଓଡ଼ିଶା ପ୍ରଦେଶର ସାକାର ରୂପାୟନ ପାଇଁ ଆଜି ପ୍ରତ୍ୟେକ ଓଡ଼ିଶାବାସୀଙ୍କୁ ନିଷ୍ଠାପର ଉଦ୍ୟମ କରିବାକୁ ହେବ । ଉତ୍କଳୀୟ ସ୍ୱାଭିମାନକୁ ଉଜ୍ଜୀବିତ କରିବା ନିମନ୍ତେ ବିଜୁବାବୁଙ୍କର ଉଦ୍ୟମକୁ ସବୁ ଭେଦଭାବ ଭୁଲି ସମର୍ଥନ ଜଣାଇବାକୁ ହେବ ।

ପରିଶେଷରେ ସଂକ୍ଷେପରେ କହିବାକୁ ଗଲେ ଆମେ ସବୁବେଳେ ଗୋଟିଏ ବିଷୟ ପ୍ରତି ସଚେତନ ରହିବା ଆବଶ୍ୟକ ଯେ "ଆମେ ଓଡ଼ିଆ ଏବଂ ଓଡ଼ିଶା ଆମ ମାଆ" । ଏହି ସ୍ୱାଭିମାନକୁ ପୁଞ୍ଜି କରି ଓଡ଼ିଆ ଜାତିକୁ ପୁଣି ଥରେ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ ଆମେ ସମସ୍ତେ ଆଜିର ଏହି ପବିତ୍ର ଅବସରରେ ସଂକଳ୍ପ ନେବା, ସେଇଥି ହିଁ ଆମ ପୂର୍ବ ସୂରୀମାନଙ୍କ ସ୍ୱପ୍ନର ଓଡ଼ିଶାକୁ ଗଢ଼ି ତୋଳିବାରେ ମୁଖ୍ୟ ସହାୟକ ହେବ । ଆଜିର ଏହି ପବିତ୍ର ଦିବସରେ ଏହା ହିଁ ଆମର ସଂକଳ୍ପ ହେବା ଆବଶ୍ୟକ ।

**ବନ୍ଦେ ଉତ୍କଳ ଜନନୀ ।**



# ମୋ ସ୍ୱପ୍ନର ଓଡ଼ିଶା

ଶ୍ରୀ ବିଜୁ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ



ମୋର ପ୍ରିୟତମ ବନ୍ଧୁ ବିନୋଦ କାନୁନ୍‌ଗୋଙ୍କ ସ୍ମୃତିସ୍ମରଣ କରିବା ପାଇଁ ମୋତେ ଏଠାକୁ ନିମନ୍ତ୍ରିତ କରାଯାଇଛି । ମୁଁ ସ୍ଥିର କରିଛି କିଛି କହିବି ନାହିଁ, ସ୍ୱପ୍ନ ଖୋଜିବି । ପ୍ରସଙ୍ଗତଃ ଆଜି ମୋ ସ୍ୱପ୍ନର ଓଡ଼ିଶା ସମ୍ପର୍କରେ ଆଲୋଚନା କରିବାକୁ ମୋତେ କୁହାଯାଇଛି । ଅତଏବ୍, ମୁଁ କ'ଣ ସ୍ୱପ୍ନ ଦେଖିବି ? ଥରେ କବିଗୁରୁ ରବୀନ୍ଦ୍ରନାଥ ଠାକୁର କହିଥିଲେ, "ଯେତେବେଳେ ତୁମେ ସ୍ୱପ୍ନ ଖୋଜିବ ମହାନ ସ୍ୱପ୍ନର ସନ୍ଧାନ କର । ମହାନ ବିଷୟ ସ୍ୱପ୍ନ ଦେଖିବା ଦ୍ୱାରା ମହାନ କାର୍ଯ୍ୟ ସାଧିତ ହୋଇଥାଏ ।" ଆମେ ସମସ୍ତେ ଧ୍ରୁବ ମୃତ୍ୟୁର ପଥରେ ଯିବା ପାଇଁ ମଧ୍ୟ ଜନ୍ମଲାଭ କରିଛୁ । ତେଣୁ ସ୍ୱପ୍ନ ଦେଖିବାବେଳେ ସବୁଠୁ ମହାନ ସ୍ୱପ୍ନ ଦେଖ । ତାଙ୍କ କବିତାରେ ସେ କ'ଣ କହିଥିଲେ ? "ସପନ ଦେଖି ତୁଲବ ଆମି ଜାତି, ପ୍ରବାଲ ଦ୍ୱୀପେ ମନି ମୁକ୍ତାର ।" ଏଇ ସ୍ୱପ୍ନ ସେଦିନର ତରୁଣମାନଙ୍କୁ ବଡ଼ କଥା ସ୍ୱପ୍ନ ଦେଖିବା ପାଇଁ ଉଦ୍‌ବୁଦ୍ଧ କରିଥିଲା । ରବି ଠାକୁରଙ୍କର ସେଇ କବିତା ପଂକ୍ତି ମୁଁ ଭୁଲିଯାଇ ନାହିଁ ।

ମୁଁ ଯେତେବେଳେ ଓଡ଼ିଶାକୁ ନେଇ ସ୍ୱପ୍ନ ଦେଖେ କ'ଣ ଦେଖିବି ? ଓଡ଼ିଶା ଆଜି କ୍ଷୁଦ୍ର ସ୍ଥାନଟିଏ । ଦିନେ ଏହା ଥିଲା ଭାରତର ମହାନତମ ସାମ୍ରାଜ୍ୟ । ଏହାର ସୈନ୍ୟ ଆଲେକ୍‌ଜାଣ୍ଡାରଙ୍କ ସୈନ୍ୟବାହିନୀକୁ ପରାସ୍ତ କରିଥିଲେ ଏବଂ ସେମାନଙ୍କୁ ଭାରତର ସୀମା ବାହାରକୁ ତଡ଼ି ଦେଇଥିଲେ । ପୃଥିବୀରେ ଆଗରୁ ଯେତେ ଜଣାଶୁଣା ନୌ-ଶକ୍ତି ଥିଲା କଳିଙ୍ଗ ଥିଲା ସେଥି ମଧ୍ୟରେ ବୃହତ୍ତମ । ସେହି କଳିଙ୍ଗ ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ତା'ର ସଭ୍ୟତା ବିସ୍ତାର କରିଥିଲା । ଏପରିକି ଆଜି ମଧ୍ୟ ସେଇ ଦେଶଗୁଡ଼ିକରେ କଳିଙ୍ଗ ଗୌରବର ମୂକସାକ୍ଷୀ ରୂପେ ଧ୍ୱଂସାବଶେଷମାନ ଦେଖିବାକୁ ମିଳେ । ସେଦିନର ଉଚ୍ଛଳିତ ସ୍ୱପ୍ନଠାରୁ ସୁନ୍ଦର ସ୍ୱପ୍ନ ଆଉ ମୋ ପାଇଁ କାହିଁ ? ଓଡ଼ିଶା ଯେତେବେଳେ ଥିଲା ପ୍ରାଣକେନ୍ଦ୍ର, କଳିଙ୍ଗ ଥିଲା ପ୍ରାଣକେନ୍ଦ୍ର, ଯେତେବେଳେ କଳିଙ୍ଗ ଥିଲା ଭାରତର ମହାନତମ ସାମ୍ରାଜ୍ୟ, ଯେତେବେଳେ କଳିଙ୍ଗର ନାବିକମାନେ ଭୟ କ'ଣ ଜାଣି ନଥିଲେ, କଳିଙ୍ଗର ମାତାମାନେ 'ବୀରାଙ୍ଗନା' ରୂପେ ଅଭିହିତ ଥିଲେ । ସେଦିନର କଳିଙ୍ଗ ସେମିତି ଥିଲା । ତେଣୁ ସେକାଳର ସ୍ୱପ୍ନ ମଧ୍ୟ କଳିଙ୍ଗର ଶ୍ଳାଘ୍ୟ ।

ମୋର ଏକବିଂଶ ଶତାବ୍ଦୀର ଓଡ଼ିଶା ସ୍ୱପ୍ନରେ ରାଜ୍ୟର ସ୍ୱାର୍ଥକୁ ନିଜର ମଣୁଥିବା ତରୁଣ ତରୁଣୀ ଅନ୍ତର୍ଭୁକ୍ତ । ସେମାନେ ନିଜକୁ ମହିମାନ୍ୱିତ ମଣିବା, ନିଜ ଉପରେ ପ୍ରତ୍ୟୟ ରଖିବା ଆବଶ୍ୟକ । ସେମାନେ ନିଜ ଉପରେ ଆସ୍ଥା ରଖିଲେ, କାହାରି ଅନୁକମ୍ପା ଚାହିଁବେ ନାହିଁ । ସେମାନଙ୍କ ମସ୍ତିଷ୍କ, ବୁଦ୍ଧି ଓ ଯୋଗ୍ୟତା ମାଧ୍ୟମରେ କଳିଙ୍ଗ ଇତିହାସ ସେମାନେ ପୁନରୁଦ୍ଧାର କରିବା ଉଚିତ । ମୋ ଏକବିଂଶ ଶତାବ୍ଦୀରେ ମୁଁ ଚାହେଁ ସୁଯୋଗ୍ୟ ଶିଳ୍ପୀ, ସ୍ୱନାମଧନ୍ୟ କାରୀଗର ଏବଂ ଭାସ୍କର, ସୁମହାନ ସଙ୍ଗୀତଜ୍ଞ ଓ କବି । ଆମେ ହିଁ କୋଣାର୍କର ସ୍ରଷ୍ଟା । ଓଡ଼ିଶା ବା କଳିଙ୍ଗ ମାଟିରେ ଦିନେ 'ଗୀତ ଗୋବିନ୍ଦ' ରଚିତ ହୋଇଥିଲା । ଏଇ ମାଟିରେ ମହାନ ଜ୍ୟୋତିର୍ବିତ ପଠାଣି ସାମନ୍ତ ଭୂମିଷ୍ଠ ହୋଇଥିଲେ । ତାଙ୍କ ଗଣନା ମାଧ୍ୟମରେ ସେ ଆକାଶକୁ ଚାହିଁ ଜ୍ୟୋତିର୍ବିଜ୍ଞାନର ରହସ୍ୟ ଉଦ୍‌ଘାଟନ କରୁଥିଲେ ଏବଂ ବିଶ୍ୱକୁ ବିସ୍ମିତ କରୁଥିଲେ । ଏଇ ମାଟିରେ ମହାନ

ଗଣିତ ପ୍ରତିଭା, ମହାନ ଭାସ୍କର ଓ ଶିଳ୍ପୀ, ମହାନ ସଙ୍ଗୀତଜ୍ଞ ଓ ନର୍ତ୍ତକ ନର୍ତ୍ତକୀ ଜନ୍ମିତ୍ତ ହୋଇଛନ୍ତି । ମହାନ ସଂସ୍କୃତିସମ୍ପନ୍ନ ବ୍ୟକ୍ତି ଜନ୍ମଲାଭ କରିଛନ୍ତି । ତେଣୁ ମୋ ସ୍ୱପ୍ନର ଓଡ଼ିଶାରେ ସେମାନଙ୍କ ପ୍ରତିଭା ଉନ୍ମୀଳିତ ହେବା ଉଚିତ । ଏହା ମୋ ଜୀବନର ସ୍ୱପ୍ନ ହେବା ଉଚିତ ।

'କରୁଣା' ଶବ୍ଦର ଇଂରାଜୀ ପ୍ରତିଶବ୍ଦ ନାହିଁ । ଯେତେବେଳେ ଜଣେ ଯୁବତୀ ଯୋଡ଼ ହସ୍ତରେ ଭଗବାନଙ୍କୁ ପ୍ରାର୍ଥନା ଜଣାଏ ସେ ଈଶ୍ୱରଙ୍କଠାରୁ ଗୋଟିଏ ଆଶୀର୍ବାଦ ଭିକ୍ଷା କରେ : "ହେ ଭଗବାନ ! ମୋ ଆତ୍ମାର ପାତ୍ର କରୁଣାରେ ପରିପୂର୍ଣ୍ଣ କର । ମୁଁ ଆଉ କିଛି ଚାହେଁ ନାହିଁ ।" ମୋ ସ୍ୱପ୍ନର ଓଡ଼ିଶା ସଂସ୍କୃତିର ସେଇ କ୍ଷୁଦ୍ର ରୂପରେ ସାକାର ହେବ ।

ଆମେ, ଆଜିର ନାରୀ ପୁରୁଷମାନେ, ଦାୟିତ୍ୱ ବହନ କରିବାକୁ ପଛଘୁଞ୍ଚା ଦେଉଛୁ । କାରଣ ଆମ ମନରେ ମହାନ୍ ସ୍ୱପ୍ନ ନାହିଁ । କ୍ଷୁଦ୍ର ସମସ୍ୟା, କ୍ଷୁଦ୍ର ପ୍ରବଞ୍ଚନା, କ୍ଷୁଦ୍ର ଅନୁରାଗ ବିରାଗ, କ୍ଷୁଦ୍ର ଲାଭ ବା କ୍ଷତିରେ ଉତ୍ପୀଡ଼ିତ ହୋଇ ଆମେ କ୍ଷୁଦ୍ର ମଣିଷ ପାଲଟି ଯାଉଛୁ । ସାମୂହିକ ସଂକଳ୍ପରେ ଓଡ଼ିଶାର ସମୃଦ୍ଧି ସାଧିତ ହୋଇପାରିବ । ଆମେ ମହାନ ପରମ୍ପରାର ଦାୟାଦ । ପୂର୍ବ ପୁରୁଷଙ୍କ ରକ୍ତର ଝରଣା । ମନୋଜ୍ଞ ଗିରିପୁଞ୍ଜ, ସୁନ୍ଦର ନଦୀଧାରା, ରମଣୀୟ ସମୁଦ୍ର, ସମୃଦ୍ଧ ଅଗଣ୍ୟ ସମ୍ପଦ ଆମ ରାଜ୍ୟବାସୀମାନଙ୍କ ପାଇଁ ଈଶ୍ୱରଙ୍କର ଉପହାର । ମୋ ରାଜ୍ୟବାସୀ, ମୋ ରାଜ୍ୟର ତରୁଣ ତରୁଣୀମାନେ ଆଗାମୀ ବର୍ଷମାନଙ୍କରେ ଈଶ୍ୱରଙ୍କର ଏ ସବୁ ଉପହାର ବିନିଯୋଗ କରି ମହାର୍ଘ ଯନ୍ତ୍ରପାତି ନିର୍ମାଣ କରନ୍ତୁ । ସମସ୍ତଙ୍କ ପାଇଁ ସମ୍ପଦର ସ୍ୱର୍ଣ୍ଣଦୀଧାରା ଏଇ ମାଟିରେ ପ୍ରବାହିତ କରନ୍ତୁ । ସମସ୍ତଙ୍କୁ ନିଯୁକ୍ତି ଦିଅନ୍ତୁ ଓ ସର୍ଜନାତ୍ମକ କର୍ମରେ ପରିଚାଳିତ କରନ୍ତୁ ।


ମୋ ସ୍ୱପ୍ନର ଓଡ଼ିଶାରେ କୌଣସି କୃଷକର କ୍ଷେତ ଶୁଷ୍କ ଶ୍ରୀ ହୀନ ରହିବ ନାହିଁ । ଆମ ମାଟିକୁ ସିକ୍ତ କରୁଥିବା ପ୍ରତିଟି ଜଳବିନ୍ଦୁ ସବୁଜ ସମ୍ଭାରର ଉପହାର ଅଜାଡ଼ି ଦେଉ । ମୋ ସ୍ୱପ୍ନର ଆଗାମୀ କାଲିର ଓଡ଼ିଶାରେ ମୁଁ ନାରୀ ନିର୍ଯ୍ୟାତନା ସମ୍ପର୍କରେ ପଦୁଟିଏ କାନକୁହା କଥା ବି ଶୁଣିବାକୁ ଚାହେଁ ନାହିଁ । ନାରୀ ପୁରୁଷ ସହିତ ସମାନ ଭୂମିକାରେ ଅବତୀର୍ଣ୍ଣ ହେବାର ସୁଦିନ କେମିତି ଶୀଘ୍ର ଆସିବ ମୁଁ ଆଜି ସେଇ ସ୍ୱପ୍ନ ଦେଖୁଛି । ସେମାନେ ପୁରୁଷ ସହିତ ସମାନ ଅଧିକାର ଲାଭ କରିବେ, ସମାନ ସୁବିଧା ସୁଯୋଗ ଉପଭୋଗ କରିବେ । ଏହା ହିଁ ମୋର ଆଗାମୀ କାଲିର ସ୍ୱପ୍ନ, ଏକବିଂଶ ଶତାବ୍ଦୀର ସ୍ୱପ୍ନ । ସେତେବେଳେକୁ ମୋ ରାଜ୍ୟର କୌଣସି ଶିଶୁ ଖାଦ୍ୟାଭାବର କ୍ଳେଶ ଭୋଗ କରିବ ନାହିଁ । କ୍ଷୁଧିତ ରହିବ ନାହିଁ କିମ୍ବା ଅପୁଷ୍ଟିର ଶିକାର ହେବ ନାହିଁ । ନିରକ୍ଷରତା ବା ଅଜ୍ଞତା ମୋ ରାଜ୍ୟର ସୀମା ମାଡ଼ିବ ନାହିଁ ।

ମୋ କୃଷିଜୀବୀମାନଙ୍କ ପାଇଁ ମୁଁ ସ୍ୱପ୍ନ ଦେଖୁଛି ଯେ ଜଳାଭାବରେ ସେମାନଙ୍କ କ୍ଷେତରୁ ଶସ୍ୟ କେବେ ନଷ୍ଟ ନହେଉ । ପ୍ରତିଟି ଜଳବିନ୍ଦୁ ସଂରକ୍ଷିତ ହେଉ, ଉତ୍ପାଦନ ପାଇଁ ନିୟୋଜିତ ହେଉ । ପ୍ରାକୃତିକ ଦୁର୍ବିପାକ ଓଡ଼ିଶାର ଅଭିଶାପ । କିନ୍ତୁ ଏହା ହେଉ ଅତୀତର ଅଧ୍ୟାୟ । କବର ତଳେ ରହୁ । ଯେତେବେଳେ ନଦୀଧାରା ନିୟନ୍ତ୍ରିତ ହେବ, ଜଳ ସଂରକ୍ଷଣ ନିର୍ମାଣ ପ୍ରକଳ୍ପମାନ କାର୍ଯ୍ୟକାରୀ ହେବ ଆବଶ୍ୟକ ବେଳେ ଶୁଷ୍କ କ୍ଷେତରେ ଆଉ ଜଳାଭାବ ରହିବ ନାହିଁ ।

ଗତ କାଲି ମୁଁ ଆଦିବାସୀଙ୍କର ଏକ ସମ୍ମେଳନ ଉଦ୍‌ଘାଟନ କରିଥିଲି । ଯେଉଁମାନେ ପ୍ରଦର୍ଶନୀକୁ ଯାଉନାହାନ୍ତି ସେଠାରେ ଦୁଇଘଣ୍ଟା ଅତିବାହିତ କଲେ ସେମାନେ ଆଦିବାସୀଙ୍କ ଜୀବନ ଶୈଳୀ ସମ୍ପର୍କରେ ଧାରଣା କରିପାରିବେ । ଉପଲବ୍ଧି ହେବ ଯେ ଆମ ଲୋକମାନଙ୍କ ମଧ୍ୟରୁ ୩୦ ଶତାଂଶ ସେଭଳି ଅବସ୍ଥାରେ ବାସ କରନ୍ତି । ମୁଁ ଦେଖିବାକୁ ଚାହେଁ ମୋ ରାଜ୍ୟର ପ୍ରତ୍ୟେକ ନାଗରିକ ମୁଣ୍ଡ ଗୁଞ୍ଜିବା ପାଇଁ ସୁନ୍ଦର ଛାତ ଛପର ପାଇବ, ପ୍ରତ୍ୟେକ ପରିବାର ପାନୀୟ ଜଳ ପାଇବ ଏବଂ ସବୁ ଋତୁରେ ସେ ନିରାପଦରେ ରହିପାରିବ । ସବୁଦିନିଆ ରାସ୍ତା ଓ ସେତୁ ଗମନାଗମନର ଅସୁବିଧା ଦୂର କରିବ । ବିଦ୍ୟାଳୟଗୁଡ଼ିକ ସୁଦକ୍ଷ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ଦ୍ୱାରା ପରିଚାଳିତ ହେବ । ଡାକ୍ତରଖାନାଗୁଡ଼ିକରେ ଯଥାସଂଖ୍ୟକ ସୁଦକ୍ଷ ଚିକିତ୍ସକ ରହିବେ । ମୋ ରାଜ୍ୟର ପ୍ରତିଟି ଗଳିକନ୍ଦିରେ ପ୍ରକୃଷ୍ଟ ସ୍ୱାସ୍ଥ୍ୟ ସେବା, ସମୁଚିତ ଶିକ୍ଷା ବ୍ୟବସ୍ଥା, ସୁନ୍ଦର ରାସ୍ତା ପରିବହନ ବ୍ୟବସ୍ଥା, ଟେଲିଫୋନ୍, ଇଲେକ୍ଟ୍ରୋନିକ୍ସ ଭଳି ଦ୍ରୁତ ଯୋଗାଯୋଗ ବ୍ୟବସ୍ଥା ରହିବ । ଆଧୁନିକ ବିଜ୍ଞାନ ଯାହା ଦେଇଛି ଜଣେ ସାଧାରଣ ଗ୍ରାମବାସୀ ମଧ୍ୟ ସେ ସବୁରୁ ବଞ୍ଚିତ ହେବ ନାହିଁ ।

ପ୍ରକୃତି ଯେଉଁ ଖଣିଜ ସମ୍ପଦରେ ଆମକୁ ସମୃଦ୍ଧ କରିଛି ବହୁ ବର୍ଷ ପର୍ଯ୍ୟନ୍ତ ଅନେକ ବଡ଼ ଶିଳ୍ପକୁ ତାହା ପୁଷ୍ଟ କରିପାରିବ । ତାହା ଇସ୍ପାତ ହେଉ କି କୋଇଲାରୁ ବିଦ୍ୟୁତ୍ ଶକ୍ତି ଉତ୍ପାଦନ ହେଉ, ଆଲୁମିନିୟମ୍ ହେଉ ବା ତୈଳ ବିଶୋଧନାଗାର ହେଉ, ପେଟ୍ରୋକ୍ୟାମିକାଲ୍ ହେଉ, ଏସବୁ ଆମର ଉତ୍ପାଦନ ଧାରା ପ୍ରବର୍ତ୍ତିତ କରିବ । ଆମ ରାଜ୍ୟକୁ ଆମେ ବିଶ୍ୱର ସବୁ ଦେଶର ଲୋକଙ୍କ ପାଇଁ ଆକର୍ଷଣୀୟ କରିପାରିବା । ଆଜିର ଭାରତରେ ସାମାଜିକ ସମନ୍ୱୟ ନାହିଁ, ଧର୍ମୀୟ ସହନଶୀଳତା ନାହିଁ, ସାମ୍ପ୍ରଦାୟିକ ସମ୍ପ୍ରୀତି ନାହିଁ । ସତ କଥା ଯେ ଏପରି ବିଭାଜନ ଆମକୁ ସମୃଦ୍ଧ କରିପାରିବ ନାହିଁ । ମୋ ସ୍ୱପ୍ନର ଓଡ଼ିଶାରେ ସମନ୍ୱୟ, ପ୍ରଶସ୍ତ ମନୋଭାବ, ଅଧିକ ମହନୀୟ ସହିଷ୍ଣୁତା ଚତୁର୍ଦ୍ଦିଗରେ ଭରି ରହୁ । ପଡ଼ୋଶୀ, ପଡ଼ୋଶୀ ମଧ୍ୟରେ ଭ୍ରାତୃଭାବ ରହୁ।

ଉପସଂହାରରେ ମୁଁ ବହୁଦିନ ତଳେ ମେକ୍ସମୁଲାର୍ କହିଥିବା ବାକ୍ୟ ଉଦ୍ଧାର କରୁଛି : ''If I have to look after the whole world to find out the country that nature has bestowed its best, I would point to India '' "ମୁଁ ଯଦି ସମଗ୍ର ପୃଥିବୀ ଉପରେ ଦୃକ୍‌ପାତ କରେ ପ୍ରକୃତି କେଉଁ ଦେଶକୁ ଶ୍ରେଷ୍ଠ ରୂପେ ଗଢ଼ିଛି ବୋଲି ଅନୁସନ୍ଧାନ କରେ, ମୁଁ ଅଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇବି....ଭାରତବର୍ଷକୁ ।" ଆମେ ସମସ୍ତେ ଆମ ରାଜ୍ୟକୁ ମିଳିମିଶି ଏପରି ଗଢ଼ିବା ଯେ ସମଗ୍ର ପୃଥିବୀ ଦିନେ କହିବ ଓଡ଼ିଶା ଆମ ସ୍ୱପ୍ନର ରାଜ୍ୟ ।




କଟକ ସମାଜ ଅଫିସ୍ ପ୍ରାଙ୍ଗଣରେ ଲାଲା ଲଜପତ ରାୟଙ୍କ ୧୨୫ତମ ଜୟନ୍ତୀ ଦିବସରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି ।



# ୧୯୯୨-୯୩ ମସିହାର ବଜେଟ୍ ଉପସ୍ଥାପନ କରି ଅର୍ଥମନ୍ତ୍ରୀ ଶ୍ରୀ ବେଦ ପ୍ରକାଶ ଅଗ୍ରୱାଲାଙ୍କ ଅଭିଭାଷଣ

ଅଧ୍ୟକ୍ଷ ମହୋଦୟ,

ଏହି ମହାନ୍ ଗୃହରେ 1992-93 ଆର୍ଥିକ ବର୍ଷର ବଜେଟ୍ ଉପସ୍ଥାପନ କରିବା ଅବସରରେ ଆଜି ମୁଁ ଗୃହର ମାନ୍ୟବର ସଭ୍ୟମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ ଜ୍ଞାପନ କରୁଛି ।

2. ମାନ୍ୟବର ସଭ୍ୟମାନେ ସଚେତନ ଯେ ଅନ୍ୟ ବର୍ଷ ତୁଳନାରେ ଏ ବର୍ଷର ବଜେଟ୍ ପ୍ରଣୟନ ଦେଶରେ ଉପୁଜିଥିବା ଏକ ଅନିଶ୍ଚିତ ବାତାବରଣ ମଧ୍ୟରେ ସମ୍ପାଦନ କରିବାକୁ ପଡୁଛି, ଯାହାକି ପୁନଃପୌନିକ ସମ୍ବଳର ଅଭାବ, କ୍ରମବର୍ଦ୍ଧିଷ୍ଣୁ ଆର୍ଥିକ ନିଅଣ୍ଟ (Fiscal Deficit), ବୈଦେଶିକ ମୁଦ୍ରା ବିନିମୟର ସନ୍ତୁଳନ ସମସ୍ୟା, ମୁଦ୍ରାସ୍ଫିତିର ଚାପ, ଚାହିଦା ଓ ଯୋଗାଣର ଅସାମଞ୍ଜସ୍ୟତା-ଏବଂ ସଞ୍ଚୟ ହାରର ହ୍ରାସ ଦ୍ୱାରା ଘନୀଭୂତ ହୋଇଛି । ଆମ ନିଜ ରାଜ୍ୟରେ 1990-91ର ଅଭୂତପୂର୍ବ ବନ୍ୟା ଯୋଗୁଁ କୃଷି ଉତ୍ପାଦନ ସେ ବର୍ଷ ଅପେକ୍ଷାକୃତ ହ୍ରାସ ପାଇଛି । ଏହି ପ୍ରକାର ସଙ୍କଟଜନିତ ପରିସ୍ଥିତିକୁ ଆୟତ୍ତାଧୀନ କରିବା ଉଦ୍ଦେଶ୍ୟରେ ଯେଉଁ ସବୁ ନିୟନ୍ତ୍ରଣମୂଳକ ପଦକ୍ଷେପମାନ ଗ୍ରହଣ କରାଯାଉଛି ତାହା ରାଜ୍ୟର ବଜେଟ୍‌ରେ ପ୍ରତିଫଳିତ ହେବା ସ୍ୱାଭାବିକ ।

3. ରାଜ୍ୟବାସୀଙ୍କ ପୂର୍ଣ୍ଣ ସମର୍ଥନ ଲାଭ କରି ଶ୍ରୀ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ଗଠିତ ଆମ ସରକାର ରାଜ୍ୟ ଓ ରାଜ୍ୟବାସୀଙ୍କ ସର୍ବାଙ୍ଗୀନ ଉନ୍ନତି ସହ ଏକ ଅଭିନବ ଓଡ଼ିଶାର ସଫଳ ରୂପାୟନ ନିମିତ୍ତ ପ୍ରତିଶ୍ରୁତିବଦ୍ଧ । ଆମର ଦୁର୍ଭାଗ୍ୟ ଯେ ବିପୁଳ ପ୍ରାକୃତିକ ସମ୍ପଦର ଅଧିକାରୀ ହୋଇ ମଧ୍ୟ ଆମର ଆର୍ଥିକ ସମ୍ବଳ ଅତିମାତ୍ରାରେ ସୀମିତ । ଆମ ମୁଖ୍ୟମନ୍ତ୍ରୀ ଗତ ଦୁଇବର୍ଷ ଧରି ସ୍ୱତନ୍ତ୍ର ସାହାଯ୍ୟ ନିମିତ୍ତ କେନ୍ଦ୍ର ସରକାରଙ୍କ ନିକଟରେ ଦାବୀ ଉତ୍ଥାପନ କରି ଆସୁଥିଲେ । କେନ୍ଦ୍ର ସରକାର ଏହି ସ୍ୱତନ୍ତ୍ର ସାହାଯ୍ୟ ଦେବା ନିମିତ୍ତ ପ୍ରତିଶ୍ରୁତି ଦେଇ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ସ୍ପଷ୍ଟ ଭାବରେ ମନା କରିଦେବାରୁ ଆମର କେତେଗୁଡ଼ିଏ ବିକାଶୋନ୍ମୁଖୀ ଯୋଜନା କାର୍ଯ୍ୟ ତ୍ୱରାନ୍ୱିତ ହେବାରେ ପ୍ରତିବନ୍ଧକ ସୃଷ୍ଟି ହେଲା । କେନ୍ଦ୍ରର ଏହି ପ୍ରତିକୂଳ ମନୋଭାବକୁ ଦୃଷ୍ଟିରେ ରଖି ଆସନ୍ତା ବର୍ଷ ବଜେଟ୍‌ରେ ଆମେ କେନ୍ଦ୍ରଠାରୁ କୌଣସି ପ୍ରକାର ସ୍ୱତନ୍ତ୍ର ସାହାଯ୍ୟ ପାଇବା ଦର୍ଶାଇନାହୁଁ । ବର୍ତ୍ତମାନ ଆମ ରାଜ୍ୟ ନିଜ ପ୍ରାକୃତିକ ସମ୍ପଦରୁ କିପରି ଅଧିକ ସମ୍ବଳ ସଂଗ୍ରହ କରିପାରିବ ତାହାହିଁ ହେବ ଆମର ପ୍ରଚେଷ୍ଟା । ଏଥି ନିମିତ୍ତ ଯଦି କେନ୍ଦ୍ର ସରକାର ଆମକୁ ସହଯୋଗ ନକରନ୍ତି କିମ୍ବା ଏହି ପଥରେ କୌଣସି ଅନ୍ତରାୟ ସୃଷ୍ଟି କରନ୍ତି ତେବେ ଏହାର ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବା ନିମିତ୍ତ ଆମ ସରକାର ବାଧ୍ୟ ହେବେ ।

4. 1992-93 ଆର୍ଥିକ ବର୍ଷ ବଜେଟ୍ ଉପସ୍ଥାପନ କରିବା ପୂର୍ବରୁ ମୁଁ ରାଜ୍ୟର ଆର୍ଥିକ ପରିସ୍ଥିତି ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ଦେବା ଉଚିତ ମନେ କରୁଛି । ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳ ବନ୍ୟା ଦ୍ୱାରା ବିଧ୍ୱସ୍ତ ହୋଇଥିବା ସତ୍ତ୍ୱେ 1990-91 ମସିହାରେ କୃଷିକୁ ବାଦ୍ ଦେଲେ ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହାର ପୂର୍ବ ବର୍ଷ ତୁଳନାରେ ଶତକଡ଼ା 4·3 ଭାଗ ହୋଇଥିଲା । ଏହି ବନ୍ୟା କ୍ଷୟକ୍ଷତି ଯୋଗୁଁ ରାଜ୍ୟର ଧାନ ଉତ୍ପାଦନ କ୍ଷେତ୍ରରେ ଅବନତି ଦେଖା ଯାଇଥିଲା ଯାହାର ପ୍ରଭାବ ରାଜ୍ୟର ଆର୍ଥିକ ସ୍ଥିତି ଉପରେ ପରିଲକ୍ଷିତ ହୋଇଥିଲା । ଏହି ସମୟରେ ଜାତୀୟ କ୍ଷେତ୍ରରେ ମୁଣ୍ଡପିଛା ଆୟ 2,227 ଟଙ୍କା ଥିବାବେଳେ ଆମ ରାଜ୍ୟର ମୁଣ୍ଡପିଛା ଆୟ ମାତ୍ର 1,555 ଟଙ୍କା ହୋଇଛି । ଜାତୀୟ ମୁଣ୍ଡପିଛା ଆୟ ଓ ରାଜ୍ୟ ମୁଣ୍ଡପିଛା ଆୟର ବ୍ୟବଧାନ 1980-81 ମସିହାରେ 400 ଟଙ୍କା ଥିଲାବେଳେ 1990-91ରେ ଏହା 672 ଟଙ୍କାକୁ ବୃଦ୍ଧି ପାଇଛି । ଏହି ମୁଣ୍ଡପିଛା ଆୟର ବ୍ୟବଧାନକୁ ସଙ୍କୁଚିତ କରିବାକୁ ହେଲେ ରାଜ୍ୟର ବାର୍ଷିକ ଅଭିବୃଦ୍ଧି ହାରକୁ ବଢ଼ାଇବାକୁ ପଡ଼ିବ । ଏଥି ନିମିତ୍ତ ଅଷ୍ଟମ ଯୋଜନାରେ ରାଜ୍ୟର ଯୋଜନା ଅଟକଳ ପ୍ରାୟ 11,500 କୋଟି ଟଙ୍କା ହେବା ଦରକାର ।

କିନ୍ତୁ ଆର୍ଥିକ ସମ୍ବଳକୁ ଦୃଷ୍ଟିରେ ରଖି ଏଭଳି ବିରାଟକାୟ ଯୋଜନା ସମ୍ଭବପର ନୁହେଁ । ତେଣୁ ନିଜର ସମ୍ବଳକୁ ଦୃଷ୍ଟିରେ ରଖି ମୁଣ୍ଡପିଛା ଆୟର ବ୍ୟବଧାନକୁ ଅତି କମ୍‌ରେ ଏକ ତୃତୀୟାଂଶ କମାଇବା ନିମିତ୍ତ ଆମେ ଯଥାସାଧ୍ୟ ଚେଷ୍ଟା କରୁଛୁ ।

5. 1992-93 ଆର୍ଥିକ ବର୍ଷରେ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଅନ୍ୟାନ୍ୟ ବିଷୟ ସହ ଯୋଜନା ଢାଞ୍ଚାରେ ନିମ୍ନଲିଖିତ କ୍ଷେତ୍ରରେ ଗୁରୁତ୍ୱ ଦିଆଯିବ ।

(କ) ଅର୍ଥନୈତିକ କାର୍ଯ୍ୟକ୍ରମଗୁଡ଼ିକର ପ୍ରସାର ଓ ସ୍ୱଳ୍ପ ସମୟ ମଧ୍ୟରେ ଫଳପ୍ରସୂ ହେଉଥିବା ଯୋଜନା ମାଧ୍ୟମରେ ଅର୍ଥନୀତିର ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରମାନଙ୍କରେ ନିଯୁକ୍ତି ସୁଯୋଗ ସୃଷ୍ଟି ।

(ଖ) ଶିଳ୍ପ ଉତ୍ପାଦନ ବୃଦ୍ଧି ପାଇଁ ଅପରିହାର୍ଯ୍ୟ ହେଉଥିବା ସ୍ଥାପିତ ଶକ୍ତି ଉତ୍ପାଦନ କ୍ଷମତାର ପର୍ଯ୍ୟାପ୍ତ ଅଭିବୃଦ୍ଧି ।

(ଗ) ସରକାରୀ ଉଦ୍ୟୋଗଗୁଡ଼ିକର ଦକ୍ଷତା ଓ କାର୍ଯ୍ୟକାରିତା ବୃଦ୍ଧି, କ୍ଷତି ସହୁଥିବା ବଛା ବଛା ଉଦ୍ୟୋଗଗୁଡ଼ିକର ଘରୋଇକରଣ ଓ ସରକାରୀ ଉଦ୍ୟୋଗଗୁଡ଼ିକର ସରକାରୀ ସାହାଯ୍ୟ ଉପରେ ନିର୍ଭରଶୀଳତାର ହ୍ରାସ ।

(ଘ) ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ପ୍ରାୟ ଅର୍ଦ୍ଧେକ ଲୋକଙ୍କର ଜୀବନର ମାନ ବୃଦ୍ଧି ପାଇଁ ଶିକ୍ଷା, ଜନସ୍ୱାସ୍ଥ୍ୟ ଏବଂ ସାମାଜିକ ସେବା କ୍ଷେତ୍ରରେ ସମ୍ବଳ ବ୍ୟବସ୍ଥା ଦ୍ୱାରା ସାମାଜିକ ଭିତ୍ତିଭୂମିର ବିକାଶ ଦିଗରେ ପୁଞ୍ଜି ବିନିଯୋଗ ।

6. ମାନ୍ୟବର ସଭ୍ୟମାନଙ୍କୁ ମୁଁ ଦେଶର ତଥା ରାଜ୍ୟର ଆର୍ଥିକ ସଙ୍କଟ ବିଷୟରେ ପୂର୍ବରୁ ସୂଚନା ଦେଇସାରିଛି । ସମ୍ବଳ ଅଭାବରୁ ଅତ୍ୟାବଶ୍ୟକୀୟ ଯୋଜନାଗୁଡ଼ିକ ଯେପରି ବ୍ୟାହତ ନହୁଏ ସେଥିପାଇଁ ଅଗ୍ରାଧିକାର ଭିତ୍ତିରେ ଆମର କାର୍ଯ୍ୟକ୍ରମଗୁଡ଼ିକୁ ସଜାଡ଼ିବାକୁ ପଡ଼ିବ । ତେଣୁ ବିଭିନ୍ନ ପନ୍ଥାରେ ସମ୍ବଳ ସୃଷ୍ଟି କରାଯିବା ସଙ୍ଗେ ସଙ୍ଗେ ବ୍ୟୟ ସଂଯମର ମଧ୍ୟ ଆବଶ୍ୟକତା ରହିଛି । ରାଜ୍ୟ ସରକାର ଏହି ପରିସ୍ଥିତିକୁ ହୃଦୟଙ୍ଗମ କରି ବିଭିନ୍ନ ପ୍ରକାରର ସୌଖୀନ ଖର୍ଚ୍ଚରୁ ନିବୃତ୍ତ ରହିବା ପାଇଁ ସମସ୍ତ ବିଭାଗକୁ ନିର୍ଦ୍ଦେଶ ଦେଇ ସାରିଛନ୍ତି । ଗତବର୍ଷ ବଜେଟ୍ ଉପସ୍ଥାପନ କଲାବେଳେ ମୁଁ ଏହି ଗୃହରେ ଦର୍ଶାଇଥିଲି ଯେ 1990-91 ମସିହାରେ ଆମେ ଅଣଯୋଜନା କ୍ଷେତ୍ରରେ ପ୍ରାୟ 60 କୋଟି ଟଙ୍କା ସଞ୍ଚୟ କରିପାରିଥିଲୁ । ଇତି ମଧ୍ୟରେ କେନ୍ଦ୍ର ସରକାର ତାଙ୍କ କର୍ମଚାରୀମାନଙ୍କୁ ଯେଉଁ ହାରରେ ମହଙ୍ଗା ଭତ୍ତା ମଞ୍ଜୁର କଲେ ତାହା ପୂର୍ବ ବର୍ଷ ତୁଳନାରେ ଅତି ମାତ୍ରାରେ ଅଧିକ । ଆମେ ଆମର କର୍ମଚାରୀମାନଙ୍କୁ ମଧ୍ୟ ସେହି ହାରରେ ମହଙ୍ଗା ଭତ୍ତା ଦେବା ନିମନ୍ତେ ବାଧ୍ୟ ହେଲୁ ଓ ଏଥି ନିମିତ୍ତ ବଜେଟ୍‌ରେ ବରାଦ କରାଯାଇଥିବା ଅର୍ଥ ବାହାରେ ଆହୁରି 30 କୋଟି ଟଙ୍କାର ଅଧିକ ବ୍ୟୟ ବରାଦ କରିବାକୁ ପଡ଼ିଲା । ଏହାକୁ ଭରଣା କରିସାରି ମଧ୍ୟ ଅଣଯୋଜନା ଖର୍ଚ୍ଚ ବାବଦରେ ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ଆହୁରି 40 କୋଟି ଟଙ୍କା ସଞ୍ଚୟ କରିବା ପାଇଁ ଆମେ ସକ୍ଷମ ହେବୁ । ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ 1991-92 ଆର୍ଥିକ ବର୍ଷରେ ଏହି ଗୃହରେ ଉପସ୍ଥାପିତ ହୋଇଥିବା ଦୁଇଟିଯାକ ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍‌ରେ ମୂଳ ବଜେଟ୍ ଉପରେ କୌଣସି ଅଧିକ ବୋଝ ଲଦି ଦିଆଯାଇ ନାହିଁ । ଏହା ପୂର୍ବରୁ କୌଣସି ଆର୍ଥିକ ବର୍ଷରେ ଏପରି କରାଯାଇ ପାରିନଥିଲା । ଏହି ପଦକ୍ଷେପଗୁଡ଼ିକ ଫଳରେ 1992-93 ଆର୍ଥିକ ବର୍ଷ ପ୍ରାରମ୍ଭରେ ଅଣଯୋଜନା ରାଜସ୍ୱ ହିସାବରେ ବଳକାକୁ (balance on current Revenues) ପ୍ରାୟ 100 କୋଟିରୁ ଊର୍ଦ୍ଧ୍ୱ ଟଙ୍କା କମାଇ ଦେଇପାରିବୁ । ଏତଦ୍ ବ୍ୟତୀତ ଚାଲୁ ରହିଥିବା ସମସ୍ତ ଯୋଜନାର ସ୍ତରକୁ 1992-93 ବର୍ଷରେ ସାମାନ୍ୟ ବୃଦ୍ଧି କରିବା ସଙ୍ଗେ ସଙ୍ଗେ ବିଦେଶୀ ସହାୟତାରେ ଚାଲୁଥିବା ପ୍ରକଳ୍ପଗୁଡ଼ିକ ପାଇଁ 1992-93ରେ 368 କୋଟି ଟଙ୍କାର ବ୍ୟୟ ବରାଦ କରି ସେଗୁଡ଼ିକର କାର୍ଯ୍ୟକାରିତାର ସ୍ତରକୁ ଯଥେଷ୍ଟ ଉପରକୁ ଆଣି ପାରିଛୁ ।

7. କୌଣସି ବର୍ଷର ବଜେଟ୍ ପୂର୍ବ ବର୍ଷର ବାସ୍ତବ ଆୟବ୍ୟୟ (Actuals) ଚଳିତ ବର୍ଷର ସଂଶୋଧିତ ଅନୁମାନ ଉପରେ ଭିତ୍ତି କରି ପ୍ରସ୍ତୁତ କରାଯାଇଥାଏ । ତେଣୁ ମାନ୍ୟବର ସଭ୍ୟମାନଙ୍କୁ ମୁଁ 1990-91 ଆର୍ଥିକ ବର୍ଷର ବାସ୍ତବ ଆୟବ୍ୟୟ ଓ 1991-92 ଆର୍ଥିକ ବର୍ଷର ସଂଶୋଧିତ ଅନୁମାନ ଉପରେ ସୂଚନା ଦେବା ବିଧେୟ ମନେ କରୁଛି । 1990-91 ଆର୍ଥିକ ବର୍ଷର ବଜେଟ୍ 137 କୋଟି 10 ଲକ୍ଷ ଟଙ୍କା ନିଅଣ୍ଟରେ ଆରମ୍ଭ ହୋଇଥିଲା । କେନ୍ଦ୍ର ସରକାର 250 କୋଟି ଟଙ୍କାର ଏକ ସ୍ୱତନ୍ତ୍ର ସାହାଯ୍ୟ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏତଦ୍ ବ୍ୟତୀତ ଏହି ପ୍ରାରମ୍ଭିକ ନିଅଣ୍ଟକୁ ପୂର୍ଣ୍ଣ ମାତ୍ରାରେ ବିଲୋପ କରିବା ନିମିତ୍ତ 135 କୋଟି ଟଙ୍କା ଅଧିକ ସାହାଯ୍ୟ ଦେବେ ବୋଲି ମଧ୍ୟ ଆଶ୍ୱାସନା ଦେଇଥିଲେ । କିନ୍ତୁ ସମୁଦାୟ 385 କୋଟି ଟଙ୍କା ସାହାଯ୍ୟ ବଦଳରେ ଆମ ରାଜ୍ୟ କେବଳ 100 କୋଟି ଟଙ୍କା ସ୍ୱଳ୍ପମିଆଦୀ ଋଣ ଆକାରରେ ପାଇଥିଲା । ଏହାଯୋଗୁଁ ରାଜ୍ୟର ଯୋଜନା ଅଟକଳକୁ 1,250 କୋଟି ଟଙ୍କାରୁ 1,125 କୋଟି ଟଙ୍କାକୁ କମାଇ ଦେବାକୁ ପଡ଼ିଲା । ବହୁବାର ଦାବୀ ସତ୍ତ୍ୱେ କନ୍‌ସାଇନ୍‌ମେଣ୍ଟ୍ ଟିକସ କେନ୍ଦ୍ର ସରକାର ଲାଗୁ କଲେନାହିଁ । ରାଜ୍ୟରେ ମଧ୍ୟ ଆଶା କରାଯାଇଥିବା କେତେକ ସମ୍ବଳ ପୂର୍ଣ୍ଣ ମାତ୍ରାରେ ମିଳିଲା ନାହିଁ । ଏହି ସବୁ ବାଧାବିଘ୍ନ ସତ୍ତ୍ୱେ 1990-91 ଆର୍ଥିକ ବର୍ଷରେ ରାଜ୍ୟ ସରକାର ଯୋଜନା ବାବଦରେ ପ୍ରାୟ 1,049 କୋଟି ଟଙ୍କା ଖର୍ଚ୍ଚ କରି ପାରିଥିଲେ, ଯାହାକି ପୂର୍ବ ବର୍ଷ ତୁଳନାରେ ଶତକଡ଼ା 37 ଭାଗ ଅଧିକ । ଏ ହାରରେ ଅଭିବୃଦ୍ଧି ପୂର୍ବ କୌଣସି ବର୍ଷରେ ପରିଲକ୍ଷିତ ହୋଇନାହିଁ ।

8. ଯୋଜନା ଖର୍ଚ୍ଚରେ ଅଭିବୃଦ୍ଧି, ସମ୍ବଳର ଅଭାବ ଓ କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ଭଙ୍ଗ ଯୋଗୁଁ 1990-91 ଆର୍ଥିକ ବର୍ଷ ଶେଷକୁ 80 କୋଟି 12 ଲକ୍ଷ ଟଙ୍କାର ନିଅଣ୍ଟ ଦେଖାଗଲା । 1991-92 ଆର୍ଥିକ ବର୍ଷର ବଜେଟ୍ ସମୟରେ ଏହି ନିଅଣ୍ଟ କଳନା କରାଯାଇ ପାରିନଥିଲା ଏବଂ ଆଶା କରାଯାଉଥିଲା ଯେ ବିଭିନ୍ନ ପଦକ୍ଷେପର ଫଳ ସ୍ୱରୂପ 1990-91 ଆର୍ଥିକ ବର୍ଷ ଶେଷରେ କୌଣସି ନିଅଣ୍ଟ ଦେଖା ଦେବନାହିଁ । 1991-92 ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ରାଜ୍ୟ ଯୋଜନା ନିମିତ୍ତ 150 କୋଟି ଟଙ୍କାର ଏକ ସ୍ୱତନ୍ତ୍ର ସାହାଯ୍ୟ ଦେବେ ବୋଲି ପୁନର୍ବାର ପ୍ରତିଶ୍ରୁତି ଦେଲେ । ତେଣୁ ରାଜ୍ୟ ଯୋଜନା ଅଟକଳ 1,443 କୋଟି ଟଙ୍କାକୁ ବୃଦ୍ଧି କରାଗଲା । ଦୁର୍ଭାଗ୍ୟବଶତଃ ଯୋଜନାର ଏହି ଆକାରକୁ ରୂପାୟିତ କରିବାରେ ବର୍ଷର ପ୍ରାରମ୍ଭରୁ ବିଭିନ୍ନ ପ୍ରତିବନ୍ଧକ ସୃଷ୍ଟି ହେଲା । ଖଣି ଜାତୀୟ ରୟାଲ୍‌ଟି ଉପରେ ନିର୍ଦ୍ଧାର୍ଯ୍ୟ କରାଯାଇଥିବା ସେସ୍ ମାନ୍ୟବର ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରା ସମ୍ବିଧାନ ବିରୋଧୀ ବୋଲି ବିବେଚିତ ହେଲା ଏବଂ ଏହା ଫଳରେ ରାଜ୍ୟ ପ୍ରାୟ 171 କୋଟି ଟଙ୍କାର ରାଜସ୍ୱ ହରାଇଲା । ବାରମ୍ବାର ଦାବୀ ସତ୍ତ୍ୱେ କେନ୍ଦ୍ର ସରକାର ଖଣି ଜାତୀୟ ଦ୍ରବ୍ୟ ଉପରେ ରୟାଲ୍‌ଟିର ହାରରେ ଯେଉଁ ବୃଦ୍ଧି କଲେ ତାହା ଅତି ମାତ୍ରାରେ ନଗଣ୍ୟ । କନ୍‌ସାଇନ୍‌ମେଣ୍ଟ୍ ଟିକସ ଧାର୍ଯ୍ୟ କରିବା ନିମିତ୍ତ ଏ ବର୍ଷ ମଧ୍ୟ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଲେନାହିଁ । ଏତଦ୍ ବ୍ୟତୀତ ଯୋଜନା ବାବଦକୁ ସ୍ୱତନ୍ତ୍ର ସାହାଯ୍ୟ ରୂପେ ଦେବାକୁ ଥିବା ପ୍ରତିଶ୍ରୁତି ମଧ୍ୟ କେନ୍ଦ୍ର ସରକାର କାର୍ଯ୍ୟକାରୀ କଲେନାହିଁ । ଏହିପରି ଭାବେ ରାଜ୍ୟର ରାଜସ୍ୱ ଆୟର ପରିମାଣ ପ୍ରାୟ 400 କୋଟି ଟଙ୍କା କମିଗଲା । ପୂର୍ବରୁ ସୃଷ୍ଟିଥିବା 1990-91 ଆର୍ଥିକ ବର୍ଷ ଶେଷର ନିଅଣ୍ଟ 'ବୋଝ ଉପରେ ନଳିତା ବିଡ଼ା ସଦୃଶ' କାର୍ଯ୍ୟ କଲା । ଏହି ପରିପ୍ରେକ୍ଷୀରେ ଯୋଜନା ଖର୍ଚ୍ଚ କମାଇବା ବ୍ୟତୀତ ଅନ୍ୟ କୌଣସି ପନ୍ଥା ସରକାରଙ୍କ ସମ୍ମୁଖରେ ନଥିଲା । ତେଣୁ 1991-92 ସଂଶୋଧିତ ଅନୁମାନରେ ରାଜ୍ୟର ଯୋଜନା ଖର୍ଚ୍ଚ 1,050 କୋଟି ଟଙ୍କାକୁ କମାଇ ଦିଆଯାଇଛି । ଏହାଦ୍ୱାରା ଚଳିତ ବର୍ଷ ଯୋଜନାର ଆକାର ପୂର୍ବ ବର୍ଷ ତୁଳନାରେ କମ୍ ବୋଲି ପ୍ରତୀୟମାନ ହେଲେ ସୁଦ୍ଧା ବାସ୍ତବ କ୍ଷେତ୍ରରେ ତାହା ନୁହେଁ । କାରଣ ପୂର୍ବ ବର୍ଷର 1,089 କୋଟି ଟଙ୍କା ଯୋଜନା ଖର୍ଚ୍ଚ ମଧ୍ୟରୁ 123 କୋଟି ଟଙ୍କା 1991-92 ଆର୍ଥିକ ବର୍ଷରେ ଅଣଯୋଜନା କ୍ଷେତ୍ରକୁ ନିଆଗଲା । ଏହି 123 କୋଟି ଟଙ୍କା କ୍ରମିକ ଅଭିବୃଦ୍ଧି ସହ ଯଦି ଚଳିତ ବର୍ଷର ଯୋଜନା ଖର୍ଚ୍ଚ ମିଶାଯାଏ ତେବେ ଯୋଜନାର ଆକାର 1,219 କୋଟି ଟଙ୍କା ହେବ, ଯାହାକି ପୂର୍ବ ବର୍ଷ ଅପେକ୍ଷା ପ୍ରାୟ ଶତକଡ଼ା 10 ଭାଗ ଅଧିକ । ଏହାଦ୍ୱାରା ଉନ୍ନତିମୂଳକ କାର୍ଯ୍ୟକ୍ରମ ବିଶେଷ ଭାବରେ ବାଧାପ୍ରାପ୍ତ ହେବନାହିଁ । ଅଣଯୋଜନା କ୍ଷେତ୍ରରେ ସମସ୍ତ ପ୍ରକାର ସଂଯମ ସତ୍ତ୍ୱେ 1991-92 ଆର୍ଥିକ ବର୍ଷ ପ୍ରାୟ 112 କୋଟି 95 ଲକ୍ଷ ଟଙ୍କା ନିଅଣ୍ଟରେ ଶେଷ ହେବ ଯାହାକି 1992-93 ଆର୍ଥିକ ବର୍ଷର ପ୍ରାରମ୍ଭିକ ନିଅଣ୍ଟ ରୂପେ ଧାର୍ଯ୍ୟ ହେବ ।

9. ବର୍ତ୍ତମାନ ମୁଁ 1992-93 ଆର୍ଥିକ ବର୍ଷର ଅଣଯୋଜନା କ୍ଷେତ୍ରରେ ବରାଦ କରାଯାଇଥିବା ଆୟ ବ୍ୟୟର କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ଏଠାରେ ମାନ୍ୟବର ସଭ୍ୟମାନଙ୍କ ଅବଗତି ନିମନ୍ତେ ସୂଚାଇ ଦେବା ଉଚିତ ମନେ କରୁଛି । ରାଜ୍ୟର ନିଜସ୍ୱ ଟିକସ ଓ ଅଣଟିକସ ଆୟ ଆସନ୍ତା ବର୍ଷରେ ଯଥାକ୍ରମେ 811 କୋଟି 22 ଲକ୍ଷ ଟଙ୍କା ଓ 286 କୋଟି 60 ଲକ୍ଷ ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ନବମ ଅର୍ଥ କମିଶନଙ୍କ ସୁପାରିଶ ଅନୁସାରେ କେନ୍ଦ୍ର ସରକାର ଆଦାୟ କରୁଥିବା ଆୟ କର ଓ ଅବକାରୀ ଶୁଳ୍କର ଅଂଶ ରୂପେ ଯଥାକ୍ରମେ 203 କୋଟି 94 ଲକ୍ଷ ଟଙ୍କା ଓ 660 କୋଟି 53 ଲକ୍ଷ ଟଙ୍କା ମିଳିବ ବୋଲି ଆଶା କରାଯାଉଛି । ଏତଦ୍ ବ୍ୟତୀତ କେନ୍ଦ୍ର ସରକାର ଓ ଅନ୍ୟାନ୍ୟ ଅନୁଷ୍ଠାନମାନଙ୍କଠାରୁ 148 କୋଟି 16 ଲକ୍ଷ ଟଙ୍କା ଅନୁଦାନ ମଧ୍ୟ ମିଳିବ । ଏହିପରି ଭାବରେ ଅଣଯୋଜନା ରାଜସ୍ୱ ଆୟର ପରିମାଣ 2,110 କୋଟି 45 ଲକ୍ଷ ଟଙ୍କା ହେବ ବୋଲି କଳନା କରାଯାଇଛି । ଅଣଯୋଜନା କ୍ଷେତ୍ରରେ ରାଜସ୍ୱ ବ୍ୟୟର ପରିମାଣ 2,277 କୋଟି 55 ଲକ୍ଷ ଟଙ୍କା ହେବ ବୋଲି ଧାର୍ଯ୍ୟ କରାଯାଇଛି । ଏହି ଖର୍ଚ୍ଚ ମଧ୍ୟରେ ସୁଧ ବାବଦକୁ 560 କୋଟି 86 ଲକ୍ଷ ଟଙ୍କା, ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠି ନିମିତ୍ତ 41 କୋଟି 53 ଲକ୍ଷ ଟଙ୍କା, ପେନ୍‌ସନ୍ ଓ ଅନ୍ୟାନ୍ୟ ଅବସରକାଳୀନ ଭତ୍ତା ନିମିତ୍ତ 101 କୋଟି 19 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ବଳକା 1,573 କୋଟି 96 ଲକ୍ଷ ଟଙ୍କା ଅନ୍ୟାନ୍ୟ ବିଭିନ୍ନ ଅଣଯୋଜନା ଖର୍ଚ୍ଚ ନିମିତ୍ତ ଉଦ୍ଦିଷ୍ଟ । ଏଥିରୁ ଜଣାପଡୁଛି ଯେ ଅଣଯୋଜନା କ୍ଷେତ୍ରରେ ରାଜ୍ୟର ନିଅଣ୍ଟ 167 କୋଟି 10 ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଇଛି ।

10. ଅଣଯୋଜନା ପୁଞ୍ଜି ହିସାବକୁ ଅନୁଧ୍ୟାନ କଲେ ମାନ୍ୟବର ସଭ୍ୟମାନେ ଦେଖିପାରିବେ ଯେ ଆୟ କ୍ଷେତ୍ରରେ 878 କୋଟି 97 ଲକ୍ଷ ଟଙ୍କା ଦର୍ଶାଯାଇଥିବା ସ୍ଥଳେ ବ୍ୟୟ ନିମିତ୍ତ 1,008 କୋଟି 37 ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି । ଦୈନନ୍ଦିନ ସାଧନୋପାୟ ଅଗ୍ରୀମ (Ways & Means advance)ର ଆହରଣ ଓ ପରିଶୋଧ ଏହି ଆୟ ଓ ବ୍ୟୟର ଅନ୍ତର୍ଭୁକ୍ତ । ଏହାକୁ ବାଦ୍ ଦେଲେ ଋଣ ପରିଶୋଧ, ବିଭିନ୍ନ ପ୍ରକାରର ଅଗ୍ରୀମ ଓ କିଛି ମାତ୍ରାରେ ଅନ୍ୟାନ୍ୟ ଖର୍ଚ୍ଚ ଏହାର ଅନ୍ତର୍ଭୁକ୍ତ କରାଯାଇଛି । ଆୟ ତୁଳନାରେ ବ୍ୟୟର ପରିମାଣ ଅଧିକ 129 କୋଟି 40 ଲକ୍ଷ ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ତେଣୁ ଅଣଯୋଜନା କ୍ଷେତ୍ରରେ ସମୁଦାୟ ନିଅଣ୍ଟର ପରିମାଣ 296 କୋଟି 50 ଲକ୍ଷ ଟଙ୍କାକୁ ବୃଦ୍ଧି ପାଇବ ।

11. ବର୍ତ୍ତମାନ ମୁଁ 1992-93 ଆର୍ଥିକ ବର୍ଷ ପାଇଁ ଯୋଜନା ଅଟକଳର ଏକ ବିବରଣୀ ପ୍ରଦାନ କରିବାକୁ ଯାଉଛି । ପୂର୍ବରୁ ସୂଚାଇ ଅଛି ଯେ ଅଣଯୋଜନା ବାବଦରେ ନିଅଣ୍ଟ ମେଣ୍ଟାଇବା ପାଇଁ ଆମର 296 କୋଟି 50 ଲକ୍ଷ ଟଙ୍କାର ଆବଶ୍ୟକତା ରହିଛି । ରାଜ୍ୟ ଯୋଜନା ନିମିତ୍ତ କେନ୍ଦ୍ର ସରକାର 108 କୋଟି 74 ଲକ୍ଷ ଟଙ୍କାର ଏକ ଅନୁଦାନ ନବମ ଅର୍ଥ କମିଶନ୍‌ଙ୍କ ସୁପାରିଶ ଅନୁସାରେ ଯୋଗାଇ ଦେବେ । ଯୋଜନା ଖର୍ଚ୍ଚ ତୁଲାଇବା ନିମିତ୍ତ ଖୋଲା ବଜାରରୁ 259 କୋଟି 7 ଲକ୍ଷ ଟଙ୍କା (ନିଟ୍), କ୍ଷୁଦ୍ର ସଞ୍ଚୟ ଯୋଜନାରୁ 216 କୋଟି 57 ଲକ୍ଷ ଟଙ୍କା ଏବଂ ଅନ୍ୟାନ୍ୟ ଆର୍ଥିକ ଅନୁଷ୍ଠାନମାନଙ୍କରୁ 19 କୋଟି 97 ଲକ୍ଷ ଟଙ୍କା ଋଣ କରିବାକୁ ପଡ଼ିବ । ପରିବର୍ତ୍ତିତ ଗାଡ୍‌ଗିଲ୍ ଫର୍ମୁଲା ଅନୁସାରେ 1992-93 ଆର୍ଥିକ ବର୍ଷ ନିମିତ୍ତ କେନ୍ଦ୍ର ସରକାର ରାଜ୍ୟ ଯୋଜନା ବାବଦକୁ 328 କୋଟି 31 ଲକ୍ଷ ଟଙ୍କା ଦେବେ ଯାହାକି ଶତକଡ଼ା 70 ଭାଗ ଋଣ ଏବଂ 30 ଭାଗ ଅନୁଦାନ ଆକାରରେ ମିଳିବ । ବୈଦେଶିକ ସାହାଯ୍ୟପ୍ରାପ୍ତ ପ୍ରକଳ୍ପଗୁଡ଼ିକ ନିମିତ୍ତ 367 କୋଟି 64 ଲକ୍ଷ ଟଙ୍କା ମିଳିବ ବୋଲି ଅଟକଳ କରାଯାଇଛି । ସରକାରୀ ଭବିଷ୍ୟନିଧି ପାଣ୍ଠିରୁ ଉଦ୍‌ବୃତ୍ତ ନିଟ୍ 204 କୋଟି 81 ଲକ୍ଷ ଟଙ୍କା ଯୋଜନା ଖର୍ଚ୍ଚରେ ବ୍ୟବହୃତ ହେବ । ଏସବୁ ସତ୍ତ୍ୱେ ଅଣଯୋଜନା ବାବଦ ନିଅଣ୍ଟ ଭରଣା କଲାପରେ ଯୋଜନା କମିଶନ୍ ଉପାଧ୍ୟକ୍ଷ ଓ ଆମର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ହୋଇଥିବା ଆଲୋଚନା ମୁତାବକ ସ୍ଥିରୀକୃତ 1,405 କୋଟି ଟଙ୍କାର ରାଜ୍ୟ ଯୋଜନା ବାବଦକୁ ବ୍ୟୟ ବରାଦ କରିବାକୁ ହେଲେ ରାଜ୍ୟ ସରକାରଙ୍କ ବଜେଟ୍‌ରେ 114 କୋଟି 71 ଲକ୍ଷ ଟଙ୍କାର ଅତିରିକ୍ତ ସମ୍ବଳ ସଂଗ୍ରହ କରିବାକୁ ପଡ଼ିବ । ରାଜ୍ୟବାସୀଙ୍କ ଉପରେ ଅଧିକ କର ବସାଇବା ଆମ ସରକାରଙ୍କର ଅଭିପ୍ରାୟ ନୁହେଁ । ତେଣୁ ଏହି ଅତିରିକ୍ତ ସମ୍ବଳ 1990-91 ଆର୍ଥିକ ବର୍ଷରେ ଟିକସ ଓ ଅଣ ଟିକସ ବୃଦ୍ଧି କ୍ଷେତ୍ରରେ ନିଆଯାଇଥିବା ପଦକ୍ଷେପ, କେନ୍ଦ୍ର ସରକାରଙ୍କ ବିଚାରାଧୀନ କନ୍‌ସାଇନ୍‌ମେଣ୍ଟ ଟିକସ, ଅଣଯୋଜନା କ୍ଷେତ୍ରରେ ମିତବ୍ୟୟିତା, ରାଜସ୍ୱରେ ପ୍ଳବତା (buoyancy) ଓ ଆଦାୟ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ମାଧ୍ୟମରେ ସଂଗୃହିତ ହେବ । ଏହିପରି ଭାବେ ରାଜ୍ୟ ସରକାରଙ୍କ ବଜେଟ୍‌ରେ ଯୋଜନା ନିମିତ୍ତ 1,327 କୋଟି 91 ଲକ୍ଷ ଟଙ୍କାର ସମ୍ବଳ ସଂଗୃହିତ ହେବ ବୋଲି ଅଟକଳ କରାଯାଇଛି । ଏତଦ୍ ବ୍ୟତୀତ ରାଜ୍ୟ ବିଦ୍ୟୁତ୍ ବୋର୍ଡ, ପରିବହନ ନିଗମ ଓ ପୌର ସଂସ୍ଥାମାନେ ନିଜ ନିଜ ବଜେଟ୍‌ରେ ଯଥାକ୍ରମେ 70 କୋଟି 90 ଲକ୍ଷ ଟଙ୍କା, 1 କୋଟି 18 ଲକ୍ଷ ଟଙ୍କା, 5 କୋଟି 1 ଲକ୍ଷ ଟଙ୍କା ସମ୍ବଳ ସୃଷ୍ଟି କରିବେ । ଏହିପରି ଭାବରେ ରାଜ୍ୟର ପୂର୍ଣ୍ଣାଙ୍ଗ ଯୋଜନା ଅଟକଳ 1,405 କୋଟି ଟଙ୍କାରେ ଧାର୍ଯ୍ୟ କରାଯାଇଛି ।

12. ଏହାଛଡ଼ା ଆଦିବାସୀ ବହୁଳ ଅଞ୍ଚଳର ଉନ୍ନତି ନିମିତ୍ତ ମିଳୁଥିବା 46 କୋଟି 45 ଲକ୍ଷ ଟଙ୍କାର ଏକ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ (Special Central Assistance) ଓ କର୍ମଚାରୀ ବୀମା, (E.S.I.) UNICEFରୁ ମିଳୁଥିବା 2 କୋଟି 61 ଲକ୍ଷ ଟଙ୍କାର ସାହାଯ୍ୟ ବିନିଯୋଗ ନିମିତ୍ତ ରାଜ୍ୟ ଯୋଜନା ବଜେଟ୍‌ରେ ଉପଯୁକ୍ତ ବ୍ୟୟ ବରାଦ କରାଯାଇଛି ।

13. ଉପରୋକ୍ତ 1405 କୋଟି ଟଙ୍କାର ଯୋଜନା ଅଟକଳ ବିଭିନ୍ନ ଉନ୍ନୟନମୂଳକ କ୍ଷେତ୍ରରେ କିପରି ଭାବରେ ବିନିଯୋଗ କରାଯିବ ତାହା ନିମ୍ନରେ ପ୍ରଦତ୍ତ କରାଗଲା ।

| | (ଲକ୍ଷ ଟଙ୍କାରେ) |
|---|---|
| 1. କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ | 1,61,42·00 |
| 2. ଗ୍ରାମ୍ୟ ଉନ୍ନୟନ | 82,03·00 |
| 3. ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ | 3,19,99·00 |
| 4. ଶିଳ୍ପ ଓ ଖଣିଜ ପଦାର୍ଥ | 88,12·00 |
| 5. ପରିବହନ | 1,06,59·00 |
| 6. ଶକ୍ତି | 3,92,00·00 |
| 7. ବିଜ୍ଞାନ, ବୈଷୟିକ ବିଦ୍ୟା ଓ ପରିବେଶ | 2,22·00 |
| 8. ସାଧାରଣ ଆର୍ଥିକ ସେବା | 14,53·00 |
| 9. ସାଧାରଣ ସାମାଜିକ ସେବା | 2,29,18·00 |
| 10. ସାଧାରଣ ସେବା | 8,92·00 |
| | 14,05,00·00 |

14. କେନ୍ଦ୍ରୀୟ (Central) ଓ କେନ୍ଦ୍ର ପ୍ରବର୍ତ୍ତିତ (Centrally Sponsored) ଯୋଜନା ବାବଦରେ ଯଥାକ୍ରମେ 203 କୋଟି 84 ଲକ୍ଷ ଟଙ୍କା ଓ 288 କୋଟି 77 ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି । ଏଥିପାଇଁ ସମସ୍ତ ଅର୍ଥ ଅନୁଦାନ ବା ଋଣ ଆକାରରେ ମିଳିବ । ରାଜ୍ୟର ଆର୍ଥିକ ସ୍ଥିତି ଉପରେ ଏହାର କୌଣସି ପ୍ରତିକୂଳ ପ୍ରଭାବ ଅନୁଭୂତ ହେବ ନାହିଁ ।

15. ଏହିପରି ଭାବେ 1992-93 ବଜେଟ୍‌ରେ ରାଜ୍ୟ ସରକାରଙ୍କ ସଙ୍ଗଠିତ ପାଣ୍ଠି Consolidated Fund), ଆକସ୍ମିକ ପାଣ୍ଠି (Contingency Fund), ସରକାରୀ ହିସାବ (Public Accounts) ବାବଦରେ ବିଭିନ୍ନ ସୂତ୍ରରୁ ହେଉଥିବା ଆଦାୟ ଓ ବ୍ୟୟର ବିବରଣୀ ପରିଶିଷ୍ଟ–1 ରେ ଦର୍ଶାଯାଇଛି । ଏଥିରେ ସର୍ବମୋଟ ଆୟ 7,427 କୋଟି 14 ଲକ୍ଷ ଟଙ୍କା ଏବଂ ବ୍ୟୟର ପରିମାଣ 7,427 କୋଟି 14 ଲକ୍ଷ ଟଙ୍କା ହେବ ବୋଲି ଅଟକଳ କରାଯାଇଛି । ଏହି ହିସାବ ଅନୁସାରେ 1992-93 ଆର୍ଥିକ ବର୍ଷର ବଜେଟ୍ ଏକ ସମତୁଲ ବଜେଟ୍ ହେବା କଥା । କିନ୍ତୁ ଏହା ବର୍ଷ ଆରମ୍ଭର ପ୍ରାରମ୍ଭିକ ନିଅଣ୍ଟକୁ ଭରଣା କରିବା ପାଇଁ ସକ୍ଷମ ହୋଇପାରୁ ନଥିବାରୁ ବର୍ଷ ଶେଷରେ ତତ୍ତୁଲ୍ୟ ନିଅଣ୍ଟ 112 କୋଟି 95 ଲକ୍ଷ ଟଙ୍କା ରହିବା ଦର୍ଶାଯାଇଛି ।

16. ଗ୍ରାମାଞ୍ଚଳର ସାମୂହିକ ଉନ୍ନତି କରିବା ଆମ ସରକାରଙ୍କର ପ୍ରଧାନ ଲକ୍ଷ୍ୟ । କାରଣ ଆମ ରାଜ୍ୟରେ ଗ୍ରାମାଞ୍ଚଳର ଉନ୍ନତି ବିନା କୌଣସି ଉନ୍ନତି ସମ୍ଭବପର ନୁହେଁ । ମାନ୍ୟବର ସଭ୍ୟମାନେ ଜାଣନ୍ତି ଯେ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ଉନ୍ନତି ନିମିତ୍ତ "ଗ୍ରାମ୍ୟ ଉନ୍ନୟନ ବିଭାଗ" ନାମରେ ଏକ ସ୍ୱତନ୍ତ୍ର ବିଭାଗ ଏହି ସରକାରଙ୍କ ଅମଳରେ ଗଠନ କରାଯାଇଛି । ରାଜ୍ୟ ସରକାରଙ୍କର ବିଭିନ୍ନ ବଜେଟ୍ ଅଟକଳକୁ ଅନୁଧ୍ୟାନ କଲେ ଦେଖାଯିବ ଯେ ସମୁଦାୟ ଅର୍ଥର ଶତକଡ଼ା ପ୍ରାୟ 52 ଭାଗ କେବଳ ଗ୍ରାମାଞ୍ଚଳର ଉନ୍ନତି ପାଇଁ ଉଦ୍ଦିଷ୍ଟ । ଏତଦ୍ ବ୍ୟତୀତ ପଞ୍ଚବାର୍ଷିକ ଓ ବାର୍ଷିକ ଯୋଜନାକୁ ଚୂଡ଼ାନ୍ତ କରି ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ କ୍ଷମତାର ବିକେନ୍ଦ୍ରୀକରଣ କରାଯାଇ ରାଜ୍ୟ ଓ ଜିଲ୍ଲାସ୍ତରରେ ଯୋଜନା ବୋର୍ଡ଼ମାନଙ୍କୁ ଅଧିକ ସକ୍ରିୟ କରାଯାଇଛି ।

17. ରାଜ୍ୟରେ ଥିବା ସରକାରୀ ଉଦ୍ୟୋଗଗୁଡ଼ିକ ମଧ୍ୟରୁ କେତେଗୁଡ଼ିଏ ରୁଗ୍‌ଣ ହୋଇଛନ୍ତି । ରାଜ୍ୟ ସରକାର ଏହି ରୁଗ୍‌ଣ ଅନୁଷ୍ଠାନଗୁଡ଼ିକୁ କିପରି ଭାବେ ସକ୍ରିୟ କରାଯାଇ ପାରିବ ସେଥିପାଇଁ ସର୍ବଦା ଉଦ୍ୟମରତ । ଯେଉଁ ସରକାରୀ ଉଦ୍ୟୋଗଗୁଡ଼ିକ କ୍ଷତିରେ ଚାଲୁଛନ୍ତି ଏବଂ ଏହାର ପରିଚାଳନା ଘରୋଇ ଉଦ୍ୟୋଗ ଦ୍ୱାରା ଭଲଭାବେ ଚାଲିପାରିବ ସେଗୁଡ଼ିକୁ ବେସରକାରୀ ପ୍ରତିଷ୍ଠାନକୁ ହସ୍ତାନ୍ତର କରାଯିବା କଥା ସରକାର ବିଚାର କରିବେ । ଏହି ଦିଗରେ ଆମ ସରକାର କେତୋଟି ସରକାରୀ ଉଦ୍ୟୋଗ ଉପରେ ନୀତିଗତ ନିଷ୍ପତ୍ତି ନେଇ ସାରିଛନ୍ତି ।

18. ବର୍ତ୍ତମାନ ମୁଁ ବଜେଟ୍‌ରେ ଯୋଜନା ଅନ୍ତର୍ଭୁକ୍ତ ବିଭିନ୍ନ ଉନ୍ନୟନ ଓ ସମାଜ ସେବାମୂଳକ କାର୍ଯ୍ୟକ୍ରମ ଉପରେ ବିଶଦ୍ ଭାବେ ଆଲୋକପାତ କରିବାକୁ ଚାହୁଁଛି ।

19. ଆମ ରାଜ୍ୟର ଅର୍ଥନୀତି ମୁଖ୍ୟତଃ କୃଷି ଉପରେ ନିର୍ଭରଶୀଳ । ଉନ୍ନତ କୃଷି ପ୍ରଣାଳୀ ଓ ଯନ୍ତ୍ରପାତି ଉପଯୋଗ କରିବାରେ ଆମ କୃଷକମାନେ ଏ ପର୍ଯ୍ୟନ୍ତ ଅନଭିଜ୍ଞ । ପର୍ଯ୍ୟାପ୍ତ ଜଳସେଚନର ଅଭାବ ଓ ବାରମ୍ବାର ବନ୍ୟା, ବାତ୍ୟା, ମରୁଡ଼ି ଆଦି ବିପର୍ଯ୍ୟୟ ହେତୁ ଆମ ରାଜ୍ୟର ଉତ୍ପାଦିକା ଶକ୍ତି ଆଶାନୁରୂପ ଭାବେ ବୃଦ୍ଧି ପାଇପାରୁ ନାହିଁ । ଏସବୁ ଦୂର କରିବା ନିମିତ୍ତ ଆମ ସରକାର ଜଳସେଚନ ସୁବିଧାର ଉନ୍ନତି ବିଧାନ କରିବା, ବିଭିନ୍ନ ଅର୍ଥକରୀ ଫସଲ ବିଶେଷ କରି ଡାଲି ଓ ତୈଳବୀଜ ଉତ୍ପାଦନ କରିବା ନିମିତ୍ତ ପ୍ରୋତ୍ସାହନ ଦେବା ସଙ୍ଗେ ସଙ୍ଗେ ଚାଷୀମାନଙ୍କୁ ସାର ଏବଂ ଉନ୍ନତ ବିହନ ଓ କୀଟନାଶକ ଔଷଧ ଯୋଗାଇ ଦେବା ନିମିତ୍ତ ସୁବନ୍ଦୋବସ୍ତ କରୁଅଛନ୍ତି ।·1991-92 ଖରିଫ୍ ବର୍ଷରେ ଚାଉଳ ଉତ୍ପାଦନ 67 ଲକ୍ଷ ମେଟ୍ରିକ୍ ଟନ୍ ହେବାର ଆଶା କରାଯାଉଛି । ଏହା ପୂର୍ବ ବର୍ଷର ଉତ୍ପାଦନ ତୁଳନାରେ ପ୍ରାୟ ଶତକଡ଼ା 19 ଭାଗ ଅଧିକ । ସେହିପରି 1991 ଖରିଫ୍ ବର୍ଷରେ ଅଧିକ ଉତ୍ପାଦନକ୍ଷମ ଧାନ ଚାଷ ଉପଯୋଗୀ ଜମିକୁ ଶତକଡ଼ା 5 ଭାଗ ବଢ଼ାଯାଇ ପାରିଛି । 1992-93 ବର୍ଷରେ 71·93 ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି 1990-91 ମସିହାରେ ତୈଳବୀଜ ଓ ଡାଲି ଜାତୀୟ ଖାଦ୍ୟର ଉତ୍ପାଦନ ଯଥାକ୍ରମେ 9 ଲକ୍ଷ ମେଟ୍ରିକ୍ ଟନ୍ ଏବଂ 11·73 ଲକ୍ଷ ମେଟ୍ରିକ୍ ଟନ୍ ହୋଇଥିବା ସ୍ଥଳେ 1991-92 ମସିହାରେ ପ୍ରତ୍ୟେକଟିର ଉତ୍ପାଦନ 12·50 ଲକ୍ଷ ମେଟ୍ରିକ୍ ଟନ୍ ହେବାର ଆଶା କରାଯାଉଛି । ଏହାଦ୍ୱାରା ତୈଳବୀଜ କ୍ଷେତ୍ରରେ ଶତକଡ଼ା 39 ଭାଗ ଅଧିକ ଓ ଡାଲି ଜାତୀୟ କ୍ଷେତ୍ରରେ ଶତକଡ଼ା 6 ଭାଗ ଅଧିକ ଉତ୍ପାଦନ ହୋଇପାରିବ । 1992-93 ମସିହା ନିମିତ୍ତ ତୈଳବୀଜ କ୍ଷେତ୍ରରେ 14·45 ଲକ୍ଷ ମେଟ୍ରିକ୍ ଟନ୍ ଓ ଡାଲି ଜାତୀୟ କ୍ଷେତ୍ରରେ 12·70 ଲକ୍ଷ ମେଟ୍ରିକ୍ ଟନ୍ ଉତ୍ପାଦନ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । 1992-93 ଆର୍ଥିକ ବର୍ଷରେ 2 ଲକ୍ଷ କ୍ୱିଣ୍ଟାଲ୍ ଉତ୍କୃଷ୍ଟ ବିହନ ଚାଷୀମାନଙ୍କୁ ଯୋଗାଇ ଦିଆଯିବ । ସେହିପରି ଜମିର

ଉର୍ବରତା ବୃଦ୍ଧି ଦିଗରେ ଉତ୍କୃଷ୍ଟ ସାର ପ୍ରୟୋଜନର ଏକାନ୍ତ ଆବଶ୍ୟକତା ଥିବାରୁ ମୃତ୍ତିକା ପରୀକ୍ଷା କରାଇ ବିଭିନ୍ନ ଅନୁପାତରେ ସାରର ପ୍ରୟୋଗ ସମ୍ପର୍କରେ କୃଷକମାନଙ୍କୁ ଶିକ୍ଷା ଦିଆଯାଉଅଛି । National Pulses Development Programme (NPDP), Oil Seed Production Programme (OPP), Integrated Programme for Rice Development (IPRD) ପ୍ରଭୃତି କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଦ୍ୱାରା କୃଷୀମାନଙ୍କୁ କୃଷୋପକରଣ ପାଇଁ ଅଧିକ ସହାୟତା ଯୋଗାଇ ଦିଆଯିବାର ସୁବନ୍ଦୋବସ୍ତ କରାଯାଇଛି । ଆଦିବାସୀ ଓ ହରିଜନମାନଙ୍କୁ ଫଳ ଓ ପରିବା ଚାଷ ନିମିତ୍ତ ଉନ୍ନତ ବିହନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ମାଗଣାରେ ଯୋଗାଇ ଦିଆଯିବ । ଆଳୁ ଚାଷର ଉନ୍ନତି ନିମିତ୍ତ ଏକ ସ୍ୱତନ୍ତ୍ର ଯୋଜନା ସରକାର ହାତକୁ ନେଇଛନ୍ତି ଏବଂ ଅନ୍ୟାନ୍ୟ ପନିପରିବାର ଉତ୍ପାଦନ ବୃଦ୍ଧି ନିମିତ୍ତ ସମସ୍ତ ପ୍ରକାରର ଚେଷ୍ଟା କରାଯାଉଛି ଯାହାଦ୍ୱାରା କି ଫଳ ଓ ପନିପରିବା କ୍ଷେତ୍ରରେ ରାଜ୍ୟ ସ୍ୱାବଲମ୍ବୀ ହୋଇପାରିବ ।

20 ଆମ ରାଜ୍ୟରେ ଥିବା 5,900 ହଜାର ହେକ୍ଟର ଜଳସେଚନ ଉପଯୋଗୀ ଜମି ମଧ୍ୟରୁ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପ ଦ୍ୱାରା ଖରିଫ୍ ଏବଂ ରବି ଋତୁରେ 1989 ମସିହା ସୁଦ୍ଧା 1,359 ହଜାର ହେକ୍ଟର ଜମିରେ ଜଳସେଚନର ସୁବିଧା ସୃଷ୍ଟି କରାଯାଇ ପାରିଥିଲା । 1990-91 ଶେଷ ସୁଦ୍ଧା ଏହି ଜମିର ପରିମାଣ 1,370 ହଜାର ହେକ୍ଟରକୁ ବୃଦ୍ଧି ପାଇଥିଲା । 1991-92 ଆର୍ଥିକ ବର୍ଷରେ ଆଉ ପ୍ରାୟ 38 ହଜାର ହେକ୍ଟର ଜମିରେ ଖରିଫ୍ ଓ ରବି ଋତୁକୁ ମିଶାଇ ଜଳସେଚନର ସୁବିଧା ସୃଷ୍ଟି କରାଯାଇ ପାରିବ । 1992-93 ଆର୍ଥିକ ବର୍ଷରେ ବୃହତ୍ ଓ ମଧ୍ୟମ ଜଳସେଚନର ବିକାଶ ନିମିତ୍ତ 250 କୋଟି 43 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହାଦ୍ୱାରା ଖରିଫ୍ ଋତୁରେ ଆଉ 21·22 ହଜାର ହେକ୍ଟର ଜମିରେ ଓ ରବି ଋତୁରେ 16·49 ହଜାର ହେକ୍ଟର ଅଧିକା ଜମିରେ ଜଳସେଚନର ସୁବିଧା ଯୋଗାଇ ଦିଆଯାଇ ପାରିବ । କେନ୍ଦ୍ରୀୟ ଯୋଜନାରେ 5 କୋଟି 60 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ତିନି ଗୋଟି ବୈଦେଶିକ ସାହାଯ୍ୟପ୍ରାପ୍ତ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ, ନଅ ଗୋଟି ବୃହତ୍ ଜଳସେଚନ ପ୍ରକଳ୍ପର ଆଧୁନିକୀକରଣ ସମେତ ଅନ୍ୟାନ୍ୟ ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ କରିବା ନିମିତ୍ତ ଉପରୋକ୍ତ ଅର୍ଥର ବ୍ୟବସ୍ଥା କରାଯାଇଅଛି । ବନ୍ୟା ନିୟନ୍ତ୍ରଣ ଓ ଉପକୂଳବର୍ତ୍ତୀ ଅଞ୍ଚଳକୁ ସାମୁଦ୍ରିକ ଜଳ ପ୍ଲାବନରୁ ରକ୍ଷା କରିବା ଉଦ୍ଦେଶ୍ୟରେ ବନ୍ଧବାଡ଼ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଅଛି । ଏହି ପ୍ରକ୍ରିୟାରେ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଓ ତ୍ୱରାନ୍ୱିତ କରିବା ନିମିତ୍ତ 5 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଅଛି ।

କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକ ନିମିତ୍ତ 1991-92 ଆର୍ଥିକ ବର୍ଷରେ 29 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା । ଏହାଦ୍ୱାରା ଅଧିକା 6,142 ହେକ୍ଟର୍ ଜମିରେ ଖରିଫ ଋତୁରେ ଏବଂ 570 ହେକ୍ଟର୍ ଜମିରେ ରବି ଋତୁରେ ଜଳସେଚନ ସୁବିଧା ଯୋଗାଇ ଦିଆଯାଇ ପାରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଆଦିବାସୀ ବହୁଳ ଅଞ୍ଚଳ ନିମିତ୍ତ ବ୍ୟୟ କରାଯାଇଥିବା 9 କୋଟି 82 ଲକ୍ଷ ଟଙ୍କା ମଧ ଏହାର ଅନ୍ତର୍ଭୁକ୍ତ ଓ ଏହା ଦ୍ୱାରା 2,640 ହେକ୍ଟର୍ ଖରିଫ୍ ଋତୁରେ ଏବଂ 300 ହେକ୍ଟର୍ ରବି ଋତୁରେ ଜଳସେଚନ ହୋଇପାରିବ । 1992-93 ଆର୍ଥିକ ବର୍ଷ ନିମିତ୍ତ 29 କୋଟି 35 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି ଏବଂ ଏହାଦ୍ୱାରା ଖରିଫ୍ ଋତୁରେ 6,550 ହେକ୍ଟର୍ ଏବଂ ରବି ଋତୁରେ 3,520 ହେକ୍ଟର୍ ଅଧିକ ଜମିକୁ ଜଳସେଚିତ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ପଚିଶି ଗୋଟି କ୍ଷୟପ୍ରାପ୍ତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡ଼ିକର ପୁନଃ ନିର୍ମାଣ ନିମିତ୍ତ ସାହାଯ୍ୟ ସକାଶେ ୟୁରୋପୀୟ ଇକୋନୋମିକ୍ କମ୍ୟୁନିଟିକୁ ସାହାଯ୍ୟ ପାଇଁ ଅନୁରୋଧ କରାଯାଇଥିଲା । ୟୁରୋପୀୟ ଇକୋନୋମିକ୍ କମ୍ୟୁନିଟିର ସମ୍ପୃକ୍ତ ଅଫିସରମାନେ ଏହାର ତଦାରଖ କରିସାରିବା ପରେ ସାତଗୋଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଯୋଜନାର ପୁନଃ ନିର୍ମାଣ କାର୍ଯ୍ୟ ନିମିତ୍ତ ସାହାଯ୍ୟ ଯୋଗାଇବେ ବୋଲି ଆପାତତଃ ସ୍ଥିର କରିଛନ୍ତି ।

1991-92 ଆର୍ଥିକ ବର୍ଷରେ ସାତଶହ ଗୋଟି ନୂଆ ଉଠା ଜଳସେଚନ ପ୍ରକଳ୍ପ ବସାଇବାର ସ୍ଥିର କରାଯାଇଥିଲା । ଏହାଦ୍ୱାରା 14 ହଜାର ହେକ୍ଟର ଅଧିକା ଜମିରେ ଜଳସେଚନର ସୁବିଧା ଯୋଗାଇ ଦିଆଯାଇ ପାରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । 1992-93 ଆର୍ଥିକ ବର୍ଷରେ ମଧ ସାତଶହ ଗୋଟି ନୂଆ ପ୍ରକଳ୍ପ ନିର୍ମାଣ କରି 14 ହଜାର ହେକ୍ଟର ଅଧିକା ଜମିରେ ଜଳସେଚନର ସୁବିଧା ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

21. ଯେ କୌଣସି ରାଜ୍ୟର ପ୍ରଗତି ବିଦ୍ୟୁତ୍ ଶକ୍ତି ଉତ୍ପାଦନ ଉପରେ ବହୁ ପରିମାଣରେ ନିର୍ଭରଶୀଳ । ଆମ ରାଜ୍ୟରେ 12,178 ନିୟୁତ ୟୁନିଟ୍‌ର ଆବଶ୍ୟକତା ଥିବାବେଳେ ମାତ୍ର 6,627 ନିୟୁତ ୟୁନିଟ୍ ଉତ୍ପାଦିତ ହେଉଅଛି । ଏହାକୁ ଦୃଷ୍ଟିରେ ରଖି ଶକ୍ତି ବିଭାଗର ବଜେଟ୍‌ରେ 1992-93 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନାରେ ସର୍ବାଧିକ ଟଙ୍କାର (319 କୋଟି 85 ଲକ୍ଷ) ବ୍ୟୟ ବରାଦ କରା ହୋଇଛି । 1992 ଅଗଷ୍ଟ ମାସ ସୁଦ୍ଧା ରେଙ୍ଗାଲି ଜଳ ବିଦ୍ୟୁତ୍ ପ୍ରକଳ୍ପର ପ୍ରଥମ ୟୁନିଟ୍ କାର୍ଯ୍ୟକାରୀ ହେବ । ସେହିପରି 1992 ମାର୍ଚ୍ଚ ସୁଦ୍ଧା ଉପର କୋଲାବ ଜଳ ବିଦ୍ୟୁତ୍ ପ୍ରକଳ୍ପ କାର୍ଯ୍ୟକ୍ଷମ

ହେବ। ଦୁର୍ଭାଗ୍ୟବଶତଃ ବିପର୍ଯ୍ୟୟଜନିତ କ୍ଷୟକ୍ଷତି ଯୋଗୁ ଉପର ଇନ୍ଦ୍ରାବତୀ ପ୍ରକଳ୍ପର ପ୍ରଥମ ବିଦ୍ୟୁତ୍ ୟୁନିଟ୍ ଯାହାକି ସେପ୍ଟେମ୍ବର 1992ରେ ଚାଲୁ କରାଯାଇଥାନ୍ତା, ତାହା ସେପ୍ଟେମ୍ବର 1993ରେ ଚାଲୁ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି ପ୍ରକଳ୍ପର ଚତୁର୍ଥ ୟୁନିଟ୍ ସେପ୍ଟେମ୍ବର 1994 ସୁଦ୍ଧା କାର୍ଯ୍ୟକାରୀ ହେବ। ଓଡ଼ିଶାର Power Generation Corporation ଜରିଆରେ ଇବ୍ ତାପଜ ବିଦ୍ୟୁତ୍ କେନ୍ଦ୍ରର ନିର୍ମାଣକୁ ତ୍ୱରାନ୍ୱିତ କରାଯାଇଛି। ଏଥି ସକାଶେ 1992-93 ମସିହା ବଜେଟ୍‌ରେ ଅଧିକ ଅର୍ଥ ବ୍ୟବସ୍ଥା କରାଯାଇଛି। ଏହାର ପ୍ରଥମ ଏବଂ ଦ୍ୱିତୀୟ ୟୁନିଟ୍ ଯଥାକ୍ରମେ 1993 ମସିହା ମାର୍ଚ୍ଚ ଓ ସେପ୍ଟେମ୍ବର ସୁଦ୍ଧା ଶେଷ ହେବ ବୋଲି ଲକ୍ଷ୍ୟ ରଖାଯାଇଛି।

ବିଦ୍ୟୁତ୍ ଚାହିଦାର ଅଭାବ ମେଣ୍ଟାଇବା ସଙ୍ଗେ ସଙ୍ଗେ ନୂତନ ସମ୍ବଳ ସୃଷ୍ଟି ନିମନ୍ତେ ସରକାର ବେସରକାରୀ ସଂସ୍ଥାମାନଙ୍କୁ ତାପଜ ବିଦ୍ୟୁତ୍ ଉତ୍ପାଦନ କରିବା ନିମନ୍ତେ ପ୍ରୋତ୍ସାହନ ଦେଉଅଛନ୍ତି। ଏହା ଫଳରେ ସାତଟି ବେସରକାରୀ ସଂସ୍ଥା ରାଜ୍ୟର ବିଭିନ୍ନ ସ୍ଥାନରେ କୋଇଲା ଭିତ୍ତିକ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ସ୍ଥାପନ ନିମନ୍ତେ ଆବେଦନ କରିଅଛନ୍ତି। ଏହା ସରକାରଙ୍କ ବିଚାରାଧୀନ ଅଛି। କଟକ ଜିଲ୍ଲାର ଦୁବୁରିଠାରେ ଏକ ହଜାର ମେଗାୱାଟ୍ ଶକ୍ତି ସମ୍ପନ୍ନ ଏକ ତାପଜ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରିବା ନିମନ୍ତେ ରାଜ୍ୟ ସରକାର କଳିଙ୍ଗ କନ୍‌ସୋର୍ଟିୟମ୍ (Kalinga Consortium) ସହିତ ଆଲୋଚନା କରିଅଛନ୍ତି। ଏ ଦିଗରେ ଆନୁଷଙ୍ଗିକ ଅନୁସନ୍ଧାନ ଆଦି କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏତଦ୍ ବ୍ୟତୀତ ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ Southern Electric International ଇବ୍ ଉପତ୍ୟକାରେ ଦୁଇ ହଜାର ତିନିଶହ ଚାଳିଶ ମେଗାୱାଟ୍ କ୍ଷମତା ବିଶିଷ୍ଟ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା କରିବା ନିମନ୍ତେ ଆଗ୍ରହ ପ୍ରକାଶ କରିଅଛନ୍ତି। ରାଜ୍ୟରେ ପ୍ରଚୁର ଜଳ ଓ ଶକ୍ତି ଭିତ୍ତିକ କୋଇଲା ମହଜୁଦ୍ ଥିବାରୁ ଆମ ମୁଖ୍ୟମନ୍ତ୍ରୀ ଇବ୍ ଉପତ୍ୟକା ଏବଂ ତାଳଚେର କୋଇଲା ଅଞ୍ଚଳରେ 10,000 ମେଗାୱାଟ୍ ଶକ୍ତି ବିଶିଷ୍ଟ ଏକ ସୁପର ତାପଜ ବିଦ୍ୟୁତ୍ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଭାରତର ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କଣାଇଅଛନ୍ତି। ତଦନୁସାରେ ସମ୍ବଲପୁର ଜିଲ୍ଲାର ହିରମାଠାରେ ଏକ ସୁପର ତାପଜ ବିଦ୍ୟୁତ୍ ପ୍ରକଳ୍ପ ପ୍ରତିଷ୍ଠା ନିମିତ୍ତ ଏନ୍. ଟି. ପି. ସି. ଏକ ପ୍ରସ୍ତାବ ଦେଇଅଛନ୍ତି।

ଉପରୋକ୍ତ ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଆମ ରାଜ୍ୟର ଆବଶ୍ୟକୀୟ ଚାହିଦା ପୂରଣ ହେବା ସଙ୍ଗେ ସଙ୍ଗେ ବଳକା ଶକ୍ତି ଅନ୍ୟ ରାଜ୍ୟକୁ ମଧ୍ୟ ଯୋଗାଇ ଦିଆଯାଇ ପାରିବ।

ରାଜ୍ୟର ମୋଟ 46,992 ଗ୍ରାମ ମଧ୍ୟରୁ 1991 ସୁଦ୍ଧା 31,471 ଗ୍ରାମକୁ ବିଦ୍ୟୁତ୍‌କରଣ କରାଯାଇଛି ଯାହାକି ମୋଟ ଗ୍ରାମର 66·97 ଶତାଂଶ। 1991-92ରେ ଏକ ହଜାର ଗ୍ରାମକୁ ବିଦ୍ୟୁତ୍‌କରଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା। ଅଷ୍ଟମ ଯୋଜନା କାଳରେ (1992—97) ଦଶ ହଜାର ଗ୍ରାମକୁ ବିଦ୍ୟୁତ୍‌କରଣ କରିବାର ଲକ୍ଷ୍ୟ ରହିଛି। ତନ୍ମଧ୍ୟରୁ 1992-93ରେ ଦୁଇ ହଜାର ଗ୍ରାମକୁ ବିଦ୍ୟୁତ୍‌କରଣ କରାଯିବାର ପ୍ରସ୍ତାବ ରଖାଯାଇଛି।

22. ସମସ୍ତ ରାଜ୍ୟବାସୀଙ୍କ ସୁବିଧାରେ ପାନୀୟ ଜଳ ଯୋଗାଇବା ଆମ ସରକାରଙ୍କ ପ୍ରଧାନ ଲକ୍ଷ୍ୟ। 1991-92 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ବଜେଟ୍‌ରେ ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ନିମିତ୍ତ 27 କୋଟି 70 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। କେନ୍ଦ୍ରୀୟ ଯୋଜନାରେ ମଧ୍ୟ ଏଥି ନିମିତ୍ତ ସମ ପରିମାଣର ବ୍ୟୟ ବ୍ୟବସ୍ଥା କରାଯାଇଥିଲା। 1991-92 ଆର୍ଥିକ ବର୍ଷରେ 10,120ଟି ନଳକୂପ ବସାଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପାଇପ୍ ଜଳ ଯୋଗାଣ ନିମିତ୍ତ ପ୍ରବର୍ତ୍ତିତ 48ଟି ଯୋଜନା ମଧ୍ୟରୁ ଏହି ଆର୍ଥିକ ବର୍ଷରେ 44ଟି ଯୋଜନା ସମ୍ପୂର୍ଣ୍ଣ ହେବାର ଆଶା କରାଯାଉଛି। ଏହା ବ୍ୟତୀତ ଛଅଟି ନୂତନ ପାଇପ୍ ଜଳ ଯୋଗାଣ ଯୋଜନା ଏହି ବର୍ଷ କାର୍ଯ୍ୟକାରୀ ହେବ। ତତ୍ ସଙ୍ଗେ ସଙ୍ଗେ ଆଉ 69ଟି ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ କରିବା ନିମନ୍ତେ ସରକାରଙ୍କ ଯୋଜନା ଅଛି। ଏପର୍ଯ୍ୟନ୍ତ 600ଟି ବିନା ଉତ୍ସ ଗ୍ରାମ (No source village) ମଧ୍ୟରୁ 59ଟି ଗ୍ରାମରେ ପାନୀୟ ଜଳ ଯୋଗାଇ ଦିଆଯାଇ ପାରିଲାଣି। 315ଟି ଗ୍ରାମରେ ଆଂଶିକ ଭାବେ ପାନୀୟ ଜଳ ଯୋଗାଇ ଦିଆଯାଇଛି। 1992-93 ଆର୍ଥିକ ବର୍ଷରେ 495ଟି ବିନା ଉତ୍ସ ଗ୍ରାମରେ ନଳକୂପ ବସାଇବା ଲକ୍ଷ୍ୟ ରଖାଯାଇଛି।

ସହରାଞ୍ଚଳରେ ଜଳ ଯୋଗାଣ ଓ ଜଳ ନିଷ୍କାସନ ବ୍ୟବସ୍ଥାକୁ ସକ୍ରିୟ କରିବା ନିମିତ୍ତ ଏକ ନୂତନ ବୋର୍ଡ଼ ଗଠନ କରାଯାଇଛି। ଭୁବନେଶ୍ୱର ସହରରେ ପାନୀୟ ଜଳର ଚାହିଦା ମେଣ୍ଟାଇବା ନିମିତ୍ତ HUDCO ସହାୟତାରେ ନରାଜଠାରେ ଏକ ବିରାଟ ପ୍ରକଳ୍ପ ସରକାର କାର୍ଯ୍ୟକାରୀ କରୁଛନ୍ତି। 1990-91 ଆର୍ଥିକ ବର୍ଷରେ ବିଭିନ୍ନ ପୌରାଞ୍ଚଳଗୁଡ଼ିକରେ 200ଟି ନଳକୂପ ବସାଯାଇଥିଲା। 1991-92 ଆର୍ଥିକ ବର୍ଷର ଡିସେମ୍ବର ମାସ ଶେଷ ସୁଦ୍ଧା ଆଉ 65ଟି ନଳକୂପ ବସାଯାଇ ସାରିଛି। 1992-93 ଆର୍ଥିକ ବର୍ଷରେ 16 କୋଟି ଟଙ୍କା ଖର୍ଚ୍ଚ ବିନିମୟରେ ବିଭିନ୍ନ ପୌରାଞ୍ଚଳରେ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। HUDCO ସହାୟତାରେ 43 କୋଟି

ପୌରାଞ୍ଚଳରେ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା କରାଯିବାର ନିଷ୍ପତ୍ତି ନିଆଯାଇଛି । ଏଥି ମଧ୍ୟରୁ 1992-93 ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ଅଂଶ 3 କୋଟି 40 ଲକ୍ଷ ଟଙ୍କା ବ୍ୟୟରେ ୨ଟି ପୌରାଞ୍ଚଳରେ ପାଇପ୍ ଜଳ ଯୋଗାଣ ବ୍ୟବସ୍ଥା କରାଯିବ । ଭୁବନେଶ୍ୱର, କଟକ ଓ ଭବାନୀପାଟଣା ସହରରେ ଆବର୍ଜନା ନିଷ୍କାସନ ନିମନ୍ତେ ଯୋଜନାମାନ କାର୍ଯ୍ୟକାରୀ ହେଉଛି । ୱାପ୍‌କୋ (WAPCO) ନାମକ ଏକ ସଂସ୍ଥା ଜରିଆରେ ଭୁବନେଶ୍ୱର ନିମିତ୍ତ ଏକ ସମନ୍ୱିତ ଆବର୍ଜନା ନିଷ୍କାସନ ଯୋଜନା ପ୍ରସ୍ତୁତ କରାଯାଉଛି । ଏହି ସଂସ୍ଥାକୁ କଟକର ଆବର୍ଜନା ନିଷ୍କାସନ କାର୍ଯ୍ୟରେ ନିୟୋଜିତ କରାଯାଇ ସାରିଛି ।

23. ରାଜ୍ୟର ଦୁର୍ବଳ ଶ୍ରେଣୀର ଲୋକମାନଙ୍କୁ ସୁବିଧାରେ ବାସଗୃହ ଯୋଗାଇ ଦେବା ରାଜ୍ୟ ସରକାରଙ୍କ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । 1991-92 ଆର୍ଥିକ ବର୍ଷରେ 7 କୋଟି ଟଙ୍କା ବ୍ୟୟରେ ବିଭିନ୍ନ କିସମର 4,473ଟି ଗୃହ ନିର୍ମାଣ ପାଇଁ ଓ ଗୃହ ନିର୍ମାଣକାରୀ ସଂସ୍ଥାମାନଙ୍କୁ ଗୃହ ନିର୍ମାଣ ବାବଦରେ ବିଭିନ୍ନ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ଆର୍ଥିକ ସାହାଯ୍ୟ ଦେବାର ବ୍ୟବସ୍ଥା କରାଯାଇଛି । ଏତଦ୍ ବ୍ୟତୀତ ନ୍ୟୁନତମ ଆବଶ୍ୟକତା କାର୍ଯ୍ୟକ୍ରମରେ ଚଳିତ ବର୍ଷ 10,733 ଜଣ ହିତାଧିକାରୀମାନଙ୍କୁ ଗୃହ ନିର୍ମାଣ ପାଇଁ 3 କୋଟି 22 ଲକ୍ଷ ଟଙ୍କା ଆର୍ଥିକ ସାହାଯ୍ୟ ଦେବାକୁ ବ୍ୟୟ ବରାଦ କରାଯାଉଛି । ଏଥି ମଧ୍ୟରୁ 1992 ଜାନୁୟାରୀ ମାସ ଶେଷ ସୁଦ୍ଧା 2,023 ଜଣ ହିତାଧିକାରୀ ଉପକୃତ ହୋଇ ସାରିଛନ୍ତି ।

1992-93 ଆର୍ଥିକ ବର୍ଷରେ ଗୋଷ୍ଠୀ ପରିଚାଳନା ଭିତ୍ତିକ ଆୟ ସାହାଯ୍ୟ ଗୃହ ବ୍ୟବସ୍ଥା ପରିକଳ୍ପନାରେ 29 କୋଟି ୨0 ଲକ୍ଷ ଟଙ୍କା ବ୍ୟୟରେ 15,900ଟି ଗୃହ ଆର୍ଥିକ ଦୁର୍ବଳ ଓ ନିମ୍ନ ଆୟକାରୀ ବର୍ଗର ବ୍ୟକ୍ତିମାନଙ୍କ ପାଇଁ ନିର୍ମାଣ କରିବାର ପ୍ରସ୍ତାବ ଅଛି, ଏଥିପାଇଁ ହୁଡ୍‌କୋ ସଂସ୍ଥାଠାରୁ 23 କୋଟି 35 ଲକ୍ଷ ଟଙ୍କା ଋଣ ଆଣିବାର ଯୋଜନା ଅଛି ।

24. ରାଜ୍ୟ ସରକାର ଉପଲବ୍ଧି କରିଅଛନ୍ତି ଯେ ମାନବ ସମ୍ବଳର ପୂର୍ଣ୍ଣ ବିକାଶ ବିନା ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ସମ୍ଭବପର ନୁହେଁ । ତେଣୁ ଶିକ୍ଷା ବିଭାଗର ବଜେଟ୍‌ରେ ରାଜ୍ୟ ସରକାର ସର୍ବାଧିକ ବ୍ୟୟ ବରାଦର ବ୍ୟବସ୍ଥା କରିଅଛନ୍ତି । ରାଜ୍ୟରେ ଥିବା 6 ବର୍ଷରୁ 11 ବର୍ଷ ବୟସ୍କ ପିଲାମାନେ ସମସ୍ତେ କିପରି ଶିକ୍ଷାଲାଭ କରିପାରିବେ, ସେଥି ନିମିତ୍ତ ବିଭିନ୍ନ ପଦକ୍ଷେପ ନିଆଯାଇଛି । 1990-91 ଓ 1991-92 ଆର୍ଥିକ ବର୍ଷରେ ପ୍ରାୟ 500 ପ୍ରାଥମିକ ବିଦ୍ୟାଳୟ ଖୋଲା ଯାଇଛି ଓ 1992-93 ଆର୍ଥିକ ବର୍ଷରେ ଆଉ 400 ପ୍ରାଥମିକ ବିଦ୍ୟାଳୟ ଖୋଲିବା ନିମନ୍ତେ ସରକାରଙ୍କ ପ୍ରସ୍ତାବ ରହିଛି । ପ୍ରାଥମିକ ଶିକ୍ଷାର ମାନ ଉନ୍ନତି ନିମନ୍ତେ 3,802 ସାହାଯ୍ୟପ୍ରାପ୍ତ ମଧ୍ୟ ଇଂରାଜୀ ବିଦ୍ୟାଳୟଗୁଡ଼ିକୁ ସରକାର 1-4-1991ରୁ ନିଜ ହାତକୁ ନେଇ ଅଛନ୍ତି । ବଳକା 1,294 ମଧ୍ୟ ଇଂରାଜୀ ସାହାଯ୍ୟପ୍ରାପ୍ତ ବିଦ୍ୟାଳୟଗୁଡ଼ିକୁ ପର୍ଯ୍ୟାୟକ୍ରମେ ପରିଚାଳନା କମିଟିର ସମ୍ମତି ସହ ସରକାର ହାତକୁ ନେବେ ବୋଲି ସ୍ଥିର କରିଅଛନ୍ତି । ପ୍ରଶାସନିକ ଦକ୍ଷତାର ଅଭିବୃଦ୍ଧି ନିମନ୍ତେ ରାଜ୍ୟକୁ କେତେକ ଅଞ୍ଚଳରେ ବିଭକ୍ତ କରାଯାଇ ପ୍ରତି ଅଞ୍ଚଳରେ ଜଣେ ଲେଖାଏଁ ଯୁଗ୍ମ ନିର୍ଦ୍ଦେଶକ ନିଯୁକ୍ତି କରାଯିବାର ପ୍ରସ୍ତାବ ରହିଛି । କଳାପଟା ଅଭିଯାନ (Operation Black Board) କାର୍ଯ୍ୟକ୍ରମରେ ବର୍ତ୍ତମାନ ସୁଦ୍ଧା 30,940 ପ୍ରାଥମିକ ବିଦ୍ୟାଳୟକୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯାଇଛି । 1990-91 ଓ 1991-92 ଆର୍ଥିକ ବର୍ଷରେ 3,292 ଜଣ ନୂଆ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇ ସାରିଛି । ଉଚ୍ଚପ୍ରାଥମିକ ଶିକ୍ଷାର ସୁଯୋଗ ବୃଦ୍ଧି ନିମିତ୍ତ 1992-93 ଆର୍ଥିକ ବର୍ଷରେ 1,500ଟି ନୂଆ ମଧ୍ୟ ଇଂରାଜୀ ବିଦ୍ୟାଳୟ ଖୋଲାଯିବାର ପ୍ରସ୍ତାବ ରହିଛି ଏବଂ ପ୍ରତ୍ୟେକ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଗୋଟିଏ ଲେଖାଏଁ ଅଧିକା ଶିକ୍ଷକ ନିଯୁକ୍ତିର ଯୋଜନା କରାଯାଇଛି । ରାଜ୍ୟରୁ ସମ୍ପୂର୍ଣ୍ଣ ରୂପେ ନିରକ୍ଷରତା ଦୂରୀକରଣ ନିମିତ୍ତ ତିନି ଗୋଟି ଜିଲ୍ଲାକୁ ସମ୍ପୂର୍ଣ୍ଣ ସାକ୍ଷର ଜିଲ୍ଲାରେ ପରିଣତ କରିବା ପାଇଁ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଅଛି । ଅନ୍ୟ ଜିଲ୍ଲାଗୁଡ଼ିକରେ ୫0 ଗୋଟି କେନ୍ଦ୍ରଭିତ୍ତିକ ପ୍ରକଳ୍ପ Centre Based Projects) ମଧ୍ୟ ପ୍ରଚଳନ କରାଯିବାର ବ୍ୟବସ୍ଥା କରାଯାଇଅଛି । ବର୍ତ୍ତମାନ ରାଜ୍ୟରେ 1,564ଟି ଜନଶିକ୍ଷା ନିଳୟମ୍ ସ୍ଥାପିତ ହୋଇଛି ଯାହାକି ନିରକ୍ଷରମାନଙ୍କର ସାକ୍ଷର ପରବର୍ତ୍ତୀ ଆବଶ୍ୟକତା ପୂରଣ କରିବ । 1992-93 ଆର୍ଥିକ ବର୍ଷରେ ଏହିପରି 250 ଗୋଟି ଜନଶିକ୍ଷା ନିଳୟମ୍ ଖୋଲିବାର କାର୍ଯ୍ୟକ୍ରମ ରହିଛି ।

ଗ୍ରାମାଞ୍ଚଳରେ ଉଚ୍ଚ ଶିକ୍ଷାର ଉନ୍ନତି ନିମିତ୍ତ 1992-93 ଆର୍ଥିକ ବର୍ଷରେ ଉଚ୍ଚ ବିଦ୍ୟାଳୟ ନଥିବା ଗ୍ରାମପଞ୍ଚାୟତମାନଙ୍କରେ 150 ଗୋଟି ଉଚ୍ଚ ବିଦ୍ୟାଳୟ ଖୋଲାଯିବ ଏବଂ ଏହି କାର୍ଯ୍ୟକ୍ରମ ପରବର୍ତ୍ତୀ ବର୍ଷମାନଙ୍କରେ ମଧ୍ୟ ଲାଗୁ ରହିବ । ବିଶ୍ୱ ବିଦ୍ୟାଳୟଗୁଡ଼ିକୁ ଅଧିକ ସାହାଯ୍ୟ ଦେଇ ଶିକ୍ଷାର-ମାନବୃଦ୍ଧି କରିବା ନିମିତ୍ତ ସର୍ବବିଧ ସୁବନ୍ଦୋବସ୍ତ କରାଯାଉଛି ।

25. ଏହି ଶତାବ୍ଦୀର ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଜନସାଧାରଣ ଯେପରି ସୁବିଧାରେ ସମସ୍ତ ପ୍ରକାର ସ୍ୱାସ୍ଥ୍ୟସେବା ପାଇ ପାରିବେ ତାହା ଆମର ଲକ୍ଷ୍ୟ । ଏହି ଲକ୍ଷ୍ୟ ହାସଲ ନିମିତ୍ତ ଚିକିତ୍ସା ବିଜ୍ଞାନର ସମସ୍ତ ଶାଖା ଯଥା ଏଲୋପାଥି,

ହୋମିଓପାଥି, ଆୟୁର୍ବେଦ ଏବଂ ୟୁନାନୀର ପ୍ରସାର କରାଯିବ । ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଶଯ୍ୟା ସଂଖ୍ୟା ବୃଦ୍ଧି କରି ଡାକ୍ତରଖାନାରେ ରହି ଚିକିତ୍ସିତ ହେବାର ସୁବିଧା ଓ ସୁଯୋଗକୁ ବ୍ୟାପକ କରାଯିବ । କଳାହାଣ୍ଡି ଓ କୋରାପୁଟ ଜିଲ୍ଲାରେ ଥିବା ଅନଗ୍ରସର ବ୍ଲକଗୁଡ଼ିକରେ ସମସ୍ତଙ୍କ ପାଖରେ ସୁବିଧାରେ ସ୍ୱାସ୍ଥ୍ୟସେବା ପହଞ୍ଚାଇବା ନିମିତ୍ତ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଚଳନ କରାଯାଇଅଛି । ଏହାକୁ ଆସନ୍ତା ଆର୍ଥିକ ବର୍ଷରେ ଆହୁରି ବ୍ୟାପକ କରାଯିବ । 2000 ମସିହା ସୁଦ୍ଧା ଆମ ଦେଶରେ ଦୃଷ୍ଟିହୀନତାର ଶତାଂଶ 1·4ରୁ 0·3କୁ କମାଇବା ପାଇଁ ଜାତୀୟ ସ୍ତରରେ ଏକ କାର୍ଯ୍ୟକ୍ରମ ସରକାର ହାତକୁ ନେଇଅଛନ୍ତି । 1991-92 ଆର୍ଥିକ ବର୍ଷରେ 1,80,726 ବ୍ୟକ୍ତିଙ୍କର ଚକ୍ଷୁ ପରୀକ୍ଷା କରାଯାଇ 5,779 ଟି ଅସ୍ତ୍ରୋପଚାର କରାଯାଇଛି । ସେହିପରି 2000 ଖ୍ରୀଷ୍ଟାବ୍ଦ ସୁଦ୍ଧା କୁଷ୍ଠ ରୋଗର ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ଜାତୀୟ ସ୍ତରରେ ନିଆଯାଇଥିବା କାର୍ଯ୍ୟକ୍ରମ ଆମ ରାଜ୍ୟରେ ମଧ୍ୟ ଆଠଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯାଇଛି । ନିର୍ଦ୍ଧାରିତ ସମୟ ମଧ୍ୟରେ ଯକ୍ଷ୍ମା ରୋଗକୁ ଆରୋଗ୍ୟ କରିବା ନିମନ୍ତେ ଏକ କାର୍ଯ୍ୟକ୍ରମ ଆଠଟି ଜିଲ୍ଲାରେ ପ୍ରବର୍ତ୍ତନ କରାଯାଇଛି ।

26. ଏହା କହିବା ବାହୁଲ୍ୟ ଯେ ଜନସଂଖ୍ୟା ବୃଦ୍ଧି ଦେଶର ପ୍ରଗତିର ଏକ ପ୍ରଧାନ ପ୍ରତିବନ୍ଧକ । ଏହାକୁ ପ୍ରତିହତ କରିବା ନିମିତ୍ତ ଜନସାଧାରଣଙ୍କ ମନରେ ସଚେତନତା ସୃଷ୍ଟି କରି ସେ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ିବ । ଶିଶୁମାନଙ୍କ ସ୍ୱାସ୍ଥ୍ୟରକ୍ଷା ନିମିତ୍ତ ସେମାନେ ଆକ୍ରାନ୍ତ ହେଉଥିବା ଡ଼ିପ୍‌ଥେରିଆ, ଧନୁଷ୍ଟଙ୍କାର, ଯକ୍ଷ୍ମା ଏବଂ ପୋଲିଓ ପ୍ରଭୃତି ରୋଗର ପ୍ରତିଷେଧକ ବ୍ୟବସ୍ଥା କରାଯାଇଛି । ଏହାକୁ 1992-93ରେ ଆହୁରି ବ୍ୟାପକ କରାଯିବ ।

27. ଦ୍ରୁତ ଶିଳ୍ପ ବିକାଶ ପାଇଁ ବାତାବରଣ ସୃଷ୍ଟି କରିବା ନିମନ୍ତେ ଆମ ସରକାର ବିଭିନ୍ନ ପ୍ରୋତ୍ସାହନ ଦେବା ସଙ୍ଗେ ସଙ୍ଗେ ବିଭିନ୍ନ ଭିତ୍ତି ଭୂମି ପ୍ରତିଷ୍ଠା କରିବା ଦିଗରେ ସର୍ବଦା ଉଦ୍ୟମ କରି ଆସୁଛନ୍ତି । ସପ୍ତମ ଯୋଜନା ଶେଷ ସୁଦ୍ଧା ରାଜ୍ୟରେ 233 କୋଟି ଟଙ୍କା ବିନିଯୋଗରେ 12,408ଟି କ୍ଷୁଦ୍ର ଶିଳ୍ପ ସଂସ୍ଥା ଉତ୍ପାଦନକ୍ଷମ ହୋଇପାରିଥିଲା । 1990-91 ମସିହାରେ 2,249ଟି କ୍ଷୁଦ୍ର ଶିଳ୍ପ ସଂସ୍ଥା ଉତ୍ପାଦନ ଆରମ୍ଭ କରିଥିଲା । 1991-92 ଆର୍ଥିକ ବର୍ଷରେ 44·62 କୋଟି ଟଙ୍କା ବିନିଯୋଗରେ 2,220ଟି କ୍ଷୁଦ୍ର ଶିଳ୍ପ ସଂସ୍ଥା ଉତ୍ପାଦନକ୍ଷମ ହୋଇପାରିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଅଷ୍ଟମ ଯୋଜନାରେ ଗୁଣାତ୍ମକ ମାନ ଅଭିବୃଦ୍ଧି, ସହାୟକ ଶିଳ୍ପର ବିକାଶ ଏବଂ ଉନ୍ନତ ବୈଷୟିକ ଜ୍ଞାନ କୌଶଳ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଅଛି । କ୍ଷୁଦ୍ର ଓ ହସ୍ତତନ୍ତର ବିକାଶ ପାଇଁ ପୂର୍ବ ବର୍ଷ ଅପେକ୍ଷା ଅଧିକ ବ୍ୟୟ ବରାଦ କରାହୋଇଛି । ଅଷ୍ଟମ ଯୋଜନା କାଳରେ 13,000ଟି କ୍ଷୁଦ୍ର ଶିଳ୍ପ ସଂସ୍ଥାର ବିକାଶ କରାଯିବ । ତନ୍ମଧ୍ୟରୁ 1992-93 ଆର୍ଥିକ ବର୍ଷରେ 2,250ଟି କ୍ଷୁଦ୍ର ଶିଳ୍ପ ସଂସ୍ଥାର ବିକାଶ କରାଯିବ । ବୃହତ୍ ଓ ମଧ୍ୟମ ଶିଳ୍ପ କ୍ଷେତ୍ରରେ I. D. C. IPICOL ଏବଂ O. S. F. C. ଦ୍ୱାରା ଆରମ୍ଭ କରାଯାଇଥିବା ଶିଳ୍ପ ଉଦ୍ୟୋଗଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ନିମିତ୍ତ ଆମର ପ୍ରଚେଷ୍ଟା ବଳବତ୍ତର ରହିବ । ଏଥିପାଇଁ 1992-93 ଆର୍ଥିକ ବର୍ଷର ବଜେଟ୍‌ରେ 24 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ରାଜ୍ୟରେ ଦ୍ୱିତୀୟ ଇସ୍ପାତ୍ କାରଖାନା ପ୍ରତିଷ୍ଠା କରିବା ନିମିତ୍ତ ଆମ ସରକାର ବଦ୍ଧ ପରିକର । ଏହା ଏକ ସମୟ ସାପେକ୍ଷ ଯୋଜନା । ଏହାର ଭିତ୍ତି ଭୂମି ପ୍ରତିଷ୍ଠା କରିବା ନିମିତ୍ତ ସରକାର ସମସ୍ତ ପଦକ୍ଷେପ ନେଇ ସାରିଲେଣି । ସମ୍ବଳର ଅଭାବ ଯୋଗୁଁ ଏହା ବେସରକାରୀ ଉଦ୍ୟୋଗରେ ପ୍ରତିଷ୍ଠା କରାଯିବ । ଆମ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ଅକ୍ଲାନ୍ତ ଚେଷ୍ଟା ଓ ବ୍ୟକ୍ତିଗତ ଉଦ୍ୟମ ଫଳରେ ଏହି କାରଖାନା ଅଚିରେ ପ୍ରତିଷ୍ଠା ହୋଇ ଆମ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିରେ ଯେ ସହାୟକ ହେବ ଓ କର୍ମ ନିଯୁକ୍ତି ବ୍ୟାପକ ସୁଯୋଗ ସୃଷ୍ଟି କରିବ ଏଥିରେ ସନ୍ଦେହର ଅବକାଶ ନାହିଁ । ଏହା ବ୍ୟତୀତ ଦୈତାରିଠାରେ ଏକ ତୈଳ ବିଶୋଧକ କାରଖାନା ଏବଂ Petro Chemical Complex ସ୍ଥାପନ କରିବା ନିମିତ୍ତ ସରକାର ପଦକ୍ଷେପ ନେଉଛନ୍ତି ।

28. ଆମ ରାଜ୍ୟ ଅବଳନ ଖଣିଜ ସମ୍ପଦର ଅଧିକାରୀ । 1990-91 ଆର୍ଥିକ ବର୍ଷରେ ରାଜ୍ୟରେ ଖଣିଜ ସମ୍ପଦର ଉତ୍ପାଦନ 32 ନିୟୁତ ଟନ୍ ଥିବାବେଳେ ଆସନ୍ତା ବର୍ଷ ଏହାକୁ 34 ନିୟୁତ ଟନ୍‌କୁ ବୃଦ୍ଧି କରିବା ନିମିତ୍ତ ଲକ୍ଷ୍ୟ ରଖାଯାଇଛି । ଖଣିଜ ସମ୍ପଦର ଅନ୍ୱେଷଣ ଏବଂ ନିର୍ଦ୍ଧାରଣ ନିମନ୍ତେ ବୈଜ୍ଞାନିକ ଉପାୟରେ ଆକାଶ ମାର୍ଗରୁ ସର୍ଭେ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟ ଜିଲ୍ଲାମାନଙ୍କର ଆଦିବାସୀ ବହୁଳ ଅଞ୍ଚଳରେ ଜାତିସଂଘ ଉନ୍ନୟନ କାର୍ଯ୍ୟକ୍ରମ (UNDP) ମାଧ୍ୟମରେ ମୂଲ୍ୟବାନ ପଥର ସମ୍ବଳର ଉନ୍ନୟନ ନିମନ୍ତେ ଏକ ଯୋଜନା ଆରମ୍ଭ କରାଯାଇଛି । ଓଡ଼ିଶାର ଖଣି ନିଗମ ମାଧ୍ୟମରେ ଏହି ମୂଲ୍ୟବାନ ପଥର ମିଳୁଥିବା ସ୍ଥାନଗୁଡ଼ିକରେ ପଥର ଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯିବା ସଙ୍ଗେ ସଙ୍ଗେ ଏଗୁଡ଼ିକ ଉଚିତ ଦରରେ କିପରି ବିକ୍ରୟ କରାଯାଇ ପାରିବ, ତାହାର ସୁବନ୍ଦୋବସ୍ତ କରାଯାଇଛି । କଟକ ଜିଲ୍ଲାର କାଳିଆପାଣିଠାରେ ଖଣି ନିଗମ ମାଧ୍ୟମରେ 17·4 କୋଟି ଟଙ୍କା ବ୍ୟୟରେ ଏକ Chrome Ore Beneficiation Project ନିର୍ମାଣ କରାଯାଉଛି । 1992 ଜୁନ୍ ମାସ ସୁଦ୍ଧା ଏହା ବ୍ୟବସାୟିକ ଭିତ୍ତିରେ ଉତ୍ପାଦନ

ଆରମ୍ଭ କରିବାକୁ ସକ୍ଷମ ହେବ । ସମସ୍ତ ଉତ୍ପାଦିତ ଦ୍ରବ୍ୟ ବିଦେଶକୁ ପଠାଯିବାର ବ୍ୟବସ୍ଥା ଥିବାରୁ ଏହାଦ୍ୱାରା ଯଥେଷ୍ଟ ବୈଦେଶିକ ମୁଦ୍ରା ଉପାର୍ଜନ କରାଯାଇ ପାରିବ ।

29. ଆମ ରାଜ୍ୟର ଗ୍ରାମୀଣ ଜନସାଧାରଣ ବିଭିନ୍ନ ସୁଖ ସୁବିଧା ପାଇବା ତ ଦୂରର କଥା କେତେଗୁଡ଼ିଏ ସର୍ବନିମ୍ନ ଆବଶ୍ୟକତା ପାଇବାରୁ ମଧ୍ୟ ବଞ୍ଚିତ । ଯୋଜନାର ସଫଳ ରୂପାୟନ କରିବାକୁ ହେଲେ ଏହି ଗ୍ରାମବାସୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ଏକାନ୍ତ ଆବଶ୍ୟକ । ତେଣୁ "ପଞ୍ଚାୟତିରାଜ" ବିଭାଗ ଜରିଆରେ ଆମ ରାଜ୍ୟ ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପମାନ ନେଉଛନ୍ତି । ଦାରିଦ୍ର୍ୟର ସୀମାରେଖା ତଳେ ରହିଥିବା ଗ୍ରାମୀଣ ଅଧିବାସୀମାନଙ୍କର ଆର୍ଥିକ ଅବସ୍ଥାରେ ଉନ୍ନତି ନିମିତ୍ତ ସେମାନଙ୍କୁ ବିଭିନ୍ନ ବ୍ୟାଙ୍କରୁ ସୁବିଧାରେ ଋଣ ଯୋଗାଇ ଦେବା, ସରକାରଙ୍କ ତରଫରୁ ଆର୍ଥିକ ସାହାଯ୍ୟ ଦେବା ପ୍ରଭୃତି କାର୍ଯ୍ୟମାନ District Rural Development Agency (DRDA) କାର୍ଯ୍ୟକ୍ରମ ମାଧ୍ୟମରେ ତ୍ୱରାନ୍ୱିତ କରାଯାଉଛି । 1992-93 ଆର୍ଥିକ ବର୍ଷରେ ଏଥିନିମିତ୍ତ 23 କୋଟି 50 ଲକ୍ଷ ଟଙ୍କାର ଅର୍ଥ ବରାଦ କରାଯାଇଛି ଏବଂ ଏହାଦ୍ୱାରା 98,342 ପରିବାର ଉପକୃତ ହେବେ ବୋଲି ଆଶା କରାଯାଉଛି । ସେହିପରି ଗରିବ ପରିବାରମାନେ ନିଜର ସ୍ୱାଭାବିକ ଅର୍ଥ ଉପାର୍ଜନ ସହ ଯେପରି ଆଉ କିଛି ଅର୍ଥ ଉପାର୍ଜନ କରିପାରିବେ ସେଥିପାଇଁ Development of Women & Children in Rural Areas (DWCRA) କାର୍ଯ୍ୟକ୍ରମ ଜରିଆରେ ଶିଶୁ ଓ ମହିଳାମାନଙ୍କୁ କିଛି ନୂତନ ଧନ୍ଦା ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । TRYSEM କାର୍ଯ୍ୟକ୍ରମ ଜରିଆରେ ଗ୍ରାମର 18 ବର୍ଷଠାରୁ 35 ବର୍ଷ ବୟସ୍କ ଯୁବକମାନଙ୍କୁ ଆତ୍ମ ନିଯୁକ୍ତି ନିମିତ୍ତ ବିଭିନ୍ନ ତାଲିମ ଦେବାର ବନ୍ଦୋବସ୍ତ କରାଯାଇଛି । କୃଷି ଜଳ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ । ତେଣୁ ଶସ୍ତା ଓ ସୁବିଧାରେ ଭୂତଳ ଜଳ ରାଶିକୁ କିପରି ବ୍ୟବହାର କରାଯାଇ ପାରିବ ସେଥି ନିମିତ୍ତ କୂପ ଓ ନଳକୂପ ଖନନ ବ୍ୟବସ୍ଥା Special Foodgrain Production Programme (S. F. P. .P.) କାର୍ଯ୍ୟକ୍ରମ ଜରିଆରେ ପଦକ୍ଷେପ ନିଆଯାଉଅଛି । ଏଥି ନିମିତ୍ତ 1992-93 ବଜେଟ୍‌ରେ 4 କୋଟି ଟଙ୍କାର ଅର୍ଥ ବରାଦ କରାଯାଇଛି । ଏହା ଦ୍ୱାରା ପ୍ରାୟ 9,300 ଗ୍ରାମବାସୀ ଉପକୃତ ହେବେ । ବେକାରୀ ସମସ୍ୟାର ସମାଧାନ ନିମିତ୍ତ ଯଥେଷ୍ଟ କର୍ମ ଦିବସ ସୃଷ୍ଟି କରିବା ପାଇଁ ଜବାହର ରୋଜଗାର ଯୋଜନା ମାଧ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଉଛି । 1991-92 ଆର୍ଥିକ ବର୍ଷରେ 3 ଲକ୍ଷ 46 ହଜାର କର୍ମ ଦିବସ ସୃଷ୍ଟି କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଛି । ଇନ୍ଦିରା ଆବାସ ଯୋଜନା ମାଧ୍ୟମରେ ଦଳିତ ଶ୍ରେଣୀର ଗ୍ରାମବାସୀଙ୍କ ନିମିତ୍ତ ପ୍ରାୟ 9,000 ଗୃହ ଯୋଗାଇ ଦିଆଯିବ । 18,000 କୂପ ଖନନ କରାଯାଇ ହରିଜନ ଓ ଆଦିବାସୀ ଶିଶୁମାନଙ୍କର ସର୍ବାଙ୍ଗୀନ ଉନ୍ନତି ସାଧନ ନିମିତ୍ତ ସମନ୍ୱିତ ଶିଶୁ ବିକାଶ ଯୋଜନା (I.C.D.S.)ର ପରିସର ବୃଦ୍ଧି କରାଯାଉଅଛି । ଦାରିଦ୍ର୍ୟର କଷାଘାତରେ ପୀଡ଼ିତ ଏବଂ ପୁଷ୍ଟିକର ଖାଦ୍ୟାଭାବ ଯୋଗୁଁ ଅଧିକାଂଶ ଶିଶୁ ଶୈଶବାବସ୍ଥାରେ ହିଁ ଆସନ୍ନ ମୃତ୍ୟୁର ସମ୍ମୁଖୀନ ହୁଅନ୍ତି । ଏହାର ନିରାକରଣ ନିମିତ୍ତ ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ସଙ୍ଗେ ସଙ୍ଗେ ସେମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ ନିମିତ୍ତ ବିଭିନ୍ନ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଉଛି ଏବଂ ବିଶ୍ୱ ବ୍ୟାଙ୍କ୍ ସହାୟତାରେ 1992-93 ଆର୍ଥିକ ବର୍ଷରେ 40 କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ରାଜ୍ୟର ମହିଳାମାନଙ୍କର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଏକ ସ୍ୱତନ୍ତ୍ର ବିକାଶ ସମବାୟ ନିଗମ ଗଠନ କରାଯାଇଛି । ଗ୍ରାମପଞ୍ଚାୟତରେ ରାସ୍ତାଗୁଡ଼ିକର ଉନ୍ନତି ନିମନ୍ତେ 1992-93 ଆର୍ଥିକ ବର୍ଷରେ ଯଥେଷ୍ଟ ବ୍ୟୟ ବରାଦ କରାଯାଇଛି ।

30. ଆମ ରାଜ୍ୟର ଶତକଡ଼ା 37.09 ଭାଗ ହରିଜନ ଓ ଆଦିବାସୀ ସମ୍ପ୍ରଦାୟର ଅନ୍ତର୍ଭୁକ୍ତ । ଏଥି ସକାଶେ ପ୍ରତ୍ୟେକ ବିଭାଗର ଯୋଜନା ଅଟକଳର ଏକ ନିର୍ଦ୍ଦିଷ୍ଟ ଅଂଶ ଏମାନଙ୍କ ଉନ୍ନତି ନିମିତ୍ତ ଉଦ୍ଦିଷ୍ଟ । ଏହି ଅର୍ଥର ସଦୁପଯୋଗ ନିମିତ୍ତ ପଞ୍ଚମ ପଞ୍ଚବାର୍ଷିକ ଯୋଜନାଠାରୁ 21 ଗୋଟି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (I.T.D.A.) କାର୍ଯ୍ୟ କରୁଅଛି । ଏତଦ୍ ବ୍ୟତୀତ ଏହି ଅଞ୍ଚଳ ବାହାରେ ରହିଥିବା ଆଦିବାସୀମାନଙ୍କର ଉନ୍ନତି ନିମିତ୍ତ 13 ଗୋଟି ସମ୍ମିଳିତ ଅଞ୍ଚଳ (Cluster) କାର୍ଯ୍ୟକାରୀ କରାଯାଉଅଛି । ସବୁଠାରୁ ଅନୁନ୍ନତ 12 ଗୋଟି ଆଦିବାସୀ ସମ୍ପ୍ରଦାୟ ପାଇଁ 15 ଗୋଟି କ୍ଷୁଦ୍ର ପ୍ରକଳ୍ପର ସୃଷ୍ଟି କରାଯାଇଛି । କୋରାପୁଟ ଜିଲ୍ଲାର କାଶୀପୁର ବ୍ଲକଠାରେ କୃଷି ଉନ୍ନୟନ ଆନ୍ତର୍ଜାତିକ ପାଣ୍ଠି ଦ୍ୱାରା ସାହାଯ୍ୟପ୍ରାପ୍ତ ଏକ ବିଶେଷ କାର୍ଯ୍ୟକ୍ରମ ସରକାର କାର୍ଯ୍ୟକାରୀ କରାଉଛନ୍ତି । ଆଦିବାସୀବହୁଳ ଅଞ୍ଚଳର ବିକାଶ ତ୍ୱରାନ୍ୱିତ କରିବା ନିମନ୍ତେ କେନ୍ଦ୍ର ସରକାର 1992-93 ଆର୍ଥିକ ବର୍ଷରେ 46 କୋଟି 45 ଲକ୍ଷ ଟଙ୍କା ସ୍ୱତନ୍ତ୍ର ସାହାଯ୍ୟ ରୂପେ ଦେବେ । ଆଦିବାସୀ ଓ ହରିଜନ ଛାତ୍ରଙ୍କର ଶିକ୍ଷାର ସୁବନ୍ଦୋବସ୍ତ ନିମନ୍ତେ ବିଭିନ୍ନ ପ୍ରକାରର ଅଧ୍ୟୟନ କାଳୀନ ବୃତ୍ତିର ବ୍ୟବସ୍ଥା କରାଯାଇଛି । ଏତଦ୍ ବ୍ୟତୀତ ଛାତ୍ରଛାତ୍ରୀମାନଙ୍କୁ ମାଗଣାରେ ବହି ଏବଂ ଅନ୍ୟାନ୍ୟ ଲେଖିବା ସରଞ୍ଜାମ ପ୍ରଭୃତି ଯୋଗାଇ ଦେବାର ମଧ୍ୟ ସୁବିଧା କରାଯାଇଛି । 1992-93 ଆର୍ଥିକ ବର୍ଷରେ ରାଜ୍ୟ ଯୋଜନା ବାବଦରେ ହରିଜନ ଓ ଆଦିବାସୀମାନଙ୍କର କଲ୍ୟାଣ ନିମିତ୍ତ 27 କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହାଛଡ଼ା 36 କୋଟି 72 ଲକ୍ଷ

ଟଙ୍କାର ଏକ ସ୍ୱତନ୍ତ୍ର କେନ୍ଦ୍ରୀୟ ସାହାଯ୍ୟ ମିଳିବ । କେନ୍ଦ୍ର ଯୋଜନାରେ 14 କୋଟି 40 ଲକ୍ଷ ଟଙ୍କାର ବ୍ୟୟ ବରାଦ ମଧ୍ୟ କରାଯାଇଅଛି । ଏସବୁ ଦ୍ୱାରା ୨0 ହଜାର ଆଦିବାସୀ ଓ ୫0 ହଜାର ହରିଜନ ପରିବାର ଉପକୃତ ହେବେ ବୋଲି ଆଶା କରାଯାଏ । ପୋଡୁଚାଷର ନିରାକରଣ ନିମିତ୍ତ ୨ କୋଟି 73 ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି, ଯାହାକି କେନ୍ଦ୍ରଠାରୁ ସ୍ୱତନ୍ତ୍ର ଭାବେ ସାହାଯ୍ୟ ମିଳିବ ।

31. ପଶୁ ଓ ମତ୍ସ୍ୟ ଆମ ରାଜ୍ୟର ଏକ ଅମୂଲ୍ୟ ସମ୍ପଦ । ଏହାର ବିକାଶ ସାଧନ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ଏକ ମୁଖ୍ୟ ସହାୟକ । ଏହାର ଗୁରୁତ୍ୱକୁ ଉପଲବ୍ଧି କରି ସରକାର ଏଥି ନିମିତ୍ତ ଏକ ପୃଥକ ବିଭାଗ ସୃଷ୍ଟି କରିଛନ୍ତି । ଆମ ରାଜ୍ୟରେ ମଧୁର ଜଳରେ ଚିଙ୍ଗୁଡ଼ି ଚାଷ କରିବାର ସୁଯୋଗ ରହିଛି । ଉପକୂଳବର୍ତ୍ତୀ ଅଞ୍ଚଳ ଅଧିବାସୀମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ସୁବିଧାକୁ ସାରା ରାଜ୍ୟରେ ବ୍ୟାପ୍ତ କରିବା ସରକାରଙ୍କ ଲକ୍ଷ୍ୟ । 1991-92 ଆର୍ଥିକ ବର୍ଷରେ ୨00 ମତ୍ସ୍ୟଜୀବୀଙ୍କୁ 310 ହେକ୍ଟର ଜମିରେ ମଧୁର ଜଳରେ ଚିଙ୍ଗୁଡ଼ି ଚାଷ ପ୍ରଣାଳୀ ଶିକ୍ଷା ଦିଆଯାଇଥିଲା । ଆସନ୍ତା ଆର୍ଥିକ ବର୍ଷରେ ଏହାକୁ ଆହୁରି ବ୍ୟାପକ କରାଯିବାର ଯୋଜନା ରହିଛି । 1992-93 ଆର୍ଥିକ ବର୍ଷରେ ପ୍ରାୟ 20 ଲକ୍ଷ ଟଙ୍କା ବ୍ୟୟରେ 3ଟି ଚିଙ୍ଗୁଡ଼ି ପ୍ରଜନନ କେନ୍ଦ୍ରର ପ୍ରତିଷ୍ଠା କରାଯିବ । ବିଶ୍ୱବ୍ୟାଙ୍କ ସହାୟତାରେ ପ୍ରାୟ 70 କୋଟି ଟଙ୍କା ବ୍ୟୟରେ କଟକ ଓ ବାଲେଶ୍ୱର ଜିଲ୍ଲାରେ 1୨,600 ହେକ୍ଟର ବ୍ୟାପ୍ତ ଜଳାଶୟମାନଙ୍କରେ ମାଛଚାଷ ଓ 1,314 ହେକ୍ଟରରେ ଚିଙ୍ଗୁଡ଼ି ଚାଷ କରିବାର ଯୋଜନା ରହିଛି । 1992-93 ଆର୍ଥିକ ବର୍ଷରେ ଏଥି ନିମିତ୍ତ 4 କୋଟି 66ଲକ୍ଷ ଟଙ୍କାର ଅର୍ଥ ବରାଦ କରାଯାଇଛି । ରାଜ୍ୟର ସବୁ ଅଞ୍ଚଳକୁ ବିଶେଷ କରି ଆଦିବାସୀ ବହୁଳ ଅଞ୍ଚଳକୁ ସଂକ୍ରାମକ ରୋଗରୁ ପଶୁମାନଙ୍କୁ ରକ୍ଷା କରିବା ସୁବିଧା ଯୋଗାଇ ଦେବା ନିମିତ୍ତ ୫ଗୋଟି ଭ୍ରାମ୍ୟମାଣ ଚିକିତ୍ସା ଶିବିରର ବନ୍ଦୋବସ୍ତ କରାଯାଇଛି । ଦୁଗ୍ଧ ଉତ୍ପାଦନରେ ବୃଦ୍ଧି ନିମିତ୍ତ ରାଜ୍ୟରେ ଥିବା ଓମ୍‌ଫେଡ୍ ଏବଂ ଦୁଗ୍ଧ କେନ୍ଦ୍ରଗୁଡ଼ିକରେ ଶୀତଳଭଣ୍ଡାର ସ୍ଥାପନର ଉଦ୍ୟମ କରାଯାଉଛି । ସୁଲଭ ଦରରେ ଉନ୍ନତ ପଶୁ ଉତ୍ପାଦନ କରିବା, ପଶୁ ପାଳନ ପାଇଁ ଆବଶ୍ୟକ ଜିନିଷ ପତ୍ର ଯୋଗାଇ ଦେବା, ପଶୁ ରୋଗର ନିରାକରଣ ଏବଂ ନିୟନ୍ତ୍ରଣ କରିବା ଏବଂ ଉତ୍ପାଦିତ ପଦାର୍ଥର ବିକ୍ରୟ ବ୍ୟବସ୍ଥା କରିବା ନିମିତ୍ତ ବିଭିନ୍ନ ପଦକ୍ଷେପମାନ ନିଆଯାଉଛି ଏବଂ ଏହାକୁ ଆହୁରି ବ୍ୟାପକ କରାଯିବ । ସମବାୟ ସୂତ୍ରରେ କୁକୁଡ଼ା ଚାଷ ପାଇଁ ପ୍ରୋତ୍ସାହନ ଦିଆଯାଉଛି । ଏନ୍‌. ସି. ଡି. ସି.ଠାରୁ ଏଥିପାଇଁ ମିଳୁଥିବା ଆର୍ଥିକ ସାହାଯ୍ୟରେ ଗୋଟିଏ କୁକୁଡ଼ା ଉନ୍ନୟନ ପ୍ରକଳ୍ପ କରିବାର ବ୍ୟବସ୍ଥା କରାଯାଇଛି । ସେଥିପାଇଁ 1992-93 ଆର୍ଥିକ ବର୍ଷ ବଜେଟ୍‌ରେ 95 ଲକ୍ଷ ଟଙ୍କାର ଅର୍ଥ ବରାଦ କରାଯାଇଛି ।

32. ରାଜ୍ୟର ସମୂହ ବିକାଶ ନିମିତ୍ତ ଯୋଗାଯୋଗର ସୁବନ୍ଦୋବସ୍ତ ଏକାନ୍ତ ଆବଶ୍ୟକ । ବିଭିନ୍ନ ପ୍ରକାରର ରାସ୍ତା ନିର୍ମାଣ ପାଇଁ ଜାତୀୟ ରାଜପଥ, ସଡ଼କ ଉନ୍ନୟନ କାର୍ଯ୍ୟକ୍ରମ, ସର୍ବନିମ୍ନ ଆବଶ୍ୟକତା କାର୍ଯ୍ୟକ୍ରମ ଏବଂ ଗ୍ରାମ୍ୟ ଶ୍ରମ ନିଯୁକ୍ତି କାର୍ଯ୍ୟକ୍ରମ ମାଧ୍ୟମରେ ଏହି ବ୍ୟବସ୍ଥା କରାଯାଉଛି । 1992-93 ଆର୍ଥିକ ବର୍ଷରେ ବିଭିନ୍ନ ରାସ୍ତା ଏବଂ ସେଗୁଡ଼ିକ ନିମିତ୍ତ 42 କୋଟି 15 ଲକ୍ଷ ଟଙ୍କାର ଅର୍ଥ ବରାଦ କରାଯାଇଛି । ଏହାଦ୍ୱାରା 40 ଗୋଟି ଅସମ୍ପୂର୍ଣ୍ଣ ସେତୁକୁ ସମ୍ପୂର୍ଣ୍ଣ କରାଯିବ । ୨୫0 କିଲୋମିଟର ରାସ୍ତା ପିଚୁ କରିବା ସଙ୍ଗେ ସଙ୍ଗେ 70 କିଲୋମିଟର ରାସ୍ତାକୁ ପ୍ରଶସ୍ତ ଓ ଉନ୍ନତ କରାଯିବ । ଏହାଦ୍ୱାରା ପ୍ରାୟ 52 ଲକ୍ଷ 11 ହଜାର କର୍ମ ଦିବସ ସୃଷ୍ଟି ହୋଇପାରିବ । ଏସିଆ ଉନ୍ନୟନ ବ୍ୟାଙ୍କ ଜରିଆରେ ମିଳିବାକୁ ଥିବା ଅର୍ଥ ସାହାଯ୍ୟ ଦ୍ୱାରା ସମ୍ବଲପୁରଠାରୁ ରାଉରକେଲା ପର୍ଯ୍ୟନ୍ତ 162 କିଲୋମିଟର ରାସ୍ତାକୁ ଦୁଇଗୁଣ ପ୍ରଶସ୍ତ କରାଯିବ । ଏହାର କାର୍ଯ୍ୟ ଆରମ୍ଭ କରାଗଲାଣି ଏବଂ 1992-93 ଆର୍ଥିକ ବର୍ଷରେ ଏଥି ନିମିତ୍ତ 5 କୋଟି ଟଙ୍କାର ଅର୍ଥ ବରାଦ କରାଯାଇଛି । ସେହିପରି କଟକ-ଭୁବନେଶ୍ୱର ରାସ୍ତାକୁ ବିଶ୍ୱବ୍ୟାଙ୍କ ସହାୟତାରେ ଚାରିଗୁଣ ପ୍ରଶସ୍ତ କରାଯିବ । ଆମ ରାଜ୍ୟରେ ଜାତୀୟ ରାଜପଥର ଦୈର୍ଘ୍ୟ ପ୍ରାୟ 1,624 କିଲୋମିଟର । ଏହି ଶତାବ୍ଦୀର ଶେଷ ସୁଦ୍ଧା ରାଜ୍ୟର ଚାହିଦା ଅନୁସାରେ 3,114 କିଲୋମିଟରକୁ ବଢ଼ାଇବାକୁ ହେବ । ତେଣୁ ଅଷ୍ଟମ ଯୋଜନା କାଳରେ ଗୋପାଳପୁର, ବ୍ରହ୍ମପୁର ଓ ରାୟପୁର ରାସ୍ତା, ପାଣିକୋଇଲିଠାରୁ କେନ୍ଦୁଝର ଦେଇ ରାଉରକେଲାକୁ ଥିବା ରାସ୍ତା ଏବଂ ଭୁବନେଶ୍ୱର-ପୁରୀ ରାସ୍ତାକୁ ଜାତୀୟ ରାଜପଥରେ ପରିଣତ କରିବା ନିମିତ୍ତ ସରକାରଙ୍କର ଯୋଜନା ରହିଛି ।

ଗ୍ରାମାଞ୍ଚଳ ରାସ୍ତାର ଉନ୍ନତି ନିମିତ୍ତ 1992-93 ଆର୍ଥିକ ବର୍ଷରେ 47 କୋଟି 50 ଲକ୍ଷ ଟଙ୍କାର ଅର୍ଥ ବରାଦ କରାଯାଇଛି । ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ ବର୍ତ୍ତମାନ ଏହି କାର୍ଯ୍ୟକ୍ରମ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ସମ୍ପାଦିତ ହେଉଛି । ପ୍ରତ୍ୟେକ ଗ୍ରାମକୁ ନିକଟସ୍ଥ ମୁଖ୍ୟ ରାସ୍ତା ସହିତ ସଂଯୋଗ କରିବା ଆମ ସରକାରଙ୍କ ଲକ୍ଷ୍ୟ ।

33. ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଆମ ରାଜ୍ୟ ବହୁ ଆକର୍ଷଣୀୟ ତଥା ଦର୍ଶନୀୟ ସ୍ଥାନର ପୀଠସ୍ଥଳୀ । କିନ୍ତୁ ଏହି ସ୍ଥାନ ଭିତରୁ କେତେକ ଲୋକଲୋଚନକୁ ଆସିପାରି ନଥିବାରୁ ଓ ଆଉ କେତେକର ଉପଯୁକ୍ତ ବିକାଶ ହୋଇ ନଥିବାରୁ ଯେତେ ସଂଖ୍ୟାରେ ପର୍ଯ୍ୟଟକ ଆମ ରାଜ୍ୟକୁ ଆକର୍ଷିତ ହୋଇ ଆସିବା କଥା ତାହା ହୋଇପାରୁ ନାହିଁ ।

1990-91 ଆର୍ଥିକ ବର୍ଷରେ 12,26,289 ଜଣ ପର୍ଯ୍ୟଟକ ଆମ ରାଜ୍ୟକୁ ଆସିଥିବା ସ୍ଥଳେ 1991-92 ଆର୍ଥିକ ବର୍ଷରେ 12,44,000 ଜଣ ପର୍ଯ୍ୟଟକ ଆସିବେ ବୋଲି ଆଶା କରାଯାଉଛି । 1992-93 ଆର୍ଥିକ ବର୍ଷରେ 13,50,000 ପର୍ଯ୍ୟଟକ ଆସିବାର କଳନା କରାଯାଉଛି । କେନ୍ଦ୍ରାପଡ଼ା, ଖଣ୍ଡାଧାର, ବରକୁଲ, ଧାମନଗର, ଉଷାକୋଠି, ରାଣୀପୁର-ଝିରିଆଲ, ହରିଶଙ୍କର ଏବଂ ତାରାତାରିଣୀଠାରେ ନୂଆ ପାନ୍ଥଶାଳାମାନ ନିର୍ମାଣ କରାଯିବା ସଙ୍ଗେ ସଙ୍ଗେ ଉପସ୍ଥିତ ପାନ୍ଥଶାଳାଗୁଡ଼ିକର ସମ୍ପ୍ରସାରଣ କରାଯାଉଛି । ରାଜ୍ୟରେ 150ଟି ପର୍ଯ୍ୟଟନ କେନ୍ଦ୍ରକୁ ଚିହ୍ନିତ କରାଯାଇ ଏଗୁଡ଼ିକର ବିକାଶ ନିମନ୍ତେ ଯଥାସାଧ୍ୟ ଉଦ୍ୟମ କରାଯାଉଛି ।

34. ପରିବେଶର ସୁରକ୍ଷା ଉପରେ ଜୀବ ଜଗତର ସ୍ଥିତି ନିର୍ଭରଶୀଳ । ଏହି ପରିବେଶର ସୁରକ୍ଷା ପାଇଁ ଜଙ୍ଗଲ ଅପରିହାର୍ଯ୍ୟ । ଆମ ରାଜ୍ୟର ଶତକଡ଼ା30.3 ଅଞ୍ଚଳ ଜଙ୍ଗଲରେ ପରିପୂର୍ଣ୍ଣ । କିନ୍ତୁ ଜୈବିକ ଚାପ (Biotic Pressure)ର କୁପ୍ରଭାବରେ ଜଙ୍ଗଲ କ୍ଷୀପ୍ର ଗତିରେ କ୍ଷୟ ହେବାର ଲାଗିଛି । ଏହାକୁ ପ୍ରତିହତ କରିବା ପାଇଁ ଉପସ୍ଥିତ ଜଙ୍ଗଲକୁ ରକ୍ଷା କରିବା ସଙ୍ଗେ ସଙ୍ଗେ ନୂତନ ଜଙ୍ଗଲ ସୃଷ୍ଟି କରିବା କାର୍ଯ୍ୟକ୍ରମ ସରକାର ନୀତିଗତ ଭାବେ ଗ୍ରହଣ କରିଛନ୍ତି । ଏଥି ନିମନ୍ତ କଳାହାଣ୍ଡି, ଫୁଲବାଣୀ, ବଲାଙ୍ଗୀର, କୋରାପୁଟ ଓ ଗଞ୍ଜାମ ଜିଲ୍ଲାରେ ବୃକ୍ଷ ଛେଦନ ସମ୍ପୂର୍ଣ୍ଣ ଭାବେ ନିଷେଧ କରାଯାଇଛି । ଅବଶ୍ୟ ଗରିବ ଓ ଆଦିବାସୀମାନଙ୍କର ସ୍ୱାର୍ଥରକ୍ଷା ନିମିତ୍ତ ଜାଳେଣିକାଠ ସଂଗ୍ରହ କରିବାର ବ୍ୟବସ୍ଥା କରାଯାଇଛି । 1991-92 ଆର୍ଥିକ ବର୍ଷରେ 31,000 ହେକ୍ଟର ଜମିରେ ବୃକ୍ଷରୋପଣ କରାଯିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ସେହିପରି କ୍ଷୟପ୍ରାପ୍ତ 11,600 ହେକ୍ଟର ଜଙ୍ଗଲର ପୁନଃଉଜ୍ଜୀବିତ କରାଯାଉଛି । 1992-93 ଆର୍ଥିକ ବର୍ଷରେ 41,500 ହେକ୍ଟର ଜମିରେ ବୃକ୍ଷରୋପଣ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ଏବଂ 10,500 ହେକ୍ଟର ଜଙ୍ଗଲର ପୁନଃଉଜ୍ଜୀବିତ କରାଯିବ । ଏଥି ନିମିତ୍ତ 433 ଲକ୍ଷ ଚାରା ଗଛ ବଣ୍ଟନ କରାଯିବାର କାର୍ଯ୍ୟକ୍ରମ ରହିଛି । ଜଙ୍ଗଲ ଜାତ ଦ୍ରବ୍ୟର ସଦୁପଯୋଗ କରିବା ନିମିତ୍ତ ଓଡ଼ିଶା ବନ ଉନ୍ନୟନ ନିଗମ ମାଧ୍ୟମରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି । ସୁଇଡେନ ସରକାରଙ୍କ ସହାୟତାରେ ସାମାଜିକ ବନୀକରଣ କାର୍ଯ୍ୟକ୍ରମକୁ ବ୍ୟାପକ ତଥା ତ୍ୱରାନ୍ୱିତ କରାଯାଉଛି । 1991-92 ଆର୍ଥିକ ବର୍ଷରେ ଶାଳମଞ୍ଜିର କିଲୋପିଛା ସଂଗ୍ରହ ଦର 2 ଟଙ୍କା 50 ପଇସାକୁ ବୃଦ୍ଧି କରିବା ଦ୍ୱାରା ଆଦିବାସୀ ସମ୍ପ୍ରଦାୟର ଲୋକେ ବହୁ ପରିମାଣରେ ଉପକୃତ ହୋଇ ପାରିଛନ୍ତି । ବନ୍ୟ ଜନ୍ତୁଙ୍କ ସୁରକ୍ଷା ପାଇଁ ବିଭିନ୍ନ ପ୍ରଦକ୍ଷେପ ମଧ୍ୟ ନିଆଯାଉଛି । ଆମ ରାଜ୍ୟରେ ଷୋହଳ ଗୋଟି ଅଭୟାରଣ୍ୟ ଓ ସାତଟି ମୃଗ ଉଦ୍ୟାନ ସୃଷ୍ଟି କରାଯାଇଛି । ନନ୍ଦନକାନନଠାରେ ଆମ ଦେଶର ସର୍ବ ପ୍ରଥମ ଧଳାବାଘ ସଫାରୀ 1-10-1991ଠାରୁ କାର୍ଯ୍ୟକାରୀ ହେଉଛି ।

ଚିଲିକା ହ୍ରଦର ପରିସଂସ୍ଥାନୀୟ ସନ୍ତୁଳନ (ecological balance) ଆଜି ବିପଦଗ୍ରସ୍ତ । ମରାଳମାଳିନୀ ଚିଲିକାର ସୁରକ୍ଷା ରାଜ୍ୟ ସରକାର ହାତକୁ ନେଇଛନ୍ତି । ଏଥି ନିମିତ୍ତ ଚିଲିକା ଉନ୍ନୟନ ସଂସ୍ଥାର ସୃଷ୍ଟି କରାଯାଇଛି । ଏହି ସଂସ୍ଥା ଜରିଆରେ ବହୁମୁଖୀ ଉନ୍ନୟନ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଚିଲିକା ମୁହାଣ ପୋତିହୋଇ ଯାଉଥିବା ଦୃଷ୍ଟିରୁ ସେଥିରୁ ପଟୁ ଅପସାରଣ ପାଇଁ 10-2-1992 ତାରିଖଠାରୁ ପରୀକ୍ଷାମୂଳକ ଭାବେ ଏହି କାର୍ଯ୍ୟ ଆରମ୍ଭ ହୋଇଛି ।

35. ଚଳିତ ଆର୍ଥିକ ବର୍ଷରେ ଚାଉଳ, ଗହମ, ଲେଭି ଚିନି, ଖାଇବା ତେଲ ଓ କିରାସିନି ଆଦି ଅତ୍ୟାବଶ୍ୟକୀୟ ଦ୍ରବ୍ୟର ସୁଷମ ବଣ୍ଟନ ପାଇଁ ସାଧରଣ ବଣ୍ଟନ ବ୍ୟବସ୍ଥାକୁ ସୁପରିଚାଳିତ କରି ଏହି ସମସ୍ତ ପଦାର୍ଥ ଏକ ନିର୍ଦ୍ଦିଷ୍ଟ ଓ ଯୁକ୍ତିଯୁକ୍ତ ଦରରେ ଯୋଗାଇ ଦେବାର ସୁବ୍ୟବସ୍ଥା କରାଯାଇଛି । ଏଥି ନିମିତ୍ତ କଳାବଜାର ଆଦିକୁ ରୋକିବା ପାଇଁ Enforcement ବ୍ୟବସ୍ଥାକୁ ମଜବୁତ୍ କରିବା ସଙ୍ଗେ ସଙ୍ଗେ ଧରପଗଡ କାର୍ଯ୍ୟକୁ ବ୍ୟାପକ କରାଯାଇଛି । ରାଜ୍ୟ ଯୋଗାଣ ନିଗମ ଜରିଆରେ ଅତ୍ୟାବଶ୍ୟକୀୟ ଦ୍ରବ୍ୟଗୁଡ଼ିକ ଯୁକ୍ତିଯୁକ୍ତ ମୂଲ୍ୟରେ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ରାଜ୍ୟର ଦୁର୍ଗମ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସାଧାରଣ ବଣ୍ଟନ ବ୍ୟବସ୍ଥାର କାର୍ଯ୍ୟକାରିତା ପାଇଁ52ଗୋଟି ଭ୍ୟାନ୍ ଜରିଆରେ ସାପ୍ତାହିକ ହାଟମାନଙ୍କରେ ଅତ୍ୟାବଶ୍ୟକୀୟ ଜିନିଷଗୁଡ଼ିକ ଯୋଗାଇ ଦିଆଯାଉଛି । ଚଳିତ ବର୍ଷରେ ଏଥି ନିମନ୍ତେ ଆଉ 10ଟି ଭ୍ୟାନ୍ କିଣିବାର ବ୍ୟବସ୍ଥା ଅଛି । 1990-91 ଖରିଫ୍ ବର୍ଷରେ ଚାଉଳ ସଂଗ୍ରହ ଧାର୍ଯ୍ୟ ଲକ୍ଷ୍ୟଠାରୁ ବେଶ୍ ଅଧିକ ହୋଇ ପାରିଛି । କମ୍ ମୂଲ୍ୟରେ ଧାନ ବିକ୍ରି କରିବାରୁ ବିରତ କରିବା ପାଇଁ ଚାଷୀମାନଙ୍କୁ ସହାୟକ ମୂଲ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି । ସେଥି ନିମିତ୍ତ ଭାରତୀୟ ଖାଦ୍ୟ ନିଗମ ବ୍ୟତୀତ ରାଜ୍ୟ ଯୋଗାଣ ନିଗମ ଦ୍ୱାରା ମଧ୍ୟ ଧାନ, ଚାଉଳ ସଂଗ୍ରହ କରାଯିବାର ବ୍ୟବସ୍ଥା କରାଯାଇଛି । ମାପ ଓ ଓଜନ ସଂସ୍ଥା ଚଳିତ ଆର୍ଥିକ ବର୍ଷରେ 1,400ଟି କ୍ଷେତ୍ରରେ ଧରପଗଡ଼ କରି 44,654 ଟଙ୍କା ଜୋରିମାନା ଆଦାୟ କରିଛନ୍ତି । ଏକ ବଳିଷ୍ଠ ଓ ଦାୟିତ୍ୱସମ୍ପନ୍ନ ଖାଉଟି ଆନ୍ଦୋଳନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଛି । ଏଥିପାଇଁ ରାଜ୍ୟ ଖାଉଟି କମିଶନ ଓ ଜିଲ୍ଲା ଖାଉଟି ଫୋରମଗୁଡ଼ିକୁ ଅଧିକ ସକ୍ରିୟ କରାଯାଇଛି ।

36. ମହାଶୟ, ମାନ୍ୟବର ସଭ୍ୟମାନେ ଅବଗତ ଅଛନ୍ତି ଯେ ସୁପ୍ରିମକୋର୍ଟ ଖଣି ରୟାଲଟି ଉପରେ ନିର୍ଦ୍ଧାର୍ଯ୍ୟ ସେସ୍‌କୁ ସମ୍ବିଧାନ ବିରୋଧୀ ବୋଲି ଘୋଷଣା କରିବା ଦ୍ୱାରା ରାଜ୍ୟର ରାଜସ୍ୱରେ ପର୍ଯ୍ୟାପ୍ତ କ୍ଷତି ଘଟିଲା । ଅବଶ୍ୟ କେନ୍ଦ୍ର ସରକାର ରାଜ୍ୟ ସରକାରମାନଙ୍କର ପ୍ରବଳ ଦାବୀ ଫଳରେ କୋଇଲା ରୟାଲଟି ହାରରେ 1-8-1991 ତାରିଖଠାରୁ କିଛିଟା ବୃଦ୍ଧି କଲେ । କିନ୍ତୁ ଏହା ଦ୍ୱାରା ଓଡ଼ିଶା ବିଶେଷ ରୂପେ ଉପକୃତ ହୋଇ ପାରିଲା ନାହିଁ । ମାନ୍ୟବର ସଭ୍ୟମାନେ ଜାଣନ୍ତି ଯେ ଆମ ରାଜ୍ୟରେ ଉତ୍ପାଦିତ ହେଉଥିବା କୋଇଲା ବିଶେଷ ପରିମାଣରେ 'F' ଓ 'G' ଶ୍ରେଣୀ ଅନ୍ତର୍ଭୁକ୍ତ । 1971 ମସିହାରେ 'A' ଶ୍ରେଣୀ କୋଇଲା ଉପରେ ରୟାଲଟି ହାର 1.90 ଟଙ୍କା ଥିବା ବେଳେ ତାହାକୁ କେନ୍ଦ୍ର ସରକାର 120 ଟଙ୍କା କଲେ । ଏହା ମୂଳ ହାରର ପ୍ରାୟ 63 ଗୁଣ । ଅଥଚ ସେହି 1971 ମସିହାରେ 'F' ଓ 'G' ଶ୍ରେଣୀ କୋଇଲାର ରୟାଲିଟି ହାର 1.70 ଟଙ୍କା ଥିବା ସ୍ଥଳେ ତାହାକୁ 25 ଟଙ୍କା କରାଗଲା । ଏହା ମାତ୍ର 15 ଗୁଣ ଅଟେ । ଏପରି ପକ୍ଷପାତ ମୂଲ୍ୟାୟନର ପରିବର୍ତ୍ତନ ପାଇଁ ଆମ ସରକାର କେନ୍ଦ୍ର ସରକାରଙ୍କ ନିକଟରେ ଦାବୀ କରିଛନ୍ତି ଏବଂ ଏହାର ପ୍ରତିକାର ବ୍ୟବସ୍ଥା ନ ହେବା ପର୍ଯ୍ୟନ୍ତ ଆମର ଏ ଦାବୀ ଅବ୍ୟାହତ ରହିବ । ମୁଁ ମାନ୍ୟବର ସଭ୍ୟମାନଙ୍କୁ ଅବଗତ କରାଇ ଦେବାକୁ ଚାହେଁ ଯେ ଆମର କ୍ରମାଗତ ଦାବୀ ଫଳରେ 17-2-1992 ତାରିଖଠାରୁ କେନ୍ଦ୍ର ସରକାର Major Mineralsର ରୟାଲଟି ହାର ବୃଦ୍ଧି କରିଅଛନ୍ତି । ଏହାଦ୍ୱାରା ରାଜ୍ୟର ରାଜସ୍ୱ ଆଦାୟ କ୍ଷେତ୍ରରେ ପ୍ରାୟ 20 କୋଟି ଟଙ୍କା ବୃଦ୍ଧି ଘଟିବାର ଆଶା ଅଛି ।

37. ମାନ୍ୟବର ସଭ୍ୟମାନେ ଏ କଥା ଜାଣନ୍ତି ଯେ ଓଡ଼ିଶା ଭଳି ରାଜ୍ୟର ସମ୍ବଳର ଭିତ୍ତିଭୂମି ଯେ କେବଳ ସଙ୍କୁଚିତ ତା' ନୁହେଁ, ସମ୍ବଳ ସଂଗ୍ରହର ପଥ ମଧ୍ୟ ଅତିମାତ୍ରାରେ ସଂକୀର୍ଣ୍ଣ । ରାଜ୍ୟର ବିକ୍ରି କର ସମୁଦାୟ ଟିକସ ଆୟର ଶତକଡ଼ା 54 ଭାଗ ଅଟେ । ମାନ୍ୟବର ସଭ୍ୟମାନଙ୍କର ସ୍ମରଣ ଥାଇପାରେ ଯେ ଏହି ସରକାର କ୍ଷମତାକୁ ଆସିବା ପରଠାରୁ ବିକ୍ରି କର ହାରର ସରଳୀକରଣ ଓ ସମୀକରଣ ପାଇଁ ଗୁରୁତ୍ୱ ଦେଇ ଆସିଛନ୍ତି । ଏହା ଫଳରେ କର ହାରରେ ସ୍ଥିରତା ଅଣାଯାଇ ପାରିଛି ଓ ବିକ୍ରୟର ଶେଷ ସ୍ତରରେ (last point) କର ଧାର୍ଯ୍ୟ ବ୍ୟବସ୍ଥାକୁ ପର୍ଯ୍ୟାୟକ୍ରମେ ପ୍ରଥମ ସ୍ତରକୁ (first point) ଅଣାଯିବାର ବ୍ୟବସ୍ଥା କରାଯାଉଛି । କେତେକ ଦ୍ରବ୍ୟମାନଙ୍କର ଟିକସ ହାରକୁ ଆମ ପଡ଼ୋଶୀ ରାଜ୍ୟମାନଙ୍କରେ ମିଳୁଥିବା ଟିକସ ହାର ଅନୁଯାୟୀ ପରିବର୍ତ୍ତନ କରାଯାଇଛି । ରେଜିଷ୍ଟ୍ରେସନ ପାଇଁ ମୋଟ ବିକ୍ରୟ ସୀମାକୁ ସାଧାରଣ ବ୍ୟବସାୟୀ କ୍ଷେତ୍ରରେ 1 ଲକ୍ଷ ଟଙ୍କାରୁ 2 ଲକ୍ଷ ଟଙ୍କାକୁ, ଉତ୍ପାଦନକାରୀ ଓ ଠିକାଦାର (Works Contractor)ଙ୍କ କ୍ଷେତ୍ରରେ 1 ଲକ୍ଷ ଟଙ୍କାକୁ ଏବଂ ଆମଦାନୀକାରୀଙ୍କ କ୍ଷେତ୍ରରେ 20,000 ଟଙ୍କାକୁ ବୃଦ୍ଧି କରାଯାଇଛି । ବାର୍ଷିକ ବିକ୍ରୟ ପରିମାଣ 3 ଲକ୍ଷ ଟଙ୍କା ପର୍ଯ୍ୟନ୍ତ ହେଉଥିବା ବ୍ୟବସାୟୀଙ୍କ କ୍ଷେତ୍ରରେ ସେମାନଙ୍କ ବିନା ଉପସ୍ଥିତିରେ କର ଧାର୍ଯ୍ୟ କରିବାର ବ୍ୟବସ୍ଥାଗତ ବର୍ଷଠାରୁ ଆରମ୍ଭ କରାଯାଇଛି । ଆମ ସରକାର କରଦାତାଙ୍କ ଉପରେ ଯଥାଯଥ ଗୁରୁତ୍ୱ ପ୍ରଦାନ କରନ୍ତି । ତେଣୁ କରଦାତାଙ୍କ ଆବଶ୍ୟକତା ଓ ସୁବିଧାକୁ ଆଖି ଆଗରେ ରଖି ଟିକସ ନିୟମଗୁଡ଼ିକର ଆବଶ୍ୟକ ପରିବର୍ତ୍ତନ କରିଅଛନ୍ତି । ଏହା ଉଲ୍ଲେଖଯୋଗ୍ୟ ଯେ ଓଡ଼ିଶାରେ ସାଧାରଣ ଲୋକଙ୍କର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଯଥା—କିରାସିନି, ଆଳୁ, ପିଆଜ, ପାଉଁରୁଟି, ବେସନ, କପା ଓ ରେଶମ ସୂତା, ତମ୍ବା ଓ କଂସା ବାସନଗୁଡ଼ିକ ପୂରାପୂରି ଟିକସ ମୁକ୍ତ ଅଟେ । ସେହିପରି ଔଷଧ, ସାର, କୃଷି ଉପକରଣ ଏବଂ ଖାଇବା ତେଲ ଇତ୍ୟାଦି ବହୁ ଦ୍ରବ୍ୟର ଟିକସ ହାର ଆମ ପଡ଼ୋଶୀ ରାଜ୍ୟମାନଙ୍କ ତୁଳନାରେ ଆମ ରାଜ୍ୟରେ କମ୍ । ଯେହେତୁ ଆମ ସରକାର ଟିକସ ହାରର ସ୍ଥିରତା ପ୍ରତି ପ୍ରତିଶ୍ରୁତିବଦ୍ଧ, ଜନସାଧାରଣଙ୍କୁ ବାଧିବା ଭଳି ବିକ୍ରି କର ହାରରେ ମୁଁ କୌଣସି ପରିବର୍ତ୍ତନର ପ୍ରସ୍ତାବ ରଖୁନାହିଁ । ବରଂ ଶ୍ରମଜୀବୀ ମହିଳାଙ୍କୁ ସୁବିଧା ଦେବା ସକାଶେ ରାଜ୍ୟ ସରକାର 1-2-1992 ତାରିଖଠାରୁ ପାମ୍‌ପଡ଼ ଉପରେ ବିକ୍ରି କର ଉଠାଇ ଦେଇଛନ୍ତି ।

38. ମହାଶୟ, 1992-93 ଆର୍ଥିକ ବର୍ଷ ବଜେଟ୍‌କୁ ମାନ୍ୟବର ସଭ୍ୟମାନେ ଅନୁଧ୍ୟାନ କଲେ ଦେଖିପାରିବେ ଯେ ଏହା ଏକ ସମତୁଲ ବଜେଟ୍ । କିନ୍ତୁ ବର୍ଷ ଆରମ୍ଭର ପ୍ରାରମ୍ଭିକ ନିଅଣ୍ଟ ଭରଣା କରାଯାଇ ନ ପାରିବାରୁ ସେହି 112 କୋଟି 95 ଲକ୍ଷ ଟଙ୍କା ବର୍ଷ ଶେଷର ନିଅଣ୍ଟ ହିସାବରେ ଦର୍ଶାଯାଇଛି । ଏହାକୁ ଭରଣା କରିବା ନିମନ୍ତେ କୌଣସି ନୂତନ କର ବସାଇବା ପ୍ରସ୍ତାବ ମୁଁ ରଖୁ ନାହିଁ । ତେବେ ବିକ୍ରି କର ଆଇନର ପୁନର୍ବିନ୍ୟାସ ଓ ସଫଳ ପ୍ରୟୋଗ ଦ୍ୱାରା ଆମେ ଯେଉଁ ଦୃଢ଼ ପଦକ୍ଷେପ ନେଇଅଛୁ ତାହାଦ୍ୱାରା ଟିକସ ଆଦାୟ ନିଶ୍ଚିତଭାବେ ବୃଦ୍ଧି ପାଇବ ବୋଲି ମୋର ଆଶା । ଏଥି ସଙ୍ଗେ ସଙ୍ଗେ ବ୍ୟୟ ସଂଯମ ରକ୍ଷା ଓ ସମ୍ବଳର ଉପଯୁକ୍ତ ବିନିଯୋଗ ଦ୍ୱାରା ଆମେ ଏହି ନିଅଣ୍ଟକୁ ଭରଣା କରିବା ପାଇଁ ଉଦ୍ୟମ କରିବୁ ।

39. ମହାଶୟ, ମୁଁ ଆପଣଙ୍କ ଜରିଆରେ ମାନ୍ୟବର ସଭ୍ୟମାନଙ୍କୁ ଅନୁରୋଧ କରୁଛି ଯେ ସେମାନେ ଆସନ୍ତା ବର୍ଷର ବଜେଟ୍ ପ୍ରସ୍ତାବଗୁଡ଼ିକର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିବେ ଏବଂ ସେମାନଙ୍କର ସୁଚିନ୍ତିତ ତଥା ମୂଲ୍ୟବାନ ପରାମର୍ଶ ଦେଇ ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବେ ।


ଜୟହିନ୍ଦ୍

# ପରିଶିଷ୍ଟ—I

## ଚୁମ୍ବକରେ ଓଡିଶା ବଜେଟ୍ 1992-93

(କୋଟି ଟଙ୍କାରେ)

| | | | ଆୟ | ବ୍ୟୟ |
|---|---|---|---|---|
| I. ସଂଗଠିତ ପାଣ୍ଠି | | | | |
| (କ) ରାଜସ୍ବ ହିସାବ | | | | |
| (i) | ଅଣଯୋଜନା | .. | 2110.45 | 2277.55 |
| (ii) | ରାଜ୍ୟ ଯୋଜନା | .. | 478.91 | 528.85 |
| (iii) | କେନ୍ଦ୍ର ଯୋଜନା | .. | 198.47 | 191.67 |
| (iv) | କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା | .. | 277.11 | 250.71 |
| | ମୋଟ—(କ)—ରାଜସ୍ବ ହିସାବ | .. | 3064.94 | 3248.78 |
| (ଖ) ପୁଞ୍ଜି ହିସାବ | | | | |
| (i) | ଅଣଯୋଜନା | .. | 843.90 | 1008.37 |
| (ii) | ରାଜ୍ୟ ଯୋଜନା | .. | 989.75 | 848.12 |
| (iii) | କେନ୍ଦ୍ର ଯୋଜନା | .. | 5.36 | 12.17 |
| (iv) | କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା | .. | 11.67 | 38.06 |
| | ମୋଟ—(ଖ)—ପୁଞ୍ଜି ହିସାବ | .. | 1850.68 | 1906.72 |
| | ମୋଟ—ସଂଗଠିତ ପାଣ୍ଠି | .. | 4915.62 | 5155.50 |
| II. ଆକସ୍ମିକ ପାଣ୍ଠି | | .. | 60.00 | 60.00 |
| III. ସରକାରୀ ହିସାବ | | | | |
| (କ) ଭବିଷ୍ୟନିଧି ପାଣ୍ଠି | | .. | 516.07 | 311.26 |
| (ଖ) ଅନ୍ୟାନ୍ୟ ପାଣ୍ଠି | | .. | 1935.45 | 1900.38 |
| | ମୋଟ—ସରକାରୀ ହିସାବ | .. | 2451.52 | 2211.64 |
| | ମୋଟ—ରାଜ୍ୟ ବଜେଟ୍ | .. | 7427.14 | 7427.14 |
| | ବର୍ଷ ଆରମ୍ଭର ନିଅଣ୍ଟ | .. | (—) 112.95 | |
| | ବର୍ଷର ନିଟ୍ ନେଣ ଦେଣ | .. | .. | |
| | ବର୍ଷ ଶେଷର ନିଅଣ୍ଟ | .. | (—) 112.95 | |




କେନ୍ଦ୍ରାପଡ଼ା ତୁଳସୀ ମହିଳା ମହାବିଦ୍ୟାଳୟ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ.....

# ସମାଜ କଲ୍ୟାଣର ଦର୍ପଣ



ଡଃ ଦାମୋଦର ରାଉତ

୧୯୯୦ ମସିହା ମାର୍ଚ୍ଚ ମାସ ୫ ତାରିଖଠାରୁ ଓଡ଼ିଶାର ଜନସାଧାରଣଙ୍କ ମନରେ ଯେଉଁ ଆଶା ଓ ଆତ୍ମବିଶ୍ୱାସର ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା, ତାହା ଆଜି ତୃତୀୟ ବର୍ଷରେ ପାଦ ଦେବାକୁ ଯାଉଛି। ବରେଣ୍ୟ ନେତା ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ଏହି ସରକାର ଗତ ଦୁଇ ବର୍ଷ ଧରି ସମାଜ କଲ୍ୟାଣକୁ ପ୍ରଥମ ଓ ପ୍ରଧାନ କର୍ତ୍ତବ୍ୟର ମର୍ଯ୍ୟାଦା ଦେଇ ଆସିଛନ୍ତି। ପ୍ରଳୟଙ୍କରୀ ବନ୍ୟା, ଭୟଙ୍କର ମରୁଡ଼ି ପରି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ବିଭିନ୍ନ ଅଞ୍ଚଳର ଗରିବ ଜନସାଧାରଣଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଥିଲେ ମଧ୍ୟ ସରକାର ପୁନର୍ବାର ସେହି ଉତ୍କଟ ଦାରିଦ୍ର୍ୟକୁ ଦୂର କରିବାକୁ ସବୁ ପ୍ରକାର ଚେଷ୍ଟା ଚଳେଇ ଆସିଛନ୍ତି। ସମାଜର ସବୁ ଶ୍ରେଣୀର ଲୋକ, ବିଶେଷକରି ଦୁର୍ବଳ ଶ୍ରେଣୀ, ମହିଳା, ଅବହେଳିତ ଜନ ଓ ଶିଶୁମାନଙ୍କ ବିକାଶ ଉପରେ ପୂର୍ବ ବର୍ଷମାନଙ୍କଠାରୁ ଅଧିକ ଗୁରୁତ୍ୱ ଆରୋପ କରିଛନ୍ତି। ଆମର ନୀତିଗତ ଲକ୍ଷ୍ୟ ହେଉଛି ଶତ ବାଧାବନ୍ଧନ ସତ୍ତ୍ୱେ ରାଜ୍ୟରେ ଦାରିଦ୍ର୍ୟର ପ୍ରକୋପ ହ୍ରାସ କରିବା ଓ ଆତ୍ମବିକାଶ ପାଇଁ ସମସ୍ତ ପ୍ରକାର ସୁବିଧା, ସୁଯୋଗ ଦେଇ ଜୀବନ ଧାରଣର ମାନରେ ବାସ୍ତବ ଉନ୍ନତି ସାଧନ କରିବା।

କ୍ଷମତାର ବିକେନ୍ଦ୍ରୀକରଣ ଦ୍ୱାରା ପଞ୍ଚାୟତିରାଜ ଅନୁଷ୍ଠାନମାନଙ୍କ ମାଧ୍ୟମରେ ଯେଉଁ ସବୁ ବହୁମୁଖୀ ଯୋଜନା କାର୍ଯ୍ୟକାରୀ କରାଯାଉଛି, ସେଗୁଡ଼ିକ ମଧ୍ୟରୁ କେତେଗୁଡ଼ିଏ କାର୍ଯ୍ୟକ୍ରମ ହେଲା :

(୧) ଅସହାୟ ବୃଦ୍ଧ, ବିଧବା, କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକଙ୍କୁ ପେନ୍‌ସନ୍ ପ୍ରଦାନ।

(୨) ଅସହାୟ ବୃଦ୍ଧ-ବୃଦ୍ଧାଙ୍କ ଶେଷ ଜୀବନ ପାଇଁ "ଜରାନିବାସ"ର ପ୍ରତିଷ୍ଠା।

(୩) ଛଅ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ସମେତ ଗର୍ଭବତୀ ଓ ଶିଶୁକୁ ସ୍ତନ୍ୟପାନ କରାଉଥିବା ମାଆମାନଙ୍କ ପାଇଁ ମାଗଣା ଭୋଜନ ବ୍ୟବସ୍ଥା।

(୪) ଅନାଥ ଶିଶୁମାନଙ୍କ ଭରଣପୋଷଣ ପାଇଁ ଉଚିତ ହାରରେ ଆର୍ଥିକ ସହାୟତା।

(୫) ବିକଳାଙ୍ଗ ଲୋକଙ୍କ ପାଇଁ ଅଧିକରୁ ଅଧିକ ସୁବିଧା-ସୁଯୋଗ ଓ ସାହାଯ୍ୟ ପ୍ରଦାନ।

(୬) ରାଜ୍ୟ ଅନ୍ଧ ଛାତ୍ରଛାତ୍ରୀଙ୍କ ପାଇଁ ବ୍ରେଲ୍ ବହି ମୁଦ୍ରଣ ନିମନ୍ତେ ପ୍ରେସ୍ ପ୍ରତିଷ୍ଠା।

(୭) ମାନସିକ ବିକାରଗ୍ରସ୍ତ ନିର୍ବୁଦ୍ଧିଆ ଓ ବେଙ୍ଗାବୁଦ୍ଧିଆ ଶିଶୁମାନଙ୍କ ମାନସିକ ଚିକିତ୍ସା ପାଇଁ କେନ୍ଦ୍ର ପ୍ରତିଷ୍ଠା।

(୮) ସମନ୍ୱିତ ଶିଶୁ ବିକାଶ ସେବା କାର୍ଯ୍ୟକ୍ରମ ପାଇଁ ବିଶ୍ୱ ବ୍ୟାଙ୍କ୍‌ର ସହାୟତା ସଂଗ୍ରହ।

(୯) ଖଟିଖିଆଙ୍କ ପାଇଁ ଦିନକୁ ଅନ୍ୟୁନ ପଚିଶ ଟଙ୍କାକୁ ମଜୁରି ବୃଦ୍ଧି ଓ ଜବାହର ରୋଜଗାର ଯୋଜନା ମାଧ୍ୟମରେ ସ୍ଥାୟୀ କର୍ମ ଯୋଗାଣର ସୃଷ୍ଟି।

(୧୦) ଆଦିବାସୀ, ହରିଜନ ଏବଂ ଗୋତି ପ୍ରଥାରୁ ମୁକ୍ତ ଲୋକମାନଙ୍କ ପାଇଁ ବାସଗୃହର ନିର୍ମାଣ।

(୧୧) ସମନ୍ୱିତ ଶିଶୁ ବିକାଶ ସେବା କାର୍ଯ୍ୟକ୍ରମର ଗୁଣାତ୍ମକ ବିକାଶ ପାଇଁ ବିଶ୍ୱ ବ୍ୟାଙ୍କ୍‌ର ସହାୟତା ସଂଗ୍ରହ।

(୧୨) ନିଶାଗ୍ରସ୍ତମାନଙ୍କୁ ନିଶାରୁ ମୁକ୍ତି ଓ ସହାୟତାର ପରାମର୍ଶ ଦେବା ନିମନ୍ତେ ଚିକିତ୍ସା କେନ୍ଦ୍ରମାନ ପ୍ରତିଷ୍ଠା।

(୧୩) ଚାକିରି କରୁଥିବା ମହିଳାମାନଙ୍କ ରହିବା ପାଇଁ କର୍ମଜୀବୀ ମହିଳା ନିବାସ ନିର୍ମାଣ।

(୧୪) ଗ୍ରାମାଞ୍ଚଳର ଗମନାଗମନ ରାସ୍ତାର ବିକାଶ ଉପରେ ଅଧିକ ଗୁରୁତ୍ୱ ଇତ୍ୟାଦି।

## ସମନ୍ୱିତ ଶିଶୁ ବିକାଶ ସେବା

ଶିଶୁମାନଙ୍କର ସମ୍ପୂର୍ଣ୍ଣ ଶାରୀରିକ, ମାନସିକ ଓ ସାମାଜିକ ବିକାଶ ପାଇଁ ମୌଳିକ ସେବା ଯୋଗାଇଦେବା ହିଁ ରାଷ୍ଟ୍ରର ପ୍ରଧାନ କର୍ତ୍ତବ୍ୟ। ଭାରତର ସମ୍ବିଧାନରେ ଘୋଷଣା କରାଯାଇଛି ଯେ ଅଳ୍ପ ବୟସର ଶିଶୁମାନେ ଯେପରି ଅପବ୍ୟବହୃତ ନ ହୁଅନ୍ତି। ସମ୍ବିଧାନର ଏହି ବ୍ୟବସ୍ଥା ଅନୁସାରେ ୧୯୭୪ ମସିହାରେ ଭାରତ ସରକାର ଯେଉଁ ଜାତୀୟ ନୀତି ପ୍ରଣୟନ କଲେ ସେଥିରେ ଶିଶୁମାନଙ୍କୁ ଜାତିର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ସମ୍ପଦ ବୋଲି ସ୍ୱୀକାର କରାଯାଇଛି। ସମନ୍ୱିତ ଶିଶୁ ବିକାଶ ସେବାର ଲକ୍ଷ ହେଉଛି ଏପରି ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ସୃଷ୍ଟି କରିବ ଯାହା ଶିଶୁକୁ ତା'ର ପୂର୍ଣ୍ଣାଙ୍ଗ ବିକାଶ ଦିଗରେ ସହାୟକ ହୋଇ ପାରିବ। ଗ୍ରାମାଞ୍ଚଳ, ଆଦିବାସୀ ଅଞ୍ଚଳ ତଥା ସହରାଞ୍ଚଳରେ ବାସ କରୁଥିବା ୬ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ ଓ ସେମାନଙ୍କର ମାଆମାନେ ଯେଉଁମାନେ କି ୧୫ ରୁ ୪୫ ବର୍ଷ ମଧ୍ୟରେ ହୋଇଥିବେ, ସେମାନେ ଏହି ସେବା କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ। ଶିଶୁମାନଙ୍କ ପାଇଁ ପରିପୂରକ ପୁଷ୍ଟିସାଧନ, ସ୍ୱାସ୍ଥ୍ୟ ପରୀକ୍ଷା, ପ୍ରତିଷେଧ-ଚିକିତ୍ସା, ବିଦ୍ୟାଳୟ ପୂର୍ବବର୍ତ୍ତୀ ଶିକ୍ଷା ଏବଂ ମହିଳାମାନଙ୍କ ପାଇଁ ପୁଷ୍ଟି ଓ ସ୍ୱାସ୍ଥ୍ୟ ଶିକ୍ଷା ଏହାର ଲକ୍ଷ୍ୟ। ଏହା ଛଡ଼ା ଏହି କାର୍ଯ୍ୟକ୍ରମ ମାଧ୍ୟମରେ କିଶୋରୀମାନଙ୍କ ମାନସିକ ଅଭିବୃଦ୍ଧି ନିମନ୍ତେ ଶିକ୍ଷା ତଥା ସେମାନଙ୍କ ଆସ ନିଯୁକ୍ତି ନିମନ୍ତେ ସହାୟତା ଦାନ ପାଇଁ ବର୍ତ୍ତମାନର

ପଦକ୍ଷେପ ପଦକ୍ଷେପ ନେଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟର ସମସ୍ତ ବ୍ଲକରେ ଯେଉଁ ୧୭୬ଟି ପ୍ରୋଜେକ୍ଟ କାର୍ଯ୍ୟକାରୀ ହେଉଛି, ସେଥିମଧ୍ୟରୁ ୧୪୯ଟି ବିଶ୍ୱବ୍ୟାଙ୍କ ସହାୟତା ଲାଭ କରିଅଛି ।

## ଅବହେଳିତ ଜନଜାତିଙ୍କ ପାଇଁ ବାସଗୃହ

ରାଜ୍ୟର ଅବହେଳିତ ଆଦିବାସୀ, ହରିଜନ ତଥା ମୁକ୍ତ ଗୋତି ଶ୍ରମିକମାନଙ୍କ ଉତ୍ଥାନ ପାଇଁ ଇନ୍ଦିରା ଆବାସ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଛି । ବର୍ତ୍ତମାନର ସରକାର ଏହି କାର୍ଯ୍ୟକ୍ରମ ପ୍ରଣାଳୀରେ ଗୁଣାତ୍ମକ ପରିବର୍ତ୍ତନ ଆଣିଛନ୍ତି । ଏବେ ହିତାଧିକାରୀ ଜଣକ ସରକାରୀ ଅନୁଦାନକୁ ବିନିଯୋଗ କରି ନିଜ ପସନ୍ଦମତେ, ନିଜ ପସନ୍ଦର ଘରଟିଏ ନିଜ ପାଇଁ କରିପାରୁଛି । ଏହା ଦ୍ୱାରା ଉପକୃତ ଜନସାଧାରଣଙ୍କ ମନରେ ଅଧିକ ଉତ୍ସାହ ପରିଲକ୍ଷିତ ହେଉଛି । ଏହାର ଏକ ନମୁନା ସ୍ୱରୂପ ଏଠାରେ ଉଲ୍ଲେଖ କରାଯାଇ ପାରେ ଯେ ଆଗରୁ ସମଗ୍ର ରାଜ୍ୟରେ ମାତ୍ର ୭୨,୦୦୦ ଆବାସ ତିଆରି ହୋଇଥିବା ସ୍ଥଳେ କେବଳ ଗତ ଦୁଇ ବର୍ଷ ମଧ୍ୟରେ ୨୦,୦୦୦ ଆବାସ ତିଆରି ହୋଇ ପାରିଛି । ଏହା ଛଡ଼ା "କୁଟୀର ଜ୍ୟୋତି" କାର୍ଯ୍ୟକ୍ରମ ଦ୍ୱାରା ଏହି ବାସଗୃହମାନଙ୍କରେ ବିଜୁଳି ବତୀର ବ୍ୟବସ୍ଥା କରାଯାଇଛି ।

## ଦିନକୁ ମଜୁରି ୨୫ ଟଙ୍କା

ସାରା ଭାରତ ମଧ୍ୟରେ ପ୍ରଥମ କରି ଆମ ରାଜ୍ୟରେ ସର୍ବନିମ୍ନ ମଜୁରିର ହାର ୨୫ ଟଙ୍କା ଧାର୍ଯ୍ୟ କରାଯାଇ ଅଛି । ଯେଉଁ ଅଣକୁଶଳୀ ଶ୍ରମିକମାନେ ଦିନକୁ ୮ ଘଣ୍ଟା ପରିଶ୍ରମକରି ୧୧ ଫୁଟ ଲମ୍ବ ୧୦ ଫୁଟ ଓସାର ଓ ୧ ଫୁଟ ଗଭୀରର ନରମ ମାଟି ଖୋଳି ତାକୁ ୫୦ ଫୁଟ ଦୂରରେ ପକାଇ ପାରିବେ ସେମାନେ ୨୫ ଟଙ୍କା ମଜୁରି ପାଇବାକୁ ହକ୍‌ଦାର୍ ଅଟନ୍ତି । ସେହି ଅନୁପାତରେ ଅଧିକ କାମ ପାଇଁ ଅଧିକ ମଜୁରି ମଧ୍ୟ ପ୍ରଯୁଜ୍ୟ । କୌଣସି ଅଣକୁଶଳୀ ଶ୍ରମିକ ଯଦି ରାଜମିସ୍ତ୍ରୀଙ୍କ ପାଖରେ ସହାୟକ ଭାବେ ପୁରା ୮ ଘଣ୍ଟା ଉପଯୁକ୍ତ ଶ୍ରମଦାନ କରନ୍ତି ତେବେ ସେ ମଧ୍ୟ ଦୈନିକ ୨୫ ଟଙ୍କା ମଜୁରି ପାଇବେ । ଯେଉଁ ଶ୍ରମିକମାନଙ୍କ ନିଯୁକ୍ତିଦାତାମାନେ ଉପଯୁକ୍ତ କାମ ପାଇଁ ଉପଯୁକ୍ତ ମଜୁରି ନ ଦିଅନ୍ତି ଆଇନତଃ ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଏ ସମ୍ପର୍କରେ ସହାୟତା କରିବା ପାଇଁ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ସରକାର ଦାୟିତ୍ୱ ଦେଇଛନ୍ତି । ଏହା ସହିତ ଗ୍ରାମାଞ୍ଚଳରେ ଗରିବ ଲୋକମାନଙ୍କ ପାଇଁ ସ୍ଥାୟୀ କର୍ମ ଯୋଗାଣ ନିମନ୍ତେ ସରକାର ଜବାହର ରୋଜଗାର ଯୋଜନାକୁ ଅଧିକ ତ୍ୱରାନ୍ୱିତ କରାଇଛନ୍ତି ।

## ଦଶ ଲକ୍ଷ କୂପ ଯୋଜନା

୧୯୮୮ ମସିହାରେ ଭାରତ ସରକାର ଏହି ଯୋଜନାକୁ ମୁକ୍ତିଲାଭ ଦେଇଥିଲେ । ଏହି ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଆଦିବାସୀ, ହରିଜନ ଏବଂ କ୍ଷୁଦ୍ରଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ । ଶତକଡ଼ା ଭାଗ ସରକାରୀ ରିହାତିରେ ଏହି ଖୋଲା କୂଅଗୁଡ଼ିକ ସେମାନଙ୍କ ଜମିରେ ଖୋଳାଯାଉଛି ।

ଚଳିତ ବର୍ଷ ଆମ ରାଜ୍ୟରେ ୧୭୬୬୦ଟି କୂଅ ଖୋଳା ଯିବାର ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ବେଳେ ଏବେ ସୁଦ୍ଧା ପ୍ରାୟ ୧୫୦୦୦ କୂଅ ଖୋଳା ସରିଛି । ଆଗାମୀ ବର୍ଷା ଋତୁ ପୂର୍ବରୁ ବାକି କୂଅଗୁଡ଼ିକ କାର୍ଯ୍ୟକ୍ଷମ ହୋଇଥିବ ବୋଲି ଆଶା କରାଯାଏ ।

## ନାରୀ କଲ୍ୟାଣ

ନାରୀମାନଙ୍କ ସର୍ବବିଧ ଉନ୍ନତି ପାଇଁ ବର୍ତ୍ତମାନ ସରକାର ସଚେତନ ଅଛନ୍ତି ଓ ସେହି ଉଦ୍ଦେଶ୍ୟରେ କେତେକ ସୁଚିନ୍ତିତ କଲ୍ୟାଣକାରୀ ଯୋଜନା ହାତକୁ ନେଇଛନ୍ତି । ମହିଳା ବିକାଶ ନିଗମ ଏଥି ମଧ୍ୟରେ ଉଲ୍ଲେଖନୀୟ । ଏହି ନିଗମ ୧୯୯୦-୯୧ ଆର୍ଥିକ ବର୍ଷରେ ରାଜ୍ୟରେ ପ୍ରତିଷ୍ଠା କରାଯାଇଛି । ମହିଳା ଉଦ୍ୟୋଗୀମାନଙ୍କୁ ଚିହ୍ନଟ କରି ସେମାନଙ୍କ ପାଇଁ ଉପଯୁକ୍ତ ଯୋଜନା ପ୍ରସ୍ତୁତ କରିବା, ବୈଷୟିକ ପରାମର୍ଶ ଯୋଗାଇ ଦେବା, ବ୍ୟାଙ୍କ୍ ଓ ଆର୍ଥିକ ସଂସ୍ଥାମାନଙ୍କ ଜରିଆରେ ଋଣ ବ୍ୟବସ୍ଥା କରିବା ପ୍ରସ୍ତୁତ ଦ୍ରବ୍ୟଗୁଡ଼ିକର ବିକ୍ରି ଲାଗି ଉପଯୁକ୍ତ ବଜାର ସୁବିଧା ଯୋଗାଇ ଦେବା ତଥା ମହିଳା ପଲିଟେକ୍‌ନିକ୍ ଜରିଆରେ ମହିଳା ଉଦ୍ୟୋଗୀମାନଙ୍କ ପାଇଁ ତାଲିମ୍ ବ୍ୟବସ୍ଥା କରିବା ଇତ୍ୟାଦି ଏ ନିଗମର ଲକ୍ଷ୍ୟ ।

କର୍ମଜୀବୀ ମହିଳାମାନଙ୍କୁ କର୍ମକ୍ଷେତ୍ରରେ ସୁରକ୍ଷିତ ବାସଗୃହ ଯୋଗାଇ ଦେବା ପାଇଁ ସରକାର ଅନେକଗୁଡ଼ିଏ କର୍ମଜୀବୀ ମହିଳା ନିବାସ ନିର୍ମାଣ କରୁଛନ୍ତି । ଏହି ନିବାସମାନଙ୍କରେ ଶତକଡ଼ା ୫ ଭାଗ ସ୍ଥାନ ବିଧବା ଓ ନିଃସହାୟ ମହିଳାମାନଙ୍କ ପାଇ ଏବଂ ଶତକଡ଼ା ୧୫ ଭାଗ ସ୍ଥାନ ତଫସିଲଭୁକ୍ତ ଜାତି ଓ ଶତକଡ଼ା ୭.୫ ଭାଗ ସ୍ଥାନ ଉପଜାତିର ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିଛି । ଏପର୍ଯ୍ୟନ୍ତ ୧୦ଟି କର୍ମଜୀବୀ ମହିଳା ନିବାସ ତିଆରି ସରିଛି ଓ ୧୪ଟି ନିର୍ମାଣାଧୀନ ରହିଛି । ପ୍ରଥମ ପର୍ଯ୍ୟାୟ ଯୋଜନା ସମ୍ପୂର୍ଣ୍ଣ ହେଲେ ରାଜ୍ୟରେ ମୋଟ ୨୪ଟି ନିବାସ କାର୍ଯ୍ୟ କରିବ ଏବଂ ଏହା ଦ୍ୱାରା ୧୪୪୯ କର୍ମଜୀବୀ ମହିଳା ଉପକୃତ ହେବେ ।

ଏହା ବ୍ୟତୀତ ରାଜ୍ୟରେ ଅସହାୟ ମହିଳାମାନଙ୍କୁ ଧନ୍ଦାମୂଳକ ତାଲିମ ଦେବା ପାଇଁ ୮ ଲକ୍ଷ ଟଙ୍କା ବ୍ୟୟରେ ଏକ ପରିକଳ୍ପନା ଆରମ୍ଭ କରାଯାଇଛି । ଏଥିରେ ସେମାନଙ୍କୁ ସିଲେଇ, ଛୁଞ୍ଚିକାମ, ବୁଣାବୁଣି, ଖୋଦେଇ, କଣ୍ଢେଇ ତିଆରି ଇତ୍ୟାଦି ଶିକ୍ଷା ଦିଆଯାଏ । ତାଲିମ ଶେଷରେ ସେହି ମହିଳାମାନଙ୍କୁ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କ ଜରିଆରେ ଥଇଥାନ କରାଯାଇ ଥାଏ । ଏହି ତାଲିମ ନେଉଥିବା ସମୟରେ ପ୍ରତ୍ୟେକ ମହିଳାଙ୍କୁ ବୃତ୍ତି ମଧ୍ୟ ଦିଆଯାଇ ଥାଏ । ଚଳିତ ବର୍ଷ ୨ ଲକ୍ଷ ଟଙ୍କା ଏହିବାବଦରେ ବ୍ୟୟ ବରାଦ କରାଯାଇ ଥିବାବେଳେ ଆସନ୍ତା ବର୍ଷକୁ ୬ ଲକ୍ଷ ଟଙ୍କା ବ୍ୟୟ ବରାଦର ଲକ୍ଷ୍ୟ ସରକାର ଧାର୍ଯ୍ୟ କରିଛନ୍ତି ।

## ଶିଶୁ କଲ୍ୟାଣ

ଆଜିର ଶିଶୁ ହିଁ କାଲିର ନାଗରିକ । ଏଣୁ ସରକାର ଅନାଥ ଶିଶୁ କୁଷ୍ଠରୋଗୀମାନଙ୍କ ସନ୍ତାନ-ସନ୍ତତି ଓ ଯେଉଁ ଶିଶୁମାନଙ୍କର ପିତାମାତା ଅତ୍ୟନ୍ତ ଦରିଦ୍ର, ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେଉଛନ୍ତି । ରାଜ୍ୟର ଅନାଥାଶ୍ରମ ଗୁଡ଼ିକ ସବୁମତେ ସାହାଯ୍ୟ ତଥା ପୁନଃଉଦ୍ଧାର କରୁଛନ୍ତି । ୨ ଅକ୍ଟୋବର ୧୯୯୧ ଠାରୁ

ଅନାଥାଶ୍ରମ ଏବଂ ଅନ୍ୟାନ୍ୟ ଦାତବ୍ୟ ଅନୁଷ୍ଠାନ ଆଇନ ୧୯୬୦କୁ ଆମ ରାଜ୍ୟରେ କଡ଼ାକଡ଼ି ଭାବେ ଲାଗୁ କରାଯାଉଛି । ଏହା ଫଳରେ ଅବହେଳିତ ଶିଶୁମାନଙ୍କର ରକ୍ଷଣାବେକ୍ଷଣ ଓ ସୁରକ୍ଷା ତ୍ୱରାନ୍ୱିତ ହୋଇ ପାରିବ । ଅନାଥାଶ୍ରମ ବ୍ୟତୀତ ରାଜ୍ୟରେ ପଞ୍ଚାୟତିରାଜ ବିଭାଗ ଅଧୀନରେ ୨୬୩ଟି ବାଲ୍‌ୱାଡ଼ି ଓ ୩୭ଟି ଶିଶୁ ପାଳନ ଗୃହ କାର୍ଯ୍ୟ କରୁଛି । ଏହାଛଡ଼ା ରାଜ୍ୟରେ "ପୋଷ୍ୟ ସନ୍ତାନ ସନ୍ତତି" ଏବଂ "ରାସ୍ତାର ଶିଶୁ" ନାମକ ଦୁଇଟି କାର୍ଯ୍ୟକ୍ରମ ଆରମ୍ଭ କରାଯାଇ ଅନାଥ, ତଥା ଅବହେଳିତ ଶିଶୁମାନଙ୍କ ଥଇଥାନର ଅନ୍ୟ ଦୁଇଟି କଲ୍ୟାଣକାରୀ ଦିଗ ଉନ୍ମୋଚନ କରାଯାଇଛି । ଆଗାମୀ ବର୍ଷମାନଙ୍କରେ ଏହିଦୁଇଟି ଯୋଜନା ଅତି ବଡ଼ ଆକାର ଯେ ନେବ ଏଥିରେ ସନ୍ଦେହ ନାହିଁ ।

ବାଳ ଅପରାଧୀମାନଙ୍କୁ ଉପଯୁକ୍ତ ଶିକ୍ଷା ଦେଇ ପୁଣି ସମାଜରେ ପ୍ରତିଷ୍ଠା କରିବା ପାଇଁ ଏ ସରକାର ବିଶେଷ ଧ୍ୟାନ ଦେଇ ଆସିଛନ୍ତି । ରାଜ୍ୟର ୧୩ଟି ଜିଲ୍ଲାରେ ବାଳ ଅପରାଧୀମାନଙ୍କ ପାଇଁ 'ପର୍ଯ୍ୟବେକ୍ଷଣ ନିବାସ' ସ୍ଥାପିତ ହୋଇଛି ।

## ବିକଳାଙ୍ଗ ଲୋକଙ୍କ କଲ୍ୟାଣ

ବିକଳାଙ୍ଗ ଲୋକଙ୍କ ମଙ୍ଗଳ ଏବଂ ଥଇଥାନ କରିବା ଏକ ମାନବିକ କର୍ତ୍ତବ୍ୟ । ଅନ୍ୟମାନଙ୍କ ଭଳି ଏହି ଶ୍ରେଣୀର ଲୋକମାନଙ୍କର ବଞ୍ଚି ରହିବା ଲାଗି ଏକ ବିଶେଷ ଅଭିଳାଷ ରହିଛି ଓ ଥରେ ସୁଯୋଗ ଦିଆଗଲେ ଏମାନେ ମଧ୍ୟ ନିଜ ଉପରେ ନ୍ୟସ୍ତ ଦାୟିତ୍ୱ ତୁଲାଇ ପାରିବେ ଏବଂ ରାଷ୍ଟ୍ର ଗଠନ କାର୍ଯ୍ୟରେ ନିଜକୁ ନିୟୋଜିତ କରି ପାରିବେ । ଏହି ପରିପ୍ରେକ୍ଷୀରେ ସରକାର ଏକ ସହାନୁଭୂତିମୂଳକ ଦୃଷ୍ଟିଭଙ୍ଗୀ ଏବଂ ଗଠନମୂଳକ କାର୍ଯ୍ୟପନ୍ଥା ଗ୍ରହଣ କରିଛନ୍ତି ।


ଶାରୀରିକ ଅକ୍ଷମ, ମାନସିକ ବ୍ୟାଧିଗ୍ରସ୍ତ ଓ ମାନସିକ ନ୍ୟୁନତା ଭୋଗୁଥିବା ଶିଶୁମାନଙ୍କ ପାଇଁ ଆମ ରାଜ୍ୟରେ ବିଶେଷ ବିଦ୍ୟାଳୟ କାର୍ଯ୍ୟ କରୁଛି । ଅନ୍ଧ ଓ ବଧିର ଶିଶୁମାନଙ୍କ ପାଇଁ ଯଥାକ୍ରମେ ୩ଟି ଓ ୮ଟି ବିଦ୍ୟାଳୟ ଓ ମାନସିକ ବ୍ୟାଧିଗ୍ରସ୍ତ ଶିଶୁମାନଙ୍କ ପାଇଁ ୯ଟି ବିଦ୍ୟାଳୟ କାର୍ଯ୍ୟ କରୁଛି । ପ୍ରଥମ ଶ୍ରେଣୀରୁ ସପ୍ତ ଶ୍ରେଣୀ ଯାଏ ଅକ୍ଷମ ଛାତ୍ରଛାତ୍ରୀମାନଙ୍କୁ ସରକାର ମେଧା ବୃତ୍ତି ଦେଇଥାଆନ୍ତି ।

ଶାରୀରିକ ଅକ୍ଷମ ଲୋକମାନଙ୍କ ଥଇଥାନ ତଥା ତାଲିମ୍ ନିମନ୍ତେ ପାଞ୍ଚଟି ତାଲିମ କେନ୍ଦ୍ର ପ୍ରତିଷ୍ଠା କରାଯାଇଅଛି । ଅସ୍ଥିଶଲ୍ୟଗତ ବିକଳାଙ୍ଗମାନଙ୍କୁ ତିନି ଚକିଆ ଗାଡ଼ି ଏବଂ ବଧିରମାନଙ୍କୁ ଶ୍ରବଣ ଯନ୍ତ୍ର ଆଦି ଉପକରଣ ମଧ୍ୟ ନିୟମିତ ଭାବେ ଏ ସରକାର ଯୋଗାଇ ଆସୁଛନ୍ତି । ଭାରତ ସରକାରଙ୍କ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ଉତ୍ପାଦନ ନିଗମରୁ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ସଂଗ୍ରହ କରାଯାଇ ବିଶେଷଜ୍ଞଙ୍କ ତତ୍ତ୍ୱାବଧାନରେ ବିକଳାଙ୍ଗ ବ୍ୟକ୍ତିମାନଙ୍କୁ ଯୋଗାଇ ଦିଆଯାଉଛି । ଜିଲ୍ଲା ମୁଖ୍ୟ ସଦର ମହକୁମା ହାସ୍ପାତାଳ ଅସ୍ଥିଶଲ୍ୟ ଚିକିତ୍ସା ୟୁନିଟ୍‌ମାନଙ୍କରେ ଗୋଟିଏ ଲେଖାଏ କୃତ୍ରିମ ଅଙ୍ଗ ପ୍ରତ୍ୟଙ୍ଗ ଖଞ୍ଜା କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଛି ।

## ଜରା ନିବାସ

ନିଃସହାୟ ତଥା ଅବହେଳିତ ବୃଦ୍ଧ-ବୃଦ୍ଧାମାନଙ୍କ ଶେଷ ଜୀବନକୁ ମାନବ ଧର୍ମରେ ରକ୍ଷା କରିବା ପାଇଁ ସରକାର ଏକ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଜରିଆରେ ସାରା ରାଜ୍ୟରେ ଅନେକଗୁଡ଼ିଏ 'ଜରା ନିବାସ' ନିର୍ମାଣର କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି । ଏହାଦ୍ୱାରା ଆଗାମୀ ବର୍ଷମାନଙ୍କରେ ୬୦ ବର୍ଷରୁ ଉର୍ଦ୍ଧ୍ୱ ଅନେକ ନିଃସହାୟ ତଥା ସନ୍ତାନସନ୍ତତିଙ୍କ ଦ୍ୱାରା ଉପେକ୍ଷିତ ବୃଦ୍ଧ-ବୃଦ୍ଧାମାନେ ସେମାନଙ୍କ ଶେଷ ଜୀବନରେ ବାସସ୍ଥାନ, ଆହାର, ଯତ୍ନ ତଥା ଆଦର ପାଇପାରିବେ ।

ମୋଟାମୋଟି ଭାବରେ ଅସହାୟ ଦୁର୍ବଳ ଶ୍ରେଣୀର, ମହିଳା ଓ ଶିଶୁମାନଙ୍କର ସର୍ବାଙ୍ଗୀନ ଉନ୍ନତି ଦିଗରେ ସରକାର ସମସ୍ତ ଉଦ୍ୟମ ଜାରି ରଖିଛନ୍ତି । ଦ୍ରୁତ ଓ ଦୃଢ଼ ପ୍ରଗତି ନିମନ୍ତେ ସରକାର ସଙ୍କଳ୍ପବଦ୍ଧ ।



ସାମାଜିକ କଲ୍ୟାଣ ପାଇଁ ବୈଠକରେ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଆଲୋଚନା ୯/୩ ।



# ଗଜପତି କୃଷ୍ଣଚନ୍ଦ୍ର ଓ ଉତ୍କଳ ସମ୍ମିଳନୀ

ଡଃ ହରିହର କାନୁନ୍‌ଗୋ

ଉତ୍କଳ ସମ୍ମିଳନୀ ଥିଲା ଓଡ଼ିଶାବାସୀ ଓ ଓଡ଼ିଆ ଭାଷୀମାନଙ୍କର ଜାତୀୟ ଅନୁଷ୍ଠାନ । ଓଡ଼ିଆ ଜାତିର ମହା ମିଳନର ସଭା ଥିଲା ଏହି ଉତ୍କଳ ସମ୍ମିଳନୀ । ରାଜନୈତିକ ବନ୍ଧରେ ଉତ୍କଳ ବିଛିନ୍ନ ହୋଇଥିଲେ ସୁଦ୍ଧା ଖଣ୍ଡିତ ଓଡ଼ିଆମାନଙ୍କର ନୈସର୍ଗିକ ଜାତୀୟ ମିଳନ ଓ ଆକାଂକ୍ଷା ଏହି ସମ୍ମିଳନୀ ମାଧ୍ୟମରେ ଜାଗ୍ରତ ହୋଇପାରିଥିଲା ଏବଂ ନିରାଶା ମଧ୍ୟରେ ଆଶା ଓ ଭରସା ଆଣି ଦେଇଥିଲା । କୋଟିଏ ଲୋକଙ୍କ ମନରେ ଜାତୀୟ ଭାବ ଓ ସମ୍ବେଦନା ସୃଷ୍ଟି କରି ପାରିଥିଲା । ଖଲ୍ଲିକୋଟର ରାଜା ହରିହର ମର୍ଦ୍ଦରାଜଙ୍କ ନେତୃତ୍ୱରେ ଓଡ଼ିଆ ଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରିବା ପାଇଁ ୧୯୦୨ରେ ଗଠିତ ଉକ୍ତ "ଜାତୀୟ ସମ୍ମିଳନୀ"ରୁ ଏହି ଉତ୍କଳ ସମ୍ମିଳନୀର ଜନ୍ମ । ଏହି ସମ୍ମିଳନୀ ୧୯୦୩ ଡିସେମ୍ବରରୁ ଆରମ୍ଭ ହୋଇ ୧୯୩୬ ମାର୍ଚ୍ଚ ପର୍ଯ୍ୟନ୍ତ ୨୦ଟି ଅଧିବେଶନରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଛି ।

୧୯୦୩ ଡିସେମ୍ବର ୩୦,୩୧ରେ କଟକ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନରେ ଓଡ଼ିଆ ଭାଷୀ ଅଞ୍ଚଳର ଏକତ୍ରୀକରଣ ପାଇଁ ପ୍ରସ୍ତାବ, ୧୯୦୪ ଡିସେମ୍ବର ୨୮, ୨୯ରେ କଟକ ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଓଡ଼ିଶାକୁ ସ୍ୱତନ୍ତ୍ର ଶାସନାଧୀନ କରିବା ପାଇଁ ଲର୍ଡ଼ କର୍ଜନଙ୍କ ପ୍ରସ୍ତାବକୁ ସମର୍ଥନ, ୧୯୦୫ ଅପ୍ରେଲ ୧୩, ୧୪ରେ ବାଲେଶ୍ୱରଠାରେ ସମ୍ମିଳନୀର ତୃତୀୟ ଅଧିବେଶନରେ ଓଡ଼ିଶା ସହିତ ସମ୍ବଲପୁର ଓ ଗଞ୍ଜାମର ମିଶ୍ରଣ ପ୍ରସ୍ତାବ, ୧୯୦୬ ଡିସେମ୍ବର ୨୬, ୨୭ରେ ବ୍ରହ୍ମପୁରଠାରେ ଏହି ସମ୍ମିଳନୀର ଚତୁର୍ଥ ଅଧିବେଶନରେ ମାନ୍ଦ୍ରାଜ ଓଡ଼ିଆ ଅଞ୍ଚଳରେ ଓଡ଼ିଆ ଭାଷାରେ ଶିକ୍ଷା ଦାନ ବ୍ୟବସ୍ଥା ଯୋଗୁଁ ମାନ୍ଦ୍ରାଜ ସରକାରଙ୍କୁ କୃତଜ୍ଞତା ଜ୍ଞାପନ ପ୍ରସ୍ତାବ, ୧୯୦୭ ଅପ୍ରେଲ ୧୮, ୧୯ରେ ପୁରୀଠାରେ ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କ ପାଇଁ ଲଣ୍ଡନରେ କାର୍ଯ୍ୟ କରିଥିବା ମଧୁବାବୁଙ୍କୁ ଏହି ସମ୍ମିଳନୀ ପକ୍ଷରୁ ଧନ୍ୟବାଦ ଅର୍ପଣ, ୧୯୦୮ ଡିସେମ୍ବରରେ କଟକର ଷଷ୍ଠ ଅଧିବେଶନରେ ଶିକ୍ଷା ଓ ଉତ୍କଳ ସମ୍ମିଳନୀ ପାଇଁ ସ୍ଥାୟୀ ପାଣ୍ଠି ଗଠନ ପ୍ରସ୍ତାବ, ୧୯୧୦ ଡିସେମ୍ବର ୩୦, ୩୧ରେ କଟକଠାରେ ସମ୍ମିଳନୀର ସପ୍ତମ ଅଧିବେଶନରେ ଦେଶ ମିଶ୍ରଣ ପ୍ରସ୍ତାବ ସମ୍ପର୍କରେ ଦୃଢ଼ ଦାବୀ, ୧୯୧୨ ଅପ୍ରେଲ ୬, ୭ରେ ବ୍ରହ୍ମପୁରଠାରେ ହୋଇଥିବା ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ ମୟୂରଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବଙ୍କ ଅକାଳ ଆକସ୍ମିକ ବିୟୋଗରେ ଶୋକ ପ୍ରସ୍ତାବ କରିବା ସଙ୍ଗେ ସଙ୍ଗେ ରମ୍ଭୁଲ କୋଣ୍ଡାରେ ହାଇସ୍କୁଲଟିଏ ନିର୍ମାଣ କରିବା ପାଇଁ ପ୍ରସ୍ତାବ ଆଗତ ଏବଂ ୧୯୧୩ ଡିସେମ୍ବର ୨୮, ୨୯ରେ ପୁରୀଠାରେ ମଧୁବାବୁଙ୍କ ସଭାପତିତ୍ୱରେ ସମ୍ମିଳନୀର ନବମ ଅଧିବେଶନରେ ଗଞ୍ଜାମ ଓଡ଼ିଆମାନଙ୍କ ସମସ୍ୟାର ସମାଧାନ ଉପରେ ଆଲୋଚନା କରାଯିବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷା ଓ ସଂସ୍କୃତିର ଉନ୍ନତି ନିମନ୍ତେ ପ୍ରସ୍ତାବଗୁଡ଼ିକ ପ୍ରତିବର୍ଷ ଗୃହୀତ ହୋଇଥିଲା ।

୧୯୧୩ ଅପ୍ରେଲ ୨୬ରେ ପାରଳାର ଗଙ୍ଗବଂଶୀ ଗଜପତି ରାଜବଂଶର ଦାୟାଦ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ମାନ୍ଦ୍ରାଜର ନିଉଇଂଟନ୍ କଲେଜରୁ ଶିକ୍ଷା ସମାପ୍ତ କରି ରାଜଗାଦିରେ ବସିବା ପୂର୍ବରୁ ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପ୍ରଜାମାନଙ୍କ ସୁଖସୁବିଧା ତଥା ଜାତୀୟ କଲ୍ୟାଣ କାର୍ଯ୍ୟରେ ଆଜୀବନ ବ୍ରତୀ ହେବା ପାଇଁ ଶପଥ ନେଲେ । ମାନ୍ଦ୍ରାଜରେ ରହିଥିବା ବେଳେ ଗଜପତି କୃଷ୍ଣଚନ୍ଦ୍ର ଓଡ଼ିଶା ତଥା ଅନ୍ୟାନ୍ୟ ଅଞ୍ଚଳର ପତ୍ରପତ୍ରିକାରୁ ସ୍ପଷ୍ଟ ବୁଝିପାରିଥିଲେ ଯେ ଓଡ଼ିଆ ଭାଷୀ ଅଞ୍ଚଳଗୁଡ଼ିକ ଚାରିଗୋଟି ପ୍ରଦେଶରେ ବିଚ୍ଛିନ୍ନ ହୋଇ ରହିଥିବାରୁ ଅତୀତର ସେହି ପରାକ୍ରମଶାଳୀ ଓ କଳାନୈପୁଣ୍ୟ ଓଡ଼ିଆ ଆଜି ଅନ୍ୟମାନଙ୍କ ତୁଳନାରେ ଦୁର୍ଦ୍ଦଶାଗ୍ରସ୍ତ ଓ ନିଃସ୍ୱତ୍ତ୍ୱ ହୋଇପଡ଼ିଛି । ଏହି ଦୁର୍ବିପାକରୁ ଜନ୍ମଭୂମିକୁ ଉଦ୍ଧାର କରିବା ପାଇଁ ପ୍ରତ୍ୟେକ ଓଡ଼ିଆର କର୍ତ୍ତବ୍ୟ ହେବା ଉଚିତ । ଅତୀତର ସେହି ଗୌରବ ଗାଥାକୁ ସ୍ମରଣ କରି ଖଣ୍ଡବିଖଣ୍ଡିତ ଓଡ଼ିଆ ଭାଷୀ ଅଞ୍ଚଳକୁ ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରାଗଲେ ଏହି ଜାତିର ହୀନମାନ୍ୟତା ଦୂର ହୋଇ ପାରିବ ବୋଲି ଜାଣିପାରି ଅଣ୍ଟା ଭିଡ଼ି ବାହାରି ଆସିଲେ । ଜାତୀୟତାର ଏହି ମହାମନ୍ତ୍ରରେ ଉଦ୍‌ବୁଦ୍ଧ ହୋଇ ସେହି ଓଡ଼ିଆଙ୍କର ଜାତୀୟତାବାଦୀ ତୁଙ୍ଗ ନେତା ଉତ୍କଳ ଗୌରବ ମଧୁବାବୁଙ୍କ ସହ ପରାମର୍ଶ କରି ୧୯୧୪ ଡିସେମ୍ବର ୨୬, ୨୭ରେ ନିଜ ଜନ୍ମପୀଠ ପାରଳାଖେମୁଣ୍ଡିଠାରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ପାଇଁ ଡାକରା ଦେଲେ ।

ଗଜପତି କୃଷ୍ଣଚନ୍ଦ୍ରଙ୍କର ଏଭଳି ଉଗ୍ର ଜାତୀୟତାବାଦୀ ମନୋଭାବ ସମସ୍ତଙ୍କ ହୃଦୟକୁ ଆନ୍ଦୋଳିତ କଲା । ଟିନ୍‌କିଲି ଯୁବରାଜ ଲକ୍ଷ୍ମୀନାରାୟଣ ଦେବଙ୍କ ଭାଷାରେ :—

ସର୍ବ ଭାଇଗଣ          ହୋଇ ଏକତ୍ରିତ
ଅର୍ଚ୍ଚିବା ମାତୃ ପାଦ ତଳେ
ଭାଇଭାଇ ମନ୍ତ୍ରେ          ପରସ୍ପର ପ୍ରେମେ
ମୁଗ୍ଧ ହୋଇଯିବା ସକଳେ ।୧।
ଏକ ମନେ ସର୍ବେ          କାର୍ଯ୍ୟେ ଯିବା ଲାଗି
ଯଥା ହେବ ଦେଶ ଉନ୍ନତ
ମହା କବିକୁଳ          ଏ ପବିତ୍ର ଦେଶେ
କେବଳ ହୋଇଥିଲେ ଜାତ ।୨।

(ପାରଳାର ଗଜପତି ପ୍ରେସ୍‌ରେ ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନ ଉପଲକ୍ଷେ ରଚିତ ଦେଶାତ୍ମବୋଧ ଗୀତ)

ଏହି ସମ୍ମିଳନୀର ଦଶମ ଅଧିବେଶନରେ କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, କଲିକତା, ମେଦିନୀପୁର, ସିଂହଭୂମ, ଗଡ଼ଜାତ, ବିଜୟନଗର, ବିଶାଖାପାଟଣା, ଜୟପୁର ଓ ଗଞ୍ଜାମର ବିଭିନ୍ନ ସ୍ଥାନରୁ ରାଜା, ରାଜକୁମାର, ଜମିଦାର, ମଖାସାଦାର, ମିରାଶିଦାର, ସାମନ୍ତ, ମହନ୍ତ, ମଠାଧିକାରୀ, ବାରିଷ୍ଟର ଓକିଲ, ମୁକ୍ତାର, କୃଷକ, ଶିକ୍ଷକ ଓ ଛାତ୍ର ପ୍ରଭୃତି ବିଭିନ୍ନ ଶ୍ରେଣୀର ପ୍ରାୟ ଦୁଇହଜାର ଆଗନ୍ତୁକ ପ୍ରତିନିଧି ଓ ଦର୍ଶକ ଏବଂ ପାରଳାର ପ୍ରାୟ ତିନି ହଜାର ଭଦ୍ରବ୍ୟକ୍ତି ଆଉ ସ୍ଥାନୀୟ ୟୁରୋପିୟାନ୍ ଓ ଅଣଓଡ଼ିଆ ଗଣ୍ୟମାନ୍ୟ ଭଦ୍ରବ୍ୟକ୍ତିଗଣ ଆମନ୍ତ୍ରିତ ହୋଇ ଉପସ୍ଥିତ ଥିଲେ ।

ପାରଳାନଗରର ଗଜପତି କଲେଜ (ପ୍ରାଚୀନ ନାମ ରାଜା କଲେଜ)/ବର୍ତ୍ତମାନର ବାଳକ ବିଦ୍ୟାଳୟର ଦକ୍ଷିଣ ପାର୍ଶ୍ୱସ୍ଥ ବିରାଟ ଗୃହୀସ୍ଥ ବାଡ଼ି ପଡ଼ିଆରେ ସୁସଜ୍ଜିତ ସମ୍ମିଳନୀ ମଣ୍ଡପ ପ୍ରତିଷ୍ଠିତ ହୋଇଥିଲା । ଦକ୍ଷିଣ ଓଡ଼ିଶାର ବିଶାଖାପଟଣା ନଗର ନିବାସୀ ଜୟପୁର ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ମାମୁଁ ବିକ୍ରମ ଦେବ ବର୍ମା ସମ୍ମିଳନୀରେ ଥିଲେ ସଭାପତି । ସେ ଜଣେ ପରମ ବୈଷ୍ଣବ ଓ ବୈଦିକ ଧର୍ମ ଚର୍ଚ୍ଚା ପ୍ରତି ଥିଲେ ବିଶେଷ ଆଗ୍ରହୀ । ଡିସେମ୍ବର ୨୬ ତାରିଖ ପ୍ରଥମ ଦିନ ୧୧ ଘଣ୍ଟା ଠାରୁ ୫ ଘଣ୍ଟା ପର୍ଯ୍ୟନ୍ତ ଅଧିବେଶନ ଚାଲିଥିଲା । ସ୍ଥାନୀୟ ବାଳିକା ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ରାଧାନାଥଙ୍କ "ସର୍ବେଷାଂ ନୋ ଜନନୀ ଭାରତ ଧରଣୀ କଳ୍ପଲତେୟଂ" ଏବଂ ବୃନ୍ଦାବନ ଚନ୍ଦ୍ର ପାଣିଗ୍ରାହୀଙ୍କ "ଆଜି କି ସୁଦିନ, ପୂଜନେ ମାତାଙ୍କ ଚରଣ, ପୁତ୍ରେ ହୋଇ ଏକ ସ୍ଥାନେ ସମ୍ମିଳନ । ନାନା ସ୍ଥାନୁ ଆସି, ଉତ୍କଳ ନିବାସୀ, ଜନନୀଙ୍କ ପାଦେ କରନ୍ତି ବନ୍ଦନ" ଆଦି ଭାରତ ବନ୍ଦନା ଓ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା ।

ଅଭ୍ୟର୍ଥନା ସଭାର ସଭାପତି ସ୍ଥାନୀୟ ବଡ଼ ରାଧାକାନ୍ତ ମଠ ମହନ୍ତ ରାଧାକୃଷ୍ଣ ଦାସ ଗୋସ୍ୱାମୀ ଆଗନ୍ତୁକ ପ୍ରତିନିଧି ଓ ଦର୍ଶକମାନଙ୍କୁ ଅଭ୍ୟର୍ଥନା ଜଣାଇ କହିଲେ ଯେ ଫଳପୁଷ୍ପ ଶସ୍ୟ ଶାଳିନୀ ଅଚପଳା-କବି ପ୍ରସୂତି ପାରଳାରେ ଶିଳ୍ପକଳା ବିଭୂଷିତା ଦୀର୍ଘାବଳୀ ମଣ୍ଡିତା ଗିରି କାନନ ଶୋଭିନୀ, ଯଯାତି, ଅନଙ୍ଗ, ଉପେନ୍ଦ୍ର, ଗୋପାଳକୃଷ୍ଣ, ଗୌରହରି, ରଘୁନାଥ ଓ ହରିବନ୍ଧୁ ଆଦି ସୁପୁତ୍ର ଶାଳିନୀ ଉତ୍କଳ ଜନନୀଙ୍କ ପୂଜାର ଦଶମ ବାର୍ଷିକୋତ୍ସବ । ଏହିଭଳି ମହୋତ୍ସବ ଥିଲା ପାରଳାର ସର୍ବ ପ୍ରଥମ । ଉତ୍କଳ ନିଜ ପୂର୍ବ ଗୌରବ ଫେରି ପାଇବା ସଙ୍ଗେ ସଙ୍ଗେ ଉତ୍କଳର ଛିନ୍ନ ବିଛିନ୍ନ ଅଙ୍ଗ ପ୍ରତ୍ୟଙ୍ଗଗୁଡ଼ିକ ଏକତ୍ରିତ କରି କୋଣାର୍କ ଓ ଭୁବନେଶ୍ୱରର ଶିଳ୍ପକଳା ଉତ୍କଳର ନୈରାଶ୍ୟ ଜର୍ଜ୍ଜରିତ ପ୍ରାଣରେ ମୃତସଞ୍ଜିବନୀ ମନ୍ତ୍ର ପ୍ରଦାନ କରିପାରିବ । କୃଷି, ବାଣିଜ୍ୟ, ଶିଳ୍ପ, ସମାଜ ପ୍ରଭୃତି କ୍ଷେତ୍ରରେ ଓଡ଼ିଶା ଅସାରଣ ନଥିଲା । ସେହି ପୂର୍ବ ଗୌରବକୁ ଫେରାଇ ଆଣିବା ଆଜିର ଏହି ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ । ତେଣୁ ଦିନକରେ କୌଣସି ଦେଶ ସର୍ବାଙ୍ଗୀନ ଉନ୍ନତି ଲାଭ କରି ନପାରେ । ଦିନକରେ କୌଣସି ଜାତୀୟ ଜୀବନ ଗଠିତ ହୋଇ ନପାରେ । ଶତାବ୍ଦୀ ବ୍ୟାପୀ ସାଧନା ନକରି ସିଦ୍ଧି ଲାଭ ଆଶା କରିବା 'ବିଡ଼ମ୍ବନା' ମାତ୍ର । କିନ୍ତୁ ଏହି ଉତ୍କଳ ସମ୍ମିଳନୀ ଓଡ଼ିଆମାନଙ୍କୁ ନବ ଜୀବନ ପ୍ରଦାନ କରିଛି । ଗଞ୍ଜାମ, ଜୟପୁର ଓ ସିଂହଭୂମର ଓଡ଼ିଆ ଭାଇମାନେ ଭ୍ରାତୃ ପ୍ରେମରେ ଅତି ପରସ୍ପରକୁ ପ୍ରଗାଢ଼ ଆଲିଙ୍ଗନ କରୁଛନ୍ତି । ଏତଦ୍ ବ୍ୟତୀତ ଭାରତର ରାଜ ପ୍ରତିନିଧି ଲର୍ଡ଼ ହାର୍ଡ଼ିଞ୍ଜଙ୍କ ପତ୍ନୀ ଓ ପୁତ୍ର ବିୟୋଗ, କଟକ ରେଭେନ୍‌ସା କଲେଜ ଓ ବାଳିକା ବିଦ୍ୟାଳୟର ପ୍ରତିଷ୍ଠାତା ଓଡ଼ିଶାର ଭୂତପୂର୍ବ କମିଶନର୍ ରେଭେନ୍‌ସା ସାହେବଙ୍କ ମୃତ୍ୟୁ, ମଞ୍ଜୁଷାର ସାହିତ୍ୟ ସେବୀ ରାଜା ବାସୁଦେବ ରାଜମଣିଙ୍କ ମୃତ୍ୟୁ ଏବଂ ମଧୁବାବୁଙ୍କ ଭ୍ରାତା ସାହିତ୍ୟ ସେବକ ଗୋପାଳ ବଲ୍ଲଭ ଦାସଙ୍କ ମୃତ୍ୟୁରେ ଏହି ସମ୍ମିଳନୀ ଶୋକାଭିଭୂତ ହୋଇ ଶୋକ ପ୍ରସ୍ତାବ କରିଛନ୍ତି । ମଧୁପୁର ରାଜାଙ୍କ ଦ୍ୱାରା ପ୍ରସ୍ତାବ ଆଗତ, ପାରଳାର ରାଜା ସାହେବଙ୍କ ଅନୁମୋଦନ ଓ ବ୍ରଜସୁନ୍ଦର ଦାସଙ୍କ ସମର୍ଥନ ଏବଂ ଶେଷରେ ବିକ୍ରମ ଦେବ ବର୍ମାଙ୍କ ସଭାପତିତ୍ୱରେ ପ୍ରସ୍ତାବ ଗୃହୀତ ହେବା ପରେ କାର୍ଯ୍ୟ ନିର୍ବାହିକା ସମିତିର ସମ୍ପାଦକ ଜଗବନ୍ଧୁ ସିଂହ ସମିତିର ରିପୋର୍ଟ ପାଠ କରିଥିଲେ । ସେଥିରେ ଉଲ୍ଲେଖ ଥିଲା ଯେ ଏହି ସମ୍ମିଳନୀ କିୟତ ପରିମାଣରେ ଅଧିକାଂଶ ଲୋକଙ୍କ ହୃଦୟରେ ଜାତୀୟ ଜୀବନ ଜାଗରଣ କରିପାରିଛି । ପ୍ରଚାରକ ଅନନ୍ତ ମିଶ୍ର ସ୍ୱଦେଶ ପ୍ରେମରେ ପ୍ରେମିକ ହୋଇ ନାନା ସ୍ଥାନକୁ ଯାଇ ସଭାସମିତି କରାଇ ଦେଶୋନ୍ନତିକର କାର୍ଯ୍ୟ କରିବା ପାଇଁ ଲୋକମାନଙ୍କୁ ଉପଦେଶ ଦେଇଛନ୍ତି । ଅକ୍ଟୋବର ମାସ ପ୍ରଥମ ରବିବାରରେ ସମ୍ମିଳନୀ ସମ୍ବନ୍ଧରେ ଆଲୋଚନା ପ୍ରତ୍ୟେକ ସ୍ଥାନରେ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇ ସ୍ମାରକ ପତ୍ର ବିଭିନ୍ନ ସ୍ଥାନକୁ ପଠାଯାଇଥିଲା । ତଦନୁସାରେ ଅନେକ ସ୍ଥାନରେ ସଭା କରାଯାଇ ପ୍ରତିନିଧି ନିର୍ବାଚନ ଓ ବିଭିନ୍ନ ଅଧିବେଶନରେ ଆଲୋଚିତ ବିଷୟ ସମ୍ବନ୍ଧରେ 'ଆଶା' ଖବରକାଗଜରେ ପ୍ରକାଶିତ ହେଉଥିଲା । କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର ଓ ଗଞ୍ଜାମ ଆଦି ଜିଲ୍ଲାରେ ୯୨ଟି ସ୍ଥାନରେ ସମ୍ମିଳନୀର ପ୍ରଚାର କାର୍ଯ୍ୟ ହୋଇଥିଲା । ତେଣୁ ପ୍ରଚାରକ ନିଯୁକ୍ତି ଫଳରେ ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ଉତ୍କଳରେ ସର୍ବତ୍ର ପ୍ରଚାରିତ ହେବା ସଙ୍ଗେ ସଙ୍ଗେ ଜାତୀୟ ଜାଗରଣ ଜୀବନ୍ତ ରଖିବାର କଳ୍ପନା କାର୍ଯ୍ୟରେ ପରିଣତ ହୋଇଥିଲା ।

ସତ୍ୟବାଦୀ ବିଦ୍ୟାଳୟ ସ୍ଥାପନ ସମ୍ବନ୍ଧୀୟ ଗତବର୍ଷର ପ୍ରସ୍ତାବ ଉପରେ ଆଲୋଚନା କରାଯାଇଥିଲା । ଏହି ବିଦ୍ୟାଳୟଟି ୧୯୧୪ରେ କଲିକତା ବିଶ୍ୱବିଦ୍ୟାଳୟ ଦ୍ୱାରା ମାଟ୍ରିକୁଲେସନ୍ ପରୀକ୍ଷା ଦେବା ପାଇଁ ଅନୁମୋଦିତ ହେଲା । ନୀଳକଣ୍ଠ, ଗୋଦାବରୀଶ ଓ କୃପାସିନ୍ଧୁ ପ୍ରଭୃତି ଶିକ୍ଷକମାନେ ଏହାର ପରିଚାଳନା ଦାୟିତ୍ୱ ନେଇଥିଲେ । ଏହି ବିଦ୍ୟାଳୟର ଶିକ୍ଷା ପ୍ରଣାଳୀ ଓ ପରିଚାଳନା ସମ୍ବନ୍ଧରେ ବିହାର ଓଡ଼ିଶା ଶିକ୍ଷା ବିଭାଗର ନିର୍ଦ୍ଦେଶକଙ୍କ ଦ୍ୱାରା ଅନୁକୂଳ ମତ ପ୍ରକାଶ ପାଇଥିଲା । ଫଳରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ଓ ଗଡ଼ଜାତରୁ ବିଶେଷ କରି ଗଞ୍ଜାମରୁ ବହୁ ଛାତ୍ର ଆକୃଷ୍ଟ ହୋଇ ପାଠ ପଢ଼ିବା ପାଇଁ ଆସୁଥିଲେ । ତେଣୁ ଏହି ବିଦ୍ୟାଳୟ ଗଠନ ସମ୍ମିଳନୀର ଅବଦାନ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ଶେଷରେ ଅଭ୍ୟର୍ଥନା ସମିତିର ସମ୍ପାଦକ ନିତ୍ୟାନନ୍ଦ ପଟ୍ଟନାୟକ ସଭାରେ ଯୋଗଦେଇ ନପାରି ବିଭିନ୍ନ ବ୍ୟକ୍ତିଙ୍କ ସହାନୁଭୂତି ପତ୍ର ପଠାଇଥିଲେ ।

ସମ୍ମିଳନୀର ସଭାପତି ବିକ୍ରମ ଦେବ ବର୍ମା ଲିଖିତ ଦୀର୍ଘ ଅଭିଭାଷଣ ପାଠ କରିଥିଲେ। ସେଥିରେ ଜୟପୁର, ବିଶାଖାପାଟଣା ଓଡ଼ିଆମାନଙ୍କର ଅବସ୍ଥା ସମ୍ପର୍କରେ ସେ ସୂଚନା ଦେବା ସଙ୍ଗେ ସଙ୍ଗେ ପୃଥ୍ୱୀର ବିଶ୍ୱଯୁଦ୍ଧ, ଓଡ଼ିଆ ପାଇକ ସୈନିକମାନଙ୍କର ଗୌରବ ଗାଥା ବର୍ଣ୍ଣନା କରିଛନ୍ତି। ଏହି ସମ୍ମିଳନୀ ନିମନ୍ତେ ପାରଳାଖେମୁଣ୍ଡି ଥିଲା ପ୍ରକୃଷ୍ଟ ସ୍ଥାନ। ଏହି ସମ୍ମିଳନୀଗୁଡ଼ିକର ପରିଚାଳନା ନିମନ୍ତେ ପାରଳା ରାଜା କୃଷ୍ଣଚନ୍ଦ୍ର ଗଜପତି ଅକାତରେ ଏକଲକ୍ଷ ଟଙ୍କା ଦାନ କରିଛନ୍ତି। ତେଣୁ ଏହି ସମ୍ମିଳନୀ ବାସ୍ତବିକ ସୁନ୍ଦର ଓ ଉପଯୁକ୍ତ ହୋଇଛି। ତାହାଙ୍କ ସଭାପତି ଅଭିଭାଷଣରେ ମଞ୍ଜୁଷାର ରାଜା ବାସୁଦେବ ରାଜମଣି ଓ କମିଶନର ରେଭେନ୍‌ସା ସାହେବଙ୍କ ମୃତ୍ୟୁ, ଭାରତର ବଡ଼ଲାଟ ଲର୍ଡ଼ ହାର୍ଡ଼ିଞ୍ଜଙ୍କ ପତ୍ନୀ ଏବଂ ପୁତ୍ରର ବିୟୋଗ ଆଦି ଶୋକ ପ୍ରସ୍ତାବ ପୁଣି ସେଠାରେ ଆଗତ କରିଥିଲେ।

ଦେଶ ମିଶ୍ରଣ ସମ୍ବନ୍ଧରେ ଆଲୋଚନା କରି କହିଲେ ଯେ ପ୍ରବଳ ପରାକ୍ରମ ଜାତିଙ୍କ ନିଷ୍ପେଷଣ ଓ ନିର୍ଯ୍ୟାତନାରେ, ଆଧିପତ୍ୟ ଓ ଆକ୍ରମଣରେ ଆଜି ଲକ୍ଷ ଲକ୍ଷ ଓଡ଼ିଆଙ୍କ ବ୍ୟକ୍ତିତ୍ୱ ସଂସ୍ଥାପନ ଓ ସଂରକ୍ଷଣ ଆଶା ବହୁ ଦୂରକୁ ଗୁଳିଯାଇଛି। ଆକୃତି, ପ୍ରକୃତି, ଆଚାର, ବ୍ୟବହାର, ଭାଷାଭାବ ଇତ୍ୟାଦି ସକଳ ବିଷୟରେ ସର୍ବତ୍ରରେ ଅନ୍ୟାନ୍ୟ ଜାତିଙ୍କଠାରୁ ଓଡ଼ିଆମାନେ ପୃଥକ ବୋଲି ବଡ଼ ବଡ଼ ଶାସନ କର୍ମଚାରୀ ଓ ସରକାର ଘୋଷଣା କରି ସାରିଛନ୍ତି। ଓଡ଼ିଆଙ୍କର ଏହି ପାର୍ଥକ୍ୟ ଓ ସ୍ୱାତନ୍ତ୍ୟ ରକ୍ଷା କରିବା ସରକାରଙ୍କ କର୍ତ୍ତବ୍ୟ। ବଙ୍ଗ ଭଳି ମାନ୍ଦ୍ରାଜ ଅନ୍ତର୍ଗତ ଓଡ଼ିଶା ପ୍ରଦେଶ ଏବଂ ଜୟପୁର ଗଞ୍ଜାମ ଆଦି ପ୍ରାକୃତିକ ଓଡ଼ିଶାର ଏକ ଅବିଚ୍ଛିନ୍ନ ଅଂଶ। ପ୍ରାୟ ସମସ୍ତ ଗଞ୍ଜାମ ଜିଲ୍ଲା ଓ ଜୟପୁର ଓଡ଼ିଆ ରାଜାମାନଙ୍କ ଦ୍ୱାରା ଅଧିକୃତ ଏବଂ ଓଡ଼ିଆ ଲୋକଙ୍କ ଦ୍ୱାରା ଅଧ୍ୟୁଷିତ ହେଲେ ମଧ୍ୟ କ୍ଷମତାଶାଳୀ ତେଲୁଗୁମାନଙ୍କ ପ୍ରଭାବରେ ଓଡ଼ିଆ ଶକ୍ତି ଏକାବେଳେ ମ୍ରିୟମାଣ ହୋଇ ପଡ଼ିଛି। ଓଡ଼ିଆ ଆଜି ମୁଣ୍ଡଟେକି ଗୁଳିପାରୁ ନାହିଁ। ବିଦ୍ୟାଳୟରେ, ଅଫିସରେ, ରାଜ ଦରବାରରେ ଓଡ଼ିଆ ଏକ ପ୍ରକାର ବର୍ଜିତ। ଓଡ଼ିଆ ଛାତ୍ର ନିଜ ଜାତୀୟ ଭାଷା ଅଧ୍ୟୟନ, ନିଜ ଜାତୀୟ ସାହିତ୍ୟ ଚର୍ଚ୍ଚାରୁ ବଞ୍ଚିତ। ହେତୁ ଓଡ଼ିଶା ଦେଶ ଆଜି ଖଣ୍ଡ ବିଖଣ୍ଡିତ। ପ୍ରାୟ ଦଶବର୍ଷ ହେଲା ଓଡ଼ିଆମାନେ ଏହି ବିଚ୍ଛିନ୍ନ ଉତ୍କଳ ପ୍ରଦେଶର ଏକୀକରଣ ନିମନ୍ତେ ଆନ୍ଦୋଳନ କରି ଆସୁଛନ୍ତି। କିନ୍ତୁ ସରକାର ନିଶ୍ଚଳ। ମେଦିନୀପୁର ଓଡ଼ିଆମାନଙ୍କ ଅବସ୍ଥା ତଦ୍ରୂପ। କୌଣସି ବ୍ୟକ୍ତି ବା ଜାତି ବଳହୀନ ହେଲେ ତାହାର ଆତ୍ମବୋଧ ରହେ ନାହିଁ। ଯଥା ମେଦିନୀପୁରର ଓଡ଼ିଆମାନ ନିର୍ବାସିତ ଭଳି ଓଡ଼ିଶା ଦେଶର ବାହାରେ ପଡ଼ିଛନ୍ତି। ଶାସନ ସମ୍ପର୍କ ବିଚ୍ଛେଦ ହେବା ସଙ୍ଗେ ସଙ୍ଗେ ଅନ୍ୟ ଓଡ଼ିଆଙ୍କ ସହ ସେମାନଙ୍କର ସାମାଜିକ ବନ୍ଧନ ଶିଥିଳ ହୋଇଯାଉଛି। ତେଣୁ ଓଡ଼ିଆଙ୍କ ସମୋନ୍ନତି ଓ ସଚେତନତା ବୃଦ୍ଧି ସମ୍ମିଳନୀର ଗୋଟିଏ ବିଶିଷ୍ଟ କାର୍ଯ୍ୟ ହେବା ଉଚିତ ବୋଲି ସେ କହିଥିଲେ। ଓଡ଼ିଆ ଜାତିର ଇତିହାସ ଓ ଗୌରବ ସମ୍ବନ୍ଧରେ ସେ ସମସ୍ତଙ୍କୁ ସଚେତନ କରାଇ ଦେଇଥିଲେ। ପ୍ରତି ଗ୍ରାମରେ, ପ୍ରତି ସହରରେ ଏହି ଦେଶ ମିଶ୍ରଣ ଆନ୍ଦୋଳନର ସୂତ୍ରପାତ କରିବାକୁ ହେବ। ଓଡ଼ିଆର ଘରେ ଘରେ ଏହି ଦେଶ ମିଶ୍ରଣ ଆଶା ଉଦ୍ରେକ ହୋଇଛି। ଶାସନ ସମ୍ପର୍କୀୟ ଅନେକ ତ୍ରୁଟି, ଅନେକ ପ୍ରକାର ଅସନ୍ତୋଷ ଦେଶ ମିଶ୍ରଣ ହେଲେ ଆଉ କିଛି ରହିବ ନାହିଁ। ବହୁ ପୂର୍ବରୁ ପାରଳାର ରାଜକୁମାର ପଦ୍ମନାଭ ଗଜପତି ନାରାୟଣ ଦେବ, ବଳରାମ ମହାରଣା ଓ ନରସିଂହ ଦାସ ପ୍ରଭୃତି ସମସ୍ତେ ଓଡ଼ିଶାର ଏକତ୍ରୀକରଣ ପାଇଁ ବ୍ୟାକୁଳ ହୋଇ ଉଠିଛନ୍ତି। ସେମାନଙ୍କ ପଦାଙ୍କ ଅନୁସରଣ କରି ନୂତନ ଆଶାରେ ପ୍ରାଣକୁ ଉଜ୍ଜୀବିତ ରଖି କାର୍ଯ୍ୟ କ୍ଷେତ୍ରରେ ଆଗେଇବାକୁ ପଡ଼ିବ। ନିଜ ଗୋଡ଼ରେ ନିଜେ ଠିଆ ହେବାକୁ ପଡ଼ିବ। ଅନ୍ୟାନ୍ୟ ଜାତିଙ୍କ ସମକକ୍ଷ ହେବାକୁ ହେଲେ ନିଜକୁ ଯୋଗ୍ୟ କରିବାକୁ ପଡ଼ିବ। ଏହି ଯୋଗ୍ୟତା ସମ୍ପାଦନ ପାଇଁ ଦରକାର ଶିକ୍ଷା, ସାହିତ୍ୟ, ସ୍ତ୍ରୀ ଶିକ୍ଷା ଓ ସଂସ୍କାର। ଏହା ସହିତ କଠୋର ସ୍ୱାର୍ଥ ତ୍ୟାଗ, ପ୍ରତିଭାଶାଳୀମାନଙ୍କର ଶକ୍ତି ଓ ସାମର୍ଥ୍ୟର ବିନିଯୋଗ ଆବଶ୍ୟକ। ସଭାପତିଙ୍କ ଏଭଳି ବକ୍ତୃତା ଉପସ୍ଥିତ ଶ୍ରୋତା, ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା।

ଅଧିବେଶନର ପ୍ରଥମ ଦିବସରେ ବିଭିନ୍ନ ପ୍ରସ୍ତାବମାନ ଆଗତ କରାଯାଇ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା। ପ୍ରଥମ ପ୍ରସ୍ତାବରେ ଆମ୍ଭମାନଙ୍କର ମହାମହିମ ସମ୍ରାଟ ନ୍ୟାୟ ଓ ସତ୍ୟ ନିମନ୍ତେ ଇଉରୋପୀୟ ମହାଯୁଦ୍ଧରେ ଯୋଗ ଦେଇଥିବାରୁ ସେଥିରେ ବିଭିନ୍ନ ଶାସନାଧୀନସ୍ଥ ଓଡ଼ିଆମାନଙ୍କର ବିଜୟ ପ୍ରାର୍ଥନା ଏହି ସମ୍ମିଳନୀ କରୁଛନ୍ତି। ସାମ୍ରାଜ୍ୟର ଏହି ସଙ୍କଟରେ ସମ୍ରାଟଙ୍କ ପ୍ରତି ଗଭୀର ରାଜଭକ୍ତି ପ୍ରକାଶ କରୁଛନ୍ତି। ଯୁଦ୍ଧ କ୍ଷେତ୍ରରେ ଆହତ ସୈନିକଙ୍କ ଚିକିତ୍ସାର୍ଥେ ଜଣେ ଡାକ୍ତରଙ୍କ ବ୍ୟୟ ମାସିକ ୩୦୦ ଟଙ୍କା ଦେବାକୁ ଏହି ସମ୍ମିଳନୀ ସ୍ଥିର କରୁଛନ୍ତି। ମଧୁବାବୁଙ୍କ ଏଭଳି ପ୍ରସ୍ତାବକୁ ମହନ୍ତ ଗଦାଧର ରାମାନୁଜ ଦାସ ଅନୁମୋଦନ କଲା ପରେ ଟେକ୍‌କାଲି ରାଜା ସାହେବ ଏବଂ ଚନ୍ଦ୍ରଶେଖର ବେହେରାଙ୍କ ଦ୍ୱାରା ସମର୍ଥନ ଲାଭ କରିଥିଲା। ଶେଷରେ ରାମମୂର୍ତ୍ତି ପଟ୍ଟନାୟକ, ସବ୍‌ଆସିଷ୍ଟାଣ୍ଟ ସର୍ଜନ ସ୍ୱେଚ୍ଛା ପ୍ରଣୋଦିତ ହୋଇ ଯୁଦ୍ଧାହତ ସେନାଙ୍କ ସେବାଶୁଶ୍ରୂଷା କରିବା ପାଇଁ ଆତ୍ମୋତ୍ସର୍ଗ କରିଥିବାରୁ – ଓଡ଼ିଆ ଜାତି ପକ୍ଷରେ ଏହା ଗୌରବର ବିଷୟ। ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ପ୍ରସ୍ତାବରେ ଯଥାକ୍ରମେ ଭାରତର ବଡ଼ଲାଟ ଲର୍ଡ଼ ହାର୍ଡ଼ିଞ୍ଜଙ୍କ ପତ୍ନୀ ଓ ପୁତ୍ର ବିୟୋଗ, ଓଡ଼ିଶାର ଭୂତପୂର୍ବ କମିଶନର୍ ରେଭେନ୍‌ସା ସାହେବ ଏବଂ ସାହିତ୍ୟାନୁରାଗୀ ମଞ୍ଜୁଷାର ରାଜା ବାସୁଦେବ ରାଜମଣିଙ୍କ ଅକାଳ ବିୟୋଗ, ସମ୍ମିଳନୀର ପ୍ରତିଷ୍ଠାତା ମଧୁବାବୁଙ୍କ ଭାଇ ଗୋପାଳବଲ୍ଲଭ ଦାସ ପ୍ରଭୃତିଙ୍କ ବିୟୋଗରେ ଏହି ସମ୍ମିଳନୀ ଗଭୀର ଦୁଃଖ ପ୍ରକାଶ କରୁଛନ୍ତି।

ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଦିବସର ପ୍ରାରମ୍ଭରେ ପାରଳାର ବୃନ୍ଦାବନ ଚନ୍ଦ୍ର ପାଣିଗ୍ରାହୀଙ୍କ :–

ଅସ୍ମାକଂ ଶ୍ରେତ୍କଳ ବାସୀନାଂ, ଜନନୀ ଧରଣୀ ଜୟତିତରାଂ।
ନୀଳ ଧରାଧର ଶିଖର ବିଶିଷ୍ଟା, ନୀଳ ଜଳାକର ତୀର
ନିବିଷ୍ଟା।
ଶ୍ରୀଳ ବଳାନୁଜ ପୂଜନ ନିଷ୍ଠା, ଜନନୀ ଧରଣୀ ଜୟତି ତରାଂ।

ଦେଶାତ୍ମବୋଧ ସଙ୍ଗୀତ ଉପସ୍ଥିତ ଶ୍ରୋତାମାନଙ୍କୁ ଚମତ୍କୃତ

କରିଥିଲା । ତେଣୁ କବିଙ୍କ ଭାଷାରେ: "ଜଗତଟି ଅଟେ କର୍ମମୟ, ଯେଉଁଠି ସୁକର୍ମ ସେଇଠି ଜୟ" । ଦ୍ୱିତୀୟ ଦିନରେ ଚତୁର୍ଥ ପ୍ରସ୍ତାବଟି ଆଗତ ହୋଇ ଗୃହୀତ ହେଲା ପରେ ପଞ୍ଚମ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା । ପ୍ରସ୍ତାବ ଆଗତ କରି କୁଳବୃଦ୍ଧ ମଧୁସୂଦନ କହିଲେ, "ମାନ୍ଦ୍ରାଜ ପ୍ରଦେଶରେ ଥିବା ଓଡ଼ିଆମାନେ ବିହାର ଓଡ଼ିଶା ପ୍ରଦେଶରେ ଓଡ଼ିଆମାନଙ୍କ ସହିତ ଏକ ଶାସନାଧୀନରେ ନରହିବା ପର୍ଯ୍ୟନ୍ତ ଉତ୍କଳର ପ୍ରକୃତ ଉନ୍ନତି ସାଧିତ ହୋଇ ପାରିବ ନାହିଁ ବୋଲି ଏହି ସମ୍ମିଳନୀ ବିଶ୍ୱାସ କରନ୍ତି । ଦୀର୍ଘ ଇଂରାଜୀ ଭାଷଣରେ ମଧୁବାବୁ ଓଡ଼ିଆମାନଙ୍କର ସ୍ୱାତନ୍ତ୍ରତା ଏବଂ ସାମାଜିକ ଅବସ୍ଥା ସମ୍ପର୍କରେ ସାରଗର୍ଭକ ତଥ୍ୟ ଭିତ୍ତିକ ଓ ମୌଳିକ କଥା ଉପସ୍ଥାପିତ କରିଥିଲେ । ଉତ୍କଳ ଜନନୀଙ୍କର ସେବା ଓ କର୍ତ୍ତବ୍ୟ କରିବା ପାଇଁ ଓଡ଼ିଆ ପୁଅମାନେ ଉତ୍କଣ୍ଠାର ସହ ସୃଷ୍ଟି ହୋଇଛନ୍ତି, କିନ୍ତୁ କାହିଁ ସେ ଉତ୍କଳ ଜନନୀ । ଏହି ଭାବଧାରା ଉଦ୍ଦୀପିତ ହୋଇଥିଲା ଉପସ୍ଥିତ ଦର୍ଶକ, ଶ୍ରୋତାମାନଙ୍କ ହୃଦୟରେ । ମଧୁବାବୁଙ୍କ ହୃଦୟସ୍ପର୍ଶୀ ଭାଷଣ ସମସ୍ତଙ୍କୁ ଉଦ୍‌ବୁଦ୍ଧ କରିଥିଲା । ଯେପରି–"The subject matter of this resolution which has been the echo of the inward feeling of the Oriya nation which I feel diffident to voice correctly. I think that the whole Utkal people had thrown their hearts, hearts that blended the time into the subject. We have up to this found the Government turning a deaf ear to our prayer." (ଉତ୍କଳ ସମ୍ମିଳନୀର ଦଶମ ଅଧିବେଶନରେ ମଧୁବାବୁଙ୍କ ବକ୍ତୃତାର କିୟଦଂଶ, ପୃ–୫୭)

ମଞ୍ଜୁଷାର ରାଜା ସାହେବ ଏହି ପ୍ରସ୍ତାବକୁ ଅନୁମୋଦନ କରି କହିଲେ, ଗଞ୍ଜାମ, ଜୟପୁର, ଖଡ଼ିଆଳ, ଫୁଲଝର ପ୍ରଭୃତି ହେଉଛି ଓଡ଼ିଆ ଭାଷୀ ଅଞ୍ଚଳ । ସେହି ସ୍ଥାନର ରାଜା, ମହାରାଜା, ଜମିଦାର, ସାମନ୍ତ ଲୋକେ ଓଡ଼ିଆ । କନ୍ଧ, କୋନ୍ଧ ଓ ସଉରା ପ୍ରଭୃତିଙ୍କୁ ଛାଡ଼ିଦେଲେ ବାକି ସବୁ ଅଧିବାସୀ ଓଡ଼ିଆ । ଏହି ଓଡ଼ିଆ ଅଞ୍ଚଳଗୁଡ଼ିକ ଏକ ଶାସନାଧୀନରେ ନରହିବା ଫଳରେ କୋର୍ଟ କଚେରୀ, ଶିକ୍ଷା, ସାହିତ୍ୟ ଓ ସାମାଜିକ ଉନ୍ନତି ବିଷୟରେ ଆସମାନଙ୍କର ଅମଙ୍ଗଳ ଘଟୁଛି । ତେଣୁ ଏଭଳି ପ୍ରସ୍ତାବ କାର୍ଯ୍ୟରେ ପରିଣତ ନହେବା ଯାଏ ବାଣିଜ୍ୟ, ଶିଳ୍ପ, ଶିକ୍ଷା, ସମାଜ ଓ ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଆଉ ଉନ୍ନତି ହୋଇପାରିବ ନାହିଁ । ଅତଏବ୍ ଓଡ଼ିଆ ଭାଷୀ ପ୍ରଦେଶ ଏକ ଶାସନାଧୀନରେ ରହିବା ନୈସର୍ଗିକ ନିୟମ ଓ ରାଜ୍ୟ ଶାସନ ପକ୍ଷରେ ସୁବିଧାଜନକ ।

ଏହି ପ୍ରସ୍ତାବକୁ ସମର୍ଥନ କରି ଦକ୍ଷିଣର ପଣ୍ଡା କହିଲେ–"The proposal of the Government of India in 1903 to unite the Oriya speaking tracts of Madras and Central Provinces with Orissa under one administration led to the revival of the hitherto arrested national spirit among the Uriyas and the movement gradually attained a local habitation and a name in the Utkal Union Conference since December 1903 at the alter of which Maharajas and Rajas, Landholders and Merchants of the Oriya Community made many a thakks offering to the benign Government for their beneficient proposal. It was in an evil hour that the Government of Lord Ampthill opposed the movement and knocked it on the head in so far as Madras Oriya area was concerned. However, even after the adandonment of the Government proposal, the Oriyas of Ganjam continued to approach the Government of India and the Madras Government with their grievances. In 1907, the Oriyas of Ganjam laid before the Royal Commission on decentralisation, their weighty grievances arising out of the dismemberment of the Oriya speaking tracts under different provincial Governments and asked for a Chief Commissionership for the whole Oriya speaking territory, and testimony was recorded on the subject. The Uriyas, aggrieved by the neglect of their claim for administrrative union at the recent Dethi-Durbar, where the Royal boons granting independent administrations to Bengal, Assam and Bihar were announced, continued their agitation in India and England. The reply in Parliament of Home Government was that the prayers of the Oriyas would be granted if 'accumulated evidence' for the change be forth coming. This was followed by the negetive reply of the Government of India. Since 1912, the Oriya community of Madras waited on successive Government of Madras, Lord Carmichael and Lord Pentland. The replys of the present Governor Lord Pentland is that 'unless conditions change and new arguments of weight are produced, there is no hope of the question being reopened'. ଉତ୍କଳ ସମ୍ମିଳନୀ ଦଶମ ଅଧିବେଶନ, ପାରଳାଖେମୁଣ୍ଡି, ପୃ–୬୮–୬୯ । ଏତଦ୍ ବ୍ୟତୀତ ଓଡ଼ିଶାର ଶିକ୍ଷା, ଜନଗଣନା ଓ ଅନ୍ୟାନ୍ୟ ବିଷୟ ଉପରେ ସାରଗର୍ଭକ ତଥ୍ୟମୂଳକ ଭାଷଣ ଦେଇଥିଲେ ।

ଷଷ୍ଠ ପ୍ରସ୍ତାବ ଭାବରେ ମିଃ ବିଶ୍ୱନାଥ ମିଶ୍ର ବିହାର ଓଡ଼ିଶା ଅନ୍ତର୍ଗତ ସିଂହଭୂମ, ମାନ୍ଦ୍ରାଜ ଅନ୍ତର୍ଗତ ଜୟପୁର ଏବଂ ମଧ୍ୟପ୍ରଦେଶ ଅନ୍ତର୍ଗତ ଫୁଲଝର, ପଦ୍ମପୁର, ଚନ୍ଦ୍ରପୁର ପ୍ରଭୃତି ଓଡ଼ିଆ ଅଞ୍ଚଳରେ ଓଡ଼ିଆ କଚେରୀ ଭାଷା ରୂପେ ଗୃହୀତ ହେବା ଏବଂ ଓଡ଼ିଆ ଶିକ୍ଷା ବିସ୍ତାର ନିମନ୍ତେ ବହୁଳ ବ୍ୟବସ୍ଥା ହେବା ପ୍ରଭୃତି ପ୍ରସ୍ତାବଗୁଡ଼ିକୁ ଆଗତ କରିବା ପରେ ଗଣେଶ ପ୍ରସାଦ ମହାପାତ୍ରଙ୍କ ଦ୍ୱାରା ତାହା

ଅନୁମୋଦିତ ହୋଇଥିଲା । ଏହି ପ୍ରସ୍ତାବକୁ ସମର୍ଥନ କରି ବ୍ରଜସୁନ୍ଦର ଦାସ କହିଲେ, ସିଂହଭୂମ, ଜୟପୁର, ଫୁଲଝର ଓ ପଦ୍ମପୁର ଆଦି ଅଞ୍ଚଳରେ ଓଡ଼ିଆ ଭାଷା ଅଦାଲତମାନଙ୍କରେ ଗୃହୀତ ନହେଲେ ଏବଂ ସେହି ସେହି ଅଞ୍ଚଳରେ ଓଡ଼ିଆ ଶିକ୍ଷା ବିସ୍ତାର ନିମନ୍ତେ ବହୁଳ ବ୍ୟବସ୍ଥା ନହେଲେ ଓଡ଼ିଆମାନଙ୍କର ପ୍ରକୃତ ଉନ୍ନତି ହୋଇପାରିବ ନାହିଁ ।

ଗୋପବନ୍ଧୁ ଦାସ ସପ୍ତମ ପ୍ରସ୍ତାବ ଆଗତ କରି କହିଲେ ଯେ ବିଭିନ୍ନ ପ୍ରାଦେଶିକ ଶାସନାଧୀନ ସମଗ୍ର ଓଡ଼ିଆ ଭାଷୀମାନଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ବିଶ୍ୱବିଦ୍ୟାଳୟର ଆବଶ୍ୟକତା ରହିଛି ଏବଂ ଏହି ସମ୍ମିଳନୀ ସମ୍ପୂର୍ଣ୍ଣ ରୂପେ ଉପଲବ୍ଧି କରୁଛନ୍ତି । ଏହା କାର୍ଯ୍ୟରେ ପରିଣତ ହେବା ଯାଏ ସେମାନଙ୍କୁ କୌଣସି ଏକ ବିଶ୍ୱବିଦ୍ୟାଳୟ ଅଧୀନ କରାଯିବା ଉଚିତ ବୋଲି ସେ ମତ ଦେଇଥିଲେ । ଗୋଦାବରୀଶ ମିଶ୍ର ଏହି ପ୍ରସ୍ତାବକୁ ଅନୁମୋଦନ କରିବା ପରେ ଦୈତ୍ୟାରୀ ପ୍ରସାଦ ଦାସ, ସଦାନନ୍ଦ ମହାନ୍ତି ଓ ରାମକୃଷ୍ଣ ପଟ୍ଟନାୟକ ଏହାକୁ ଦୃଢ଼ ଭାବରେ ସମର୍ଥନ କରିଥିଲେ ।

ଏତଦ୍ ବ୍ୟତୀତ ଅଷ୍ଟମ ପ୍ରସ୍ତାବ ଭାବରେ ପଣ୍ଡିତ ନୀଳକଣ୍ଠ ଦାଶ ଓଡ଼ିଆ ପ୍ରଦେଶର ବିଦ୍ୟାଳୟମାନଙ୍କରେ ଓଡ଼ିଆ ଶିକ୍ଷକ ଓ ତତ୍ତ୍ୱାବଧାରକ ନିଯୁକ୍ତ ନହେଲେ ଓଡ଼ିଆ ଛାତ୍ର ଛାତ୍ରୀଙ୍କ ଶିକ୍ଷାର ଉନ୍ନତି ସୁଦୂର ପରାହତ ବୋଲି ଆଗତ କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ବିଶ୍ୱନାଥ ମିଶ୍ର (ବୋରିଗୁମା) ଏହି ପ୍ରସ୍ତାବକୁ ଅନୁମୋଦନ କରିବା ପରେ ଶେଷରେ ଦୟାନିଧି ଦାସଙ୍କ ଦ୍ୱାରା ସମର୍ଥନ ଲାଭ କରିଥିଲା ।

ଦାଶରଥି ମିଶ୍ର ନବମ ପ୍ରସ୍ତାବ ଭାବରେ ଯାତାୟାତ ଓ ବାଣିଜ୍ୟାଦିର ସୁବିଧା ଓ ଦେଶର ଅନ୍ୟାନ୍ୟ ବୈଷୟିକ ଉନ୍ନତି ସାଧନ ନିମିତ୍ତ ଖୋରଧା ରୋଡ ଷ୍ଟେସନ୍‌ଠାରୁ ସମ୍ବଲପୁର ପର୍ଯ୍ୟନ୍ତ ସିଧା ରେଳପଥ ଖୋଲାଯିବା ଆବଶ୍ୟକ ବୋଲି ଆଗତ କରିବା ପରେ ମୁକୁନ୍ଦ ପ୍ରସାଦ ଦାସ ଏହାକୁ ଅନୁମୋଦନ କରିଥିଲେ । ଶେଷରେ ଟେକ୍‌କାଲି ଯୁବରାଜ ଏହାକୁ ସମର୍ଥନ କରି କହିଲେ ଯେ ଆଧୁନିକ ଯୁଗରେ ରେଳପଥ ସଭ୍ୟତାର ଗୋଟିଏ ପ୍ରଧାନ ଉପାଦାନ । ଓଡ଼ିଶାରେ ବେଙ୍ଗଲ୍-ନାଗପୁର ରେଳ କମ୍ପାନୀ ସମୁଦ୍ର ଉପକୂଳରେ ଯେଉଁ ରାସ୍ତା କରିଛନ୍ତି ତାହା ଓଡ଼ିଶାର ବିଶେଷ କିଛି ଉପକାରରେ ଆସେ ନାହିଁ । କଲିକତାର ବାଣିଜ୍ୟ ବ୍ୟବସାୟ ବୃଦ୍ଧି ଓ ମାନ୍ଦ୍ରାଜ ସହିତ ସେହି ସହରର ବୈଷୟିକ ସମ୍ବନ୍ଧ ସ୍ଥାପନ ଏହି ରେଳପଥର ଉଦ୍ଦେଶ୍ୟ । ସମୁଦ୍ର ଉପକୂଳସ୍ଥ ରେଳପଥ ଅନ୍ତତଃ ଆମ ଓଡ଼ିଶା ଭିତର ଦେଇ ଗଲେ ଅର୍ଥନୈତିକ ଉନ୍ନତି ସହିତ ଗମନାଗମନର ସୁବିଧା ହୋଇପାରନ୍ତା । ଫଳରେ ଦେଶର ବାଣିଜ୍ୟ ବୃଦ୍ଧି ଓ ସଭ୍ୟତାର ପ୍ରସାର ହୁଅନ୍ତା । ରେଳପଥର ବିକାଶ ହେଲେ ବୈଷୟିକ ଉନ୍ନତି ସମ୍ଭବ ହୋଇପାରିବ ଏବଂ ରାଜନୈତିକ ଓ ପ୍ରାକୃତିକ ଓଡ଼ିଶା ସହିତ ଗଡ଼ଜାତ ସମୂହର ଘନିଷ୍ଠ ସମ୍ପର୍କ ରହନ୍ତା । ବର୍ତ୍ତମାନ ସେଗୁଡ଼ିକ ପୃଥକ ଓ ଅଗମ୍ୟ । ସମ୍ବଲପୁର ସହିତ କଟକ, ପୁରୀର ବାଣିଜ୍ୟିକ ସମ୍ପର୍କ ବହୁ ପୂର୍ବରୁ ଥିଲା । ସେଠାରୁ ପ୍ରଚୁର ପରିମାଣରେ ସାଗୁଆନ କାଠ ଆସି କଟକ, ପୁରୀ ଓ ବାଲେଶ୍ୱର ଅଞ୍ଚଳରେ ବ୍ୟବହୃତ ହେଉଥିଲା । କିନ୍ତୁ ଝାରସୁଗୁଡ଼ା ଦେଇ ରେଳପଥ ନିର୍ମାଣ ହେବାରୁ ରାୟପୁର ଓ ମଧ୍ୟପ୍ରଦେଶ ସହିତ ପଶ୍ଚିମ ଓଡ଼ିଶାର ବାଣିଜ୍ୟିକ କାରବାର ହେଲା । କିନ୍ତୁ ଓଡ଼ିଶାର କିଛି ହେଲେ ଅର୍ଥନୈତିକ ଉନ୍ନତି ସମ୍ଭବ ହେଲା ନାହିଁ । ଏହି ପ୍ରସ୍ତାବ କାର୍ଯ୍ୟରେ ପରିଣତ ହେଲେ ସେହି ବାଣିଜ୍ୟିକ ପରମ୍ପରାର ପୁନରୁତ୍ଥାନ ହୋଇପାରବ ।

ମାନଧାତା ଗୋରାଚାନ୍ଦ ପଟ୍ଟନାୟକ ସମଗ୍ର ଉତ୍କଳ ଭାଷୀ ଅଞ୍ଚଳରେ ବହୁ ସଂଖ୍ୟକ ପ୍ରାଥମିକ ଓ ମଧ୍ୟ ଶ୍ରେଣୀସ୍ଥ ଶିକ୍ଷାର ବହୁଳ ବିସ୍ତାର ନିମନ୍ତେ ସରକାର ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ଦଶମ ପ୍ରସ୍ତାବ ଆଗତ କରିବା ପରେ ଏହାକୁ ଅନୁମୋଦନ କରିଥିଲେ ପୀତବାସ ପଟ୍ଟନାୟକ । ଶେଷରେ ଏହି ପ୍ରସ୍ତାବଟି ସନ୍ୟାସୀ ରାଜ ପାଠକଙ୍କ ଦ୍ୱାରା ସମର୍ଥନ ଲାଭ କରିଥିଲା ।

ଏକାଦଶ ପ୍ରସ୍ତାବ ରୂପେ ବିଶାଖାପାଟଣା ଅନ୍ତର୍ଗତ ଜୟପୁର ଏଜେନ୍‌ସିକୁ ନେଇ ଗୋଟିଏ ପୃଥକ ଓଡ଼ିଆ ଜିଲ୍ଲା ଗଠିତ ହେବା ନିତାନ୍ତ ଆବଶ୍ୟକ ବୋଲି ଅପଲ ନରସିଂହ ପଟ୍ଟନାୟକ ଆଗତ କରି ଇଂରେଜୀରେ ସାରଗର୍ଭକ ଭାଷଣ ଦେଇଥିଲେ । ବଟକୃଷ୍ଣ ମହାପାତ୍ର ଏହି ପ୍ରସ୍ତାବକୁ ଅନୁମୋଦନ କଲା ପରେ ହନୁମନ୍ତ ରାଓ ପାଠକ ଓ ଅପନ୍ନା ପଣ୍ଡା ଏହାକୁ ସମର୍ଥନ ଜଣାଇଥିଲେ ।

ଶେଷରେ ଦ୍ୱାଦଶ ପ୍ରସ୍ତାବ ଭାବରେ ସମ୍ମିଳନୀର ସଭାପତି ବିକ୍ରମ ଦେବ ପ୍ରସ୍ତାବ କଲେ ଯେ ମାନଧାତା ଗୋରାଚାନ୍ଦ ପଟ୍ଟନାୟକ, ଗୌରଚନ୍ଦ୍ର ପଟ୍ଟନାୟକ, ହରିହର ପଣ୍ଡା, ସଦାଶିବ ବିଦ୍ୟାଭୂଷଣ, ଶଶୀଭୂଷଣ ରଥ, ନୀଳକଣ୍ଠ ମହାପାତ୍ର, ବଟକୃଷ୍ଣ ମହାପାତ୍ର, ବ୍ରଜକିଶୋର ବେବର୍ତ୍ତା, ବଳଭଦ୍ର ନନ୍ଦ ଓ ସମ୍ପାଦକ ନିତ୍ୟାନନ୍ଦ ପଟ୍ଟନାୟକ ପ୍ରଭୃତି ଦଶଜଣ ଏବଂ ପ୍ରତ୍ୟେକ ଜିଲ୍ଲାରୁ ନିର୍ବାଚିତ ସଭ୍ୟ ଭାବରେ ବିଶାଖାପାଟଣାରୁ ବିକ୍ରମ ଦେବ ବର୍ମା, ପୁରୀରୁ ଗୋପବନ୍ଧୁ ଦାସ, କଟକରୁ ବ୍ରଜସୁନ୍ଦର ଦାସ, ବାଲେଶ୍ୱରରୁ ଦୈତ୍ୟାରୀ ପ୍ରସାଦ ଦାସ, ସିଂହଭୂମରୁ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ଓ ସମ୍ବଲପୁରରୁ ରାମନାରାୟଣ ମିଶ୍ରଙ୍କୁ ନେଇ ଆଗାମୀ ବର୍ଷ ନିମନ୍ତେ ପାରଳାଖେମୁଣ୍ଡିରେ କାର୍ଯ୍ୟନିର୍ବାହିକା ସମିତି ଗଠନ କରାଯାଇଥିଲା ଏବଂ ଏହିମାନଙ୍କ ଉପରେ ସେହି ସେହି ଜିଲ୍ଲାର ଜିଲ୍ଲା କମିଟି ସଂସ୍ଥାପନ ଭାର ଅର୍ପିତ ହୋଇଥିଲା ।

ପରିଶେଷରେ ପାରଳାର ସେବକ ଛାତ୍ରଦଳ ସମ୍ମିଳନୀ ନିମନ୍ତେ ଉତ୍ସାହ ଏବଂ ଆନନ୍ଦର ସହିତ ସମୟୋଚିତ କାର୍ଯ୍ୟ କରିଥିବାରୁ ସଭାପତିଙ୍କ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଥିଲା । ପାରଳା ରାଜା ସାହେବ କୃଷ୍ଣଚନ୍ଦ୍ର ଗଜପତି ଉପସ୍ଥିତ ସଭାପତି, ଆଗନ୍ତୁକ ପ୍ରତିନିଧି ଓ ଦର୍ଶକମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ସମ୍ମିଳନୀରେ ରାଜା, ପ୍ରଜା, ଧନୀ, ଦରିଦ୍ର, ଉଚ୍ଚ, ନିଚ୍ଚ ସମସ୍ତେ ସମାନ ଓ ସମ ଭାବର ଅଧିକାରୀ । ଜାତୀୟ କଲ୍ୟାଣ ଏବଂ ଦେଶର ଧନ ଓ ଜ୍ଞାନ ବିସ୍ତାର ନିମନ୍ତେ ପାରଳା ରାଜାଙ୍କର ଅକୁଣ୍ଠ ଦାନ ବାସ୍ତବିକ ଉଲ୍ଲେଖନୀୟ । ସ୍ୱୟଂ ମଟର କାର ଓ ଘୋଡ଼ାଗାଡ଼ିମାନ ନେଇ ପାରଳା ରେଳ ଷ୍ଟେସନରେ ବିରାଜମାନ ହୋଇ ସ୍ୱୟଂ ରାଜା ଆଗନ୍ତୁକ ପ୍ରତିନିଧିମାନଙ୍କ ସହିତ ସ୍ନେହ ସମ୍ଭାଷଣ କରି ସେମାନଙ୍କୁ ନିର୍ଦ୍ଦିଷ୍ଟ ବାସ ସ୍ଥାନକୁ ନେଇ ଯାଇଥିଲେ ଏବଂ ସମସ୍ତ ଆୟୋଜନ କରି ଅତିଥିଙ୍କ ଚର୍ଚ୍ଚା ନିମନ୍ତେ ବ୍ୟସ୍ତ ଭାର

ବହନ କରିଥିଲେ । ଏହା ଓଡ଼ିଆଙ୍କ ପକ୍ଷରେ କମ୍ ଗୌରବର କଥା ନୁହେଁ । ଏଥିରୁ ଗଜପତି କୃଷ୍ଣଚନ୍ଦ୍ରଙ୍କର ଗଭୀର ଜାତୀୟାନୁରାଗର ପରିଚୟ ମିଳିବା ସଙ୍ଗେ ସଙ୍ଗେ ତାହାଙ୍କ ବ୍ୟକ୍ତିତ୍ୱ ଓ ଗଭୀର ନିଷ୍ଠା ତଥା ଏକାଗ୍ରତା ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ସହାୟକ ହୋଇ ପାରିଥିଲା । ଏହି ସମ୍ମିଳନୀ ମଣ୍ଡପରେ ବିଚ୍ଛିନ୍ନ ଓଡ଼ିଶାଞ୍ଚଳ ଶିଳ୍ପ, ବାଣିଜ୍ୟ, କୃଷି, ଶିକ୍ଷା, ସାହିତ୍ୟ, ସଂସ୍କୃତିର ଉନ୍ନତି ଓ ସୁରକ୍ଷା ନିମନ୍ତେ ପଦକ୍ଷେପ ନେବା ପାଇଁ ଆହ୍ୱାନ ଦିଆଯାଇଥିଲା । ମାତୃଭୂମିର ସେବ ରଖିବା ସଙ୍ଗେ ସଙ୍ଗେ ଏହି ସମ୍ମିଳନୀ ମାଧ୍ୟମରେ ଓଡ଼ିଆମାନଙ୍କର ନ୍ୟାଯ୍ୟ ଦାବୀ ପୂରଣ ହୋଇପାରିବ ବୋଲି ସମସ୍ତଙ୍କ ମନରେ ଦୃଢ଼ ବିଶ୍ୱାସ ଜନ୍ମିଥିଲା । ଏହି ପ୍ରସଙ୍ଗରେ ରାମଚନ୍ଦ୍ର ରଥଙ୍କ ବିରଚିତ ପାରଳା ସମ୍ମିଳନୀ ଉକ୍ତିଟି ଏଠାରେ ଆଲୋଚ୍ୟ :—

"ପାରଳା କଥା ପଡ଼ି    ଶୁଭେ ଜାତି ପଗଡ଼ି
ବାନ୍ଧ ହେ ଉତ୍କଳ ଭାଇ
ସମ୍ବଲପୁର ଯାଇ    ଦେଖି ମା' ସମଲାଇ
ଧ୍ୱଜା ଉଡ଼ାଅ ଗୀତ ଗାଇ ହେ "।

ଏହି ସମ୍ମିଳନୀ ହିଁ ସମସ୍ତଙ୍କ ମନରେ ଉତ୍ସାହ, ଉନ୍ମାଦନା ଓ ଜାତି ପ୍ରୀତି ଏବଂ ଦେଶାତ୍ମବୋଧ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଉଦ୍‌ଗ୍ରୀବୀଭୂତ ପ୍ରାଣ ନେଇ ଉତ୍କଳ ଜନନୀର ସମ୍ମାନ ରକ୍ଷା ନିମନ୍ତେ ଅଣ୍ଟା ଭିଡ଼ି ଆଗେଇ ଆସିଥିଲେ ।

ଐତିହ୍ୟ ସମ୍ପନ୍ନ, ଦୃଢ଼, ଅବିଭକ୍ତ ରାଜନୈତିକ ଅନୁଷ୍ଠାନ ଉତ୍କଳ ସମ୍ମିଳନୀର ଜଣେ ମୁଖ୍ୟ ପୃଷ୍ଠପୋଷକ, ଜାତୀୟ ଆନ୍ଦୋଳନର ଜଣେ ଅଗ୍ରଣୀ ନେତା, ଓଡ଼ିଶାବାସୀ ଏବଂ ଓଡ଼ିଆ ଭାଷୀ ଲୋକଙ୍କ ଉନ୍ନତି ଓ ଅର୍ଥନୈତିକ ବିକାଶ ନିମନ୍ତେ ଚିର ଉଦ୍ୟମଶୀଳ, ଗୌରବମୟ ଓଡ଼ିଶାର କଳା ସଂସ୍କୃତିର ରକ୍ଷକ, ଓଡ଼ିଆ ଜାତିର ମଉଡ଼ମଣି ଏବଂ ଓଡ଼ିଆ ସାହିତ୍ୟ ସଂସ୍କୃତିର ପୃଷ୍ଠପୋଷକ ତଥା ଓଡ଼ିଶାର ବରପୁତ୍ର ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଅବଦାନ ଉଲ୍ଲେଖନୀୟ । ପାରଳାର ଏହି ଉତ୍କଳ ସମ୍ମିଳନୀରେ ପ୍ରଥମ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମିତ୍ତ ଦୁଃସାହସିକ ପ୍ରସ୍ତାବ ଆଗତ କରି ତତ୍କାଳୀନ ପ୍ରବଳ ପ୍ରତାପୀ ଇଂରେଜ ସରକାରଙ୍କ ଅଭିସନ୍ଧି ଓ ପ୍ରଭାବଶାଳୀ ପଡ଼ୋଶୀ ରାଜ୍ୟଗୁଡ଼ିକର ଚକ୍ରାନ୍ତ ଭେଦ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ଦୃଢ଼ ପଦକ୍ଷେପ ନେଇଥିଲେ ତାହା ଏ ଓଡ଼ିଆ ଜାତି କଦାପି ଭୁଲି ପାରିବ ନାହିଁ । ଉତ୍କଳ ସମ୍ମିଳନୀ ହିଁ ଥିଲା ତା'ର ପ୍ରକୃଷ୍ଟ ମାଧ୍ୟମ । ମହାରାଜା ଏହି ସମ୍ମିଳନୀ ଗଠନର ଭୂମିକାର ଗୁରୁତ୍ୱ ଉପଲବ୍ଧି କରି ରାଜଗାଦିରେ ବସିବା ପରେ ପରେ ପାରଳାରେ ସମ୍ମିଳନୀ ପାଇଁ ଡାକରା ଦେଇଥିଲେ । ଦୂର ଦୃଷ୍ଟି ସମ୍ପନ୍ନ ରାଜା କୃଷ୍ଣଚନ୍ଦ୍ର ମର୍ମେ ମର୍ମେ ଅନୁଭବ କରି ୧୯୧୪ରୁ ୧୯୩୬ ପର୍ଯ୍ୟନ୍ତ ଆନ୍ଦୋଳନ ସହିତ ପ୍ରତ୍ୟକ୍ଷ ଭାବରେ ଜଡ଼ିତ ହୋଇ ଯେଉଁ ଶକ୍ତିଶାଳୀ ପ୍ରେରଣା ଦେଇଥିଲେ ତାହା ଓଡ଼ିଆ ଜାତିର ଇତିହାସରେ ଚିର ସ୍ମରଣୀୟ ହୋଇ ରହିବ । ତେଣୁ ଉତ୍କଳ ସମ୍ମିଳନୀ ଭଳି ପବିତ୍ର, ନିଃସ୍ୱାର୍ଥପର, ଜାତୀୟ ଅନୁଷ୍ଠାନ ଗଠିତ ହୋଇନଥିଲେ ୧୯୩୬ ଅପ୍ରେଲ ପହିଲାରେ ଆମେ ନିଜର ଚିର ଆକାଙ୍କ୍ଷିତ ସ୍ୱତନ୍ତ୍ର ପ୍ରଦେଶ ହାସଲ କରିପାରି ନଥାନ୍ତୁ ।

ଅଧ୍ୟାପକ, ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି କଲେଜ,
ପାରଳାଖେମୁଣ୍ଡି ।



ଓଡ଼ିଶା ବିଧାନ ସଭା ସମ୍ମୁଖରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବ ପରିଷଦର ସଭ୍ୟମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି ୯/୩ ।




# ଜାତିର ସଂସ୍କୃତି ସମୃଦ୍ଧି ଓ ଗଜପତି କୃଷ୍ଣଚନ୍ଦ୍ର

ଅଧ୍ୟାପକ ତୀର୍ଥାନନ୍ଦ ମିଶ୍ର

ନବ ଉତ୍କଳର ନିର୍ମାତା ତଥା ପାରଳାଖେମଣ୍ଡିର ସୁଯୋଗ୍ୟ ଶାସକ ସ୍ୱର୍ଗତ କୃଷ୍ଣଚନ୍ଦ୍ର ଗଜପତି ଓଡ଼ିଶାର ଜଣେ ପ୍ରାତଃସ୍ମରଣୀୟ ଯୁଗପୁରୁଷ । ସେ ୧୮୯୨ ଖ୍ରୀ: ଅପ୍ରେଲ ୨୬ ତାରିଖରେ ଜନ୍ମଗ୍ରହଣ କରିଥିଲେ । ସେତେବେଳେ ସମଗ୍ର ଓଡ଼ିଶା ବିଖଣ୍ଡିତ ତଥା ପରାଧୀନ ଥିଲା । ଇଂରେଜମାନଙ୍କର ଭେଦ ଏବଂ ଶାସନ ନୀତିରେ ସମଗ୍ର ଭାରତବର୍ଷର ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ମାନଦଣ୍ଡ ଦୁର୍ବଳ ହୋଇଯାଇଥିଲା ବେଳେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତା ଥିଲେ ଶ୍ରୀ ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ (ସି:ଆଇ:ଏ:) ଏବଂ ପିତୃବ୍ୟ ଥିଲେ ଶ୍ରୀ ପଦ୍ମନାଭ ନାରାୟଣ ଦେବ । ୧୯୦୫ ଖ୍ରୀ:ରେ ମହାରାଜା ଗୌରଚନ୍ଦ୍ର ଦେବଙ୍କ ଅକାଳ ମୃତ୍ୟୁ ହେବାରୁ ଜମିଦାରୀ କୋର୍ଟ ଅଫ୍ ୱାର୍ଡ଼ସ୍ ହୋଇଗଲା । କୃଷ୍ଣଚନ୍ଦ୍ର ସେତେବେଳେ ଥିଲେ ନାବାଳକ । ତାଙ୍କର ଶିକ୍ଷାପାଇଁ ନିଯୁକ୍ତ ଥିଲେ ଇଂରାଜୀ ଗୃହଶିକ୍ଷକ ମାଷ୍ଟର ଏଡ୍‌ମଣ୍ଡ କ୍ୟାଣ୍ଡଲର୍ ଏବଂ ଓଡ଼ିଆ ଶିକ୍ଷକ ଶ୍ରୀ ଶ୍ୟାମସୁନ୍ଦର ରାଜଗୁରୁ (୧) । ଏହାପରେ ଉଚ୍ଚଶିକ୍ଷାପାଇଁ 'କୋର୍ଟ ଅଫ ୱାର୍ଡ଼ସ' ତାଙ୍କୁ ମାନ୍ଦ୍ରାଜଠାରେ ନାବାଳକ ରାଜପୁତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଥିବା ନ୍ୟୁଫଟନ୍ କଲେଜର ପ୍ରସିଦ୍ଧ ଅଧ୍ୟାପକ ମି: ମୋଦୋରାକ୍ ଓ ମି: ଡିକ୍ସନ୍‌ଙ୍କ ପାଖରେ ରଖାଇଥିଲେ । ସରଳ, ଶାନ୍ତ ଓ ମେଧାବୀ କୃଷ୍ଣଚନ୍ଦ୍ର ଏହି ଅଧ୍ୟାପକମାନଙ୍କଠାରୁ ଏକ ଆଦର୍ଶ ଏବଂ ସମୟନିଷ୍ଠ ନାଗରିକ ଭାବରେ ଗଢ଼ିହେବା ପାଇଁ ଆବଶ୍ୟକୀୟ ପ୍ରେରଣା ପାଇପାରିଥିଲେ । ୧୯୧୩ ଖ୍ରୀ:ରେ ତାଙ୍କର ଶୁଭ ରାଜ୍ୟାଭିଷେକ ହୋଇଥିଲା । ପାରଳାର ମହାରାଜା ହେବା ପରେ ସେ ଏହି 'ସମସ୍ଥାନ'ର ସର୍ବବିଧ ଉନ୍ନତି ପାଇଁ ଚେଷ୍ଟା କରିଥିଲେ ।

କୃଷ୍ଣଚନ୍ଦ୍ର ଗଜପତିଙ୍କ ବଂଶ ପୁରୀର ପ୍ରସିଦ୍ଧ ଗଜପତି ବଂଶଠାରୁ ଭିନ୍ନ ନଥିଲା । ଏମାନେ ମୁଖ୍ୟତଃ ଥିଲେ 'ସୂର୍ଯ୍ୟବଂଶୀ' । ସୁପ୍ରସିଦ୍ଧ ସୂର୍ଯ୍ୟବଂଶୀ ରାଜା କପିଳେନ୍ଦ୍ରଦେବଙ୍କର ଜ୍ୟେଷ୍ଠପୁତ୍ର ଓଡ଼ିଶାର ଗଜପତି ହୋଇପାରି ନଥିଲେ । ସେ ପାରଳାରେ ସ୍ଥାୟୀଭାବରେ ବସବାସ କରି ସେଠାରେ ଏକ ନୂତନ ରାଜ୍ୟ ଗଠନ କରିଥିଲେ । ସମୟକ୍ରମେ ଗଜପତି କୃଷ୍ଣଚନ୍ଦ୍ରଙ୍କ ପୂର୍ବପୁରୁଷ ସେହି ମୂଳ ସ୍ରୋତରୁ ଉଦ୍ଭାବିତ ହୋଇଥିଲେ (୨) । ଗଜପତି କୃଷ୍ଣଚନ୍ଦ୍ରଙ୍କ ଲୋକହିତକର ଜୀବନବୃତ୍ତକୁ ମୁଖ୍ୟତଃ ଦୁଇଟି ଭାଗରେ ବିଭକ୍ତ କରାଯାଇପାରେ । ପ୍ରଥମଟି ହେଉଛି ନିଜ ରାଜ୍ୟ ପାରଳା ପାଇଁ ଗଜପତିଙ୍କର ସୁମହତ ଦୃଷ୍ଟିକୋଣ ଏବଂ ଦ୍ୱିତୀୟଟି ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କ୍ଷେତ୍ରରେ ତାଙ୍କର ସୁମହାନ ଅବଦାନ ।

କୃଷ୍ଣଚନ୍ଦ୍ର ଗଜପତି ସ୍ୱୀୟ ରାଜ୍ୟ ପାରଳାଖେମଣ୍ଡି 'ସମସ୍ଥାନ'ର ଉନ୍ନତି ପାଇଁ ସର୍ବବିଧ ପ୍ରଯତ୍ନ କରିଥିଲେ । ପ୍ରଥମେ ସେ ନିଜର ଜନ୍ମଭୂମି ପାରଳାର ଐତିହ୍ୟ, ସଂସ୍କୃତି ତଥା ଇତିହାସ ସମ୍ପର୍କରେ ସଚେତନ ହେବା ପାଇଁ ଚେଷ୍ଟା କରିଥିଲେ । ଅନେକ ପ୍ରାଚୀନ ନଥିପତ୍ରର ବିଶ୍ଳେଷଣ ଓ ବିଭିନ୍ନ ପ୍ରାଚୀନ ପ୍ରତ୍ନତତ୍ତ୍ୱର ଅଧ୍ୟୟନରୁ ସେ ଅନୁଭବ କଲେ ଯେ ଅଶୋକ ଓ ଖାରବେଳଙ୍କ ରାଜତ୍ୱ ପୂର୍ବରୁ ପ୍ରତିଷ୍ଠିତ ସୁପ୍ରାଚୀନ କଳିଙ୍ଗ ନଗରୀର କେନ୍ଦ୍ରବିନ୍ଦୁ ଭାବେ ପାରଳା ଅବସ୍ଥାପିତ ଥିଲା । ଏହି ବିରାଟ 'କଳିଙ୍ଗ' ରାଜ୍ୟରୁ କାଳକ୍ରମେ ତ୍ରିକଳିଙ୍ଗ, ଉତ୍କଳିଙ୍ଗ ଓ ମଧ୍ୟକଳିଙ୍ଗ ଜନ୍ମଲାଭକଲା ପରି 'ପାରଳା' ମଧ୍ୟ ଜନ୍ମଲାଭ କରିଥିଲା । ଖ୍ରୀ: ୧୦୭୬ରେ ସର୍ବପ୍ରଥମେ ରାଜ ରାଜଙ୍କ ଦୀର୍ଘାସୀ ଲିପିରେ 'ଖେମଣ୍ଡି' ନାମ ବ୍ୟବହୃତ ହୋଇଥିବା କଥାକୁ ସେ ପ୍ରାମାଣିକ ସତ୍ୟ ଭାବରେ ଗ୍ରହଣ କରିଥିଲେ । ସେ ବିଶ୍ୱାସ କରୁଥିଲେ ଯେ 'ମୁଖଲିଙ୍ଗମ୍' ପାରଳାଖେମୁଣ୍ଡିର ଅନ୍ତର୍ଗତ ଥିଲା (୩) । ଏହି ଖେମୁଣ୍ଡି ଏକଦା ଏକ ସ୍ୱାଧୀନ ରାଷ୍ଟ୍ର ଥିବାର ଓ ଏହାର ସୀମା ବହୁଭାବେ ପରିବ୍ୟାପ୍ତ ହୋଇଥିବାର ପୁଣି କାଳକ୍ରମେ ବୈଦେଶିକ ଆକ୍ରମଣରେ ଏହାର ସୀମା ସଙ୍କୁଚିତ ହୋଇ ଯାଉଥିଲେ ମଧ୍ୟ ୧୮୩୪ ଖ୍ରୀ: ପର୍ଯ୍ୟନ୍ତ ଏହା ଏକ ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ର ଥିବାର ପ୍ରସଙ୍ଗକୁ କୃଷ୍ଣଚନ୍ଦ୍ର ସ୍ପଷ୍ଟଭାବେ ପ୍ରକାଶ କରିଛନ୍ତି (୪) ।

ରାଜସିଂହାସନରେ ବସିବାପରେ ସେ ରାଜ୍ୟର ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ପ୍ରତି ଦୃଷ୍ଟି ଦେଇଥିଲେ । ପ୍ରଥମେ ସେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ପ୍ରତି ଦୃଷ୍ଟି ଦେଇଥିଲେ । ସେ ମୁଖ୍ୟତଃ ଥିଲେ ଜଣେ ଉଚ୍ଚକୋଟୀର ଶିକ୍ଷାପ୍ରେମୀ । ତେଣୁ ସେ ନିଜ ରାଜ୍ୟରେ ଶିକ୍ଷାର ପ୍ରସାର ପାଇଁ ଗୋଟିଏ ଉନ୍ନତମାନର ମହାବିଦ୍ୟାଳୟ ଓ ବାଳକ ତଥା ବାଳିକାମାନଙ୍କ ଶିକ୍ଷାର ସୁବିଧା ପାଇଁ ଦୁଇଟି ସ୍ୱତନ୍ତ୍ର ଉଚ୍ଚ ଇଂରାଜୀ ବିଦ୍ୟାଳୟ ଖୋଲିଥିଲେ । ସଂସ୍କୃତ ଶିକ୍ଷାର ପ୍ରସାର ପାଇଁ ସେ ଏକ ମହାବିଦ୍ୟାଳୟ ତଥା ବୈଷୟିକ ଜ୍ଞାନର ଉନ୍ନତି ପାଇଁ ସେ କେତେକ ଶିକ୍ଷାନୁଷ୍ଠାନ ନିଜ ରାଜ୍ୟରେ ବସାଇଥିଲେ । ତାଙ୍କ ପିତା ସ୍ୱର୍ଗତ ଗୌରଚନ୍ଦ୍ର ଦେବ ତାଙ୍କ ରାଜ୍ୟରେ ଯେଉଁ ଏଫ୍: ଏ: କଲେଜଟିଏ ଖୋଲିଥିଲେ, ପରବର୍ତ୍ତୀକାଳରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଚେଷ୍ଟାରେ ତାହା ଏକ ଡିଗ୍ରୀ କଲେଜରେ ରୂପାନ୍ତରୀତ ହୋଇଥିଲା । ଏହା ବ୍ୟତୀତ ସେ ଏକ କାର୍ପେଣ୍ଟରୀ ସ୍କୁଲ ମଧ୍ୟ ପ୍ରତିଷ୍ଠା କରିଥିଲେ(୫) । ଏହି ସମସ୍ତ ଶିକ୍ଷାନୁଷ୍ଠାନମାନଙ୍କରେ ଓଡ଼ିଶାରୁ, ଓଡ଼ିଶା ବାହାରୁ ମଧ୍ୟ ଅନେକ ଛାତ୍ରଛାତ୍ରୀ ଆସି ଅଧ୍ୟୟନ କରୁଥିଲେ । ମହାରାଜା କୃଷ୍ଣଚନ୍ଦ୍ର ଏତେ ଉଦାରମନା ଥିଲେ ଯେ ତାଙ୍କ ରାଜ୍ୟରୁ ଯଦି କେହି ମେଧାବୀ ଛାତ୍ର ଉଚ୍ଚଶିକ୍ଷା ପାଇଁ ତାଙ୍କ ନିକଟରେ ଆର୍ଥିକ ସାହାଯ୍ୟ ଯାଚଞ୍ଚା କରୁଥିଲା । ତେବେ ସେ ତାହା ସଙ୍ଗେ ସଙ୍ଗେ

ପୂରଣ କରୁଥିଲେ। ଶିକ୍ଷାନୁଷ୍ଠାନମାନଙ୍କରେ ବିଦ୍ୱାନ, ଜ୍ଞାନନିଷ୍ଠ ତଥା ଅଭିଜ୍ଞ ଶିକ୍ଷକମାନଙ୍କୁ ନିଯୁକ୍ତି କରାଇ ସେ ପାରଳାର ଛାତ୍ରମାନଙ୍କ ଶିକ୍ଷାର ମାନବୃଦ୍ଧି ପାଇଁ ସତତ ଚେଷ୍ଟିତ ଥିଲେ। ତାଙ୍କରି ଚେଷ୍ଟାରେ ଓଡ଼ିଆ ସାହିତ୍ୟକ୍ଷେତ୍ରରେ ପ୍ରବନ୍ଧ, ଭାଷା ବିଜ୍ଞାନ ତଥା ଅଭିଧାନ ପ୍ରଣୟନ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ପଣ୍ଡିତ ଗୋପୀନାଥ ନନ୍ଦ ପାରଳା ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ସମଗ୍ର ଓଡ଼ିଶାରେ ନିଜକୁ ପ୍ରତିଷ୍ଠିତ କରିପାରିଥିଲେ। ଏତଦ୍ ବ୍ୟତୀତ ତାଙ୍କ ଗୃହଶିକ୍ଷକ ଥିବା ସ୍ୱର୍ଗତ ଶ୍ୟାମସୁନ୍ଦର ରାଜଗୁରୁ ଓଡ଼ିଶାର ଜଣେ ବିଶିଷ୍ଟ ଐତିହାସିକ, ପ୍ରାବନ୍ଧିକ ତଥା ଭାଷା ବିଜ୍ଞାନୀ ଥିଲେ।

ଶିକ୍ଷା ସହିତ ନିଜ ରାଜ୍ୟରେ କୃଷିର ବିକାଶ ପାଇଁ ତାଙ୍କ ଅବଦାନ ମଧ୍ୟ ଅଭୂତପୂର୍ବ ଥିଲା। ପାରଳାଖେମୁଣ୍ଡିରେ କୃଷିର ଉନ୍ନତି ପାଇଁ ସେ ଅନେକ ବଡ଼ ବଡ଼ ସୁବ୍ୟବସ୍ଥିତ ଜଳସେଚନ ପ୍ରକଳ୍ପ ନିର୍ମାଣ କରିଥିଲେ। ତାଙ୍କ ରାଜତ୍ୱକାଳରେ ସମଗ୍ର ପାରଳାରେ ଛୋଟ ବଡ଼ହୋଇ ଛତିଶଗୋଟି ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା ଏବଂ ଏହାଦ୍ୱାରା ରାଜ୍ୟର କୃଷି ଉତ୍ପାଦିତ ଦ୍ରବ୍ୟ ମଧ୍ୟ ଅନ୍ୟ ରାଜ୍ୟମାନଙ୍କଠାରୁ ପରିମାଣାତ୍ମକ ତଥା ଗୁଣାତ୍ମକ ଦୃଷ୍ଟିକୋଣରୁ ଯଥେଷ୍ଟ ଉନ୍ନତ ଥିଲା। ଅନଗ୍ରସର ତଥା ଦରିଦ୍ର କୃଷକମାନଙ୍କୁ କେବଳ ଆବଶ୍ୟକୀୟ ଉପାଦାନ ଯୋଗାଇଦେଇ ନୁହେଁ ବରଂ ତାଙ୍କୁ ଉତ୍ସାହିତ କରିବା ପାଇଁ ଗଜପତି କୃଷ୍ଣଚନ୍ଦ୍ର ତାଙ୍କର ଦୁଇଖଣ୍ଡ ବଡ଼ ବଡ଼ ଜମିରେ ଗୋଟିଏ ଆଦର୍ଶ କୃଷି ଫାର୍ମ ନିର୍ମାଣ କରିଥିଲେ। ଭଲ ବିହନ, ଗୋବର, ଖତ ତଥା ଉନ୍ନତମାନର ସାର ପ୍ରୟୋଗ ଆଦି ବ୍ୟବସ୍ଥା ଭିତରେ ସେ ତାଙ୍କ 'ସମସ୍ଥାନ'ର କୃଷକମାନଙ୍କୁ ଆଦର୍ଶ କୃଷି ପଦ୍ଧତି ଅବଲମ୍ବନ କରିବାକୁ ପ୍ରେରଣା ଦେଉଥିଲେ (୬)।

କୃଷି ସହିତ ଗୋଜାତିର ଉନ୍ନତି ସାଧନ ମଧ୍ୟ ତାଙ୍କ ଲୋକହିତକର କାର୍ଯ୍ୟର ଏକ ବିଶେଷ ଦିଗ ଥିଲା। ଗୋଜାତିର ଉନ୍ନତିପାଇଁ ସେ ନିଜ ରାଜ୍ୟରେ ଅନେକ ଗୋଚରଜମି ରଖିଥିଲେ। ଉନ୍ନତମାନର ଗାଈଗୋରୁ ପାଇଁ ସେ ବାହାରୁ ଭଲ ଷଣ୍ଢ ନିଜ ରାଜ୍ୟରେ ପାଳନ କରୁଥିଲେ (୧୩)। ସେମାନଙ୍କଠାରୁ ଉତ୍ପନ୍ନ ବାଛୁରୀମାନଙ୍କୁ ରାଜ୍ୟରେ ପ୍ରଜାମାନଙ୍କୁ ନିଲାମ ସୂତ୍ରରେ ବା ଦାନ ସୂତ୍ରରେ ବିତରଣ କରୁଥିଲେ। ଅଭାବଗ୍ରସ୍ତ ଦରିଦ୍ର ପ୍ରଜାମାନଙ୍କୁ ଆବଶ୍ୟକୀୟ ସାହାଯ୍ୟ କରିବା ତାଙ୍କ ବ୍ୟକ୍ତିତ୍ୱର ଏକ ବିଶେଷ ଦିଗଥିଲା।

ଶାସନ କ୍ଷେତ୍ରରେ ତାଙ୍କର ବ୍ୟକ୍ତିତ୍ୱ ମଧ୍ୟ ଅବିସମ୍ବାଦିତ ଥିଲା। ପ୍ରତ୍ୟେକ ଗ୍ରାମର ପଞ୍ଚାଦାରମାନଙ୍କୁ ମହାରାଜା ଠିକ୍ ମନେ ରଖୁଥିଲେ ଓ ପ୍ରତ୍ୟେକ ଗ୍ରାମର ଅଭାବ ଅସୁବିଧା ନିଜେ ବ୍ୟକ୍ତିଗତ ଭାବେ ତଦନ୍ତ କରୁଥିଲେ। ରାଜ୍ୟର ସମସ୍ତ ଉନ୍ନତି ଯେଉଁ କାର୍ଯ୍ୟାଳୟମାନଙ୍କ ଉପରେ ନିର୍ଭରଶୀଳ ଥିଲା, ସେହି ସମସ୍ତ କାର୍ଯ୍ୟାଳୟକୁ ମହାରାଜା ପ୍ରତ୍ୟହ ଯାଇ ଏହି କାର୍ଯ୍ୟାଳୟମାନଙ୍କର କାର୍ଯ୍ୟକଳାପ ପ୍ରତ୍ୟକ୍ଷ ଭାବେ ତଦାରଖ କରୁଥିଲେ। ଦୋଷୀକୁ ଉପଯୁକ୍ତ ଦଣ୍ଡ ଓ ନିର୍ଦ୍ଦୋଷ ପ୍ରତି ମିତ୍ର ବ୍ୟବହାର ତାଙ୍କ ଶାସନର ଏକ ପ୍ରମୁଖ ବୈଶିଷ୍ଟ୍ୟ ଥିଲା। ବିଳାସ ବ୍ୟସନକୁ ନିଜ ଜୀବନର ପରମ ଲକ୍ଷ୍ୟ ନ ଭାବି ସେବା ଭାବରେ ଜୀବନ ଅତିବାହିତ କରିବାକୁ ସେ ଶ୍ରେୟସ୍କର ମଣୁଥିଲେ।

ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଶ୍ରେଷ୍ଠ ଗୁଣଥିଲା ତାଙ୍କର ସମୟାନୁବର୍ତ୍ତିତା। ନିର୍ଦ୍ଦିଷ୍ଟ ସମୟରୁ ଗୋଟିଏ ମୁହୂର୍ତ୍ତ ତାଙ୍କ ଦୈନନ୍ଦିନ ଜୀବନରୁ ଏପାଖ ସେପାଖ ହୁଏ ନାହିଁ। ସେଥିପାଇଁ ଥରେ ସେ ନିଜେ ହୃଦ୍‌ରୋଗ ହେତୁ ଅସୁସ୍ଥ ଥିବା ସମୟରେ ଆସିବା ପାଇଁ ସମୟ ଦେଇଥିବା ଡାକ୍ତରଙ୍କୁ ଦଶମିନିଟ୍ ଅପେକ୍ଷା କଲାପରେ ଡାକ୍ତର ନଆସିବାରୁ ତାଙ୍କ ପାରିତୋଷିକ ବାବଦ ପାଞ୍ଚଶହ ଟଙ୍କା ଡାକ୍ତରଙ୍କୁ ଦେବାର ବ୍ୟବସ୍ଥାକରି ଆଉ ତାଙ୍କ ସାକ୍ଷାତ କରିନଥିଲେ।

ଗଜପତିଙ୍କର ଲୋକହିତକର ଜୀବନ ଧାରାର ଦ୍ୱିତୀୟ ପର୍ଯ୍ୟାୟଟି ହେଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ପ୍ରତୀକ ଭୂମିକା। ଜାତୀୟ ଚେତନା ପ୍ରତି ସ୍ୱାଭିମାନୀ ମହାରାଜା କୃଷ୍ଣଚନ୍ଦ୍ର ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶର କଳ୍ପନା କରିଥିଲେ। ସେ ସମୟରେ ଓଡ଼ିଶା ଖଣ୍ଡବିଖଣ୍ଡିତ ହୋଇଯାଇଥିଲା ଏବଂ 'ତିନିଥେଣ୍ଟିଆ କାକୁଡ଼ି ବାଡ଼ି' ପରି ଏହାର କିଛି ଅଂଶ ବଙ୍ଗଳା, କିଛି ଅଂଶ ବିହାର ଓ କିଛି ଅଂଶ ମଧ୍ୟପ୍ରଦେଶରେ ଥିଲା। ସେତିକିବେଳେ ଓଡ଼ିଶା ତଥା ଓଡ଼ିଆମାନଙ୍କର ମେରୁଦଣ୍ଡକୁ ଭାଙ୍ଗିଦେଲା ଭଳି ଦୁଇଟି ଘଟଣା ଘଟିଥିଲା। ପ୍ରଥମଟି ହେଉଛି ୧୮୬୬ ମସିହାର ନଅଙ୍କ ଦୁର୍ଭିକ୍ଷ ଓ ଦ୍ୱିତୀୟଟି ହେଉଛି ଓଡ଼ିଆ ଭାଷାର ବିଲୋପ ସାଧନ ପ୍ରଚେଷ୍ଟା। ଏହାର ଫଳଶ୍ରୁତି ରୂପେ ସମଗ୍ର ବିଖଣ୍ଡିତ ଓଡ଼ିଶାରେ ଏକ ଅଭୂତପୂର୍ବ ଜନଜାଗୃତି ଦେଖା ଦେଇଥିଲା। ବିଚ୍ଛିନ୍ନ ଭାବରେ ରହିଥିବା ସମସ୍ତ ଓଡ଼ିଆ ଅଞ୍ଚଳ କ୍ରମେ ଏକଜ ଓ ସୁସଙ୍ଗଠିତ ହେବାକୁ ଆଗ୍ରହୀ ହୋଇଉଠିଲେ ଏବଂ ଏହାର ଶୁଭ ଶଙ୍ଖଧ୍ୱନି ଶୁଭିଲା ୧୯୦୨ ଖ୍ରୀ:ରେ ଗଞ୍ଜାମରେ ପ୍ରତିଷ୍ଠିତ ହୋଇଥିବା 'ଓଡ଼ିଆ ଜାତୀୟ ସମିତି' ମାଧ୍ୟମରେ। ଏହାପରେ ୧୯୦୩ ଖ୍ରୀ:ରେ ଐତିହାସିକ 'ଉତ୍କଳ ସମ୍ମିଳନୀ'ର ଶୁଭାରମ୍ଭ ହୁଏ। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ଅବଦାନ ମଧ୍ୟ କମ୍ ନଥିଲା। ବିଖଣ୍ଡିତ ଉତ୍କଳର ମିଶ୍ରଣପାଇଁ 'କାର୍ଯ୍ୟଂ ବା ସାଧୟେତ୍ ଶରୀରଂ ବା ପାତୟେତ୍' ନ୍ୟାୟରେ କୃଷ୍ଣଚନ୍ଦ୍ର ଗଜପତି ଆପ୍ରାଣ ଉଦ୍ୟମ କରିଥିଲେ। ନିଜ ରାଜକୋଷରୁ ପର୍ଯ୍ୟାପ୍ତ ଧନ ବ୍ୟୟ କରି, ବହୁ ଶ୍ରମ ଏବଂ ସମୟ ନଷ୍ଟ କରି ସେ ଓଡ଼ିଶାର ସ୍ୱତନ୍ତ୍ରତା ଦାବୀ ନେଇ ତତ୍କାଳୀନ ସମସ୍ତ ପ୍ରମୁଖ ପ୍ରଶାସକମାନଙ୍କୁ ସାକ୍ଷାତ କରିଥିଲେ ଓ ଦୃଢ଼ କଣ୍ଠରେ ନିଜର ଦାବୀ ଉପସ୍ଥାପନ କରିଥିଲେ (୭)।

୧୯୩୦ ଖ୍ରୀ:ରୁ ୧୯୩୨ ଖ୍ରୀ: ମଧ୍ୟରେ ଦୁଇ ଦୁଇଥର ଗଜପତି କୃଷ୍ଣଚନ୍ଦ୍ର ଇଂଲଣ୍ଡ ଯାଇ ଐତିହାସିକ ଗୋଲ୍‌ଟେବୁଲ୍ ବୈଠକରେ ଉତ୍କଳ ଏକ ସ୍ୱତନ୍ତ୍ର ପ୍ରଦେଶ ହେବା ପାଇଁ ନିଜ ଦୃଢ଼ ଦାବୀ ଉପସ୍ଥାପନ କରିଥିଲେ। ଏହାର ଫଳ ଶ୍ରୁତିରୂପେ ୧୯୩୬ ମସିହା ଅପ୍ରେଲ ପହିଲା ଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ ହୋଇଥିଲା। ମହାରାଜା କୃଷ୍ଣଚନ୍ଦ୍ର ଥିଲେ ସ୍ୱତନ୍ତ୍ର ଉତ୍କଳର ପ୍ରଥମ ପ୍ରଧାନ ମନ୍ତ୍ରୀ। ତାଙ୍କର ପ୍ରଚେଷ୍ଟାରେ ଅନେକ ଲୋକହିତକର କାର୍ଯ୍ୟ ଓଡ଼ିଶାରେ ସଂସାଧିତ ହୋଇଥିଲା।

ଗୋଟିଏ ବିଶ୍ୱବିଦ୍ୟାଳୟ, ଗୋଟିଏ ମେଡ଼ିକାଲ କଲେଜ ଓ ଗୋଟିଏ ଉଚ୍ଚତମ ନ୍ୟାୟାଳୟର ପ୍ରତିଷ୍ଠା ପାଇଁ ସେ ପ୍ରାରମ୍ଭିକ ପ୍ରୟାସ ଆରମ୍ଭ କରିଥିଲେ, ଯାହା ପରବର୍ତ୍ତୀ ସମୟରେ ଫଳବତୀ ହୋଇଥିଲା । ଏକ ସାମୂହିକ ଉନ୍ନତି ପାଇଁ ନିଜର ବ୍ୟକ୍ତିଗତ ସେନ୍ତିକୁ ପରିହାର କରିଥିବା ଏହି ଜ୍ଞାନ ବୃଦ୍ଧ ମହାମନୀଷି ଓଡ଼ିଶାର ଗଗନାଙ୍ଗଣରେ ଏକ ଉଜ୍ଜ୍ୱଳ ଜ୍ୟୋତିଷ୍କ ହୋଇ ଅବଗାହ ବିରାଜିତ ହେବେ । ଆଜି ସେ ନଶ୍ୱରୀରରେ ଆମମାନଙ୍କ ଗହଣରେ ନାହାନ୍ତି ସତ ମାତ୍ର ତାଙ୍କର 'ଯଶୋଦେହ'ରେ ସେ ସବୁଦିନ ପାଇଁ ଓଡ଼ିଶାରେ ଚିର 'ଆୟୁଷ୍ମାନ' ହୋଇ ରହିଛନ୍ତି । ଏବଂ ରହିଥିବେ ମଧ୍ୟ ।

(୧) ଗଜପତି ମହାରାଜା କୃଷ୍ଣଚନ୍ଦ୍ର : ଭାଷାନ୍ତର ଯୁଗଳ କିଶୋର ପାଣିଗ୍ରାହୀ : ଉତ୍କଳ ସାହିତ୍ୟ ମଣ୍ଡଳ : ୧୯୯୧ : ପୃ: ୫୦ ।

(୨) ଉତ୍କଳ ପ୍ରସଙ୍ଗ : ଅପ୍ରେଲ : ୧୯୭୫ : ପୃ: ୧୩ ।

(୩) ଗଜପତି କୃଷ୍ଣଚନ୍ଦ୍ର : ମୋରାର୍ଜୀ : ପୃ: ୩-୫ ।

(୪) ତତ୍ରୈବ : ପୃ: ୫-୧୬ ।

(୫) ସଂକ୍ଷିପ୍ତ ଓଡ଼ିଆ ଜ୍ଞାନକୋଷ : ଦ୍ୱିତୀୟ ଭାଗ : ଉତ୍କଳବିଶ୍ୱ: ଭୁବନେଶ୍ୱର-୧୯୭୩ : ପୃ: ୧୭୨ ।

(୬) ଗଜପତି କୃଷ୍ଣଚନ୍ଦ୍ର : ମୋରାର୍ଜୀ : ପୃ: ୫୬-୫୩ ।

(୭) ସାମନ୍ତରାୟ ନଟବର : ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସଂକ୍ଷିପ୍ତ ପରିଚୟ : ଉତ୍କଳ ପ୍ରସଙ୍ଗ : ଅପ୍ରେଲ-୭୫ : ପୃ: ୧୨-୧୭ ।

ଅଧ୍ୟାପକ, ଓଡ଼ିଆ ବିଭାଗ,
ରେଭେନ୍‌ସା ପ୍ରାତଃ ମହାବିଦ୍ୟାଳୟ ।



ଓଡ଼ିଶା ଅଡିଟ୍ ଏବଂ ଆକାଉଣ୍ଟସ୍ ସଙ୍ଘ ଅଧିବେଶନରେ ଅର୍ଥ ମନ୍ତ୍ରୀ ଶ୍ରୀ ବେଦ ପ୍ରକାଶ ଅଗ୍ରୱାଲାଙ୍କ ଉଦ୍‌ବୋଧନ ୧୧/୩ ।



# ଓଡ଼ିଶା ଗଠନର ଶେଷ ସେନାପତି

ଶ୍ରୀ ବିଜୟ ଚନ୍ଦ୍ର ମହାପାତ୍ର

ଓଡ଼ିଶାର ଦକ୍ଷିଣ ପ୍ରାନ୍ତସ୍ଥ ପାରଳାଖେମୁଣ୍ଡିରେ ପୂର୍ବେ ପ୍ରବାଳ ଖେମଣ୍ଡ ନାମକ ଜଣେ ଆଦିବାସୀ ରାଜା ଥିଲେ। ହୁଏତ ତାଙ୍କରି ନାମାନୁସାରେ ସେହି ସହର ପାରଳାଖେମୁଣ୍ଡି ନାମରେ ଖ୍ୟାତ। ଉକ୍ତ ସହରରେ ପାରଳା ନାମଧାରୀ ଗୋଟିଏ ସାହି ଅଛି। ତାହାରି ନାମାନୁସାରେ ବି ସେହି ସହର ପାରଳାଖେମୁଣ୍ଡି ନାମ ଗ୍ରହଣ କରିଥାଇ ପାରେ।

ଓଡ଼ିଶାର ଗଜପତି ପୁରୁଷୋତ୍ତମ ଦେବଙ୍କ ଅଗ୍ରଜ କଳାହସ୍ତିର ଦେବ ଗୃହ ବିବାଦରୁ ପାରଳାଖେମୁଣ୍ଡି ଚାଲି ଆସିଲେ। ନିୟତିର ବିଚିତ୍ର ବିଧାନାନୁସାରେ କାଞ୍ଚି ଅଭିଯାନ ବେଳେ ପାରଳା ଗଜପତି ପୁରୁଷୋତ୍ତମ ଦେବଙ୍କୁ ସାହାଯ୍ୟ କରିଥିଲେ। ସମ୍ପ୍ରତି ଓଡ଼ିଶାରେ ୨ଟି ଗଜପତି ବଂଶ – ପୁରୀର ଠାକୁର ରାଜା ଓ ପାରଳାର ଗଜପତି।

ଏହି ବିଖ୍ୟାତ ବଂଶରେ ଗୌରଚନ୍ଦ୍ର ଗଜପତିଙ୍କ ଔରସରୁ କୃଷ୍ଣଚନ୍ଦ୍ର ରାଜ ପତିଙ୍କୁ ବିଷ୍ଣୁପ୍ରିୟା ଦେବୀ ୨୬-୪-୧୮୯୨ରେ ଭୂମିଷ୍ଠ କଲେ। ପାରଳା ଅଞ୍ଚଳରେ ବଡ ସ୍କୁଲ ନାମରେ ଖ୍ୟାତ ମହାରାଜା ବାଳକ ହାଇସ୍କୁଲରେ କୃଷ୍ଣଚନ୍ଦ୍ର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାଡ୍ରାସ କଲେଜରେ ପଢ଼ିଲେ। ୧୯୧୩ ଖ୍ରୀଷ୍ଟାବ୍ଦରେ ସେ ଖଡ଼ଗପୁରୀ ରାଜକେମାଙ୍କର ପାଣି ଗ୍ରହଣ କଲେ। ସେହି ବର୍ଷ ହିଁ ତାଙ୍କର ଅଭିଷେକ ହେଲା। କିନ୍ତୁ ତାଙ୍କର ପାରିବାରିକ ଜୀବନ ଅତୀବ ଦୁଃଖପ୍ରଦ ଥିଲା। ମୋଟେ ୧୨ ବର୍ଷ ଦାମ୍ପତ୍ୟ ଜୀବନ ଅତିବାହିତ କରିବା ପରେ ସେ ବିପତ୍ନୀକ ହେଲେ। ବୃଦ୍ଧାବସ୍ଥା ସମୟରେ ତାଙ୍କରି ଦ୍ୱାରା ନିର୍ମିତ ମହେନ୍ଦ୍ର ତନୟା ତଟସ୍ଥ ବସନ୍ତ ନିବାସରେ ଛାମୁଙ୍କର ଜ୍ୟେଷ୍ଠାପତ୍ୟ ଆତ୍ମହତ୍ୟା କଲେ।

ଖଣ୍ଡ ବିଖଣ୍ଡିତ ଓଡ଼ିଶାକୁ ଏକତ୍ର କରିବା ପାଇଁ ଛାମୁଙ୍କର ପିତୃବ୍ୟ ପଦ୍ମନାଭ ଦେବ ଉତ୍କଳ ହିତୈଷିଣୀ ସମାଜ ଗଢ଼ି ପାରଳାରେ ଓଡ଼ିଶା ଗଠନର ବୀଜ ନିହିତ କରିଥିଲେ। ଛାମୁ ତଦ୍ୱାରା ପ୍ରଭାବିତ ହୋଇ ୨୬ ଓ ୨୭-୧୨-୧୯୧୪ରେ ପାରଳାରେ ଉତ୍କଳ ସମ୍ମିଳନୀର ଅଧିବେଶନ କରାଇଲେ। ଏହି ସଭାରେ ଟେକ୍କଲି, ମଞ୍ଜୁଷା, ତରଳା ପ୍ରଭୃତି ଜମିଦାର ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦୦୦ ପ୍ରତିନିଧି ଯୋଗ ଦେଇଥିଲେ। ତାଙ୍କର ମାତୁଳ ଜୟପୁରର ଜମିଦାର ବିକ୍ରମ ଦେବ ବର୍ମା ଏହି ସଭାରେ ସଭାପତିତ୍ୱ କରିଥିଲେ। ଏହି ବିରାଟ ଆୟୋଜନରେ ଗଜପତି ପ୍ରାୟ ୧୦,୦୦୦ ଟଙ୍କା ଖର୍ଚ୍ଚ କରିଥିଲେ। ୧୯୨୪ରେ ଫିଲପ-ଡଫ କମିଟି ମଞ୍ଜୁଷା, ତରଳା, ଟେକ୍କଲି, ବୁଡ଼ାର ସିଂହ, ଜଳନ୍ତର ଓ ପାରଳାଖେମୁଣ୍ଡିକୁ ଓଡ଼ିଶାରେ ମିଶାଇବାକୁ ମତ ଦେଇଥିଲେ।

୧୨-୧୧-୧୯୩୦ଠାରୁ ୧୯-୧-୧୯୩୧ ପର୍ଯ୍ୟନ୍ତ ଲଣ୍ଡନରେ ପ୍ରଥମ ଗୋଲଟେବୁଲ ବୈଠକ ବସିଲା। ସୌଭାଗ୍ୟକୁ ବିହାର-ଓଡ଼ିଶା ସରକାର କୃଷ୍ଣଚନ୍ଦ୍ର ଗଜପତିଙ୍କୁ ପ୍ରତିନିଧି ରୂପେ ପଠାଇଲେ। କିନ୍ତୁ କାର୍ଯ୍ୟସୂଚୀରେ ଓଡ଼ିଶା ବିଷୟ ନଥିଲା; ଅଥଚ ସିନ୍ଧୁ ପ୍ରଦେଶ ଥିଲା। ଗଜପତି ସିନ୍ଧୁକୁ ସମାଙ୍କ ରଖି ଓଡ଼ିଶା ଗଠନ ପ୍ରସ୍ତାବ ବାଢ଼ିଲେ। ଅତୀବ ଆନନ୍ଦର କଥା ଯେ ଏହି ବୈଠକ ନୀତିଗତ ଭାବରେ ଓଡ଼ିଶା ଗଠନ ନିଷ୍ପତ୍ତି ଗ୍ରହଣ କଲା। ଭାରତର ଜାତୀୟ କଂଗ୍ରେସ ଏହି ବୈଠକକୁ ବର୍ଜନ କରିଥିଲା। ସୁତରାଂ ମହାରାଜାଙ୍କ ଯୋଗଦାନକୁ ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ ଓ ନିତ୍ୟାନନ୍ଦ କାନୁନ୍‌ଗୋ ନିନ୍ଦା କରିଥିଲେ। କିନ୍ତୁ ମହାରାଜା ଯୋଗ ଦେଇ ଥିବା ଯୋଗୁଁହିଁ ସୀମା ନିର୍ଦ୍ଧାରଣ ପାଇଁ ୧୮-୩-୧୯୩୧ରେ ଓଡ଼ନେଲ କମିଟି ଗଠନ ହେଲା। ଏହି କମିଟିରେ ଓଡ଼ିଶା ତରଫରୁ ଗଜପତି ସହଯୋଗୀ ସଭ୍ୟ ରହିଲେ।

ପାରଳାର କୃଷ୍ଣଚନ୍ଦ୍ର ଗଜପତି କଲେଜରେ ଜି: ବି: ସୀତାପତି ବରିଷ୍ଠ ଅଧ୍ୟାପକ ଥିଲେ। ଅଧ୍ୟକ୍ଷ ପଦ ଖାଲି ହେବାରୁ ଗଜପତି ତାଙ୍କୁ ଅଧ୍ୟକ୍ଷ ପଦ ନଦେଇ ଜଣେ ଜୁନିୟର ଅଧ୍ୟାପକଙ୍କୁ ଦେଇ ଦେଲେ। ସୀତାପତି କ୍ଷୁବ୍ଧ ହୋଇ ଇସ୍ତଫା ଦେଇ ଚାଲିଗଲେ ଓ ମହାରାଜାଙ୍କ ପ୍ରଧାନ ପ୍ରତିଦ୍ୱନ୍ଦ୍ୱୀ ହୋଇ ତେଲୁଗୁ ଲୋକଙ୍କୁ ସଙ୍ଗଠିତ କଲେ। ଓଡ଼ିଶା ଗଠନ ହେଲେ ଏକ 'ନିଅଣ୍ଟିଆ' ପ୍ରଦେଶ ହେବ ବୋଲି ପ୍ରଚାର ହେଲା। ଏପରି ପ୍ରତିକୂଳ ପରିସ୍ଥିତି ଯୋଗୁଁ ଓଡ଼ନେଲ କମିଟି ପାରଳାଖେମୁଣ୍ଡି, ମେଦିନୀପୁର ଓ ସିଂହଭୂମିକୁ ଛାଡ଼ି ଓଡ଼ିଶାର ସୀମାନିର୍ଦ୍ଧାରଣ କଲେ। ପାରଳାକୁ ବାଦ୍ ଦିଆଯାଇଥିବା ବେଳେ ମଞ୍ଜୁଷା, ଟେକ୍କଲିର ସ୍ଥାନ କେଉଁଠି? ତଥାପି ଗଜପତି ଭାଙ୍ଗି ନ ଯାଇ ତାଙ୍କରି ନେତୃତ୍ୱରେ ବିଶ୍ୱନାଥ ଦାସ ଓ ଲିଙ୍ଗରାଜ ପାଣିଗ୍ରାହୀ ସିମଳାରେ ଗଭର୍ଣ୍ଣର ଜେନେରାଲଙ୍କୁ ଭେଟି ପାରଳାଖେମୁଣ୍ଡି ଦାବୀ ପୁନରୁତ୍ଥାନ କଲେ।

ତୃତୀୟ ଗୋଲଟେବୁଲ ବୈଠକରେ ଭାରତର ଜମିଦାରମାନଙ୍କ ତରଫରୁ ଏକ ମାତ୍ର ପ୍ରତିନିଧି ଖଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଯୋଗଦେଇ ଥିଲେ। ସେ ଲଣ୍ଡନରୁ ତାର ବାର୍ତ୍ତାରେ ଜଣାଇଲେ ଯେ ବିଲାତର ଭାରତ ବିଭାଗୀୟ ମନ୍ତ୍ରୀ ସାର୍ ସାମୁଏଲ ହୋର ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବ ବୋଲି ୨୪-୧୨-୧୯୩୨ରେ ଘୋଷଣା କଲେ। କିନ୍ତୁ ୧୭-୩-୧୯୩୩ରେ ପ୍ରକାଶିତ ଶ୍ୱେତ ପତ୍ରରୁ ସ୍ପଷ୍ଟ ଜଣାଗଲା ଯେ ପାରଳାଖେମୁଣ୍ଡି ଓ ଜୟପୁରକୁ ବାଦ ଦିଆଯାଇଛି। ଅନ୍ୟଦିଗରେ ଆନ୍ଧ୍ରରେ ବ୍ରହ୍ମପୁର ରହୁ ବୋଲି ତେଲୁଗୁ ଲୋକେ ଦୃଢ଼ ଦାବୀ କରୁଥିଲେ। ବୋଧ ହୁଏ ଏହି

ନାଥେଙ୍କ ଗଜପତିଙ୍କ ସଭାପତିତ୍ୱରେ ବ୍ରହ୍ମପୁରରେ ଉତ୍କଳ ସମ୍ମିଳନୀର ସପ୍ତୋବିଂଶ ଅଧିବେଶନ ବସିଲା । ଜୟପୁର ଜମିଦାରଙ୍କଠାରୁ ସମ୍ମତି ଆଦାୟ ପାଇଁ ନିଜେ ଗଜପତି ଓ ପଣ୍ଡିତ ଗୋଦାବରୀଶ ମିଶ୍ର ଜୟପୁର ଗଲେ । ଦରବାର ଗୃହରେ ବିକ୍ରମ ଦେବ ବର୍ମାଙ୍କୁ ଭେଟି ପଣ୍ଡିତ ମିଶ୍ର ଦଣ୍ଡା ହୋଇ ତଳେ ଶୋଇ ପଡ଼ିଲେ ଓ ଗଜପତି ନିଜ ମୁଣ୍ଡର ପଗଡ଼ି ମାତୁଳଙ୍କର ପାଦ ତଳେ ରଖି ସ୍ୱାଗଜ ପତ୍ରଟି ବଢ଼ାଇ ଦେଲେ । ଜମିଦାର ବର୍ମା ବିନା ଦ୍ୱିଧାରେ ଦସ୍ତଖତ କରି ଫେରାଇ ଦେଲେ । ଜୟପୁର ମିଶ୍ରଣ ନିମନ୍ତେ ଗଜପତି ଓ ପଣ୍ଡିତ ମିଶ୍ର ନିଜ ମାନସମ୍ମାନକୁ ଯେପରି ଭ୍ରୂକ୍ଷେପ କରି ନ ଥିଲେ, ତାହା ଭାବିଲେ ଆନନ୍ଦାଶ୍ରୁ ଝରି ପଡ଼େ ।

ଓଡ଼ିଆ ଅଞ୍ଚଳରେ ଏହିପରି ଅସନ୍ତୋଷ ବହ୍ନି ଜଳିଲା । ସୁରୋଂ ଲର୍ଡ଼ ଲିନ୍‌ଲିଥ୍‌ଗୋଙ୍କ ଅଧିନାୟକତ୍ୱରେ ବିଲାତ ସଂସଦର ମିଳିତ ଯାଞ୍ଚ କମିଟି ବସିଲା । ୧୯୨୭ରେ ଲିନ୍‌ଲିଥ୍‌ଗୋ ଭାରତର କୃଷି କମିଶନର ଅଧକ୍ଷ ଥିଲେ ଓ ଗଜପତି ସଭ୍ୟ ହିସାବରେ ତାଙ୍କର ସଖ୍ୟ ଅର୍ଜ୍ଜନ କରିଥିଲେ । ଗଜପତି ନିଜର ଉଦ୍ୟମ ଅବ୍ୟାହତ ରଖି ପୁଣି ଲଣ୍ଡନ ଦୌଡ଼ିଲେ । ଆନ୍ଧ୍ର ପକ୍ଷରୁ ଜି: ବି: ସୀତାପତି ମଧ୍ୟ ଲଣ୍ଡନ ଯାଇଥିଲେ । ତାଙ୍କର ଓକିଲ ଥିଲେ ବାବୁ ଜଗନ୍ନାଥ ଦାସ ଯେକି ପରେ ଓଡ଼ିଶା ହାଇକୋର୍ଟର ପ୍ରଧାନ ବିଚାରପତି ହୋଇ ଥିଲେ । ତେଲୁଗୁମାନଙ୍କର ବ୍ରହ୍ମପୁର ଦାବୀ କୁ କମିଟି ପ୍ରତ୍ୟାଖାନ କଲା ଓ ଜୟପୁର ମିଶ୍ରଣ ନିମନ୍ତେ ସମ୍ମତି ପ୍ରକାଶ କଲା । ଅଗତ୍ୟା ମହାରାଜା ଅନନ୍ୟୋପାୟ ହୋଇ ସର୍ବନାଶେ ସମୁତ୍ପନ୍ନେ ଅର୍ଦ୍ଧଂ ତ୍ୟଜତି ପଣ୍ଡିତ ନୀତିରେ ପାରଳା ଜମିଦାରିର ଏକ ତୃତୀୟାଂଶ ମିଶ୍ରଣ ନିମନ୍ତେ ପରାମର୍ଶ ଦେଇ ଭାରତ ପ୍ରତ୍ୟାବର୍ତ୍ତନ କଲେ । ତାଙ୍କରି ନେତୃତ୍ୱରେ ଭୁବନାନନ୍ଦ ଦାସ, ବ୍ରଜସୁନ୍ଦର ଦାସ ଓ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ଦିଲ୍ଲୀ ଯାଇ ଗଭର୍ଣ୍ଣର ଜେନେରାଲ ଲର୍ଡ଼ ଉଇଲିଂଡନଙ୍କୁ ଦାବୀ ପତ୍ର ଦେଲେ । ଅବଶ୍ୟ ଏହା ପୂର୍ବରୁ ମହାରାଜା କେତେକ ତେଲୁଗୁ ଲୋକଙ୍କଠାରୁ ସାହାଯ୍ୟ ଓ ସମର୍ଥନ ଆଦାୟ କରିଥିଲେ । ଭାଇସ୍‌ରାୟଙ୍କ ସୁପାରିଶ କମିଟି ଗ୍ରହଣ କଲା । ତାହାରି ଫଳରେ ପାରଳାଖେମୁଣ୍ଡି ସହର ସମେତ ଉକ୍ତ ଜମିଦାରୀର ଏକ ତୃତୀୟାଂଶ ଓଡ଼ିଶାରେ ମିଶିଲା । ପାରଳାଖେମୁଣ୍ଡି ନେବାକୁ ଆନ୍ଧ୍ର ପ୍ରବଳ ଦାବୀ କଲା । ଅତୀବ ସୌଭାଗ୍ୟର କଥା ଯେ ଫଡଲ ଅଲି କମିଶନ ଓଡ଼ିଶାର ସୀମା ଅପରିବର୍ତ୍ତିତ ରଖିଲେ ।

୧୯୩୫ ଆଇନାନୁସାରେ ୧-୪-୧୯୩୬ରେ ଉତ୍କଳ-ଜନନୀ ଆତ୍ମ ପ୍ରକାଶ କଲେ । ସେହିଦିନ ଗଜପତି ବାରବାଟୀରେ ବହୁ ଲୋକଙ୍କୁ ଭୋଜିରେ ଆପ୍ୟାୟିତ କରିଥିଲେ । ୧୯୩୭ରେ ୬୦ ଜଣିଆ ବିଧାନ ସଭା ଗଢ଼ାଗଲା । କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ ନକରିବାରୁ ଗଜପତି ୧-୪-୧୯୩୭ରେ ଓଡ଼ିଶାର ପ୍ରଥମ ପ୍ରଧାନ ମନ୍ତ୍ରୀ ହେଲେ । ଆଧାତ୍ମିକ ବାଦୀ ଗଜପତି ସେହି ଦିନ ପୁରୀ ଯାଇ ଜଗନ୍ନାଥ ଦର୍ଶନ କଲେ । ବିଶ୍ୱନାଥ ଦାସ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଢ଼ିବାରୁ ୧୩-୭-୧୯୩୭ରେ ମହାରାଜା ଇସ୍ତଫା ଦେଲେ । ପଣ୍ଡିତ ନୀଳକଣ୍ଠ, ଗୋଦାବରୀଶ, ଯଦୁମଣି ମଙ୍ଗରାଜ, ଦିବାକର ପଟ୍ଟନାୟକ ପ୍ରଭୃତିଙ୍କ ସମର୍ଥନରେ ଗଜପତି ୩-୧୧-୧୯୪୧ରେ ପୁଣି ଓଡ଼ିଶାର ପ୍ରଧାନ ମନ୍ତ୍ରୀ ହେଲେ । ଦ୍ୱିତୀୟ ବିଶ୍ୱଯୁଦ୍ଧ ହେତୁ ଏହି ମନ୍ତ୍ରୀମଣ୍ଡଳ ସେପରି କିଛି ଜନମଙ୍ଗଳ କାର୍ଯ୍ୟ କରିବାକୁ ସମର୍ଥନ ହୋଇନଥିଲେ ମଧ୍ୟ ଉତ୍କଳ-ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିପାରିଥିଲା । ଜୁନ୍ ୪୪ରେ ପଣ୍ଡିତ ମିଶ୍ର, ପଟ୍ଟନାୟକ ପ୍ରଭୃତି ସମର୍ଥନ ପ୍ରତ୍ୟାହାର କରିବାରୁ ଗଜପତି ମନ୍ତ୍ରୀମଣ୍ଡଳ ଭାଙ୍ଗିଗଲା ।

ସେ ଆନ୍ଧ୍ରର ନୌପଡ଼ାଠାରୁ ଗୁଣପୁର ପର୍ଯ୍ୟନ୍ତ ୯୦ କି:ମି: ବ୍ୟାପୀ ସଂକୀର୍ଣ୍ଣ ରେଳ ରାସ୍ତା ପକାଇଥିଲେ । ବିଧାନ ସଭା ଗଜପତିଙ୍କୁ ସାମ୍ବିଧାନିକ ସଭାକୁ ପଠାଇଥିଲା । ଗଜପତି କଟକର ବିଦ୍ୟାଧରପୁରସ୍ଥ କୃଷି ଫାରମ ଭାରତ ସରକାରଙ୍କୁ ଦେଇଦେଲେ ଯାହାକି ଏବେ ବିଖ୍ୟାତ ଧାନ ଗବେଷଣା କେନ୍ଦ୍ର ହୋଇଛି । ଓଡ଼ିଶା ସରକାରଙ୍କ ପ୍ରସ୍ତାବାନୁସାରେ ସେ ରାଉରକେଲା ଇସ୍ପାତ କାରଖାନା ର ୧୦ ଜଣିଆ ଡାଇରେକ୍ଟର ବୋର୍ଡ଼ର ଅନ୍ୟତମ ଡାଇରେକ୍ଟର ଥିଲେ । ବ୍ରହ୍ମପୁରସ୍ଥ ମେଡ଼ିକାଲ କଲେଜ ତାଙ୍କରି ନାମରେ ନାମିତ । ଉତ୍କଳ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତାଙ୍କୁ ଡକ୍ଟରେଟ ଉପାଧିରେ ଭୂଷିତ କରିଥିଲେ । ଉତ୍କଳ ଜନନୀ ତା'ର ଶେଷ ସେନାପତିଙ୍କୁ ୨ - -୧୯୭୪ରେ ହରାଇଲା ।

କଟକର ରେଳ ଷ୍ଟେସନ ନିକଟରେ ତାଙ୍କର ପ୍ରତିକୃତି ରହିଛି । ପାରଳାଖେମୁଣ୍ଡି କଲେଜ ଓ ବ୍ରହ୍ମପୁର ଭେଷଜ ମହାବିଦ୍ୟାଳୟ ପ୍ରାଙ୍ଗଣରେ ମଧ୍ୟ ମହାରାଜାଙ୍କ ପ୍ରତିମୂର୍ତ୍ତି ରହିଛି । ଏହି ବର୍ଷ ଗଜପତିଙ୍କ ଜନ୍ମ ଶତ ବାର୍ଷିକୀ ଅବସରରେ ବ୍ରହ୍ମପୁରସ୍ଥ ରାମଲିଙ୍ଗେଶ୍ୱର ପାର୍କ ନିକଟରେ ଆଉ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାପାଇଁ ପ୍ରସ୍ତୁତି ଚାଲିଛି ।

ଶିକ୍ଷକ କଲୋନୀ,
ଫୁଲବାଣୀ ।

# ଗୋପବନ୍ଧୁ ଓ ଗୋଦାବରୀଶ



ଶ୍ରୀ ଭଗବାନ ପାଢ଼ୀ

ସେତେବେଳେ ଆମ ଦେଶ ପରାଧୀନ ଥାଏ। ଅସହଯୋଗ ଆନ୍ଦୋଳନର ଅଗ୍ନି ଜଳି ନଥାଏ। ଦିନକର କଥା–ସତ୍ୟବାଦୀରେ ନୀଳ ଢଳଢଳ ଉଦାର ଆକାଶ ତଳେ ଯେଉଁଠି ମୃଦୁ ମଳୟାନିଳର ସ୍ପର୍ଶରେ ମଞ୍ଜୁଳ ବକୁଳ ଜୁହିଁଆ ଫୁଲ ଝରିପଡ଼େ ସେଇଠି– ପ୍ରକୃତିର ଏକ ମନୋରମ ପରିବେଶ ମଧ୍ୟରେ – ପଣ୍ଡିତ ଗୋପବନ୍ଧୁ ଦାସ ଠିଆ କରିଥାଆନ୍ତି "ମଣିଷ ଗଢ଼ା କାରଖାନା"। କାରଖାନାଗୁଡ଼ିକରେ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ପ୍ରସ୍ତୁତ ହୁଏ। କିନ୍ତୁ ଏ କାରଖାନାର ବିଶେଷତ୍ୱ ଥିଲା। ଏହା ଥିଲା 'ବନ ବିଦ୍ୟାଳୟ'–ଏକ ମୁକ୍ତବାୟୁ ବିଦ୍ୟାଳୟ। ଗ୍ରାମାଞ୍ଚଳରୁ ଆସି ବହୁତ ପିଲା ଏଠାରେ ପାଠ ପଢ଼ିବା ସଙ୍ଗେ ସଙ୍ଗେ ନାନା ବୈଷୟିକ ଧନ୍ଦା ଶିଖୁଥିଲେ। ଛାତ୍ର ଓ ଶିକ୍ଷକମାନଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ଥିଲା। ଛାତ୍ରମାନେ ଏଠାରେ ଗୋପବନ୍ଧୁ ଓ ଅନ୍ୟ ଶିକ୍ଷକମାନଙ୍କ ପ୍ରତ୍ୟକ୍ଷ ସଂସର୍ଗ ଲାଭ କରି ପାରୁଥିଲେ। ଶିକ୍ଷକବର୍ଗ ତଥା ଗୋପବନ୍ଧୁଙ୍କର ସନ୍ତାନ ବାତ୍ସଲ୍ୟ, ଶିଷ୍ୟପ୍ରୀତି ଏମାନଙ୍କ ଉପରେ ଅଜାଡ଼ି ହୋଇ ପଡୁଥିଲା। ଏମାନଙ୍କ ସ୍ନେହ–ଶ୍ରଦ୍ଧାରେ ଛାତ୍ରମାନେ ଗାଁ କଥା, ଘର କଥା, ବାପା ମା'ଙ୍କ କଥା ଭୁଲିଯାଉଥିଲେ। (୧) ଗୋପବନ୍ଧୁଙ୍କର ଅସାଧାରଣ ବ୍ୟକ୍ତିତ୍ୱ, ତ୍ୟାଗ–ବ୍ରତ ପ୍ରେରଣା, ରଷି ଜନୋଚିତ–ନିଷ୍ଠାରେ ଅନୁପ୍ରାଣିତ ହୋଇ ଏହି 'ମଣିଷ ଗଢ଼ା କାରଖାନା'ରେ ଯୋଗ ଦେଇଥିଲେ ବିଶ୍ୱବିଦ୍ୟାଳୟର ଉଚ୍ଚତମ ଡିଗ୍ରୀ ଲାଭ କରିଥିବା କେତେଜଣ ପ୍ରତିଭାଶାଳୀ, ଦେଶପ୍ରେମୀ ଯୁବକ। ବର୍ଜନ କରିଥିଲେ ପଦ–ପଦବୀର ଅଭିଳାଷ, ଅର୍ଥୋପାର୍ଜନର ଲିପ୍ସା, ବରଣ କରିନେଇଥିଲେ ତ୍ୟାଗବ୍ରତ–ଜୀବନାଦର୍ଶର ଆଲୋକୋଜ୍ଜ୍ୱଳ–ସରଣୀ।

ଶ୍ରୀଯୁକ୍ତ ଗୋପବନ୍ଧୁ ଦାସ ନିଜ କୁଟୀର–ପ୍ରାଙ୍ଗଣରେ କୌଣସି ଏକ କାର୍ଯ୍ୟରେ ବ୍ୟାପୃତ। ହଠାତରେ ଲମ୍ବିଗଲା ଏକ ଦୀର୍ଘଛାୟା.....। ସେ ଆବିଷ୍କାର କଲେ ତାଙ୍କ ଆଗରେ ଉଚ୍ଚ ଶିକ୍ଷାପ୍ରାପ୍ତ ଜଣେ ଦୀପ୍ତିବନ୍ତ ତରୁଣଙ୍କୁ। ଦାସେ ଆପଣେଙ୍କ ସାନିଧ୍ୟରେ ସେହି ଅଭ୍ୟାଗତ ଯୁବକଙ୍କ ସରୋଜ ସ୍ନିଗ୍ଧ–ବଦନ ମଣ୍ଡଳରେ ଖେଳି ଯାଉଥିଲା ସଲଜ୍ଜ–ଭାବର ପାଟଳୀମା.....। ଅତିବାହିତ ହୋଇଗଲା ବେଶ୍ କିଛି ସମୟ। ତଥାପି ଯୁବକ ନୀରବ। ଦାସେ ଆପଣେ ତାଙ୍କର ଶୁଭ୍ରୋଜ୍ଜ୍ୱଳ–ମୁଖମଣ୍ଡଳରେ ସ୍ମିତହାସ୍ୟ ଖେଳେଇ ନିଜର ସ୍ୱଭାବ ସୁଲଭ–ଭଙ୍ଗୀରେ ପ୍ରଶ୍ନକଲେ–'କୁଆଡ଼େ ଆସିଗଲ ?' ଯୁବକ ହୋଇ ଉଠୁଥିଲେ ଅପ୍ରତିଭ। ହେଲେ–ପ୍ରଶ୍ନର ଉତ୍ତର ଦେବାକୁ ହେବ। ସେ ତୁଣ୍ଡ ଖୋଲିଲେ–

'ଆଜ୍ଞା, ଖବରକାଗଜରେ ବିଜ୍ଞାପନଟିଏ ପ୍ରକାଶ ପାଇଛି। ସରକାରୀ ବୃତ୍ତିରେ ବିଲାତରେ ପଢ଼ିବାକୁ ହେବ। ସେଠାରୁ ଫେରିଲେ କଲିକତା ମୂକ–ବଧିର ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ପଦ ମିଳିବ। ଆପଣଙ୍କୁ ନଜଣାଇ ମୁଁ ଦରଖାସ୍ତ ଦେଇଥିଲି, ମନୋନୀତ ହୋଇଛି'...... ଯୁବକଙ୍କର ସାଧାରଣ ସୌଜନ୍ୟ ପୂର୍ଣ୍ଣ–ସୁସଂଯତ–ଭାଷା।

ଆକସ୍ମିକ ଭାବରେ ଦାସେ ଆପଣେଙ୍କ ସଦ୍ୟସ୍ନାତ–ସମୁଜ୍ଜ୍ୱଳ–ମୁଖମଣ୍ଡଳ ଭୀରୁ–ପାଂଶୁର ହୋଇଉଠିଲା ! ସେ ଯୁବକଙ୍କୁ ମୁହୂର୍ତ୍ତକ ପାଇଁ ନିରେଖି ଅନାଇଲେ, ତା'ପରେ କହିଲେ– 'କଲିକତା ମୂକ–ବଧିର ବିଦ୍ୟାଳୟରେ ପ୍ରଧାନଶିକ୍ଷକ ହେବାକୁ ଇଚ୍ଛାକରୁଛ ! ଜନ୍ମଭୂମି ଓଡ଼ିଶାରେ ଲକ୍ଷ ଲକ୍ଷ ମୂକବଧିର ଅଛନ୍ତି। ଏଇଟା ପରା ଗୋଟିଏ ବିରାଟ ମୂକ–ବଧିର ବିଦ୍ୟାଳୟ ! ......ଏ ମୂକଙ୍କୁ ମୁଖର ନକଲେ ......ଏ ବଧିରଙ୍କୁ କଥାଶୁଣିବାର କ୍ଷମତା ନଦେଲେ ଓଡ଼ିଶା ଯେ ଚିରକାଳ ଯେଉଁ ତିମିରେ ସେହି ତିମିରେ ବୁଡ଼ି ରହିଥିବ!! ଏମାନେ ପରା ତୁମରି ମୁହଁକୁ ଅନାଇଁ ରହିଛନ୍ତି !!!'

ଉଗ୍ର, ଉତ୍ତୁଙ୍ଗ–ଯାତିପ୍ରେମର ଏ ମନ୍ତ୍ର–ମଧୁର ବାଣୀରେ ଉଚ୍ଚପଦଲିପ୍ସୁ ଯୁବକ ନୀରବ......ନିସ୍ପନ୍ଦ.....

ନୀରବତା ଭଙ୍ଗକରି କହିଲେ–'ସଂସାର–ଜଞ୍ଜାଳ ଲୁଚେଇଲାଣି। ଅଭାବର ତାଡ଼ନା ସହିହେଉ ନାହିଁ। ସେଥିପାଇଁ କହୁଥିଲି.....' ଯୁବକଙ୍କ ଅଙ୍ଗପ୍ରତ୍ୟଙ୍ଗରେ ଝାଳର ଅପସାର ଝରଣା। ଛୋଟ ହୋଇ ଆସୁଥାଏ ମୁହଁଟି– ପଢ଼ି ହେଉଥାଏ ସେ ମୁହଁରୁ ପ୍ରାଣହୀନ, ନିଷ୍ପ୍ରାଣ ଯୁଗ ଯୁଗରୁ ପୁଞ୍ଜୀଭୂତ ଦାରିଦ୍ର୍ୟର ଇତିହାସ *(୨) କହି ଉଠିଲେ ଗୋପବନ୍ଧୁ– 'ମନେ ରଖ, ଅଭାବ–ଅନଟନରେ ହିଁ ମଣିଷ ମଣିଷ ହୁଏ । ବିଘ୍ନ–ବିପଦ, ଅଭାବ–ଅନଟନ ମଣିଷପଣିଆକୁ ପରୀକ୍ଷା କରିବାର କଷଟି ପଥର। ଧୈର୍ଯ୍ୟ ଧର। ପ୍ରଖର ସୂର୍ଯ୍ୟ–ରଶ୍ମି ପାଖରେ କୁହେଳିର ବଳ କେତେ ?....... ଦୁର୍ଗତମାନବର ସାଥୀ, ଲକ୍ଷ୍ମୀଛଡ଼ାର ବନ୍ଧୁ ଶରଣାଗତ ଦୀନାର୍ତ୍ତ–ପରିତ୍ରାଣ–ପରାୟଣ, ଉତ୍କଳ–ଭଗୀରଥଙ୍କ ଏ ଭାଷାରେ ଅନନୁଭୂତ ପ୍ରେରଣାର ସଂଦୀପ୍ତି–। ସେଦୀପ୍ତିକୁ ନିଷ୍ପ୍ରଭ କରିବାକୁ– ସେ ଉଦ୍‌ବୋଧନ– ସେ ଆହ୍ୱାନକୁ ଏଡ଼େଇ ଯିବାର ଯେପରି ସାମର୍ଥ୍ୟ ନାହିଁ ଯୁବକଙ୍କର !

ନିରୁତ୍ତର ସେ। ଆଖି ଆଗରେ ଆଶା–ଆକାଂକ୍ଷାର ନାବୁଣୀଛବି ଅପସାରିତ ହୋଇ ଯାଉଛି। ଉଚ୍ଚ ପଦରେ ଅଧିଷ୍ଠିତ ହୋଇ ସୁଖ–ସ୍ୱାଚ୍ଛନ୍ଦ୍ୟର ଦୋଳାରେ ଦୋଳାୟିତ ହେବାର ଜଦେଇ ଫୁଲିଆ ସ୍ୱପ୍ନ ଛିନ୍ନ ଭିନ୍ନ ହୋଇଯାଉଛି !!! ଭାବିଲେ ସେ ଭାବଗ୍ରାହୀ ଯୁବକ। ମନପ୍ରାଣର ଗଭୀରତମ ପ୍ରଦେଶରୁ ପ୍ରଶ୍ନ

ଜିଜ୍ଞାସା- ସ୍ୱାର୍ଥ ବଡ଼ ନା ଓଡ଼ିଶା ବଡ଼ ?..... ଅସାଧାରଣ ପ୍ରତିଭା ବୁଦ୍ଧିସମ୍ପନ୍ନ-ଯୁବକ ସେ- । ଏଇ ପ୍ରଶ୍ନର ମୁକାବିଲା ସେ କରିବେ । ଯୁବକ ସ୍ୱସ୍ତିର ନିଃଶ୍ୱାସ ମାରିଲେ । କିଛିଦିନ ପରେ-

ପୁଣ୍ୟ ତପୋବନ ସତ୍ୟବାଦୀର ସେହି ସ୍ୱର୍ଣପ୍ରସୂ-ମାଟିରେ ଏକ ସ୍ୱର୍ଣ୍ଣ-ସମୁଜ୍ଜ୍ୱଳ- ସୁପ୍ରଭାତରେ ସେ ନିଯୁକ୍ତ ହେଲେ ଜଣେ ଶିକ୍ଷକ ଭାବରେ, ମାତ୍ର ତିରିଶିଟଙ୍କା ବେତନ ବିନୀମୟରେ । ଏଇ ବେତନ ଥିଲା କେବଳ ନିଜର ତଥା ପରିବାର ପ୍ରତିପୋଷଣର ସ୍ୱଳ୍ପ ପାଥେୟ ଭଳି । ଭୋଗର ଲିପ୍ସା ବୁଦ୍ ବୁଦ୍ ପରି ମିଳେଇଗଲା-ତା'ର ସ୍ଥାନ ଅଧିକାର କଲା ତ୍ୟାଗର ତପସ୍ୟା । (୩) ମହାମାନବର ଆହ୍ୱାନରେ ସବୁ ଓଲଟ ପାଲଟ ହୋଇଗଲା ! (୪)

ସେଦିନର ସେହି ଯୁବକ ହେଉଛନ୍ତି ବିଶ୍ୱବିଦ୍ୟାଳୟର କୃତୀଛାତ୍ର, ବିଶିଷ୍ଟ ଶିକ୍ଷାବିତ୍, ଦେଶ ସେବକ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା, ଭୂତପୂର୍ବ ମନ୍ତ୍ରୀ, ସାହିତ୍ୟରଥୀ, ବକୁଳବନର କୋକିଳ କବି, ଶାସ୍ତ୍ରୀ, ପଣ୍ଡିତ ଗୋଦାବରୀଶ ମିଶ୍ର । ଗୋଦାବରୀଶ ମହାପାତ୍ରଙ୍କ ଭାଷାରେ- 'ପୁଣ୍ୟ ତୀର୍ଥ ଗୋଦାବରୀ' ସେ, ସଚ୍ଚି ରାଉତରାୟଙ୍କ ଭାଷାରେ-'ଉଜ୍ଜ୍ୱଳ ପୁରୁଷ ।' ଓଡ଼ିଶାର ତୀର୍ଥସ୍ୱାର୍ଥ, 'କାଳିଜାଇ'ର ଦରଦୀ, ମରମୀ କବି, ଗଦ୍ୟ ଓ ପଦ୍ୟ ରଚନାରେ ସବ୍ୟସାଚି ।

(୧) ନିଜଘର ସୁଖ ନଚାହିଁଣ ନିଜର ବାଳୁତ ନାହିଁକି ଦେଖୁ, କେତେ ପର ପିଲା ପିଠର ପ୍ରାଙ୍ଗେ ଲୋ ବଢ଼ାଏ କୁଶଳେ ରଖୁ । (ଗୋପବନ୍ଧୁଙ୍କ ଉଦ୍ଦେଶ୍ୟରେ ଲିଖିତ) ଲେ: ପଣ୍ଡିତ ଗୋଦାବରୀଶ ମିଶ୍ର, ସାକ୍ଷି ଗୋପାଳ (ଆଲେଖ୍ୟ) ।

(୨) ଆଜିତ ଅଟଇ ଗନ୍ଧାପୂର୍ଣମୀ ଉତ୍ସବ, ଗୁମ୍ଫୁଡ଼ି ଗୋଡିରେ ପୁରା ପଞ୍ଚ ବାଦ୍ୟରବ, ହାସ୍ୟରୋଳ ବୋଳାହଲେ ଉଲ୍ଲସିତ ମତି, ପିଠାପଣା ଖାଇ ଲୋକେ ନଇଁଛନ୍ତି ଦୁପତି, ତା'ମଧ୍ୟେ ବସିଛି ବୋଉ, ମୁଁ ତୋ ଶ୍ରାଦ୍ଧ ପାଇଁ, ପିଣ୍ଡ ଲାଗି ଲବେ ମୋର ଉପାଦାନ ନାହିଁ । ଦୁଇଦିନ କଟାଇଛି ଖାଇ ପୋଡ଼ା ଚାଳ, ଆଜି କି ପାଳଟିଯିବ କାଳିର କପାଳ ? (ମାତୃ ଶ୍ରାଦ୍ଧେ: ପ: ଗୋଦାବରୀଶ) ।

(୩) 'ଜୀବନରେ ସର୍ବସ୍ୱ ହରାଇ ଦାଣ୍ଡର ଭିକାରି ହେବ ତ, ହେବ ଗୋପବନ୍ଧୁଙ୍କ ପରି ପୁରୁଷଙ୍କ ସାଙ୍ଗରେ ପଡ଼ି ।' (ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ : ଲେ :- ଗୋଦାବରୀଶ ମିଶ୍ର) ।

(୪) 'ଏ ଭବ-ପାରାବାରରେ ମୋ ଜୀବନ-ତରୀର କର୍ଣ୍ଣଧାର ସେ ! ମୋ ପ୍ରାଣର ଉପାସ୍ୟ ଦେବତା । ଦୁର୍ବଳ ମୁହୂର୍ତମାନଙ୍କରେ ମୁଁ ଆଜି ପୁଣ ତାଙ୍କରି ମୂର୍ତ୍ତି ଆଖି ଆଗରେ କଳ୍ପନାରେ ଦେଖି ସାନ୍ତ୍ୱନା ପାଏ । ଗୋପବନ୍ଧୁଙ୍କ ପରି ସୁହୃଦ୍, ପଥପ୍ରଦର୍ଶକ ଓ ଦର୍ଶନଗୁରୁ ନିତାନ୍ତ ବିରଳ ।' (ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ : ଲେ :- ଗୋଦାବରୀଶ ମିଶ୍ର) ।

ଶିକ୍ଷକ, ଫକୀରପୁର ହାଇସ୍କୁଲ,
ଫକୀରପୁର-୭୫୮୦୨୨,
ଜିଲ୍ଲା : କେନ୍ଦୁଝର ।




ସଂସ୍କୃତି ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଦ୍ୱାରା ବଲାଙ୍ଗୀର ଜିଲ୍ଲାର ବେଲଗାଁ ଗ୍ରାମ ପଞ୍ଚାୟତ ଉଦ୍‌ଘାଟନ ।



# ମହାରାଜା ପାରଳାଖେମୁଣ୍ଡି

ଡକ୍ଟର କୃଷ୍ଣଚନ୍ଦ୍ର ବେହେରା

ଶହେ ବର୍ଷ ତଳେ, ୧୮୯୨ ଖ୍ରୀଷ୍ଟାବ୍ଦରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ ପାରଳାଖେମୁଣ୍ଡିରେ ଜନ୍ମଗ୍ରହଣ କରିଥିଲେ । ସେତେବେଳକୁ ଓଡ଼ିଆମାନଙ୍କ ଅବସ୍ଥା ଶୋଚନୀୟ ଥିଲା – ସେମାନଙ୍କ ସ୍ୱତନ୍ତ୍ର ରାଜ୍ୟ କଥା କେହି ସ୍ୱପ୍ନରେ ସୁଦ୍ଧା ଭାବି ପାରୁନଥିଲେ । ପ୍ରାକୃତିକ ଉତ୍କଳ । କଳିଙ୍ଗର ବିଭିନ୍ନ ଅଞ୍ଚଳ ଭିନ୍ନ ଶାସନ ସଂସ୍ଥାସହ ରହିଥିଲେ । ଦକ୍ଷିଣ ଓଡ଼ିଶା ମାନ୍ଦ୍ରାଜ ପ୍ରେସିଡେନ୍‌ସି ଅଧୀନରେ ରହି ତେଲୁଗୁ/ତାମିଲ୍‌ମାନଙ୍କ ଶାସନରେ ପିଷିତ ହୋଉଥିଲା । ଗଞ୍ଜାମ ଜିଲ୍ଲାରେ ଅନେକ ଜମିଦାରୀ ଥିଲା ଏବଂ ସେଠାର ଜମିଦାରମାନେ ଇଂରେଜମାନଙ୍କ ତରଫରୁ ଭୂରାଜସ୍ୱ ଆଦାୟ କରୁଥିଲେ । ଉତ୍ତର ଓଡ଼ିଶା ଅପେକ୍ଷା ପଚାଶ ବର୍ଷ ଆଗରୁ ଏଠାରେ ଇଂରେଜ ଶାସନ ପ୍ରବର୍ତ୍ତନ ହୋଇଥିଲା ଏବଂ ବିଶେଷ ପ୍ରଣିଧାନର ବିଷୟ ଯେ ଏ ଅଞ୍ଚଳରେ ଚିରସ୍ଥାୟୀ ବନ୍ଦୋବସ୍ତ ପ୍ରଚଳନ ହୋଇନଥିଲା । ଶାସନଗତ ପାର୍ଥକ୍ୟ ଫଳରେ ଗଞ୍ଜାମ ଅଞ୍ଚଳରେ ଜନସାଧାରଣ ଅପେକ୍ଷାକୃତ ଉତ୍ତମ ଆର୍ଥିକ ଓ ସାମାଜିକ ଅବସ୍ଥାରେ ରହିଥିଲେ । ୧୮୬୬ରେ ଯେଉଁ ପ୍ରଚଣ୍ଡ ଦୁର୍ଭିକ୍ଷରେ ଉତ୍ତର ଓଡ଼ିଶା ବିପର୍ଯ୍ୟସ୍ତ ହୋଇଥିଲା, ତା'ର ପ୍ରଭାବ ଏ ଅଞ୍ଚଳରେ ଅପେକ୍ଷାକୃତ କୋମଳ ଥିଲା । ଏ ପୃଷ୍ଠ ଭୂମିରେ ପାରଳାଖେମୁଣ୍ଡି ରାଜ୍ୟ ଗଞ୍ଜାମ ଜିଲ୍ଲାର ସର୍ବ ବୃହତ୍ ଜମିଦାରୀ ଥିଲା ଏବଂ ଏଠାରେ ଦୀର୍ଘ ଦିନ ଧରି ଇଂରେଜମାନଙ୍କ ବିରୁଦ୍ଧରେ ଏକ ବିଦ୍ରୋହର ସୂତ୍ରପାତ ହୋଇଥିଲା ।

ପାରଳାଖେମୁଣ୍ଡିର ସ୍ଥାନ ଓଡ଼ିଆମାନଙ୍କ ମାନସ ରାଜ୍ୟରେ ଏକ ସ୍ୱତନ୍ତ୍ର ଅଧିକାର କରିଥାଏ । ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବଙ୍କ ପିତା ରାଜା ଶ୍ରୀ ଗୌରଚନ୍ଦ୍ର ଗଜପତି ନାରାୟଣ ଦେବ ତାଙ୍କର ବାଲ୍ୟ ଶିକ୍ଷା ପାଇଁ ସବୁ ପ୍ରକାର ବନ୍ଦୋବସ୍ତ କରିଥିଲେ । ପାରଳାଖେମୁଣ୍ଡି ବହୁ ଦିନରୁ ଏକ ଶିକ୍ଷିତ ଓ ସଂସ୍କୃତିର କ୍ଷେତ୍ର ଥିଲା । ଏଠାରେ ଓଡ଼ିଆ ସାହିତ୍ୟ ଆକାଶର କେତୋଟି ଉଜ୍ଜଳ ନକ୍ଷତ୍ର ଆତ୍ମ ପ୍ରକାଶ କରିଥିଲେ ଏବଂ ସେମାନଙ୍କୁ ଓଡ଼ିଆ ଜାତି ସବୁଦିନ ପାଇଁ ମନେ ରଖିଥିବ । ତେଣୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଶିକ୍ଷା ପ୍ରତି ଦୃଷ୍ଟି ଦେବା ନିତାନ୍ତ ସାଧାରଣ କଥା ମାତ୍ର । ତେବେ, ତାଙ୍କୁ ସେତେବେଳେ ମାତ୍ର ତେର ବର୍ଷ, ତାଙ୍କ ପିତାଙ୍କ ଦେହାବସାନ ହୋଇଥିଲା ।

ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ବାଲ୍ୟଶିକ୍ଷା ଉପଯୁକ୍ତ ଶିକ୍ଷକମାନଙ୍କ ଦାୟିତ୍ୱରେ ରହିଥିଲା । ଗଞ୍ଜାମ ଜିଲ୍ଲାର ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍ ଶ୍ୟାମସୁନ୍ଦର ରାଜଗୁରୁ ତାଙ୍କର ବାଲ୍ୟଶିକ୍ଷାର ଦାୟିତ୍ୱ ନେଇଥିଲେ । ରାଜଗୁରୁ ମହାଶୟଙ୍କ ଓଡ଼ିଆ ଜାତି ପ୍ରତି ଓ ଓଡ଼ିଆ ସାହିତ୍ୟ ପ୍ରତି ଗଭୀର ମମତା ଥିଲା । ମହାରାଜାଙ୍କ ମନରେ ଏ ଦୁଇଟି କ୍ଷେତ୍ରରେ ପରବର୍ତ୍ତୀ ଜୀବନରେ ଯେଉଁ ଗଭୀର ଭାବ ପ୍ରବଣତା ଉଦ୍ରେକ ହୋଇଥିଲା ତା'ରି ମୂଳରେ ରାଜଗୁରୁଙ୍କ ପ୍ରଥମ ଉତ୍ସାହ ମୂଳତଃ ଦାୟୀ । ପାରଳାଖେମୁଣ୍ଡିର ପାଣି–ପବନ–ଆକାଶରେ ଓଡ଼ିଆଭାଷା ଓ ସଂସ୍କୃତି ପ୍ରତି ଯେଉଁ ଉନ୍ମାଦନା ଥିଲା, ସେଥିରେ ମହାରାଜା ଦ୍ରବିଭୂତ ହେବା ସ୍ୱାଭାବିକ । ପାରଳାଖେମୁଣ୍ଡିରେ ତେଲୁଗୁ ସାହିତ୍ୟ, ସଂସ୍କୃତି ଓ ପ୍ରଭାବ କିଛି କମ୍ ନଥିଲା । ଏହା ସତ୍ତ୍ୱେ, ସେଠାରେ ଓଡ଼ିଆ ମୁଣ୍ଡଟେକି ବଞ୍ଚି ରହିବା ବିଶେଷ ଘଟଣା ଏବଂ ଏଥିପାଇଁ ଶ୍ୟାମସୁନ୍ଦର ରାଜଗୁରୁଙ୍କ ପରି ଶିକ୍ଷକ ଏବଂ ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପରି ଶିଷ୍ୟ ଅନେକାଂଶରେ ଦାୟୀ ।

ପରବର୍ତ୍ତୀକାଳରେ ଆଉ କେତେ ଜଣ ଶିକ୍ଷକ ଓ ବିଜ୍ଞଜନ ମହାରାଜାଙ୍କୁ ପ୍ରଭାବିତ କରିଥିଲେ । ସେମାନଙ୍କ ମଧ୍ୟରେ ଏଡ୍‌ମଣ୍ଡ କ୍ୟାଣ୍ଡଲର ଓ ମରିସନ୍ ସାହେବ ପ୍ରଧାନ । ଏମାନେ ବିଦେଶୀ ହୋଇଥିଲେ ମଧ୍ୟ ସ୍ୱଦେଶ ଓ ସ୍ୱଜାତି ପ୍ରୀତିର ମହତ୍ତ୍ୱ ସମ୍ପର୍କରେ ଚେତନା ଉଦ୍ରେକ କରିଥିଲେ । ମରିସନ୍ ସାହେବଙ୍କୁ କୃତଜ୍ଞତା ଜଣାଇବା ପାଇଁ ମହାରାଜା ପାରଳାଖେମୁଣ୍ଡି କଲେଜର ଏକ ଅଂଶକୁ 'ମରିସନ୍ ଏକ୍ସଟେନ୍‌ସନ୍'ରେ ନାମିତ କରିଥିଲେ ।

ମହାରାଜାଙ୍କ ଶିକ୍ଷା ସମ୍ପୂର୍ଣ୍ଣ ଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ କେବଳ ବହିରୁ ପାଠ ପଢ଼ି ନଥିଲେ । ଜଣେ ଉପଯୁକ୍ତ ଶାସକ ହେବା ସଙ୍ଗେ ସଙ୍ଗେ ଜୀବନର ପୂର୍ଣ୍ଣ ପରିଚୟ ପାଇବା ପାଇଁ ସେ ନିଜକୁ ପ୍ରସ୍ତୁତି କରିଥିଲେ । ତେଣୁ କ୍ରିକେଟ୍ ଖେଳିବାଠାରୁ ଆରମ୍ଭ କରି, ଶିକାର କରି ନାଟକ ଉପଭୋଗ କରିବା ପର୍ଯ୍ୟନ୍ତ ମାନସିକ ପ୍ରସ୍ତୁତି ତାଙ୍କର ଥିଲା । ଏକ ସମବେଦନଶୀଳ ଏବଂ ପ୍ରଜାବତ୍ସଳ ଶାସକର ଯାହା କିଛି ମାନସିକ ପୃଷ୍ଠଭୂମି ଆବଶ୍ୟକ, ପାରଳାଖେମୁଣ୍ଡି ମହାରାଜା ତାହା ଆହରଣ କରିଥିଲେ । ବିଶେଷ ରୂପେ ଇଂରେଜମାନଙ୍କ ସ୍ୱଜାତି ପ୍ରୀତି ଓ ଆତ୍ମାଭିମାନ ଚିନ୍ତା ତାଙ୍କୁ ଗଭୀର ଭାବେ ପ୍ରଭାବିତ କରିଥିଲା ।

୧୯୧୩ ଏପ୍ରିଲ୍ ମାସରେ ସେ ରାଜ୍ୟଭାର ଗ୍ରହଣ କରିଥିଲେ । ପାରଳାଖେମୁଣ୍ଡିରେ ବହୁବର୍ଷ ଧରି ଅଶାନ୍ତି ଲାଗି ରହିଥିଲା । ଏହା ଫଳରେ ଘନ ଘନ ଶାସନ ପରିବର୍ତ୍ତନ ହେଉଥିଲା ଏବଂ ରାଜ୍ୟରେ ଅଶାନ୍ତି ବ୍ୟାପିଥିଲା । ସରକାର ସବୁ ପ୍ରକାର ଚେଷ୍ଟା କରି ବିଫଳ ହେଉଥିଲେ । ଏକ ସମୟରେ କବିସୂର୍ଯ୍ୟ ବଳଦେବ ରଥଙ୍କୁ ମଧ୍ୟ ସେଠାରେ ଅବସ୍ଥାପିତ କରାଯାଇଥିଲା । କିନ୍ତୁ, ଫଳ କିଛି ମିଳି ନଥିଲା । ଏହିପରି କଠିନ ସମୟରେ ଓ ପାରିପାର୍ଶ୍ୱିକ ଅବସ୍ଥାରେ କୃଷ୍ଣଚନ୍ଦ୍ର ଗଜପତି ଦେବ ଦାୟିତ୍ୱ ଗ୍ରହଣ କଲେ । ତା'ପରବର୍ଷ ପ୍ରଥମ ମହାଯୁଦ୍ଧ ଆରମ୍ଭ ହୋଇଥିଲା ।

ମହାରାଜାଙ୍କ ବିବାହ ମଧ୍ୟ ୧୯୧୩ରେ ହୋଇଥିଲା । ତା'ପରବର୍ଷ ସେ ଅନ୍ୟ ଏକ ଜାତୀୟ ସମସ୍ୟା ସହ ବାନ୍ଧି ହେଲେ – ତାହା ଥିଲା ଉତ୍କଳ ସମ୍ମିଳନୀ ଓ ଓଡ଼ିଶା ପ୍ରଦେଶ ଗଠନ । ମହାରାଜାଙ୍କ ବିବାହିତ ଜୀବନ ବହୁଦିନ ରହିଲା ନାହିଁ, ସେହିପରି ପ୍ରଥମ ମହାଯୁଦ୍ଧ ମଧ୍ୟ ଶେଷ ହେଲା, ତେବେ ଓଡ଼ିଶା ଗଠନ ଓ ଓଡ଼ିଆ ଜାତି ପ୍ରତି ତାଙ୍କର ମମତା ତାଙ୍କ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ଶେଷ ହେଲା ନାହିଁ । ୧୯୦୧ରେ ଗଞ୍ଜାମରେ ଓଡ଼ିଆ ସମ୍ମିଳନୀ ଆରମ୍ଭ ହୋଇଥିଲା । ତା' ଆଗରୁ ବ୍ରହ୍ମପୁରର ଖଡ଼ାଦୀପେଣ୍ଟ ସାହି, ଯେଉଁଠାରେ କବିସୂର୍ଯ୍ୟ ବଳଦେବ ରଥ ଶେଷ ନିଶ୍ୱାସ ନେଇଥିଲେ, ସେଠାର ରାଧାକୃଷ୍ଣ ମନ୍ଦିରରେ ଓଡ଼ିଆମାନଙ୍କୁ ଏକତ୍ର କରିବା ପ୍ରସ୍ତାବ ନିଆ ଯାଇଥିଲା । ତା' ପରେ ପରେ ଗଞ୍ଜାମ ଓ ଓଡ଼ିଶାର ବିଭିନ୍ନ ସ୍ଥାନରେ ଓଡ଼ିଶା ପ୍ରଦେଶ ଗଠନ ପାଇଁ ନୂତନ ଉତ୍ସାହ ଜାଗରିତ ହେଲା । ଏହାର ପ୍ରଧାନ କେନ୍ଦ୍ର ଥିଲା ପାରଳାଖେମୁଣ୍ଡି ଓ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ହେଲେ ପ୍ରଧାନ ପୃଷ୍ଠପୋଷକ ।

ଓଡ଼ିଶା ପ୍ରଦେଶ ଗଠନ ହେଲା ୧୯୩୬ ଏପ୍ରିଲ୍ ପହିଲାରେ । ଏହାର ପୃଷ୍ଠଭୂମିରେ ବହୁ ଘଟଣା ରହିଲା । Stanleg Welpret ନାମକ ଜଣେ ପ୍ରଖ୍ୟାତ ଆମେରିକାନ୍ ଇତିହାସ ପ୍ରଫେସର୍ ମହମ୍ମଦ ଅଲ୍ଲୀ ଜିନାଙ୍କ ଜୀବନୀରେ ଓଡ଼ିଶା ଗଠନ ସମ୍ପର୍କରେ ଏକ ବିଶେଷ ଟିପ୍ପଣୀ ଦେଇଛନ୍ତି । ତାଙ୍କ ମତରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ କରିବା ପଛରେ ଏକ ଧର୍ମଗତ ବିଶ୍ୱର ଥିଲା । ପଠାଣମାନଙ୍କୁ ପଶ୍ଚିମ ଭାରତରେ ସିନ୍ଧୁ ପ୍ରଦେଶ ଦିଆ ହେଲା – ତେଣୁ ହିନ୍ଦୁମାନଙ୍କୁ ପୂର୍ବ ଭାରତରେ ଓଡ଼ିଶା ପ୍ରଦେଶ ଦେବାକୁ ଇଂରେଜମାନେ ବାଧ ହୋଇଥିଲେ । ଆଉ କେତେକଙ୍କ ମତରେ, ଭାରତୀୟ ଜାତୀୟ କଂଗ୍ରେସ ସାଇମନ୍ କମିଶନକୁ ବାସନ୍ଦ (ବଏକଟ) କଲାବେଳେ ଉତ୍କଳ ସମ୍ମିଳନୀ ତାଙ୍କୁ ସ୍ୱାଗତ କରିଥିଲା । ଏହା ଏକ ବିଶେଷ ଘଟଣା । ଉତ୍କଳ ସମ୍ମିଳନୀ ଭାରତର ଜାତୀୟ ଭାବଧାରାର ସ୍ରୋତରୁ ବିଛିନ୍ନ ହୋଇ ସାଇମନ୍ କମିଶନ୍ ପ୍ରତି ଯେଉଁ ଉଦାରତା ପ୍ରଦର୍ଶନ କରିଥିଲା – ସେଥିପାଇଁ ଓଡ଼ିଆମାନଙ୍କୁ ଏକ ସ୍ୱତନ୍ତ୍ର ପ୍ରଦେଶ ଦିଆ ଯାଇଥିଲା ।

ଇତିହାସ ଭାବ ପ୍ରବଣତା ନୁହେଁ – ତାହା ନିଷ୍ଠୁର ସତ୍ୟ । ମାଂସପେଶୀର ଶକ୍ତିରେ ଇତିହାସର ସତ୍ୟକୁ ବଦଳାଇବା ଅସମ୍ଭବ । ତେବେ, ଓଡ଼ିଶା ପ୍ରଦେଶର ଗଠନରେ ଯେଉଁ ଅକ୍ଳାନ୍ତ ଚେଷ୍ଟା କରାଯାଇଥିଲା – ତାହା ସ୍ୱୀକାର୍ଯ୍ୟ । ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ ସଦଳବଳେ ଲଣ୍ଡନ ଯାତ୍ରା କଲେ । ଦକ୍ଷିଣ ଓଡ଼ିଶାର ଯେତେ ସବୁ ବିବଦମାନ ଜମିଦାରୀ ଥିଲା, ସେଗୁଡ଼ିକୁ ପ୍ରାଣପଣେ ଚେଷ୍ଟା କରି ଓଡ଼ିଶାରେ ମିଶାଇଥିଲେ । ୧୯୩୬ ଏପ୍ରିଲ୍ ପହିଲା ଦିନ ଓଡ଼ିଆମାନଙ୍କ ସ୍ୱପ୍ନ ଫଳବତୀ ହେଲା ।

ତା'ପରେ, ମହାରାଜା ବହୁ ନିନ୍ଦା ଓ ପ୍ରଶଂସାଭାଜନ ହୋଇଛନ୍ତି । ସେ ବହୁ ଦାୟିତ୍ୱରେ ରହିଥିଲେ–ବହୁ ସମାଲୋଚନାର ଶିକାର ମଧ୍ୟ ହୋଇଥିଲେ । ଓଡ଼ିଶାରେ ସାଧାରଣ ଭାବରେ ନିଜର ଜୀବନାବସ୍ଥାରେ କାହାରିକୁ ପ୍ରଶଂସା ମିଳିବା ଭାଗ୍ୟରେ ନଥାଏ । ମହାରାଜା ସେଥିରୁ ବାଦ୍ ଯାଇନାହାନ୍ତି । ତେଣୁ, ସେ ଶେଷ ପର୍ଯ୍ୟାରେ ସାଧାରଣ ଜୀବନରୁ ଅବସର ନେଇଥିଲେ । ଆଜି ତାଙ୍କର ଶତବାର୍ଷିକୀ ଅବସରରେ ମହାରାଜାଙ୍କ ଜୀବନୀ ପର୍ଯ୍ୟାଲୋଚନା କଲେ ଏତିକି ଉପଲବ୍ଧି ହେବ – ସାଧାରଣ ବିବଦମାନ ସମସ୍ୟାରୁ ସେ ଊର୍ଦ୍ଧ୍ୱରେ । ତାଙ୍କର ଜାତି ପ୍ରତି ତ୍ୟାଗ, ନିଷ୍ଠା ଓ ସାଧନାର ସଙ୍କୋଚର ନଥିଲା । ଜନ୍ମ ଓ ମୃତ୍ୟୁର ତାରିଖ ତାଙ୍କୁ ବାନ୍ଧି ପାରିନଥିଲା ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ଗଞ୍ଜାମ ।




ପାରାଦ୍ୱୀପଠାରେ ପାରାଦ୍ୱୀପ ପୋର୍ଟ ଟ୍ରଷ୍ଟ କର୍ମଚାରୀ ଋଣ ସମବାୟ ସମିତିର ନବ ନିର୍ମିତ ଗୃହ "ସହଯୋଗ"କୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ୯/୩ ।



# ଥିବାଯାଏ ଭାଷା ଥାଇବ ଓଡ଼ିଶା କହେ ଜଗନ୍ନାଥ ଦାସ

ଡକ୍ଟର ବଳରାମ ଦାସ

ସାହିତ୍ୟ, ଧର୍ମ, ଦର୍ଶନ ତଥା ଆଧ୍ୟାତ୍ମିକତାର ଇତିହାସରେ ଉଚ୍ଚକୋଟୀର ଗ୍ରନ୍ଥମାନଙ୍କର ସଂଖ୍ୟା କିଛି କମ୍ ନୁହେଁ; ପୁଣି ସବୁ ଗ୍ରନ୍ଥ ନିଖିଳ ମାନବର ଜୀବନକୁ ନାନା ଭାବରେ ପ୍ରଭାବିତ କରି ଆସିଥିବା ମଧ୍ୟ ବିସ୍ମୟଜନକ ନୁହେଁ । ମାତ୍ର ଓଡ଼ିଶାର ବ୍ୟକ୍ତି, ସମାଜ ଓ ସାଂସ୍କୃତିକ ଜୀବନକୁ ଅତିବଡ଼ୀ ଜଗନ୍ନାଥ ଦାସଙ୍କ 'ଭାଗବତ' ଯେପରି ପ୍ରଭାବିତ ତଥା ଅନୁପ୍ରାଣିତ କରି ଆସି ଅଛି, ବିଶ୍ୱ ସାହିତ୍ୟରେ ସେପରି ଉଦାହରଣ ଖୁବ୍ ବେଶୀ ଥିବା ପରି ମନେହୁଏ ନାହିଁ । ଇତିହାସର ସହସ୍ର ଲାଞ୍ଛନା ଓ ଦୁର୍ଗତି ମଧ୍ୟରେ, ଓଡ଼ିଆ ଜାତି ଅଶେଷ କଷଣ ଭୋଗ କରିଥିଲେ ମଧ୍ୟ, ଶେଷ ପର୍ଯ୍ୟନ୍ତ ସେ ଯେ ମୁଣ୍ଡ ଉଠାଇ ଠିଆ ହୋଇ ପାରିଛି ! ତାହା କେବଳ ଏହି ଭାଗବତ ଯୋଗୁଁ ସମ୍ଭବ ହୋଇଛି । ଭାଗବତ ତେଣୁ, ଓଡ଼ିଆ ଜାତିର ଜୀବନ–ବେଦ କେବଳ ନୁହେଁ : ଏହା ମଧ୍ୟ ଓଡ଼ିଆ ଜାତିର ପ୍ରାଣବାୟୁ; ଓଡ଼ିଆ ସମାଜ ଓ ସଂସ୍କୃତି ନିଃଶ୍ୱାସ–ପ୍ରଶ୍ୱାସ; ଏକ ଚିରନ୍ତନ ପ୍ରେରଣାର ଉତ୍ସ । ବ୍ୟାସଦେବଙ୍କର ସଂସ୍କୃତ 'ମହାଭାରତ' ଅନୁସରଣରେ, ମହାଭାରତ ରଚନା କରି ସାରଳା ଦାସ, ପଞ୍ଚଦଶ ଶତାବ୍ଦୀରେ, ଓଡ଼ିଆ ଭାଷାରେ ଯେଉଁ ଶକ୍ତି ସଂଗ୍ରହ କରିଥିଲେ, ଜଗନ୍ନାଥ ଦାସ, ସେହି ବ୍ୟାସଦେବଙ୍କର ସଂସ୍କୃତ ଭାଗବତକୁ ଓଡ଼ିଆରେ ରୂପାନ୍ତରିତ କରି, ଓଡ଼ିଆ ଭାଷାରେ ପ୍ରତିଷ୍ଠା କରିଗଲେ ଏପରି ଏକ ସୌର୍ଯ୍ୟ–ସୁନ୍ଦର ବ୍ୟକ୍ତିତ୍ୱ, ଯାହା ବହୁଶତାବ୍ଦୀ ଧରି ଓଡ଼ିଆ ସମାଜ ଓ ସଂସ୍କୃତିକୁ ଦେଇଛି ମନୋରମ ସ୍ୱାତନ୍ତ୍ର୍ୟ । ଓଡ଼ିଶାର ସାମାଜିକ, ସାଂସ୍କୃତିକ, ନୈତିକ ତଥା ଆଧ୍ୟାତ୍ମିକ ଜୀବନ ଭାଗବତର ମୋହନ–ମାଧୁରୀରେ ମର୍ମରିତ ହୋଇଛି କାଳ କାଳ ଧରି । ଭାଗବତ ଯେପରି ହୋଇଯାଇଛି, ଓଡ଼ିଆ ଜାତିର ଅବଚେତନରେ ଆଧ୍ୟାତ୍ମିକ ଅନୁଭବର ମୃଣ୍ମ–ମୂର୍ଚ୍ଛନା ।

ଓଡ଼ିଶାର ପୁରପଲ୍ଲୀଠାରୁ ଆରମ୍ଭକରି ନଗର ସହର ପର୍ଯ୍ୟନ୍ତ, ସବୁଠାରେ ଭାଗବତ କହିଲେ ଅତିବଡ଼ୀ ଜଗନ୍ନାଥ ଦାସଙ୍କ ଭାଗବତକୁ ହିଁ ବୁଝାଇଥାଏ । ଏହା କେବଳ ଏକ ଗ୍ରନ୍ଥ ନୁହେଁ, ଏହା ମଧ୍ୟରେ ସ୍ୱତଃ ଆରୋପିତ ହୋଇଯାଇଛି ଏପରି ଆଧ୍ୟାତ୍ମିକ, ବ୍ୟକ୍ତିତ୍ୱ ଯାହାକୁ ଓଡ଼ିଆ ଜାତି ପରମ ଭକ୍ତି ଓ ବାତ୍ସଲ୍ୟରେ ଶ୍ରଦ୍ଧା କରି ଆସିଛି । 'ଭାଗବତ' ପ୍ରତି ଓଡ଼ିଆ ଜାତିର ଏହି ବାତ୍ସଲ୍ୟ ନେପଥ୍ୟରେ ଯେଉଁ କାହାଣୀଟି ଅଛି, ତାହା ଯେପରି ବେଦନା ଦାୟକ, ସେହିପରି ରୋମାଞ୍ଚକର ମଧ୍ୟ । କୁହାଯାଇଥାଏ ଯେ, ଜଗନ୍ନାଥ ଦାସଙ୍କର ଜନନୀ ଶ୍ରୀମନ୍ଦିରରେ ପ୍ରତ୍ୟହ ଭାଗବତ–ପାଠ ସମୟରେ ଉପସ୍ଥିତ ରହି ପରମ ଶ୍ରଦ୍ଧା ସହକାରେ ଶ୍ରବଣ କରୁଥିଲେ । ଦିନେ ପୁରାଣ ପଣ୍ଡାଙ୍କ ମୁହଁରୁ ଏକ ଶ୍ଳୋକର ବ୍ୟାଖ୍ୟା ଶୁଣି, ବୁଝି ନପାରିବାରୁ, ସେ ତାହାର ସରଳ ଅର୍ଥ ଉକ୍ତ ପଣ୍ଡାଙ୍କୁ ପଚାରିଲେ । ଜଣେ ସାମାନ୍ୟ ସ୍ତ୍ରୀର ଏତେଦୂର ଆଗ୍ରହ ଦେଖି ପୁରାଣ ପଣ୍ଡା ବିରକ୍ତ ଓ କ୍ଷୁବ୍ଧ ହୋଇ, ତାଙ୍କୁ ଅପମାନିତ କରି ଫେରାଇ ଦେଲେ । ଏହି ଘଟଣା ଜଗନ୍ନାଥ ଦାସଙ୍କ ଜନନୀ ଅନ୍ତରରେ ତୁମୁଳ ପ୍ରତିକ୍ରିୟା ସୃଷ୍ଟିକଲା । ସେ ପ୍ରଚଣ୍ଡ ଦୁଃଖରେ, ନିଜ ହୃଦୟର ସେ କ୍ଷତକୁ ଗୋପନ କରି ନପାରି, ନିଜର ବେଦନା ପୁତ୍ର ଜଗନ୍ନାଥ ଦାସଙ୍କ ନିକଟରେ ପ୍ରକାଶ କଲେ । ମାତୃ–ହୃଦୟର ସେ କ୍ଷତ, ଜଗନ୍ନାଥ ଦାସଙ୍କ ହୃଦୟରେ ସର୍ଜନା କରିଥିଲା ସହସ୍ର କ୍ଷତ । ନିଜ ମାଆଙ୍କର ସେ ଅବଶୋଷ ମଧ୍ୟରେ ଜଗନ୍ନାଥ ଦାସ ଅନୁଭବ କରୁଥିଲେ, ପଲ୍ଲୀ ଓଡ଼ିଶାର ସହସ୍ର ଜନନୀଙ୍କ ଅନ୍ତରର ସେହି ଆକୁଳତା ; ସେହି ଅବଶୋଷ । ସଂସ୍କୃତ ପୁରାଣ ସାହିତ୍ୟ ବୁଝିବା ପାଇଁ ନିରକ୍ଷରା ଜନନୀମାନଙ୍କ ସମ୍ମୁଖରେ ଭାଷାର ପ୍ରତିବନ୍ଧକକୁ ହଟାଇ, ସର୍ବଜନ ବୋଧ ଓଡ଼ିଆ ଭାଷାରେ ତା'ର ପ୍ରକାଶ ପାଇଁ ସାଧକ–କବି ଜଗନ୍ନାଥ ଦାସ ସେହିଦିନ ଯେଉଁ ନୀରବ ଶପଥ ନେଇଥିଲେ, ତା'ର କାବ୍ୟିକ ପରିଣତି ହେଉଛି ଓଡ଼ିଆ ଭାଗବତ । ଜଗନ୍ନାଥ ଦାସ ତେଣୁ ଭାଗବତ ରଚନା କଲାବେଳେ ମହାଭାରତ ଓ ରାମାୟଣର ନିରକ୍ଷର ଓଡ଼ିଆ ଜନତାଙ୍କ ସହିତ ପଣ୍ଡିତ ଓଡ଼ିଆଙ୍କୁ ମଧ୍ୟ ସାମିଲ୍ କରିଥିଲେ । ସବୁ ଶ୍ରେଣୀର ପାଠକ ଅଥବା ଶ୍ରୋତାଙ୍କ ପାଇଁ ବୋଧ ; ପୁଣି ପଣ୍ଡିତ ସମାଜରେ ଉପଯୁକ୍ତ ଆସନ ଲାଭ କରିବାର ସଚେତନତା ଭିତ୍ତିରେ ଭାଗବତର ଯେପରି ହେଲା ନବଜନ୍ମ । ସେଥିପାଇଁ, "ଓଡ଼ିଆ ଭାଗବତରେ କାବ୍ୟ ସୁଲଭ ପରିକଳ୍ପନାର ପରିସର ଭିତରେ ଭାଷାର ନବୀକରଣ, ଭାବ ନିବେଦନର ପରିପାଟୀ ତଥା ଛନ୍ଦ ଯୋଜନାର ଅଭିନବ ପ୍ରୟାସ (୧)" ର ମଧୁର ସମନ୍ୱୟ ସମ୍ଭବ ହୋଇ ପାରିଛି । ଧର୍ମୀୟ ମତବାଦ ଦୃଷ୍ଟିରୁ ଏହା କେବଳ ଏକ ସାଧାରଣ ଧର୍ମଗ୍ରନ୍ଥ ନୁହେଁ ; ଏହା ମଧ୍ୟ ଓଡ଼ିଆ କାବ୍ୟ ପରମ୍ପରାର ମୂଳ ଉତ୍ସ । "ଏହାର କବିତ୍ୱ ନିଶୀଥର ତାରାଖଚିତ ଆକାଶ ପରି ରହସ୍ୟମୟ, ଶିଶିର ସ୍ନାତ ସକାଳ ପରି ସ୍ନିଗ୍ଧ ଓ ନବୀନ, ଗୋଧୂଳିର ସ୍ତିମିତ ଆଲୋକ ପରି ଭାବୋତ୍ତୀର୍ଣ୍ଣ (୨)" । ଭାଗବତ ତଥା ଅନ୍ୟ ପୁରାଣ ସାହିତ୍ୟ ସବୁ ପରବର୍ତ୍ତୀ କାଳରେ ଓଡ଼ିଆ ରୀତି କାବ୍ୟ ସୃଷ୍ଟିର ଏକ ସାର୍ଥକ ଭିତ୍ତିଭୂମି ନିର୍ମାଣ କରିଥିଲା । ଏ ସଂପର୍କରେ ଏକ ଚମତ୍କାର ସାରସ୍ୱତ ଆକଳନ କରି ଐତିହାସିକ ମନମୋହନ ଚକ୍ରବର୍ତ୍ତୀ କହି ଅଛନ୍ତି, "They Showed that the Oriya language could be made fit for expressing complex thoughts and abstract feelings and by their own imperfect effort made it capable of being utilised in various kinds of versifications. They prepared infact the way for the later Oriya poets Dinakrisna Das, Upendra Bhanja and Abhimanyu

Samantsinhar. Any sketch, therefore, of the progress of the Oriya intellect would be materially incomplete if it fails to give some accounts of these old religious poems (3)''

## ସମାଜ ଜୀବନରେ ଭାଗବତ :

କବି ଜନ୍ ୱାଇକ୍ଲିଫ୍‌ଙ୍କ ବାଇବେଲର ଇଂରାଜୀ ଅନୁବାଦ ଯେପରି ଇଂଲଣ୍ଡରେ ରେନାସାଂର ଉଦ୍‌ବର୍ତ୍ତନ ଘୋଷଣା କରି ସମଗ୍ର ଇଂରେଜ ସମାଜ ଓ ସାହିତ୍ୟରେ ବିପ୍ଳବ ସୃଷ୍ଟି କରିଥିଲା ; ମାର୍ଟିନ୍ ଲୁଥରଙ୍କର ଜର୍ମାନୀରେ ବାଇବେଲର ଅନୁବାଦ ଯେପରି ସମଗ୍ର ୟୁରୋପରେ ଦେଇଥିଲା ନବଜାଗରଣର ସନ୍ଦେଶ, ଜଗନ୍ନାଥ ଦାସଙ୍କ ଭାଗବତ ସେହିପରି ଓଡ଼ିଶାର ସମାଜ ଜୀବନରେ ବିସ୍ତାର କରିଥିଲା ଏକ ଅପ୍ରତିହତ ଆଧ୍ୟାତ୍ମିକ ପ୍ରଭାବ । ଏ ସମ୍ପର୍କରେ ବଙ୍ଗୀୟ ଐତିହାସିକ ବିଜୟଚନ୍ଦ୍ର ମଜୁମଦାର ଯଥାର୍ଥ ମତ ପ୍ରକାଶ କରି କହିଅଛନ୍ତି, ''I can not too highly speak of what Jagannath Das has done to raise his countrymen to a higher level of moral existence. No of old time enjoys so much popularity a poet Jagannath Das does''(୪) । ଏହି ଗ୍ରନ୍ଥର ଅଧ୍ୟୟନ ଅଥବା ଶ୍ରବଣ ଓଡ଼ିଆ ଜାତିକୁ କେବଳ ଧର୍ମପ୍ରାଣ କରି ନାହିଁ, ତାକୁ ଏକ ଦାର୍ଶନିକ ଜାତିରେ ମଧ୍ୟ ପରିଣତ କରିଦେଇଛି ।

ଓଡ଼ିଶାର ଆଧ୍ୟାତ୍ମିକ ଓ ସାଂସ୍କୃତିକ ଅଭିବୃଦ୍ଧିରେ ଭାଗବତର ସ୍ଥାନ ଅପ୍ରମେୟ । ଏହି ଗ୍ରନ୍ଥରେ ପୁରାଣର ସମସ୍ତ ଲକ୍ଷଣ ସହିତ, ଏକ ବିଶିଷ୍ଟ ଧର୍ମ-ଦର୍ଶନ ବାଣୀ ଯେପରି ଉଚ୍ଚାରିତ ହୋଇଛି, ତାହା ଅନ୍ୟ ପୁରାଣମାନଙ୍କରେ ପ୍ରାୟତଃ ଦୁର୍ଲଭ । ଏହି ବାଣୀର ନେପଥ୍ୟରେ ଅଭି ବ୍ୟଞ୍ଜିତ ହୋଇଛି ଏକ ଶାଶ୍ୱତ, ସାର୍ବଜନୀନ ଭାବଧାରା । "ଭାଗବତ ହେଉଛି ଶ୍ରୀକୃଷ୍ଣ କାହାଣୀ ସର୍ବସ୍ୱ ଏକ ଭକ୍ତି ମୂଳକ ଧର୍ମଗ୍ରନ୍ଥ । ଏହାର ଦୁଇଟି ସ୍କନ୍ଧ ଦେଶମ ଓ ଏକାଦଶରେ ଏଇ କାହାଣୀର ପରିପୂର୍ଣ୍ଣ ଚିତ୍ର ଅଙ୍କିତ ହେଲେ ହେଁ, ଅନ୍ୟାନ୍ୟ ସ୍କନ୍ଧର ପ୍ରତ୍ୟେକ ବିଷୟ ଓ ଉପାଦାନ ଭିତରେ ଶ୍ରୀକୃଷ୍ଣଙ୍କ ମହିମା ଓ ଗୌରବର ଗାନ କମ୍ ପ୍ରଚାର କରାଯାଇ ନାହିଁ । ବିଷୟବସ୍ତୁର ଏକକ ବୈଶିଷ୍ଟ୍ୟ ମଧ୍ୟରେ ଭାରତୀୟ ଆଧ୍ୟାତ୍ମିକ ବିଚାର ସମସ୍ତ ନିର୍ଯ୍ୟାସ-ବୈଦିକ ସଂହିତା-ବ୍ରାହ୍ମଣ-ଉପନିଷଦ-ସ୍ମୃତିଶାସ୍ତ୍ର ସହିତ ଷଡ଼ ଦର୍ଶନର ଅପୂର୍ବ ସମାବେଶ-ଏହାର ଏପରି ଏକ ଦାର୍ଶନିକ ରୂପ ଅନ୍ୟକୌଣସି ପୁରାଣରେ ଅଛି ମନେହୁଏ ନାହିଁ । ଭାରତୀୟ ଭାବନାର ଚତୁର୍ବିଧ ମୁକ୍ତିମାର୍ଗ-କର୍ମ, ଜ୍ଞାନ, ଭକ୍ତି ଓ ଯୋଗ ମଧ୍ୟ ଏଥିରେ ସମୁଚିତ ଆସନ ଅଧିକାର କରିଛନ୍ତି । ହେଲେହେଁ ଯୋଗମୂଳକ ଭକ୍ତିଧର୍ମ ପ୍ରଚାର ହେଉଛି ଭାଗବତର ପ୍ରଧାନ ଅନ୍ତଃସ୍ୱର । ଏହି ପ୍ରବୃତ୍ତି ଏପରି ଭାବରେ ରୂପାୟିତ ହୋଇଛି ଯେ, ତାହା ଏକ ସାମ୍ପ୍ରଦାୟିକ ଧର୍ମ ବିଶ୍ୱାସକୁ ଅବଲମ୍ବନ କରିଥିଲେ ମଧ୍ୟ ସେଥିରୁ ଏକ ସାର୍ବଜନୀନ ଭାବଧାରା ସ୍ୱତଃ ପରିସ୍ଫୁରିତ ହେଉଥିବାର ଅନୁଭୂତ ହୁଏ । ଜାତି-ଧର୍ମ-ବର୍ଣ୍ଣ ଶ୍ରେଣୀ-ନିରପେକ୍ଷ ଧର୍ମ ଧାରାଟିଏ ଫୁଟି ଉଠିବା ଏପରି ଯୋଗମୂଳକ ଭକ୍ତି ଧର୍ମର ଚରମ ପରାକାଷ୍ଠା ହୋଇଥିବାରୁ, ଏହା ବହୁ ମତବାଦର ଭକ୍ତି ଚିନ୍ତାକୁ ଆଲୋଡ଼ନ କରିବାକୁ ସମର୍ଥ ହୋଇଥାଏ (୫)" । ସମ୍ଭବତଃ ସେଇଥିପାଇଁ ଭାଗବତର ବିଭିନ୍ନ ପଦ ଉଚ୍ଚାର କରି ଓଡ଼ିଆ ଜାତି ସବୁ ଯୁକ୍ତିତର୍କର ପରିସମାପ୍ତି ଘଟାଇଥାଏ । ଭାଗବତର ଯେଉଁ ପଦ ସବୁ ଓଡ଼ିଆ ଜାତିକୁ କାଳ କାଳ ଧରି ସାହାସ ଓ ସାମର୍ଥ୍ୟ ଯୋଗାଇ, ତା'ର ବଞ୍ଚିବାର ଛନ୍ଦକୁ ଲଳିତ ମନୋହର କରି ଆସିଛି, ତା'ର ସଂଖ୍ୟା କିଛି କମ୍ ନୁହେଁ । ସେଥିମଧ୍ୟରୁ କେତୋଟି ଏହିପରି :

(କ) ମର୍ତ୍ତ୍ୟମଣ୍ଡଳେ ଦେହ ବହି ।
ଦେବତା ହୋଇଲେ ମରଇ ॥

(ଖ) ଦଣ୍ଡିବା ଶକ୍ତି ଯାର ଥାଇ ।
ସେ ପୁଣି କ୍ଷମା ଆଚରଇ ॥

(ଘ) ଧନ୍ୟ ଜୀବନ ଏ ଜଗତେ ।
ଯେ ପ୍ରାଣଧରେ ପରହିତେ ॥

(ଙ) ସର୍ବେ ଚଳିବେ କାଳ ବଳେ ।
ଯଶ ରହିବ ମହୀତଳେ ॥

(ଚ) ଆପଣା ହସ୍ତେ ଜିହ୍ୱାଛେଦି ।
କେ ଅଛି ତାର ପ୍ରତିବାଦୀ ॥

(ଛ) ମନମୋହର ନିଜ ଗୁରୁ ।
ଉଦ୍ଧବ କେତେ ତୁ ପଚ୍ଚୁରୁ ॥

(ଜ) ପ୍ରାଣୀର ଭଲମନ୍ଦ ବାଣୀ ।
ମରଣକାଳେ ତାହା ଜାଣି ॥

(ଝ) କର୍ମ କଷଣ ଦେହ ସହେ ।
ଅରଣ୍ୟେ ଅଜଗର ପ୍ରାୟେ ॥

## ନୈତିକ ଆଦର୍ଶ ପ୍ରତିଷ୍ଠା :

ଓଡ଼ିଆ ସମାଜରେ ଭାଗବତ ଦିନେ ଥିଲା ନୈତିକ ଆଦର୍ଶର ପ୍ରାଣକେନ୍ଦ୍ର । ପଲ୍ଲୀ ଓଡ଼ିଶାର ଗୃହେ ଗୃହେ ପ୍ରତିଦିନ ସନ୍ଧ୍ୟାରେ ଭାଗବତ ପାଠ ହେଉଥିଲା । ସାରାଦିନର ଖଟଣି ପରେ, ଗାଁ ଭୂଇଁର ଓଡ଼ିଆ ଏହି ଗ୍ରନ୍ଥ ଶ୍ରବଣ କରି କେବଳ ଅବସର ବିନୋଦନ କରୁନଥିଲେ, ସେଇ ନୈତିକ ଆଦର୍ଶର ଛାଞ୍ଚରେ ନିଜର ଜୀବନକୁ ମଧ୍ୟ ସଜାଉଥିଲେ । ଜୀବନର ଘୋର ଦୁର୍ଦ୍ଦିନରେ ମଧ୍ୟ ଓଡ଼ିଆ ଜାତି ମନରେ ବଞ୍ଚି ରହିବାର ବିଶ୍ୱାସକୁ ଉଦ୍‌ଜୀବିତ କରି ରଖିଥିଲା ଭାଗବତ । ମରଣ କାଳରେ ଭାଗବତ ଶୁଣିଲେ ଆତ୍ମା ମୁକ୍ତି ଲାଭକରେ ବୋଲି ଓଡ଼ିଆ ଜାତିର ଦୃଢ଼ ବିଶ୍ୱାସ ଥିଲା । ସେଥିପାଇଁ ଓଡ଼ିଶାର ଗାଁ ଗହଳରେ ଆଜି ମଧ୍ୟ ମୃତ୍ୟୁ ପଥ ଯାତ୍ରୀ ମଣିଷର ଶଯ୍ୟା ନିକଟରେ ଧୀର ମନ୍ଥର ସ୍ୱରରେ ଉଚ୍ଚାରିତ ହୋଇଥାଏ ଭାଗବତର ମହାନ୍‌ବାଣୀ । ସେଇ ବାଣୀ ଶ୍ରବଣ କରି ଓଡ଼ିଆର ପ୍ରାଣବାୟୁ ଯେପରି ଏକ ଅଭାବନୀୟ ଭାବଲୋକରେ ପ୍ରବେଶ କରିଯାଏ । ଓଡ଼ିଶାର ସମାଜ ଜୀବନରେ ଭାଗବତର ଏଇ କାଳଜୟୀ ଭୂମିକା ସମ୍ପର୍କରେ ଆଲୋକପାତ କରି ପ୍ରାବନ୍ଧିକ ତଥା ଐତିହାସିକ ଜଗବନ୍ଧୁ ସିଂହ କହିଅଛନ୍ତି-"XX ଗ୍ରାମଜିରେ ପିଲାମାନଙ୍କର ଭାଗବତ ପ୍ରଧାନ ପାଠ୍ୟ ପୁସ୍ତକ ଥିଲା । ଯେଉଁ ପିଲା ଅଧ୍ୟାୟେ ଭାଗବତ ବୋଲି

ପାରିଲା ତାର ବିଦ୍ୟା ଶେଷ ହେଉଥିଲା । ଲୋକର ଆସନ୍ନ ମୃତ୍ୟୁବେଳେ ତାର ପୁତ୍ର, ପୁତ୍ରାଦି ଆତ୍ମୀୟ ସ୍ୱଜନ ତା' କାନରେ ଅଧ୍ୟାୟେ ଭାଗବତ ଶୁଣାଉଥିଲେ । ଗ୍ରାମର ବିସୂଚିକା, ମାରି-ଭୟ ପ୍ରଭୃତି ଉପଦ୍ରବ ହେଲେ, ଭାଗବତ ପାଠ, ହରିହାଟ, ସମ୍ପନ୍ନ ହେଉଥିଲା । ଭାଗବତ ପାଠ ହେଲେ ଗ୍ରାମରୁ କାଳଭୟ ଦୂର ହେଉଥିଲା ବୋଲି ଲୋକଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା । ଅନେକ ଲୋକଙ୍କର ସକାଳେ ସ୍ନାନ ପରି ସନ୍ଧ୍ୟାବେଳେ ଭାଗବତ ପାଠ କରିବା ନିତ୍ୟ-ନୈମିତ୍ତିକ-କାର୍ଯ୍ୟ ଥିଲା-(୬)' ।

## ସାକ୍ଷରତା ବୃଦ୍ଧି :

ଆସନ୍ନ ମୃତ୍ୟୁ କାଳରେ ଭାଗବତ ଦି' ପଦ ଶୁଣି ମୁକ୍ତିଲାଭ କରିବାର ଦୃଢ଼ ବିଶ୍ୱାସ ଥିବାରୁ, ଓଡ଼ିଆ ନିରକ୍ଷର ନରହି, ଅକ୍ଷରଶିଖିବାକୁ ପ୍ରେରଣା ଅନୁଭବ କରିଥିଲା ଓ ଏହି କାରଣରୁ ଓଡ଼ିଶାରେ ସାକ୍ଷର ସଂଖ୍ୟା ଅନ୍ୟ ପ୍ରଦେଶ, ବିଶେଷ କରି ବଙ୍ଗଳା ତୁଳନାରେ ଥିଲା ଅଧିକ । ଓଡ଼ିଶାର ଶିକ୍ଷା ପ୍ରସାରରେ ତେଣୁ ଭାଗବତ ଗ୍ରହଣ କରୁଥିଲା ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା । ଏ ସମ୍ପର୍କରେ ବଙ୍ଗୀୟ ଐତିହାସିକ ଓ ଲେଖକ ବିଜୟଚନ୍ଦ୍ର ମଜୁମ୍‌ଦାର ଯେଉଁ ଆକଳନ କରିଅଛନ୍ତି, ତାହା ବସ୍ତୁତଃ ଏହିପରି : ''This is why the art of reading and writing is known and practised by the common people more extensively in Orissa than in Bengal. Long ago Bhudeb Makherjee, as inspector of schools duly observed this mass education and reported the matter in his public report (୭)" । ସାଧକ-କବି ଜଗନ୍ନାଥ ଦାସ, ଭାଗବତ ରଚନା କରି, ଓଡ଼ିଆ ଜାତିର ସବୁ ବର୍ଗର ଲୋକଙ୍କୁ ପରମ ଶ୍ରଦ୍ଧା ସହକାରେ ଓଡ଼ିଆ ଭାଷା ଶିକ୍ଷା କରିବା ପାଇଁ ଯେ ଅନୁପ୍ରାଣିତ କରିଅଛନ୍ତି, ତାହା ଏଥିରୁ ସ୍ପଷ୍ଟ ଅନୁଭୂତ ହୋଇଥାଏ ।

## ଜାତୀୟ ଐକ୍ୟ ପ୍ରତିଷ୍ଠା :

ଭାଗବତ ହେଉଛି ଓଡ଼ିଶାର ଜାତୀୟ ଐକ୍ୟ ପ୍ରତିଷ୍ଠାର ଶ୍ରେଷ୍ଠତମ ଅଭିବ୍ୟକ୍ତି । ବିଭିନ୍ନ ଅବକାଶରେ ଓଡ଼ିଶା ବାହାରକୁ ଗଲେ । ଓଡ଼ିଆର ଅନ୍ତରଙ୍ଗ ସାଥୀ ଥିଲା ଭାଗବତ । ଭାଗବତ ଯେପରି ଥିଲା ଓଡ଼ିଆ ଜାତିର ନିଜସ୍ୱ ପରିଚୟ । ସେଥିପାଇଁ ଓଡ଼ିଶା ବାହାରେ, ଯେଉଁଠାରେ ଓଡ଼ିଆମାନେ ସମ୍ପବଦ୍ଧ ହୋଇ ରହୁଥିଲେ, ସେଠାରେ ସନ୍ଧ୍ୟାର ଆକାଶ, ଭାଗବତର ଲଳିତ ମଧୁର ନବାକ୍ଷରୀ ଛନ୍ଦରେ ମୁଖରିତ ହୋଇ ଉଠୁଥିଲା । ଖଞ୍ଜଣି ମାଦଳ ତାଳେ ତାଳେ ଭାଗବତର ମୁଗ୍ଧ- ମୂର୍ଚ୍ଛନା ଦୂର ପ୍ରବାସର ଓଡ଼ିଆମାନଙ୍କୁ କରିଥିଲା ଐକ୍ୟବଦ୍ଧ । ଓଡ଼ିଆ ଜାତି ବହୁବାର ଇତିହାସର ପ୍ରଚଣ୍ଡ ଆଘାତ ସହ୍ୟ କରିଛି । ଆଗଙ୍ଗା-ଗୋଦାବରୀ ବିସ୍ତୃତ ତାର ବିଶାଳ ସାମ୍ରାଜ୍ୟ ଇତିହାସର ନିର୍ଦ୍ଦୟ ନିଷ୍ଠୁରତାରେ ଖଣ୍ଡିତ ହୋଇଛି । ଗୋଟିଏ ପରେ ଗୋଟିଏ ଅଞ୍ଚଳ ଓଡ଼ିଶାରୁ ବିଛିନ୍ନ ହୋଇ, ଓଡ଼ିଆ ଜାତିକୁ ଶ୍ୱାସ ରୋଧୀ ସଂକଟରେ ଜର୍ଜରିତ କରିଛି । ମାତ୍ର ଓଡ଼ିଆ ଜାତି ଯେ ତଥାପି ବଞ୍ଚିରହିଛି, ତାର କାରଣ ଏହି ଭାଗବତ । ଭାଗବତ ଭାଷାର ଶୌର୍ଯ୍ୟ ଓ ଭାବର ସୌନ୍ଦର୍ଯ୍ୟ ଓଡ଼ିଆ ଜାତିକୁ ଦୃଢ଼ ମନୋବଳ ଯୋଗାଇ ଆସିଛି କାଳ କାଳ । ସେଥିପାଇଁ ଇତିହାସର କ୍ରୂର ଚକ୍ରାନ୍ତରେ ଓଡ଼ିଶାର ବହୁ ନିଜସ୍ୱ ଅଞ୍ଚଳ ଭିନ୍ନ ପ୍ରଦେଶର କରଗତ ହୋଇଥିଲେ ମଧ୍ୟ, ସେଠାରେ କିନ୍ତୁ 'ଭାଗବତ' ଚିର ଅଭିଷିକ୍ତ ହୋଇଛି ଲକ୍ଷ ଓଡ଼ିଆର ହୃଦୟ-ସିଂହାସନରେ, ବଞ୍ଚାଇରଖିଛି ଓଡ଼ିଆର ଓଡ଼ିଆତ୍ୱ । ମେଦିନୀପୁର ଅଞ୍ଚଳରେ ବଙ୍ଗଳା ଅକ୍ଷରରେ ମୁଦ୍ରିତ ଓଡ଼ିଆ ଭାଗବତର ପ୍ରସାର ଦେଖିଲେ, ଏହି ଧାରଣା ସ୍ୱତଃ ବଦ୍ଧମୂଳ ହୋଇଥାଏ ।

## ଓଡ଼ିଆ ସଂସ୍କୃତି ଓ ଭାଗବତ ଟୁଙ୍ଗୀ :

ଜଗନ୍ନାଥ ଦାସଙ୍କ ଭାଗବତର ନିୟମିତ ପାରାୟଣ ଓ ଅନୁଶୀଳନ ପାଇଁ ଉତ୍କଳର ଗ୍ରାମେ ଗ୍ରାମେ ଭାଗବତ ଟୁଙ୍ଗୀମାନ ସ୍ଥାପିତ ହୋଇଥିଲା । ଏହି ଟୁଙ୍ଗୀମାନଙ୍କରେ ଭାଗବତ ପୋଥି ଦେବତା ଜ୍ଞାନରେ ପୂଜିତ ହେଉଥିଲେ । ଓଡ଼ିଆର ଭକ୍ତି ଓ ନୈତିକତା ଏହି ପୋଥିକୁ ଏପରି ଦିବ୍ୟତ୍ୱ ପ୍ରଦାନ କରୁଥିଲା ଯେ, ତାହା ସମୀପରେ କୌଣସି ଅନ୍ୟାୟ ବା ଅନୀତି କରିବାକୁ କେହି ସାହାସ ସୁଦ୍ଧା କରୁନଥିଲେ । ଭାଗବତ ସଂହତି ଓ ଗ୍ରାମ୍ୟ ଏକତା ପ୍ରତିଷ୍ଠାରେ ଭାଗବତ ଟୁଙ୍ଗୀ ସବୁଥିଲେ ଆଦର୍ଶ ସ୍ଥାନୀୟ । ଏହି ସବୁ ଟୁଙ୍ଗୀ ମଧ୍ୟ ଥିଲେ ପଲ୍ଲୀ ଓଡ଼ିଶାର ନ୍ୟାୟାଳୟ, ଚାଟଶାଳୀ, ଲାଇବ୍ରେରୀ, ଅତିଥିଶାଳା ଓ ସମବାୟ ସମିତି । କୌଣସି ମୋକଦ୍ଦମାରେ ଭାଗବତ ଗାଦୀକୁ ଛୁଇଁ ପକ୍ଷମାନେ ଯେଉଁ ବିବୃତି ଦେଉଥିଲେ, ସେଥିରେ ମିଥ୍ୟା ଅଥବା ଛଳନାର କୌଣସି ସ୍ଥାନ ନଥିଲା । ଗ୍ରାମକୁ ଅତିଥି ଆସିଲେ, ଭାଗବତ ଟୁଙ୍ଗୀରେ ତାଙ୍କ ରହଣିର ବ୍ୟବସ୍ଥା ହେଉଥିଲା । ଅବଧାନମାନେ ଏହିଠାରେ ହିଁ ଶିକ୍ଷାଦାନ କରୁଥିଲେ । ଏହାର ସମଗ୍ର ବାୟୁମଣ୍ଡଳରେ ଭାସି ବୁଲୁଥିଲା ସତ୍ୟ-ନ୍ୟାୟର ଅମୃତ ସ୍ପର୍ଶ । ଜୀବନର ଅନୁଭୂତି ଲବ୍ଧ ଏଇ ସତ୍ୟ; ସଚେତନରେ ହେଉ ଅଥବା ସ୍ୱତଃ ସ୍ଫୁର୍ତ୍ତ ହେଉ, ଓଡ଼ିଆ ମାନସିକତାର ଏକ ନକ୍‌ସା ପ୍ରସ୍ତୁତ କରି ଦେଇଥିଲା । ଐତିହାସିକ ଜଗବନ୍ଧୁ ସିଂହ, ତାଙ୍କର 'ଭାଗବତ ଘର' ପ୍ରବନ୍ଧରେ, ଓଡ଼ିଶାରେ ସମାଜ ଓ ସଂସ୍କୃତିରେ 'ଭାଗବତ'ର ମହତ୍ତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଯେଉଁ ଦୀର୍ଘ ଅଥଚ ସୁନ୍ଦର ବର୍ଣ୍ଣନା ଛାଡ଼ି ଯାଇଅଛନ୍ତି, ତାହା ଏହି ସତ୍ୟର ଭିତ୍ତି ଉପରେ ହିଁ ପ୍ରତିଷ୍ଠିତ ।

ଭାଗବତ ଟୁଙ୍ଗୀ ମଧ୍ୟ ଦିନେ ଥିଲା ପଲ୍ଲୀ ବହୁଳ ଓଡ଼ିଶାର ମନୋରମ ସଙ୍ଗୀତ-ସାଧନାର କେନ୍ଦ୍ର । 'ଭାଗବତ ସପ୍ତାହ' ଉପଲକ୍ଷେ, ସାତଦିନ ଧରି, ଏଠାରେ ଭାଗବତ ପାରାୟଣ ହୁଏ । ବହୁଶ୍ରୋତା ଧୀରସ୍ଥିର ଚିତ୍ତରେ ବସନ୍ତି । ମୁଖ୍ୟ ଗାୟକ ଭାଗବତୀ ସ୍ୱରରେ ଭାଗବତ ପାରାୟଣ କରନ୍ତି । ଶ୍ରୋତାମାନଙ୍କର ଚିତ୍ତ ଏକ ମଧୁର ସମ୍ବେଦନ ଶୀତଳତାର ସ୍ପର୍ଶରେ ଥରି ଉଠେ । ତା'ର ମଝିରେ, ଭାଗବତର ଗୋଟିଏ ଗୋଟିଏ ପଦକୁ ମୁଖ୍ୟ ଆଶ୍ରୟକରି ଅନ୍ୟାନ୍ୟ ପାରମାର୍ଥିକ ଭଜନ-ଜଣାଣ ସବୁ ଶ୍ରୋତାମାନଙ୍କ କଣ୍ଠରୁ ଝରିପଡ଼େ । ଖଞ୍ଜଣି, ଖୋଳ, କରତାଳ ଧ୍ୱନି ସହିତ ଓଡ଼ିଶୀ ଭଜନ-ଜଣାଣର ସ୍ୱର ମିଶି ଶ୍ରୋତା-ବକ୍ତାଙ୍କୁ ଏକାକାର କରିଦିଏ । ସମଗ୍ର ପରିବେଶ ହୋଇ ଉଠେ ସଙ୍ଗୀତ ମୁଖର । ମହାକାଳ ଯେପରି କାଳକାନରେ କୁହେ, ଏଇ ତନ୍ମୟତା, ଏଇ ଛନ୍ଦ, ବଞ୍ଚି ରହିବାର ଏଇବିଶ୍ୱାସ ଯେଉଁଠି ସତ୍ୟ, ସେଠି 'ରୋଦନ କରୁ କାହିଁ ପାଇଁ ?'

ଓଡ଼ିଶାରେ ଭାଗବତ ଟୁଙ୍ଗୀମାନଙ୍କର ଏହି ପ୍ରଭାବ ଓ ପ୍ରସାର ଲକ୍ଷ୍ୟକରି, ଆସାମର ବୈଷ୍ଣବ ସାଧକ କବି ଶଙ୍କରଦେବ, 'ନାମଘର' ସବୁ ପ୍ରତିଷ୍ଠା କରିଥିଲେ ।

ଓଡ଼ିଶାର ପଲ୍ଲୀ ସଂସ୍କୃତିରେ ଏବେ 'ଭାଗବତ ଟୁଙ୍ଗୀ' ବିପର୍ଯ୍ୟସ୍ତ । ପରିବର୍ତ୍ତନର ପ୍ରବଳ ସ୍ରୋତରେ, ସେଦିନର ଭାଗବତ ଟୁଙ୍ଗୀସବୁ ଆଜି ଯୁବକ ସଂଘ ଅଥବା କ୍ଲବଘରମାନଙ୍କରେ ରୂପାନ୍ତରିତ ହୋଇଛି । ପଲ୍ଲୀର ଅଳସ ବିଳାସ ନିମନ୍ତେ ଏହା ହୋଇଛି ପ୍ରାୟତଃ ଅବସର ବିନୋଦନ କେନ୍ଦ୍ର ଯେଉଁଠାରେ ଭାଗବତର ମନ୍ଦ୍ର ମଧୁର ମୂର୍ଚ୍ଛନା, ଧୂପ-ଦୀପର ବାସ୍ନାରେ ମିଶି ସୃଷ୍ଟି କରିଥିଲା ଦିବ୍ୟ ପରିବେଶ, ସେଠାରେ ଆଜି ହୁଏତ ବେତାର ଅଥବା ଦୂରଦର୍ଶନରୁ ଭାସି ଆସୁଛି କେଉଁ ସୁକଣ୍ଠୀ ଗାୟିକାର ଚଳଚ୍ଚିତ୍ର ସଙ୍ଗୀତର ସ୍ୱର । କ୍ଲବ ଘରର ଆଢବେଷ୍ଟର ଅଥବା ନଡ଼ା ଛପର ଉପରେ ଆକାଶକୁ ହାତ ଟେକି ନୃତ୍ୟ କରୁଛନ୍ତି ଟିଭି ଆଣ୍ଟିନାର ଶୀର୍ଣ୍ଣ କଂକାଳମାନେ । ମଫସଲର ଭାଗବତ ସଂସ୍କୃତିରୁ ସବୁ ଫସଲ ଉଜୁଡ଼ି ଯାଇ, ଅବଶିଷ୍ଟ ଅଛି କେବଳ 'ମ' । ଏହି 'ମ' ପ୍ରକୃତରେ ମୃତ୍ୟୁ ନା ମୃତ୍ୟୁ ସଂଜିବନୀର ପ୍ରତୀକ, ତା'ର କଳନା କେବଳ କାଳ ହିଁ କରିବ ।

କିନ୍ତୁ ଓଡ଼ିଶାର ସମାଜ ଓ ସଂସ୍କୃତିରେ, ଆର୍ଯ୍ୟସଂସ୍କୃତି ଓ ଆଧ୍ୟାତ୍ମିକ ପରମ୍ପରାର ଶ୍ରେଷ୍ଠ ପ୍ରତୀକ ସାଧକ କବି ଜଗନ୍ନାଥ ଦାସ ଏବଂ ତାଙ୍କର କାଳଜୟୀ ସୃଷ୍ଟି ଭାଗବତ ରହିବ ଚିର ଅମ୍ଳାନ ହୋଇ । ଗୋପବନ୍ଧୁଙ୍କ ସହିତ ସ୍ୱର ମିଳାଇ ଓଡ଼ିଆ ଜାତି ଗାଉଥିବ-

"ତେଣୁ ବାରଛନ୍ଦ 'ପ୍ରାକୃତ ପ୍ରବନ୍ଧ'
ଗୀତେ କଲ ପରକାଶ,
ଥିବାଯାଏ ଭାଷା ଗାଇବ ଓଡ଼ିଶା
'କହେ ଜଗନ୍ନାଥ ଦାସ' (୮)"

ପାଦ-ଟୀକା

(୧) ଡକ୍ଟର ନଟବର ସାମନ୍ତରାୟ-'ଓଡ଼ିଆ ଭାଗବତର ସାହିତ୍ୟିକ ଅବଦାନ'-ମୁଁ କିପରି ଗବେଷଣା କଲି, ପୃ ୧୧୧-୧୧୭ ।
(୨) ସୁରେନ୍ଦ୍ର ମହାନ୍ତି-ଓଡ଼ିଆ ସାହିତ୍ୟର ମଧ୍ୟପର୍ବ, ପୃ ୨୬୯ ।
(୩) ମୁଁ କିପରି ଗବେଷଣା କଲି, ପୃ ୯୯ ।
(୪) Typical Selections from Oriya Literature. Vol-I, ଭୂମିକା, ପୃ XXVI.
(୫) ମୁଁ କିପରି ଗବେଷଣା କଲି, ପୃ ୧୧୦-୧୧୧ ।
(୬) ପ୍ରାଚୀନ ଗଦ୍ୟ, ପୃ ୧୧୪ ।
(୭) Typical Selections from Oriya Literature, Vol-I.
(୮) ଅବକାଶ ଚିନ୍ତା-'ଭକ୍ତ କବିବର ଶ୍ରୀ ଜଗନ୍ନାଥ ଦାସ, ପୃ-୯ ।

ଅଧ୍ୟାପକ,
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ,
ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟ,
ପୁରୀ ।



ସାଧାରଣତନ୍ତ୍ର ଦିବସ-୧୯୯୨ ଉପଲକ୍ଷେ ପାରଳାଖେମୁଣ୍ଡିଠାରେ ଆୟୋଜିତ ସମ୍ମିଳିତ ପ୍ୟାରେଡ୍‌ରେ ଶ୍ରେଷ୍ଠ ବିବେଚିତ ଦଳକୁ ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ବିଭାଗ ମନ୍ତ୍ରୀ ଶ୍ରୀ ପ୍ରସନ୍ନ ପାଟଶାଣୀ ମୁଖ୍ୟମନ୍ତ୍ରୀଙ୍କ ରନିଙ୍ଗ୍ ଶିଲ୍ଡ୍ ପ୍ରଦାନ କରୁଛନ୍ତି ।



# କପିଳାସ

ଶ୍ରୀ ବାଳକୃଷ୍ଣ ଦାଶ

ପୁଣ୍ୟପୀଠ କପିଳାସ ପୁରାଣ ପ୍ରସିଦ୍ଧ । ସୁବିଖ୍ୟାତ କପିଳାସ ତୀର୍ଥ ଢେଙ୍କାନାଳ ସହରଠାରୁ ୨୬ କିଲୋମିଟର ପୂର୍ବଉତ୍ତର କୋଣରେ ଗୋଟିଏ ବିଶାଳ ପର୍ବତ ଶ୍ରେଣୀରେ ଅବସ୍ଥିତ । ଏହାର ଜଳବାୟୁ ବିଶେଷ ସ୍ୱାସ୍ଥ୍ୟପ୍ରଦ । ଏହି ପୀଠାବସ୍ଥିତ ଶ୍ରୀ ନାରାୟଣଙ୍କ ପଦନିଃସୃତ ଗୁପ୍ତଗଙ୍ଗା ନିର୍ଝରିଣୀ ରୂପେ ବହମାନା । ଏହି ପର୍ବତର ଉଚ୍ଚତା ସମୁଦ୍ର ପତନଠାରୁ ୨,୩୦୦ ଫୁଟ । ପର୍ବତର କଟିଦେଶରେ ୧,୫୦୦ ଫୁଟ ଉଚ୍ଚରେ ଶ୍ରୀ ଚନ୍ଦ୍ରଶେଖରଙ୍କ ବିଜେସ୍ଥଳୀ ରମ୍ଭାଶୋକ କୁଞ୍ଜ ମଧ୍ୟରେ ଅବସ୍ଥିତ । କବିବର ରାଧାନାଥ ସ୍ୱରଚିତ ପାର୍ବତୀ କାବ୍ୟରେ ଏହି ତୀର୍ଥର ପ୍ରଶଂସା ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି ।

ସ୍ଫଟିକ ପାବଚ୍ଛ ପରା ଯେ ଯେ ଶୈଳେ
ଶୋଭେ କଳନାଦୀ ଝର ।
ରମ୍ଭା ଶୋକ କୁଞ୍ଜେ ବିରାଜନ୍ତି ଯାର
ମେଖଳେ ଚନ୍ଦ୍ରଶେଖର ।

ଶ୍ରୀଚନ୍ଦ୍ରଶେଖରଙ୍କ ମନ୍ଦିର ପର୍ଯ୍ୟନ୍ତ ଆରୋହଣ ନିମିତ୍ତ ଦୁଇଗୋଟି ରାସ୍ତା ଅଛି । ଗୋଟିଏ ବାରବାଙ୍କ ସମ୍ବଳିତ ଯାନବାହନ ଯିବା ନିମିତ୍ତ ପକ୍କା ରାସ୍ତା ଓ ଅନ୍ୟଟି ପାଦରେ ଚାଲି ଯିବା ନିମିତ୍ତ ପାବଚ୍ଛ । ପାଦଦେଶରେ ହରିଣଦ୍ୟାନ, ମୃଗବିହାର ଓ ବନାନୀର ଦୃଶ୍ୟ ଅତୀବ ରମଣୀୟ । ଗଜପତିଙ୍କ ଦ୍ୱାରା ନିର୍ମିତ ଏହି ମନ୍ଦିର ପରବର୍ତ୍ତୀ କାଳରେ ଢେଙ୍କାନାଳ ରାଜାଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନକୁ ଆସିଥିଲେ ମଧ୍ୟ ବର୍ତ୍ତମାନ ଦେବୋତ୍ତର ବିଭାଗ ଦ୍ୱାରା ପରିଚାଳିତ । ଏହା ଢେଙ୍କାନାଳ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ଜିଲ୍ଲାପାଳଙ୍କ ମନୋନୀତ ଜଣେ ଓଡ଼ିଶା ପ୍ରଶାସନିକ ସେବା ପଦାଧିକାରୀ ଏହାର କାର୍ଯ୍ୟନିର୍ବାହ କରିଥାନ୍ତି ।

"କପିଳ ସଂହିତା"ରେ କପିଳାସ କ୍ଷେତ୍ରର ମାହାତ୍ମ୍ୟ ବିଶେଷ ଭାବରେ ବର୍ଣ୍ଣିତ । ଏତଦ୍ୱ୍ୟତୀତ ଢେଙ୍କାନାଳ ଇତିହାସ ଓ ଅନ୍ୟାନ୍ୟ ଗ୍ରନ୍ଥରେ ଏହାର ମଧ୍ୟ ବର୍ଣ୍ଣନା ରହିଛି । ରାବଣ "କୈଳାସ ଶୃଙ୍ଗକୁ ଉପାଡ଼ି ଲଙ୍କାକୁ ନେଇଯିବା ସମୟରେ ସେହି ଶୃଙ୍ଗର ଗୋଟିଏ ଅଂଶ ଏହି ସ୍ଥାନରେ ପତିତ ହେଲା ଓ ତାହା ଦ୍ୱିତୀୟ କୈଳାସ ନାମରେ ଖ୍ୟାତ ହେଲା ।

ଯଦୋତ୍ତୋଳିତଞ୍ଚ କୈଳାସଂ ରାବଣେନ ଦୁରାତ୍ମନା
ତଦେବ ଶୃଙ୍ଗଂ ପତିତଂ ତତ୍ କୈଳାସ

ମିହୋଚ୍ୟତେ ।

ପର୍ବତ ଶିଖରରେ ଆବିର୍ଭାବ ହେବାରେ ଶିବଙ୍କ ନାମ ଏଠାରେ ଶିଖରେଶ୍ୱର ବା ପରବର୍ତ୍ତୀ କାଳରେ ଚନ୍ଦ୍ରଶେଖର ହୋଇଛି । ପୁନଶ୍ଚ କପିଳ ସଂହିତାରେ ଅଛି ଇକ୍ଷ୍ୱାକୁ ବଂଶୋଦ୍ଭବ ରାଜା ସୌଦାସ କାଶୀ ବିଶ୍ୱନାଥଙ୍କ ନିର୍ଦ୍ଦେଶରେ ଏଠାରେ ତପସ୍ୟା କରିଥିଲେ ।

ଇଦାନୀ ଗଚ୍ଛ ତପସେ କୈଳାସଂ ନିଳୟ ମମ
ତତ୍ରାହଂ ଦର୍ଶୟିଷ୍ୟାମି ସତ୍ୟଂ ତ୍ୱାଂ ମାମକୀତନୁ ।

କପିଳାସସ୍ଥିତ ଦଧିନଉତିର ଶିଳାଲେଖହିଁ କପିଳାସ ମନ୍ଦିର ନିର୍ମାଣର ସର୍ବଶ୍ରେଷ୍ଠ ପ୍ରମାଣ । ଡକ୍ଟର ସତ୍ୟନାରାୟଣ ରାଜଗୁରୁଙ୍କ ମତରେ ଏହି ଶିଳାଲିପିର ସମସ୍ତ ରାଜା ପ୍ରଥମ ନରସିଂହ ଦେବଙ୍କ ରାଜତ୍ୱର ଖ୍ରୀ ୧୨୫୭–୫୩ ସମୟର ଶିଳାଲେଖରୁ ଜଣାଯାଏ ଶ୍ରୀ ପୁରୁଷୋତ୍ତମ ଦେବଙ୍କ ଦୁର୍ଗାରାଣୀ ଜାତପୁତ୍ର ନରସିଂହ ଦେବ ସ୍ୱରାଜତ୍ୱର ଦଶମ ଅଙ୍କରେ ବୈଶାଖ ଶୁକ୍ଳ ସପ୍ତୋଦଶୀ ସୋମବାର ଦିନ ମନ୍ଦିର ନିର୍ମାଣର ଶୁଭାରମ୍ଭ କରିଥିଲେ ଏବଂ ଏହା ତାଙ୍କ ରାଜତ୍ୱର ୧୮ ଅଙ୍କରେ ସମାପ୍ତ ହୋଇଥିଲା, ତଥା ସେ ମନ୍ଦିରର ତତ୍ତ୍ୱାବଧାରକ ରୂପେ ତୁଳସୀ ସେନାପତିଙ୍କୁ ନିଯୁକ୍ତି ଦେଇ ରମ୍ଭାଗ୍ରାମ ପୋଟିଆ ବା ଦାଗିଆପଣି ଜାଗିରୀ ସ୍ୱରୂପରେ ଦେଇଥିଲେ । ଏହି ପ୍ରତାପ ନରସିଂହ ଦେବଙ୍କ ରାଜତ୍ୱ ଖ୍ରୀ ୧୩୨୮ରୁ ଖ୍ରୀ ୧୩୫୭ । ଅର୍ଥାତ୍ କପିଳାସ ମନ୍ଦିରର ନିର୍ମାଣ କାର୍ଯ୍ୟ ଖ୍ରୀ ୧୩୩୭ରୁ ଆରମ୍ଭ ହୋଇ ଖ୍ରୀ ୧୩୪୫ରେ ଶେଷ ହୋଇଥିବା ସମ୍ଭାବନାକୁ ଏଡ଼େଇ ଦିଆ ଯାଇ ନ ପାରେ । ସମ୍ଭବତଃ ପ୍ରତାପ ନରସିଂହ ଦେବ ଏହି ଆଠ ବର୍ଷ କପିଳାସ ପର୍ବତରେ ଅବସ୍ଥାନ କରି ନିଜ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ନିର୍ମାଣ କାର୍ଯ୍ୟସମାପନ କରିଥିଲେ । ମନ୍ଦିରଠାରୁ ଏକ କିଲୋମିଟର ପର୍ବତ ଆରୋହଣ କଲେ ନିର୍ଜନ ଗଡ଼ଖାଇ ଓ ଦୁର୍ଗର ଧ୍ୱଂସାବଶେଷ ପରିଲକ୍ଷିତ ହୁଏ । ଏହାକୁ ସ୍ଥାନୀୟ ଲୋକେ ବିଲଙ୍କାଗଡ଼ ବୋଲି କହନ୍ତି । ସମ୍ଭବତଃ ଏହା ପୁରୀ ରାଜାଙ୍କର ପୂର୍ବ ନିବାସ ସ୍ଥଳୀ ଥିଲା ।

ମନ୍ଦିରର ଉଚ୍ଚତା ୭୦ ଫୁଟ । ଏହାର ବାମ ପାର୍ଶ୍ୱରେ ପଦ୍ମୋଦ୍ଭୂତ କୁଣ୍ଡ ଓ ଦକ୍ଷିଣ ପାର୍ଶ୍ୱରେ ପାପନାଶିନୀ କୁଣ୍ଡ । ପାପନାଶିନୀ କୁଣ୍ଡର କିଞ୍ଚିତ୍ ନିମ୍ନରେ ମରିଚ୍ଛି କୁଣ୍ଡ । ମନ୍ଦିର ଗାତ୍ରରେ ଗଣେଶ, କାର୍ତ୍ତିକେୟ ଓ ପାର୍ବତୀ ମୂର୍ତ୍ତି ପାର୍ଶ୍ୱ ଦେବତା ରୂପେ ବିରାଜିତ । ଏହାଛଡ଼ା ମନ୍ଦିରର ଗାତ୍ରରେ ଶ୍ରୀଜଗନ୍ନାଥ ବିଗ୍ରହ ଖୋଦିତ । ଅନତି ଦୂରରେ ଉତ୍ତର ଦିଗରେ ପାର୍ବତୀଙ୍କ ମନ୍ଦିରରେ ସୁଚିକ୍କଣ କୃଷ୍ଣଶିଳା ନିର୍ମିତ ପାର୍ବତୀ ମୂର୍ତ୍ତି ଶ୍ରୀ ନୃସିଂହ ମୂର୍ତ୍ତି ସହିତ ଆରାଧିତ । ପୂର୍ବଦିଗରେ ବିଶ୍ୱନାଥ ଓ ନାରାୟଣଙ୍କ ମନ୍ଦିର ତଥା ଏହି ଦୁଇ ମନ୍ଦିର ମଧ୍ୟରେ ମଣିକର୍ଣ୍ଣିକା କୁଣ୍ଡ ଏହାକୁ ଦ୍ୱିତୀୟ ବାରାଣସୀ ଆଖ୍ୟା ପ୍ରଦାନ କରିଛି । ଏହି କ୍ଷେତ୍ରରେ ହରି

ଚନ୍ଦ୍ରଶେଖରଙ୍କର ଆରାଧନା ହେଉଥିବାରୁ ପ୍ରତିବର୍ଷ ଶିବରାତ୍ରିରେ ହରିହର ଭେଟ ହୁଏ ଓ ପୀଠରେ ପ୍ରସାଦ ସର୍ବଦା ସମ୍ପ୍ରଦାୟ ନିର୍ବିଶେଷରେ ସେବ୍ୟ । ଏତଦ୍‌ଭିନ୍ନ ଏହି କ୍ଷେତ୍ରରେ ୪ ଗୋଟି ମଠ ଅଛିମାନ । ଯଥା–ବାସୁଦେବ ଦାସମଠ (ତଳମଠ) ୨–ଦଣ୍ଡି ସ୍ୱାମୀ ମଠ (ପୂଜ୍ୟପାଦ ଶ୍ରୀଧର ସ୍ୱାମୀଙ୍କ ସାଧନା ସ୍ଥଳୀ) ୩–ହରିହର ମଠ ୪–ପଦ୍ମପାଦ ବା ଗୁମ୍ଫା ମଠ ।

ପ୍ରତ୍ୟହ ଏଠାରେ ତିନିଧୂପ ଓ ପାଞ୍ଚ ଅବକାଶ ହୋଇଥାଏ ପ୍ରାତଃ ୬ ଘଣ୍ଟାରେ ଜୟ ମଙ୍ଗଳ ଆଳତି, ୭ ଘଣ୍ଟାରେ ବାଲଭୋଗ, ୧ ଘଣ୍ଟାରେ ଖେଚେଡ଼ି, ଡାଲି, ଅନ୍ନଚକା ପ୍ରଭୃତି, ଦିବା ୧ ଘଣ୍ଟାରେ ଅନ୍ନ, ପୁରୀ, ପୁଳି ଓ ବ୍ୟଞ୍ଜନ, ଅପରାହ୍ନ ୫ ଘଣ୍ଟାରେ ବୈରାପଣା, ସନ୍ଧ୍ୟା ୬ ଘଣ୍ଟାରେ ସନ୍ଧ୍ୟା ଆଳତି ଓ ରାତ୍ର ୯ ଘଣ୍ଟାରେ ବଡ଼ସିଂହାର ଧୂପଭୋଗ କରାଯାଏ । ଦୈନନ୍ଦିନ ନୀତି ନିମିତ୍ତ ଚାଉଳ ୩୫ କିଲୋ । ଦେଶୀଘିଅ ଅଧା କିଲୋ, ଚିନି ଅଧ କିଲୋ ଓ ଆନୁସଙ୍ଗିକ ବିରି, ପନିପରିବା, ଗୁଡ଼, କ୍ଷୀର, ଦହି ଇତ୍ୟାଦି ଖର୍ଚ୍ଚ ହୁଏ । ଏସବୁ ନୀତିର ସୁପରିଚାଳନା ନିମିତ୍ତ କପିଳାସ ପୀଠରେ ଜଣେ ଜିମାଦାର, ଦେଓଗାଁରେ ଜଣେ ଜିମାଦାର, ୨ଜଣ ଟହଲିଆ ଓ ଅନେକ ସେବାୟତ ସେବାପୂଜାରେ ଅହରହ ସମ୍ପୃକ୍ତ । ଦୈନିକ ନୀତି ବ୍ୟତୀତ କପିଳାସରେ ପାର୍ବତୀଙ୍କର ଷୋଡ଼ଶଦିନାତ୍ମକ ବିଶେଷ ଶାରଦୀୟ ଦୁର୍ଗୋତ୍ସବ ଓ ଶିବରାତ୍ରି ପ୍ରଧାନ । ଶାରଦୀୟ ଦୁର୍ଗୋତ୍ସବରେ ମୂଳାଷ୍ଟମୀଠାରୁ ଦୁର୍ଗାଷ୍ଟମୀ ପର୍ଯ୍ୟନ୍ତ ପ୍ରତ୍ୟହ ଷୋଡ଼ଶୋପଚାରୋକ୍ତ ବିଧିରେ ପୂଜା ଅନୁଷ୍ଠିତ ହୋଇ ଚଣ୍ଡୀପାଠ, ହୋମ, ତର୍ପଣ ଓ ବଳୀଦାନ ପ୍ରଭୃତି ବିଶ୍ୱମଙ୍ଗଳ ଉଦ୍ଦେଶ୍ୟରେ କରାଯାଏ ।

ଶିବରାତ୍ରି ଦିନ କପିଳାସର ଜାଗରଯାତ୍ରା ଦର୍ଶନାର୍ଥେ ଲକ୍ଷାଧିକ ଯାତ୍ରୀ ଏକତ୍ରିତ ହୁଅନ୍ତି । ଫାଲଗୁନ କୃଷ୍ଣ ଚତୁର୍ଦ୍ଦଶୀରେ ଦୈନିକ ନୀତି ପରେ ସନ୍ଧ୍ୟା ଆଳତିର ଅବ୍ୟବହିତ ପରେ ଶିବରାତ୍ରି ପୂଜା ଆରମ୍ଭ ହୁଏ ।ମନ୍ଦିର ପ୍ରାଙ୍ଗଣ ଓ ଚତୁଃପାର୍ଶ୍ୱ ଶଙ୍ଖ, ଘଣ୍ଟା, ଘଣ୍ଟ ଓ କାହାଳୀ ଆଦି ନାଦରେ ମୁଖରିତ ହେବା ସଙ୍ଗେ ସଙ୍ଗେ ନୀଳାକାଶରେ ଅସଂଖ୍ୟ ତାରକା ସଦୃଶ ଦୀପାବଳୀ ଜଳିଉଠେ । ମନ୍ଦିରରେ ପଣ୍ଡାପୁରୋଧା ଶ୍ରୀଚନ୍ଦ୍ରଶେଖରଙ୍କର ପ୍ରସିଦ୍ଧ ଶିବରାତ୍ରି ପୂଜା ଆରମ୍ଭ କରନ୍ତି । ୧୬ ଥର ଷୋଡ଼ଶ ଉପଚାର ପୂଜା ମହାସମାରୋହରେ ଅନୁଷ୍ଠିତ ହୁଏ । ଏହାପରେ ମହାରୁଦ୍ରାଭିଷେକ ଓ ଅର୍ଦ୍ଧରାତ୍ରପରେ ଚନ୍ଦ୍ରଶେଖରଙ୍କର ନାଗାଭରଣ ବେଶ ଅନୁଷ୍ଠିତ ହୁଏ । ସୁପ୍ରସିଦ୍ଧ ନାଗାଭରଣ ବେଶରେ ଗୋଟିଏ କଳାରେଶମୀ ମେଖଳା ଶିବଲିଙ୍ଗ ଉପରେ ଆଚ୍ଛାଦିତ କରାଯାଏ ଏବଂ ଏହା ଉପରେ ପଞ୍ଚବସ୍ତ୍ର ମଣ୍ଡିତ ଉଷ୍ଣୀଷାକୃତି କୋଷାଭରଣ ଶିବଲିଙ୍ଗ ଉପରେ ସ୍ଥାପନ ପୂର୍ବକ ସ୍ୱର୍ଣ୍ଣ ଓ ରୌପ୍ୟ ନିର୍ମିତ ନାଗବେଷ୍ଟନୀ ରଖାଯାଏ । ତହିଁ ଉପରେ ଶିବପ୍ରିୟ ସ୍ୱର୍ଣ୍ଣନିର୍ମିତ ଧୂତୁରା, ବେଲପତ୍ରୀ, ଚମ୍ପକ ପ୍ରଭୃତି ଖଞ୍ଜାଯାଏ । ପଞ୍ଚବକ୍ତ୍ର ଉପରେ ସ୍ୱର୍ଣ୍ଣ ନିର୍ମିତ ଦ୍ୱିତୀୟା ଚନ୍ଦ୍ର ଖଞ୍ଜାଯାଏ । ଏହି ସମୟରେ ମଧ୍ୟ ପାର୍ବତୀଙ୍କୁ ସ୍ୱର୍ଣ୍ଣକିରୀଟୀ, ସ୍ୱର୍ଣ୍ଣ ପଦ୍ମମାଳ, ସ୍ୱର୍ଣ୍ଣ ମୁକ୍ତମାଳ, ସ୍ୱର୍ଣ୍ଣ ନାକ, ସ୍ୱର୍ଣ୍ଣ ନୂପୁର ପ୍ରଭୃତିରେ ଭୂଷିତ କରାଯାଏ । କେତକୀ ଫୁଲ ଅଭିଶାପ ଗ୍ରସ୍ତ ହେଲେ ହେଁ କେବଳ ଏହିଦିନ ଶିବଙ୍କ ନାଗାଭରଣ ବେଶରେ ଲାଗିହୁଏ । ଏହି ପ୍ରସିଦ୍ଧ ନାଗାଭରଣ ବେଶ ଦର୍ଶନ କରିବାକୁ ହଜାର ହଜାର ଯାତ୍ରୀ ଉତ୍‌କଣ୍ଠିତ ଚିତ୍ତରେ ହରିବୋଲ, ହୁଳହୁଳି ଧ୍ୱନି ସହିତ ଅପେକ୍ଷା କରିଥାନ୍ତି । ଏହି ବେଶ କପିଳାସର ବିଶେଷତ୍ୱ । ଅତଃପର ହରିହର ଭେଟ ଓ ତିନିଥର ମନ୍ଦିର ପରିକ୍ରମା ପରେ ମହାଦୀପ ମନ୍ଦିର ଉର୍ଦ୍ଧ୍ୱକୁ ଉଠେ । ସମବେତ ନରନାରୀଙ୍କ ଜୟ ଜୟ ଶମ୍ଭୁ ଧ୍ୱନିରେ ଗଗନ ପବନ ମୁଖରିତ ହୁଏ । ମହାଦୀପ ଉଠିଲାପରେ ଠାକୁରଙ୍କ ଯୋଗୀବେଶ ହୁଏ । ପାରମ୍ପରିକ ରୀତିରେ ନାଥ ସମ୍ପ୍ରଦାୟର ଯୋଗୀମହନ୍ତମାନେ ବମ୍ବୁ ଦକ୍ଷିଣାବର୍ତ୍ତି ଶଙ୍ଖ, ବୀରକାହାଳୀ ଇତ୍ୟାଦି ବଜାଇ ଠାକୁରଙ୍କ ଯୋଗନିଦ୍ରା ଭଙ୍ଗ କରିଥାନ୍ତି ।

ଶ୍ରୀ ଚନ୍ଦ୍ରଶେଖର ଓ ଶ୍ରୀ ନାରାୟଣଙ୍କ ସ୍ଥାବରାବସ୍ଥାବର ସମ୍ପତ୍ତି ମଧ୍ୟରେ ନିଜିସ୍ୱଷ ସ୍ୱରିଗୋଟି ଖମାରରେ ପ୍ରାୟ ୨୦୦ ଏକର କୃଷି ଉପଯୋଗୀ ଜମି, ୧,୦୦୦ ଏକର ପରିମିତ କାଜୁ ବଗିଚା ଓ ୪,୦୦୦ ଏକରରୁ ଉର୍ଦ୍ଧ୍ୱ ପତିତ ଓ ଟାଙ୍ଗରା ଜମି ରହିଅଛି । ବାର୍ଷିକ ଏଥିରୁ ପ୍ରାୟ ୭,୫୦୦୦୦ ଟଙ୍କା ଆୟ ହୁଏ । ବଜେଟ ଅନୁସାରେ ବାର୍ଷିକ ବ୍ୟୟ ନିର୍ବାହ କରାଯାଏ ଓ ବଳକା ଆୟ ଉନ୍ନତିକର କାର୍ଯ୍ୟରେ ଖର୍ଚ୍ଚ ହୁଏ । ବର୍ତ୍ତମାନ ପୂର୍ତ୍ତବିଭାଗ ଦ୍ୱାରା ଠାକୁରଙ୍କର ଭୋଗମଣ୍ଡପ ନିର୍ମାଣ କରାଯାଉଅଛି ଓ ଏ ଅବଧି ୬,୩୧,୩୭୬–୮୫ ଟଙ୍କା ନିର୍ମାଣ ବ୍ୟୟ ବାବଦରେ ଦେବୋତ୍ତର ବିଭାଗ ପୂର୍ତ୍ତ ବିଭାଗକୁ ନେଇଅଛି । ପର୍ଯ୍ୟଟନ ବିଭାଗ ମଧ୍ୟ ପର୍ବତର ପାଦଦେଶରେ ଗୋଟିଏ ପର୍ଯ୍ୟଟନ ବଙ୍ଗଳା ନିର୍ମାଣ କରୁଛନ୍ତି ।

କପିଳାସ ଏକ ପ୍ରସିଦ୍ଧ ତୀର୍ଥସ୍ଥାନ, ପର୍ଯ୍ୟଟନ କ୍ଷେତ୍ର, ସ୍ୱାସ୍ଥ୍ୟ ତଥା ଶୈଳନିବାସ, ସୁପରିକଳ୍ପିତ ଯୋଜନା ଦ୍ୱାରା ଏହି ପୀଠସ୍ଥଳୀର ସୌନ୍ଦର୍ଯ୍ୟ ତଥା ଉନ୍ନତି ହେବ ବୋଲି ଆଶା କରାଯାଏ ।

ଶିବପାର୍ବତୀ ହେଉଛନ୍ତି ଆମ ସମସ୍ତଙ୍କ ଦାମ୍ପତ୍ୟ ଜୀବନର ଆଦର୍ଶ । ବିଜ୍ଞ ପଣ୍ଡିତବୃନ୍ଦ ହରପାର୍ବତୀଙ୍କ ହାସ୍ୟରସ୍ୟ ବିନୋଦ ପୂର୍ଣ୍ଣ ପାରିବାରିକ କଳହ ଚିତ୍ର ସମ୍ବଳିତ ଶ୍ଳୋକ ମାଧ୍ୟମରେ ତାଙ୍କର ଆଶୀର୍ବାଦ କାମନା କରନ୍ତି ।

"କସ୍ତ୍ୱଂ ଶୂଳୀ, ମୃଗୟ ଭିଷଜ,
ନୀଳକଣ୍ଠୋ ପ୍ରିୟେଽହମ୍ ।
କେକାରବକୁରୁ ପଶୁପତେଽହଂ
ନୈବ ଦୃଷ୍ଟଂ ବିଷାଣମ୍ ।
ସ୍ଥାଣୋ ମୁଗ୍‌ଧେ, ନବଦତି ତରୁଃ
ଜୀବିତେଶ ଶିବାୟାମ୍ ।
ଗଚ୍ଛାଟବ୍ୟାଂ ପ୍ରତିବଚନ ଜଡଂ
ପାତୁବଃ ଚନ୍ଦ୍ରଚୂଡଃ ।"

ଶିବଙ୍କ ସହ ପାର୍ବତୀଙ୍କ କଳହ ପରେ ଶିବ ପ୍ରସ୍ଥାନ କରିଥାନ୍ତି ଓ ଅର୍ଦ୍ଧରାତ୍ରିରେ ପ୍ରତ୍ୟାବର୍ତ୍ତନ ସମୟରେ କପାଟସ୍ଥିତ ରନ୍ଧ୍ର (ଜଳାକବାଟୀ) ମଧ୍ୟଦେଇ ପାର୍ବତୀ ତାଙ୍କୁ ଦେଖି ପଚାରିଛନ୍ତି :–

କଃ ତ୍ୱଂ (କସ୍ତ୍ୱଂ), ଅର୍ଥାତ ଆପଣ କିଏ ? ଶିବ ଉତ୍ତର ଦେଇଛନ୍ତି 'ଅହଂଶୂଳୀ' । ଅର୍ଥାତ୍ ମୁଁ ଶୂଳୀ ଅଟେ । ଶୂଳୀ

ଦ୍ୱିତ୍ୱାର୍ଥ ବୋଧକ । ଶୂଳୀ ପେଟରୋଗୀକୁ ଓ ତ୍ରିଶୂଳଧାରୀ ଶିବଙ୍କୁ ବୁଝାଏ । ପାର୍ବତୀ ଶୂଳରୋଗୀ ହିସାବରେ ଗ୍ରହଣ କରି ଉତ୍ତର ଦେଇଥିଲେ "ଅର୍ଥାତ୍ ଭିଷକ ବୈଦ୍ୟ ଓ ପ୍ରୀଗସ୍ୱ ଖୋଜିନ୍ତ ବା ବୈଦ୍ୟଙ୍କୁ ଖୋଜନ୍ତୁ । ଶିବ ତତ୍‌ପରେ କହିଥିଲେ "ହେ ପ୍ରିୟେ, ଅହଂ ନୀଳକଣ୍ଠଃ" । ନୀଳକଣ୍ଠ ଦ୍ୱିତ୍ୱାର୍ଥ ବୋଧକ । ଶିବ ଗରଳ ପାନ କର କଣ୍ଠ ନୀଳ କରିଥିବାରୁ ତାଙ୍କୁ ନୀଳକଣ୍ଠ ବୁହାଯାଏ ଏବଂ ମୟୂରଙ୍କୁ ମଧ୍ୟ ନୀଳକଣ୍ଠ ବୁହାଯାଏ । ଏଠାରେ ପାର୍ବତୀ ମୟୂର ହିସାବରେ ଗ୍ରହଣ କରି କହିଚନ୍ତି, "କେକାରବଙ୍କୁରୁ" ଅର୍ଥାତ୍ ମୟୁର କେକାରବ କଲା ସଦୃଶ ଆପଣ କେକାରବ କରନ୍ତୁ । ଅତଃ ପର ଶିବ କହିଚନ୍ତି "ଅହଂ ପଶୁପତି" । ଅର୍ଥାତ୍ ମୁଁ ପଶୁପତି ଅଟେ । ପଶୁପତି ଶିବଙ୍କୁ ବୁଝାଏ ଏବଂ ବୃଷଭଙ୍କୁ ମଧ୍ୟ ବୁଝାଏ । ପାର୍ବତୀ ଶିବଙ୍କୁ ବୃଷଭ ରୂପରେ ଗ୍ରହଣ କରି କହିଛନ୍ତି । "ନୈବ ଦୃଷ୍ଟଂ ବିଷାଣମ୍" । ଅର୍ଥାତ୍ "କାହିଁ ମୁଁ ତ ସିଙ୍ଗ ଦୁଇଟି ଦେଖିପାରିନାହିଁ ।" ଉତ୍ତରରେ ଶିବ କହିଛନ୍ତି ତେବେ "ସ୍ଥାଣୋ ମୁଗ୍ଧେ" । ହେ ମୁଗ୍ଧେ ମୁଁ ସ୍ଥାଣୁ ଅଟେ । ଅର୍ଥାତ୍ ସ୍ଥାଣୁ ଦ୍ୱୈତାର୍ଥ ବୋଧକ । ସ୍ଥାଣୁ ଶିବଲିଙ୍ଗକୁ ବୁଝାଏ ଏବଂ ବୃକ୍ଷକୁ ବୁଝାଏ । ପାର୍ବତୀ ବୃକ୍ଷରୂପରେ ଗ୍ରହଣ କରି କହିଛନ୍ତି "ନ ବଦତି ତରୁଃ" । ବୃକ୍ଷତ କେବେ କଥା କହେ ନାହିଁ । ଆପଣ କଥା କହୁଛନ୍ତି କିପରି ? ଶିବ ଅନନ୍ୟୋପାଯ ହୋଇ କହିଛନ୍ତି "ଜୀବିତେଶ ଶିବାୟଂ" ଅର୍ଥାତ୍ ଶିବା ପାର୍ବତୀଙ୍କୁ ବୁଝାଏ ଓ ଶୃଗାଳକୁ ମଧ୍ୟ ବୁଝାଏ । ମୁଁ ଶିବା ଅର୍ଥାତ୍ ପାର୍ବତୀଙ୍କ ଜୀବିତେଶ ବା ସ୍ୱାମୀ ଅଟେ । ପାର୍ବତୀ ଶିବା ଅର୍ଥ ଶୃଗାଳ ଭାବରେ ଗ୍ରହଣ କରି କହିଛନ୍ତି, "ଗଚ୍ଛାଟବ୍ୟାଂ" ଅର୍ଥାତ୍ ଅଟବ୍ୟାଂଗଚ୍ଛ ବା ଆପଣ ଜଙ୍ଗଲକୁ ଯାଆନ୍ତୁ । ଏଠାରୁ କାହିଁକି ଆସିଛନ୍ତି । ଏହିପରି "ପ୍ରତିବଚନ ଜଡ଼ଂ" ବଦ ପାଳଟି ଯାଇଥିବା "ଶ୍ରେହୂତଶିବପାତୁବଃ" ଅର୍ଥାତ ଆପଣମାନଙ୍କୁ ଓ ଆସନ୍ତୁ ଏହି ଜଗତକୁ ପାଳନ କରନ୍ତୁ ।

**ସହାୟକ ଗ୍ରନ୍ଥସୂଚୀ :—**


(୧) ଢେଙ୍କାନାଳ ଇତିହାସ

(୨) Orissa History By Hunter

(୩) Orissa History By Sterling

(୪) Orissa Historical Reasearch By P. Acharya.

(୫) କପିଳ ସଂହିତା

(୬) ଶମ୍ଭୁକ୍ଷେତ୍ର କପିଳାସ ଓ ଶୀଧର ସ୍ୱାମୀ—By S. P. Singh Deo.

(୭) ଦେବୋତ୍ତର କାର୍ଯ୍ୟାଳୟରୁ ପ୍ରାପ୍ତ ନଥି ଓ ଅଭିଲେଖ ।

(୮) କପିଳାସ ଦର୍ଦ୍ଧନଗତି

(୯) ପାର୍ବତୀ—ରାଧାନାଥ ରାୟ


ଦେବୋତ୍ତର ଅଫିସର, ଢେଙ୍କାନାଳ ।



ସ: ଲି: ଓଡ଼ିଶା ଦ୍ୱାରା ମଞ୍ଚସ୍ଥ ନାଟକ "ରାଜାଘର କଥା"ର ସଫଳ ନିର୍ଦ୍ଦେଶନା ପାଇଁ ନିର୍ଦ୍ଦେଶକ ଶ୍ରୀ ରାଇଚରଣ ଦାସ ସଂସ୍କୃତି ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ।



# ଜାତି ପ୍ରେମ ବହ୍ନି

ଶ୍ରୀ ବରଦା ପ୍ରସନ୍ନ ଦାସ

ଜାତି ଇତିହାସ ଜାତିର ନଝର
ତହିଁ ବହେ ସଦା ଜାତି ପ୍ରାଣଧାର,
ସେ ଧାରରୁ ନୀର ପିଉଛି ଯେ ନର
ନିଶ୍ଚୟ ହେବ ସେ ଜାତି କର୍ମବୀର" ।
—ଉତ୍କଳ ଗୌରବ ମଧୁସୂଦନ

ଦେଶ ସ୍ୱନାମଧନ୍ୟ ଜାତୀୟବାଦୀ ଜନନାୟକ ଜାତୀୟତା ବୋଧରେ ଉଦ୍‌ବୁଦ୍ଧ ହୋଇ ଓଡ଼ିଶାର ସ୍ୱତନ୍ତ୍ରତା, ଓଡ଼ିଆ ଭାଷାର ମର୍ଯ୍ୟାଦା, ଓଡ଼ିଆ ସଂସ୍କୃତିର ସୁରକ୍ଷା ତଥା ଓଡ଼ିଶାର ସର୍ବାଙ୍ଗୀନ ବିକାଶ ପାଇଁ "ଉତ୍କଳ ସମ୍ମିଳନୀ" ନାମରେ ଏକ ଅଣ ରାଜନୈତିକ ଅନୁଷ୍ଠାନ ପ୍ରତିଷ୍ଠା କରି ଏହି ମାଧ୍ୟମରେ ୧୯୦୩ରୁ ୧୯୩୬ ପର୍ଯ୍ୟନ୍ତ ଦୀର୍ଘ ୩୩ ବର୍ଷର ସଂଗ୍ରାମ ଦ୍ୱାରା ଏପ୍ରିଲ୍ ୧ ତାରିଖ ଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ପରିଗଣିତ ହେବାର ଗୌରବ ଲାଭ କରିପାରିଛି । ସେହି ସଂଗ୍ରାମୀମାନଙ୍କ ମଧ୍ୟରେ ଉତ୍କଳ ଗୌରବ ମଧୁସୂଦନ, ଉତ୍କଳମଣି ଗୋପବନ୍ଧୁ, ବ୍ୟାସକବି ଫକୀର ମୋହନ, ସ୍ୱଭାବ କବି ଗଙ୍ଗାଧର, ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଖଲ୍ଲିକୋଟ ରାଜାସାହେବ ହରିହର ମର୍ଦ୍ଦରାଜ ଏବଂ ରାମଚନ୍ଦ୍ର ମର୍ଦ୍ଦରାଜ ଆଦି ଅଗ୍ରଗଣ୍ୟ ଓ ସେମାନଙ୍କର ଦାନ ଓଡ଼ିଶା ବା ଉତ୍କଳ ଇତିହାସରେ ଅବିସ୍ମରଣୀୟ । ଏହି ଦିନଟିକୁ "ଉତ୍କଳ ଦିବସ" ରୂପେ ସର୍ବତ୍ର ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ ସଭା ଓ ସମିତି ମାଧ୍ୟମରେ ପାଳନ କରାଯାଏ ଏବଂ ପୂର୍ବ ସୂରୀମାନଙ୍କ ସ୍ମୃତି ସ୍ମରଣ କରିବା ସଙ୍ଗେ ସଙ୍ଗେ ସେମାନଙ୍କର ଜାତିପ୍ରେମ, ବିଚ୍ଛିନ୍ନାଞ୍ଚଳ ଓଡ଼ିଆଙ୍କ ସମସ୍ୟା, ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ଆଦି ସମ୍ପର୍କରେ ଆଲୋକ ପାତ କରାଯାଇଥାଏ ।

ଜାତୀୟ ଜୀବନର ଉନ୍ମେଷ ପାଇଁ ମଧୁସୂଦନ ଦାସଙ୍କ ଲେଖନୀରୁ ଝଙ୍କୃତ ହୋଇଥିଲା ;—
"ନିଜର ଜୀବନ
ଜାତିକୁ ଅର୍ପଣ
ଜାତୀୟ ଜୀବନ କଲେ ମିଳେ ଜାତି ପ୍ରାଣ
ନମିଳିବ କଲେ
ହାଟେ ବାଟେ ଅନ୍ୱେଷଣ"

ଜାତୀୟ ଅଗ୍ରଗତିରେ ମାତୃଭାଷା ଓ ସାହିତ୍ୟର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଜାତି ତା'ର ଭାଷାକୁ ନେଇ ପରିଚିତ । ଯେଉଁ ଜାତିର ଭାଷା ଯେତେ ଉନ୍ନତ, ସେ ଜାତି ସେତେ ଉନ୍ନତ । ପ୍ରତ୍ୟେକ ଜାତି ତା'ର ଭାଷା ଓ ସାହିତ୍ୟକୁ ନେଇ ଗର୍ବ କରେ । ଏକଦା ଉତ୍କଳମଣି ଗୋପବନ୍ଧୁ ଦାଶ ମାତୃଭାଷାରେ ଶିକ୍ଷାଦାନର ଗୁରୁତ୍ୱକୁ ଉପଲବ୍ଧି କରି ଲେଖିଥିଲେ—'ଯେ କୌଣସି ଜାତିର ଶିକ୍ଷା ସେହି ଜାତିର ନିଜ ଭାଷାରେ ନ ହେବା ଯାଏ ତାହା ଜାତୀୟ ଭାଷା ନୁହେଁ । ଭାଷା ଭାବ ପ୍ରକାଶର ଉପାୟ ମାତ୍ର ସତ, କିନ୍ତୁ ଯେଉଁ ଭାଷା ମନୁଷ୍ୟର ନିଜ ଭାଷା, ଯେଉଁ ଭାଷାର ବେଷ୍ଟନୀ ମଧ୍ୟରେ ସେ ଜନ୍ମ ଦିନୁ ଲାଳିତ ପାଳିତ, ସେ ଭାଷାର ଭାବ ଯେପରି ସୁବୋଧ ହୁଏ । ଅନ୍ୟ ଭାଷାରେ ସେପରି ହୁଏ ନାହିଁ । ନିଜ ଭାଷାରେ ଉନ୍ନତ ଜ୍ଞାନ ଲାଭ କଲା ପରେ ବିଦେଶୀୟ ଭାଷା ପଢ଼ି ଭାବବୋଧ କରିବା ଅପେକ୍ଷାକୃତ ସହଜ । ମାନବର ମନୋବୃତ୍ତି ବିକାଶ ନିମନ୍ତେ ଜ୍ଞାନ ଲାଭର ଏହା ହେଉଛି ନୈସର୍ଗିକ ପନ୍ଥା । ଯେ କୌଣସି କ୍ଷେତ୍ରରୁ ବିଚାର କଲେ ମାତୃଭାଷା ଶିକ୍ଷାର ପ୍ରୟୋଜନୀୟତା ଅପରିହାର୍ଯ୍ୟ ।

"ଓଡ଼ିଆ ଭାଷା ଆଇନ୍" ୧୯୫୪ ମସିହାରେ ବିଧାନ ସଭାରେ ଗୃହୀତ ହୋଇଥିଲା । ୧୯୮୫ ମସିହା ଏପ୍ରିଲ ୧ ତାରିଖଠାରୁ ଓଡ଼ିଶାର ସମସ୍ତ ରାଜ୍ୟ ସରକାରୀ କାର୍ଯ୍ୟାଳୟମାନଙ୍କରେ ବାଧ୍ୟତାମୂଳକ ଭାବେ ଓଡ଼ିଆ ଭାଷା ପ୍ରଚଳନ କରିବା ନିମନ୍ତେ ସିଦ୍ଧାନ୍ତ ନିଆଯାଇ ସରକାରୀ ନିର୍ଦ୍ଦେଶନାମା ପଠାଯାଇଛି ଓ କ୍ରମେ କାର୍ଯ୍ୟକାରୀ ହେଉଛି । ମାତ୍ର ଦେଖା ଯାଉଛି ଓଡ଼ିଶାରେ ଆଜିକାଲି ଅଭିଭାବକମାନେ ସେମାନଙ୍କ ପିଲାମାନଙ୍କୁ ଓଡ଼ିଆରେ ଶିକ୍ଷାଦାନ ପରିବର୍ତ୍ତେ ଇଂରାଜୀରେ ଶିକ୍ଷାଦାନ ନିମନ୍ତେ ଅଧିକ ଆଗ୍ରହ ପ୍ରକାଶ କରୁଛନ୍ତି । ଯେପରି ଓଡ଼ିଆ ଭାଷାରେ ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀମାନେ ଇଂରାଜୀ ମାଧ୍ୟମରେ ପଢୁଥିବା ଛାତ୍ରଛାତ୍ରୀଙ୍କ ସମକକ୍ଷ ହୋଇପାରିବେ ନାହିଁ । ସେହିପରି ଓଡ଼ିଆ ଭାଷା ସହ ସାହିତ୍ୟ କଥା ବିଚାର କରାଯାଉ । ସମାଜର ଅନ୍ତର୍ନିହିତ ଚେତନାକୁ ସାହିତ୍ୟ ଦ୍ୱାରା ହିଁ ପ୍ରକାଶ କରାଯାଇଥାଏ । ମଣିଷର ମାନସିକ ଶକ୍ତିର ବିକାଶ ପାଇଁ ସାହିତ୍ୟ ଏକାନ୍ତ ଆବଶ୍ୟକ । ଆଧୁନିକ ସମାଜର ସମସ୍ତ ଚିତ୍ର ସାହିତ୍ୟ ମାଧ୍ୟମରେ ପ୍ରକାଶ ପାଉଛି । ବ୍ୟକ୍ତିର ହୃଦୟରେ ସମ୍ପ୍ରୀତି ସ୍ଥାପନ କରିବା, ପ୍ରେରଣା ଦେବା, ନ୍ୟାୟ ଓ ଅନ୍ୟାୟର ବିଚାର କରିବା ପାଇଁ ସାହିତ୍ୟର ଭୂମିକା ଅନବଦ୍ୟ । ବିଜ୍ଞାନ ମଣିଷର ଜ୍ଞାନକୁ ବୃଦ୍ଧି କରେ । ଇତିହାସ ବ୍ୟକ୍ତିକୁ ଅତୀତର କାର୍ଯ୍ୟକରଣ ହେତୁ ସମନ୍ୱିତ କାଳକ୍ରମିକ ବିବରଣୀ ପ୍ରଦାନ କରେ । ଦର୍ଶନ ସୃଷ୍ଟି ରହସ୍ୟ ସମ୍ବନ୍ଧରେ ସୂଚନା ଦିଏ । ଅର୍ଥନୀତି ଦୈନନ୍ଦିନ ଜୀବନର ଅର୍ଥନୈତିକ ସମସ୍ୟା ସମ୍ବନ୍ଧରେ ଜ୍ଞାନ ସୃଷ୍ଟି କରେ । ଆଇନ୍ ଓ ରାଜନୀତି ବିଜ୍ଞାନ ନିୟମ କାନୁନ୍ ସମ୍ବିଧାନ ତଥା ରାଜନୀତି ସମ୍ପର୍କରେ ଧାରଣା ଦିଏ । ଗଣିତ ହିସାବ ବୁଦ୍ଧିକୁ ମାର୍ଜିତ କରେ । ମନସ୍ତତ୍ତ୍ୱ ମଣିଷ ମନର ବିଭିନ୍ନ ଚିନ୍ତାଧାରା ସମ୍ବନ୍ଧରେ ସୂଚନା ଦିଏ । ମାତ୍ର ସାହିତ୍ୟ ସମସ୍ତ ଭାବଧାରାକୁ ନିଜ ଭିତରେ ରଖି ସତ୍ୟକୁ ପରିବେଷଣ କରେ । ସେ ବ୍ୟକ୍ତିକୁ ଆନନ୍ଦ ପ୍ରଦାନ କରେ । ଅନ୍ୟାନ୍ୟ ବିଷୟର ଅଧ୍ୟାପନା ଓ ଅନୁଶୀଳନ ଅପେକ୍ଷା ମାତୃଭାଷା ଓ ସାହିତ୍ୟ ଅନୁଶୀଳନର ଏକ ସ୍ୱତନ୍ତ୍ର ତାତ୍ପର୍ଯ୍ୟ ରହିଛି ।

ସଂସ୍କୃତି କଥା । ସଂସ୍କୃତିର ପ୍ରସ୍ତର ସ୍ଖଳିଛି ସତ । ମାତ୍ର ତା' ସଙ୍ଗେ ଅପ ସଂସ୍କୃତିର କିପରି ପ୍ରସାର ଘଟୁଛି । ତାହାହିଁ ଆଜି ବିଚାର୍ଯ୍ୟ । ସଂସ୍କୃତି ରକ୍ଷା ନାମରେ ଅଧିକାଂଶ ସାହି, ବସ୍ତି, କ୍ଲବ ଓ ସାଂସ୍କୃତିକ ଅନୁଷ୍ଠାନରେ ବିଭିନ୍ନ ଦେବା ଦେବୀ ପୂଜାର୍ଚ୍ଚନା ସମୟରେ ଭଜନ ବା ଭକ୍ତି ମୂଳକ ସଙ୍ଗୀତ ଗାନ ପରିବର୍ତ୍ତେ ଅଧିକାଂଶ ସ୍ଥାନରେ ରେକର୍ଡ଼ ଯୋଗେ ହିନ୍ଦୀ ପ୍ରେମଗୀତ ସାଙ୍ଗକୁ ଡିସ୍କୋ ନୃତ୍ୟ ପରିବେଷଣ କରିବାକୁ କୁଣ୍ଠାବୋଧ କରୁନାହାନ୍ତି । ମେଢ଼ ବିସର୍ଜନ ନିମନ୍ତେ ଶୋଭାଯାତ୍ରା ସମୟରେ ଅନେକେ ନିଶାପାନ କରି ମଉଜିଆମାନଙ୍କର ଶସ୍ତା ହିନ୍ଦୀ ଗୀତ ସହ ତାଳ ଓ ବେତାଳ ମାତାଲ ନୃତ୍ୟ କରିବାରେ ଆନନ୍ଦ ଉପଭୋଗ କରିଥାନ୍ତି । ସେହିଭଳି ଶୁଭ କାର୍ଯ୍ୟ ବୋଲି କୁହା ଯାଉଥିବା, ବିବାହ ସମୟରେ କେତେକ ସ୍ଥଳରେ ବରଯାତ୍ରୀ ଦଳରେ ମଦ୍ୟପାନ କରି ଲଜ୍ଜାହୀନ ଭାବେ ପାଶ୍ଚାତ୍ୟ ଢଙ୍ଗରେ ନାଚ କରି ଅଶୋଭନୀୟ ଆଚରଣ ତଥା ଟ୍ୟୁବ୍ ଲାଇଟ୍ ଭଙ୍ଗାରୁଜା, ଫୋପଡ଼ା କଚଡ଼ା, ଝଗଡ଼ା, ମାରପିଟ୍ ଆଦି କୁଆଡ଼େ ମାମୁଲି କଥାରେ ପରିଣତ ହେଲାଣି । ଏ ସବୁ ଅପସଂସ୍କୃତିକୁ ରୋକିବା ଦିଗରେ ଜନସାଧାରଣ ତଥା ମୁରବୀମାନେ ସଚେତନ ହୋଇ ବିହିତ ପଦକ୍ଷେପ ନେବା ନିହାତି ଆବଶ୍ୟକ ।

ଶେଷରେ ଓଡ଼ିଶାର ସର୍ବାଙ୍ଗୀନ ବିକାଶ କଥା । ସେଥିପାଇଁ ସରକାର ସତ୍ ଚେଷ୍ଟିତ । ମାତ୍ର କେତେକ ସ୍ୱାର୍ଥପର ଚାଟୁକାର ଗୋଷ୍ଠୀ ବିଭିନ୍ନ ସେବା ନାମରେ ନେବା ଓ ତ୍ୟାଗ ନାମରେ ଭୋଗ କରିବା ନୀତିଆଦି ସ୍ଖଳୁ ରଖିଛନ୍ତି । ସେମାନଙ୍କ ପ୍ରତି ସମସ୍ତେ ସତର୍କ ରହି ଏ ଦିଗରେ ଜନସାଧାରଣ ସରକାରଙ୍କୁ ସହଯୋଗ କରିବା ଅତ୍ୟାବଶ୍ୟକ ହୋଇପଡ଼ିଛି । ସେଇ ସ୍ୱାର୍ଥନ୍ୱେଷୀ ବ୍ୟକ୍ତିଙ୍କୁ ଦୃଷ୍ଟିରେ ରଖି ମଧୁସୂଦନ ଦାସ ଲେଖିଥିଲେ–

"ଜାତିର ଉନ୍ନତି ସେ କାହିଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ
ଶାଗୁଣା ବିଲୁଆ ଚିକିତ୍ସକ ହେଲେ
ଶବକି ପାଇବ ପ୍ରାଣ"

ଅତଏବ୍ ଆସନ୍ତୁ ଉତ୍କଳ ଦିବସରେ ପୂର୍ବ ଜାତୀୟତାବାଦୀ ମନିଷୀମାନଙ୍କର ବାଣୀକୁ ସ୍ମରଣ କରି ଜାତୀୟତାର ମହାସ୍ରୋତରେ ନିଜକୁ ସାମିଲ କରିବା ଏବଂ ଦେଶର ଅଖଣ୍ଡତା, ନିରାପତ୍ତା, ବିକାଶ, ମାତୃଭାଷା ଓ ସାହିତ୍ୟର ଉନ୍ନତି ବିଧାନ, ବିଚ୍ଛିନ୍ନାଞ୍ଚଳ ଓଡ଼ିଆ ଭାଷାଭାଷୀଙ୍କର ସମସ୍ୟା ଆଦି ସମ୍ପର୍କରେ ଚିନ୍ତା କରି ଏକତାବଦ୍ଧ ଭାବେ କିଞ୍ଚିତ କାର୍ଯ୍ୟକଲେ ତାହାହିଁ ହେବ ସ୍ୱର୍ଗତ ସେଇ ମହାନ ପୂର୍ବସୁରୀମାନଙ୍କ ପ୍ରତି ସମ୍ମାନ ଓ ଶ୍ରଦ୍ଧାଞ୍ଜଳୀ । ଏଇ ଅବକାଶରେ ମନେ ପଡ଼େ ମଧୁବାବୁଙ୍କ ସେଇ ପଦଟି :–

"ଜାତି ପ୍ରେମ ବହ୍ନି
ପ୍ରଜ୍ୱୋଳିତ କରି
ସ୍ୱାର୍ଥକୁ ଦିଅ ଆହୁତି
ସ୍ୱାର୍ଥମେଧ ଯଜ୍ଞେ
ସ୍ଥିରିଥାଡ଼େ ନାଚ
ଛାତିକି ମିଶାଇ ଛାତି ।
"ଜୟ ଉତ୍କଳ ଜନନୀ"

କେଶରପୁର, ମହାନ୍ତିଲେନ୍
କଟକ-୧।




ଭୁବନେଶ୍ୱରଠାରେ ଅନୁଷ୍ଠିତ ନିଖିଳ ଓଡ଼ିଶା ଉର୍ଦ୍ଦୁ ଲେଖକ ସମ୍ମିଳନୀରେ ସଂସ୍କୃତି ମନ୍ତ୍ରୀ ଶ୍ରୀ ଶରତ କୁମାର କରଙ୍କ ଉଦ୍‌ବୋଧନ ୧୪/୨ ।

# ସାହିତ୍ୟାକାଶର ଗୌରବ : ପଞ୍ଚସଖା



ତପସ୍ୱିନୀ କର

ଓଡ଼ିଆ ସାହିତ୍ୟର ଭିତ୍ତି ପ୍ରସ୍ତର ସାରଳା ଯୁଗରେ ସ୍ଥାପିତ ହେଲେ ମଧ୍ୟ ଏହାର ବିକାଶ ପର୍ବ ଆରମ୍ଭ ହୁଏ ପଞ୍ଚସଖା ଯୁଗରୁ। ବୈଷ୍ଣବ ଧର୍ମ ରୂପକ ରଥକୁ ବାହି ନେବାରେ ଜଗନ୍ନାଥ ଦାସ, ବଳରାମ ଦାସ, ଯଶୋବନ୍ତ ଦାସ, ଅଚ୍ୟୁତ ଓ ଅନନ୍ତ ଦାସ ହେଉଛନ୍ତି ଜଣେ ଜଣେ ସାରଥି। ବୈଷ୍ଣବ ଧର୍ମ ଓ ଦର୍ଶନକୁ ଭିତ୍ତି କରି ପଞ୍ଚସଖା ନିଜର ସୃଜନଶୀଳ ଚିନ୍ତାଧାରାର ପରିଚୟ ଦେଇଛନ୍ତି। ଶ୍ରୀଚୈତନ୍ୟଙ୍କ ଓଡ଼ିଶା ଆଗମନ ପରେ ପରେ ବୈଷ୍ଣବ ଧର୍ମର ପ୍ରସାର ଘଟିଥିଲା ଓଡ଼ିଶାରେ। ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିଲା ବୈଷ୍ଣବ ଧର୍ମ ଓ ଦର୍ଶନ।

ପଞ୍ଚସଖା ସାହିତ୍ୟର ଆଦ୍ୟ ପାଦର କବି ହେଉଛନ୍ତି ବଳରାମ ଦାସ। ବଳରାମ ଦାସ ଏକାଧିକ ପୁସ୍ତକ ରଚନା କରିଥିଲେ। ତାଙ୍କର ଶ୍ରେଷ୍ଠ ସୃଷ୍ଟିମାନଙ୍କ ମଧ୍ୟରୁ "ଜଗମୋହନ ରାମାୟଣ" ଏକ ମହାନ ସୃଷ୍ଟି। ବାଲ୍ମୀକି ରାମାୟଣ ପରେ ଏକ ନୂଆ କଳେବର ନେଇ ମୁଣ୍ଡିଲାଉ କରିଥିଲା "ଜଗମୋହନ ରାମାୟଣ" ଯାହାକି ଓଡ଼ିଆ ସାହିତ୍ୟର ପ୍ରଥମ ରାମାୟଣ। ସାରଳା ଦାସଙ୍କ "ମହାଭାରତ" ପରେ "ଜଗମୋହନ ରାମାୟଣ" ଏକ ମହାପୁରାଣ କହିଲେ ଅତ୍ୟୁକ୍ତି ହେବ ନାହିଁ। ରାମାୟଣ ଗ୍ରନ୍ଥ ରଚନା କରି ବଳରାମ ନିଜର ପାଣ୍ଡିତ୍ୟ ଓ ଭକ୍ତି ମଣ୍ଡାର ପରିଚୟ ପ୍ରଦାନ କରିଛନ୍ତି। ନିଜର ସାହିତ୍ୟ ଭିତରେ ଓଡ଼ିଆ ସମାଜର ବିଭିନ୍ନ ସମସ୍ୟାକୁ ସେ ଜୀବନ୍ତ କରି ଗଢ଼ି ତୋଳିଛନ୍ତି। ବହୁ ସାହିତ୍ୟର ସ୍ରଷ୍ଟା ହେଲେ ମଧ୍ୟ "ଜଗମୋହନ ରାମାୟଣ" ପାଇଁ ସେ ଆଜି ଚିର ଅମର ହୋଇ ରହିଛନ୍ତି। ପଞ୍ଚସଖା ଯୁଗରେ ବ୍ରାହ୍ମଣମାନେ ନିଜକୁ ଶ୍ରେଷ୍ଠ ମନେକରି ସମାଜରେ ଯେଉଁ ଅତ୍ୟାଚାର କରି ଚାଲିଥିଲେ ତାହାର କଟୁ ସମାଲୋଚନା କରିଥିଲେ ବଳରାମ ଦାସ। ବାସ୍ତବିକ ବଳରାମ ଦାସ ଏକାଧାରରେ ସାହିତ୍ୟିକ ଓ ସମାଜ ସଂସ୍କାରକ ଥିଲେ।

ବଳରାମ ଦାସଙ୍କ ସାହିତ୍ୟ ବୀଥିକା ମଧ୍ୟରୁ ଭାବ ସମୁଦ୍ର, ବେଦାନ୍ତ ସାର ଗୁପ୍ତଗୀତା, ବିରାଟ ଗୀତା ଓ ଲକ୍ଷ୍ମୀ ପୁରାଣ କୋଟିଏ ଗୋଟିଏ ସୁବାସିତ ପୁଷ୍ପ ଅଟେ।

ପଞ୍ଚସଖା ଯୁଗର ଅନ୍ୟତମ ସାରଥି ହେଲେ ଜଗନ୍ନାଥ ଦାସ। ଓଡ଼ିଆ ସାହିତ୍ୟାକାଶର ଏକ ଉଜ୍ଜ୍ୱଳତମ ଜ୍ୟୋତିଷ୍କ ରୂପେ ଆଜି ବି ସେ ଦେଦୀପ୍ୟମାନ। ଜଗନ୍ନାଥ ଦାସ ତାଙ୍କର ଅନବଦ୍ୟ ସୃଷ୍ଟି "ଭାଗବତ" ପାଇଁ ଓଡ଼ିଶାର ପୁରପଲ୍ଲୀରେ ଆବାଳ ବୃଦ୍ଧ ବନିତା ସମସ୍ତଙ୍କ ନିକଟରେ ଶ୍ରଦ୍ଧାଭାଜନ ହୋଇ ରହିଛନ୍ତି। ଓଡ଼ିଆ ଭାଗବତ ଯେ କି ଓଡ଼ିଆ ସଂସ୍କୃତିର ମୂଳପିଣ୍ଡ, ଯାହାକୁ ଆଜି ବି ଗାଁର ଶେଷ ମୁଣ୍ଡରେ ସନ୍ଧ୍ୟା ସମୟରେ ପଠନ, ଗାୟନ କରାଯାଏ। ଭାଗବତ ଆଜି ବି ଦେବତାଙ୍କ ପରି ଠାକୁରଙ୍କ ବିମାନରେ ରହି ପୂଜିତ ହୁଏ। ପ୍ରତ୍ୟେକ ଓଡ଼ିଆ ଭାଗବତକୁ ପବିତ୍ର ଧର୍ମଗ୍ରନ୍ଥ ଗୀତା ପରି ଜ୍ଞାନ କରିଥାନ୍ତି। ଜଗନ୍ନାଥ ଦାସଙ୍କର ରଚିତ "ଭାଗବତ"ର ପ୍ରତିଟି ପଦ ଆଜି ବି ଲୋକ ମୁଖରେ ପ୍ରଚଳିତ। ସେ ସବୁ ମଧ୍ୟରୁ ଏଠାରେ କେତେକର ଦୃଷ୍ଟାନ୍ତ ଦିଆଯାଇ ପାରେ।

"ଦଣ୍ଡିବା ଶକ୍ତି ଯାର ଥାଇ, ସେ ପୁଣି କ୍ଷମା ଆଚରଇ"।
"ସର୍ପକୁ କ୍ଷୀର ଯେ ଦିଅନ୍ତି, ସର୍ପର ଘାତେ ସେ ମରନ୍ତି।"
"ଅମୃତ ବିନୟ ବଚନ, କହି ତୋଷିବ ପ୍ରାଣୀ ମନ।"
"ଆପଣା ହସ୍ତେ ଜିହ୍ୱା ଛେଦି, କେ ତାର ଅଛି ପ୍ରତିବାଦୀ।"

ଜଗନ୍ନାଥ ଦାସ ସଂସ୍କୃତ ଭାଗବତରୁ କେତେକ ତଥ୍ୟ ସଂଗ୍ରହ କରିଥିଲେ ମଧ୍ୟ ସଂସ୍କୃତ ଭାଗବତର ଅନୁବାଦ କରି ନଥିଲେ। ସରଳ, ସାବଲୀଳ ଭାଷାରେ ସୃଷ୍ଟି ହୋଇଥିବା ଭାଗବତ ଓଡ଼ିଶାର ଜନ ଜୀବନ ଉପରେ ଗଭୀର ରେଖାପାତ କରିଛି। ଭାଗବତକାର କେବଳ ଯେ ଭାଗବତ ରଚନା କରିଥିଲେ ତାହା ନୁହେଁ, ସେ ମଧ୍ୟ ତୁଳାଭିଣା, ଅର୍ଥ କୋଇଲି, ଉଷା ପରିଣୟ ଇତ୍ୟାଦି ରଚନା କରି ଏକ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ହୋଇ ପାରିଛନ୍ତି। ଉତ୍କଳ ସାହିତ୍ୟ ସରୋବରରେ ଅନ୍ୟ ଏକ ପ୍ରସ୍ଫୁଟିତ କମଳ ହେଉଛନ୍ତି ପଞ୍ଚସଖାର ସାଧକ ଅଚ୍ୟୁତାନନ୍ଦ ଦାସ। ବହୁ ଗ୍ରନ୍ଥର ପ୍ରଣେତା ଭାବରେ ଅଚ୍ୟୁତାନନ୍ଦଙ୍କର କବି ପ୍ରତିଭା ସ୍ୱାଗତଯୋଗ୍ୟ। ଜ୍ଞାନ ମିଶ୍ରା ଭକ୍ତି ମାର୍ଗର ବୈଷ୍ଣବ ଭାବରେ ସେ ଚିର ପରିଚିତ। ଜାତି, ଧର୍ମ ଅପେକ୍ଷା ମଣିଷ ଜାତି ପ୍ରତି ଅତ୍ୟନ୍ତ ସ୍ନେହ ଓ ଶ୍ରଦ୍ଧା, ସମାଜ ପ୍ରତି ଏକ ବାସ୍ତବ ମନୋବୃତ୍ତି ହେତୁ ପାଠକମାନଙ୍କ ନିକଟରେ ସେ ଏକ ଆଦରଣୀୟ ବ୍ୟକ୍ତିତ୍ୱ। ତାଙ୍କ ବିରଚିତ ଗ୍ରନ୍ଥମାନଙ୍କ ମଧ୍ୟରେ ହରିବଂଶ, ଅଣାକାର ସଂହିତା, ଗୁରୁ ଭକ୍ତିଗୀତା, ଶୂନ୍ୟ ସଂହିତା ପ୍ରଭୃତି ପ୍ରଧାନ। ଅଚ୍ୟୁତାନନ୍ଦଙ୍କ ସାହିତ୍ୟର ଏକ ବିଶେଷତ୍ୱ ହେଉଛି ବୈଷ୍ଣବ ଧର୍ମ ଦର୍ଶନର ଯୋଗମାର୍ଗ ଭାବନା ଓ ଜ୍ଞାନ ତତ୍ତ୍ୱ। ପିଣ୍ଡ ମଧ୍ୟରେ ବ୍ରହ୍ମାଣ୍ଡର ପରିକଳ୍ପନା ଓ ଶୂନ୍ୟ ପୁରୁଷଙ୍କ ବର୍ଣ୍ଣନା ଅଚ୍ୟୁତାନନ୍ଦଙ୍କ ଗ୍ରନ୍ଥମାନଙ୍କର ଆସନ୍ଧ୍ୱର। ଅଚ୍ୟୁତାନନ୍ଦ ପାଣ୍ଡିତ୍ୟ ସହିତ ଭକ୍ତିକୁ ଶ୍ରେଷ୍ଠ ସ୍ଥାନ ଦେଇଥିଲେ। ସାଧନା ନାମରେ ଗୁଣିଗାରେଡ଼ି, କୁହୁକର ତୀବ୍ର ବିରୋଧୀ ଥିଲେ। ସର୍ବଧର୍ମ ସମନ୍ୱୟ ହିଁ ଥିଲା ତାଙ୍କ ଜୀବନର ଲକ୍ଷ୍ୟ। ଏକ ମାନବବାଦୀ ଚିନ୍ତାଧାରା ଥିଲା ଅଚ୍ୟୁତାନନ୍ଦଙ୍କ ଜୀବନର ବୈଶିଷ୍ଟ୍ୟ। ତେଣୁ ସେ କହିଛନ୍ତି :—

"ହେଲେ ଜାତିହୀନ ନାହିଁ ତହିଁ ମାନ ଶ୍ରୀକୃଷ୍ଣ ବାସନା ଥାଏ,
କଲିକତରା ଯେ ପାଣିରେ ପଶିଲେ ପଙ୍କ ନ ଲାଗଇ
ଦେହେ।

ମନରୁ ଛୁଆଁ ଅଛୁଆଁ ଭାବ ତ୍ୟାଗ କରି, ଅହଂକାର ତ୍ୟାଗ କରି ଆରାଧ୍ୟ ଦେବତାଙ୍କ ସେବା କରିବା ହେଉଛି ପ୍ରକୃତ ଭକ୍ତର କର୍ତ୍ତବ୍ୟ । ଶୁଦ୍ର ହେଉଛି ପ୍ରକୃତ ସେବକ । କାରଣ ଶୁଦ୍ରଠାରେ କୌଣସି ଅହଂକାର ନଥାଏ । କବିଙ୍କ ଭାଷାରେ :–

"ନାହିଁ ମୋହର ବିପ୍ରବର୍ଣ୍ଣେ ଆଶା,
କ୍ଷତ୍ରିୟ ବୈଶ୍ୟରେ ନାହିଁ ଭରସା ।
ସାନ ହେଲେ ମନ ସରୁଆ ହୋଇ,
ତେଣୁ ଅଚ୍ୟୁତ ଯେ ଶୁଦ୍ରବର୍ଣ୍ଣ ହିଁ ।"

ପଞ୍ଚସଖା ସାହିତ୍ୟର ଅନ୍ୟତମ ସଖା ଓ ସୁସାହିତ୍ୟିକ ଭାବରେ ସୁପରିଚିତ ହୋଇଥିବା ଯୋଗୀ ହେଲେ ଅନନ୍ତ ଦାସ । ଓଡ଼ିଆ ସାହିତ୍ୟରେ ଶିଶୁ ଅନନ୍ତ ଭାବରେ ସେ ପରିଚିତ । ଅନନ୍ତ ଦାସ ଯୋଗ ବଳରେ ଅଦ୍ଭୁତ ଶକ୍ତି ଦେଖାଇ ପାରୁଥିଲେ । ଏକ କିମ୍ବଦନ୍ତୀ ଅଛି ଅନନ୍ତ ଏକଦା ଯୋଗ ବଳରେ ରୁକ୍ମିଣୀଙ୍କ କୋଳରେ ଖେଳୁଥିଲେ । ସେହି ଦିନଠାରୁ ତାଙ୍କର ନାମ ରଖାଯାଇଥିଲା ଶିଶୁ ଅନନ୍ତ ।

ଶିଶୁ ଅନନ୍ତଙ୍କର ସାହିତ୍ୟ କୃତିଗୁଡ଼ିକ ହେଉଛି : ହେତୁ ଉଦୟ ଭାଗବତ, ଆଗତ ଭବିଷ୍ୟ, ଭବିଷ୍ୟ ପୁରାଣ, ପିଣ୍ଡ ବ୍ରହ୍ମାଣ୍ଡ ଗୀତା, ଅଣାକାର ଶବଦ ଇତ୍ୟାଦି । ଅନନ୍ତ ତାଙ୍କର ରଚନାରେ ଗୁରୁଙ୍କୁ ଶ୍ରେଷ୍ଠ ଆସନରେ ଅଧିରୂଢ଼ କରାଇଛନ୍ତି । ତାଙ୍କ ଭାଷାରେ :–

"ଗୁରୁ ସାକ୍ଷାତେ ନାରାୟଣ, ବେଦରେ ବ୍ରହ୍ମ ରୂପେ ପୁଣ ।"

ଅନନ୍ତ ଦାସ ତାଙ୍କର ସାହିତ୍ୟିକ କୃତିତ୍ୱ ଯଥାର୍ଥରେ ପ୍ରକାଶ କରିଛନ୍ତି ତାଙ୍କ କ୍ଷୁଦ୍ର ଭଜନ ମାଳାରେ । ଇନ୍ଦ୍ରିୟ ସୁଖ ଓ ଜାଗତିକ ସୁଖକୁ ଭଙ୍ଗା ନାବ ସହିତ ତୁଳନା କରିଛନ୍ତି । ସେ ମାନବ ସମାଜକୁ ସେ ଭଙ୍ଗା ନାବରେ ନବସିବା ପାଇଁ ଚେତାଇ ଦେଇଛନ୍ତି । କାମ, କ୍ରୋଧ, ଲୋଭକୁ ତ୍ୟାଗ କଲେ ମଣିଷ ସୁଖର ବଶବର୍ତ୍ତୀ ହୋଇପାରିବ ବୋଲି ତାଙ୍କ ବାଣୀ ସେ ଶୁଣାଇଛନ୍ତି । କବି ଅନନ୍ତଙ୍କ ଭାଷାରେ :–

"କାହିଁକିରେ ବାଇମନ ଭଙ୍ଗା ନାବରେ ବସୁ
ପୀୟୁଷ ରସକୁ ଛାଡ଼ି ବିଷଦ୍ୟା ରସରେ ବସୁ ।"

ସଂସାରର କଳୁଷିତ ପଥରୁ ମଣିଷ ନିବୃତ୍ତି ରହି ଅମୃତ ପଥରେ ଅଗ୍ରସର ହେବା ପାଇଁ କବି ପ୍ରେରଣା ଦେଇଛନ୍ତି ।

ପଞ୍ଚସଖା ଯୁଗର ଶେଷ କବି ତଥା ଶେଷ ସଖା ହେଲେ କବି ଯଶୋବନ୍ତ ଦାସ । ଜଗନ୍ନାଥ ଦାସଙ୍କ "ଭାଗବତ" ପରି ଯଶୋବନ୍ତଙ୍କ ରଚିତ "ଗୋବିନ୍ଦ ଚନ୍ଦ୍ର" ଆଜି ବି ଲୋକ ମୁଖରେ, ଯୋଗୀ ବା ନାଥଙ୍କ କେନ୍ଦ୍ରା ଗୀତ ଭାବରେ ସୁପ୍ରସିଦ୍ଧ ଓ ସୁପରିଚିତ । ଅନ୍ୟ ୪ ସଖାଙ୍କ ପରି ଯଶୋବନ୍ତ ଦାସ ମଧ୍ୟ ଜାତି, କୁଳ, ଭେଦଭାବର ପ୍ରାଚୀରକୁ ଭାଙ୍ଗି ସମାଜକୁ ଦେଇଛନ୍ତି ନୂତନ ଦିଗ୍‌ଦର୍ଶନ । ଯଶୋବନ୍ତଙ୍କ ନାମରେ ଭଣିତା ହୋଇଥିବା ବହୁ ଗ୍ରନ୍ଥ ଦେଖିବାକୁ ମିଳେ । ସେଥି ମଧ୍ୟରୁ ପ୍ରେମ ଭକ୍ତି ବ୍ରହ୍ମ ଗୀତା, ଶିବ ସ୍ୱରୋଦୟ, ରାହୀ ଦାମୋଦର କଥା, ଓ ଗୋବିନ୍ଦ ଚନ୍ଦ୍ର ଏକ ଏକ ଉଜ୍ଜ୍ୱଳ ସାହିତ୍ୟ କୃତି । କବିତ୍ୱ ଅପେକ୍ଷା ଭକ୍ତିପ୍ରାଣତା ହୋଇ ଉଠିଛି ତାଙ୍କ ସୃଷ୍ଟି ସାହିତ୍ୟର ମୁଖ୍ୟ ବିଷୟବସ୍ତୁ । ସଗୁଣ, ନିର୍ଗୁଣ ଉଭୟ ମାର୍ଗର କଥା ସେ କହିଛନ୍ତି । ନୀଳାଚଳ ଧାମର ବର୍ଣ୍ଣନା ହୋଇଅଛି କବିଙ୍କ ସାହିତ୍ୟର ବୈଶିଷ୍ଟ୍ୟ । କବିଙ୍କ ସୃଷ୍ଟି "ଗୋବିନ୍ଦ ଚନ୍ଦ୍ର" କରୁଣ ମୂର୍ଚ୍ଛନାରେ ସମସ୍ତଙ୍କ ହୃଦୟକୁ ଆନ୍ଦୋଳିତ କରିଥାଏ । ଜୀବନର ନଶ୍ୱରତା ବିଷୟରେ ଏଥିରେ ବର୍ଣ୍ଣିତ କବିଙ୍କ ଭାଷାରେ :–

"ଜନମ ହୋଇଲେ ଦେହ କ୍ଷୟ ହୋଇବ ବାବୁ,
ନାମ ବ୍ରହ୍ମ ଶୁଣିଥିଲେ ତାରଣ ପାଇବୁ ।"

ପଞ୍ଚସଖା ଯୁଗର ପଞ୍ଚସଖା ସାହିତ୍ୟାକାଶର ପାଞ୍ଚୋଟି ଜ୍ୟୋତିଷ୍କ ରୂପେ ଓଡ଼ିଆ ସାହିତ୍ୟ ଜଗତକୁ ଆଲୋକ ପ୍ରଦାନ କରୁଛନ୍ତି ଓ ପରବର୍ତ୍ତୀ ସାହିତ୍ୟିକମାନଙ୍କୁ ସାହିତ୍ୟ ସୃଷ୍ଟି କରିବା ପାଇଁ ନିଶ୍ଚିତ ପ୍ରେରଣା ଯୋଗାଇବେ ଏଥିରେ କେହି ଦ୍ୱିମତ ପ୍ରକାଶ କରିବେ ନାହିଁ ।

କ୍ୱାର୍ଟର ନଂ VIII-MR-1,
ୟୁନିଟ୍–୨, ଭୁବନେଶ୍ୱର ।



କେନ୍ଦ୍ରାପଡ଼ାଠାରେ ଅନୁଷ୍ଠିତ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀକୁ କୃଷି ମନ୍ତ୍ରୀ ଶ୍ରୀ ଜଗନ୍ନାଥ ମଲ୍ଲିକ ଉଦ୍‌ଘାଟନ କରୁଛନ୍ତି ।




# ମୟୂରଭଞ୍ଜ ଜିଲ୍ଲାରେ ରେଶମ ଚାଷ

ଜାନକୀ ବଲ୍ଲଭ ଦାଶ

ରେଶମ ଚାଷ ମଧ୍ୟରେ ମୁଖ୍ୟତଃ ଟସର ଚାଷ ମୟୂରଭଞ୍ଜ ଜିଲ୍ଲାରେ ପରମ୍ପରାଗତ । ବହୁକାଳରୁ ଏହି ଜିଲ୍ଲାରେ ଟସରର ଚାହିଦା ରହି ଆସିଛି । କିନ୍ତୁ ଜଙ୍ଗଲ କ୍ଷୟ ଏବଂ ତତ୍ ସଂଲଗ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଅଡ଼ାପାଦି ଟସର ଚାଷ ମଧ୍ୟ ଲୋପ ପାଇବାକୁ ବସିଲାଣି । ଏହି ଜିଲ୍ଲାରେ ତୁତ୍ ରେଶମ ଚାଷ ପାଇଁ ଅନୁକୂଳ ପରିସ୍ଥିତି ଥିଲେ ସୁଦ୍ଧା ଏହାର ଉପଯୋଗିତା ଉପରେ ଗୁରୁତ୍ୱ ଆରୋପ କରାଯାଇନାହିଁ । ମୟୂରଭଞ୍ଜ ଜିଲ୍ଲାର ପରିସ୍ଥିତିରେ ତୁତ୍ ରେଶମ ଚାଷ ସଫଳତାର ସହ ହୋଇପାରିବ ବୋଲି ପରୀକ୍ଷାମୂଳକ ଭାବରେ ପ୍ରମାଣ କରାଯାଇଛି ।

୧୯୮୬ ମସିହା ଅକ୍ଟୋବର ମାସରେ ପରୀକ୍ଷାମୂଳକ ଚାଷ ପାଇଁ ଚନ୍ଦ୍ରଗିରିର ସହକାରୀ ରେଶମ ଶିଳ୍ପ ନିର୍ଦ୍ଦେଶକଙ୍କଠାରୁ ଏନ୍.ବି. ୧୮ ଜାତୀୟ ତୁତ୍ ରେଶମ ପୋକର ରୋଗମୁକ୍ତ ଅଣ୍ଡା ଅଣାଯାଇଥିଲା । ଅଣ୍ଡା ଫୁଟିବା ପରେ ଲାର୍ଭାଗୁଡ଼ିକୁ ବାରିପଦାର ରାଜ୍ୟ ରେଶମ ଗବେଷଣାଗାରରେ କୃଷ୍ଣସ୍ୱାମୀଙ୍କ ପଦ୍ଧତିରେ ପାଳନ କରାଯାଇଥିଲା । ଦୁର୍ଗାପୁର, କୁଳିଅଣା, ଗୁଣ୍ଡୁଆ ଏବଂ ଠାକୁରମୁଣ୍ଡା ଆଦି ସ୍ଥାନରେ, ବିଭିନ୍ନ ସ୍ଥାନରୁ ତୁତ୍‌ପତ୍ର ନିୟମିତ ଭାବେ ସଂଗ୍ରହ କରାଯାଇ ଲାର୍ଭାଗୁଡ଼ିକୁ ପ୍ରତି ଚାରିଘଣ୍ଟା ବ୍ୟବଧାନରେ ଖାଇବା ପାଇଁ ଯୋଗାଇ ଦିଆଗଲା । ଅକ୍ଟୋବର ୨୭ରୁ ଲାର୍ଭା ପାଳନ ଆରମ୍ଭହୋଇ ନଭେମ୍ବର ୨୩ରେ କୋଷା ସଂଗୃହୀତ ହୋଇଥିଲା । ଏହି ସମୟରେ ହାରାହାରି ଉଚ୍ଚତମ ତାପମାତ୍ରା ୨୮.୬୪° ସେଣ୍ଟିଗ୍ରେଡ୍, ନ୍ୟୁନତମ ତାପମାତ୍ରା ୨୫.୦୭° ସେଣ୍ଟିଗ୍ରେଡ୍, ଏବଂ ଦୈନିକ ତାପମାତ୍ରା ୨୬.୮୫° ସେଣ୍ଟିଗ୍ରେଡ୍ ଥିଲା । ସେହିପରି ସର୍ବୋଚ୍ଚ ୩୦° ସେଣ୍ଟିଗ୍ରେଡ୍ ଏବଂ ସର୍ବନିମ୍ନ ୨୩° ସେଣ୍ଟିଗ୍ରେଡ୍ ତାପମାତ୍ରା ଥିଲା ବେଳେ ହାରାହାରି ଆପେକ୍ଷିକ ଆର୍ଦ୍ରତା ୬୯.୬୬° ଥିଲା ।

ତତ୍ ଦୃଷ୍ଟିକୋଣରୁ ତୁତ୍ ରେଶମ ପୋକର ଚାଷର ସଫଳତା ସନ୍ତୋଷ ଜନକ ହୋଇପାରିଥିଲା । ରୋଗମୁକ୍ତ ଅଣ୍ଡାଗୁଡ଼ିକ ଆହରଣ ହେବାର ଅଷ୍ଟମ ଦିବସରେ ଶତକଡ଼ା ୯୦ ହାରରେ ଫୁଟିଥିଲା । ପାଞ୍ଚଗୋଟି ଲାର୍ଭା ଅବସ୍ଥାରେ ୧୦ ଗୋଟି ଲାର୍ଭାର ହାରାହାରି ଓଜନ ଯଥାକ୍ରମେ ୦.୦୭୫, ୦.୧୭୪, ୦.୭୫୦, ୧.୭୫୦ ଏବଂ ୫.୬୦୨ ଗ୍ରାମ ଥିଲା । ମୋଟାମୋଟି ଭାବେ ୨୮ ଦିନ ଚାଷ କରାଯାଇଥିଲା । ସେଥିରୁ ୨୪ ଦିନ ଖାଦ୍ୟ ଯୋଗାଇ ଦିଆଯାଇଥିଲା । ଶେଷ ଚାରିଦିନରେ ଲାର୍ଭା ଦ୍ୱାରା କୋଷା ବୁଣା କାର୍ଯ୍ୟ ସମ୍ପାଦିତ ହୋଇଥିଲା । ଖୁବ୍ କମ୍ ସଂଖ୍ୟକ ଲାର୍ଭା ରୋଗଦ୍ୱାରା ଆକ୍ରାନ୍ତ ହୋଇଥିଲେ । ଶତକଡ଼ା ୬୨.୦୫ ଭାଗ କୋଷାଗୁଡ଼ିକର ଆକାର ସାଧାରଣ ଥିଲା । ଦଶଗୋଟି କୋଷା ଏବଂ ତାହାର ରେଶମ ଖୋଳପାର ହାରାହାରି ଓଜନ ଯଥାକ୍ରମେ ୧.୯୦୦ ଗ୍ରାମ ଓ ୦.୩୮୫ ଗ୍ରାମ ଥିଲା । ଖୋଳପାର ଅନୁପାତ ଶତକଡ଼ା ୨୦.୨୬ ଥିଲା । କୋଡ଼ିଏ ଗୋଟି ରୋଗମୁକ୍ତ ଅଣ୍ଡାରୁ ୫୭୫୦ ଗୋଟି କୋଷା ଉତ୍ପାଦିତ ହୋଇଥିଲା । ଏହାର ଓଜନ ୯.୭୮୫ ଗ୍ରାମ ଥିଲା । ଏଥିରୁ ସହଜରେ ଅନୁମେୟ ଯେ, ଶହେଗୋଟି ରୋଗମୁକ୍ତ ମାଈ ପ୍ରଜାପତିର ଅଣ୍ଡା ୪୮.୭୨୫ ଗ୍ରାମ ଓଜନର କୋଷା ଉତ୍ପାଦନ କରିପାରିବେ । ଏହା ମୟୂରଭଞ୍ଜ ଜିଲ୍ଲାରେ ତୁତ୍ ରେଶମ ଚାଷ ତଥା ଚାଷୀମାନଙ୍କ ପାଇଁ ଏକ ଶୁଭ ସଙ୍କେତ ।

ତୁତ୍ ରେଶମ ଶିଳ୍ପ ମୁଖ୍ୟତଃ ଶ୍ରମଭିତ୍ତିକ ଅଟେ । ଏହା ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ତୁତ୍ ରେଶମ ଚାଷୀ, ସୂତାକଟାଳୀ, ବୁଣାକାର ଏବଂ ବ୍ୟବସାୟୀ ଆଦି ଲକ୍ଷ ଲକ୍ଷ ଲୋକମାନଙ୍କୁ କର୍ମଯୋଗାଣରେ ସାହାଯ୍ୟ କରୁଛି । ଜୀବିକା ନିର୍ବାହ ପାଇଁ ଏହା ଭୂମିହୀନ କୃଷକମାନଙ୍କଠାରୁ ଆରମ୍ଭ କରି ବଡ଼ ବଡ଼ ଶିକ୍ଷାନୁଷ୍ଠାନର ଶ୍ରମିକ ପର୍ଯ୍ୟନ୍ତ ଏହି ଶିଳ୍ପ ଯଥେଷ୍ଟ କର୍ମ ଯୋଗାଇପାରୁଛି । ପରୀକ୍ଷା ଦ୍ୱାରା ଜଣାଯାଇଛି ଯେ, ଗୋଟିଏ ହେକ୍ଟର ତୁତ୍ ରେଶମ ଚାଷ ଜମି ପ୍ରାୟ ବାର ଜଣଙ୍କୁ ବର୍ଷସାରା କାମ ଧନ୍ଦା ଯୋଗାଇ ଦେଇପାରୁଛି । ତତ୍ ସଙ୍ଗେ ସଙ୍ଗେ ହେକ୍ଟର ପ୍ରତି ମୋଟ ଆୟର ପରିମାଣ ୭୨ ହଜାର ଟଙ୍କା ହୋଇପାରିଛି ।

ତୁତ୍ ରେଶମ ଚାଷର ଉପଯୋଗିତା ପାଇଁ ଯେଉଁସବୁ ଉପାଦାନ ଅତ୍ୟନ୍ତ ଆବଶ୍ୟକ ସେଗୁଡ଼ିକ ମଧ୍ୟରୁ ଜଳବାୟୁ ଏବଂ ସ୍ଥାନବୃତ୍ତ ଅନ୍ୟତମ । ୧୯୩୦ରୁ ୧୯୩୪ ମସିହା ପର୍ଯ୍ୟନ୍ତ ମୟୂରଭଞ୍ଜର ପୂର୍ବତନ ମହାରାଜାଙ୍କ ଅମଳରେ ବାମନଘାଟୀର ବୁଦାପୋଷୀ ଓ ତୁତୁଲାବେଡ଼ା ନାମକ ଦୁଇଗୋଟି ସ୍ଥାନରେ ପରୀକ୍ଷାମୂଳକଭାବେ ତୁତ୍ ଚାଷ କରାଯାଇଥିଲା । ସେଥିରୁ ପ୍ରମାଣିତ ହୋଇଥିଲା ଯେ, ମୟୂରଭଞ୍ଜ ଜିଲ୍ଲାର ସ୍ଥାନବୃତ୍ତ ଓ ଜଳବାୟୁ ପରିସ୍ଥିତି ତୁତ୍ ରେଶମ ଚାଷ ପାଇଁ ଯଥେଷ୍ଟ ଉପଯୋଗୀ ।

ମୟୂରଭଞ୍ଜ ଜିଲ୍ଲା ୧୦.୪୧୬ ବର୍ଗ କି.ମି. ସ୍ଥଳଭାଗ ବିଶିଷ୍ଟ । ଏହା ଓଡ଼ିଶାର ଉତ୍ତର ସୀମାରେ ୨୧°–୨"ରୁ ୨୨°–୪" ଉତ୍ତର ଅକ୍ଷାଂଶ ଏବଂ ୮୫°–୧୦"ରୁ ୮୭°–୧୦" ପୂର୍ବ ଦ୍ରାଘିମା ରେଖା ମଧ୍ୟରେ ଅବସ୍ଥିତ । ଏହାର ଉତ୍ତରରେ ପଶ୍ଚିମବଙ୍ଗର ମେଦିନୀପୁର ଓ ବିହାରର ସିଂହଭୂମ ଜିଲ୍ଲା, ଦକ୍ଷିଣରେ ଓଡ଼ିଶାର କେନ୍ଦୁଝର ଓ ବାଲେଶ୍ୱର ଜିଲ୍ଲା, ପୂର୍ବରେ ବାଲେଶ୍ୱର ଜିଲ୍ଲା ଏବଂ ପଶ୍ଚିମରେ ବିହାରର ସିଂହଭୂମ ଓ କେନ୍ଦୁଝର ଜିଲ୍ଲା ରହିଛି । ଏହି ଜିଲ୍ଲାର କେନ୍ଦ୍ରସ୍ଥଳୀରେ ୨୭୫୦ ବର୍ଗ କି.ମି. ବିସ୍ତୃତ ଶିମିଳିପାଳ ପର୍ବତମାଳା ଅରଣ୍ୟାନୀ ରହିଛି । ଏହି ଜିଲ୍ଲାର ଭୌଗୋଳିକ ସ୍ଥିତି ଅନୁଯାୟୀ ଏହା ତିନି ଭାଗରେ ବିଭକ୍ତ । ପୂର୍ବଭାଗ ସଦର ଓ କପ୍ତିପଦା ଅଞ୍ଚଳ, ଉତ୍ତର ପୂର୍ବଭାଗ ବାମନଘାଟୀ ଅଞ୍ଚଳ ଏବଂ

ଦକ୍ଷିଣ ପଶ୍ଚିମ ଭାଗ ପାଞ୍ଚପୀଢ଼ ଅଞ୍ଚଳକୁ ନେଇ ଗଠିତ । ପୂର୍ବଭାଗ ଅଞ୍ଚଳ ସମତଳ ଏବଂ ଏହା ସମୁଦ୍ର ପତ୍ତନଠାରୁ ୧୨୦ରୁ ୯୦୦ ମିଟର ଉଚ୍ଚରେ ଅବସ୍ଥିତ । ଅନ୍ୟ ଦୁଇଭାଗ ମୁଖ୍ୟତଃ ପ୍ରସ୍ତରାବୃତ ପାହାଡ଼, ଘଞ୍ଚ ଜଙ୍ଗଲ ଏବଂ ତରଙ୍ଗାୟିତ ମାଳଭୂମିକୁ ନେଇ ଗଠିତ । ଏହା ସମୁଦ୍ର ପତ୍ତନରୁ ୫୦୦ରୁ ୧,୧୬୫ ମିଟର ଉଚ୍ଚରେ ଅବସ୍ଥିତ ।

ମୟୂରଭଞ୍ଜର ଜଳବାୟୁ ସାଧାରଣତଃ ଶୁଷ୍କ ଅଟେ । ଏଠାରେ ଗ୍ରୀଷ୍ମ ଦିନରେ ପ୍ରବଳ ଗରମ ଏବଂ ଶୀତ ଦିନରେ ପ୍ରବଳ ଥଣ୍ଡା ଅନୁଭୂତ ହୋଇଥାଏ । କିନ୍ତୁ ଶିମିଳିପାଳ ପର୍ବତମାଳା ଏବଂ ଏହାର ଆଖପାଖ ଅଞ୍ଚଳରେ ବର୍ଷସାରା ଥଣ୍ଡା ଅନୁଭୂତ ହୋଇଥାଏ । ଏଠାରେ ଗ୍ରୀଷ୍ମ ଋତୁ ମାର୍ଚ୍ଚ ମାସରେ ଆରମ୍ଭ ହୋଇ ଜୁନ୍ ମାସ ଅଧାଅଧିରେ ଶେଷ ହୁଏ । ବର୍ଷାଋତୁ ଜୁନ୍ ମାସ ଅଧାରେ ଆରମ୍ଭ ହୋଇ ସେପ୍ଟେମ୍ବର ମାସରେ ଶେଷ ହୁଏ । ସେହିପରି ଶୀତଋତୁ ନଭେମ୍ବର ମାସରେ ଆରମ୍ଭ ହୋଇ ଫେବ୍ରୁଆରୀ ମାସ ଅଧାରେ ଶେଷ ହୁଏ । ଉପରୋକ୍ତ ବିବରଣୀ ଅନୁଧ୍ୟାନ କଲେ ଜଣାଯାଏ ଯେ, ତୁତ୍ ରେଶମ ଚାଷ ପାଇଁ ମୟୂରଭଞ୍ଜ ଜିଲ୍ଲା ଅତ୍ୟନ୍ତ ଉପଯୋଗୀ ।

ତସର ପୋକ ଚାଷ ପାଇଁ ତୁତ୍ ପତ୍ର ଏକ ଆବଶ୍ୟକୀୟ ଉପାଦାନ । ତୁତ୍ ରେଶମ ପୋକର ବୃଦ୍ଧି ଏବଂ ଏହାଦ୍ୱାରା ପ୍ରସ୍ତୁତ କୋଷାର ଆର୍ଥିକମାନ, ତୁତ୍ ପତ୍ରର ପୌଷ୍ଟିକତା ଉପରେ ବହୁ ପରିମାଣରେ ନିର୍ଭର କରେ । ସାଧାରଣତଃ କୃଷ୍ଣ ମୃତ୍ତିକା ଓ ଲାଲ ମୃତ୍ତିକାରେ ତୁତ୍‌ଗଛ ଉତ୍ତମ ରୂପେ ବଢ଼ିପାରେ । ଏହି ଦୁଇ ପ୍ରକାର ଜାତୀୟ ମୃତ୍ତିକା ମୟୂରଭଞ୍ଜ ଜିଲ୍ଲାରେ ପ୍ରଚୁର ପରିମାଣରେ ମିଳିଥାଏ । କୃଷ୍ଣ ମୃତ୍ତିକା ସାଧାରଣତଃ ବାରିପଦା, କପ୍ତିପଦା, ରାଇରଙ୍ଗପୁର ଏବଂ ବିସୋଇରେ ଦେଖିବାକୁ ମିଳିଥାଏ । ଏହି ମୃତ୍ତିକାରେ ଶତକଡ଼ା ପନ୍ଦର ଭାଗ ମାଟି ଅଂଶ ରହିଥାଏ । ଲାଲ ମୃତ୍ତିକା ପ୍ରଧାନତଃ ଯଶୀପୁର ଠାକୁରମୁଣ୍ଡା ଶିମୁଳିପାଳ ପାର୍ବତ୍ୟ ଅଞ୍ଚଳରେ ଦେଖିବାକୁ ମିଳେ । ଏପ୍ରକାର ମୃତ୍ତିକାରେ ଶତକଡ଼ା ଷାଠିଏ ଭାଗ ବାଲି ଅଂଶ ରହିଥାଏ । ସବୁ ସ୍ଥାନରେ ମୃତ୍ତିକା ସାମାନ୍ୟ ଅମ୍ଳ ଅଟେ । ଯବକ୍ଷାରଯାନ ଏବଂ ଫସଫରସ୍‌ର ଅନୁପାତ ଅନୁକୂଳତମରୁ ସାମାନ୍ୟ କମ୍ ଥାଏ । କିନ୍ତୁ ପଟାସ୍‌ର ଅନୁପାତ ସବୁ ସ୍ଥାନରେ ଅନୁକୂଳତମ ରହେ । ଏଣୁ ତୁତ୍ ରେଶମ ଚାଷ ପାଇଁ ଏହି ମୃତ୍ତିକା ଅତ୍ୟନ୍ତ ଉପଯୋଗୀ ଅଟେ ।

ଏତଦ୍ ବ୍ୟତୀତ ତୁତ୍ ରେଶମ ପୋକ ଚାଷ ପାଇଁ ମୟୂରଭଞ୍ଜ ଜିଲ୍ଲାର ଜଳବାୟୁ ପରିସ୍ଥିତି ଅନୁକୂଳ । ଏହାର ପ୍ରମାଣ ହେଉଛି ଏହି ଜିଲ୍ଲାରେ କେତେକ ଅଞ୍ଚଳରେ ପ୍ରାକୃତିକ ପରିବେଶରେ ଏଣେତେଣେ ବୃଦ୍ଧି ଲାଭ କରିଥିବା ତୁତ୍ ଗଛଗୁଡ଼ିକ ନିଶ୍ଚିତଭାବେ ମୟୂରଭଞ୍ଜ ଜିଲ୍ଲାର ଜଳବାୟୁ ପରିବେଶକୁ ଗ୍ରହଣ କରିପାରିଛି ।

ଏଣୁ ଉପରେ ଦର୍ଶାଯାଇଥିବା କେତେକ ପରୀକ୍ଷା ଲବ୍ଧ ଫଳାଫଳକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ତୁତ୍ ରେଶମ ଚାଷ ମୟୂରଭଞ୍ଜ ଜିଲ୍ଲାର ଅନିଶ୍ଚିତ ପାରମ୍ପାରିକ ତସର ଚାଷୀମାନଙ୍କ ପାଇଁ ଏକ ଶୁଭ ସଙ୍କେତ । ଜିଲ୍ଲାରେ ଖାଲି ପଡ଼ିଆ ପଡ଼ିଥିବା ରାଜସ୍ୱ ଓ ଘରୋଇ ଜଙ୍ଗଲଗୁଡ଼ିକର ସଦୁପଯୋଗ ପାଇଁ ତୁତ୍ ରେଶମ ଚାଷକୁ ଏକ ଉତ୍ତମ ମାଧ୍ୟମରୂପେ ବ୍ୟବହାର କରାଗଲେ କ୍ଷୟପ୍ରାପ୍ତ ପଡ଼ିଆ ଜମି ଓ ପରିବେଶ ସୁରକ୍ଷା ହୋଇପାରିବ । ତତ୍ ସଙ୍ଗେ ସଙ୍ଗେ ଦରିଦ୍ର ଭୂମିହୀନ କୃଷକ ଓ ବେକାର ଲୋକମାନଙ୍କୁ ଆତ୍ମକ୍ଷମ କର୍ମସଂସ୍ଥାନ ଯୋଗାଇ ଦିଆଯାଇ ପାରିବ । ସର୍ବୋପରି ମୟୂରଭଞ୍ଜରେ ତସର ଚାଷ ସହ ତୁତ୍ ରେଶମ ଚାଷର ଅଭିବୃଦ୍ଧି ସାଧନ ଏହି ଜିଲ୍ଲାର ପାରମ୍ପରିକ ରେଶମ ଚାଷୀମାନଙ୍କର ଆର୍ଥିକ ମାନଦଣ୍ଡ ବୃଦ୍ଧିରେ ନିଶ୍ଚୟ ସହାୟକ ହେବ ।

ସାମ୍ବାଦିକ : ଇଣ୍ଡିଆନ୍ ଏକ୍ସପ୍ରେସ୍,
ଶ୍ରୀରାମଜୀ ଭବନ, କେନାଲ୍ ଷ୍ଟ୍ରିଟ୍,
ବାରିପଦା-୭୫୭୦୦୧ ।




କେନ୍ଦ୍ରାପଡ଼ାଠାରେ ଅନୁଷ୍ଠିତ ଉତ୍କଳ ପ୍ରସଙ୍ଗ ପାଠକ ସମାରୋହ ଅବସରରେ ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରୁଛନ୍ତି ।

# ଆମେ ଓଡ଼ିଆ



ଶ୍ରୀ ଯଜ୍ଞଦତ୍ତ ସାମନ୍ତରାୟ

ମହିମାପୋକ୍ତ ଓଡ୍ର, କଳିଙ୍ଗ, କୋଶଳ, କଙ୍ଗୋଦ ଓ ଉତ୍କଳର ଆଧୁନିକ ରୂପାନ୍ତର ଓଡ଼ିଶା । ଅତୁଳନୀୟ କଳା ବିଭବ ମଣ୍ଡିତ ଓଡ଼ିଶା ଉତ୍କଳ ନାମରେ ଯଥାର୍ଥ୍ୟ ପ୍ରତିପାଦନ କରେ। ଭାରତର ପୂର୍ବୋପକୂଳବର୍ତ୍ତୀ ଓଡ଼ିଶା ଏକଦା ସାଧବ ପୁଅମାନଙ୍କ ନୌ-ବାଣିଜ୍ୟ ଦ୍ୱାରା ଶ୍ରୀସମ୍ପନ୍ନା ହୋଇଥିବା ବିଷୟ ଆଜିପର୍ଯ୍ୟନ୍ତ କାର୍ତ୍ତିକ ପୂର୍ଣ୍ଣିମାର ବୋଇତ ଭସାଣ ପର୍ବରୁ ସ୍ପଷ୍ଟ ଅନୁମିତ। ଏଇ ସେଇ ଓଡ଼ିଶା । ଯା'ର ମାଟିରୁ ଜନ୍ମ ନେଇଛନ୍ତି ଦିଗ୍‌ବିଜୟୀ ଖାରବେଳ । ଏଇ ମାଟି ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ପରିଣତ କରିଛି । ଏଇଠି ଜନ୍ମ ନେଇଥିଲେ କୀର୍ତ୍ତିସ୍ଥାନ୍ ନରପତି ଅନଙ୍ଗଭୀମ, ଲାଙ୍ଗୁଳା ନରସିଂହ, ଲଲାଟେନ୍ଦୁ କେଶରୀ ଓ ମର୍କତ କେଶରୀ । ପୃଥିବୀ ପ୍ରସିଦ୍ଧ ଜଗନ୍ନାଥଙ୍କ ପୀଠ ଏଇଠି । ପ୍ରବାଦ ଅଛି କାଞ୍ଚି ଅଭିଯାନ କାଳରେ ସ୍ୱୟଂ ଜଗନ୍ନାଥ ଓ ବଳଭଦ୍ର ସ୍ୱୀୟ ଭକ୍ତ ରାଜା ପୁରୁଷୋତ୍ତମ ଦେବଙ୍କ ପାଇଁ ଅସି ଧାରଣ କରିଥିଲେ । ଏଇ ମାଟିର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ଭକ୍ତକବି ମଧୁସୂଦନ ରାଓ ଓ ସ୍ୱଭାବ କବି ଗଙ୍ଗାଧର ମେହେର ଏ ଜାତିର ପ୍ରାଣ ଧାରାକୁ ଚିର ଉଜ୍ଜୀବିତ କରି ରଖିଛନ୍ତି । କବିଙ୍କ ଭାଷାରେ :–

ସାଗର ନାମ ଯା' 'ମହୋଦଧି' ଖ୍ୟାତ
 ଦିଅଁ ନାମ ଯା'ର 'ବଡ଼ ଠାକୁର'
ଭୋଗ ନାମ 'ମହାପ୍ରସାଦ' ଯା' ନଦୀ
 'ମହାନଦୀ' 'ବଡ଼ ଦାଣ୍ଡ' ଯାହାର ।୧।
'ବଡ଼ ଦେଉଳ' ଯା' ଜଗତେ ବିଖ୍ୟାତ
 'ବଡ଼ ପଣ୍ଡା' ଯା'ର ପୂଜକ ନାମ
ବେଳାଭୂମି ଯା'ର 'ଶରଧା ବାଲି'
 'ପରଗ ଦୁଆର' ଯା'ର ଶ୍ମଶାନ ।୨।


ଏଇ ଓଡ଼ିଶାର ମାଟି, ପାଣି, ପବନ ଓ ଆଲୋକରୁ ଜନ୍ମ ନେଇଛି 'ଓଡ଼ିଆ' ଜାତି । ଧନ୍ୟ ଏଇ ମାଟି ! ଧନ୍ୟ ଏଇ ଜାତି !! ବିଦେଶୀ ଶାସନର ଘନ କୁହେଳିକାଛନ୍ନ କାରୁଣ୍ୟଗ୍ରସ୍ତ ବିକଳାଙ୍ଗ ଓଡ଼ିଶା ମଧୁସୂଦନ, ଗୋପବନ୍ଧୁ, କୃଷ୍ଣଚନ୍ଦ୍ର ଗଜପତି, ଗୋଦାବରୀଶ ପ୍ରଭୃତି ବରପୁତ୍ରଙ୍କ ଯୁଗାନ୍ତକାରୀ ବିପ୍ଳବ ଫଳରେ ୧୯୩୬ ମସିହା ଅପ୍ରେଲ୍ ପହିଲାରେ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ପ୍ରତିଷ୍ଠିତ ହେଲା ।

ଭାରତର ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶା ତା'ର ଗୌରବାବହ ପ୍ରାଚୀନ ସଂସ୍କୃତିର ଭିତ୍ତି ଉପରେ ଦଣ୍ଡାୟମାନ ହୋଇ ପୁନର୍ବାର କ୍ରିୟାଶୀଳ ହୋଇ ଉଠିଛି । ଯୁଗବାଣୀ ଉତ୍କଳରେ ସୃଷ୍ଟି କରିଛି ଆଶ୍ୱାସ ସାଧ ଶିଳ୍ପୋଦ୍ୟୋଗ ପରିଣାମ ସ୍ୱରୂପ ଗଢ଼ି ଉଠିଛି ପୃଥିବୀର ଦୀର୍ଘତମ ନଦୀବନ୍ଧ ହୀରାକୁଦ, ପଣ୍ୟବାହୀ ପୋତାଶ୍ରୟ ପାରାଦ୍ୱୀପ, ରାଉରକେଲାର ସୁବୃହତ୍ ଇସ୍ପାତ୍ ଶିଳ୍ପାୟତନ, ବାଲିମେଳା ପ୍ରକଳ୍ପ ଏବଂ ଏତାଦୃଶ ବହୁ ବୃହତ୍ ଓ ମଧ୍ୟମ ଧରଣର ଶିଳ୍ପୋଦ୍ୟୋଗ ।

ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ପରିବହନ, ବାଣିଜ୍ୟ, ଶିଳ୍ପକଳା ଓ କୃଷି ଆଦି କ୍ଷେତ୍ରରେ ସ୍ୱାଧୀନତା ପରେ ଓଡ଼ିଶାର ପ୍ରଭୂତ ଉନ୍ନତି ସାଧିତ ହୋଇଅଛି । ଏଠାରେ ପାଞ୍ଚଗୋଟି ବିଶ୍ୱବିଦ୍ୟାଳୟ ଓ ବହୁ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ଥାପିତ ହେବା ଫଳରେ ଶିକ୍ଷାର ବ୍ୟାପକ ପ୍ରସାର ସଙ୍ଘଟିତ ହୋଇଅଛି । ନୂତନ ସଡ଼କ ଦ୍ୱାରା ସହର ଓ ଗ୍ରାମମାନ ସଂଯୁକ୍ତ ହୋଇ ପରିବହନ ଓ ଗମନାଗମନରେ ଅଭୂତପୂର୍ବ ଉନ୍ନତି ଘଟିଛି । ବିଜ୍ଞାନ ଭିତ୍ତିକ କୃଷି କାର୍ଯ୍ୟ ହେତୁ ଏହି ରାଜ୍ୟ ପରମୁଖାପେକ୍ଷିତା ରୂପକ ହୀନମନ୍ୟତାରୁ ଊର୍ଦ୍ଧ୍ୱକୁ ଉଠି ସ୍ୱାବଲମ୍ବୀ ହୋଇପାରିଛି । ଅଧୁନା ସମ୍ବଲପୁରର ସୁଦୃଶ୍ୟ ହାତବୁଣା ଶାଢ଼ୀ, ପର୍ଦ୍ଦା, ଟେବୁଲ୍ କ୍ଲଥ, କଟକର ରୂପାର ତାରକସି କାମ, ବ୍ରହ୍ମପୁରୀ ପାଟ, ବେଲଗୁଣ୍ଠାର ମାଛ, ପିପିଲିର ବର୍ଣ୍ଣାଢ଼୍ୟ ଚାନ୍ଦୁଆ ଦେଶ ବିଦେଶରେ ଆଦୃତ ହେଉଅଛି ।

ଏକ ସମୃଦ୍ଧ ଅତୀତ ଓ ସମୃଦ୍ଧିଶୀଳ ବର୍ତ୍ତମାନକୁ ନେଇ ଆଗେଇ ଚାଲିଛି ଓଡ଼ିଶା । ଆମେ ଏଇ ପବିତ୍ର ମାଟିର ସନ୍ତାନ । ଆମେ ଓଡ଼ିଆ ।

ମାରୁତି ଭବନ, କବିସୂର୍ଯ୍ୟନଗର,
ଗଞ୍ଜାମ-୭୬୧୧୦୪।



# ଓଡ଼ିଆଣୀର କେଶ ପ୍ରସାଧନ

ଶ୍ରୀ ସୀମାଞ୍ଚଳ ପ୍ରଧାନ

ପ୍ରସାଧନ ମନୁଷ୍ୟର ଜନ୍ମଗତ ପ୍ରବୃତ୍ତି । ଶିଶୁଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ନିଜ ଶରୀରକୁ ବିଭିନ୍ନ ରୀତିରେ ପ୍ରସାଧନ କରିଥାନ୍ତି । 'କାମସୂତ୍ରମ୍'ରେ ଉଲ୍ଲିଖିତ ଚଉଷଠି କଳା ମଧ୍ୟରୁ ପ୍ରସାଧନ ହେଉଛି ଗୋଟିଏ କଳା । ପୁରୁଷ ଅପେକ୍ଷା ନାରୀମାନେ ଉକ୍ତ କଳାରେ ସିଦ୍ଧହସ୍ତ ଥିବା ବିଭିନ୍ନ ଗ୍ରନ୍ଥାଦିରୁ ଲକ୍ଷ୍ୟ କରିହୁଏ । ସୌଭାଗ୍ୟବଶତଃ ନାରୀ ସ୍ୱାମୀର ଦୀର୍ଘାୟୁ କାମନା ଉଦ୍ଦେଶ୍ୟରେ ନିଜକୁ ବିଭିନ୍ନ ରୂପେ ପ୍ରସାଧନ କରିଥାଏ । ଏହାଛଡ଼ା ସେ ନିଜ ଶରୀରରେ ବିଭିନ୍ନ ଅଳଙ୍କାର ମଣ୍ଡନ କରି ନିଜକୁ ସୁଶୋଭିତ କରୁଥିଲେ ମୁଖ ଅଙ୍ଗ ପ୍ରସାଧନ ଦ୍ୱାରା ଅନ୍ୟର ଦୃଷ୍ଟି ଆକର୍ଷଣ କରିବା ପାଇଁ ଆଗ୍ରହୀ ହୋଇ ଉଠେ । ସାଧାରଣ ପରିବାରର ନାରୀ ତା' ତନୁଶ୍ରୀରେ ଅଳଙ୍କାର ପରିଧାନ ନକରି ମଧ୍ୟ ସାଧାରଣ ପ୍ରସାଧନ ଦ୍ୱାରା ନିଜକୁ ସଜ୍ଜିତ କରିଥାଏ । ଏହାର ଉଲ୍ଲେଖ ବିଭିନ୍ନ ସାହିତ୍ୟରେ ଦେଖିବାକୁ ମିଳେ । ପ୍ରସାଧନ ବ୍ୟୟ ବହୁଳ ହେଲେ ମଧ୍ୟ କମ୍ ଖର୍ଚ୍ଚରେ ଓଡ଼ିଆଣୀ ତା'ର ଶରୀରକୁ ପ୍ରସାଧନ କରୁଥାଏ । ପ୍ରସାଧନ ସ୍ଥାୟୀ ଓ ଅସ୍ଥାୟୀ ଭେଦରେ ଦ୍ୱିବିଧ । ନାରୀ ତା' ଶରୀରର ଅଙ୍ଗ, ଯଥା–କେଶ, ମୁଖ, ବକ୍ଷ, ହସ୍ତ ଓ ପାଦ ପ୍ରଭୃତିକୁ ବିଭିନ୍ନ ପ୍ରଣାଳୀରେ ପ୍ରସାଧନ କରୁଥିବା ଦୃଷ୍ଟିଗୋଚର ହୁଏ । ସମ୍ପ୍ରତି ପ୍ରାଚୀନ ଉତ୍କଳୀୟ ନାରୀମାନଙ୍କର କେଶ ପ୍ରସାଧନ ସମ୍ପର୍କରେ ଆଲୋକପାତ କରାଯାଇପାରେ ।

ନାରୀ ଶରୀରର ଶୋଭା ବର୍ଦ୍ଧନ କରିବାରେ କେଶର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହା ଗ୍ରୀବା, ବକ୍ଷ ଓ ପଶ୍ଚାତ୍ ଭାଗରେ ସୌନ୍ଦର୍ଯ୍ୟ ବୃଦ୍ଧିରେ ସାହାଯ୍ୟ କରିଥାଏ । ଓଡ଼ିଆ ସମାଜରେ ସୁକେଶୀ ନାରୀକୁ ସୁଲକ୍ଷଣା ଓ ସୁନ୍ଦରୀ ବୋଲି କୁହାଯାଏ । ଦୀର୍ଘ କେଶବତୀ କନ୍ୟା ପ୍ରତି ଅନେକ ପୁରୁଷ ଆକୃଷ୍ଟ ହୋଇଥିବା ପରିଦୃଷ୍ଟ ହୋଇଥାଏ । କେଶବତୀ କନ୍ୟାର ଦୀର୍ଘ କେଶରାଶିକୁ ଦେଖି ଅନେକ ଆନନ୍ଦରେ ବିଭୋର ହୋଇଥାନ୍ତି । ଦେଖି 'Hindu Religion Customs and Manners' ପୁସ୍ତକରେ ଉଲ୍ଲେଖ ଅଛି ଯୁବତୀ ହିନ୍ଦୁ ନାରୀର ଗର୍ବ ଓ ଗୌରବ ହେଉଛି ତା'ର କେଶରାଶି । ଏହାର ବହୁ ଦୃଷ୍ଟାନ୍ତ ଓଡ଼ିଆ ଲୋକଗୀତରେ ଅଛି । ଏହି କେଶରାଶିରୁ ନାରୀ ମନକୁ ଚିହ୍ନଟ କରାଯାଇପାରେ । ନାରୀର ତରଙ୍ଗାୟିତ କେଶଗୁଚ୍ଛର ଆକର୍ଷଣ ପ୍ରଖର ବୋଲି ଜଣାଯାଇଥାଏ । ଏହି କେଶକୁ ସେ ପ୍ରସାଧନ କରିବା ପୂର୍ବରୁ ସିକାକ୍ୟା, ମେଥି, ଅଁଳାବଟା ସାହାଯ୍ୟରେ ସଫା କରିଥାଏ ।

ପରିଷ୍କୃତ କେଶରାଶିକୁ ଶୁଷ୍କ ଓ ସୁଗନ୍ଧିତ କରିବା ନିମିତ୍ତ ଅଗୁରୁ ଧୂପ ବ୍ୟବହାର କରାଯାଇଥାଏ । ରାଜା ତଥା ସମ୍ଭ୍ରାନ୍ତ ପରିବାରର ରମଣୀମାନେ ଏହାକୁ ମୁଖ୍ୟତଃ ବ୍ୟବହାର କରିଥାନ୍ତି । କେଶ ଶୁଷ୍କ ହୋଇସାରିବା ପରେ କେଶର ରକ୍ଷଣାବେକ୍ଷଣ ଓ ସ୍ଥିତି ପାଇଁ ତେଲର ଆବଶ୍ୟକତା ଯଥେଷ୍ଟ । ପ୍ରାଚୀନ ଓଡ଼ିଶାର ନାରୀମାନେ ବ୍ୟବହାର କରୁଥିବା ତେଲ ମଧ୍ୟରେ ନଡ଼ିଆତେଲ, ନାଲି ଅତର, ଗନ୍ଧ ତେଲ ଓ ଫୁଲୁରି ତେଲର ବିଶେଷ ଭୂମିକା ରହିଛି ।

ଓଡ଼ିଆଣୀ ନିଜେ ତା' କେଶର ପ୍ରସାଧନ କରିବା ସଙ୍ଗେ ସଙ୍ଗେ ଅନ୍ୟର ସାହାଯ୍ୟ ଲୋଡ଼ିଥାଏ । ତା' କେଶ ପ୍ରସାଧନରେ ମାଆ, ଭଉଣୀ, ଭାଉଜ ପ୍ରଭୃତି ସାହାଯ୍ୟ କରୁଥିବା ନିମ୍ନୋକ୍ତ ପଙ୍କ୍ତିରୁ ଜଣାଯାଇଥାଏ :–

"ମାଳି ଫୁଲ ଗୁନ୍ଥେ ହାରକୁ ହାର,
ମାତା କେଶ ଖଙ୍କା ବାରକୁ ବାର ।
ମାତା ଯେତେବେଳେ କେଶ ଖାଙ୍କନ୍ତି,
ନଡ଼ିଆ ପାଳପା ପାଖେ ବସାନ୍ତି ।"

ଆଭିଜାତ୍ୟ ପରିବାରରେ ନାରୀର କେଶ ପ୍ରସାଧନ ପାଇଁ ଦାସୀ, ମାଳ୍ୟାଣୀ ଏ କାର୍ଯ୍ୟରେ ନିଯୁକ୍ତ ହୋଇଥିବା ଦେଖାଯାଏ ।

କେଶ ପ୍ରସାଧନ ନିମିତ୍ତ ପାନିଆଁ, ଦର୍ପଣ, ଚଉଁରି, ମୁଣ୍ଡକଣ୍ଟା, ବାଳଛପା ହେଉଛି ପ୍ରଧାନ ଉପକରଣ । ସାଧାରଣ ପରିବାରଠାରୁ ଆରମ୍ଭ କରି ସମ୍ଭ୍ରାନ୍ତ ପରିବାରର ରମଣୀମାନେ ଉପର୍ଯ୍ୟୁକ୍ତ ଉପକରଣମାନ କେଶ ପ୍ରସାଧନରେ ବ୍ୟବହାର କରିଥାନ୍ତି । ଏହି ଉପକରଣ ବ୍ୟତୀତ ପ୍ରସାଧନ ସୁଷ୍ଠୁ ରୂପେ ହୋଇପାରେ ନାହିଁ । ସାଧାରଣ ପରିବାରର ନାରୀମାନେ କାଠ ପାନିଆଁ ଓ ଶିଙ୍ଗ ପାନିଆଁର ବ୍ୟବହାର କରୁଥିବା ବେଳେ ସମ୍ଭ୍ରାନ୍ତ ପରିବାରର ନାରୀମାନେ ସୁନା, ରୁପା, ଦନ୍ତ ପାନିଆଁର ବ୍ୟବହାର କରୁଥିବା ଓଡ଼ିଆ ଲୋକ ସାହିତ୍ୟରୁ ଜଣାଯାଏ । ଏହାଛଡ଼ା ଭାରତୀୟ ନାରୀମାନେ କେଶ ପ୍ରସାଧନ ନିମିତ୍ତ ହାତୀଦାନ୍ତରେ ନିର୍ମିତ ପାନିଆଁର ବ୍ୟବହାର କରୁଥିବା ଜଣାଯାଏ । ଏହି ପାନିଆଁର ଗୋଟିଏ କିମ୍ବା ଉଭୟ ପାର୍ଶ୍ୱରେ ଦାନ୍ତ ଥାଏ । କେଶରାଶିରେ ପାନିଆଁ ସଞ୍ଚାଳନ କରିବା ଦ୍ୱାରା କେଶରାଶିରେ ଥିବା ମଇଳା ଦୂରୀଭୂତ ହୁଏ । କେଶ ସୁନ୍ଦର ଓ ଦୀର୍ଘସ୍ଥାୟୀ ହେବାରେ ଏହା ମଧ୍ୟ ସାହାଯ୍ୟ କରିଥାଏ । ଦୀର୍ଘାୟିତ କେଶକୁ ସୁସନ୍ଧ ଭାବେ ବନ୍ଧନ କରିବା ନିମିତ୍ତ ଚଉଁରୀର ଆବଶ୍ୟକତା ଯଥେଷ୍ଟ । ବିଭିନ୍ନ କେଶରେ ଚଉଁରୀ ପ୍ରସ୍ତୁତ ହୋଇଥାଏ । ପ୍ରାଚୀନ ଉତ୍କଳର ରମଣୀମାନଙ୍କଠାରେ ଘୋଡ଼ା ଓ ମଗର ପୁଚ୍ଛରେ ପ୍ରସ୍ତୁତ ଚଉଁରୀ ବ୍ୟବହାର ହେଉଥିବାର ଲକ୍ଷ୍ୟ କରାଯାଏ ।

ମୁକୁଳା କେଶରେ ଓଡ଼ିଆଣୀମାନେ ବିଭିନ୍ନ ପ୍ରକାର ପ୍ରସାଧନ କରିଥାନ୍ତି । ସେଗୁଡ଼ିକ ମଧ୍ୟରେ ବେଣୀ, ଜୁଡ଼ା, ଖୋସା ହେଉଛି ଅନ୍ୟତମ । ବେଣୀ ନିମନ୍ତେ ନାରୀମାନେ ମୁଣ୍ଡର ଠିକ୍ ମଝି ଭାଗରୁ ସୁନ୍ଥା ବାହାର କରି କେଶକୁ ସମାନ ଦୁଇ ଭାଗରେ ବିଭକ୍ତ କରିଥାନ୍ତି । ଏହି ଦୁଇ ଭାଗ କେଶରାଶି ମଧ୍ୟରୁ ପ୍ରତ୍ୟେକ ଭାଗକୁ ତିନିକୋଚା କରି ବେଣେଇ ଦିଆଯାଇ ବେଣୀ ବନ୍ଧନ କରାଯାଏ । ଏହା ଯୋଡ଼ି ବେଣୀ ନାମରେ ନାମିତ । ବେଣୀର ଶେଷ ଭାଗକୁ କେହି କେହି ନିଜର ରୁଚି ଅନୁଯାୟୀ ଝୁମ୍ପା ଦ୍ୱାରା ବନ୍ଧନ କରନ୍ତି । ଫଳରେ ବେଣୀ ଅବାଧରେ ଖୋଲି ମୁକୁଳା ହେବାର ସମ୍ଭାବନା ନଥାଏ । ଅନ୍ୟ କେହି ଲମ୍ବ ଭାବେ କେବଳ ଗୋଟିଏ ବେଣୀ ପକାଉଥିବା ଦେଖାଯାଏ । ଏହି ବେଣୀ ପାଇଁ ସମଗ୍ର କେଶରାଶିକୁ ତିନି ଭାଗରେ ବିଭକ୍ତ କରାଯାଇ ପୂର୍ବପରି ବେଣେଇ ଦିଆଯାଏ । ବେଣୀଟି ମଝି ପିଠିରେ ପ୍ରାୟ ଅଣ୍ଟା ତଳକୁ ଲମ୍ବ ଭାବେ ଝୁଲିଥାଏ । ଦକ୍ଷିଣୀ ପ୍ରଭାବରେ ଓଡ଼ିଶାର ରମଣୀମାନେ ଲମ୍ବା ବେଣୀ ପକାଉଥିବା ଅନୁମାନ କରାଯାଏ ।

ବେଣୀ ବନ୍ଧନ ନାରୀର ରୁଚି ଅନୁଯାୟୀ ହୋଇଥାଏ । ବେଣୀ ପାଇଁ ଦୀର୍ଘାୟିତ କେଶ ହିଁ ଉପଯୁକ୍ତ । ପ୍ରାଦେଶିକ ଓ ଆଞ୍ଚଳିକ କ୍ଷେତ୍ରରେ ନାରୀମାନେ ବିଭିନ୍ନ ପ୍ରଣାଳୀରେ ବେଣୀ ବନ୍ଧନ କରିଥାନ୍ତି । ବେଣୀ ବନ୍ଧନ ପ୍ରତିଦିନ କରାଯାଇଥାଏ । ଓଡ଼ିଶାର ନାରୀମାନେ ମଧ୍ୟ ଲମ୍ବା ବେଣୀ ପ୍ରତି ବିଶେଷ ଆଗ୍ରହ ପ୍ରକାଶ କରୁଥିବା ଓଡ଼ିଆ ଲୋକଗୀତରୁ ଲକ୍ଷ୍ୟ କରାଯାଇପାରେ । ପ୍ରତିଦିନ ଗୋଟିଏ ରୀତିରେ କେଶ ପ୍ରସାଧନ କରିବାରେ ସେ ତୃପ୍ତି ପାଇପାରେ ନାହିଁ । ତେଣୁ ମଝିରେ ମଝିରେ ସେ ବେଣୀ ବଦଳରେ ଜୁଡ଼ା ପକାଏ । ପ୍ରାଚୀନ ଓଡ଼ିଶାର ନାରୀମାନେ ପକାଉଥିବା ଜୁଡ଼ା ମଧ୍ୟରେ ଦକ୍ଷିଣୀ ଜୁଡ଼ା, କଜଳ ଜୁଡ଼ା, ଲୋଟଣୀ ଜୁଡ଼ା, କଉଳପାତିଆ ଜୁଡ଼ା, କଦଳୀ ଖାଦିଆ ଜୁଡ଼ା, ଡାଳିଆ ଜୁଡ଼ା, ବାଙ୍କ ଜୁଡ଼ା ପ୍ରଭୃତିର ନାମ ଉଲ୍ଲେଖନୀୟ । ଓଡ଼ିଆଣୀର ଲୋଟଣୀ ଜୁଡ଼ା ପ୍ରତି ଆଗ୍ରହ ଯଥେଷ୍ଟ ।

ଏହି ଜୁଡ଼ା ବନ୍ଧନ ପାଇଁ ଦୀର୍ଘାୟିତ କେଶର ଆବଶ୍ୟକତା ଯଥେଷ୍ଟ । ସ୍ୱଳ୍ପ କେଶରେ ଜୁଡ଼ା ବନ୍ଧନ ହୋଇପାରେ ନାହିଁ । ତେଣୁ ଜୁଡ଼ା ପକାଇବାକୁ ଆଗ୍ରହୀ ଥିବା ନାରୀମାନେ ସେମାନଙ୍କ କେଶରେ ଘୋଡ଼ା ବାଳର ଚଉଁରୀ ଇତ୍ୟାଦି ବ୍ୟବହାର କରି ଜୁଡ଼ା ବନ୍ଧନ କରିଥାନ୍ତି । ଜୁଡ଼ା ପକାଇବାର ପ୍ରଣାଳୀ ସ୍ୱତନ୍ତ୍ର । ଲମ୍ବ ଭାବରେ ଗୋଟିଏ ବେଣୀ ବନ୍ଧନ କରିସାରିବା ପରେ ତାହାକୁ ଗୋଲାକୃତିରେ ଗୁଡ଼ାଇ କରି ଗ୍ରୀବା ମୂଳରେ ବନ୍ଧନ କରାଯାଏ । ସାଧାରଣତଃ ଜୁଡ଼ା, ଚମ୍ପା, ବେଲ, ତାଳିସ, ନାରିକେଳ, ଫଗୁଆ ପ୍ରଭୃତି ଦେଖାଯାଏ । ଜୁଡ଼ାକୁ ଆକର୍ଷଣୀୟ ତଥା ସୁନ୍ଦର କରିବା ନିମନ୍ତେ ବିଭିନ୍ନ ପ୍ରକାର ଫୁଲ ଓ ପତ୍ରର ଆବଶ୍ୟକତା ଯଥେଷ୍ଟ ଥିବା ନିମ୍ନୋକ୍ତ ଉକ୍ତିରୁ ଜଣାଯାଏ । ତେଣୁ କୁହାଯାଏ :—

"ଦହି ସୁନ୍ଦର ଜୁଡ଼ାକୁ,
ଫୁଲ ସୁନ୍ଦର ଜୁଡ଼ାକୁ ।"

ଅନ୍ୟାନ୍ୟ ରଙ୍ଗୀନ ପୁଷ୍ପ ଅପେକ୍ଷା କଳା କୁନ୍ତଳକୁ ଧଳା ପୁଷ୍ପ ଅତୀବ ରମଣୀୟ ଦେଖାଯାଏ । ତେଣୁ ଓଡ଼ିଶାର ନାରୀମାନେ ବିଶେଷତଃ ଜାଇ, ଚମ୍ପା, ମଲ୍ଲୀ, ମାଳତୀ, ସେବତୀ, ବଉଳ, କିଆ ପ୍ରଭୃତି ଫୁଲ ଜୁଡ଼ାରେ ମଣ୍ଡନ କରିବାକୁ ଭଲ ପାଆନ୍ତି ।

ସାଧାରଣ ଦିନର କେଶ ପ୍ରସାଧନ ଅପେକ୍ଷା ବିବାହବ୍ରତାଦି ଉତ୍ସବ ଦିନମାନଙ୍କରେ ନାରୀମାନେ ବିଭିନ୍ନ ରୀତିରେ ଜୁଡ଼ା ବନ୍ଧନ କରିଥାନ୍ତି । ଏହି ଜୁଡ଼ାରେ ବିଭିନ୍ନ ପୁଷ୍ପ ମଣ୍ଡନ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ବାସପତ୍ରକୁ ମଧ୍ୟ ସେଥିରେ ଖୋସିଥିବା ଦେଖାଯାଏ । ଉକ୍ତ ପତ୍ର ଜୁଡ଼ାକୁ ଆକର୍ଷଣୀୟ କରିବା ସଙ୍ଗେ ସଙ୍ଗେ ସୁଗନ୍ଧ ବିତରଣ ମଧ୍ୟ କରିଥାଏ । କେବଳ ଏତିକି ନୁହେଁ, ଜୁଡ଼ାକୁ ଆହୁରି ସୁନ୍ଦର କରିବା ନିମିତ୍ତ ବିଭିନ୍ନ ମୂଲ୍ୟବାନ ଧାତୁର ଅଳଙ୍କାରମାନ ମଣ୍ଡନ କରାଯାଇଥାଏ । ଏହା ସାଧାରଣ ପରିବାରର ନାରୀମାନଙ୍କଠାରେ ପରିଦୃଷ୍ଟ ହୁଏ ନାହିଁ । ସମ୍ଭ୍ରାନ୍ତ ତଥା ଆଭିଜାତ ପରିବାରର ନାରୀମାନେ ସେମାନଙ୍କ ଜୁଡ଼ାରେ ସୁନାତାରା, ସୁନାଧ୍ରୁବ, ରୁପେଲି ଫୁଲ, ସୁନା କାକେରା ମଣ୍ଡନ କରିଥିବା ଦେଖାଯାଏ ।

ଜୁଡ଼ା ବନ୍ଧନ ବ୍ୟତୀତ ଓଡ଼ିଆଣୀମାନେ ଖୋସା ପକାଉଥିବା ପରିଦୃଷ୍ଟ ହୋଇଥାଏ । ଏହି ଖୋସା ବିଭିନ୍ନ ଧରଣର । କେଶ ଅନୁଯାୟୀ ଛୋଟ, ବଡ଼ ଓ ମଧ୍ୟମ ଧରଣର ଖୋସାମାନ ନାରୀମାନେ ପକାଇଥାନ୍ତି । ଖୋସା ପକାଇବା ପୂର୍ବରୁ କେଶକୁ ଭଲ ରୂପେ ପାନିଆଁରେ ସଞ୍ଚାଳନ କରି ସେହି କେଶରାଶିକୁ ଭାଙ୍ଗି କରି ବିଭିନ୍ନ ଆକୃତିରେ ସଜ୍ଜିତ କରାଯାଏ । ଜୁଡ଼ା ଓ ବେଣୀର ପ୍ରସାଧନଠାରୁ ଖୋସାର ପ୍ରସାଧନ ସ୍ୱତନ୍ତ୍ର । ମୁକୁଳା କେଶକୁ ଭାଙ୍ଗି କରି ଗ୍ରୀବାରେ ଖୋସି ଦିଆଯାଏ । ଜୁଡ଼ାରେ ଅଳଙ୍କାର ମଣ୍ଡନ କଲା ପରି ଖୋସାରେ ମଧ୍ୟ ଅଳଙ୍କାର ମଣ୍ଡନ କରାଯାଉଥିବା ପରିଲକ୍ଷିତ ହୋଇଥାଏ । ସ୍ୱାମୀର ମନୋରଞ୍ଜନ ସକାଶେ ପତ୍ନୀ ଅଳଙ୍କାର ମଣ୍ଡିତ ଖୋସା ପାରିଥିବା ଦୃଷ୍ଟାନ୍ତ ନିମ୍ନୋକ୍ତ ଲୋକଗୀତରୁ ଜଣାଯାଏ :—

"କହିଁର ଲାଗି ଭଉଁର ମଲା,
ଖୋସା ପାରୁ ପାରୁ ଦିଅର ମଲା ।
ଆଉ ଦିନେ ଖୋସା ପାରିବି ନାହିଁ,
ଦିଅର ଆଗରେ ଗ୍ଭଲିବି ନାହିଁ ।
ଯେବେ ପାରିଥିବି ଡାଲିଆ ଖୋସା,
ସୁନା ଲାଗିଥିବ ଚଉଦ ମସା ।
ରୁପା ଲାଗିଥିବ ପାଏ —
ଗ୍ଭଲିଥିବି ମୁହିଁ ଝମ୍‌ଝମ୍,
ସୁଆମି ଆସିବା ଯାଏ ।"

ଓଡ଼ିଆଣୀମାନେ ବଉଳ କାନ୍ଧିଆ ଖୋସା, ତେଲେଙ୍ଗୀ ଖୋସା, ଡାଲିମ୍ବ ଖୋସା, ଡାଲିଆ ଖୋସା, ସପଲପୁରିଆ ଖୋସା, ଫୁଲାଣିଆ ଖୋସା, ଟଭା ଫାଳିଆ ଖୋସା ପ୍ରଭୃତି ବିଭିନ୍ନ ଖୋସାରେ ନିଜ ଗଭାକୁ ସଜାଇଥାନ୍ତି । ଉପରୋକ୍ତ ଆଲୋଚନାରୁ ପ୍ରାଚୀନ ଓଡ଼ିଶାର ନାରୀମାନଙ୍କର କେଶ ପ୍ରସାଧନ ସମ୍ପର୍କରେ ସମ୍ୟକ୍ ଧାରଣା କରିହେବ ।

ଅଧ୍ୟାପକ, ଓଡ଼ିଆ ବିଭାଗ,
ଏମ୍‌. ଏମ୍‌. କଲେଜ, ବିସମ କଟକ,
କୋରାପୁଟ–୭୬୫୦୧୯ ।



# ସବୁଜ ଆହ୍ୱାନ

ଶ୍ରୀ ଅରୁଣ କୁମାର ମହାପାତ୍ର

ଆସ କୁନା, କୁନି, ମୁନୀ ମୋର ଭାଇ ଭଉଣୀ,
ନିଜ ଛନ୍ଦେ କହିଯିବା ଆମ ଦେଶ କାହାଣୀ ।

ଆମ ଗାଁ ବିଲବନ ଥିଲା କେଡ଼େ ସୁନ୍ଦର,
ଆମକୁ ସେ କରୁଥିଲା କେତେ ସ୍ନେହ ଆଦର ।

ଭଳି ଭଳି ଖେଳୁଥିଲେ ତୋଟା ବାଡ଼ି ଉହାଡ଼େ,
ଆଜି ସବୁ ଗଲାଣିଲି ସ୍ୱପ୍ନଭଳି କୁଆଡ଼େ ।

ହୋଇଲେ ସ୍ୱାଧୀନ ଆମେ ଗରବରେ ଫାଟିଲେ,
ଗାଁ ଗଣ୍ଡା ଛାଡ଼ି ସବୁ ସହରରେ ମାତିଲେ ।

ଘୃଣାକଲେ ନିଜ ଭୂଇଁ, ବାବୁ ହେବା ପାଇଁ କି,
ଗଡ଼ିଗଲା ଦିନସବୁ ଖାଲିଧାଇଁ ଧାଇଁ କି ।

କଳକାରଖାନା ନାମେ ଗଛସବୁ କାଟିଲେ,
ଗୋଲାପୀ ଜୀବନେ ମାତି, ସବୁଜକୁ ଭୁଲିଲେ ।

ପାହିଗଲା ରାତିଆମ ସରିଲାନି ସପନ,
ନିଜ ଭୁଲ ବୁଝି ଆଜି ଆମେ ଚିନ୍ତା ମଗନ ।

ସବୁଜ ବନାନୀ ଆଉ ଗାଁ ପାଣି ପବନ,
ସବୁଜରେ ଗଢ଼ାପରା ଆମଦେଶ ଜୀବନ ।

ଦିନରାତି ଭାବିଭାବି ଯୁକ୍ତି ଏକ ମିଳିଛି,
ଗଛରାଶି ଲଗାଇବା ଆଜି ଦିନ ଆସିଛି ।

ଧୂସର ଏ ଜୀବନକୁ ସବୁଜୀମା କରିବା,
ଉଦାସୀ ପ୍ରାଣରେ ଆମେ ପୁଣି ଦମ ଭରିବା ।

ଗାଁ ଗାଁ ବୁଲି ବୁଲି କରିଯିବା ପ୍ରଚାର,
ସବୁଜରେ ଗଢ଼ା ଆମେ, ସବୁଜରେ ଜୀବନ ।

ବାଡ଼ି ବଗିଚାରେ ଆସ ଗଛରାଶି ରୋପିବା,
ଅତୀତର ଗୌରବକୁ ପୁଣି ଫେରିପାଇବା ।

ଝଡ଼ ଝଞ୍ଜା ଆମୁ ପଛେ ହେବା ନାହିଁ ବିବ୍ରତ,
ଓଡ଼ିଶା ଦିବସେ ଆମେ ନେବା ଦୃଢ଼ ଶପଥ ।

ଶ୍ରୀ ଜଗନ୍ନାଥ ପୁକର ଦାସ,
ଗ୍ରା: ପୋ:-ଖାଦରା, ଜିଲ୍ଲା-ବାଲେଶ୍ୱର ।



# ମେହେର ସାହିତ୍ୟରେ ଜାତୀୟ ଚେତନା

ଶ୍ରୀ ରାଜାରାମ ମେହେର

ଯେ ସମୟରେ ଓଡ଼ିଆ ଭାଷାଞ୍ଚଳ (ଓଡ଼ିଶା) ଖଣ୍ଡ ଖଣ୍ଡ ଆକାରରେ ପଡ଼ୋଶୀ ପ୍ରଦେଶମାନଙ୍କର କରଗତ ହୋଇ ରହିଥାଏ। ସମ୍ବଲପୁର ଜିଲ୍ଲା ଖାଣ୍ଟି ଓଡ଼ିଆ ଭାଷାଞ୍ଚଳ ହେଲେ ହିନ୍ଦି, କେବେ ଉର୍ଦ୍ଦୁ, କେବେ ପାର୍ସି ଆଦି ବିଭିନ୍ନ ଭାଷାରେ ପରିଚାଳିତ ହେଉଥିଲା। ୧୮୬୨ ସାଲରେ ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ ହୋଇ ହିନ୍ଦି ଓ ଓଡ଼ିଆ ଭାଷାରେ ପରିଚାଳିତ ହେଲା। ୧୮୬୯ରୁ କେବଳ ଓଡ଼ିଆ ଭାଷାରେହିଁ କାମ ଚାଲିଲା। ଇଂରାଜୀ ଥିଲା ପ୍ରଧାନ ସରକାରୀ ଭାଷା। ଏହା ୧୮୯୫ ପର୍ଯ୍ୟନ୍ତ ଚାଲିଆସିଲା ଦୀର୍ଘ ୩୦ ବର୍ଷ ଯାଏ। ଏହି ସମୟ ମଧ୍ୟରେ ଏଥିର ସ୍କୁଲଗୁଡ଼ିକରେ ଓଡ଼ିଆ ଶିକ୍ଷାର ବେଶ୍ ପ୍ରଚଳନ ଥିଲା। ୧୮୯୬ରୁ ପୁଣି ହିନ୍ଦିକୁ ସରକାରୀ ଭାଷାରୂପେ ପ୍ରଚଳନ କରିବା ତଥା ତାହିଁର ବ୍ୟାପକ ପ୍ରଚାର ଓ ପ୍ରସାର ନିମନ୍ତେ ସରକାର ଉଦ୍ୟମ ଚଳାଇ ସ୍କୁଲମାନଙ୍କରେ ଓଡ଼ିଆ ବଦଳରେ ହିନ୍ଦି ଶିକ୍ଷାର ବ୍ୟବସ୍ଥା କଲେ। ଏତଦ୍ଦ୍ୱାରା ଜିଲ୍ଲାରୁ ଓଡ଼ିଆଭାଷା ଅଚିରେ ମୂଳପୋଛ ହୋଇଯିବ, ଏ ଆଶଙ୍କାରେ ସମ୍ବଲପୁର ବାସୀ ଆତଙ୍କିତ ହୋଇ ଉଠିଲେ। ସେମାନଙ୍କ ହୃଦୟରେ ପ୍ରବଳ ନୈରାଶ୍ୟ ତଥା ଅସନ୍ତୋଷ ଜନିତ ମନୋଭାବ ପ୍ରକାଶ ପାଇଲା। ଫଳତଃ ସେହି ସମୟରେ ସମ୍ବଲପୁରରେ ପ୍ରକାଶ ପାଉଥିବା ଏକମାତ୍ର ପତ୍ରିକା "ସମ୍ବଲପୁର ହିତୈଷିଣୀ" ମଧ୍ୟ ପ୍ରଦେଶ ସରକାରଙ୍କ ସେହି ଓଡ଼ିଶା ବିରୋଧ ନୀତିକୁ ତୀବ୍ର ସମାଲୋଚନା କରିବାକୁ ଲାଗିଲା। ଆମର ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ମାତୃ ଭାଷାର ପତନ ଜନିତ ଚିନ୍ତାର ଅଦମନୀୟ ସ୍ଫୂର୍ତ୍ତି ତଦୀୟ ସରଳ ତରଳ ଅନାବିଳ ହୃଦୟରୁ ସ୍ୱତଃ ଲେଖନୀ ନିଃସୃତ ହୋଇ କେତେଗୁଡ଼ିଏ କବିତା ତାହିଁରେ ପ୍ରକାଶିତ ହେଲା। ତନ୍ମଧ୍ୟରୁ "ଭାରତୀ ରୋଦନ" ଓ "ଉତ୍କଳ ଭାରତୀଙ୍କ ନିବେଦନ" ଶୀର୍ଷକ ଦୁଇଟି କବିତା ତତ୍କାଳୀନ ମାତୃଭାଷା ଆନ୍ଦୋଳନ ଦିଗରେ କିଭଳି ମର୍ମସ୍ପର୍ଶୀ ହୋଇପାରିଥିଲା। ତାହା ପଠନ ମାତ୍ରେହିଁ ଉପଲବ୍ଧ। କେତେକ ଉଦାହରଣ ଦିଏଁ।

"ହିନ୍ଦି ସରସ୍ୱତୀ ମୋ ଛାତିରେ ବସି କରିବ ପରା ରାଜତ୍ୱ,
ମୋ' ଆଶାକାନନ ଇନ୍ଦ୍ରରାଣୀ ହେବ ତା ନବ
ଉଦ୍ୟାନେ ଖତ।
ଉପମାତା ଆସି ଗର୍ଭଧାରିଣୀର ମସ୍ତକେ ଚରଣ ଦେବ,
ଏ ଦଶା ଦେଖିଲେ କେଉଁ ସନ୍ତାନର ମନରେ
ଦୁଃଖ ନ ହେବ।
ତା କୁନ୍ତ ପ୍ରହାରେ ଜୀବନ ନ ଯିବ ହେଉଥିବି କଲବଲ,
ମୋହ ରକ୍ଷାପାଇଁ ବିକଳେ ମୋ' ପୁଏ ମୁଖେ
ଦେଉଥିବେ ଜଳ।"

ଇତ୍ୟାଦି ପଦଗୁଡ଼ିକରେ କରୁଣ ରସର ଯେଉଁଭଳି ପରିବେଷଣ କରାଯାଇଛି ଭାବୁକ ପାଠକର ଚିତ୍ତକୁ ଆବେଗମୟ ତଥା ତା'ର ନୟନଯୁଗଳକୁ ଏକାବେଳକେ ଲୋତକ ଜର୍ଜର କରି ଦେଉନାହିଁ କି ? ସୁତରାଂ ତତ୍କାଳୀନ ଭାଷା ଆନ୍ଦୋଳନ ଜନିତ ନବ ଜାଗରଣ ଆନୟନ ଦିଗରେ ଏ ଗୁଡ଼ିକ କିଭଳି ସକ୍ଷମ ତଥା ମର୍ମସ୍ପର୍ଶୀ ହୋଇପାରିଛି, ଏହା ସହଜରେ ଅନୁମେୟ। ତା ପରେ ବ୍ୟକ୍ତି ବିଶେଷରେ ଏ କ୍ଷେତ୍ରରେ ଲାଗିପଡ଼ିବା ସକାଶେ କିଭଳି କୋମଳ ଓ ଉତ୍ତେଜନାପୂର୍ଣ୍ଣ କୌଶଳରେ ଆବେଦନ କରିଅଛନ୍ତି ତାହା ମଧ୍ୟ ଲକ୍ଷ୍ୟ କରିବାର କଥା। ଯଥା–

"ମହତ ଛାମୁରେ ପ୍ରାର୍ଥନା କରିବା ପ୍ରଶଂସ୍ୟ ଅଟଇ ସଦା,
ଫଳଲାଭ ପଛେ ନ ହେଲେ ନ ହେବ ନୀଚେ ନ
ଯାଚିବ କଦା।
ମୋହ ଲାଗି କେତେ ଯତନ କରୁଛୁ ଆହା ମୋ' ଧରଣୀଧର,
ତୋତେ ଘେନି ମୁହିଁ ପୁତ୍ରବତୀ ଏକା ତୁ ମୋର
ଯୋଗ୍ୟ କୁମର।"

ଏହାପରେ "ଉତ୍କଳ ଭାରତୀଙ୍କ ନିବେଦନ" କବିତାରେ–

"ସୁତଳ ଦେବ ହେ ବିବିଧ ଗୁଣେ ହୋଇ ପଣ୍ଡିତ,
ଉପାଧି ମାଳାରେ ନାମକୁ କରୁଅଛ ମଣ୍ଡିତ।"

XX XX XX

"ସ୍ୱହସ୍ତରେ ଗଢ଼ି ଯତନେ ନାନାବିଧ ଭୂଷଣ,
ଯା' ଅଙ୍ଗରେ ମଣ୍ଡି ଦେଉଛି ସହି କେତେ କଷଣ,
ରାଜ୍ୟଛାଡ଼ି ଆଜ ଦୁଃଖେ ସେ ଯାଉଅଛି ବାହୁଡ଼ି
ତାହାପାଇଁ ପଦେ କହିବା ଏବେ ହେଲା କି ଭାରି ?
ରାମଚନ୍ଦ୍ର ଦେବ ପାଟଣା ମହୀମଣ୍ଡଳେଶ୍ୱର,
ବାଘ ମାରିବାକୁ ବୁଲୁଛ ବନେ ନିଶିବାସର।
ଗୁହାକରେ ପଶି ଶୃଗାଳ ଖାଇ ଯାଉଛି ଗାଈ,
ଏ ଆଡ଼କୁ କିମ୍ପା ତୁମ୍ଭର ଟିକେ ନଜର ନାହିଁ ?
ଏ ଗାଈଟି ମଲେ ମିଳିବ ନାହିଁ ମଧୁର କ୍ଷୀର,
ଶୃଗାଳ ନ ପଶୁ ଗୁହାକେ ଆହେ ଚୌହାନ ବୀର।"
ଇତ୍ୟାଦି

ଉକ୍ତିଗୁଡ଼ିକ ତତ୍କାଳୀନ ରାଜା ମହାରାଜା ଓ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କ ପ୍ରତି ଉଦ୍ଦିଷ୍ଟ ହେଲେ ମଧ୍ୟ ଏହା ଓଡ଼ିଆ ଭାଷାଭାଷୀ ପ୍ରତ୍ୟେକ ପାଠକଙ୍କୁ ସହଜରେ ପ୍ରଭାବିତ କରିଥିବ ଏଥିରେ ସନ୍ଦେହ ନାହିଁ। ଏ ଗୁଡ଼ିକ ପଠନ ସମୟରେ ସତେ ଯେପରି ନିଜେ କବି ଘର ଘର ବୁଲି ସେହିମାନଙ୍କ ସାମନାରେ କଥୋପକଥନ କରି ସେମାନଙ୍କୁ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦିଗରେ ପ୍ରସ୍ତୁତ ହେବା ସକାଶେ ସୂଚନା ଦେଉଥିବା ଭଳି ଦୃଶ୍ୟ ଆଖି ଆଗରେ ନାଚି ଯାଉଛି।

୧୮୮୦ରୁ ଉତ୍କଳ ମିଶ୍ରଣ ସକାଶେ ମଧୁବାବୁ ଗୌରିଶଙ୍କର ରାୟ ପ୍ରମୁଖ ଓଡ଼ିଶାର ପ୍ରଖ୍ୟାତ ନାନା ବ୍ୟକ୍ତିବୃନ୍ଦ ଉତ୍କଳ ସଭା ଗଠନ କରି ସ୍ୱତନ୍ତ୍ର ପ୍ରଦେଶ ଗଠନ ସକାଶେ ସରକାରଙ୍କ ଆଗରେ ଦୃଢ଼ତାର ସହ ଦାବୀ ଚଳାଇ ଆସୁଥାନ୍ତି । ସମ୍ବଲପୁର ଭାଷା ଆନ୍ଦୋଳନକୁ ଏମାନେ ଦୃଢ଼ ସମର୍ଥନ ଜଣାଇଲେ । ଫଳତଃ ଓଡ଼ିଆ ଭାଷା ଭାଷୀ ଅଞ୍ଚଳମାନଙ୍କରେ ପ୍ରକାଶ ପାଉଥିବା ଅନ୍ୟାନ୍ୟ ପତ୍ର ପତ୍ରିକା ଗୁଡ଼ିକରେ ମଧ୍ୟ ସରକାରଙ୍କ ଓଡ଼ିଆ ବିରୋଧ ମନୋଭାବ ଉପରେ ଆହୁରି ଅଧିକ ତୀବ୍ର ସମାଲୋଚନାମାନ ବାରମ୍ବାର ପ୍ରକାଶ ପାଇଲା । ଏହିପରି ଭାବରେ ସମ୍ବଲପୁର ଭାଷା ଆନ୍ଦୋଳନ ଚାଲିଲା ୧୮୯୫ରୁ ୧୯୦୫ ପର୍ଯ୍ୟନ୍ତ । ତା ପରେ ତହିଁର ସଫଳତା ସମ୍ପର୍କରେ ସରକାର ଘୋଷଣା କରିଥିଲେ । ଫଳତଃ ପାଟଣା କଳାହାଣ୍ଡି ସୋନପୁର ବାମଣ୍ଡା ଓ ରେଢ଼ାଖୋଲ ସମ୍ବଲପୁର ସହିତ ଡ଼ିଭିଜନରେ ମିଳିତ ହେଲା ଓ ଓଡ଼ିଆ ଭାଷା ସମ୍ବଲପୁରରେ ସରକାରୀ ଭାଷା ରୂପେ ସ୍ଥାନ ପାଇଲା ।

ଉତ୍କଳ ମିଶ୍ରଣ ଆନ୍ଦୋଳନ କିନ୍ତୁ ସେହିପରି ଚାଲିଥାଏ । ଓଡ଼ିଆ ହେଲେ ମଧ୍ୟ ସେ ସମୟରେ କେତେକ ଇଂରେଜୀ ପଢ଼ୁଆ ସର୍ବଦା ଇଂରାଜୀ ଭାଷା ବ୍ୟବହାର କରି ନିଜକୁ ଖୁବ୍ ଉଚ୍ଚସ୍ତରର ବ୍ୟକ୍ତି ବୋଲି ଭାବୁଥିଲେ ଓ ପରିକଳ୍ପିତ କାର୍ଯ୍ୟାନୁଷ୍ଠାନ ପ୍ରତି ବିରୋଧ ମନୋଭାବ ପ୍ରକାଶ କରୁଥିଲେ । ଯାହାକି ଦେଶପକ୍ଷରେ ଏକ ଭୀଷଣ ରୋଗ ରୂପେ ପରିଗଣିତ ହେଉଥିଲା । ମେହେର କବି ସେହିମାନଙ୍କ ଉଦ୍ଦେଶ୍ୟରେ ଲେଖିଲେ–

"ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା ।" ଇତ୍ୟାଦି

ପୁଣି–

"ମାତୃଭୂମି ମାତୃଭାଷାରେ ମମତା ଯା ହୃଦେ ଜନମି ନାହିଁ,
ତାକୁ ଯେବେ ଜ୍ଞାନୀ ଗଣରେ ଗଣିବା ଅଜ୍ଞାନ
ରହିବେ କାହିଁ ?"

ମେହେର କବିଙ୍କ ଏହି ପଦ ଦୁଇଟି ସାଧାରଣତଃ ଏତେ ଲୋକପ୍ରିୟ ଯେ, ମାତୃଭୂମି ଓ ଭାଷାର କଥନ ମାତ୍ରେ ଅନେକେ ଏହା ଉଚ୍ଚାରଣ କରିଥାନ୍ତି ।

ଠିକ୍ ଏହି ଉତ୍କଳ ମିଶ୍ରଣ ଆନ୍ଦୋଳନ ସମୟ ମଧ୍ୟରେ ୧୮୯୮ରେ କବିଙ୍କ ଜାତୀୟ କାବ୍ୟ "ଉତ୍କଳ ଲକ୍ଷ୍ମୀ"ର ଖଣ୍ଡ ଓ ଅସମ୍ପୂର୍ଣ୍ଣ ରୂପେ ପ୍ରକାଶିତ । ପରେ ୧୯୧୪ରେ ପୂର୍ଣ୍ଣାଙ୍ଗିନୀ ରୂପେ ପ୍ରକାଶିତ । କାବ୍ୟ ଖଣ୍ଡିକ କବିଙ୍କ ଦେଶ ଓ ଜାତି ପ୍ରୀତିର ଶ୍ରେଷ୍ଠ ପରିଚାୟକ ।

ଭାଗେସୁଣ୍ଡା,
ସମ୍ବଲପୁର-୭୬୮୦୦୧ ।



ଜନଲାଠାରେ ଆୟୋଜିତ "ଲୋକନୃତ୍ୟ ଉତ୍ସବ"କୁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ ଉଦ୍‌ଘାଟନ କରୁଛନ୍ତି ।



# ପଲ୍ଲୀମାଟିର ପଲ୍ଲୀକବି

ଶୁଭେନ୍ଦୁ କୁମାର ଭୂୟାଁ

କୁସୁପୁରର ଗାଁ ମାଟି ଆଜି ଧନ୍ୟ ହୋଇଛି । ଧନ୍ୟ ହୋଇଛି ପଲ୍ଲୀ ପ୍ରକୃତିର ଅନବଦ୍ୟ ଜନପଦଟି ତା' ମାଟିରେ ଗୌରିଜନ୍ମାମାନଙ୍କୁ ସ୍ଥାନ ଦେଇ ।

କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ତଥା ବହୁରୂପା ବିରୂପା ନଦୀର ବେଳା ବେଷ୍ଟିତ ଛବିଳ ଗ୍ରାମର ନାଁ କୁସୁପୁର । ପୂର୍ବେ ଏହାର ନାମ ଥିଲା କୁସୁମପୁର। ସମୟ କ୍ରମେ ଜନଶ୍ରୁତିର ଏଇ 'କୁସୁମପୁର' ନାମଟି ଲୁଚି ଯାଇଥିଲେବି କୁସୁପୁରର ପଲ୍ଲୀଭୂଇଁ ଉତ୍କଳର ସାରସ୍ୱତ ଇତିହାସରେ ଏକ ମହିମାନ୍ୱିତ କବିର ଜନ୍ମମାଟି ଭାବେ ପ୍ରସିଦ୍ଧ ହୋଇଚି । ସୁବିଖ୍ୟାତ ହୋଇପାରିଛି ।

ପଲ୍ଲୀ ପ୍ରକୃତିର ଜଣେ ଉପତାନ ପ୍ରେମିକ ଭାବେ ଉତ୍କଳୀୟ ସାହିତ୍ୟ କଳାର ଭାଣ୍ଡାର ନକ୍ଷତ୍ର ସ୍ୱର୍ଗତ ନନ୍ଦକିଶୋର ବଳ ପଲ୍ଲୀକବି ଭାବେ ସୁବିଦିତ । ଏହି ବିଖ୍ୟାତ ସାହିତ୍ୟ ସାଧକଙ୍କ ଜନ୍ମପୀଠ କୁସୁପୁର ।

୧୮୭୫ ମସିହାର ଡିସେମ୍ବର ମାସ ୨୨ ତାରିଖ । ସେଦିନ ଥିଲା ପଲ୍ଲୀକବିଙ୍କ ଜନ୍ମଦିନ । ସଚରାଚରର ସବୁ ଦେବଶିଶୁଙ୍କ ପରି ସେ ଜନ୍ମ ଗ୍ରହଣ କରିଥିଲେ । ବାଲ୍ୟରୁ କୈଶୋର ତାଙ୍କର କଟିଥିଲା ଗାଁ ଦାଣ୍ଡର ଧୂଳିଧୂସରିତ ମାଟିରେ । କିନ୍ତୁ କେହି କ'ଣ ଜାଣିଥିଲା ଏହି ସାଧାରଣ ପିଲାଟି ଦିନେ ଅସାଧାରଣ ଭାବେ ସୁଖ୍ୟାତ ହେବ । ପଲ୍ଲୀ ପ୍ରକୃତିର କଳାକାରିଗରୀ ଲାଗି ତା'ର ଲେଖନୀମୁନ ଧନ୍ୟ ହେବ । ଓଡ଼ିଶାରେ ପରିଚିତ ହେବ ତା' ଗାଁ ମାଟିର ଗୌରବାନ୍ୱିତ କଥା କାହାଣୀ ? ବାସ୍ତବରେ କିନ୍ତୁ ତାହାହିଁ ହେଲା ।

ଇତିହାସ କହେ, ତାଙ୍କ ପୂର୍ବପୁରୁଷ ଯାଦବାନନ୍ଦ ଓ ମାଧବାନନ୍ଦ ନାମରେ ଦୁଇ 'ବୀର ପୁରୁଷ' ସହୋଦର ଦିନେ ତତ୍କାଳୀନ ଉତ୍କଳର ଗଜପତି, ଲକ୍ଷେ ରାଜାର ମଉଡ଼ମଣି ପ୍ରତାପରୁଦ୍ର ଦେବଙ୍କ ନିକଟରେ ସୈନିକ ଭାବେ କାର୍ଯ୍ୟ କରୁଥିଲେ । କର୍ମକ୍ଳାନ୍ତ ସେନାବାହିନୀରୁ ଅବସର ଗ୍ରହଣ ପରେ ସେମାନେ ବିରୂପା ନଈର କୂଳରେ ଶେଷଜୀବନ ବିତାଇବା ଲାଗି ବସତି ସ୍ଥାପନ କରିଥିଲେ । କବିଙ୍କ ପିତା ଭଜନାନନ୍ଦ ଥିଲେ ଏହି ବଂଶର ଦାୟାଦ । ବାଲ୍ୟକାଳରୁ ମାତୃସ୍ନେହରୁ ବଞ୍ଚିତ ହୋଇ ଶିଶୁ ରସାନନ୍ଦ ପିଉସୀ ଜାନକୀ ଦେବୀଙ୍କ ସ୍ନେହ ମମତା ଭରା ପରଶରେ ବଢ଼ିହେବାକୁ ଲାଗିଲେ । କବିଙ୍କ ପିଲାଦିନର ଶ୍ରଦ୍ଧାନାମ ଥିଲା 'ରସାନନ୍ଦ' ।

ବିଧବା, ନିଃସନ୍ତାନ ପିଉସୀ, ଭାଇରପୁଅ "ରସାନନ୍ଦ"କୁ ପୋଷ୍ୟ ପୁତ୍ର ରୂପେ ଗ୍ରହଣ କରିଥିଲେ ବୋଲି ପିତୃ କୁଳର ସଂଜ୍ଞା 'ଜେନା' ପରିବର୍ତ୍ତେ ସେ ହେଲେ 'ବଳ' ସଂଜ୍ଞାର ଅଧିକାରୀ ।

ଜନନୀ ହିରଣ୍ମୟୀ ଦେବୀଙ୍କ ଚତୁର୍ଥ ଗର୍ଭର ସନ୍ତାନ ଥିଲେ ନନ୍ଦକିଶୋର । କୁସୁପୁରର ଗ୍ରାମ୍ୟ ପାଠଶାଳାରେ ତାଙ୍କର ପ୍ରାଥମିକ ଶିକ୍ଷାର ଶୁଭାରମ୍ଭ ହୋଇଥିଲା । ସେ ତତ୍ କାଳୀନ ପାଠ୍ୟକ୍ରମାନୁସାରେ ପଣିକିଆ, ଶୋଧୁ, ଓଡ଼ାଙ୍କ, ଫେଡ଼ାଣ, ଛାନ୍ଦ ଓ ଚଉତିଶା ଇତ୍ୟାଦି ସମାପ୍ତ କରିଥିଲେ । ତତ୍ କାଳୀନ ସମାଜର ବଂଶାନୁକ୍ରମିକ କତିପୟ ମାଟିବଂଶ ବା କ୍ଷତିବଂଶର ଅବଧାନ ଥିଲେ ତାଙ୍କର ପ୍ରଥମ ଶିକ୍ଷାଗୁରୁ । ପ୍ରାଥମିକ ଶିକ୍ଷାପରେ କିଛିଦିନ ଗୁମାସ୍ତା କାର୍ଯ୍ୟରେ ସେ ନିୟୋଜିତ ହୋଇଥିଲେ । ଜୀବନ ଜାହ୍ନବୀର ସାମ୍ନାମ୍ନରେ ଉଚ୍ଚତର ବିଦ୍ୟାଧ୍ୟୟନରୁ ବିରତ ରହିବା ସମ୍ଭବତଃ ତାଙ୍କ ଜାତକରେ ନଥିଲା । ତେଣୁ ସେ ପୁଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଲାଭ କରି ୧୮୮୯ ସାଲରେ ଅନୁଷ୍ଠିତ ପରୀକ୍ଷାରେ ଓଡ଼ିଶାର ମୋଟ ୪୮୫ ଜଣ ଉତ୍ତୀର୍ଣ୍ଣ ବିଦ୍ୟାର୍ଥୀଙ୍କ ମଧ୍ୟରେ ସ୍ଥାନ ପାଇଥିଲେ ।

'ତୁଳସୀ ଦୁଇ ପତ୍ରରୁ ସୁବାସିତ ହୁଏ'– ଏହି ନ୍ୟାୟରେ ତାଙ୍କ କବିପ୍ରତିଭା ବାଲ୍ୟ ଜୀବନରୁ ପ୍ରତିଭାତ ହୋଇଥିବା ଜଣାଯାଏ । ପ୍ରାଥମିକ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇ ସରକାରୀ ବୃତ୍ତି ପରୀକ୍ଷା ଦେବାକୁ ଯିବା ପୂର୍ବରୁ ସେ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ନାରାୟଣ ଚଣ୍ଡିଙ୍କ ପାଇଁ ଏକ ସ୍ତୋତ୍ର ରଚନା କରିଥିଲେ ।

ମହର୍ଷି ବାଲ୍ମୀକିଙ୍କ କଣ୍ଠରୁ ନିନାଦିତ ବେଦନା ବିଧୁରିତ ଶୋକ କବିତା ଯେପରି ସୃଷ୍ଟିର ପ୍ରଥମ ବିରଚିତ କବିତା ହୋଇଥିଲା ବାଳକ ନନ୍ଦକିଶୋରଙ୍କ ପରୀକ୍ଷାରେ ପାସ୍ କରିବାର ଆଶିର୍ବାଦ ଭିକ୍ଷା ସ୍ତୋତ୍ର ହିଁ ଥିଲା ତାଙ୍କ ବାଲ୍ୟ ଚପଳ ଜୀବନର ପ୍ରଥମ ସ୍ୱର ସ୍ୱାକ୍ଷରର ପ୍ରତିଲିପି । ଠାକୁରାଣୀ ତାଙ୍କ କଥା ଶୁଣିଥିଲେ । ସେ କୃତିତ୍ୱର ସହ ବୃତ୍ତିଲାଭ କରିଥିଲେ ।

କଟକ ସହରର ଭିକ୍ଟୋରିଆ ଟାଉନ୍ ସ୍କୁଲରେ ସେମ୍ପ୍ରତି ଭକ୍ତମଧୁ ବିଦ୍ୟାପୀଠ) ସେ ମାଇନର ପଢ଼ିଥିଲେ । ବାଗ୍ମୀପ୍ରବର ବିଶ୍ୱନାଥ କର ସେତେବେଳେ ଥିଲେ ଭକ୍ତମଧୁ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ । ବିଦ୍ୟାଶିକ୍ଷା ସହିତ ସଂସ୍କୃତି ଓ ଜାତୀୟତା ସୁରକ୍ଷା ଦିଗରେ ସେ କବିଙ୍କୁ ନାନା ଭାବରେ ଉତ୍ସାହିତ କରିଥିଲେ । କବି ଏଠାରୁ ବୃତ୍ତିପାଇ ଉତ୍ତୀର୍ଣ୍ଣ ହେଲେ ଏବଂ ଗଣିତରେ ପ୍ରଥମ ସ୍ଥାନଲାଭ କରି ଅନ୍ୟ ଏକ ସ୍ୱତନ୍ତ୍ର ବୃତ୍ତିମଧ ପାଇଲେ । ଏହାପରେ ସେ ରେଭେନ୍ସା କଲେଜିଏଟ୍ ସ୍କୁଲରେ ଏଣ୍ଟ୍ରାନ୍ସ ଶିକ୍ଷା ଆରମ୍ଭ କରିଥିଲେ । ଉତ୍କଳବି ମଧୁସୂଦନ ଥିଲେ ଏହାର ପ୍ରଧାନ ଶିକ୍ଷକ । ସେ ଥିଲେ ବ୍ରାହ୍ମଧର୍ମୀ । ତାଙ୍କର ପ୍ରଚଣ୍ଡ ବ୍ୟକ୍ତିତ୍ୱ, ନିଷ୍ଠା ଓ ବ୍ରାହ୍ମ ଧର୍ମରେ ଦୀକ୍ଷିତ ଗୁରୁ ବିଶ୍ୱନାଥ କରଙ୍କ ପ୍ରଭାବରେ କବି କ୍ରମେ ଧର୍ମ ପ୍ରତି ଆକୃଷ୍ଟ ହେଉଥିବାର

ଶବର ଯାଇ ଧର୍ମ ନିଷ୍ଠ ତାଙ୍କ ପିତା ତାଙ୍କୁ କେନ୍ଦ୍ରାପଡ଼ା ହାଇସ୍କୁଲକୁ ନେଇ ଯାଇଥିଲେ । ସେଠାରେ ସେ ସୁଖ୍ୟାତି ପ୍ରଧାନ ଶିକ୍ଷକ ଓ୍ୱାରିସ୍ ଅଲିଙ୍କ ନିପୁଣ ଶିକ୍ଷାଦାନ ଫଳରେ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବୃତ୍ତିଲାଭ କଲେ ଏବଂ ସୁପ୍ରସିଦ୍ଧ, ଗୌରବାବହ ରେଭେନ୍‌ସା ମହାବିଦ୍ୟାଳୟରେ ବିଶ୍ୱବିଦ୍ୟାଳୟ ଶିକ୍ଷା ଆରମ୍ଭ କଲେ । ସଫଳତାର ସହ ସେ ପ୍ରଥମେ ଏଫ୍: ଏ: ଓ ପରେ ବି: ଏ: ପାଠ୍ୟକ୍ରମରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିଲେ ୧୮୯୯ ମସିହାରେ ।

କଲେଜରେ ବିଦ୍ୟାଧ୍ୟୟନ ଶେଷ ହୋଇ ନଥାଏ, ତାଙ୍କ ତରୁଣ ପ୍ରାଣକୁ ବେଦନା ବିଦ୍ଧ କଲା ପିତୃ ବିୟୋଗର ଦୁଃସମ୍ବାଦ ।

ପ୍ରକୃତ ପକ୍ଷରେ କବି ଜୀବନର ଶୁଭାରମ୍ଭ ଘଟିଥିଲା କଲେଜ ଜୀବନରୁ । ଶେଷ ବର୍ଷ ଅଧ୍ୟୟନ ବେଳେ 'ପଲ୍ଲୀଚିତ୍ର' ଓ 'ବସନ୍ତ କୋକିଳ' ପ୍ରଭୃତି ତାଙ୍କର କେତେକ ପ୍ରସିଦ୍ଧ କବିତା ପୁସ୍ତକ ରଚିତ ହୋଇଥିଲା ।

ବ୍ରାହ୍ମଧର୍ମ ଗ୍ରହଣ କରିବାର ଆଶଙ୍କା ଥିବାରୁ ଏଫ୍:ଏ: ପାଶ୍ କଲାପରେ ତାଙ୍କର ବିବାହ କୋକିଳ ଦେବୀଙ୍କ ସହିତ ଅନୁଷ୍ଠିତ ହୋଇଥିଲା । 'ବସନ୍ତ କୋକିଳ' ଗ୍ରନ୍ଥଟି ତାଙ୍କର ପ୍ରିୟତମା ପତ୍ନୀଙ୍କ ସ୍ମୃତିରେ ପରିକଳ୍ପିତ ।

କଲେଜ ଅଧ୍ୟୟନ ସମୟରେ 'ଉତ୍କଳର ପଲ୍ଲୀ ଗ୍ରାମର ଅବସ୍ଥା' ଶୀର୍ଷକ ଏକ ଇଂରାଜୀ ପ୍ରବନ୍ଧ ପ୍ରତିଯୋଗିତାରେ ତାଙ୍କୁ ତାଳଚେର ରାଜାଙ୍କ ସ୍ୱର୍ଣ୍ଣପଦକ ପୁରସ୍କାର ମିଳିଥିଲା । ଉକ୍ତ ପ୍ରବନ୍ଧର ପଦ୍ୟାନୁବାଦ ହିଁ "ପଲ୍ଲୀଚିତ୍ର" ଗ୍ରନ୍ଥ ରୂପେ ଆସ ପ୍ରକାଶ କରିଥିଲା ।

ବି: ଏ: ପାଶ୍ ପରେ ସେ ମଧୁସୂଦନ ରାଓଙ୍କ ଅନୁରୋଧରେ ନିଜର କେତେଜଣ ସହପାଠୀଙ୍କ ସହ ମାସିକ ୭୦ ଟଙ୍କା ବେତନରେ ଶିକ୍ଷକତା ଆରମ୍ଭ କରିଥିଲେ 'Alam master' ଟାଉନ ସ୍କୁଲରେ ।

୩/୪ ବର୍ଷ ଉକ୍ତ ଶିକ୍ଷାଳୟରେ ରହିଥିଲେ ମଧ୍ୟ ସେ ବ୍ରାହ୍ମ ହୋଇନଥିବାରୁ ପରିଚାଳନା କର୍ତ୍ତୃପକ୍ଷଙ୍କ ସିଦ୍ଧାନ୍ତରେ ସେ ଅନୁଷ୍ଠାନ ତ୍ୟାଗ କଲେ ଏବଂ ଶିକ୍ଷା ବିଭାଗରେ ଗୋଟିଏ ସ୍କୁଲ ସବ୍‌ଇନ୍‌ସେକ୍ଟରର ରୂପେ ନିଯୁକ୍ତ ହେଲେ ।

ଭିକ୍ଟୋରିଆ ଟାଉନ୍ ବିଦ୍ୟାଳୟରେ ଶିକ୍ଷାଦାନ ସହ ସେ ଉତ୍କଳ ସମ୍ମିଳନୀର କାର୍ଯ୍ୟ ନିର୍ବାହିକା କମିଟିର ଜଣେ ବିଶିଷ୍ଟ ସଭ୍ୟ ଥିଲେ । ଏଠାରେ ଶର୍ମିଷ୍ଠା, 'ନିର୍ଝରିଣୀ', 'ତରଙ୍ଗିଣୀ', 'ସନ୍ଧ୍ୟା ସଙ୍ଗୀତ', 'ନିର୍ମାଲ୍ୟ' ପ୍ରଭୃତି ପ୍ରସିଦ୍ଧ ଗ୍ରନ୍ଥମାନ ରଚନା କରିଥିଲେ ।

ପରବର୍ତ୍ତୀ ଜୀବନରେ ଜଣେ ଶିକ୍ଷା ପରିଦର୍ଶକ, କେତେକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟରତ ଥାଇ ସେ ସାରସ୍ୱତ ସାଧନା ଲାଗି ଯଥେଷ୍ଟ ସୁଯୋଗ ପାଇପାରି ନଥିଲେ । 'କନକଲତା' ତାଙ୍କର ଏକମାତ୍ର ସୁପ୍ରସିଦ୍ଧ ଉପନ୍ୟାସ । ବାଲେଶ୍ୱର ଜିଲା ସ୍କୁଲର ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ ନିର୍ବାହ କରୁଥିଲା ବେଳେ ସ୍ୱାସ୍ଥ୍ୟ ହାନି ଯୋଗୁଁ ୧୯୨୭ ମସିହାରେ ସେ ସରକାରୀ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ ।

ଉର୍ମିବ୍ୟସ୍ତ ଜୀବନାନୁଭୂତି ଭିତରେ ତାଙ୍କ କବି ପ୍ରାଣରେ ନିନାଦିତ ହୋଇଛି ଉତ୍କଳର ସାରସ୍ୱତ ସ୍ମୃତି ଝଙ୍କାର । ପଲ୍ଲୀ ମାଟିରୁ ସଙ୍ଗହୀନ ହୋଇ ତାଙ୍କର ପ୍ରାଣ ବ୍ୟାଥାତୁର ହୋଇଥିଲା । ପଲ୍ଲୀ ଭୂଇଁର ସୌନ୍ଦର୍ଯ୍ୟ–ମନଲୁଆଁ କଳ୍ପିତ ରୂପ ସମ୍ଭାର ତାକୁ ଶ୍ୟାମଘନ ସବୁଜ ପ୍ରାନ୍ତକୁ ଫେରିଯିବା ପାଇଁ ଆହ୍ୱାନ କରିଥିଲା । ଜୀବନର ନିଛକ ବାସ୍ତବତା ମଧ୍ୟ ଦେଇ କବି ପ୍ରାଣକୁ ସାନ୍ତ୍ୱନା ଦେଇଛି ଅତୀତ ସ୍ମୃତିର ରାଶି ରାଶି ଶତ ସନ୍ଦଳ ।

ତାଙ୍କ କବିତାରେ ଅଛି ପଲ୍ଲୀ ଜନଜୀବନର ରୂପଚିତ୍ର । ଖାଁ ଘ୍ରଟଶାଳୀ, ହାଟ, ଘାଟ, ବାଟ, ମଠମନ୍ଦିର, ଗାଁ ଝିଅଁରୀ କନ୍ୟାର କବରୀ, ଗ୍ରାମ୍ୟ ଭୁଆସୁଣୀର ନଈ ଫେରନ୍ତା ଦିଗଦିହୁଡ଼ି, ଲଙ୍ଗଳା ଶିଶୁର ଗୁଡିଡାଣ୍ଡି ଖେଳର ପ୍ରତିନିଧିତ୍ୱ କରିଛି ତାଙ୍କ ଲେଖନୀ । ପଲ୍ଲୀ ଜୀବନ, ପଲ୍ଲୀ ଲୋକ ଚରିତ୍ରର ପ୍ରତିଟି ମନ୍ତ୍ରମଧୁର ଦୃଶ୍ୟ ସମ୍ପଦ ତାଙ୍କୁ ଆନନ୍ଦିତ କରିଛି । ବର୍ଣ୍ଣନାର ମାୟାଜାଲରେ ଅଳଙ୍କାରର ଜଟିଳତାରେ ବନ୍ଦୀ ହୋଇନି ତାଙ୍କ ମାନସ କନ୍ୟା । ତାଙ୍କ ଚମତ୍କାରିତା, ତାଙ୍କ ଲେଖନୀର ବର୍ଣ୍ଣବିଭା ବିମୁଗ୍ଧ କରିଛି ପାଠକକୁ । ରସାଣିତ କରିଛି ସହସ୍ର ସହସ୍ର ଲୋକ ଚରିତ୍ରକୁ ।

ରାଧାନାଥ, ମଧୁସୂଦନ, ଫକୀରମୋହନ ଅବା ଗଙ୍ଗାଧରଙ୍କ ପରେ ନନ୍ଦକିଶୋର ଉତ୍କଳୀୟ ସାହିତ୍ୟାକାଶର ଏକ ଅନିର୍ବାଣ ଦୀପଶିଖା । ତାଙ୍କ ଜୀବଦ୍ଦଶାରେ ବ୍ୟଙ୍ଗ ରଚନା, କବିତା, ଗଳ୍ପ, ଉପନ୍ୟାସ, ଶିଶୁସଙ୍ଗୀତ ଓ ଲୋକଗୀତ ଓଡ଼ିଶାର ପ୍ରତିପଲ୍ଲୀରେ ସମାଦୃତ ହୋଇଛି ।

ଓଡ଼ିଆ ସାହିତ୍ୟର ଶ୍ମଶାନ ଭୂଇଁରେ ଯେତେବେଳେ ଓଡ଼ିଶାର ଅକ୍ଷରର ବର୍ଣ୍ଣମାଳା ଶବର କରୋଟି ଭଳି ଗଡୁଥିଲା, ଓଡ଼ିଆ ଭାଷାକୁ ବଙ୍ଗଳା ଭାଷାର ଅପଭ୍ରଂଶ କରି ଅଣଓଡ଼ିଆ ପଡ଼ୋଶୀମାନେ ଚିତ୍କାର କରୁଥିଲେ ଠିକ୍ ସେତିକି ବେଳେ 'ଧୋଇ ବାଯ୍ୟା ଧୋ'ର ନାନାବାୟା ଗୀତ ଗାଇ ପଲ୍ଲୀପ୍ରାନ୍ତର ମଧ୍ୟରୁ ପଶି ଆସିଥିଲେ ନନ୍ଦକିଶୋର ।

ଓଡ଼ିଆ ସାହିତ୍ୟର ସେନାପତି ଫକୀରମୋହନ ଥିଲେ ଶଯ୍ୟାଶାୟୀ । କବିବର ରାଧାନାଥ ବିଦେଶୀ ସାହିତ୍ୟର କଥା କାହାଣୀକୁ ଓଡ଼ିଆର ଜାତୀୟ ସମ୍ପଦ ଭାବେ ଭିତ୍ତି କରିବାରେ ଲାଗିଥାନ୍ତି । ଭକ୍ତକବି ବଙ୍ଗଳାରୁ ବ୍ରାହ୍ମଧର୍ମର ପରୀକ୍ଷାମୂଳକ ଭାବେ ଆମଦାନୀ କରିବାରେ ନିୟୋଜିତ ଥାଆନ୍ତି । ଊନବିଂଶ ଶତାବ୍ଦୀର ଏହି ଘଡ଼ିସନ୍ଧି କ୍ଷଣରେ ଉତ୍କଳର ଲୋକ କବିତାର ସ୍ରଷ୍ଟା ପଲ୍ଲୀପ୍ରିୟ ନନ୍ଦକିଶୋରଙ୍କର ଶୁଭ ଆବିର୍ଭାବ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଥିଲା ।

ସାମାଜିକ ରୀତିନୀତି ଓ ଆଶ୍ୱର ବିସ୍ତରକୁ ନେଇ ଅଭିନବ ଧାରାରେ କବିତା ଲେଖିବାରେ ସେ ଥିଲେ ସିଦ୍ଧହସ୍ତ ।

"ଗଗନେ ବାଜଇ ଯୋଡ଼ି ମହୁରୀ ଲୋ
ଘନ ଘନ ଡାକେ କାକ
ବୋହୂ ବାପଘରୁ ଭାର ଆସୁଛି ହେ
ଶୁଭଇ ଉଠିଆ ଡାକ ।"

ଉତ୍କଳୀୟ ପ୍ରାଚୀନ ଧର୍ମ ପରମ୍ପରାକୁ ଲକ୍ଷ୍ୟକରି କବି 'ପଲ୍ଲୀଚିତ୍ର'ରେ କହିଛନ୍ତି–

"ଗ୍ରାମ ମଧ୍ୟେ ଭାଗବତ ଘର
ନାନା ବିଧି ଶାସ୍ତ୍ରର ଆକର ।
ରାତେ ଏହିଠାରେ ଆସି
ବସି କେତେ ଗ୍ରାମ ବାସୀ
ଶୁଣନ୍ତି ମହାଭାରତ, ଗୀତା, ରାମାୟଣ
ଅଷ୍ଟାଦଶ ପୁରାଣାଦି ଶାସ୍ତ୍ର ଅଗଣନ ।"

ସେହିପରି କୁଳବୋହୂମାନଙ୍କୁ ନୀତିଶିକ୍ଷା ଦେବା ପାଇଁ ତାଙ୍କ ଆଗରେ ଆଦର୍ଶ ରଖିବାକୁ ଯାଇ କହିଛନ୍ତି–

"ବଧୂଗଣ ରୂପ–ଗୁଣବତୀ
ଗୁରୁଜନ ପାଦେଥାଏ ଭକ୍ତି,
ଗୃହଶୁଦ୍ଧି ରୂଣାଦି କାର୍ଯ୍ୟ
କରୁଥାନ୍ତି ଅନିବାର୍ଯ୍ୟ
ଦେନ ଯୋଗାଇ ଶୋଦି ଅନେକ ଗାଞ୍ଜଣା
ଦେଖିଲେ ବିଦେଶୀଙ୍କର ହେବ ବୁଝିବଣା ।

ପଲ୍ଲୀଗ୍ରାମର ନିତିଦିନିଆ ଦୃଶ୍ୟ ଦେଖି ସେ ବର୍ଣ୍ଣନା କରିଛନ୍ତି–

"ପଲ୍ଲୀବଧୂଗଣ ନୀର ଆହରଣେ
ଘେନିଯାଉଥିଲେ ଗରା
ରୁଣ୍ଠ ରୁଣ୍ଠ ରୁଣ୍ଠ ବାଜିଲା କେନ୍ଦରା
ନାଥ ଭିକ୍ଷା ମାଗେ ପରା ।"

"ମିଟି ମିଟି ଆଖି ନୂଆବୋହୂଟିଏ
ସଜାଡୁଥିଲା ଜାଳେଣି
ବାଡ଼ି ଉହାଡ଼ରୁ କୁଆ ମଇତାଟି
ଡୋଳୁଥିଲା ତା ସଙ୍ଗିନୀ ।"

ଆଧୁନିକ ଉତ୍କଳ ସାହିତ୍ୟ ପ୍ରତି ପଲ୍ଲୀକବିଙ୍କ ଦାନ ଅତୁଳନୀୟ । ତାଙ୍କ କବିତ୍ୱ ମହିମା ଅସାଧାରଣ । ତାଙ୍କ ସମ୍ପର୍କରେ ବ୍ୟାସକବି ଫକୀରମୋହନ ଯଥାର୍ଥରେ ଲେଖିଥିଲେ–

"ଉତ୍କଳର ଯୋଗ୍ୟପୁତ୍ର ଶ୍ରୀ ନନ୍ଦକିଶୋର
ରୂପେ, ଗୁଣେ, ଯୋଗ୍ୟତାରେ ଶ୍ରୀ ନନ୍ଦକିଶୋର
ତୁମର କବିତାମାଳା ଦିଏ ଲୋକେ କହି
ଚିନ୍ତା ବିନା କଲମରୁ ଯାଇଅଛି ବହି । ××
କି ସୁନ୍ଦର ପଲ୍ଲୀଚିତ୍ର ବାଳିକା ଚରିତ୍ର
ସରଳ, ତରଳ, ଦ୍ରୁତ, ସୁନ୍ଦର ପବିତ୍ର
ପଢ଼ିଗଲା ବେଳେ ପଲ୍ଲୀ ପ୍ରଥମ ବାରତା
କେହି କବି କହିନାହିଁ ଏ ପ୍ରକାର କଥା ।"

ପଲ୍ଲୀ ଜୀବନଚିତ୍ର ଆଜି ମ୍ଳାନ । ପରିବର୍ତ୍ତିତ ପରିସ୍ଥିତିରେ ମହାନଗରୀର ସୁଖ, ସମୃଦ୍ଧିର ବିଳାସିତା ଆଜି ହୋଇଛି ପଲ୍ଲୀର ଆଦର୍ଶ । ତଥାପି ଅପରିବର୍ତ୍ତିତ ରହିଛି କବିଙ୍କ ବର୍ଣ୍ଣିତ ପଲ୍ଲୀପ୍ରକୃତି । ପଲ୍ଲୀର ଚିତ୍ରଚରିତ୍ର ବଦଳି ଯାଇଥିଲେ ବି ଗାଁ ଦାଣ୍ଡର ଶିଶୁ ଆଜିବି ବର୍ଷାର ନୂପୁର ସହ ସ୍ୱର ମିଳାଏ "ମେଘ ବରଷିଲା ଟପର ଟପର, କେଶର ମାଗିଲା ଗଦା ।" ଆଜି ବି ମା' ନିଜର ସନ୍ତାନକୁ 'ଧୋରେ ବାଇଆ ଧୋ' କହି ଶୁଆଏ ।

ସୁଜଳା, ସୁଫଳା, ଶସ୍ୟଶ୍ୟାମଳା, ଧନଧାନ୍ୟଭରା ମଞ୍ଜୁଳା ପ୍ରକୃତି ବିଲୋକା, ଛବିଳ ଉତ୍କଳର ନୈସର୍ଗିକ ସୁଷମାର ଏକ ମଧୁଚକ୍ରର ପ୍ରତିଟି ମଧୁକୋଷ ନନ୍ଦକିଶୋର ଲେଖନୀ ପ୍ରସୂନ ନିସୃତ କାବ୍ୟକଳା ମାଧୁରୀରେ ମଣ୍ଡିତ ହୋଇ ଆଜି ଅଧିକ ମହିମାନ୍ୱିତ ହୋଇଉଠିଛି । ତାଙ୍କ ପ୍ରତିଭା ପାଇଁ ଇଂରେଜ ସରକାର 'ରାୟ ସାହେବ' ଉପାଧିରେ ତାଙ୍କୁ ଭୂଷିତ କରିଥିଲେ ।

ସ୍ୱାସ୍ଥ୍ୟହାନୀ ପରେ ଯେତେବେଳେ ଜନ୍ମପୀଠ କୁସୁପୁରରୁ ବିଶେଷ ଚିକିତ୍ସାପାଇଁ ବନ୍ଧୁମାନେ କଟକ ନେଲେ ସେତେବେଳେ ଅଶ୍ରୁପୂର୍ଣ୍ଣ ନୟନରେ କବି କହିଥିଲେ–'Let me die peacefully at my native village'. କିନ୍ତୁ ତାଙ୍କର ଏ ଅନୁରୋଧ ରକ୍ଷା କରାଯାଇନଥିଲା । ୧୯୨୯ ମସିହା ଜୁଲାଇ ମାସ ୧ ତାରିଖ ରାତି ଗ୍ୟାରଟାବେଳେ କବି ନନ୍ଦକିଶୋର ପଲ୍ଲୀର ଶାନ୍ତ ଓ ପଲ୍ଲବମୟ କୋଳ ତ୍ୟାଗ କରି ଅମରଧାମର ଯାତ୍ରୀ ହୋଇଥିଲେ । କବିଙ୍କ ସ୍ମୃତିରେ ଏବେ କୁସୁପୁରରେ ପଲ୍ଲୀକବି ବିଦ୍ୟାମନ୍ଦିର ପ୍ରତିଷ୍ଠିତ ହୋଇଛି । କବିଙ୍କ ଜନ୍ମପୀଠ ଗୃହ ବି ଏବେ ଅନୁରାଗୀ ପାଠକ, ଦର୍ଶକର ସ୍ମୃତିପୀଠ ।

"ସାଇ ଭବନ",
ପଲ୍ଲାର, ମାଧମ–ବାଙ୍କିଚନ୍ଦ୍ରପୁର,
କଟକ–୭୫୪୦୦୫ ।



# ଉତ୍କଳ ପ୍ରସଙ୍ଗର ବିଜ୍ଞାପନ ହାର

(୧) ସାଧାରଣ ପୂରା ପୃଷ୍ଠା—ଟ ୧,୦୦୦·୦୦

(୨) ସାଧାରଣ ଅର୍ଦ୍ଧ ପୃଷ୍ଠା—ଟ ୬୦୦·୦୦

(୩) ୨ୟ ଏବଂ ୩ୟ ପ୍ରଚ୍ଛଦ ପୃଷ୍ଠା—ଟ ୧,୫୦୦·୦୦

(୪) ୪ର୍ଥ ପ୍ରଚ୍ଛଦ ପୃଷ୍ଠା—ଟ ୨,୫୦୦·୦୦

ଏକ ବର୍ଷ ପାଇଁ ଏକକାଳୀନ ବିଜ୍ଞାପନ ଦେଲେ ଶତକଡ଼ା ୨୫ ଭାଗ ରିହାତି ଦିଆଯିବ। ବିଜ୍ଞାପନ ସମ୍ପର୍କୀୟ ଅଧିକ ତଥ୍ୟ ପାଇଁ ନିମ୍ନୋକ୍ତ ଠିକଣାରେ ଯୋଗାଯୋଗ କରନ୍ତୁ।

ସୂଚନା ଅଧିକାରୀ
ସୂଚନା ଓ ଲୋକ ସମ୍ପର୍କ ବିଭାଗ
ଭୁବନେଶ୍ୱର—୭୫୧୦୦୧




## ବେଲଗୁଣ୍ଠାର ପ୍ରସିଦ୍ଧ ମାଛ ଓ ଗୁନି ମହାରଣା

ଚିତ୍ରକଳା, ଲଳିତକଳା, କାରୁକଳା, ନାଟ୍ୟକଳା, କାବ୍ୟକଳା ଇତ୍ୟାଦି ବିଭିନ୍ନ କଳା ସମୂହର ସାରଭୂତା ରୂପେ ସର୍ବଦା ପରିଚିତା ଉତ୍କଳ ଜନନୀ। ତାରି କାରୁକାର୍ଯ୍ୟର ସୂକ୍ଷ୍ମାତି ସୂକ୍ଷ୍ମ କଳା କୌଶଳରେ ବିମଣ୍ଡିତା ଉତ୍କଳ ରାଣୀ ବିଶ୍ୱ ପ୍ରଖ୍ୟାତି ଅର୍ଜନ କରିପାରିଛି, କେଉଁ ଆବାହନ କାଳରୁ। ଏହି ଦୃଷ୍ଟିରୁ ବିଚାର କଲେ ପ୍ରସିଦ୍ଧ ପିତଳ ମାଛ ବେଲଗୁଣ୍ଠାର କୁଶଳୀ କାରୀଗରମାନଙ୍କର ସୁଖ୍ୟାତିକୁ ଅଦ୍ୟାବଧି ଉଜ୍ଜୀବିତ କରି ରଖିଥିବା ଅନୁମେୟ।

ବେଲଗୁଣ୍ଠାର ମହାରଣା ବଂଶର କାରିଗରୀ ସୁଖ୍ୟାତି ଅତି ପ୍ରାଚୀନ। ଏହି ବଂଶର ପୁରୁଷାନୁକ୍ରମ କଳା କୌଶଳ ପ୍ରସିଦ୍ଧି ଥିବାର ପ୍ରବାଦ, ଜୀବନର ଅନ୍ତିମ ପର୍ଯ୍ୟାୟରେ ପଦାର୍ପଣ କରିଥିବା ବୃଦ୍ଧମାନଙ୍କଠାରୁ ଶୁଣାଯାଏ। ଉକ୍ତ ବଂଶର ବଂଶଲତା ନିମ୍ନ କ୍ରମେ ସଂଗୃହିତ ହୋଇଛି।

ଭିକାରୀ ମହାରଣା, ପୁତ୍ର ରତନ ମହାରଣା, ତାଙ୍କ ପୁତ୍ର ମଧୁ ମହାରଣା, ତାଙ୍କ ପୁତ୍ର ଗଙ୍ଗାଧର ମହାରଣାଙ୍କ ପୁତ୍ର ସୋମନାଥ ମହାରଣା, ସାରଥୀ ମହାରଣା, ନରସିଂହ ମହାରଣା, ବସ୍ତ୍ର ମହାରଣା

ସାରଥୀ ମହାରଣାଙ୍କ ପୁତ୍ର ହରିକୃଷ୍ଣ ମହାରଣା

ନରସିଂହ ମହାରଣାଙ୍କ ପୁତ୍ର ବୃନ୍ଦାବନ, ଅନନ୍ତ, କୀର୍ତ୍ତନ (ଜୀବିତ)

ସ୍ୱର୍ଗତ ଗଙ୍ଗାଧର ମହାରଣାଙ୍କ ପିତଳ ମାଛ ତିଆରିର ଅପୂର୍ବ କୌଶଳ ମହାରଣା ବଂଶକୁ ବିଖ୍ୟାତ କରିଛି ଉତ୍କଳ ଇତିହାସରେ।

ଗଙ୍ଗାଧର ମହାରଣା, ପିତା ମଧୁ ମହାରଣାଙ୍କ ଔରସରୁ ୧୮୫୦ ମସିହାରେ ଜନ୍ମଗ୍ରହଣ କରିଥିଲେ। ଶୁଣାଯାଏ, ମଧୁ ମହାରଣା ବିଭିନ୍ନ କାରୁକଳାର ଉତ୍କର୍ଷ ସାଧନାରେ ବ୍ରତୀଥିଲେ। ସେ ଗଙ୍ଗାଧରଙ୍କୁ ମାଟିବଂଶ ଅବଧାନଙ୍କ ତତ୍ତ୍ୱାବଧାନତାରେ ନାମ ଲେଖାଇଥିଲେ। ବିଦ୍ୟା ଶିକ୍ଷାର ସୁବିଧା ସୁଯୋଗ ନଥିଲା, ସୁତରାଂ ଯତ୍‌ପରନାସ୍ତି ଚେଷ୍ଟାକରି ବିଦ୍ୟା ଶିକ୍ଷା କରାଇଥିଲେ। ବିଦ୍ୟା ଶିକ୍ଷାପରେ ଗଙ୍ଗାଧର କୌଳିକ କାର୍ଯ୍ୟରେ ନିଯୁକ୍ତ ରହିଥିଲେ ଏବଂ ବାପାଙ୍କଠାରୁ ଭସାଡ଼ାଳ, କିରୀଟ, ଆଖି ଇତ୍ୟାଦି ପିତଳ ତିଆରି କାମ ଶିକ୍ଷା କରିଥିଲେ।

ଲବଙ୍ଗ ମହାରଣା ନାମ୍ନୀ ଏକ କନ୍ୟାକୁ ଗଙ୍ଗାଧର ମହାରଣା ବିବାହ କରିଥିଲେ। କିନ୍ତୁ ଲବଙ୍ଗ ମହାରଣା ମାତୃତ୍ୱ ଲାଭ କରି ପାରିନଥିଲେ। ଇତ୍ୟବସରରେ ଦଶଟି ବସନ୍ତ ବିତିଗଲା ଏବଂ ପରିଶେଷରେ ଲବଙ୍ଗ ମହାରଣାଙ୍କର ଅକାଳ ମୃତ୍ୟୁ ଘଟିଲା। ଉଭୟଙ୍କର ବୈବାହିକ ଜୀବନରେ ପ୍ରୀତିର ସନନ୍ଦ ସ୍ୱରୂପ ଜନ୍ମ ଗ୍ରହଣ କରିଥିଲା, ପ୍ରସିଦ୍ଧ ପିତଳ ମାଛ।

ଗଙ୍ଗାଧର ଚାରି ଗୋଟି ପୁତ୍ର ସନ୍ତାନର ଜନକ ହୋଇଥିଲେ। ସେ ଦ୍ୱିତୀୟ ଦାରା ଗ୍ରହଣ କରି ନ ଥିଲେ, ପିତଳ ମାଛ ତିଆରି ଲୋପ ପାଇଥାନ୍ତା। ଗୁନି ମହାରଣା ୧୮୮୫ ମସିହାରେ ବୋହୂ ହୋଇ ଗଙ୍ଗାଧରଙ୍କ ଗୃହ ଉଜ୍ଜ୍ୱଳ କରିଥିଲେ। ଗୁନି ମହାରଣା ବୋହୂ ହୋଇ ଆସିବା ପୂର୍ବରୁ ଗଙ୍ଗାଧର ପିତଳ ମାଛ ତିଆରିର ନୈପୁଣ୍ୟ ହାସଲ କରିଥିଲେ ମଧ୍ୟ ଅନ୍ୟ କାହାକୁ ଏହାର ଶିକ୍ଷା ପ୍ରଦାନ କରିବାରେ ଶ୍ରଦ୍ଧାଳୁ ନଥିଲେ। ସେମାନଙ୍କର ବଂଶଧରମାନଙ୍କ ମୁଖରୁ ଶୁଣାଯାଏ ଯେ, ଗଙ୍ଗାଧର ଶାଳରେ ବସି ମାଛ ତିଆରି କଲାବେଳେ ନିଜ ସ୍ତ୍ରୀ ଗୁନି ମହାରଣା ଦେଖିବା ପାଇଁ ଆସିଲେ ମଧ୍ୟ ସେ ତାଙ୍କୁ ଦେଖାଇବାର ସୁଯୋଗ ଦେଉ ନ ଥିଲେ। ଚଦର ବା ଅଖା ତା'ରି ଉପରେ ଢାଙ୍କି ଦେଉଥିଲେ। ଯେଉଁଥି ପାଇଁ ଗୁନି ମହାରଣା ମଧ୍ୟ ପିତଳ ମାଛକୁ ଜଳପୂର୍ଣ୍ଣ ବେସିନ୍‌ରେ ଭସାଇବାର କୌଶଳ ଦେଖି ପାରୁନଥିଲେ। କୌଣସି ତଥ୍ୟ ବା ଉପାୟକୁ ଖୋଲା ଖୋଲି ଭାବେ ଲୋକ ଲୋଚନକୁ ଆଣିବା ପାଇଁ ଆମର ପୂର୍ବ ପୁରୁଷମାନେ ଇଚ୍ଛା କରୁନଥିଲେ। ଏହାର ପ୍ରମାଣ ସାଧାରଣ ଭାବେ ଯୋଗାଇ ଦେଇ ପାରିବ ଆମର ଶ୍ଳୋକ ବା ମନ୍ତ୍ରର ସାଂସ୍କୃତିକ ରଚନା ପ୍ରଣାଳୀ। ଶ୍ଳୋକ ବା ମନ୍ତ୍ରର ଗତାନୁଗତିକ ଭାବଧାରାକୁ କୌଣସି ଆଞ୍ଚଳିକ ଭାଷାରେ ରଚନା କରିଥିଲେ, ତାହା ସମସ୍ତଙ୍କ ବୋଧଗମ୍ୟ ହୋଇ ପାରନ୍ତା କିନ୍ତୁ ଦେବନାଗରୀ ଭାଷାରେ ରଚନା ଦ୍ୱାରା ତାହା କେବଳ ସୀମିତ ପଣ୍ଡିତମାନଙ୍କର ଜ୍ଞାନାୟତାଧୀନ ହୋଇ ରହିଥିଲା, ଏହାର ଉଦ୍ଦେଶ୍ୟ ଏହି ଯେ କୌଣସି ତତ୍ତ୍ୱ, ଉପାୟ, ବା ନିର୍ମାଣ ପ୍ରଣାଳୀ ସମସ୍ତଙ୍କର ଜ୍ଞାନ ଗୋଚର ନ ହେଉ।

ଶୁଣିବାକୁ ମିଳେ ଯେ, ଗୁନି ମହାରଣାଙ୍କର ସନ୍ତାନ ଲାଭ ପରେ ସେ ତାଙ୍କୁ ପିତଳ ମାଛର ନିର୍ମାଣ କୌଶଳ ମୌଖିକ ଭାବେ ଶିକ୍ଷା ଦେଇଥିଲେ କାରଣ ସେତେବେଳକୁ ଗଙ୍ଗାଧର ମହାରଣା କର୍ମକ୍ଷମ ନ ଥିଲେ। ବାର୍ଦ୍ଧକ୍ୟ ତାଙ୍କୁ ନିସ୍ତେଜ୍ କରିପକାଇ ଥିଲା। ଗଙ୍ଗାଧର ମହାରଣା ୧୯୦୫ ମସିହାରେ ମୃତ୍ୟୁ ବରଣ କରିଥିଲେ। ତାଙ୍କର ଚାରିଗୋଟି ପୁଅ (୧) ସୋମନାଥ (୨) ସାରଥୀ (୩) ନରସିଂହ (୪) ବସ୍ତ୍ର ଏମାନେ ଯଥାକ୍ରମେ ୭ ବର୍ଷ, ୫ ବର୍ଷ, ୩ ବର୍ଷ, ୬ ମାସ ହୋଇଥିବା ସମୟରେ ସେ ମୃତ୍ୟୁ ବରଣ କରିଥିଲେ।

ଗଙ୍ଗାଧରଙ୍କ ମୃତ୍ୟୁ ପରେ ପରେ ତାଙ୍କର ନଡ଼ାଛପର ଘର ଅଗ୍ନିର ତାଣ୍ଡବ ଲୀଳାରେ ଧ୍ୱଂସ ହୋଇ ଥିଲା। ଆର୍ଥିକ ଅନାଟନରେ

ଗୁନି ମହାରଣା ନିଜର ଷୁରିଗୋଟି ପୁଅଙ୍କୁ ଧରି ପିତାଳଘରେ ଆଶ୍ରୟ ନେଇଥିଲେ । ବେଲଗୁଣ୍ଠା ନିକଟବର୍ତ୍ତୀ ଉତୁରା ଗ୍ରାମର ୰ଗୋରାଙ୍କ ଦାସ, ଗଙ୍ଗାଧର ମହାରଣାଙ୍କର ଶ୍ୱଶୁର ଥିଲେ । ଗୁନି ମହାରଣା ପିତାଳଘରେ ପୁଅମାନଙ୍କୁ ପିତଳ ମାଛର ନିର୍ମାଣ କୌଶଳ ବିଷୟରେ ଶିକ୍ଷା ଦେଉଥିଲେ । ଷୁରିପୁଅ ନିର୍ମାଣ ପ୍ରଣାଳୀ ଶିକ୍ଷା କରିଥିଲେ ମଧ୍ୟ ସାରଥୀ ମହାରଣା ଓ ନରସିଂହ ମହାରଣା ଏହାକୁ ମନପ୍ରାଣ ଦେଇ ବୁଝିଥିଲେ । ଅବଶିଷ୍ଟ ସମୟରେ ଏହି ଦୁଇ ପୁଅ ହିଁ ପିତଳ ମାଛର ନିର୍ମାଣ କୌଶଳକୁ ବଞ୍ଚାଇ ରଖିଥିଲେ ।

ଗୁନି ମହାରଣା ୧୯୪୭ ମସିହାରେ ମୃତ୍ୟୁ ମୁଖରେ ପଡ଼ିଥିଲେ । ମରିବା ପୂର୍ବରୁ ସେ ପିତଳ ମାଛ ତିଆରିର ସମସ୍ତ ଶିକ୍ଷା, ପୁତ୍ରମାନଙ୍କୁ ପ୍ରଦାନ କରିଥିଲେ । ତାଙ୍କରି ଅବଦାନରୁ ଆଜି ପିତଳ ମାଛ ଖେଳି ବୁଲୁଛି ଉତ୍କଳର ଗ୍ରାମେ ଗ୍ରାମେ ।

ବର୍ତ୍ତମାନ ଯେଉଁ ପିତଳ ମାଛ ଭାରତ କାହିଁକି ସାରା ପୃଥିବୀରେ ଖ୍ୟାତି ଅର୍ଜନ କରିପାରିଛି, ସେହି ପିତଳ ମାଛର ଜନ୍ମଦାତା ସ୍ୱର୍ଗୀୟ ଲବଙ୍ଗ ମହାରଣା ଓ ସ୍ୱର୍ଗତ ଗଙ୍ଗାଧର ମହାରଣା ହେଲେ ମଧ୍ୟ, ଦ୍ୱିତୀୟ ସ୍ତ୍ରୀ ଗୁନି ମହାରଣା ଏହି କାରିଗରୀକୁ ହୃଦୟରେ ଲାଳନ ପାଳନ କରି ବଞ୍ଚାଇ ରଖିଥିଲେ । ଜନ୍ମ ଦାତ୍ରୀ ଦେବକୀ ଅପେକ୍ଷା ପାଳନ କର୍ତ୍ତ୍ରୀ ଯଶୋଦା ମହିୟସୀ । ତେଣୁ ୰ଗୁନି ମହାରଣାଙ୍କର ଅବଦାନ ଅତୁଳନୀୟ ।

ଶ୍ରୀ ମୋତିଲାଲ୍ ପଣ୍ଡି
ବେଲଗୁଣ୍ଠା,
ଗଞ୍ଜାମ-୭୬୧୦୦୧ ।



ଭୁବନେଶ୍ୱରଠାରେ ଗଞ୍ଜା ଶାସନ ସମାଜର ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ୨୭/୩ ।

# ସମ୍ବାଦ ପରିକ୍ରମା

## ରାଜ୍ୟ କୃଷି ଅଫିସରମାନଙ୍କର ତିନିଦିନିଆ ସମ୍ମିଳନୀ ମୁଖ୍ୟମନ୍ତ୍ରୀଙ୍କ ଦ୍ଵାରା ଉଦ୍‌ଘାଟିତ

ରାଜ୍ୟବାସୀଙ୍କର ଚାହିଦାଠାରୁ ଯଥେଷ୍ଟ ଅଧିକ ପରିମାଣର ଖାଦ୍ୟଶସ୍ୟ, ତୈଳବୀଜ, ପନିପରିବା ଓ ଫଳ ଉତ୍ପାଦନ କରିବାପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ କୃଷି ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସଚିବାଳୟଠାରେ ଅନୁଷ୍ଠିତ କୃଷି, ଉଦ୍ୟାନ ଓ ମୃତ୍ତିକା ସଂରକ୍ଷଣ ଅଫିସରମାନଙ୍କର ଏକ ତିନିଦିନିଆ ସମ୍ମିଳନୀ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ହରିଆନା ପ୍ରଭୃତି ଉନ୍ନତ ରାଜ୍ୟ ଗୁଡ଼ିକ ସେମାନଙ୍କ ଆବଶ୍ୟକତାର ୩ ଗୁଣ ଖାଦ୍ୟ ଉତ୍ପାଦନ କରି ସ୍ଥାନୀୟ ଚାହିଦାର ଦୁଇଗୁଣ ପରିମାଣର ଖାଦ୍ୟଶସ୍ୟ ବାହାର ରାଜ୍ୟମାନଙ୍କୁ ପଠାଇ ପାରୁଥିଲା ବେଳେ ଆମେ ମଧ୍ୟ ସେହିପରି ଭାବରେ କୃଷିଜାତ ଦ୍ରବ୍ୟ ସମେତ, ଦୁଗ୍ଧ, ଦୁଗ୍ଧଜାତ ଦ୍ରବ୍ୟ, ମାଛ, ମାଂସ ଓ ଅଣ୍ଡା ଉତ୍ପାଦନ ବଢ଼ାଇ ରାଜ୍ୟକୁ ସ୍ଵାବଲମ୍ବୀ କରିବା ପାଇଁ କଠିନ ପରିଶ୍ରମ କରିବା ଉଚିତ। ମୁଖ୍ୟମନ୍ତ୍ରୀ କହିଲେ ଯେ ଫସଲର ଉତ୍ପାଦନ ବୃଦ୍ଧି ମାଟିର ଗୁଣ ଓ ପ୍ରକାର ଭେଦ ଉପରେ ନିର୍ଭର କରୁଥିବାରୁ ଗ୍ରାମାଞ୍ଚଳରେ ଥିବା ହାଇସ୍କୁଲମାନଙ୍କରେ ମୃତ୍ତିକା ପରୀକ୍ଷା ପାଇଁ ଛୋଟ ଛୋଟ ବିଜ୍ଞାନାଗାର ଖୋଲାଯାଇ ଛାତ୍ରମାନଙ୍କୁ ଏ ବାବଦରେ ତାଲିମ ଦିଆଯିବା ଦରକାର। ଏହାକୁ ପାଠ୍ୟକ୍ରମରେ ମଧ୍ୟ ଅନ୍ତର୍ଭୁକ୍ତ କରାଯିବା ଉଚିତ ବୋଲି ସେ ମତପ୍ରକାଶ କରିଥିଲେ।

ମୁଖ୍ୟମନ୍ତ୍ରୀ କହିଲେ ଯେ ମାଟି ଏକ ମେସିନ୍। ଏଥିରୁ ନାନାପ୍ରକାର ଜିନିଷ ଉତ୍ପାଦନ କରାଯାଇଥାଏ। କିନ୍ତୁ ଏହାର ଉତ୍ପାଦନ କ୍ଷମତା ବଢ଼ାଇବା ପାଇଁ ସାର ପ୍ରୟୋଗର ଆବଶ୍ୟକତା ରହିଛି। ଆମର କୃଷକମାନଙ୍କୁ ସାର ପ୍ରୟୋଗ ପାଇଁ ଉପଯୁକ୍ତ ତାଲିମ ଦେଲାବେଳେ ଜୈବିକ ସାର ଅପେକ୍ଷା ପ୍ରାକୃତିକ ଖତର ଅଧିକତର ବ୍ୟବହାର ପାଇଁ ଉତ୍ସାହିତ କରିବାକୁ ପଡ଼ିବ। ସୋରିଷରୁ ବାହାରୁଥିବା ତେଲର ପରିମାଣ ଅପେକ୍ଷା ଦୁଇ ଗୁଣ ଅଧିକ ତେଲ ସୂର୍ଯ୍ୟମୁଖୀରୁ ବାହାରୁଥିବାରୁ ଉପଯୁକ୍ତ ଜମି ନିର୍ଦ୍ଧାରଣ କରାଯାଇ ଚାଷୀମାନଙ୍କୁ ଏ ଦିଗରେ ଉତ୍ସାହିତ କରାଯିବା ଉଚିତ। ସେ କହିଥିଲେ, ଜଳସେଚନ ଏକ ବ୍ୟୟବହୁଳ ବ୍ୟବସ୍ଥା ହୋଇପଡ଼ିଛି। ଜଳସେଚନ କରାଯାଉଥିବା ନାଳୀ ମାନଙ୍କୁ ଅର୍ଥାଭାବରୁ ଠିକ୍ ଭାବରେ ମରାମତି କରାଯାଇ ପାରୁନାହିଁ। ଉପକୂଳ ଅଞ୍ଚଳର ବହୁ ଜମିରେ ପାଣି ଜମି ରହୁଥିବାରୁ ତାହାକୁ ନିଷ୍କାସନ କରି ଜମିକୁ ଚାଷୋପଯୋଗୀ କରିବାପାଇଁ ବିଶ୍ଵବ୍ୟାଙ୍କର ସହାୟତା ଲୋଡ଼ା ଯାଇଛି। ସେହିପରି ରେଙ୍ଗାଲି ଯୋଜନାରେ ଜଳସେଚନ ବ୍ୟବସ୍ଥାକୁ ଅନ୍ତର୍ଭୁକ୍ତ କରିବା ପାଇଁ ଦୀର୍ଘ ୧୫ ବର୍ଷ ପରେ ଏବେ ବିଶ୍ଵ ବ୍ୟାଙ୍କକୁ ପ୍ରବର୍ତ୍ତା ଯାଇପାରିଛି। ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟର ରାଜସ୍ଵ ଓ କର୍ମଚାରୀମାନଙ୍କର ଦରମା ଭିତରେ ବହୁ ବ୍ୟବଧାନ ରହୁଥିବାରୁ ଅର୍ଥନୀତିର ପରିଚାଳନାରେ ବହୁ ଅସୁବିଧା ଦେଖାଦେଇଛି। ତେଣୁ ଉତ୍ପାଦନ ବୃଦ୍ଧି ଦ୍ଵାରା ରାଜ୍ୟର ଅର୍ଥନୀତିକୁ ଅଭିବୃଦ୍ଧି କରିବା ପାଇଁ କୃଷି ଅଧିକାରୀମାନଙ୍କୁ ନିଷ୍ଠାପର ଉଦ୍ୟମ କରନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ।

ପ୍ରାରମ୍ଭରେ ସ୍ଵାଗତ ଭାଷଣ ଦେଇ କୃଷିମନ୍ତ୍ରୀ ଶ୍ରୀ ଜଗନ୍ନାଥ ମଲ୍ଲିକ କହିଲେ ଯେ ଦେଶ ସ୍ଵାଧୀନ ହେବା ପରେ ଦ୍ଵିତୀୟ ପଞ୍ଚବାର୍ଷିକ ଯୋଜନା କାଳରୁ ହିଁ କୃଷି ପ୍ରତି ସମ୍ପୂର୍ଣ୍ଣ ଅବହେଳା ପ୍ରଦର୍ଶନ କରାଯାଇ ଶିଳ୍ପକୁ ଅଗ୍ରାଧିକାର ଦିଆଯାଇଛି। କିନ୍ତୁ ଅର୍ଥନୈତିକ ସମୃଦ୍ଧି ପାଇଁ ଶିଳ୍ପ ଅପେକ୍ଷା କୃଷି ଅଧିକ ଉପାଦେୟ, କାରଣ ଦେଶର ୬୫ ଭାଗ ଲୋକ ପ୍ରତ୍ୟକ୍ଷ ପରୋକ୍ଷ ଭାବରେ କୃଷି କ୍ଷେତ୍ରରେ ନିଯୁକ୍ତି ହୋଇଛନ୍ତି। ତେଣୁ କୃଷିର ବିକାଶ ଓ ଉତ୍ପାଦନ ବୃଦ୍ଧି ଉପରେ ଅଧିକ ଜୋର ଦେବାପାଇଁ ସେ ଗୁରୁତ୍ଵ ଆରୋପ କରିଥିଲେ। କୃଷି କ୍ଷେତ୍ରରେ ରହିଥିବା ବିଭିନ୍ନ ସମସ୍ୟାର ଦୂରୀକରଣ ପାଇଁ ପରାମର୍ଶ ଦେଇ କୃଷିମନ୍ତ୍ରୀ କହିଲେ ଯେ ଲୁଣି ଜଳବାୟୁ ଓ ଅଧିକ ପାଣି ସହିପାରୁଥିବା ଉନ୍ନତ ଧାନ ବିହନ ଉଦ୍‌ଭାବନ କରିବା ପାଇଁ କୃଷି ବିଶ୍ଵବିଦ୍ୟାଳୟ ଓ କୃଷି ବିଜ୍ଞାନୀମାନେ ଆଗେଇ ଆସନ୍ତୁ। କୃଷି ସମ୍ପ୍ରସାରଣ କାର୍ଯ୍ୟକ୍ରମ ଗ୍ରାମାଞ୍ଚଳର ଚାଷୀମାନଙ୍କ ନିକଟରେ ପହଞ୍ଚାଇବା ପାଇଁ ବ୍ଲକ ସ୍ତରରେ ଓ ଗ୍ରାମ ସ୍ତରରେ କୃଷକ ଜନମଞ୍ଚ ଗଠନ କରାଯିବା ଉପରେ ମଧ୍ୟ ଶ୍ରୀ ମଲ୍ଲିକ ଗୁରୁତ୍ଵ ଆରୋପ କରିଥିଲେ।

ଏହି ବୈଠକରେ ରାଜ୍ୟ ମୁଖ୍ୟ ଶାସନ ସଚିବ ଶ୍ରୀ ରମାକାନ୍ତ ରଥ, ଉନ୍ନୟନ କମିଶନର୍ ଶ୍ରୀ ଏସ୍: ସୁନ୍ଦରରାଜନ୍, କୃଷି ଓ ଗ୍ରାମ ବିକାଶ କମିଶନର୍ ଶ୍ରୀମତୀ ସି: ନାରାୟଣ ସ୍ଵାମୀ, କୃଷି ସଚିବ କୁମାରୀ ମୀନା ଗୁପ୍ତା ଓ କୃଷି ବିଶ୍ଵବିଦ୍ୟାଳୟର କୁଳପତି ଡକ୍ଟର ଈଶ୍ଵର ଚନ୍ଦ୍ର ମହାପାତ୍ରଙ୍କ ସମେତ କୃଷି, ଉଦ୍ୟାନ ଓ ମୃତ୍ତିକା ସଂରକ୍ଷଣ ବିଭାଗର ବହୁ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଛନ୍ତି।

## ସୀମିତ ସମ୍ବଳ ମଧ୍ୟରେ ଉନ୍ନୟନ କାର୍ଯ୍ୟଗୁଡ଼ିକର ସଫଳ ରୂପାୟନ ଦିଗରେ ସରକାରଙ୍କ ଉଦ୍ୟମ ଅବ୍ୟାହତ

ସ୍କୁଲରେ

ଉତ୍ସର୍ଗୀକୃତ ଭାବେ ଜନସେବା କରିବା ଯୁବକମାନଙ୍କ ବାଣିଜ୍ୟ ଓ ହେବା ଉଚିତ ଏବଂ ଏଥିନିମନ୍ତେ ସେମାନେ ତ୍ୟାଗ

କରିବା ବାଞ୍ଛନୀୟ ବୋଲି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା ପରାମର୍ଶ ଦେଇଛନ୍ତି ।

ସଂପ୍ରତି ଜଟଣୀ ବ୍ଲକ୍‌ର ନିରଞ୍ଜନପୁର ଯୁବକ ସଂଘ ଦ୍ୱାରା ଆୟୋଜିତ ଏକ ସାଂସ୍କୃତିକ ଉତ୍ସବର ଉଦ୍‌ଯାପନ ଦିବସରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ମନ୍ତ୍ରୀ ଶ୍ରୀ ବେହେରା କହିଲେ ଯେ ଦେଶ ଓ ଜାତି ଗଠନରେ ଯୁବକମାନଙ୍କର ଏକ ପ୍ରମୁଖ ଭୂମିକା ରହିଛି । ଯୁବକମାନେ ଦେଶର ଭବିଷ୍ୟତ । ଦେଶର ପ୍ରଗତି ସେମାନଙ୍କର କାର୍ଯ୍ୟ କଳାପ ଉପରେ ନିର୍ଭର କରେ । ତେଣୁ, ଯୁବକ ଯୁବତୀମାନେ ଜନସେବାକୁ ସେମାନଙ୍କର ଜୀବନର ବ୍ରତ ରୂପେ ଗ୍ରହଣ କରି କାର୍ଯ୍ୟ କରିବାକୁ ପ୍ରସ୍ତୁତ ହେବା ଉଚିତ । ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ସଂପର୍କରେ ସୂଚନା ଦେଇ ଶ୍ରୀ ବେହେରା କହିଲେ ଯେ ସରକାରଙ୍କ ସୀମିତ ସମ୍ବଳ ମଧ୍ୟରେ ଉନ୍ନୟନ କାର୍ଯ୍ୟଗୁଡ଼ିକର ସଫଳ ରୂପାୟନ ଦିଗରେ ଉଦ୍ୟମ ଅବ୍ୟାହତ ରହିଛି । ଲୋକମାନଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ସଂପର୍କରେ ସୂଚନା ଦେଇ ସେ କହିଲେ ଯେ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପରିମାଣକୁ ବୃଦ୍ଧି କରାଯାଇ ୧୦୦ ଟଙ୍କା ଦିଆଯାଉଛି । ଭୁବନେଶ୍ୱରରୁ ନିରଞ୍ଜନପୁର ଦେଇ ଜଟଣୀକୁ ଏକ ସବୁଦିନିଆ ବସ୍ ଚଳାଚଳ ପାଇଁ ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ ।

## ରାଜ୍ୟ ସରକାରଙ୍କ ଗ୍ରାମାଭିମୁଖୀ–ଯୋଜନା ଯୋଗୁଁ ଗରିବ ଲୋକେ ଉପକୃତ ହେବେ

ରାଜ୍ୟ ସରକାରଙ୍କ ଯୋଜନା ମୁଖ୍ୟତଃ ଗ୍ରାମାଭିମୁଖୀ ହୋଇଥିବାରୁ ଗ୍ରାମାଞ୍ଚଳରେ ବାସ କରୁଥିବା ଲୋକମାନେ ବହୁଳ ଭାବେ ଉପକୃତ ହେବେ ବୋଲି ପଞ୍ଚାୟତିରାଜ ମନ୍ତ୍ରୀ ଡାଃ ଦାମୋଦର ରାଉତ କହିଛନ୍ତି ।

ସଂପ୍ରତି ଢେଙ୍କାନାଳ ଜିଲ୍ଲା ଛେଣ୍ଡିପଦାଠାରେ ଓ ଉକ୍ତ ବ୍ଲକ୍‌ର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇ ଡାଃ ରାଉତ କହିଛନ୍ତି ଯେ ପୂର୍ବରୁ ରାଜ୍ୟ ଯୋଜନା ଅଟକଳର ଶତକଡ଼ା ୭୫ ଭାଗ ଅର୍ଥ ସହରାଞ୍ଚଳରେ ବ୍ୟୟ କରାଯାଉଥିଲା । ଗ୍ରାମାଞ୍ଚଳ ପାଇଁ ମାତ୍ର ୨୦ରୁ ୨୫ ଭାଗ ଅର୍ଥ ବ୍ୟୟ କରାଯାଉଥିଲା ବେଳେ ବର୍ତ୍ତମାନର ସରକାର ଗ୍ରାମାଞ୍ଚଳର ସାମୂହିକ ବିକାଶ ପ୍ରତି ଅଧିକ ଗୁରୁତ୍ୱ ଦେଇ ଗ୍ରାମାଞ୍ଚଳରେ ଶତକଡ଼ା ୫୦ ଭାଗରୁ ଊର୍ଦ୍ଧ୍ୱ ଅର୍ଥ ବ୍ୟୟ କରୁଛନ୍ତି । ଯାହାଦ୍ୱାରା ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ପରି ସର୍ବନିମ୍ନ ଆବଶ୍ୟକତା ପୂରଣ ପାଇଁ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ବ୍ୟାପକ ଭାବେ କାର୍ଯ୍ୟକାରୀ କରାଯିବା ସମ୍ଭବ ହୋଇପାରିଛି । ଏହି ସମସ୍ତ କାର୍ଯ୍ୟକ୍ରମର ଗୁଣାତ୍ମକ ଓ ଫଳପ୍ରଦ କାର୍ଯ୍ୟାନୁଷ୍ଠାନ ଦିଗ ପ୍ରତି ସରକାର ବିଶେଷ ଧ୍ୟାନ ଦେଇଛନ୍ତି । ସେ କହିଲେ ଯେ ରାଜ୍ୟ ସରକାରଙ୍କ ଅଭିମୁଖ୍ୟ ହେଲା, ସମାଜର ଦୁର୍ବଳ ବର୍ଗଙ୍କ ଆର୍ଥିକ ମାନଦଣ୍ଡ ଅଭିବୃଦ୍ଧି ସହ ସର୍ବସାଧାରଣଙ୍କୁ ସାମାଜିକ ନ୍ୟାୟ ଦେବା । ଦାରିଦ୍ର୍ୟ ଦୂରୀକରଣ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆତ୍ମନିଯୁକ୍ତି କାର୍ଯ୍ୟକ୍ରମକୁ ବାସ୍ତବାଭିମୁଖୀ କରାଯାଇଛି । ଯାହା ଫଳରେ ଜଣେ ହିତାଧିକାରୀ ପ୍ରକୃତରେ ନିଜ ଆୟ ବୃଦ୍ଧି କରିବାରେ ସକ୍ଷମ ହୋଇପାରିବ । ସେଥିପାଇଁ ଆର୍ଥିକ ସହାୟତା ପରିମାଣକୁ ଦ୍ୱିଗୁଣିତ କରାଯାଇଛି । ଏହା ଫଳରେ ଗରିବ ଲୋକମାନେ ସେମାନଙ୍କର ଆର୍ଥିକ ମାନଦଣ୍ଡର ଉନ୍ନତି କରିବା ପାଇଁ ସଫଳ ଉପାର୍ଜନକ୍ଷମ ବୃତ୍ତି କରିପାରିବେ । କେନ୍ଦ୍ର ସରକାରଙ୍କ ପ୍ରବର୍ତ୍ତିତ ଅର୍ଥନୀତି ଯୋଗୁଁ ଅତ୍ୟାବଶ୍ୟକୀୟ ପଦାର୍ଥର ଦରଦାମ ଦିନକୁ ଦିନ ବୃଦ୍ଧି ପାଉଥିବା ଯୋଗୁଁ ଜନସାଧାରଣ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ସେ ଉଲ୍ଲେଖ କରି ଏହା ରାଜ୍ୟ ସରକାରଙ୍କ ପରିସର ବାହାରେ ବୋଲି କହିଥିଲେ । ତଥାପି ଦରଦାମ୍ ନିୟନ୍ତ୍ରଣ ପାଇଁ ସରକାର ଗ୍ରହଣ କରିଥିବା କେତେକ ପଦକ୍ଷେପ ସଂପର୍କରେ ସେ ସୂଚନା ଦେଇଥିଲେ ।

ଛେଣ୍ଡିପଦା ବ୍ଲକ୍ ପ୍ରାଙ୍ଗଣରେ ଡାଃ ରାଉତ ୩୬୦ ଜଣଙ୍କୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ଏବଂ ଆକସ୍ମିକ ମୃତ୍ୟୁବରଣ କରିଥିବା ପରିବାର ବର୍ଗଙ୍କୁ ୩ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ସେ ଏହି ଅବସରରେ କହିଲେ ଯେ ରାଜ୍ୟବାସୀଙ୍କୁ ସାମାଜିକ ନ୍ୟାୟ ପ୍ରଦାନ ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ତାଙ୍କ ସରକାର ପାଳନ କରିଛନ୍ତି । ପୂର୍ବରୁ ୫୦ ବର୍ଷ ବୟସ୍କା ବିଧବା ମହିଳାମାନଙ୍କୁ ବିଧବା ଭତ୍ତା ପ୍ରଦାନ ପରିସରଭୁକ୍ତ କରାଯାଇଥିଲା । କିନ୍ତୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ବୟସ ନିର୍ବିଶେଷରେ ସମସ୍ତ ବିଧବାଙ୍କୁ ବର୍ତ୍ତମାନ ଭତ୍ତା ଦିଆଯାଉଛି ଓ ବାର୍ଦ୍ଧକ୍ୟ ଭତ୍ତାର ପରିମାଣକୁ ପୂର୍ବାପେକ୍ଷା ବୃଦ୍ଧି କରାଯାଇଛି ।

ଛେଣ୍ଡିପଦା ବ୍ଲକ୍‌ର କୋଶଳା ଓ ଦୁର୍ଗାପୁର ଦୁଇଟି ଗ୍ରାମପଞ୍ଚାୟତକୁ ସବୁଦିନିଆ ସୁଗମ ଗମନାଗମନର ସୁବିଧା ଯୋଗାଇ ଦେବା ଉଦ୍ଦେଶ୍ୟରେ ନୂତନ ସେତୁ ନିର୍ମାଣ ଉପଲକ୍ଷେ ଅନୁଷ୍ଠିତ ଭୂମିପୂଜାରେ ଡାଃ ରାଉତ ଯୋଗ ଦେଇଥିଲେ । ଏହି ସେତୁ ୧୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବ ବୋଲି ସେ ପ୍ରକାଶ କରିଥିଲେ । ଏହା ସଂପୂର୍ଣ୍ଣ ହେଲେ, ଉପରୋକ୍ତ ଗ୍ରାମ ପଞ୍ଚାୟତର ଜନସାଧାରଣ ଉପକୃତ ହେବେ ବୋଲି ସେ ପ୍ରକାଶ କରିଥିଲେ ।

ଛାତ୍ର ଛାତ୍ରୀମାନେ ନିଷ୍ଠା ଓ ଶୃଙ୍ଖଳାର ସହିତ ସେମାନଙ୍କର ଅଧ୍ୟୟନ ଶେଷ କରି ସୁନାଗରିକ ହେବାକୁ ମନ୍ତ୍ରୀ ଡାଃ ରାଉତ ଛାତ୍ର ଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଛେଣ୍ଡିପଦାସ୍ଥିତ ବାପୁଜୀ ମହାବିଦ୍ୟାଳୟ ଓ ପୋଡ଼ପଡ଼ା ହାଇସ୍କୁଲର ବାର୍ଷିକ ଉତ୍ସବରେ ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସମ୍ପ୍ରତି ସରକାର ଗ୍ରହଣ କରିଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଏହାକୁ ଗ୍ରହଣ କରି ନିଜର ଭବିଷ୍ୟତ ଗଢ଼ିତୋଳିବା ସହ ରାଜ୍ୟକୁ ସମୃଦ୍ଧି ପଥରେ ଆଗେଇ ନେବା ଦିଗରେ ସହାୟକ ହେବାକୁ ସେ ପରାମର୍ଶ ଦେଇଥିଲେ । କୋଶଳା କ୍ରୀଡ଼ା ସଂଘ ଦ୍ୱାରା ଆୟୋଜିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ବିଜିତ ଦଳକୁ ଡାଃ ରାଉତ ପୁରସ୍କାର ପ୍ରଦାନ କରିଥିଲେ । ଶ୍ରମ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ପ୍ରଫୁଲ୍ଲ ସାମଲ ବିଭିନ୍ନ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କଲେଜ ଉତ୍ସବରେ କଲେଜ ପ୍ରତିଷ୍ଠାତା ଶ୍ରୀ ବାଳକୃଷ୍ଣ ପଟ୍ଟନାୟକ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଶ୍ରୀ ନଗେନ୍ଦ୍ର ପ୍ରଧାନ ପୌରୋହିତ୍ୟ କରିଥିଲେ ।

## ବାସହୀନଙ୍କୁ ଘରଡିହ ଯୋଗାଣ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା

ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ବାସହୀନଙ୍କୁ ଘରଡିହ ଯୋଗାଣ କାର୍ଯ୍ୟକ୍ରମରେ ଚଳିତ ଆର୍ଥିକ ବର୍ଷ ଆରମ୍ଭରୁ ଗତ ଜାନୁଆରୀ ଶେଷ ସୁଦ୍ଧା ମୋଟ୍ ୧୪ ହଜାର ୬୯୩ଟି ଘରଡିହ ବାସହୀନ ଲୋକଙ୍କୁ ଯୋଗାଇ ଦିଆଯାଇଛି । କେବଳ ଗତ ମାସରେ ଯୋଗାଇ ଦିଆଯାଇଥିବା ୧,୮୨୬ଟି ଘରଡିହ ଏହାର ଅନ୍ତର୍ଭୁକ୍ତ । ଚଳିତ ଆର୍ଥିକ ବର୍ଷରେ ଏଥିପାଇଁ ମୋଟ୍ ବାସଗୃହ ଘରଡିହ ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ବେଳେ ଗତ ଜାନୁଆରୀ ଶେଷ ସୁଦ୍ଧା ଏ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟର ଶତକଡ଼ା ୧୦୫ ଭାଗ ସଫଳତା ହାସଲ ହୋଇଛି ବୋଲି ଗତ ଜାନୁଆରୀ ମାସ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ବିବରଣୀରୁ ଜଣାଯାଏ ।

ଉଲ୍ଲେଖନୀୟ ଯେ ରାଜ୍ୟରେ ବାସହୀନ ପରିବାରଙ୍କ ଥଇଥାନ ପାଇଁ ଅର୍ଦ୍ଧ-ସହର, ଦ୍ରୁତ ବିକାଶଶୀଳ ଅଞ୍ଚଳ ତଥା ଗ୍ରାମାଞ୍ଚଳରେ ବାସହୀନ ପରିବାରଙ୍କୁ ମାଗଣାରେ ୪ ଡିସିମିଲି ପର୍ଯ୍ୟନ୍ତ ଘରଡିହ ଯୋଜନା ୧୯୭୪-୭୫ ରୁ କାର୍ଯ୍ୟକାରୀ ହେଉଛି ।

## ଆଇନ୍ ମନ୍ତ୍ରୀଙ୍କ ଦ୍ୱାରା ୩୮୫ ଜଣଙ୍କୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପ୍ରଦାନ

ଆଇନମନ୍ତ୍ରୀ ଶ୍ରୀ ନରସିଂହ ମିଶ୍ର ସଂପ୍ରତି ତାଙ୍କ ବଲାଙ୍ଗୀର ଜିଲ୍ଲା ଗସ୍ତ ସମୟରେ ଚୁଗୋମୁଣ୍ଡା ଓ ଫଟାମୁଣ୍ଡା ଗ୍ରାମଠାରେ ଯଥାକ୍ରମେ ୨୫୦ ଜଣ ଓ ୧୩୫ ଜଣଙ୍କୁ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପ୍ରଦାନ କରିଥିଲେ ।

ଏହି ଗସ୍ତକାଳରେ ଶ୍ରୀ ମିଶ୍ର ଗତ ୭ ତାରିଖରେ ଲୋଇସିଂହା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ୮ ତାରିଖରେ ନୂଆଗାଁସ୍ଥିତ ଉଚ୍ଚ ପ୍ରାଥମିକ ଓ ମଧ୍ୟ ଇଂରାଜୀ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ, ୯ ତାରିଖରେ ବଲାଙ୍ଗୀର ରାଜେନ୍ଦ୍ର ମହାବିଦ୍ୟାଳୟର ସାଂସ୍କୃତିକ ଉତ୍ସବ ଓ ଲୋଇସିଂହା ହରେକୃଷ୍ଣ ମହତାବ ଉଚ୍ଚ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ଏବଂ ୧୦ ତାରିଖରେ କଣ୍ଟାବାଞ୍ଜିସ୍ଥିତ ସରକାରୀ ଉଚ୍ଚ ଇଂରାଜୀ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ ।

ଏହି ଅବସରରେ ଆଇନ୍‌ମନ୍ତ୍ରୀ ଶ୍ରୀ ମିଶ୍ର ସିଙ୍ଘାଣିମୁଣ୍ଡା, ଝିଅଡ଼ାପାଲୀ, ଦେଉଳିଖୁଣ୍ଟା, ରାମପୁର, ଅମରଗାଁ ଆଦି ଗ୍ରାମମାନ ପରିଦର୍ଶନ କରି ଲୋକମାନଙ୍କର ଅଭାବ ଅସୁବିଧା ପଚାରି ବୁଝିଥିଲେ ।

## କୁଟୀର ଶିଳ୍ପ ସହ ଛୋଟ ଧରଣର ଶିଳ୍ପ ପ୍ରତିଷ୍ଠା ପ୍ରତି ଗୁରୁତ୍ୱ ଦିଆଯିବ

କୁଟୀର ଶିଳ୍ପ ସହ ଛୋଟ ଧରଣର ଶିଳ୍ପ ପ୍ରତିଷ୍ଠା ଉପରେ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି ବୋଲି ଶିଳ୍ପ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଯାଦବ ମାଝୀ ପ୍ରକାଶ କରିଛନ୍ତି ।

ସଂପ୍ରତି କୋରାପୁଟ ଜିଲ୍ଲା ରାୟଗଡ଼ାଠାରେ ଆୟୋଜିତ "ଉନ୍ନୟନ ପ୍ରଦର୍ଶନୀ-୯୭" ଉଦ୍‌ଘାଟନ କରି ଶ୍ରୀ ମାଝୀ ରାଜ୍ୟ ସରକାରଙ୍କ ଶିଳ୍ପନୀତି ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି ଏହା କହିଛନ୍ତି । ସେ କହିଛନ୍ତି ଯେ, କୁଟୀର ଶିଳ୍ପ ଓ ଛୋଟ ଧରଣର ଶିଳ୍ପ ବିକାଶ ଫଳରେ ସ୍ଥାନୀୟ ଲୋକମାନଙ୍କ କର୍ମ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି କରିବ ଓ ବିଶେଷ କରି ଗ୍ରାମାଞ୍ଚଳ ଲୋକମାନଙ୍କ ଆର୍ଥିକ ମାନଦଣ୍ଡ ଅଭିବୃଦ୍ଧିରେ ସହାୟକ ହେବ । ଶିକ୍ଷିତ ବେକାରମାନଙ୍କୁ ଏ ଦିଗରେ ଆବଶ୍ୟକୀୟ ସମସ୍ତ ପ୍ରକାର ପ୍ରୋତ୍ସାହନ ସରକାର ଯୋଗାଇ ଦେବେ ବୋଲି ସେ ପ୍ରକାଶ କରିଥିଲେ । ସରକାରୀ ଓ ବେସରକାରୀ ଚାକିରି ପଛରେ ନ ଗୋଡ଼ାଇ, କର୍ମ ନିଯୁକ୍ତି ପାଇଁ ସରକାର ଯୋଗାଇ ଦେଉଥିବା ସୁବିଧା ସୁଯୋଗ ଗ୍ରହଣ କରି ଏ କ୍ଷେତ୍ରରେ ଉଦ୍ଦିଷ୍ଟ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ଆଗେଇ ଆସିବା ପାଇଁ ସେ ବେକାର ଯୁବକ ଓ ଯୁବତୀମାନଙ୍କୁ ଆହ୍ୱାନ ଦେଇଥିଲେ ।

ରାୟଗଡ଼ା ଉପଜିଲ୍ଲାପାଳ ଶ୍ରୀ ଖୁଣ୍ଟିଆ ଏହି ସଭାରେ ଅଧ୍ୟକ୍ଷତା କରିଥିଲେ । ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମଗୁଡ଼ିକରେ ଜନସାଧାରଣ ନିଜକୁ ସକ୍ରିୟଭାବେ ସଂଶ୍ଳିଷ୍ଟ କରି ନିଜର ଉନ୍ନତି ସହ ଦେଶ ତଥା ଜାତିକୁ ଅଗ୍ରସର ପଥରେ ଆଗେଇ ନେବାରେ ସହାୟକ ହେବାକୁ ସେ ନିବେଦନ କରିଥିଲେ ।

ପୂର୍ବରୁ ଜିଲ୍ଲା ଶିଳ୍ପ କେନ୍ଦ୍ରର ଜେନେରାଲ ମ୍ୟାନେଜର ପ୍ରାରମ୍ଭିକ ସୂଚନା ଦେଇ ଛୋଟ ଧରଣର ଶିଳ୍ପ ପ୍ରତିଷ୍ଠା ପାଇଁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆଗ୍ରହ ବୃଦ୍ଧି ପାଉଥିବା ଉଲ୍ଲେଖ କରିଥିଲେ । ଏହି ଅଞ୍ଚଳରେ ଶିଳ୍ପ ପ୍ରସାର ପାଇଁ ଜିଲ୍ଲା ଶିଳ୍ପ କେନ୍ଦ୍ର ପକ୍ଷରୁ ଆବଶ୍ୟକୀୟ ବୈଷୟିକ ପରାମର୍ଶ ସହ ଶିଳ୍ପ ଭିତ୍ତିଭୂମି ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ ।

ପ୍ରଦର୍ଶନୀରେ "ଶିଳ୍ପ ପ୍ରଗତି" ସମ୍ପର୍କରେ ୧୧ଟି ଷ୍ଟଲ୍ ସମେତ ମୋଟ୍ ୨୪ଟି ଷ୍ଟଲ୍ ଖୋଲା ଯାଇଛି । ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ତଥ୍ୟ ଅତି ଚିତ୍ତାକର୍ଷକ ଭାବରେ ଏହି ଷ୍ଟଲ୍‌ମାନଙ୍କରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଦର୍ଶିତ ହୋଇଛି । ସରକାରୀ ବିଭାଗ ବ୍ୟତୀତ ୩ଟି ସ୍ୱେଚ୍ଛାସେବୀ ସଙ୍ଗଠନ ମଧ୍ୟ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିଛନ୍ତି । ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ରାଜ୍ୟ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରାଜ୍ୟ ଓ ରାଜ୍ୟ ବାହାରର ବହୁ ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତିଦିନ ସନ୍ଧ୍ୟାରେ ଆୟୋଜିତ ହେଉଛି । ପ୍ରଦର୍ଶନୀରେ ରାୟଗଡ଼ା ସହର ତଥା ଗ୍ରାମାଞ୍ଚଳରୁ ବହୁ ଆଦିବାସୀ ନରନାରୀଙ୍କର ବିପୁଳ ସମାବେଶ ପରିଲକ୍ଷିତ ହେଉଛି ।

## ରାଜ୍ୟର ପ୍ରତ୍ୟେକ ଇଂରାଜୀ ମିଡ଼ିୟମ ସ୍କୁଲରେ ଓଡ଼ିଆ ଭାଷା ବାଧ୍ୟତାମୂଳକ ହେବା ଉଚିତ

ଓଡ଼ିଶାରେ ଚାଲୁଥିବା ପ୍ରତ୍ୟେକ ଇଂରାଜୀ ମିଡ଼ିୟମ୍ ସ୍କୁଲରେ ଓଡ଼ିଆ ଭାଷା ବାଧ୍ୟତାମୂଳକ ହେବା ଉଚିତ ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା କହିଛନ୍ତି ।

ଜ୍ଞାନ ଭାରତୀ ଇଂରାଜୀ ମିଡ଼ିୟମ୍ ସ୍କୁଲର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶ୍ରୀ ବେହେରା କହିଲେ ଯେ ନିଜର ମାତୃଭାଷାକୁ ଭୁଲି କେହି କେବେ ବଡ଼ ହୋଇନାହିଁ। ଇଂରାଜୀ ଭାଷା ବିଭିନ୍ନ ଭାଷାଭାଷୀ ଲୋକଙ୍କ ମଧ୍ୟରେ ଏକ ସଂଯୋଗକାରୀ ଭାଷା ହୋଇଥିବାରୁ ଏହାକୁ ଶିକ୍ଷା କରିବାର ଆବଶ୍ୟକତା ରହିଛି। କିନ୍ତୁ ଇଂରାଜୀ ଭାଷା ଶିକ୍ଷା କରି ଆମର ସଂସ୍କୃତି ଓ ପରମ୍ପରାକୁ ଭୁଲିଯିବା ଉଚିତ ନୁହେଁ। ମନ୍ତ୍ରୀ ଶ୍ରୀ ବେହେରା, ଜ୍ଞାନ ଭାରତୀ ସ୍କୁଲ ଓଡ଼ିଆ ଭାଷାକୁ ଏକ ବାଧ୍ୟତାମୂଳକ ବିଷୟ ଭାବେ ରଖି ଓଡ଼ିଶାର ସଂସ୍କୃତିକୁ ଛୋଟଛୋଟ ପିଲାମାନଙ୍କ ମଧ୍ୟରେ ଜୀବିତ ରଖିବାର ଯେଉଁ ପ୍ରଚେଷ୍ଟା କରିଛନ୍ତି, ତାହା ପ୍ରକୃତରେ ଏକ ମହତ୍ୱପୂର୍ଣ୍ଣ କାର୍ଯ୍ୟ ବୋଲି କହିଥିଲେ। ଏହି ଉତ୍ସବରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ଶ୍ରୀ ବେହେରା ପୁରସ୍କାର ବିତରଣ କରିଥିଲେ।

## ଗୁଣୁପୁର ସରକାରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ସଂପ୍ରତି ଗୁଣୁପୁର ସରକାରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜୟରାମ ପାଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶ୍ରୀ ପାଙ୍ଗୀ ଉଦ୍‌ବୋଧନ ପ୍ରସଙ୍ଗରେ କହିଲେ ଯେ ଗୁଣୁପୁର ସବ୍‌ଡିଭିଜନ୍‌ର ଏହା ଏକମାତ୍ର ଡିଗ୍ରୀ କଲେଜ ହୋଇଥିବାରୁ ଏହୁ କଲେଜରୁ ଉତ୍ତୀର୍ଣ୍ଣ ଶହ ଶହ ଛାତ୍ର ଛାତ୍ରୀ ଆଜି ଓଡ଼ିଶା ଓ ଓଡ଼ିଶା ବାହାରେ ବିଭିନ୍ନ ଉଚ୍ଚ ପଦ ପଦବୀରେ କାର୍ଯ୍ୟରତ। ଶିକ୍ଷାର ଉନ୍ନତି ବିନା କୌଣସି ଜାତି କେବେ ଆଗେଇ ପାରିବ ନାହିଁ। ଏଣୁ ଜିଲ୍ଲାରେ ଶିକ୍ଷାର ଅଗ୍ରଗତି ନିମନ୍ତେ ସେ ଛାତ୍ର ସମାଜ, ଜନସାଧାରଣ ଓ ସର୍ବୋପରି କଲେଜର ଅଧ୍ୟାପକ-ଅଧ୍ୟାପିକାମାନଙ୍କ ସହଯୋଗ କାମନା କରିଥିଲେ। କଲେଜ ୟୁନିୟନ୍ ତରଫରୁ ହୋଇଥିବା ଦାବୀ ସମ୍ପର୍କରେ ଶ୍ରୀ ପାଙ୍ଗୀ କହିଲେ ଯେ ସରକାରଙ୍କ ସୀମିତ ସମ୍ବଳ ମଧ୍ୟରେ ସେମାନଙ୍କ ନ୍ୟାଯ୍ୟ ଦାବୀଗୁଡ଼ିକ ପର୍ଯ୍ୟାୟକ୍ରମେ ପୂରଣ କରାଯିବ।

## ଗୁଣୁପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ସଂପ୍ରତି ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜୟରାମ ପାଙ୍ଗୀ ଗୁଣୁପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ଏକ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ପାଙ୍ଗୀ କହିଲେ ଯେ ଶିକ୍ଷା ପ୍ରତ୍ୟେକ ମନୁଷ୍ୟର ଅନ୍ତର୍ନିହିତ ଗୁଣର ବିକାଶ କରିବା ସଙ୍ଗେ ସଙ୍ଗେ, ସମାଜକୁ ଦିଗ୍‌ଦର୍ଶନ ଦେଇଥାଏ। ପୂର୍ବକାଳର ଗୁରୁକୁଳ ଆଶ୍ରମ ଶିକ୍ଷା ଓ ଆଜିର ଆଧୁନିକ ଶିକ୍ଷା ପ୍ରଦାନ ସମ୍ପର୍କରେ ସେ ଏକ ତୁଳନାତ୍ମକ ବିବରଣୀ ପ୍ରଦାନ କରିଥିଲେ। ଶିକ୍ଷା କ୍ଷେତ୍ରରେ ରାଜ୍ୟର ଅନଗ୍ରସର କୋରାପୁଟ ଜିଲ୍ଲାର ଶିକ୍ଷାଦାନ ପ୍ରକ୍ରିୟାକୁ ସମ୍ପାଦନ କରିବା ଆଜିର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଅଭିଭାବକମାନଙ୍କର ଗୁରୁ ଦାୟିତ୍ୱ ରହିଛି ବୋଲି ସେ ପ୍ରକାଶ କରିଥିଲେ।

## ତ୍ରିବେଣୀ କାରପେଟ୍‌ର ରେଡ଼କ୍ରସ୍‌କୁ ୫୦,୦୦୦ ଟଙ୍କା ଦାନ ରାଜ୍ୟପାଳ ଗ୍ରହଣ କଲେ

ଭୁବନେଶ୍ୱରଠାରେ ଅବସ୍ଥିତ ତ୍ରିବେଣୀ କାରପେଟ୍ ଶିଳ୍ପାନୁଷ୍ଠାନ, ଦୁଃସ୍ଥ, ଦୁର୍ଦ୍ଦଶାଗ୍ରସ୍ତ ଜନତାର ସେବା ପାଇଁ ୫୦,୦୦୦ ଟଙ୍କା ଦାନ କରିଛନ୍ତି।

ଓଡ଼ିଶାର ରାଜ୍ୟପାଳ ତଥା ରେଡ଼କ୍ରସ ରାଜ୍ୟ ଶାଖାର ସଭାପତି ଶ୍ରୀ ଯଜ୍ଞଦତ୍ତ ଶର୍ମାଙ୍କ ହସ୍ତରେ ତ୍ରିବେଣୀ କାର୍ପେଟସ୍ ଉଦ୍ୟୋଗ ଶ୍ରୀ ଭାସ୍କର ମିଶ୍ର ଏହି ଚେକ୍ ଅର୍ପଣ କରିଛନ୍ତି।

## କୋରାପୁଟ ଜିଲ୍ଲାରେ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ବଣ୍ଟନ

ସଂପ୍ରତି ସମବାୟ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଜୟରାମ ପାଙ୍ଗୀ ତାଙ୍କର କୋରାପୁଟ ଜିଲ୍ଲା ଗସ୍ତ ସମୟରେ ଗୁଣୁପୁର, ପଦ୍ମପୁର, ଗୁଡ଼ାରି, ରାମନଗଡ଼ା, କୋଲ୍ଲନରା, କଲ୍ୟାଣସିଂହପୁର, ବିଷମ କଟକ, ନନ୍ଦପୁର ଓ କାଶୀପୁର ବ୍ଳକ୍‌ମାନଙ୍କର ବିଭିନ୍ନ ସ୍ଥାନରେ ଅସହାୟ ବୃଦ୍ଧ ବୃଦ୍ଧା ଓ ବିଧବାମାନଙ୍କୁ ଭତ୍ତା ବଣ୍ଟନ କରିଥିଲେ। ବର୍ତ୍ତମାନର ସରକାର ଏହି ଭତ୍ତାର ପରିମାଣ ୪୦ ଟଙ୍କାରୁ ୧୦୦ ଟଙ୍କାକୁ ବୃଦ୍ଧି କରିଥିବା ଦର୍ଶାଇ ସରକାରଙ୍କ ତରଫରୁ ଗ୍ରହଣ କରାଯାଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଶ୍ରୀ ପାଙ୍ଗୀ ଜନସାଧାରଣଙ୍କୁ ଅବହିତ କରାଇଥିଲେ।

## ଜାତୀୟ ପରିବହନ ନୀତି ସେମିନାରରେ ପରିବହନ ମନ୍ତ୍ରୀଙ୍କ ଉଦ୍‌ବୋଧନ

ସଡ଼କ ପରିବହନ ବ୍ୟବସ୍ଥା ଏକ ମଙ୍ଗଳକାରୀ ସାମାଜିକ କାର୍ଯ୍ୟ ହୋଇଥିବାରୁ ଏହାକୁ ଘରୋଇକରଣ କରା ନଯାଇ ସରକାରୀ ଉଦ୍ୟମରେ କାର୍ଯ୍ୟକାରୀ କରାଯିବା ଉଚିତ୍ ବୋଲି ସଂପ୍ରତି ପଶ୍ଚିମବଙ୍ଗ ସରକାରଙ୍କ ଦ୍ୱାରା ଆୟୋଜିତ "ଜାତୀୟ ପରିବହନ ନୀତି" ଶୀର୍ଷକ ଏକ ଜାତୀୟ ସେମିନାରରେ ଅଂଶ ଗ୍ରହଣ କରି ରାଜ୍ୟ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଶ୍ରୀ ଭାଗବତ ବେହେରା ମତବ୍ୟକ୍ତ କରିଛନ୍ତି।

ଶ୍ରୀ ବେହେରା କହିଥିଲେ ଯେ ଆମ ଦେଶରେ ବିଭିନ୍ନ ଧର୍ମ, ଜାତି ଓ ଭାଷାଭାଷୀର ଲୋକ ବାସ କରୁଥିବାରୁ ଦେଶର ଏକତା, ଅଖଣ୍ଡତା ଓ ସଦ୍‌ଭାବ ପ୍ରତିଷ୍ଠା କରିବାରେ ଯାତ୍ରୀ ପରିବହନ ବ୍ୟବସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାଛଡ଼ା ଦେଶର ପ୍ରାନ୍ତ ପ୍ରାନ୍ତର ଜନସାଧାରଣଙ୍କୁ ଦେଶର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ମୁଖ୍ୟସ୍ରୋତରେ ସାମିଲ କରାଇବାରେ ମଧ୍ୟ ଏହାର ଅନୁରୂପ ଭୂମିକା ରହିଛି। ଏହି ବ୍ୟବସ୍ଥାକୁ ସୁଦୃଢ଼ କରାଇବା ସରକାରଙ୍କର ଅନ୍ୟତମ କାର୍ଯ୍ୟ ହୋଇଥିବାରୁ ଜାତୀୟ ସ୍ତରରେ ଏକ ପରିବହନ ନୀତି ମଧ୍ୟ ବଳବତ୍ତର ରହିଛି। ବିଗତ ଦଶନ୍ଧିର ପ୍ରାରମ୍ଭରେ ଜାତୀୟ ପରିବହନ ନୀତି ପ୍ରଣୟନ ସଂକ୍ରାନ୍ତୀୟ ଏକ କମିଟି ଦେଶରେ ଯାତ୍ରୀ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବା

ନିମନ୍ତେ ସରକାରଙ୍କୁ ଏକ ପରାମର୍ଶ ଦେଇଥିଲେ । ଦେଶର ଗ୍ରାମାଞ୍ଚଳ ତଥା ଦୁର୍ଗମ ଅଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କ ଯାତାୟତ ସୁବିଧା ନିମନ୍ତେ ସରକାର ତାଙ୍କର ସମ୍ଭାବ୍ୟ ସମ୍ବଳକୁ ନିୟୋଗ କରିବା ନିମନ୍ତେ ଏହି କମିଟି ପରାମର୍ଶ ଦେଇଥିଲେ । ସରକାରଙ୍କ ଏହା ଏକ ଜନମଙ୍ଗଳ କାର୍ଯ୍ୟ ହୋଇଥିବାରୁ ସରକାରୀ ଉଦ୍ୟୋଗରେ ଏହା କାର୍ଯ୍ୟକାରୀ ହେବା ଉଚିତ । କାରଣ ଘରୋଇ ଯାତ୍ରୀ ପରିବହନ ବ୍ୟବସ୍ଥା ଦ୍ୱାରା ଉପରୋକ୍ତ ଲକ୍ଷ୍ୟ ହାସଲ କରିବା ସମ୍ଭବ ହେବନାହିଁ । ଘରୋଇ ସଂସ୍ଥାମାନେ ପରିବହନ ନିମନ୍ତେ ସେମାନେ ବିନିଯୋଗ କରୁଥିବା ମୂଳଧନର ସୁରକ୍ଷା ସହିତ ଲାଭ କରିବା ନିମନ୍ତେ କାର୍ଯ୍ୟ କରିବେ । ବର୍ତ୍ତମାନ ପରିପ୍ରେକ୍ଷୀରେ ବିଭିନ୍ନ ଯନ୍ତ୍ରାଂଶର ମୂଲ୍ୟ ବୃଦ୍ଧି ଓ ତୈଳ ଦର ବୃଦ୍ଧି ହେତୁ ଘରୋଇ ଉଦ୍ୟୋଗଗୁଡ଼ିକ ଅଧିକ ଯାତ୍ରୀଭଡ଼ା ଆଦାୟ କରିବେ, ଯାହାଦ୍ୱାରା କି ପରିବହନ ବ୍ୟବସ୍ଥା ସମଗ୍ର ଦେଶରେ ବିପର୍ଯ୍ୟସ୍ତ ହୋଇପଡ଼ିବା ସଙ୍ଗେ ସଙ୍ଗେ ପରିବହନ ବ୍ୟବସ୍ଥା କରି ସରକାର ଯେଉଁ କର୍ମ ନିଯୁକ୍ତି ସୁବିଧା ସୃଷ୍ଟି କରିଛନ୍ତି, ତାହା ମଧ୍ୟ ବାଧାପ୍ରାପ୍ତ ହେବ ।

ପରିବହନ ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ ଯେ ଘରୋଇକରଣକୁ ସେ ସଂପୂର୍ଣ୍ଣ ବିରୋଧ କରନ୍ତି ନାହିଁ । ପ୍ରତ୍ୟେକ ରାଜ୍ୟର କେତେକ ଅଞ୍ଚଳ ନିମନ୍ତେ ଘରୋଇ ପରିବହନ ସଂସ୍ଥାଗୁଡ଼ିକୁ ଅନୁମତି ଦିଆଯିବା ଆବଶ୍ୟକ । କିନ୍ତୁ ସରକାରୀ ପରିବହନ ସଂସ୍ଥା ସହିତ ଏହା ସମାନ୍ତରାଳ ହେବା ଅନୁଚିତ । ଏହି ସ୍ଥାନମାନଙ୍କରେ ସରକାରଙ୍କ ତରଫରୁ ଯାତ୍ରୀଭଡ଼ା ନିମନ୍ତେ ଏକ ନିର୍ଦ୍ଦେଶନାମା ରହିବା ଉଚିତ । ଯାହାଦ୍ୱାରା ଘରୋଇ ସଂସ୍ଥାମାନେ ଅଧିକ ଯାତ୍ରୀଭଡ଼ା ଆଦାୟ କରିପାରିବେ ନାହିଁ ଏବଂ ଏହାକୁ ଏକଚାଟିଆ କରିପାରିବେ ନାହିଁ ।

ମନ୍ତ୍ରୀ ଶ୍ରୀ ବେହେରା କହିଥିଲେ ଯେ, ଭାରତୀୟ ରେଳବାଇରେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଥାଇ ମଧ୍ୟ ଏହା କ୍ଷତିରେ ଚାଲିଛି । ବିଭିନ୍ନ ରାଜ୍ୟରେ ଥିବା ରାଜ୍ୟ ପରିବହନ ନିଗମଗୁଡ଼ିକ ସମ୍ପର୍କରେ ଆଲୋଚନା କରି ଶ୍ରୀ ବେହେରା କହିଲେ ଯେ କ୍ରମାଗତ କ୍ଷତି ଓ ଆର୍ଥିକ ଅଭାବରୁ କେତେକ ରାଜ୍ୟର ପରିବହନ ନିଗମମାନଙ୍କ ଅବସ୍ଥା ଦୟନୀୟ ହୋଇ ପଡ଼ିଛି । ଗତ ୫/୬ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ତରଫରୁ କୌଣସି ରାଜ୍ୟ ପରିବହନ ନିଗମକୁ ଆର୍ଥିକ ସହାୟତା ଦିଆଯାଇନାହିଁ । ତେଣୁ, ରାଜ୍ୟ ସରକାରଙ୍କ ପକ୍ଷରୁ ଏହାର ଉନ୍ନତି କରିବା ସମ୍ଭବପର ହେଉନାହିଁ । ରାଜ୍ୟମାନେ ସେମାନଙ୍କ ସୀମିତ ସମ୍ବଳ ମଧ୍ୟରୁ ଯେତିକି ବିନିଯୋଗ କରୁଛନ୍ତି, ତାହା ମଧ୍ୟ ଯଥେଷ୍ଟ ହେଉନାହିଁ ।

ପରିବହନ ବ୍ୟବସ୍ଥାର ଉନ୍ନତି ନିମନ୍ତେ କେତେକ ପରାମର୍ଶ ଦେଇ ଶ୍ରୀ ବେହେରା କହିଥିଲେ ଯେ ଦେଶର ସମସ୍ତ ଅଞ୍ଚଳକୁ ରେଳ ଯୋଗାଯୋଗ ବ୍ୟବସ୍ଥା ସମ୍ପ୍ରସାରଣ କରିବା ସମ୍ଭବପର ହେଉନଥିବାରୁ କେନ୍ଦ୍ର ସରକାର ସଡ଼କ ପରିବହନ ବ୍ୟବସ୍ଥାର ଉନ୍ନତି କରିବା ନିତାନ୍ତ ଆବଶ୍ୟକ । ଏହାଦ୍ୱାରା ଆଞ୍ଚଳିକ ବୈଷମ୍ୟ ଦୂର ହେବ ଓ ପଛୁଆ ଅଞ୍ଚଳଗୁଡ଼ିକର ବିକାଶ ଘଟିପାରିବ । ତେଣୁ, ସର୍ବପ୍ରଥମେ କେନ୍ଦ୍ର ସରକାର ଦେଶ ମଧ୍ୟରେ ରାସ୍ତାଘାଟର ଉନ୍ନତି ଦିଗରେ ପ୍ରାଧାନ୍ୟ ଦେବା ଆବଶ୍ୟକ । ଏହାଛଡ଼ା ବିଭିନ୍ନ ନିଗମଗୁଡ଼ିକର ପରିଚାଳନାଗତ ତ୍ରୁଟିକୁ ସୁଧାରିବା ପାଇଁ ବୁଦ୍ଧିଗତ ବ୍ୟକ୍ତିଙ୍କ ଅପେକ୍ଷା କର୍ମଠ ବ୍ୟକ୍ତିମାନଙ୍କର ଅଧିକ ଆବଶ୍ୟକତା ରହିଛି । ସରକାରୀ ଉଦ୍ୟୋଗଗୁଡ଼ିକୁ ଲାଭରେ ପହଞ୍ଚାଇବା ନିମନ୍ତେ କାର୍ଯ୍ୟ କରିବାକୁ ଉତ୍ସାହୀ ବ୍ୟକ୍ତିମାନଙ୍କୁ ଚିହ୍ନଟ କରାଇବା ଦାୟିତ୍ୱ ସମ୍ପୃକ୍ତ ରାଜ୍ୟର ହେବା ଉଚିତ ବୋଲି ସେ କହିଥିଲେ ।

## ଯୋଜନା ବୋର୍ଡ଼ ଉପାଧକ୍ଷଙ୍କ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା

ରାଜ୍ୟ ଯୋଜନା ବୋର୍ଡ଼ର ଉପାଧକ୍ଷ ଶ୍ରୀ ରମାକାନ୍ତ ମିଶ୍ର ସଂପ୍ରତି ଫୁଲବାଣୀ ଜିଲ୍ଲାର ବଉଦ, ବଲାଙ୍ଗୀର, ସୋନପୁର ଅଞ୍ଚଳ ଗସ୍ତକରି ସେଠାରେ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ବଉଦଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ସଘନ ଚାଷ, ପନିପରିବା ଓ ଫଳ ଉତ୍ପାଦନ, ଚାଷୀମାନଙ୍କୁ ସାର ବିହନ, ଆଦି ଯୋଗାଣ ସମ୍ପର୍କରେ ଦୃଢ଼ ପଦକ୍ଷେପ ନିଆଯିବା ପାଇଁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ କୃଷକ ଓ କ୍ଷେତ୍ର କର୍ମଚାରୀମାନଙ୍କ ତାଲିମ ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ । ଏହା ବ୍ୟତୀତ ଧୀବର ଓ ବୁଣାକାର ସମ୍ପ୍ରଦାୟ ଲୋକମାନଙ୍କ ଉନ୍ନତି ସମ୍ପର୍କରେ ସ୍ୱତନ୍ତ୍ର ପଦକ୍ଷେପମାନ ଗ୍ରହଣ କରିବାକୁ ସେ କହିଥିଲେ । ଏହି ସବ୍‌ଡିଭିଜନ୍‌ରେ ଥିବା ବୌଦ୍ଧ ମୂର୍ତ୍ତିଗୁଡ଼ିକର ରକ୍ଷଣାବେକ୍ଷଣ ସମ୍ପର୍କରେ ପରାମର୍ଶ ଦେବା ସଙ୍ଗେ ସଙ୍ଗେ ପୁରୁଣା ଜଗନ୍ନାଥ ସଡ଼କର ଉନ୍ନତି ପାଇଁ ସେ ପଦକ୍ଷେପ ନେବାକୁ ସମ୍ପୃକ୍ତ କର୍ମକର୍ତ୍ତାମାନଙ୍କୁ କହିଥିଲେ ।

ବଲାଙ୍ଗୀରଠାରେ ଉପାଧକ୍ଷ ଏହି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଜିଲ୍ଲା କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବା ସଙ୍ଗେ ସଙ୍ଗେ ବିଭିନ୍ନ ଯୋଜନାର ସମୀକ୍ଷା କରିଥିଲେ । ଫସଲ ଉତ୍ପାଦନ ବୃଦ୍ଧି ନିମନ୍ତେ ଆଗୁଆ କାର୍ଯ୍ୟକ୍ରମ ପ୍ରସ୍ତୁତ କରିବା, ବିଶେଷତଃ ଜଳସେଚିତ କମାଣ୍ଡ ଏରିଆଗୁଡ଼ିକରେ ଅଧିକ ଉତ୍ପାଦନ ନିମନ୍ତେ କାର୍ଯ୍ୟକ୍ରମ ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ସରକାରୀ ଓ ଘରୋଇ ଉଦ୍ୟମରେ ଚାଲୁଥିବା ନର୍ସରୀଗୁଡ଼ିକର ଉତ୍ତମ ରକ୍ଷଣାବେକ୍ଷଣ ନିମନ୍ତେ ସେ କହିଥିଲେ । ଆସନ୍ତା ବର୍ଷାଋତୁ ପୂର୍ବରୁ ବିହନ ବିକ୍ରୟ କେନ୍ଦ୍ର, ଚାରା ଓ କଲମୀ ଗଛ ବିକ୍ରୟ କେନ୍ଦ୍ରଗୁଡ଼ିକ ଅଧିକ ସକ୍ରିୟ କରି ଏହା ଯେପରି ପଞ୍ଚାୟତ ସ୍ତର ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିବ, ସେଥିପାଇଁ ଉପଯୁକ୍ତ ଧ୍ୟାନ ଦେବାକୁ ସେ ସମ୍ପୃକ୍ତ କର୍ମକର୍ତ୍ତାମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଗ୍ରାମାଞ୍ଚଳରେ ସ୍ୱେଚ୍ଛାସେବୀ, ଗ୍ରାମସେବକ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ କର୍ମଚାରୀମାନଙ୍କୁ ଉପଯୁକ୍ତ ତାଲିମ ଦେବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ ।

ସୋନପୁରଠାରେ ଶ୍ରୀ ମିଶ୍ର ଏଠାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଥିଲେ ଏବଂ ସରକାରୀ ଓ ବେସରକାରୀ ବ୍ୟକ୍ତିମାନଙ୍କ ସଙ୍ଗେ ଆଲୋଚନା କରିଥିଲେ । ସୋନପୁର ଟ୍ରଷ୍ଟ ଫଣ୍ଡ ସମ୍ପର୍କରେ ଜିଲ୍ଲାପାଳ ଓ କେତେକ ସ୍ଥାନୀୟ ଅଫିସରଙ୍କ ସଙ୍ଗେ ଆଲୋଚନା

କରି ଏହାକୁ ଯେପରି ବିଶେଷ ଫଳପ୍ରଦ କରାଯାଇ ପାରିବ, ସେ ସମ୍ପର୍କରେ ସେ କହିଥିଲେ । ଏହି ଅବସରରେ ଶ୍ରୀ ମିଶ୍ରଙ୍କୁ ସ୍ଥାନୀୟ ଲୋକମାନେ ସାକ୍ଷାତକରି ସ୍ୱର୍ଣ୍ଣ ପ୍ରୟାଗ ମନ୍ଦିରଗୁଡ଼ିକର ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ । ସୋନପୁର ସହରକୁ ବନ୍ୟା ହାତରୁ ରକ୍ଷା କରିବା ପାଇଁ ତେଲନଦୀ ଉପରେ ନିର୍ମିତ ସେତୁଠାରୁ ସହରର ଶେଷ ପର୍ଯ୍ୟନ୍ତ ବନ୍ଧର ଉନ୍ନତି ପାଇଁ ଲୋକମାନେ ଶ୍ରୀ ମିଶ୍ରଙ୍କୁ ଅବଗତ କରାଇଥିଲେ ।

ଯୋଜନା ବୋର୍ଡ଼ ଉପାଧ୍ୟକ୍ଷ କୁଆଁରିଆ ମଧ୍ୟମ ଜଳସେଚନ ଯୋଜନା ପରିଦର୍ଶନ କରିଥିଲେ ଏବଂ ଏହାଦ୍ୱାରା ଜଳସେଚିତ ହେଉଥିବା ୩୫ଟି ଗ୍ରାମରେ ଅଧିକ ଫସଲ ଉତ୍ପାଦନ ପାଇଁ ବ୍ୟବସ୍ଥା କରାଯିବାକୁ ସମ୍ପୃକ୍ତ କର୍ମକର୍ତ୍ତାମାନଙ୍କୁ ପରାମର୍ଶ ଦେଇଥିଲେ । ଜଳସେଚନ, କୃଷି ଓ ସମବାୟ ବିଭାଗର ସମ୍ପୃକ୍ତ କର୍ମକର୍ତ୍ତାଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ରକ୍ଷା କରି କିପରି ଅଧିକ ଉତ୍ପାଦନ ନିମନ୍ତେ କୃଷୀମାନଙ୍କୁ ସହାୟତା କରାଯାଇ ପାରିବ, ସେ ସମ୍ପର୍କରେ ସେ କହିଥିଲେ ।

## ବିଂଶସୂତ୍ରୀ ଅନ୍ତର୍ଭୁକ୍ତ ଜନସାଧାରଣଙ୍କୁ ଗୃହ ଯୋଗାଣ କାର୍ଯ୍ୟକ୍ରମ

ଚଳିତ ଆର୍ଥିକ ବର୍ଷରେ 'ଇନ୍ଦିରା ଆବାସ' ଯୋଜନା ମାଧ୍ୟମରେ ୯,୧୧୦ଟି ବାସଗୃହ ତଫସିଲଭୁକ୍ତ ଜାତି ଓ ଉପଜାତିର ଲୋକମାନଙ୍କୁ ଯୋଗାଇ ଦେବାପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଗତ ଜାନୁଆରୀ ମାସ ଶେଷ ସୁଦ୍ଧା ଚଳିତ ବର୍ଷର ପ୍ରଥମ ଦଶ ମାସ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ମୋଟ୍ ୭,୨୬୭ଟି ବାସଗୃହ ଯୋଗାଇ ଦିଆଯାଇ ଏ କ୍ଷେତ୍ରରେ ଚଳିତ ବର୍ଷ ପାଇଁ ଥିବା ଧାର୍ଯ୍ୟ ଲକ୍ଷ୍ୟର ଶତକଡ଼ା ୮୦ ଭାଗ ସଫଳତା ହାସଲ କରାଯାଇଛି । କେବଳ ଗତ ମାସରେ ଏହି କାର୍ଯ୍ୟକ୍ରମରେ ଯୋଗାଇ ଦିଆଯାଇଥିବା ୯୬୭ଟି ବାସଗୃହ ଏହାର ଅନ୍ତର୍ଭୁକ୍ତ ବୋଲି ଗତମାସ ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ବିବରଣୀରୁ ଜଣାପଡ଼ିଛି ।

ଉକ୍ତ ବିବରଣୀରୁ ଆହୁରି ମଧ୍ୟ ପ୍ରକାଶ ଯେ ଚଳିତ ଆର୍ଥିକ ବର୍ଷ ଆରମ୍ଭରୁ ଗତ ଜାନୁଆରୀ ସୁଦ୍ଧା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକ ଓ ସ୍ୱଳ୍ପ ଆୟକାରୀଙ୍କୁ ଯଥାକ୍ରମେ ୧,୩୯୩ଟି ଓ ୧,୬୭୭ଟି ବାସଗୃହ ଯୋଗାଇ ଦିଆଯାଇ ଏ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟର ଯଥାକ୍ରମେ ୯୦ ଭାଗ ଓ ୬୭ ଭାଗ ସଫଳତା ହାସଲ କରାଯାଇଛି । କେବଳ ଗତ ଜାନୁଆରୀ ମାସରେ ଏହି କାର୍ଯ୍ୟକ୍ରମରେ ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ଯୋଗାଇ ଦିଆଯାଇଥିବା ୩୦୮ଟି ଓ ସ୍ୱଳ୍ପ ଆୟକାରୀଙ୍କୁ ଯୋଗାଇ ଦିଆଯାଇଥିବା ୫୬୯ଟି ବାସଗୃହ ଅନ୍ତର୍ଭୁକ୍ତ ।

ସେହିପରି ବାସଗୃହ ନିର୍ମାଣ ନିମନ୍ତେ ଉକ୍ତ ସମୟ ମଧ୍ୟରେ ମୋଟ୍ ୨,୦୬୩ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ବୋଲି ଉକ୍ତ ବିବରଣୀରୁ ଜଣାପଡ଼ିଛି ।

## ବନ୍ୟ ସମ୍ପଦର ସୁରକ୍ଷା ଓ ଅଭିବୃଦ୍ଧି ସହ ପରିବେଶ ସୁରକ୍ଷା ପାଇଁ ଶ୍ରୀ ବକ୍ସିପାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ

ସମ୍ପ୍ରତି ଦିଲ୍ଲୀଠାରେ ଅନୁଷ୍ଠିତ ଦେଶର ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀମାନଙ୍କ ସମ୍ମିଳନୀରେ ଯୋଗ ଦେଇ ରାଜ୍ୟ ଜଙ୍ଗଲ ମନ୍ତ୍ରୀ ଶ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ର ବନ ଓ ପରିବେଶ ସମସ୍ୟା ଉପରେ ଆଲୋଚନା କରି ବନ୍ୟ ସମ୍ପଦ ସୁରକ୍ଷା ଓ ଅଭିବୃଦ୍ଧି ସହ ପରିବେଶ ସୁରକ୍ଷା ନିମନ୍ତେ ବାସ୍ତବ ଦୃଷ୍ଟିକୋଣରୁ ଚିନ୍ତା କରାଯାଇ ଜଙ୍ଗଲ ନୀତି ଓ ପ୍ରଚଳିତ ବ୍ୟବସ୍ଥାରେ କେତୋଟି ପରିବର୍ତ୍ତନ କରିବା ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବମାନ ଉପସ୍ଥାପନ କରିଛନ୍ତି ।

ଶ୍ରୀ ବକ୍ସିପାତ୍ର କହିଥିଲେ ଯେ ବୃକ୍ଷ ରୋପଣ କରାଯିବାର ଠିକ୍‌ପରେ ବୃକ୍ଷର ସୁରକ୍ଷା ପାଇଁ ସାମାଜିକ ବନୀକରଣ କାର୍ଯ୍ୟକ୍ରମରେ କୌଣସି ବ୍ୟବସ୍ଥା ନଥିବା ଯୋଗୁଁ ଏହି କାର୍ଯ୍ୟକ୍ରମ ସଫଳ ହୋଇପାରୁନାହିଁ । ଜନ ସଚେତନତାର ଅଭାବ ତଥା ବନୀକରଣ କାର୍ଯ୍ୟକ୍ରମରେ ଜନସାଧାରଣ ଅଂଶ ଗ୍ରହଣ କରୁନଥିବା, ନୂତନ ଜଙ୍ଗଲ ସୃଷ୍ଟି କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହେଉଛି ବୋଲି ସେ ପ୍ରକାଶ କରିଥିଲେ । ସେ କହିଲେ ଯେ, ନୂତନ ଜଙ୍ଗଲ ସୃଷ୍ଟି ହୋଇ ନଥିବାରୁ ସଂରକ୍ଷିତ ଜଙ୍ଗଲର ପରିମାଣ ହ୍ରାସ ପାଉଛି । ବନୀକରଣ କାର୍ଯ୍ୟକ୍ରମରେ ଗଛ ରୋପଣ କଲାବେଳେ ସ୍ଥାନୀୟ ଜନସାଧାରଣଙ୍କ ଦୈନନ୍ଦିନ ଆବଶ୍ୟକତାକୁ ଦୃଷ୍ଟିରେ ରଖି, ସେମାନଙ୍କ ସୁବିଧା ମେଣ୍ଟାଇବା ପରି ସେସବୁ ଅଞ୍ଚଳରେ ପ୍ରାକୃତିକ ଭାବେ ବଢ଼ି ଉଠିଥିବା ଗଛଗୁଡ଼ିକୁ ଲଗାଯିବା- ଉପରେ ଗୁରୁତ୍ୱ ଦେବାକୁ ସେ ପ୍ରସ୍ତାବ ଦେଇଥିଲେ । ଜଙ୍ଗଲର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଜଙ୍ଗଲ ସୁରକ୍ଷା ବାହିନୀ ଗଠନ କରାଯିବାକୁ ଓ ଏହି ବାହିନୀକୁ ଆଇନଗତ କ୍ଷମତା ଦିଆଯିବାକୁ ସେ ପ୍ରସ୍ତାବ ଦେଇଥିଲେ । ଗ୍ରାମ୍ୟ ଜଙ୍ଗଲ କମିଟିଗୁଡ଼ିକୁ ଜଙ୍ଗଲ ସମ୍ପଦର ସୁରକ୍ଷା ଓ ଫଳପ୍ରଦ ଅଭିବୃଦ୍ଧିରେ ସକ୍ରିୟ ଭାବେ ସଂଶ୍ଳିଷ୍ଟ କରିବା ଉଦ୍ଦେଶ୍ୟରେ କମିଟିକୁ ସାମ୍ବିଧାନିକ କ୍ଷମତା ସହ ସେମାନଙ୍କୁ ଆବଶ୍ୟକୀୟ ସୁବିଧା ସୁଯୋଗର ବ୍ୟବସ୍ଥା ଯୋଗାଇ ଦେବା ପାଇଁ ସେ ପରାମର୍ଶ ଦେଇଥିଲେ । ଅନୁଗୁଳ ତଥା ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ଥିବା ବାଉଁଶ ଓ ଲଘୁ ବନ୍ୟଜାତ ଦ୍ରବ୍ୟର ସୁରକ୍ଷା କ୍ଷେତ୍ରରେ ସ୍ଥାନୀୟ ଲୋକଙ୍କ ସ୍ୱାର୍ଥକୁ ଆଖି ଆଗରେ ରଖି, କେନ୍ଦ୍ର ସରକାର ତାଙ୍କ ନୀତି ପରିବର୍ତ୍ତନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । କେନ୍ଦ୍ର ସରକାରଙ୍କ ନୂତନ ଶିଳ୍ପନୀତି ଯୋଗୁଁ ବୃହତ୍ ଶିଳ୍ପ ପ୍ରତିଷ୍ଠାରେ ବହୁ ବିଦେଶୀୟ କମ୍ପାନୀଙ୍କ ଅଂଶ ଗ୍ରହଣ ପରିପ୍ରେକ୍ଷୀରେ ପରିବେଶ ପ୍ରଦୂଷଣ ହେବା ଆଶଙ୍କା ଦୃଷ୍ଟିରୁ ଶିଳ୍ପନୀତିର ପରିବର୍ତ୍ତନ ପାଇଁ ସେ ଦାବୀ କରିଥିଲେ । ଏହି ସମସ୍ୟାର ସମ୍ମୁଖୀନ ହେବା ପାଇଁ କେନ୍ଦ୍ର ସରକାର ପରିବେଶ ନୀତି ସ୍ପଷ୍ଟ ଘୋଷଣା କରିବା ଆବଶ୍ୟକ ବୋଲି ସେ କହିଥିଲେ । ଦୈତାରୀ ଇସ୍ପାତ କାରଖାନା ସମେତ ରାଜ୍ୟର ଅନ୍ୟାନ୍ୟ ପ୍ରକଳ୍ପ ପାଇଁ ରାଜ୍ୟ ସରକାର ପଠାଇଥିବା ଆବଶ୍ୟକୀୟ ଜଙ୍ଗଲ ସଫେଇ ପ୍ରସ୍ତାବଗୁଡ଼ିକର ତୁରନ୍ତ କେନ୍ଦ୍ରୀୟ ଅନୁମୋଦନ ନିମନ୍ତେ ସେ କେନ୍ଦ୍ର ଜଙ୍ଗଲ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ । ଦୈତାରୀ ପ୍ରକଳ୍ପ ନିମନ୍ତେ ଜଙ୍ଗଲ ସଫେଇ ପ୍ରସ୍ତାବ ଦିନେ ଦୁଇଦିନ ମଧ୍ୟରେ କେନ୍ଦ୍ରୀୟ ଅନୁମୋଦନ ପାଇଁ ପଠାଯାଉଥିବା, କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ କରିଥିଲେ ।

ସୂଚନାଯୋଗ୍ୟ ଯେ ପ୍ରଥମ ଦିନ ପ୍ରଧାନ ମନ୍ତ୍ରୀ ଏହି ଦୁଇଦିନିଆ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଯାପନ ଦିବସରେ

କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀ କମଲନାଥ ଅଧ୍ୟକ୍ଷତା କରିଥିଲେ । ଏହି ସମ୍ମିଳନୀରେ ବିଭିନ୍ନ ରାଜ୍ୟର ଜଙ୍ଗଲ ସମସ୍ୟା, ଜଙ୍ଗଲ ସମ୍ପର୍କୀୟ କାର୍ଯ୍ୟକ୍ରମ, ନୂତନ ଜଙ୍ଗଲ ସୃଷ୍ଟି, ବନ୍ୟ ସମ୍ପଦର ସୁରକ୍ଷା, ପରିବେଶ ସୁରକ୍ଷା, ବନ୍ୟଜନ୍ତୁ ସଂରକ୍ଷଣ ଓ କେନ୍ଦ୍ର ସରକାରଙ୍କ ଜଙ୍ଗଲ ନୀତି ଉପରେ ବ୍ୟାପକ ବିଶ୍ଳେଷଣ ଆଲୋଚନା କରାଯାଇଥିଲା ।

## ପେନ୍‌ସନ୍ ଅଦାଲତରେ ଘଟଣା ସ୍ଥଳରେ ୪୪ଟି କେଶ୍‌ର ଫଇସଲା

ପେନ୍‌ସନ୍ ଅଦାଲତର ବିଂଶତମ ବୈଠକ ସଂପ୍ରତି ଗତ ଫେବୃଆରୀ ୨୫ ତାରିଖ ଦିନ ରାଜ୍ୟ ସଚିବାଳୟଠାରେ ସାଧାରଣ ଅଭିଯୋଗ ଓ ପେନ୍‌ସନ୍ ପ୍ରଶାସନ ବିଭାଗ ମନ୍ତ୍ରୀ ଡଃ ପ୍ରସନ୍ନ କୁମାର ପାଟଶାଣୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଉଦ୍‌ବୋଧନ ଦେଇ ଡଃ ପାଟଶାଣୀ କହିଲେ ଯେ ପେନ୍‌ସନ୍ ନିୟମାବଳୀର ସରଳୀକରଣ କରାଯାଇ ଏହା ଯେପରି ପେନ୍‌ସନ୍ ଉପଭୋକ୍ତାଙ୍କୁ ସହାୟକ ହେବ, ସେଥିପାଇଁ ଉଦ୍ୟମ କରାଯାଇଛି । ଏହି ସରଳୀକରଣ ନିୟମାବଳୀ ଅନୁଯାୟୀ ଯେପରି ପେନ୍‌ସନ୍ ଠିକ୍ ସମୟରେ ଅବସର ନେଇଥିବା କର୍ମଚାରୀଙ୍କୁ ମିଳିବ, ସେଥିପାଇଁ ସମ୍ପୃକ୍ତ କର୍ମକର୍ତ୍ତାମାନେ ଯତ୍ନଶୀଳ ହେବା ଉଚିତ । ପେନ୍‌ସନ୍ ଉପଭୋକ୍ତାମାନେ ଯେପରି ସେମାନଙ୍କର ପ୍ରାପ୍ୟ ପାଇବାରେ କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି, ସେଥିପାଇଁ ସକ୍ରିୟ ପଦକ୍ଷେପ ଗ୍ରହଣ କରାଯିବା ଉଚିତ । ଯଦି କୌଣସି କର୍ମକର୍ତ୍ତା ପେନ୍‌ସନ୍ ସମ୍ପର୍କୀୟ କାଗଜପତ୍ର ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନକରନ୍ତି, ତେବେ ସେମାନଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ବୈଠକ ପ୍ରାରମ୍ଭରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ରବି ନାରାୟଣ ଦାସ ଏହି ବୈଠକରେ ଉପସ୍ଥାପିତ ହେବାକୁ ଥିବା ବିଭିନ୍ନ ପେନ୍‌ସନ୍ କେଶ୍‌ଗୁଡ଼ିକ ସମ୍ପର୍କରେ ଅବତାରଣା କରି କହିଲେ ଯେ ଇତିମଧ୍ୟରେ ରାଜ୍ୟ ସରକାର ପେନ୍‌ସନ୍ ପାଇବା ପାଇଁ ଥିବା ନିୟମାବଳୀର ସରଳୀକରଣ କରି କେତେକ ନିର୍ଦ୍ଦେଶନାମା ବିଭିନ୍ନ ବିଭାଗକୁ ପଠାଇଛନ୍ତି । ସେଗୁଡ଼ିକୁ ଉପଯୁକ୍ତ ଭାବେ ଅନୁଧ୍ୟାନ କରି କାର୍ଯ୍ୟପନ୍ଥା ଗ୍ରହଣ କରିବା ପାଇଁ ସେ କହିଥିଲେ ।

ଏହି ବୈଠକରେ ସର୍ବମୋଟ୍ ୧୨ଟି ବିଭାଗର ମୋଟ୍ ୮୫ଟି କେଶ୍ ଉପସ୍ଥାପିତ କରାଯାଇଥିଲା । ତନ୍ମଧ୍ୟରେ ଶିକ୍ଷା ବିଭାଗର ୩୬ଟି, ରାଜସ୍ୱ ଓ ଅବକାରୀ ବିଭାଗର ନଅଟି, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ୨ଟି, ସାଧାରଣ ପ୍ରଶାସନ ବିଭାଗର ଗୋଟିଏ, ପଞ୍ଚାୟତିରାଜ ବିଭାଗର ୩ଟି, ଜଳସେଚନ ବିଭାଗର ୫ଟି, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ଗୋଟିଏ, କଟକ ଜିଲ୍ଲାପାଳଙ୍କ ଅଫିସ୍ ୬ଟି, ଜନସ୍ୱାସ୍ଥ୍ୟ ବିଭାଗ ଏସ୍‌ଃ ଇଃ ଙ୍କ ଅଫିସ୍‌ର ଗୋଟିଏ, ମତ୍ସ୍ୟ ନିର୍ଦ୍ଦେଶାଳୟର ୩ଟି, ଜଙ୍ଗଲ ବିଭାଗର ନଅଟି ଓ ପ୍ରଧାନ ମୁଖ୍ୟ ବନ ସଂରକ୍ଷକଙ୍କ ଅଫିସ୍‌ର ୭ଟି କେଶ୍ ଅନ୍ତର୍ଭୁକ୍ତ । ଉକ୍ତ କେଶ୍‌ଗୁଡ଼ିକ ମଧ୍ୟରୁ ମୋଟ୍ ୪୪ଟି କେଶ୍ ଘଟଣାସ୍ଥଳରେ ଫଇସଲା ହୋଇଥିଲା ।

ଏହି ବୈଠକରେ ଓଡ଼ିଶାର ଏକାଉଟାଣ୍ଟ ଜେନେରାଲ, ସମ୍ପୃକ୍ତ ବିଭାଗୀୟ ବରିଷ୍ଠ ଅଧିକାରୀଙ୍କ ସମେତ ବିଭାଗୀୟ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## କୁଆଖାଇ ବନ୍ୟା ଦାଉରୁ ୩୫୦ଟି ପରିବାରଙ୍କୁ ରକ୍ଷା କରିବା ପାଇଁ ପଦକ୍ଷେପ

ସଂପ୍ରତି ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକ କୁଆଖାଇ ବନ୍ୟା ଦାଉରୁ ୫ଟି ଗ୍ରାମକୁ ରକ୍ଷା କରିବା ପାଇଁ କୁଆଖାଇ ନଦୀର ଦକ୍ଷିଣ ପାର୍ଶ୍ୱରେ ପୁରୀ ମେନ୍ କେନାଲର ସାଇଫନ୍‌ଠାରୁ ଗଣ୍ଡରପୁର ହାଇସ୍କୁଲ ପର୍ଯ୍ୟନ୍ତ ୮୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେଉଥିବା ଏକ ଘେରିବନ୍ଧ ନିର୍ମାଣ କାର୍ଯ୍ୟର ଶୁଭ ଦେଇଛନ୍ତି ।

ଏହି ଘେରିବନ୍ଧ ନିର୍ମାଣ ହେବା ଦ୍ୱାରା ମରିଚିଆ, ଗଣ୍ଡରପୁର, ଝିଙ୍କିରିଆ, ନୂଆପାଟଣା ଓ ଆସବରେଇ ଗ୍ରାମମାନଙ୍କର ୫୦୦ ଏକର ଚାଷଜମି ଓ ୧୦୦ ଏକର ଅନ୍ୟଜମି କୁଆଖାଇ ବନ୍ୟାଜନିତ କ୍ଷତିରୁ ରକ୍ଷା ପାଇପାରିବ । ୨·୭ କିଃ ମିଃ ଲମ୍ବ ଓ ୩·୭ ମିଟର ଚଉଡ଼ା ବିଶିଷ୍ଟ ଏହି ଘେରିବନ୍ଧର ନିର୍ମାଣ କାର୍ଯ୍ୟ ଆସନ୍ତା ଦୁଇବର୍ଷ ଭିତରେ ଶେଷ ହେବ ଓ ଏହା ଦ୍ୱାରା ୩୫୦ଟି ପରିବାର ବନ୍ୟା ପ୍ରକୋପରୁ ରକ୍ଷା ପାଇବେ ।

ଏହି ଉପଲକ୍ଷେ ଆୟୋଜିତ ସଭାରେ ଭାଷଣ ଦେଇ ଜଳସେଚନ ମନ୍ତ୍ରୀ ଶ୍ରୀ ବିଜୟ ମହାପାତ୍ର ଚାଷୀ ଓ ଗ୍ରାମାଞ୍ଚଳରେ ରହୁଥିବା ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାର ବଦ୍ଧ ପରିକର ବୋଲି କହିଥିଲେ । ରାଜ୍ୟକୁ ଶସ୍ୟଶ୍ୟାମଳା କରିବା ପାଇଁ ଜଳସେଚନର ସୁବିଧା ଓ କେନାଲ ବନ୍ଧ ଯୋଜନାକୁ ପ୍ରାଥମିକତା ଦିଆଯାଉଥିବାର ଉଲ୍ଲେଖ କରି ଏହାଦ୍ୱାରା ଚାଷୀ ଅଧିକ ଉତ୍ପାଦନ କରିବା ସଙ୍ଗେ ସଙ୍ଗେ ଖାଦ୍ୟଶସ୍ୟ କ୍ଷେତ୍ରରେ ଓଡ଼ିଶା ସ୍ୱାବଲମ୍ବୀ ହୋଇପାରିବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

## କ୍ରୀଡ଼ା ହିଁ ଦେଶର ଉନ୍ନତିର ମୂଳସ୍ତମ୍ଭ

କ୍ରୀଡ଼ା ହିଁ ଦେଶର ଉନ୍ନତିର ମୂଳସ୍ତମ୍ଭ' ବୋଲି ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି । ସେ ଏ ସମ୍ପର୍କରେ ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ ଓ ଜାପାନ ପ୍ରଭୃତି ଦେଶର ଉଦାହରଣ ଦେଇଥିଲେ ।

ସମ୍ପ୍ରତି ଭୁବନେଶ୍ୱରସ୍ଥିତ କଳିଙ୍ଗ ସ୍ପୋର୍ଟସ୍ ପଡ଼ିଆଠାରେ ରାଜ୍ୟ ସଫ୍‌ଟବଲ୍ ଆସୋସିଏସନ୍ ପକ୍ଷରୁ ରାଜ୍ୟର ସଫ୍‌ଟବଲ୍ ଖେଳାଳୀମାନଙ୍କୁ ପ୍ରଦତ୍ତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ସଫଟ୍‌ବଲ୍ ଖେଳ ଓଡ଼ିଶାରେ ମାତ୍ର ଚାରିବର୍ଷ ହେଲା ଖେଳାଯାଉଥିବାରୁ ଏହି ଖେଳର ଚିତାକର୍ଷକତାକୁ ଏ ପର୍ଯ୍ୟନ୍ତ କେହି ଅନୁଭବ କରିପାରି ନାହାନ୍ତି । ସରକାର ତଥା କ୍ରୀଡ଼ା ନିର୍ଦ୍ଦେଶାଳୟ ଏହାକୁ ସମୁଚିତ ଧ୍ୟାନ ଓ ଉପଯୁକ୍ତ ସାହାଯ୍ୟ ସହଯୋଗ ଦେଇପାରି ନାହାନ୍ତି । ସଫ୍‌ଟବଲ୍ ଖେଳର ଉନ୍ନତି ପାଇଁ ସବୁ ପ୍ରକାର ସାହାଯ୍ୟ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ । ଚଳିତ ବର୍ଷ ସର୍ବଭାରତୀୟ

ପ୍ରତିଯୋଗିତାରେ ଓଡ଼ିଶା ଦଳ ଅତି ଉନ୍ନତି ଖେଳ ପ୍ରଦର୍ଶନ କରି ଗତବର୍ଷର ଚମ୍ପିୟାନ ମହାରାଷ୍ଟ୍ର ଦଳକୁ ପରାସ୍ତ କରି ପଞ୍ଚମ ସ୍ଥାନ ହାସଲ କରିଥିବାରୁ ଶ୍ରୀ ହରିଚନ୍ଦନ ରାଜ୍ୟ ସଫ୍‌ଟବଲ୍ ଖେଳାଳୀମାନଙ୍କୁ ଅଭିନନ୍ଦନ ଜ୍ଞାପନ କରିଥିଲେ । ରାଜ୍ୟର ବିଭିନ୍ନ ପୁରୁଷ ଖେଳାଳୀ ତଥା ଭାରତୀୟ ମହିଳା ଦଳରେ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ଏକମାତ୍ର ଖେଳାଳୀ ଶର୍ମିଳା ମୁଖାର୍ଜୀଙ୍କୁ ସେ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଭୁବନେଶ୍ୱର ଓ କଟକ ମଧ୍ୟରେ ଏକ ସଫ୍‌ଟବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ମ୍ୟାଚ୍ ପୂର୍ବରୁ ଖେଳାଳୀମାନଙ୍କୁ ମୁଖ୍ୟ ଅତିଥିଙ୍କ ସହ ପରିଚୟ କରାଇ ଦିଆଯାଇଥିଲା । କଟକ ଦଳ ୬-୪ ରନ୍‌ରେ ବିଜୟୀ ହୋଇଥିଲେ ।

ଏହି ଉତ୍ସବରେ ରାଜ୍ୟ ଆସୋସିଏସନ୍‌ର କାର୍ଯ୍ୟକାରୀ ସଭାପତି ଶ୍ରୀ ପ୍ରଫୁଲ୍ଲ ବର ସଭାପତିତ୍ୱ କରିଥିଲେ । ସର୍ବଭାରତୀୟ ଫେଡ଼େରେସନ୍‌ର ସହ-ସମ୍ପାଦକ ଶ୍ରୀ ଭାଗିରଥି ପ୍ରଧାନ ଓ କାର୍ଯ୍ୟକାରୀ ସଦସ୍ୟ ତଥା ଭୁବନେଶ୍ୱର ସଫ୍‌ଟବଲ୍ ସଂଘର ସମ୍ପାଦକ ଶ୍ରୀ ସୁକାନ୍ତ ଦାସ ଯଥାକ୍ରମେ ପ୍ରାରମ୍ଭିକ ସୂଚନା ଓ ବିବରଣୀ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସଫ୍‌ଟବଲ୍ ସଂଘର ସଭାପତି ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜ୍ୟସଂଘର କୋଷାଧ୍ୟକ୍ଷ ଶ୍ରୀମତୀ ସ୍ମୃତି ମୁଖାର୍ଜୀଙ୍କ ସମେତ ରାଜ୍ୟ ଏବଂ ଭୁବନେଶ୍ୱର ସଫ୍‌ଟବଲ୍ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ରହି ଉତ୍ସବକୁ ପରିଚାଳନା କରିଥିଲେ ।

## ପଞ୍ଚମ ଶ୍ରେଣୀ ପାଇଁ ସାଧାରଣ ପରୀକ୍ଷାର ପ୍ରବର୍ତ୍ତନ

ଚଳିତ ୧୯୯୬-୯୭ ଶିକ୍ଷାବର୍ଷଠାରୁ ପଞ୍ଚମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ପାଇଁ ସାଧାରଣ ପରୀକ୍ଷା ପଦ୍ଧତି ପ୍ରବର୍ତ୍ତନ କରିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ପରୀକ୍ଷା ପ୍ରତିବର୍ଷ ମଇ ମାସରେ ଅନୁଷ୍ଠିତ ହେବ ।

ଏହି ପରୀକ୍ଷା ପାଇଁ ପ୍ରଶ୍ନପତ୍ରଗୁଡ଼ିକ ମାଧ୍ୟମିକ ପରିଷଦ ପ୍ରସ୍ତୁତ କରି ଯଥା ସମୟରେ ଜିଲ୍ଲା ଶିକ୍ଷା ପରିଦର୍ଶକମାନଙ୍କୁ ଯୋଗାଇ ଦେବାର ଦାୟିତ୍ୱ ବହନ କରିବେ । ଜିଲ୍ଲା ଶିକ୍ଷା ପରିଦର୍ଶକମାନେ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକରେ ପରୀକ୍ଷା ପରିଚାଳନା, ପରୀକ୍ଷା ଖାତାଗୁଡ଼ିକର କେନ୍ଦ୍ରୀୟ ମୂଲ୍ୟାୟନ ଏବଂ ପରୀକ୍ଷା ଫଳ ପ୍ରକାଶନ ବ୍ୟବସ୍ଥା କରିବେ । ପରୀକ୍ଷାର୍ଥୀମାନଙ୍କୁ ସେମାନେ ପାଇଥିବା ନମ୍ବର ଅନୁଯାୟୀ କ, ଖ, ଗ, ଘ, ଙ ଏବଂ ଚ, ଏପରି ଛଅଟି ବର୍ଗରେ ପାସ୍ କରାଇ ଦିଆଯିବ । ଏହି ସାଧାରଣ ପରୀକ୍ଷାରେ କୌଣସି ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହେବେନାହିଁ ।

## ପ୍ରକୃତି ଏବଂ ପ୍ରାକୃତିକ ସମ୍ପଦର ସୁରକ୍ଷା ନହେଲେ ମାନବ ଜାତି ଧ୍ୱଂସ ପାଇଯିବ

ପ୍ରକୃତିର ସମନ୍ୱୟ ଏବଂ ପ୍ରାକୃତିକ ସମ୍ପଦର ପ୍ରକୃତ ସୁରକ୍ଷା ନହେଲେ, ମାନବ ଜାତି ସମ୍ପୂର୍ଣ୍ଣ ଧ୍ୱଂସ ପାଇଯିବ ବୋଲି ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ଶ୍ରୀ ବିଶ୍ୱଭୂଷଣ ହରିଚନ୍ଦନ କହିଛନ୍ତି ।

ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ଏବଂ 'ଇସ୍ରାଗ୍' ଦ୍ୱାରା ଆୟୋଜିତ ଏକ ଆନ୍ତର୍ଜାତୀୟ ସେମିନାରକୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରି ଶ୍ରୀ ହରିଚନ୍ଦନ କହିଲେ ଯେ ମସଂଜ୍ଞନ୍ତରେ ଇଣ୍ଟରନ୍ୟାସନାଲ ୟୁନିୟନ୍ ଅଫ୍ କଞ୍ଜରଭେସନ୍ ଅଫ୍ ନେଚର୍ ଏବଂ ନ୍ୟାଚୁରାଲ୍ ରିସୋର୍ସେସ୍ ପକ୍ଷରୁ ବୈଜ୍ଞାନିକମାନେ ଯେଉଁ ଭଳି ଭାବରେ ନିଷ୍ଠାର ସହିତ ଏ ଦିଗରେ ପଦକ୍ଷେପ ନେଇଛନ୍ତି, ସେଥିପାଇଁ ସେମାନେ ଅଭିନନ୍ଦନୀୟ । ମାନବ ଜାତିର ବଂଶଧରମାନେ ତାଙ୍କୁ ମନେ ରଖିବେ । ଉଭୟଚର ଓ ସରିସୃପଙ୍କ ପାଇଁ ଭାରତୀୟ ଉପମହାଦେଶର ପରିବେଶ ଏକ ପ୍ରକୃଷ୍ଟ ସ୍ଥାନ ଏବଂ ବିଭିନ୍ନ ଅପ୍ରାକୃତିକ ପରିବେଶ ଓ ରୀତିନୀତି ସେମାନଙ୍କୁ ଯେଉଁଳି ଭାବେ ଧ୍ୱଂସ ମୁହଁକୁ ଠେଲି ଦିଆଯାଉଛି, ତାହାର ବିରୋଧ କରିଯିବା ଉଚିତ । ଏହି ସୁରକ୍ଷା ଦିଗରେ ଭାରତବର୍ଷ ଏବଂ ବିଶେଷ ଭାବେ ଓଡ଼ିଶାର ବୈଜ୍ଞାନିକମାନେ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗ ଏକ ମହାନ ଭୂମିକା ଗ୍ରହଣ କରିଥିବାରୁ ସେ ଅଭିନନ୍ଦନ ଜଣାଇଥିଲେ । ସେ କହିଲେ ଯେ ଗହୀରମଥାର କଇଁଛ, ଭିତର କନିକାର କୁମ୍ଭୀର ପ୍ରଜନନ କେନ୍ଦ୍ର ଏବଂ ଶିମିଳିପାଳର ବ୍ୟାଘ୍ର ପ୍ରୋଜେକ୍ଟ ସ୍ଥାପନ ଓଡ଼ିଶା ମାଟିର ଗୌରବ ବଢ଼ାଇଛି ଏବଂ ଲୋପ ପାଇଯାଉଥିବା ବିଭିନ୍ନ ଜୀବଜନ୍ତୁଙ୍କ ସୁରକ୍ଷା ତଥା ଜଙ୍ଗଲର ସୁରକ୍ଷା ପାଇଁ ଓଡ଼ିଶା ସରକାର ଯେ କୌଣସି ପଦକ୍ଷେପ ନେବାକୁ ପ୍ରସ୍ତୁତ ଅଛନ୍ତି । ଏହି ଅବସରରେ ପ୍ରକାଶିତ ସ୍ମରଣିକା ମଧ୍ୟ ଶ୍ରୀ ହରିଚନ୍ଦନ ଉନ୍ମୋଚନ କରିଥିଲେ ।

ସେମିନାରର ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥି ଯୁକ୍ତରାଷ୍ଟ୍ର ଆମେରିକାର ପୂର୍ବ ଇଲିନିୟସ୍ ୟୁନିଭରସିଟିର ପ୍ରଫେସର ଡଃ ମୋଲ୍ ତାଙ୍କର ଦୀକ୍ଷାନ୍ତ ଭାଷଣରେ ଉଭୟଚର ଓ ସରିସୃପ ତଥା ପୃଥିବୀପୃଷ୍ଠରୁ ଲୋପ ପାଇଯାଉଥିବା ଜୀବଜନ୍ତୁମାନଙ୍କର ସୁରକ୍ଷା ଦିଗରେ ବୈଜ୍ଞାନିକମାନଙ୍କର ପଦକ୍ଷେପ ସମ୍ପର୍କରେ ଆଲୋଚନା କରି ସେଥିପାଇଁ ବିଶେଷ ଭାବେ ବିଭିନ୍ନ ମହାଦେଶରେ ସଙ୍ଗଠିତ ସ୍ପେସିସ୍ ସର୍ଭାଇବାଲ୍ କମିଶନ୍ ଓ ତା'ର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ ।

ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ଡଃ ସତ୍ୟାନନ୍ଦ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମାଡ୍ରାସ୍ କ୍ରୋକଡ଼ାଇଲ୍ ବ୍ୟାଙ୍କ୍‌ର ଅଧ୍ୟକ୍ଷ ରୋମୁଲସ ହ୍ୱିଟାକର ସେମିନାରର ଗୁରୁତ୍ୱ ସମ୍ପର୍କରେ ବୈଜ୍ଞାନିକ ଦୃଷ୍ଟିକୋଣରୁ ଆଲୋଚନା କରିଥିଲେ । ସେମିନାର ସଙ୍ଗଠନ କମିଟିର ଅଧ୍ୟକ୍ଷ ପ୍ରଫେସର ପ୍ରିୟମ୍ବଦା ମହାନ୍ତି ହେଜମାଦୀ ମଧ୍ୟ ଏହି ଉତ୍ସବରେ ଉଦ୍‌ବୋଧନ ଦେଇଥିଲେ । ପୂର୍ବରୁ ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ଡ଼ିଏନ୍ଟ ନାୟକ ସ୍ୱାଗତ ଭାଷଣ ଦେଇଥିଲେ । ଶେଷରେ ଭାରତୀୟ ଉପମହାଦେଶୀୟ ଉଭୟଚର ଓ ସରିସୃପ ସୁରକ୍ଷା ବିଜ୍ଞାନ ସମିତିର ସହଯୋଗୀ ଅଧ୍ୟକ୍ଷ ଡଃ ସୁଶୀଲ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

## ଓଡ଼ିଶା କଂପ୍ୟୁଟର ପ୍ରୟୋଗ କେନ୍ଦ୍ରର ପରିଚାଳନାମଣ୍ଡଳୀ ପୁନର୍ଗଠିତ

ରାଜ୍ୟ ସରକାର ସମ୍ପ୍ରତି ଓଡ଼ିଶା କଂପ୍ୟୁଟର ପ୍ରୟୋଗ କେନ୍ଦ୍ରର ପରିଚାଳନା ମଣ୍ଡଳୀକୁ ପୁନର୍ଗଠନ କରିଛନ୍ତି । ଏହି କେନ୍ଦ୍ରର ଅଧ୍ୟକ୍ଷ

ଓ ମୁଖ୍ୟ ନିର୍ବାହୀ ଶ୍ରୀ ସୁବାସ ପାଣି ଏହାର ଅଧ୍ୟକ୍ଷ ରହିଛନ୍ତି ।

ଏହି ନଅଜଣିଆ ପୁନର୍ଗଠିତ ମଣ୍ଡଳୀରେ ଅର୍ଥ ବିଭାଗ ଓ ଶିଳ୍ପ ବିଭାଗର ଅତିରିକ୍ତ ଶାସନ ସଚିବ ଦ୍ୱୟ ବିଜ୍ଞାନ ଓ ବୈଷୟିକ ବିଭାଗର ଅତିରିକ୍ତ ଶାସନ ସଚିବ/ଯୁଗ୍ମ ଶାସନ ସଚିବ, ରାଜ୍ୟ ଇଲେକ୍ଟ୍ରୋନିକ୍ସ ଉନ୍ନୟନ ନିଗମର ପରିଚାଳନା ନିର୍ଦ୍ଦେଶକ, ଜାତୀୟ ସୂଚନା କେନ୍ଦ୍ରର ପରିଚାଳନା ନିର୍ଦ୍ଦେଶକ, ନୂଆଦିଲ୍ଲୀସ୍ଥ ସୂଚନା ବିଭାଗର ପରାମର୍ଶଦାତା ତଥା ଉପଦେଷ୍ଟା ଡଃ ଉତ୍ପଳ କୁମାର ବାନାର୍ଜୀ, ବାଙ୍ଗାଲୋରସ୍ଥ ଭାରତୀୟ ବିଜ୍ଞାନ ପ୍ରତିଷ୍ଠାନର ପ୍ରଫେସର ଶ୍ରୀ ଏଲ୍.ଏମ୍. ପଟ୍ଟନାୟକ ଏବଂ ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ବିଭାଗର ପୁନାସ୍ଥିତ ଆଡ୍‌ଭାନ୍ସ କଂପ୍ୟୁଟିଂ ଉନ୍ନୟନ କେନ୍ଦ୍ରର ଶ୍ରୀ ମୋହନ ତାପେ ସଭ୍ୟ ଅଛନ୍ତି ।

ଓଡ଼ିଶା କଂପ୍ୟୁଟର ପ୍ରୟୋଗ କେନ୍ଦ୍ରର ମୁଖ୍ୟ ନିର୍ବାହୀ ମଧ୍ୟ ଏହାର ସମ୍ପାଦକ ରହିବେ ।

## ଭୂମିହୀନଙ୍କ ମଧ୍ୟରେ ବଳକା ଜମି ବଣ୍ଟନ

ଚଳିତ ଆର୍ଥିକ ବର୍ଷ (୧୯୯୧-୯୨)ରେ ଭୂମିହୀନଙ୍କ ମଧ୍ୟରେ ସିଲିଂ ବହିର୍ଭୂତ ବଳକା ଜମି ବଣ୍ଟନ କାର୍ଯ୍ୟକ୍ରମରେ ମୋଟ୍ ୬୦୦ ଏକର ଜମି ବଣ୍ଟନ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ବର୍ଷ ଆରମ୍ଭରୁ ଗତ ଜାନୁଆରୀ ଶେଷ ସୁଦ୍ଧା ଏହି କାର୍ଯ୍ୟକ୍ରମରେ ମୋଟ୍ ୨୬୯ ଏକର ଜମି ବଣ୍ଟନ କରାଯାଇ ଏ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟର ଶତକଡ଼ା ୪୫୦ ଭାଗ ସଫଳତା ହାସଲ କରାଯାଇଛି ବୋଲି କୋଡ଼ିଏ ସୂତ୍ରୀ କାର୍ଯ୍ୟକ୍ରମ ଅଗ୍ରଗତି ସମ୍ପର୍କୀୟ ବିବରଣୀରୁ ଜଣାପଡ଼ିଛି । କେବଳ ଗତମାସରେ ବଣ୍ଟନ କରାଯାଇଥିବା ୬୪ ଏକର ଜମି ଏହାର ଅନ୍ତର୍ଭୁକ୍ତ ।

## ମଧ୍ୟ ଇଂରାଜୀ ପରୀକ୍ଷା ପାଇଁ ପରିବର୍ତ୍ତିତ ନୀତି ପାଶ୍ ନମ୍ବର ୧୧୦କୁ ବୃଦ୍ଧି

ଚଳିତ ୧୯୯୨-୯୩ ଶିକ୍ଷାବର୍ଷଠାରୁ ମଧ୍ୟ ଇଂରାଜୀ ସାଧାରଣ ଉତ୍ତୀର୍ଣ୍ଣ ହେବା ପାଇଁ ପରୀକ୍ଷାର୍ଥୀମାନଙ୍କୁ ସର୍ବମୋଟ୍ ୧୧୦ ନମ୍ବର ରଖିବାକୁ ପଡ଼ିବ । ତତ୍ ସଙ୍ଗେ ସଙ୍ଗେ ପ୍ରତ୍ୟେକ ବିଷୟରେ ସର୍ବନିମ୍ନ ସତକଡ଼ା ୨୦ ନମ୍ବର ରଖିବା ଆବଶ୍ୟକ ବୋଲି ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ପ୍ରାଥମିକ ଏବଂ ମାଧ୍ୟମିକ ଶିକ୍ଷାର ମାନ ଉନ୍ନତି କଳ୍ପେ ଏଭଳି ନିଷ୍ପତ୍ତି ନିଆଯାଇଛି ।

ଗତ ୧୯୭୬ ଶିକ୍ଷାବର୍ଷଠାରୁ ଏହି ସାଧାରଣ ପରୀକ୍ଷାରେ ସର୍ବମୋଟ୍ ୮୩ ନମ୍ବର ରଖିଥିବା ପରୀକ୍ଷାର୍ଥୀଙ୍କୁ କୃତକାର୍ଯ୍ୟ ବୋଲି ଘୋଷଣା କରାଯାଉଥିଲା । ମାତ୍ର ପ୍ରତ୍ୟେକ ବିଷୟରେ ପୃଥକ ଭାବେ ରଖିଥିବା ନମ୍ବର ବିଚାରକୁ ନିଆଯାଇ ନଥିଲା ।

## ଓଡ଼ିଶା ଯୁବ ଖେଳାଳୀମାନଙ୍କ ଆଶାନୁରୂପ ଅଗ୍ରଗତି

ଓଡ଼ିଶା ଯେ ଦିନେ କ୍ରୀଡ଼ା କ୍ଷେତ୍ରରେ ପଛୁଆ ଥିଲା, ଏହା ପ୍ରାୟ ସମସ୍ତେ ଉପଲବ୍ଧି କରିଥିବେ । କିନ୍ତୁ ଆଜି ସେ ଅବସ୍ଥାର ଅଭୂତପୂର୍ବ ପରିବର୍ତ୍ତନ ସମ୍ଭବ ହୋଇପାରିଛି । ବର୍ତ୍ତମାନ ସରକାରଙ୍କ ବଳିଷ୍ଠ ପଦକ୍ଷେପ ଏବଂ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟର ନିଷ୍ଠାପର ଉଦ୍ୟମ ଫଳରେ ଆଜି ଓଡ଼ିଶାର ଯୁବ ଖେଳାଳୀମାନେ ବିଭିନ୍ନ ପ୍ରତିଯୋଗିତାରେ ସଫଳତା ହାସଲ କରିପାରୁଛନ୍ତି । ଯୁବ ଖେଳାଳୀମାନଙ୍କ ଏହି ଚରମ କ୍ରୀଡ଼ା ନୈପୁଣ୍ୟ ଓ ଉତ୍କର୍ଷତା ଦିନେ ଯେ ନିଶ୍ଚୟ ଓଡ଼ିଶାକୁ କ୍ରୀଡ଼ା ମାନଚିତ୍ରର ଶୀର୍ଷରେ ପହଂଞ୍ଚାଇ ପାରିବ, ଏହି ଆଶା କରାଯାଉଛି ।

ରାଜ୍ୟ କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟ ଦ୍ୱାରା ଆଧୁନିକ ତଥା ପରିମାର୍ଜିତ ପ୍ରଣାଳୀରେ ଦକ୍ଷ କୋଚ୍‌ଙ୍କ ଜରିଆରେ ତାଲିମ ପ୍ରଦାନ ଦ୍ୱାରା ଆଜି ଯୁବ ଖେଳାଳୀମାନେ କେବଳ ରାଜ୍ୟ ସ୍ତରରେ ନୁହେଁ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ମଧ୍ୟ ସୁନାମ ଅର୍ଜନ କରିପାରୁଛନ୍ତି ।

ଗତ ୨-୧-୧୯୯୨ ତାରିଖଠାରୁ ୬-୧-୧୯୯୨ ତାରିଖ ପର୍ଯ୍ୟନ୍ତ ରାଉରକେଲାଠାରେ ଅନୁଷ୍ଠିତ ଡଃ ବି: ଆର: ଅମ୍ବେଦକର ସର୍ବଭାରତୀୟ ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାର ୧୬ ବର୍ଷରୁ କମ୍ ବୟସ୍କ ଫୁଟ୍‌ବଲ ଖେଳାଳୀ ଦଳ ଚମ୍ପିଆନ୍ ହୋଇ ସ୍ୱର୍ଣ୍ଣପଦକ ହାସଲ କରିଥିଲେ । ସେହିଭଳି ୨୧-୧-୧୯୯୨ ତାରିଖଠାରୁ ୨୪-୧-୧୯୯୨ ତାରିଖ ଯାଏଁ ହରିଆନାର ସୋନେପତଠାରେ ଅନୁଷ୍ଠିତ ଜାତୀୟ ଗ୍ରାମାଞ୍ଚଳ ଦ୍ୱିତୀୟ ଭାଗ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ହକି ଦଳ ଉଭୟ ବାଳକ ଓ ବାଳିକା ବିଭାଗ ସ୍ୱର୍ଣ୍ଣ ପଦକ ପାଇବାର ଗୌରବ ଅର୍ଜନ କରିପାରିଥିଲେ । ପୁଣି ତାମିଲନାଡୁର ଇରୋଡ଼ଠାରେ ଅନୁଷ୍ଠିତ ସର୍ବଭାରତୀୟ ମହିଳା କ୍ରୀଡ଼ାର ଦ୍ୱିତୀୟ ପର୍ଯ୍ୟାୟ ଖେଳରେ ଓଡ଼ିଶାର କୁମାରୀ ସ୍ୱର୍ଣ୍ଣଲତା ପରିଡ଼ା ୧୦୦ ମିଟର ବାଧା-ଦୌଡ଼ରେ ସ୍ୱର୍ଣ୍ଣ ପଦକ ହାସଲ କରି ଓଡ଼ିଶାର ଗୌରବ ବୃଦ୍ଧି କରିଥିଲେ । ସେହିଭଳି ୧୬ ବର୍ଷରୁ କମ୍ ବୟସର ମଲ୍ଲଗଣ ଜାତୀୟ କୁସ୍ତି ପ୍ରତିଯୋଗିତାରେ ଭାଗ ନେଇ ତିନୋଟି ରୌପ୍ୟ ପଦକ ହାସଲ କରିଥିଲେ ଏବଂ ଗତ ୧୬-୨-୧୯୯୨ ତାରିଖରେ ଲକ୍ଷ୍ନୌଠାରେ ଅନୁଷ୍ଠିତ ସର୍ବଭାରତୀୟ ତୃତୀୟ ପର୍ଯ୍ୟାୟ କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ଦୁଇଟି ରୌପ୍ୟ ଓ ଦୁଇଟି ବ୍ରୋଞ୍ଜ୍ ପଦକ ପାଇପାରିଥିଲେ । ଏହା ବ୍ୟତୀତ ୧-୨-୧୯୯୨ ତାରିଖଠାରୁ ୪-୨-୧୯୯୨ ତାରିଖ ପର୍ଯ୍ୟନ୍ତ ବାଙ୍ଗାଲୋରଠାରେ ଅନୁଷ୍ଠିତ ସର୍ବଭାରତୀୟ ମହିଳା କ୍ରୀଡ଼ା ପ୍ରତିଯୋଗିତାରେ ଓଡ଼ିଶା ମହିଳା ହକି ଦଳ ତୃତୀୟ ସ୍ଥାନ ଅଧିକାର କରିପାରିଛନ୍ତି ।

ଉଲ୍ଲେଖଯୋଗ୍ୟ ଯେ ପୂର୍ବରୁ ୧୯୯୧ ରେ ଅନୁଷ୍ଠିତ ଷଷ୍ଠ ଜୁନିୟର୍ ଆନ୍ତଃ ରାଜ୍ୟ ଆଥ୍‌ଲେଟିକ୍ ପ୍ରତିଯୋଗିତାରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନେ ସେମାନଙ୍କ ଚରମ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରି ୧୨ଟି ସ୍ୱର୍ଣ୍ଣ, ୮ଟି ରୌପ୍ୟ ଓ ୮ଟି ବ୍ରୋଞ୍ଜ୍ ପଦକ ହାସଲ କରିପାରିଥିଲେ । ପୁନଶ୍ଚ ଜାତୀୟ ଓ ଅନ୍ତର୍ଜାତିସ୍ତ ସ୍ତରରେ କୁମାରୀ ରଚିତା ପଣ୍ଡା, ପ୍ରଣତି ମିଶ୍ର, ମଧୁମିତା, ମହମ୍ମଦ୍ ମଇନୁଲ୍ ହକ୍‌ଦାମା ପ୍ରମୁଖ ଯେଉଁ କ୍ରୀଡ଼ା ଉତ୍କର୍ଷତା ପ୍ରଦର୍ଶନ କରି ସଫଳତା ଅର୍ଜନ କରିଚନ୍ତି, ତାହା କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ଅଗ୍ରଗତିର ନମୁନା ।

ଓଡ଼ିଶାର କ୍ରୀଡ଼ାକୁ ଉନ୍ନତ କରିବା ପାଇଁ ରାଜ୍ୟ କ୍ରୀଡ଼ା ବିଭାଗ ଯେଉଁସବୁ ସୁବିଧା ସୁଯୋଗ ସୃଷ୍ଟି କରିବାରେ ଲାଗିଛନ୍ତି, ତା'ର ସୁଯୋଗ ନେଇ ଓଡ଼ିଶାର ଯୁବ କ୍ରୀଡ଼ାବିତ୍‌ମାନେ ଭବିଷ୍ୟତରେ ଓଡ଼ିଶାକୁ ଏକ ଶ୍ରେଷ୍ଠ କ୍ରୀଡ଼ା ରାଜ୍ୟରେ ପରିଣତ କରିପାରିବାର ଆଶା ରହିଛି ।

## ରାଜ୍ୟର ଖାଉଟି ସୁରକ୍ଷା ପରିଷଦ ପୁନର୍ଗଠିତ

ସରକାର, ରାଜ୍ୟ ଖାଉଟି ସୁରକ୍ଷା ପରିଷଦର ପୁନର୍ଗଠନ କରିଛନ୍ତି । ରାଜ୍ୟ ଖାଦ୍ୟଓ ଯୋଗାଣ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ପୁନର୍ଗଠିତ ଏହି ପରିଷଦରେ ମୋଟ୍ ୯୪ ଜଣ ସଭ୍ୟଙ୍କୁ ମନୋନୀତ କରାଯାଇଛି । ୧୯ ଜଣ ବିଧାୟକ, ୧୭ ଜଣ ସରକାରୀ କର୍ମଚାରୀଙ୍କ ସମେତ ସମାଜର ବିଭିନ୍ନ ଶ୍ରେଣୀର ପ୍ରତିନିଧିମାନଙ୍କୁ ଏହି ପରିଷଦରେ ସଭ୍ୟ ଭାବରେ ଗ୍ରହଣ କରାଯାଇଛି । ରାଜ୍ୟ ଖାଦ୍ୟ ଓ ଯୋଗାଣ ବିଭାଗ ଶାସନ ସଚିବ ଏହି ପରିଷଦର ସଭ୍ୟ-ସମ୍ପାଦକ ଭାବେ କାର୍ଯ୍ୟ କରିବେ ।

ସଭ୍ୟ ଭାବେ ମନୋନୀତ ବିଧାୟକମାନେ ହେଲେ – ସର୍ବଶ୍ରୀ ପର୍ଶୁରାମ ପାଣିଗ୍ରାହୀ, ବସନ୍ତ କୁମାର ବିଶ୍ୱାଳ, ଅରୁଣ ଦେ, ବି: କେ: ଦେଓ, ପ୍ରସନ୍ନ ପଟ୍ଟନାୟକ, ଯଜ୍ଞେଶ୍ୱର ବାବୁ, ଅମର ପ୍ରସାଦ ଶତପଥୀ, ସୁରେନ୍ଦ୍ର ପାଢ଼ୀଯୋଶୀ, ପଞ୍ଚାନନ ମିଶ୍ର, କିଶୋର କୁମାର ମହାନ୍ତି, ଚିତ୍ତରଞ୍ଜନ ଷଡ଼ଙ୍ଗୀ, ରମାକାନ୍ତ ରଥ, ଛତିଶ ଚନ୍ଦ୍ର ଧଳ, ବଦ୍ରୀନାରାୟଣ ପାତ୍ର, ରବି ଦେହୁରୀ, ସଚ୍ଚିଦାନନ୍ଦ ଦଲାଲ, ହରିହର ସାହୁ ଓ ଗୁରୁବାରୁ ମାଝୀ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ସେଚ ଓ ଶକ୍ତି ବିଭାଗ, ଶିକ୍ଷା ଓ ଯୁବ କଲ୍ୟାଣ ବିଭାଗ, ଶିଳ୍ପ ବିଭାଗ, କୃଷି ଓ ସମବାୟ ବିଭାଗ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ, ଶ୍ରମ ଓ ନିଯୁକ୍ତି ବିଭାଗର ଶାସନ ସଚିବ ବୃନ୍ଦ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର, ପୁରୀ, ସମ୍ବଲପୁର ଓ କଟକର ଜିଲ୍ଲାପାଳ ବୃନ୍ଦ, ସରକାରୀ କର୍ମଚାରୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ । ଏହା ବ୍ୟତୀତ ଭାରତୀୟ ଖାଦ୍ୟ ନିଗମର ଆଞ୍ଚଳିକ ପରିଚାଳକ, ରାଜ୍ୟ ଖାଦ୍ୟ ନିଗମ, ପଣ୍ୟାଗାର, ସମବାୟ ମାର୍କେଟିଂ ଫେଡେରେସନ୍ ଓ ହସ୍ତତନ୍ତ ବୁଣାକାର ସମବାୟ ସମିତିର ପରିଚାଳନା ନିର୍ଦ୍ଦେଶକ ବୃନ୍ଦଙ୍କୁ ପରିଷଦର ସଭ୍ୟ ଭାବରେ ଗ୍ରହଣ କରାଯାଇଛି ।

## ରାଜ୍ୟ ବୀମା ଯୋଜନାରେ ଏକ ଲକ୍ଷ ୫ ହଜାର କର୍ମଚାରୀ ଉପକୃତ

ଓଡ଼ିଶାରେ ୪୮ ଗୋଟି ଶିଳ୍ପ ସଂସ୍ଥାରେ କାର୍ଯ୍ୟ କରୁଥିବା କର୍ମଚାରୀ ଓ ତାଙ୍କ ପରିବାର ବର୍ଗଙ୍କୁ ସାମାଜିକ ସୁରକ୍ଷା ଓ ଚିକିତ୍ସା ସୁବିଧା ଯୋଗାଇ ଦେବା ନିମନ୍ତେ କର୍ମଚାରୀ ରାଜ୍ୟ ବୀମା ଯୋଜନା କାର୍ଯ୍ୟକାରୀ ହେଉଛି । ଏହି ଯୋଜନା ମାଧ୍ୟମରେ ଗତମାସରେ ଏକ ଲକ୍ଷ ୫ ହଜାର ଶିଳ୍ପ କର୍ମଚାରୀ ଓ ସେମାନଙ୍କ ଉପରେ ନିର୍ଭର କରୁଥିବା ପରିବାର ବର୍ଗଙ୍କୁ ଅଙ୍ଗହାନି, ରୁଗ୍ଣତା ଓ ପ୍ରସୂତିକାଳୀନ ଚିକିତ୍ସା, ଜନ୍ମ ନିୟନ୍ତ୍ରଣ ପାଇଁ ପ୍ରୋତ୍ସାହନ ଓ ଅନ୍ତ୍ୟେଷ୍ଟିକ୍ରିୟା ଖର୍ଚ୍ଚ ପ୍ରଭୃତି ନିମନ୍ତେ ୧୩ ଲକ୍ଷ ୨୧ ହଜାର ୫୦୦ ଟଙ୍କା ଦିଆଯାଇଛି ।

ଏହି ଯୋଜନାଭୁକ୍ତ କର୍ମଚାରୀଙ୍କ ବ୍ୟତୀତ ସେମାନଙ୍କ ଉପରେ ନିର୍ଭର କରୁଥିବା ପରିବାର ବର୍ଗଙ୍କୁ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ, ଚଷମା ଓ ଅସ୍ଥିଶଲ୍ୟ ଉପକରଣମାନ ମଧ୍ୟ ଯୋଗାଇ ଦିଆଯାଉଛି ।

ଏହା ବ୍ୟତୀତ ହୃଦ୍‌ରୋଗ ଭଳି ଅନ୍ୟ ମାରାତ୍ମକ ରୋଗରେ ଆକ୍ରାନ୍ତ ହୋଇ ସମ୍ବଳ ଅଭାବରୁ ଚିକିତ୍ସିତ ହୋଇପାରୁ ନଥିବା କର୍ମଚାରୀମାନଙ୍କୁ ଅତ୍ୟାଧୁନିକ ଚିକିତ୍ସାଳୟମାନଙ୍କରେ ଚିକିତ୍ସା ହେବା ନିମନ୍ତେ ଆବଶ୍ୟକ ହେଉଥିବା ଅର୍ଥ ମଧ୍ୟ ଓଡ଼ିଶା କର୍ମଚାରୀ ରାଜ୍ୟ ବୀମା ନିଗମ ବହନ କରୁଛନ୍ତି ବୋଲି ଆଞ୍ଚଳିକ କାର୍ଯ୍ୟାଳୟରୁ ପ୍ରକାଶିତ ଏକ ବିବରଣୀରୁ ଜଣାପଡ଼ିଛି ।

## ଜାନୁୟାରୀରେ ଜବାହର ରୋଜଗାର ଯୋଜନାର ଅଗ୍ରଗତି

ଗ୍ରାମାଞ୍ଚଳ ଗରିବ ଲୋକଙ୍କ ଅର୍ଥନୈତିକ ବିକାଶ ପାଇଁ କାର୍ଯ୍ୟକାରୀ ହେଉଥିବା ଜବାହର ରୋଜଗାର ଯୋଜନା ଅନୁଯାୟୀ ଗତ ଜାନୁୟାରୀ ମାସରେ ରାଜ୍ୟରେ ମୋଟ ୧୬ କୋଟି, ୧୩ ଲକ୍ଷ ଟଙ୍କା ବିନିଯୋଗ କରାଯାଇଥିବା ପଞ୍ଚାୟତିରାଜ ବିଭାଗ ସୂତ୍ରରୁ ପ୍ରକାଶ । ଏହି ଅର୍ଥ ବିନିମୟରେ ମୋଟ ୪୬ ଲକ୍ଷ ୧୫ ହଜାର ଶ୍ରମ ଦିବସ ସୃଷ୍ଟି ହୋଇ ପାରିଛି । ଏହା ମଧ୍ୟରେ ତଫସିଲଭୁକ୍ତ ଉପଜାତି ଶ୍ରମିକମାନଙ୍କ ପାଇଁ ୧୩ ଲକ୍ଷ ୮୮ ହଜାର, ମହିଳା ଶ୍ରମିକମାନଙ୍କ ପାଇଁ ୯ ଲକ୍ଷ ୪୫ ହଜାର ଓ ଭୂମିହୀନ ଶ୍ରମିକମାନଙ୍କ ପାଇଁ ୮ ଲକ୍ଷ ୩୦ ହଜାର ଶ୍ରମ ଦିବସ ଅନ୍ତର୍ଭୁକ୍ତ । ବିନିଯୋଗ କରାଯାଇଥିବା ଅର୍ଥ ମଧ୍ୟରୁ ୯ କୋଟି ୪୮ ଲକ୍ଷ ୭୬ ହଜାର ଟଙ୍କା ଶ୍ରମିକମାନଙ୍କ ମଜୁରି ବାବଦକୁ ଉଭୟ ନଗଦ ଓ ଖାଦ୍ୟଶସ୍ୟ ଆକାରରେ ବ୍ୟୟ କରାଯାଇଛି ।

## ଇନ୍ଦିରା ଆବାସ ଯୋଜନାରେ ୮ ହଜାରରୁ ଊର୍ଦ୍ଧ୍ୱ ବାସଗୃହ ନିର୍ମାଣ

ଗତ ଜାନୁୟାରୀ ମାସରେ ଇନ୍ଦିରା ଆବାସ ଯୋଜନା ଅନୁଯାୟୀ ରାଜ୍ୟରେ ମୋଟ ୧୫୪୦ଟି ବାସଗୃହ ନିର୍ମାଣ କରାଯାଇଥିବା ପଞ୍ଚାୟତିରାଜ ବିଭାଗ ସୂତ୍ରରୁ ପ୍ରକାଶ ।

ଏହା ବ୍ୟତୀତ ଆଉ ୬୮୪୫ଟି ବାସଗୃହ ନିର୍ମାଣାଧୀନ ରହିଛି । ଏ ବାବଦରେ ମୋଟ ୧ କୋଟି ୯୨ ଲକ୍ଷ ୬୯ ହଜାର ଟଙ୍କା ବ୍ୟୟ କରାଯାଇଛି ।

ରାଜ୍ୟରେ ଗତ ଯାନୁୟାରୀ ମାସ ଶେଷ ସୁଦ୍ଧା ମୋଟ ୮,୬୦୮ଟି ଇନ୍ଦିରା ଆବାସ ନିର୍ମାଣ କରାଯାଇଛି ।

## ସୂଚନା କେନ୍ଦ୍ର ଓ ପାଠାଗାରଗୁଡ଼ିକର ସଦ୍‌ବିନିଯୋଗ ହେବା ଆବଶ୍ୟକ

ଗତ ଫେବୃୟାରୀ ୨୪ ତାରିଖ ଦିନ ଢେଙ୍କାନାଳ ଜିଲ୍ଲା ଅନ୍ତର୍ଗତ ଭୁବନଠାରେ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଏକ ନୂତନ ସୂଚନା କେନ୍ଦ୍ରକୁ ଉଦ୍‌ଘାଟନ କରି, ରାଜ୍ୟ କ୍ରୀଡ଼ା, ସଂସ୍କୃତି

ସୁବେନ୍ଦ୍ରାଣ ଏବଂ ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଶ୍ରୀ ଶରତ କୁମାର କର କହିଲେ ଯେ, ଜ୍ଞାନ ଆହରଣ କରିବା ପାଇଁ ଉଦ୍ଦିଷ୍ଟ ସୂଚନା କେନ୍ଦ୍ର ଓ ପାଠାଗାରଗୁଡ଼ିକର, ପାଠକମାନେ ବହୁଳ ଉପଯୋଗ କରିବା ଉଚିତ୍। ସରକାର ପାଠକମାନଙ୍କ ସୁବିଧା ପାଇଁ ପାଠାଗାରର ସୁଯୋଗ ସୃଷ୍ଟି କରିବାକୁ ଯାଇ ରାଜ୍ୟର ୨୨ ଗୋଟି ପ୍ରସ୍ତର ଜିଲ୍ଲା – ସଦର ମହକୁମା ସମେତ କେତେକ ମୁଖ୍ୟ ଉପଖଣ୍ଡ ସ୍ତରରେ ବର୍ତ୍ତମାନ ସୁଦ୍ଧା ୬୨ ଗୋଟି ସୂଚନା କେନ୍ଦ୍ର ସ୍ଥାପନ କରି ସାରିଲେଣି। ଏତଦ୍ ବ୍ୟତୀତ ଚଳିତ ଆର୍ଥିକ ବର୍ଷ ମଧ୍ୟରେ, ଜିଲ୍ଲା ଓ ଉପଖଣ୍ଡ ସ୍ତର ଛଡ଼ା, ଅନ୍ୟାନ୍ୟ କେତେକ ମୁଖ୍ୟ ସ୍ଥାନମାନଙ୍କରେ ନୂତନ କରି ଆଉ ଦଶଗୋଟି ସୂଚନା କେନ୍ଦ୍ର ଓ ପାଠାଗାର ଖୋଲି,ଗ୍ରାମାଞ୍ଚଳ ପାଠକମାନଙ୍କୁ ସୁବିଧାଯୋଗାଇବା କାର୍ଯ୍ୟକ୍ରମ ହାତକୁ ନିଆଯାଇ ଉକ୍ତ କାର୍ଯ୍ୟକ୍ରମର ଅଂଶ ସ୍ୱରୂପ ଏହି ସୂଚନାକେନ୍ଦ୍ର ଭୁବନଠାରେ ଖୋଲା ଯାଇଥିବା ମନ୍ତ୍ରୀ ଶ୍ରୀ କର ସୂଚାଇଥିଲେ। ଏହି ସୂଚନା କେନ୍ଦ୍ର ଖୋଲିବାରେ ସ୍ଥାନୀୟ ବିଧାୟକ ଶ୍ରୀ ପ୍ରସନ୍ନ ପଟ୍ଟନାୟକଙ୍କ ଆନ୍ତରିକ ଉଦ୍ୟମ ନିମନ୍ତେ ମନ୍ତ୍ରୀ ଶ୍ରୀ କର ଭୂୟସୀ ପ୍ରଶଂସା କରିଥିଲେ।

ଜିଲ୍ଲା ଯୋଜନା ଅଧିକାରୀ ଶ୍ରୀ ଲକ୍ଷ୍ମୀଧର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଶ୍ରୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ବୋଧନ ଦେଇ, ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଜନସହଯୋଗ କାମନା କରିଥିଲେ।

ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ସ୍ୱଦେଶ ଚନ୍ଦ୍ର ରାୟ ସ୍ୱାଗତ ଭାଷଣ ପ୍ରଦାନ କରିବା ସଙ୍ଗେ ସଙ୍ଗେ, ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କ ସହ ବ୍ରିଟିଶ୍ ହାଇକମିଶନର୍ ଶ୍ରୀ ନିକୋଲାସ୍ ଫେନ୍‌ଙ୍କର ସୌଜନ୍ୟମୂଳକ ସାକ୍ଷାତ ୨୩/୩।

# କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ – ଏକ ଆଲୋଚନା



ଶ୍ରୀ ସିଦ୍ଧାର୍ଥ କାନୁନ୍‌ଗୋ ।

ପଞ୍ଚସଖା ଯୁଗ ପରେ ରାଜନୈତିକ କାରଣ ଯୋଗୁଁ ଯେତେବେଳେ ଦୀର୍ଘ ଏକ ଶତାବ୍ଦୀର ଉର୍ଦ୍ଧ୍ୱ କାଳ ଉତ୍କଳ ସରସ୍ୱତୀ ମୁହ୍ୟମାନ ଓ ନୀରବ, ଯେତେବେଳେ ଦରବାରୀ ସାହିତ୍ୟ ସଂସ୍କୃତାନୁସାରୀ ଏବଂ ପଣ୍ଡିତାନୁସାରୀ, ଠିକ୍ ସେତିକିବେଳେ ଭଞ୍ଜଙ୍କ ଲେଖନୀ ନିଃସୃତ କାବ୍ୟ ପ୍ରତିପାଦିତ କଲା ଯେ ସଂସ୍କୃତ ପରି ଓଡ଼ିଆ ସାହିତ୍ୟରେ ମଧ୍ୟ ରହିଛି ଅପୂର୍ବ ସୃଷ୍ଟିର ମହନୀୟତା ।

ଷାଠିଏଁ ବର୍ଷର ସ୍ୱଳ୍ପ ଜୀବନକାଳ ମଧ୍ୟରେ ଉପେନ୍ଦ୍ର ଭଞ୍ଜ ଶବ୍ଦାଳଙ୍କାର, ଅର୍ଥାଳଙ୍କାର, ସଙ୍ଗୀତ ଏବଂ ପାଣ୍ଡିତ୍ୟର ଅପୂର୍ବ ସମନ୍ୱୟ ସୃଷ୍ଟି କରି ଅକ୍ଷର ଶିଳ୍ପର ମନୋଜ୍ଞ ବିରାଟ କୋଣାର୍କ ଗଢ଼ି ଯାଇଛନ୍ତି, ତାହା କବିଙ୍କୁ ଚିରଦିନ ସ୍ମରଣୀୟ କରି ରଖିବ ଏଥିରେ ସନ୍ଦେହ ନାହିଁ । ସେଥିପାଇଁ ଗୋପବନ୍ଧୁ ଦାସ ଭଞ୍ଜଙ୍କ ମୂଲ୍ୟାଙ୍କନ କରି ଯଥାର୍ଥରେ କହିଛନ୍ତି –

"ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ
ପଥେ ପାନ୍ଥ ତୁଷ୍ଟମନା
ବିଲେ ବୋଲେ ଚଷା
ଅନ୍ତଃପୁରେ ଯୋଷା
ନୃତ୍ୟ ରଙ୍ଗେ ବାରଙ୍ଗନା ।"

କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ତାଙ୍କ ଜୀବନ କାଳ ମଧ୍ୟରେ ନିଜକୁ ସମ୍ପୂର୍ଣ୍ଣ ରୂପେ ବାଣୀ ଆରାଧନାରେ ନିୟୋଜିତ କରିଥିଲେ । କବି ସମ୍ରାଟଙ୍କ ଲେଖନୀ ନିଃସୃତ 'ବୈଦେହୀଶ ବିଳାସ', 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ', 'ପ୍ରେମ ସୁଧାନିଧି', 'ଲାବଣ୍ୟବତୀ', 'କଳା କଉତୁକ' ଓ 'ଅବନା ରସ ତରଙ୍ଗ' ଇତ୍ୟାଦି କାବ୍ୟ ସମୂହ ପାଠକ ମନରେ ଆନନ୍ଦ ଏବଂ ବିସ୍ମୟଭାବ ସୃଷ୍ଟି କରିଥାଏ ।

ଅଧୁନା ଭଞ୍ଜଙ୍କ କାବ୍ୟ ଉପରେ ପର୍ଯ୍ୟାପ୍ତଭାବେ ଆଲୋଚନା କରାଯାଉ । ଯୁଗେ ଯୁଗେ କବି ଓ ଲେଖକ ପ୍ରକୃତିର ଉପାସକ । ପ୍ରକୃତିର ନୈସର୍ଗିକ ଶୋଭା–ସମ୍ପଦକୁ ଉପଭୋଗ କରି ସେମାନେ କାବ୍ୟରେ ପରିପ୍ରକାଶ କରିଛନ୍ତି । ଠିକ୍ ସେହିପରି ଭଞ୍ଜ ମଧ୍ୟ ପ୍ରକୃତି ବର୍ଣ୍ଣନାରେ ସିଦ୍ଧହସ୍ତ । 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ରେ ବହିଃ ସୌନ୍ଦର୍ଯ୍ୟ ଏବଂ ଅନ୍ତଃ ସୌନ୍ଦର୍ଯ୍ୟର ଏକ ଅପୂର୍ବ ସମନ୍ୱୟ ସୃଷ୍ଟି କରି କବି ବସନ୍ତକୁ ଯେପରି ଋତୁରାଜ ଭାବେ ଅଭିଷିକ୍ତ କରିଛନ୍ତି – ତାହା ଲକ୍ଷ୍ୟ କରିବାର କଥା । ସ୍ୱ ବର୍ଣ୍ଣନାଟି ହେଉଛି ଏହିପରି –

"ଅତି ରସମୟ ବସନ୍ତ ସମୟ
ବିଚିତ୍ର ପ୍ରମେୟ ହାର
ମିତ୍ର ଅନଙ୍ଗକୁ ପ୍ରବଳ କରାଇ
ଆଚରି ଚର୍ଚ୍ଚରୀ ବିହାର ।
ଆଗତେ ଆରୋହିଲା ନାଗେଶ୍ୱରକୁ
ଋତୁରାଜ ପଛୁଁ ସେ ରଙ୍ଗ ଘେନିଲା
ସ୍ୱର୍ଣ୍ଣ ପ୍ରଫୁଲ୍ଲ କେଶରକୁ ॥
ରୁଚି–ପତ୍ର–ରୁଚି–ଆବରଣ ମଧ୍ୟେ
ସ୍ୱାଧୀ ଗୁଣ ଘେନି ପଶିଲା
ନବ ପୁଷ୍ପବତୀ ସେବତୀ ସଙ୍ଗତେ
ରାସକ୍ରୀଡ଼ାକୁ ପ୍ରକାଶିଲା ।
ମନୋଜ୍ଞ ଚିତ୍ରପୁର ମଧ୍ୟ ଚତ୍ୱରେ
ଉତ୍ସବ କରାଇ ଅତି ଅନୁରାଗ
ଅବିର ସେ ଖେଳେ ଚତ୍ୱରେ ॥"

ଠିକ୍ ସେହିପରି ସୁଭଦ୍ରାଙ୍କ ରୂପ ବର୍ଣ୍ଣନା କରିବାକୁ ଯାଇ କବି ଯେପରି ଭାବରେ ସାତ ପ୍ରକାର ଫୁଲ, ଫଳ ଏବଂ ପକ୍ଷୀର ସୂଚନା ଦେଇଛନ୍ତି ତାହା ଅତି ଚମତ୍କାର ହୋଇଛି –

"ସ୍ୱର୍ଣ୍ଣପୁରେ ଯାଇ ପର୍ବତ କହିଲେ
ମହୀଜାତ ହେମ ମଞ୍ଜରୀ
ସୁଗନ୍ଧବତୀ ସ୍ୱଇଛାରେ ଚଳିତ
ପଦାବଳୀରେ କି ମାଧୁରୀ
ସମ୍ଭୁଲି, ତହିଁ ପୁଣି ଫୁଲ ଏତେକ,
ସରୋରୁହ, ଚମ୍ପା, କୁମୁଦ, ପାଟଳି,
ନିଆଳୀ,
ଶିରୀଶ, ଅଶୋକ ॥
ସଫଳ ଆମ୍ବ, ଡାଳିମ୍ବ, ବିମ୍ବ, ଦ୍ରାକ୍ଷା,
ତୁମ୍ବୀ, ନାରଙ୍ଗ, ମାତୁଲଙ୍ଗ
ସାରଙ୍ଗ ଖଞ୍ଜନ ଚକୋର ମୟୂର
ଶୁକ କପୋତ ହଂସ ସଙ୍ଗ

ସ୍ୱରୂପେ ମହା ଅଦ୍ଭୁତ କଥା ଏହି
ସପତ ଜାତି ଫୁଲ ଫଳ ବିହଙ୍ଗ ଲତାରେ
ଥିବା ଶୁଣା ନାହିଁ ।
(ସୁଭଦ୍ରା ପରିଣୟ) ।

ଅପର ପକ୍ଷରେ 'ଲାବଣ୍ୟବତୀ'ରେ ମଧ୍ୟ କବିଙ୍କ ବର୍ଣ୍ଣନା ଚାତୁରୀ ସେହିପରି ଚମତ୍କାର ହୋଇଛି । ଲାବଣ୍ୟବତୀର ନବ ଯୌବନ ପ୍ରାପ୍ତିକୁ ଲକ୍ଷ୍ୟ କରି ସଖୀମାନେ ଥଟ୍ଟା କରି କହୁଛନ୍ତି –

"ବାଣୀ – କୋକିଳୁ ମଧୁର ହେବାରୁ
ନଖ ନିଆଳି ଛବି ବହିବାରୁ

ମୁଦ ନଦରେ ଚିତ୍ତ ରଞ୍ଜିବାରେ
ଘନ କମଳ କଳି ବଢ଼ିବାରେ
ରାତ୍ରି କେତକୀ ବିନ୍ଦୁ ବିନ୍ଦୁ ସର
ଶୁହିଁ ଆମ୍ଭେମାନେ ମନେ ବିଗୁରୁଁ
ପୁଷ୍ପ ସମୟ ହେଲାଣି ନିକଟ
ସେ କହ ହୋଇଲାକି ପ୍ରକଟ ?"

ଭଞ୍ଜ ସାହିତ୍ୟରେ ବହୁ ଅନନ୍ୟ ଗୁଣ ଥିବା ସତ୍ତ୍ୱେ ଏହା ଅଶ୍ଳୀଳ ଏବଂ ସର୍ବସାଧାରଣଙ୍କ ପଠନପୋଯୋଗୀ ନୁହେଁ ବୋଲି କେତେ ସାହିତ୍ୟିକ ମତବ୍ୟକ୍ତ କରିଛନ୍ତି । ନାୟକ ଓ ନାୟିକାଙ୍କ ରତିକ୍ରିୟାର ବର୍ଣ୍ଣନାକୁ ସାଧାରଣ ପାଠକ ଶୃଙ୍ଗାର ରସର ଅବତାରଣା ବୋଲି ମନେ କରିଥାନ୍ତି । କାଳିଦାସ ଓ ଜୟଦେବଙ୍କ ଲେଖନୀ ମଧ୍ୟ ଏହି ଶୃଙ୍ଗାର ରସର ବର୍ଣ୍ଣନାରୁ ମୁକ୍ତ ନୁହେଁ । ଭଞ୍ଜ ସାହିତ୍ୟରେ ଆଦିରସର ବହୁଳ ବର୍ଣ୍ଣନା ଥିଲେ ମଧ୍ୟ ଏହାକୁ ସେ ଯୁଗର ସାମାଜିକ ପରିବେଶର ପୃଷ୍ଠଭୂମିରେ ବିଗ୍ଚାର କରିବାକୁ ହେବ । ପୁନଶ୍ଚ, ଭଞ୍ଜ ସାହିତ୍ୟକୁ ଆଲୋଚନା କରିବା ବେଳେ ଆମକୁ ବଙ୍ଗ ସାହିତ୍ୟର ବିଦ୍ୟାସୁନ୍ଦର ଏବଂ ଓମର ଖୟାମଙ୍କ ରଚନା ପ୍ରତି ମଧ୍ୟ ଦୃଷ୍ଟି ଦେବାକୁ ପଡ଼ିବ । ସେ ଦୃଷ୍ଟିରୁ ବିଗ୍ଚାର କଲେ ଭଞ୍ଜଙ୍କ ସାହିତ୍ୟ ନୈତିକତା ହୀନ ନୁହେଁ ।

ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟରେ ନାରୀର ସ୍ଥାନ ଖୁବ୍ ଉଚ୍ଚରେ । ତାଙ୍କ ସାହିତ୍ୟରେ ଅନାବିଳ ଦାମ୍ପତ୍ୟ ପ୍ରେମର ଫଲ୍ଗୁ ଧାରା କିପରି ସତତ ପ୍ରବାହିତ ତାହା ନିମ୍ନଲିଖିତ ପଦ୍ୟାଂଶରୁ ଜଣାପଡ଼ିବ –

"ଯିବ ସହସ୍ର ଜନ୍ମେ କି ପାସୋର;
  ଅମୃତରୁ ପ୍ରିୟ ବାଣୀ ମଧୁର
ଆଉ ଭେଟିବି ନୋହୁଛି ପରତେ;
  ଭେଟ ହେବା ଉପାୟ ଅଛି ଏତେ ।
ପୁଣି ବିରହ–ଅନଳେ ଦହନ;
  ହୋନ୍ତା ମୋହର ଏ ତନୁ ଦହନ ।
ଭସ୍ମ ଉଡ଼ାଇ କୃପାରେ ପବନ;
  ହୋଇ ପକାନ୍ତା କାନ୍ତା ସନ୍ନିଧାନ ।
କିସ ବୋଲି ବାଳା କରନ୍ତା ଦୃଷ୍ଟି,
  ତହିଁ ପରେ ହୁଅନ୍ତା ସୁଧା ବୃଷ୍ଟି ।
ହୋଇ ମୂର୍ତ୍ତିମନ୍ତ ମୁଁ ସ୍ୱହିଁ ମୁଖ
  କର ଯୋଡ଼ି ଜଣାନ୍ତି ସବୁ ଦୁଃଖ ।"
(ଲାବଣ୍ୟବତୀ)

ପୁନଶ୍ଚ –

"ମୋହର ତୋ ବାହାରେ ନାହିଁ ଅନ୍ୟ ଗତି
  ଭଜନ କରଇ ତୋର ନାମ ଦିବା ରାତି ।
କୁମୁଦ ଚନ୍ଦ୍ର ପୀରତି ତୋର ମୋର ଥିଲା,
  ଏ ପରାଣ ନ ଯାଇଣ କିପାଇଁ ରହିଲା ।"
(ପ୍ରେମ ସୁଧାନିଧି)

ଶୃଙ୍ଗାର ରସାଶ୍ରିତ ଭଞ୍ଜଙ୍କ କାବ୍ୟରେ ଅବିଚ୍ଛେଦ୍ୟ ଏବଂ ଏକନିଷ୍ଠ ଦାମ୍ପତ୍ୟ ପ୍ରେମ କାହାଣୀ ଅତ୍ୟନ୍ତ ସୁନ୍ଦର ଏବଂ ଚିତ୍ତାକର୍ଷକ ଭାବେ ବର୍ଣ୍ଣିତ ହୋଇଛି । ଉଦ୍‌ଭ୍ରାନ୍ତ ପ୍ରେମ ଜନିତ ନିମ୍ନମାନର ଇନ୍ଦ୍ରିୟ ଲାଳସା ଭଞ୍ଜଙ୍କ ସାହିତ୍ୟରେ ସ୍ଥାନ ପାଇପାରି ନାହିଁ ।

ଭାରତୀୟ ସଂସ୍କୃତିର ଅନୁପମ ଉଦ୍‌ଗାତା ଉପେନ୍ଦ୍ର ଭଞ୍ଜ, ତାଙ୍କ କାବ୍ୟରେ ନାୟିକାକୁ ଭୋଗ ବିଳାସର ସାମଗ୍ରୀ ରୂପେ ବର୍ଣ୍ଣନା କରିନାହାନ୍ତି । ସେ ନାୟିକାକୁ ସମ୍ମାନ ଦେଖାଇଛନ୍ତି ଏବଂ ଅପର ପକ୍ଷରେ ନାୟକକୁ ନାୟିକାର ଦୁଃଖରେ ସମ ଅନୁଭୂତି ସମ୍ପନ୍ନ କରାଇ ନାୟକକୁ ନାୟିକାର ଦାସ ବୋଲି ଅଭିହିତ କରି ଯେଉଁ ନାରୀ ମୂଲ୍ୟବୋଧର ପରାକାଷ୍ଠା ପ୍ରଦର୍ଶନ କରିଛନ୍ତି, ତାହାର ତୁଳନା ନାହିଁ ।

"ବାଳା ଦୁଃଖୀ ବାଳା ସୁଖେ ସୁଖୀ
  ସମସ୍ତ ପ୍ରକାରେ ମୁହିଁ
ମୋ ଆୟୁଷ ପାଇ ଜୀବ ଥାଉ ପଛେ
  ଶରଦ–ଚନ୍ଦ୍ରମା ମୁହିଁ ।"
(ଲାବଣ୍ୟବତୀ)

"ଯେତେହୁରେ ପଦ ପଡ଼ିଥିଲେରେ ନବୀନା
  ଚିହ୍ନା କି ନୁହଁଇ ଆନନ ବୃକ୍ଷ ନାମ ବିନା
ବନ୍ଧୁ ! ତେମନ୍ତ ମୁଁ ତୋର
  ସବୁଠାରେ କୁହାଉଛି ସୁନ୍ଦରୀ କୋଣ୍ଡର ।"
(ପ୍ରେମ ସୁଧାନିଧି)

"କି ହେବ ଇନ୍ଦ୍ର ବୋଇଲେ ସର୍ବ ସମ୍ପଦେ ସେ,
ସ୍ତିରୀ ହୀନଠାରୁ ପାପୀ ନାହିଁ ମହୀଦେଶେ ଯେ ।"
(ଲାବଣ୍ୟବତୀ)

ସୁତରାଂ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟରେ ଏପରି ବହୁ ଅନନ୍ୟ ଗୁଣ ଥିବା ସତ୍ତ୍ୱେ ଏହାକୁ ରୀତି ଯୁଗୀୟ ରାଜୁତା ପ୍ରେମ କାହାଣୀ କହି ପରିହାର କରିବା କେତେଦୂର ଯୁକ୍ତିଯୁକ୍ତ ଏବଂ ନ୍ୟାୟ ସଙ୍ଗତ — ତାକୁ ବିଗ୍ଚାରବନ୍ତ ବିଜ୍ଞ ପାଠକ ସମାଜ ଉପରେ ନିର୍ଭର କରେ ।

ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟର ତୁଳନା ନାହିଁ । କବିଙ୍କ କବିତା ପାଠ କରି ବିଶିଷ୍ଟ ପଣ୍ଡିତ ଭୂଦେବ ମୁଖାର୍ଜୀ ମତବ୍ୟକ୍ତ କରିଥିଲେ –

"ସେଇଦିନ ରାଧାନାଥ ଆଛେ ତବ ମନେ
ସେଇଦିନ ପ୍ରିୟବର ମମ ସନ୍ନିଧାନେ
ବସିୟା ଅଗାଧ ସୁଖେ ହରଷିତ ସ୍ମିତ ମୁଖେ
ଉପେନ୍ଦ୍ର ଭଞ୍ଜେର ସେହି କବିତା ସୁନ୍ଦର
ଶୁନାଯେ ମୋହିୟା ଛିଲ ଆମାର ଅନ୍ତର ।"

ଊନବିଂଶ ଶତାବ୍ଦୀରେ ଭଞ୍ଜଙ୍କ ସୁସମୃଦ୍ଧ ସାହିତ୍ୟଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ଭାଷାର ମର୍ଯ୍ୟାଦା ଦେଇଥିଲା । ଭଞ୍ଜଙ୍କ ସାହିତ୍ୟ ତତ୍କାଳୀନ କଲେକ୍ଟର ତଥା ପଣ୍ଡିତ ବିମ୍ସ ସାହେବଙ୍କୁ ବହୁ

ପରିମାଣରେ ଉଦ୍ଭବ କରିବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷାର ବିଲୋପ ପାଇଁ ହେଉଥିବା ଚକ୍ରାନ୍ତକୁ ପଣ୍ଡ କରି ଦେଇଥିଲେ । ଜନ୍ ବିମ୍ସ ଉଲ୍ଲେଖ କରିଥିଲେ — *"It is said by the Oriyas themselves that the language is spoken in its greatest purity in the hill State of Ghumsar, the birth place of the first national poet Upendra Bhanja xxx Looked at from the purely linguistic side there is no doubt that Oriyas has ample proof....of its individuality. The poems of Upendra Bhanja and his contemporaries are written in a language which hardly differs in a single word on inflection from the vernacular of today and every word of which distinctly intelligible to the nearest labourer xxx At a period when Oriya was already fixed and setteled language, Bengali did n't exist."*

ଉପେନ୍ଦ୍ର ଭଞ୍ଜ ସାହିତ୍ୟର ଶ୍ରେଷ୍ଠ ମୂଲ୍ୟାଙ୍କନ କରି କବିବର ରାଧାନାଥ ଯଥାର୍ଥରେ କହିଛନ୍ତି —

"କଳ୍ପନାରେ ଭାରତରୁ ମହାଭାରତକୁ ବାହାର କରିଦିଅନ୍ତୁ ଭାରତ କେମନ୍ତ ବିକଳାଙ୍ଗ ହୋଇଯିବ ! ଉପେନ୍ଦ୍ର ଭଞ୍ଜ ଆମ୍ଭମାନଙ୍କ ଭଳି ଜଣେ ସାମାନ୍ୟ ମନୁଷ୍ୟ ଥିଲେ; ମାତ୍ର କଳ୍ପନାରେ ଉତ୍କଳରୁ ତାଙ୍କୁ ବାହାର କରିଦିଅନ୍ତୁ — ଦେଖିବେ ଉତ୍କଳ କେମନ୍ତ ବିକଳାଙ୍ଗ ହୋଇଯିବ ।"

ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟର ଗଭୀରତା ଏବଂ ବ୍ୟାପକତା ସର୍ବଦା ସ୍ୱୀକାର ଯୋଗ୍ୟ । ସଙ୍ଗୀତ, ପାଣ୍ଡିତ୍ୟ, ଶବ୍ଦାଳଙ୍କାର ଏବଂ ଅର୍ଥାଳଙ୍କାରର ଏକ ସୁନ୍ଦର ସମନ୍ୱୟ ସୃଷ୍ଟି କରି ସେ ଜାତୀୟ ଭାଷା ଏବଂ ଭାବ ସମ୍ପଦକୁ ଏକ ନିର୍ଦ୍ଦିଷ୍ଟ ଭିତ୍ତି ଭୂମି ଉପରେ ପ୍ରତିଷ୍ଠିତ କରି ପାରିଛନ୍ତି ।

ଆଡିସ୍ନାଲ୍ ଟ୍ରେଜେରୀ ଅଫିସର,
ସ୍ପେଶାଲ୍ ଟ୍ରେଜେରୀ ନଂ-୧,
ଭୁବନେଶ୍ୱର-୭୫୧୦୦୧ ।



ଓଡଙ୍ଗ-ଆଖୁଆଡାରେ ପୁଷ୍ପାଞ୍ଜଳି ପ୍ରତ୍ୟୂଷା ସଂସଦ ଦ୍ୱାରା ଆୟୋଜିତ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କୁ କଳିଙ୍ଗ ସମ୍ରାଟ ଉପାଧି ଓ ରୌପ୍ୟ କିରୀଟି ପ୍ରଦାନ କରାଯାଉଛି ।

# ପାଠକଙ୍କ କଲମରୁ

ପ୍ରଶାନ୍ତ କୁମାର ନାୟକ,
ଓଡ଼ିଆ ଅଧ୍ୟାପକ, ପାଗଞ୍ଜଳମଣୀ ମହାବିଦ୍ୟାଳୟ,
ଗ୍ରାମ-ସୋଲପାଟ, ପୋ: ଅ:-ପାରିପଦା,
ଭାୟା-ମଙ୍ଗଳପୁର, କଟକ-୭୫୪୦୧୧ ।

* *ମହାଶୟ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ମାସିକ ପତ୍ରିକା ଉତ୍କଳ ପ୍ରସଙ୍ଗ ମୁଁ ପ୍ରାୟ ପ୍ରତିମାସ ପାଠ କରେ । ମୋତେ ଖୁବ୍ ଆନନ୍ଦ ଦିଏ । ଏଥିରେ ବିଭିନ୍ନ ସ୍ୱାଦର ଲେଖା ପ୍ରକାଶ ପାଇଥାଏ । ମୋ ମନରେ ଏଥିରେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଥିବା ଔପନ୍ୟାସିକମାନଙ୍କ ଅବଦାନ ବିଷୟରେ ଲେଖାମାନ ପ୍ରକାଶ ପାଇଲେ ଅନେକ ସୁପାଠକ ଉପକୃତ ହୁଅନ୍ତେ ବୋଲି ମୋର ଆଶା ଏବଂ ବିଶ୍ୱାସ । ଦୟାକରି ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ଏଥିପ୍ରତି ଦୃଷ୍ଟି ଦେଲେ ମୁଁ ଜଣେ ଓଡ଼ିଆ ଅଧ୍ୟାପକ ହିସାବରେ ଆନନ୍ଦିତ ହେବି । ମୁଁ ମଧ୍ୟ ଏ ସମ୍ପର୍କରେ ଲେଖା ପଠାଇବା ପାଇଁ ଚେଷ୍ଟା କରିବି ।*

** ଲେଖା ପଠାନ୍ତୁ, ପ୍ରକାଶ ଉପଯୋଗୀ ହେଲେ ନିଶ୍ଚୟ ପ୍ରକାଶ ପାଇବ ।

ବିଦ୍ୟାଲୋଚନ ମହାରଣା,
ରୋ: ନଂ:-୫୨୪୪, ପ୍ରଥମ ବାର୍ଷିକ କଳା ଛାତ୍ର,
ଫୁଲବାଣୀ ସରକାରୀ ମହାବିଦ୍ୟାଳୟ, ଫୁଲବାଣୀ ।

* *ଉତ୍କଳ ପ୍ରସଙ୍ଗ ଏକ ଉପାଦେୟମୂଳକ ପୁସ୍ତକ ହେଲେ ମଧ୍ୟ ଏଠାରେ ପ୍ରତ୍ୟେକ ଜିଲ୍ଲାର କିଛି ନା କିଛି ବିଷୟ ପ୍ରକାଶ ପାଇଲେ ଭଲ ହୁଅନ୍ତା ।*

** ମତାମତ ପାଇଁ ଧନ୍ୟବାଦ । ପ୍ରାୟ ପ୍ରତ୍ୟେକ ଜିଲ୍ଲାରୁ ଲେଖା ପ୍ରକାଶ ପାଉଛି ।

ଶ୍ରୀ ଗଣେଶ ପ୍ରସାଦ ପଣ୍ଡା,
ପ୍ରଧାନ ଶିକ୍ଷକ, ଗୁଡୁଙ୍ଗୀ ପ୍ରାଥମିକ ବିଦ୍ୟାଳୟ,
ପୋଷ୍ଟ-ବେତଡ଼ା, ଭାୟା-ବେତଡ଼ା,
ଜିଲ୍ଲା-ବାଲେଶ୍ୱର-୭୫୬୧୨୮ ।

* *ମୋର ଅଭିନନ୍ଦନ ଗ୍ରହଣ କରିବେ । ମୁଁ ଆପଣଙ୍କ "ଉତ୍କଳ ପ୍ରସଙ୍ଗ"ର ଜଣେ ନିୟମିତ ପାଠକ । ମୋର କେତେକ ମତାମତ—*
*(୧) ଉତ୍କଳ ପ୍ରସଙ୍ଗର ପ୍ରତି ପୃଷ୍ଠାର ନିମ୍ନରେ ମହାପୁରୁଷଙ୍କ ବାଣୀ ଉଦ୍ଧୃତ କଲେ ଭଲ ହୁଅନ୍ତା ।*

** ସବୁ ସଂଖ୍ୟାରେ ନହେଲେ ମଧ୍ୟ କେତେକ ସଂଖ୍ୟାରେ ମହାପୁରୁଷଙ୍କ ବାଣୀ ଦିଆଯାଉଛି ।

ହିମାଞ୍ଚଳ ସାହୁ, ସାସାଦିକ,
ଗ୍ରାମ/ପୋଷ୍ଟ-କାଣ୍ଡେଇ, ଭାୟା-କେସିଙ୍ଗା,
ଜିଲ୍ଲା-କଳାହାଣ୍ଡି ।

* *ମହାଶୟ, ଉତ୍କଳ ପ୍ରସଙ୍ଗର ନିୟମିତ ପାଠକ ଭାବେ ମୁଁ ଆଶାକରେ ଏଥିରେ ଗବେଷଣା ଧର୍ମୀ ପ୍ରବନ୍ଧ ସ୍ଥାନ ଦେଲେ ପାଠକ ମହଲ ଓ ଲେଖକ ଲେଖିକା ବହୁତ ଖୁସୀ ଅନୁଭବ କରିବେ । ଏଥିପ୍ରତି ଯତ୍ନଶୀଳ ହେବେ ।*

** ମତାମତ ସ୍ୱାଗତଯୋଗ୍ୟ । ତେବେ ସେଭଳି ଲେଖା ଆମ ପାଖକୁ ପଠାନ୍ତୁ ।

ଗଗନ ବିହାରୀ ସାହୁ,
ଗ୍ରାମ-ପାଇକରାପୁର, ପୋଷ୍ଟ-ଦୌଲତାବାଦ,
ଜିଲ୍ଲା-କଟକ-୭୫୪୦୨୬ ।

* *ଚୌଦ୍ୱାର ପୌର ପାଳିକାର ନିର୍ବାହୀ ଅଧିକାରୀ ଅଶୋକ କୁମାର ତାରେଣିଆ 'ପ୍ରଶାସନିକ ବିକେନ୍ଦ୍ରୀକରଣ' ପ୍ରବନ୍ଧରେ ଯେଉଁ ମତାମତ ଦେଇଛନ୍ତି ସେଥିପାଇଁ ମୁଁ ସେ ମହାଶୟଙ୍କୁ ଆନ୍ତରିକ ଧନ୍ୟବାଦ ଦେଉଛି । ବାସ୍ତବରେ ତଳ ସ୍ତରରେ କିଛି କ୍ଷମତା ନଥିବାରୁ ନାନା ପ୍ରକାର ଦୁର୍ନୀତି ବଢ଼ି ଚାଲିଛି । ତେଣୁ ଶାସନ ବିକେନ୍ଦ୍ରୀକରଣ ଆମ ସମାଜ ପାଇଁ ସର୍ବାଦୌ ଆବଶ୍ୟକ ମୁଁ ନିଜେ ଏହା ଅନୁଭବ କରିପାରୁଛି । ତାଙ୍କର ଏହିଭଳି ଆଉ ଲେଖା ପ୍ରକାଶ ପାଉ ଓ ଅନ୍ୟମାନଙ୍କର ଏପରି ଲେଖାକୁ ଅଗ୍ରାଧିକାର ଦିଆଯାଉ ।*

** ଅଶୋକ କୁମାର ତାରେଣିଆଙ୍କ ଲେଖାଟି ଆପଣଙ୍କୁ ଖୁବ୍ ଆନନ୍ଦ ଦେଇଥିବାରୁ ଆମେ ମଧ୍ୟ ଖୁସୀ । ଆପଣଙ୍କ ଧନ୍ୟବାଦ ମଧ୍ୟ ଆମେ ଶ୍ରୀ ତାରେଣିଆଙ୍କୁ ଜଣାଇ ଦେଉଛୁ ।

# * ବିଶେଷ ସୂଚନା *

ଉତ୍କଳ ପ୍ରସଙ୍ଗର ପାଠକ ପାଠିକାମାନଙ୍କୁ ସେମାନଙ୍କ ସୁଚିନ୍ତିତ ମତାମତ ଉପସ୍ଥାପନ କରିବା ସୁଯୋଗ ଦେବା ନିମନ୍ତେ **ପାଠକଙ୍କ କଲମରୁ** ବିଭାଗ ସୃଷ୍ଟି କରାଯାଇଛି ।

ଆଗ୍ରହୀ ପାଠକ ପାଠିକାମାନେ ନିମ୍ନରେ ଦିଆଯାଉଥିବା କୁପନ ବ୍ୟବହାର କରି ସେମାନଙ୍କ ପ୍ରଶ୍ନ ବା ମତାମତ ପଠାଇବାକୁ ଅନୁରୋଧ ।

ସର୍ବେଶ ପତ୍ର
ମୁଖ୍ୟ ସମ୍ପାଦକ

---

## ପ୍ରଶ୍ନ କର୍ତ୍ତାଙ୍କ ପାଇଁ କୁପନ

ପ୍ରଶ୍ନ କର୍ତ୍ତାଙ୍କ ଠିକଣା

ନାମ ..............................

ଗ୍ରାମ ..............................

ପୋଷ୍ଟ ..............................

ଥାନା .............. ଜିଲ୍ଲା ..............

କେବଳ ୩୦/୬/୧୯୯୨ ପୂର୍ବରୁ ବ୍ୟବହାର ପାଇଁ

ମତାମତ ବା ପ୍ରଶ୍ନ

..............................................................................

..............................................................................

..............................................................................

..............................................................................

..............................................................................

..............................................................................

..............................................................................

..............................................................................

..............................................................................

..............................................................................

..............................................................................

..............................................................................

ସ୍ୱାକ୍ଷର

OGP—MP—PTS (I&PR) 63—6,000—24-3-1992




ଓଡ଼ିଶାର ବରପୁତ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ବିଜୁ ପଟ୍ଟନାୟକଙ୍କର ୭୭ତମ ଜୟନ୍ତୀ ଅବସରରେ ସାଂସ୍କୃତିକ ଅନୁଷ୍ଠାନ
"ଚିନ୍ତା ଓ ଚେତନା" ପକ୍ଷରୁ ସମ୍ବର୍ଦ୍ଧନା ।

Vol. XLVIII No. 9 UTKAL PRASANGA Regd. No. O-05/92
Licence No. C.R.N.P. 5—Licensed to post without Pre-payment

# ସମୃଦ୍ଧିର ଦ୍ୱାରଦେଶରେ ଓଡ଼ିଶା

- ପ୍ରଚୁର ଖଣିଜ, ଜଙ୍ଗଲ ଓ ଜଳ ସଂପଦର ସଂପୂର୍ଣ୍ଣ ବିନିଯୋଗ କରି ଏକ ସମୃଦ୍ଧ ଓଡ଼ିଶା ଗଢ଼ି ତୋଳିବା ପାଇଁ ଆଜି ଆମେ ସଂକଳ୍ପବଦ୍ଧ।
- ଦ୍ୱିତୀୟ ଇସ୍ପାତ କାରଖାନା ସମେତ ବହୁ ବୃହତ୍ ଶିଳ୍ପ ସ୍ଥାପନ ପାଇଁ ଓଡ଼ିଶା ସରକାର ଆଜି କର୍ମତତ୍ପର।
- ଚାଷୀ, ମୂଲିଆ, ହରିଜନ, ଆଦିବାସୀ, ବେକାର, ବୃଦ୍ଧ, ବିଧବା, ଅନାଥ ଓ ବିକଳାଙ୍ଗଙ୍କ ମୁହଁରେ ଆଜି ଫୁଟି ଉଠିଛି ଅପୂର୍ବ ହସ, ଆଶା ଓ ଆତ୍ମବିଶ୍ୱାସ।



# ଉତ୍କଳ ପ୍ରସଙ୍ଗ

